ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୯/୨୦୧୮ (୨୦ ପୃଷ୍ଠା+ସାହିତ୍ୟାୟନ) | Bhubaneswar, Wednesday, September 19 / 2018 | ★★★★★★
୪୪ଶ ଭାଗ ୨୯୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-



**ସରୋଗେସି ମା' ହେଲେ ଲିସା ରାଏ**

ଅଭିନେତ୍ରୀ ଲିସା ରାଏ ଏବଂ ତାଙ୍କ ସ୍ୱାମୀ ଜାସନ୍ ଦେନି ଯମଜ କନ୍ୟାସନ୍ତାନଙ୍କ ମାତାପିତା ହୋଇଛନ୍ତି ।

୧୪

୧୯

**ଶିଖର ଧାୱନଙ୍କ ଶତକ**

ଦୁବାଇରେ ମଙ୍ଗଳବାର ଅନୁଷ୍ଠିତ ହଂକଂ ବିପକ୍ଷ ଏସିଆ କପ୍ କ୍ରିକେଟ ମ୍ୟାଚରେ ଶତକ ହାସଲ କରିଛନ୍ତି ଭାରତର ଶିଖର ଧାୱନ ।



# ବିଧାନସଭାରେ ହେଲିକପ୍ଟର, କୋଣାର୍କ ତାତି

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ଚିଲିକା ଉପରେ ପୂର୍ବତନ ଏମପି ବୈଜୟନ୍ତ ପଣ୍ଡା ହେଲିକପ୍ଟର ଉଡାଇବା ଏବଂ ତାଙ୍କ ସହଯାତ୍ରୀ ଥିବା ଅଭିଜିତ୍ ଆୟର ମିତ୍ରଙ୍କ କୋଣାର୍କ ମନ୍ଦିର ଉପରେ ଆପତ୍ତିଜନକ ମନ୍ତବ୍ୟକୁ ନେଇ ମଙ୍ଗଳବାର ବିଧାନସଭା ହୁଲ୍‌ସ୍ଥୂଲ ହୋଇଛି। ଶାସକ ବିଜେଡି ସଦସ୍ୟମାନେ ଏହି ପ୍ରସଙ୍ଗକୁ ନେଇ ବିଧାନସଭାରେ ତୁମ୍ଫିତୋଫାନ କରିବା ସହ ବୈଜୟନ୍ତ ଓ ଅଭିଜିତ୍‌ଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ଏହି ପ୍ରସଙ୍ଗରେ ଶାସକ ଦଳ ପ୍ରଶ୍ନକାଳକୁ ଅଚଳ କରିବା ସହ ବିଧାନସଭା ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଇଥିଲେ। କିନ୍ତୁ କଂଗ୍ରେସ ପକ୍ଷରୁ ଅଭିଜିତ୍‌ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ପ୍ରବଳ ହଟ୍ଟଗୋଳ ଯୋଗୁ ଗୃହରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇପାରି ନ ଥିଲା। ବାଚସ୍ପତି ପ୍ରଦୀପ ଅମାତ ବାଧ୍ୟହୋଇ ଗୃହକୁ ୧ ଘଣ୍ଟା ପାଇଁ ମୁଲତବୀ କରିଥିଲେ।

ପୂର୍ବାହ୍ନ ୧୦ଟା ୩୦ ମିନିଟରେ ସଭାକାର୍ଯ୍ୟ ଚଳାଇବା ପାଇଁ ବାଚସ୍ପତି ଗୃହକୁ ପ୍ରବେଶ କରିଥିଲେ। ଗୃହକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଉଭୟ ଶାସକ ଓ ବିରୋଧୀ ଦଳ ସଦସ୍ୟମାନେ ଭିନ୍ନ ଭିନ୍ନ ପ୍ରସଙ୍ଗ ନେଇ ହଟ୍ଟଗୋଳ କରିଥିଲେ। ବିଜେଡି ସଭ୍ୟମାନେ ନିଜ ଆସନ ନିକଟରେ ଛିଡ଼ାହୋଇ ବୈଜୟନ୍ତଙ୍କ ହେଲିକପ୍ଟର ଉଡ଼ାଣ, ଚିଲିକାର ପରିବେଶ ନିୟମକୁ ଉଲ୍ଲଂଘନ କରିଥିବା ଅଭିଯୋଗ ଆଣି ହୋହଲ୍ଲା କରିଥିଲେ। ବୈଜୟନ୍ତ ଓ ହେଲିକପ୍ଟରରେ ଯାଉଥିବା ଅନ୍ୟ ଯାତ୍ରୀଙ୍କୁ ଗିରଫ କରିବା ପାଇଁ ସେମାନେ ଦାବି କରିଥିଲେ। ବୈଜୟନ୍ତଙ୍କ ବିରୋଧରେ ନାରାବାଜି ଦେଇଥିଲେ। ହଟ୍ଟଗୋଳକୁ ଦେଖି ବାଚସ୍ପତି ଗୃହକୁ ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଏହାପରେ ବିଜେଡି ସଦସ୍ୟମାନେ ବୈଜୟନ୍ତ ବିରୋଧୀ ବ୍ୟାନର ଧରି ବିଧାନସଭା ପରିସରରେ ଥିବା ଗାନ୍ଧୀ ମୂର୍ତ୍ତିତଳେ ଧାରଣା ଦେଇଥିଲେ।

ଶୂନ୍ୟକାଳରେ ମଧ୍ୟ ଚିଲିକା ଉପରେ ହେଲିକପ୍ଟର ଉଡାଣକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଥିଲେ ଯେ, ଜଣେ ଅଣଓଡ଼ିଆ ଲୋକ କୋଣାର୍କ ଯାଇ ମନ୍ଦିର ଉପରେ ଯେଉଁଭଳି ଟିପ୍ପଣୀ ଦେଇଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ। କୋଣାର୍କର କାରୁକାର୍ଯ୍ୟ ଓଡ଼ିଆ ଜାତି ସଂସ୍କୃତିର ପରିଚୟ। ଜଗନ୍ନାଥ ମନ୍ଦିର ହେଉଛି ହିନ୍ଦୁମାନଙ୍କର ଏକ ଉପାସନା ପୀଠ। ଏହା କୌଣସି ପର୍ଯ୍ୟଟନସ୍ଥଳ ନୁହେଁ। ପର୍ଯ୍ୟଟକମାନେ ଏଠାକୁ ବୁଲିବାକୁ ଆସିପାରନ୍ତି। ☞ପୃଷ୍ଠା–୧୬



- ଗୃହରେ ଶାସକ ଦଳର ହଟ୍ଟଗୋଳ
- ବୈଜୟନ୍ତ, ତାଙ୍କ ସହଯୋଗୀଙ୍କୁ ଗିରଫ ଦାବି
- ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଲେ ଶାସକ ଦଳ

## ଅସନ୍ତୋଷ ତେଜିଲା ବିବାଦୀୟ ଟୁଇଟ୍

ପୁରୀ ଅଫିସ, ୧୮।୯

ଚିଲିକା ଉପରେ ହେଲିକପ୍ଟର ଉଡାଣ ଘଟଣାର ଗୋଟିଏ ପରେ ଗୋଟିଏ ନୂଆ ତଥ୍ୟ ପଦାକୁ ଆସିବାରେ ଲାଗିଛି। ଉକ୍ତ ହେଲିକପ୍ଟରରେ ବୈଜୟନ୍ତଙ୍କ ସହ ଥିବା ଅଭିଜିତ ଆୟର ମିତ୍ର ତାଙ୍କ ଟୁଇଟର ଆକାଉଣ୍ଟରେ ପୋଷ୍ଟ କରିଥିବା ଭିଡିଓରୁ ଏହି ସୂଚନା ମିଳିଛି। ଶ୍ରୀମନ୍ଦିର ☞ପୃଷ୍ଠା–୧୬



- ଟୁଇଟରରେ ଭିଡିଓ ଅପଲୋଡ କରିଛନ୍ତି ଅଭିଜିତ୍
- ସିଂହଦ୍ୱାର ଥାନାରେ ୨ ଏତଲା

## ବୈଜୟନ୍ତଙ୍କ ସମେତ ୩ ଜଣଙ୍କୁ ନୋଟିସ

ପୁରୀ ଅଫିସ, ୧୮।୯: ଚିଲିକା ଉପରେ ହେଲିକପ୍ଟର ଉଡ଼ାଣ କରି ଅଡୁଆରେ ପଡିଛନ୍ତି ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା। ଉକ୍ତ ହେଲିକପ୍ଟରରେ ବୈଜୟନ୍ତ ପାଇଲଟ ଥିବାବେଳେ ତାଙ୍କ ସହ ଅଭିଜିତ ଆୟର ମିତ୍ର ଏବଂ ଆରତୀ ଟିକୋ ରହିଥିଲେ। ବୁଧବାର ମଧ୍ୟାହ୍ନ ୧୨ଟା ବେଳେ କେସ୍‌ର ତଦନ୍ତ ଅଧିକାରୀଙ୍କ ନିକଟରେ ହାଜର ହେବାକୁ ପୁରୀ ପୋଲିସ ଉକ୍ତ ୩ ଜଣଙ୍କୁ ନୋଟିସ ଜାରି କରିଛି। ☞ପୃଷ୍ଠା–୧୬

- ବୁଧବାର ହାଜର ହେବାକୁ ନିର୍ଦ୍ଦେଶ
- ଚିଲିକା ପାଣିରେ ଓହ୍ଲାଇଥିଲା ହେଲିକପ୍ଟର

## ମେୟର, ପୌରାଧ୍ୟକ୍ଷ ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ହେବେ

**ଗୃହୀତ ହେଲା ସଂଶୋଧିତ ବିଧେୟକ**

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ମହାନଗର ନିଗମ, ପୌର ପରିଷଦ ଏବଂ ଏନ୍‌ଏସିର ଅଧ୍ୟକ୍ଷ ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ହେବେ। ଏଥିପାଇଁ ଓଡ଼ିଶା ପୌର(ସଂଶୋଧନ) ବିଧେୟକ, ୨୦୧୮ ଓ ଓଡ଼ିଶା ପୌର ନିଗମ(ସଂଶୋଧନ) ବିଧେୟକ, ୨୦୧୮ ମଙ୍ଗଳବାର ବିଧାନସଭାରେ ଗୃହୀତ ହୋଇଛି। ପୂର୍ବରୁ ଏହି ସବୁ ପଦ ପାଇଁ ପରୋକ୍ଷ ଉପାୟରେ ନିର୍ବାଚନ ହେଉଥିଲା। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଗୃହର ଅନୁମୋଦନ ପାଇଁ ପୂର୍ବରୁ ବିଧେୟକଗୁଡିକୁ ଆଗତ କରିଥିଲେ। କର୍ପୋରେଟର, କାଉନସିଲରଙ୍କ ଦ୍ୱାରା ମେୟର ଏବଂ ପୌରାଧ୍ୟକ୍ଷ ନିର୍ବାଚିତ ☞ପୃଷ୍ଠା–୪

## ତଳ କୋର୍ଟରେ ଗଡୁଛି ୨.୫ କୋଟି ମାମଲା

ନୂଆଦିଲ୍ଲୀ,୧୮।୯(ପି.ଟି.)

ଦେଶର ତଳକୋର୍ଟଗୁଡ଼ିକରେ ୨.୫ କୋଟି ମାମଲା ଗଡୁଛି। ସେଗୁଡ଼ିକ ମଧ୍ୟରୁ ୨୨ ଲକ୍ଷ ମାମଲା ଏଭଳି ରହିଛି, ଯାହାକି ୧୦ ବର୍ଷ ପୁରୁଣା। ବିଚାରାଧୀନ ମୋଟ ମାମଲାର ଏହା ହେଉଛି ୮.୨୯%। ନ୍ୟାଶନାଲ ଜୁଡିସିଆଲ୍ ଡାଟା ଗ୍ରିଡ୍ (ଏନ୍‌ଜେଡିଜି) ପକ୍ଷରୁ ସୋମବାର ରାତିରେ ଏହି ତଥ୍ୟ ପ୍ରଦାନ କରାଯାଇଛି। ସୂଚନାନୁସାରେ, ତଳକୋର୍ଟଗୁଡ଼ିକରେ ୨୨,୯୦,୩୬୪ଟି ମାମଲା ୧୦ ବର୍ଷ ହେଲା ବିଚାରାଧୀନ ରହିଛି। ଏଥିରୁ ୫,୯୭,୫୯୫ ହେଉଛି ଦେୱାନି ଏବଂ ୧୬,୯୨,୭୬୯ ଆପରାଧିକ ମାମଲା। ଦେୱାନି ମାମଲାଗୁଡ଼ିକରେ ପ୍ରାୟତଃ ବ୍ୟକ୍ତି ବା ସଙ୍ଗଠନଗୁଡ଼ିକର ବ୍ୟକ୍ତିଗତ ବିବାଦ ଜଡିତ। ସେହିପରି ସାମଗ୍ରିକ ଭାବେ ସମାଜ ପାଇଁ ହାନିକାରକ କାର୍ଯ୍ୟକୁ ☞ପୃଷ୍ଠା–୪

**ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ମୁକ୍ତ କରନାହିଁ

**ଆଜିର ମନ୍ତବ୍ୟ**

"ନବ୍‌ଜ୍ୟୋତ୍ ସିଂ ସିଦ୍ଧୁ ପାକିସ୍ତାନୀ ଏଜେଣ୍ଟ ଭଳି କଥା କହୁଛନ୍ତି।"
–ସମ୍ବିତ୍ ପାତ୍ର, ଭାଜପା ମୁଖପାତ୍ର

NECC NATIONAL EGG CO-ORDINATION COMMITTEE | 18.09.2018 | Vencobb Fresh Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 52 | 96 | 106 |
| CTC | 52 | 96 | 106 |
| DKL | 55 | 100 | 110 |
| BDK | 56 | 101 | 111 |
| BLS | 57 | 102 | 112 |
| ANG | 57 | 102 | 112 |

*Conditions Apply
Eggs Retail Price- 47/-Dozen
Issued in the Interest of Consumers





ପ୍ରତିଦ୍ୱନ୍ଦ୍ୱିତା ତୀବ୍ର ହେଲେ ରାଜନୈତିକ ଦଳଗୁଡ଼ିକ ନିର୍ବାଚନ କମିଶନଙ୍କ ଭୂମିକାକୁ ନେଇ ସନ୍ଦେହ ପ୍ରକଟ କରି ସବୁ ପ୍ରକାର ଅଭିଯୋଗ ଆଣନ୍ତି। ହେଲେ ନିର୍ବାଚନ କମିଶନ ସମସ୍ତ ଚ୍ୟାଲେଞ୍ଜକୁ ଖୋଲାମନରେ ଗ୍ରହଣ କରି ନିଜ ନିରପେକ୍ଷତା ବଜାୟ ରଖନ୍ତି।
- ଓ.ପି. ରାୱତ୍, ମୁଖ୍ୟ ନିର୍ବାଚନ କମିଶନର

## ସଂକ୍ଷେପରେ

### କିଣାହେବ ୯,୧୦୦ କୋଟିର ସାମରିକ ଉପକରଣ

**ନୂଆଦିଲ୍ଲୀ,୧୮।୯:** ଭାରତୀୟ ସେନା ପାଇଁ ୯,୧୦୦ କୋଟି ଟଙ୍କାର ସାମରିକ ଉପକରଣ କିଣାଯିବ। ଏ ସଂକ୍ରାନ୍ତ ପ୍ରସ୍ତାବକୁ ପ୍ରତିରକ୍ଷା ମନ୍ତ୍ରଣାଳୟର ଅନୁମୋଦନ ମିଳିଛି। ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀଥାରାମନ୍ ମଙ୍ଗଳବାର ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସୀତାରାମନ୍‌ଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି)ର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଆକାଶ କ୍ଷେପଣାସ୍ତ୍ରର ସଦ୍ୟତମ ସଂସ୍କରଣ ସମେତ ବିଭିନ୍ନ ସାମରିକ ଉପକରଣ କିଣାଯିବା ପାଇଁ ୯,୧୦୦ କୋଟି ଟଙ୍କାର ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ମିଳିଥିବା ସୂଚନାନୁସାରେ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭାରତ ଡାଇନାମିକ୍ସ ଲିମିଟେଡ୍‌ଠାରୁ 'ବାଏ ଇଣ୍ଡିଆନ୍' ବର୍ଗ ଅଧୀନରେ ୨ଟି ଆକାଶ କ୍ଷେପଣାସ୍ତ୍ର ବ୍ୟବସ୍ଥା କିଣାଯିବ। ସେହିପରି ଟି-୯୦ ଟ୍ୟାଙ୍କ ପାଇଁ ଇଣ୍ଡିଭିଜୁଏଲ୍ ଅଣ୍ଡର ୱାଟର ବ୍ରେଦିଙ୍ଗ୍ ଆପାରେଟ୍ସ (ଆଇୟୁଡବ୍ଲ୍ୟୁବିଏ)କୁ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଙ୍ଗଠନ (ଡିଆର୍‌ଡିଓ) ଦ୍ୱାରା ବିକଶିତ କରିବା ପାଇଁ ମଧ୍ୟ ଡିଏସି ସହମତି ପ୍ରକାଶ କରିଛି।

### ଆନ୍ନା ମାଲହୋତ୍ରାଙ୍କ ପରଲୋକ

**ମୁମ୍ବାଇ,୧୮।୯(ପି.ଟି.):** ସ୍ୱାଧୀନ ଭାରତର ପ୍ରଥମ ମହିଳା ଆଇଏଏସ୍ ଅଧିକାରୀ ପଦ୍ମଭୂଷଣ ଆନ୍ନା ରଞ୍ଜନ ମାଲହୋତ୍ରାଙ୍କ ସୋମବାର ପରଲୋକ ହୋଇଛି। ତାଙ୍କୁ ୯୧ ବର୍ଷ ହୋଇଥିଲା।



ବାର୍ଦ୍ଧକ୍ୟଜନିତ କାରଣରୁ ଦୀର୍ଘଦିନ ହେଲା ସେ ଅସୁସ୍ଥ ରହୁଥିଲେ। ମୁମ୍ବାଇର ଅନ୍ଧେରି ଅଞ୍ଚଳରେ ନିଜ ବାସଭବନରେ ଆନ୍ନା ରଞ୍ଜନ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମଙ୍ଗଳବାର ସ୍ଥାନୀୟ ଏକ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର ହୋଇଛି। ଜୁଲାଇ ୧୯୨୭ରେ କେରଳର ଏର୍ନାକୁଲମ୍ ଜିଲାରେ ଆନ୍ନା ରଞ୍ଜନ ଜର୍ଜ ଭାବେ ସେ ଜନ୍ମଗ୍ରହଣ କରିଥିଲେ। ୧୯୫୧ରେ ସେ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ। ଆନ୍ନା ହେଉଛନ୍ତି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ପୂର୍ବତନ ଗଭର୍ନର ଆର୍.ଏନ୍. ମାଲହୋତ୍ରାଙ୍କ ସ୍ତ୍ରୀ।

### ବାରାଣସୀ ପାଇଁ ୫୫୭ କୋଟି

**ବାରାଣସୀ,୧୮।୯(ପି.ଟି.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ନିଜ ନିର୍ବାଚନମଣ୍ଡଳୀ ବାରାଣସୀ ପାଇଁ ୫୫୭ କୋଟି ଟଙ୍କାର ଉନ୍ନୟନମୂଳକ ପ୍ରକଳ୍ପ ଘୋଷଣା କରିଛନ୍ତି। ଜଣେ ଏମ୍‌ପି ହିସାବରେ ନିଜ ନିର୍ବାଚନ ମଣ୍ଡଳୀ ପାଇଁ କ'ଣ କରିଛନ୍ତି ତାହାର ହିସାବ ମଧ୍ୟ ସେ ଦେଇଛନ୍ତି। ଏହାସହ ଏଠାକାର ଲୋକ ହିଁ ତାଙ୍କର ମାଷ୍ଟର ଏବଂ ହାଇକମାଣ୍ଡ ବୋଲି ମୋଦି କହିଛନ୍ତି।

## ■ ଡେରାଡୁନ୍‌ରୁ ଦିଲ୍ଲୀ: ବର୍ବରତାର ଅନ୍ତ ନାହିଁ

# ବଳାତ୍କାରୀ ବେଲଗାମ୍

**ନୂଆଦିଲ୍ଲୀ,୧୮।୯**

ଭାରତରେ ପ୍ରତି ୧୫ ମିନିଟରେ ଜଣେ ଶିଶୁକନ୍ୟା ଯୌନ ଉତ୍ପୀଡ଼ନର ଶିକାର ହେଉଛନ୍ତି। ବିଗତ ୧୦ ବର୍ଷ ମଧ୍ୟରେ ନାବାଳିକାଙ୍କ ପ୍ରତି ବଳାତ୍କାର ଘଟଣା ୫୦୦% ବୃଦ୍ଧି ପାଇଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିଛି। ଏହି କ୍ଷେତ୍ରରେ ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଦିଲ୍ଲୀ ଓ ପଶ୍ଚିମବଙ୍ଗ ଆଗୁଆ ଥିବାବେଳେ ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟ ବାଦ୍ ପଡ଼ିନାହାନ୍ତି। ଏନ୍‌ଜିଓ କ୍ରାଏ ପକ୍ଷରୁ କରାଯାଇଥିବା ଏକ ବିଶ୍ଳେଷଣରେ ଏହି ତଥ୍ୟ ସାମ୍ନାକୁ ଆସିଛି। ୧୨ ବର୍ଷରୁ କମ ବୟସର ନାବାଳିକାଙ୍କୁ ବଳାତ୍କାର କରିଥିବା ପ୍ରମାଣିତ ହେଲେ ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦେବା ପାଇଁ ପୋକ୍ସୋ ଆଇନ ପ୍ରଣୟନ କରାଯାଇଛି। ଏହି ଆଇନ କାର୍ଯ୍ୟକାରୀ ହେଲେ ଯୌନ ଲାଳସା ଚରିତାର୍ଥ ଭଳି ମନ୍ଦ ଉଦ୍ଦେଶ୍ୟ ରଖୁଥିବା ବ୍ୟକ୍ତିଙ୍କ ମନରେ ଭୟ ସଞ୍ଚାର ହେବ। ଦେଶରେ ନାବାଳିକାଙ୍କ ପ୍ରତି ଯୌନ ଅପରାଧ ହ୍ରାସ ପାଇବ ବୋଲି



ଆଶା କରାଯାଉଥିଲା। ହେଲେ ସଦ୍ୟ ପ୍ରଘଟ ହୋଇଥିବା କେତୋଟି ଘଟଣାକୁ ଦୃଷ୍ଟି ଦେଲେ ନିରାଶ ହେବାକୁ ପଡ଼ୁଛି।

ଜାତୀୟ ଗଣମାଧ୍ୟମରେ ମଙ୍ଗଳବାର ସର୍ବାଧିକ ଚର୍ଚ୍ଚାକୁ ଆସିଛି ଉତ୍ତରାଖଣ୍ଡର ଡେରାଡୁନ୍ ବଳାତ୍କାର ମାମଲା। ଏହି ଜିଲାର ସାହସପୁରସ୍ଥିତ ଏକ ଆବାସିକ ସ୍କୁଲରେ ଅଗଷ୍ଟ ୧୪ରେ ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ହଷ୍ଟେଲ ପଛପଟକୁ ନେଇ ବରିଷ୍ଠ ଛାତ୍ରମାନେ ବଳାତ୍କାର କରିଥିଲେ। ନାବାଳିକା ଅନ୍ତଃସତ୍ତ୍ୱା ହେବା ପରେ ଘଟଣାକୁ ଚପାଇଦେବାକୁ ସ୍କୁଲ କର୍ତ୍ତୃପକ୍ଷ ୨ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ଉଦ୍ୟମ କରିଥିଲେ। ପୀଡ଼ିତା ଗର୍ଭବତୀ ହେବା ପରେ ପ୍ରଥମେ ତାଙ୍କ ବଡ଼ଭଉଣୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ସ୍କୁଲ କର୍ତ୍ତୃପକ୍ଷଙ୍କୁ ଏନେଇ ଅବଗତ କରାଯିବା ପରେ ପ୍ରିନ୍ସିପାଲ ପୀଡ଼ିତାଙ୍କ ଗର୍ଭପାତ କରାଇ ଏହାକୁ ଘଷ୍ଟ ଘୋଡାଇବାକୁ ଉଦ୍ୟମ କରିଥିଲେ। ଏପରି କି ପ୍ରଘଟ କଲେ ସ୍କୁଲରୁ ଦୁଇଭଉଣୀଙ୍କୁ ବାହାର କରିଦିଆଯିବ ବୋଲି ସେ ଧମକ ଦେଇଥିଲେ। ପରେ ପୀଡ଼ିତାଙ୍କ ସମ୍ପର୍କୀୟମାନେ ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲା ସୋମବାର ଲୋକଲୋଚନକୁ ଆସିବା ପରେ ସମ୍ପୃକ୍ତ ସ୍କୁଲର ୪ ଛାତ୍ରଙ୍କ ସମେତ ୯ ଜଣଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ସ୍କୁଲ ନିର୍ଦ୍ଦେଶକ ଲତା ଗୁପ୍ତା, ପ୍ରିନ୍ସିପାଲ ଜିତେନ୍ଦ୍ର ଶର୍ମା ଓ ଅନ୍ୟ କେତେଜଣ କର୍ମଚାରୀ ଥିବା ଉତ୍ତରାଖଣ୍ଡ ପୋଲିସ ମହାନିର୍ଦ୍ଦେଶକ ଅଶୋକ କୁମାର ସୂଚନା ଦେଇଛନ୍ତି।

ସେହିପରି ଦିଲ୍ଲୀର ଶାହଦାରାସ୍ଥିତ ସୀମାପୁରୀ ଅଞ୍ଚଳରେ ସୋମବାର ରାତି ୧୦ଟା ୩୦ରେ ଜଣେ ୭ ବର୍ଷୀୟା ଝିଅଙ୍କୁ ବଳାତ୍କାର କରାଯାଇଛି। ପୀଡ଼ିତାଙ୍କ ମା'ଙ୍କ ଅଭିଯୋଗକ୍ରମେ ତାଙ୍କର ଜଣେ ପଡ଼ୋଶୀଙ୍କୁ ପୋଲିସ ଗିରଫ କରିଛି। ୨୧ ବର୍ଷୀୟ ଅଭିଯୁକ୍ତ ନାବାଳିକାଙ୍କୁ ଏକ ପାର୍କକୁ ନେଇ ବଳାତ୍କାର କରିବା ପୂର୍ବରୁ ତାଙ୍କର ସମ୍ବେଦନଶୀଳ ଅଙ୍ଗରେ ଏକ ପାଣିପାଇପ୍ ପୂରାଇଦେଇଥିଲେ। ପୀଡ଼ିତାଙ୍କୁ ଗୁରୁତର ଅବସ୍ଥାରେ ଗୁରୁ ତେଗ୍ ବାହାଦୁର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜାତୀୟ ରାଜଧାନୀରେ ବିଗତ ୪ ମାସ ମଧ୍ୟରେ ପ୍ରତିଦିନ ଦୁଇଜଣ ନାବାଳିକା ବଳାତ୍କାରର ଶିକାର ହେଉଥିବା ଦିଲ୍ଲୀ ପୋଲିସ ସୂଚନା ଦେଇଛି। ସୋମବାର ରାତିରେ ଉତ୍ତରପ୍ରଦେଶର ଗୋଣ୍ଡାରେ ଜଣେ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ୮ ବର୍ଷୀୟା ଝିଅ ନିଜ ଘରେ ଶୋଇଥିବାବେଳେ କେହି ଅଜ୍ଞାତ ବ୍ୟକ୍ତି ଉଠାଇନେଇ ଏଭଳି ଘୃଣ୍ୟକାଣ୍ଡ ଭିଆଇଛନ୍ତି। ପୀଡ଼ିତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚଳାଇଛି।

### 'ପ୍ରଧାନମନ୍ତ୍ରୀଙ୍କ ନୀରବତା ଲଜ୍ଜାଜନକ'

**ନୂଆଦିଲ୍ଲୀ,୧୮।୯(ପି.ଟି.)**

ଦେଶରେ ବଳାତ୍କାର ବଢ଼ିଚାଲି ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୀରବ। ହରିୟାଣାର ରେୱାଡ଼ି ଗଣବଳାତ୍କାର ମନୋହରଲାଲ ଖଟ୍ଟର ସରକାରଙ୍କୁ ଅଡୁଆରେ ପକାଇଥିବାବେଳେ ଏହାକୁ ନେଇ ଜାତୀୟ ରାଜନୀତି ସରଗରମ ହୋଇଛି। ୧୯ ବର୍ଷୀୟା ଟପ୍ପରଙ୍କୁ ଗଣବଳାତ୍କାର ନେଇ ପ୍ରଧାନମନ୍ତ୍ରୀ ମୁହଁ ନ ଖୋଲିବା ଲଜ୍ଜାଜନକ। ଦେଶର ମହିଳାମାନଙ୍କୁ ଅସୁରକ୍ଷିତ



ଅବସ୍ଥାରେ ରଖି ବଳାତ୍କାରୀଙ୍କୁ ମୁକୁଳା ଛାଡ଼ିଦେବା କେନ୍ଦ୍ର ସରକାରଙ୍କ ପାଇଁ ଲଜ୍ଜାର ବିଷୟ ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମଙ୍ଗଳବାର ଟ୍ୱିଟର୍‌ରେ ସମାଲୋଚନା କରିଛନ୍ତି।

### ରେୱାଡ଼ିରେ ପୁଣି ବଳାତ୍କାର

**ନୂଆଦିଲ୍ଲୀ,୧୮।୯(ପି.ଟି.)**

ହରିୟାଣାର ରେୱାଡ଼ି ଗଣ ବଳାତ୍କାରକୁ ନେଇ ବିବାଦ ଥମି ନ ଥିବାବେଳେ ଏହି ଜିଲାରେ ପୁଣି ଏକ ବଳାତ୍କାର ଘଟଣା ସାମ୍ନାକୁ ଆସିଛି। ଏଥର ବଳାତ୍କାରର ଶିକାର ହୋଇଛନ୍ତି ଜଣେ ୧୭ ବର୍ଷୀୟା। ନାବାଳିକା ଜଣଙ୍କୁ ନିକଟରେ ତାଙ୍କର ଜଣେ ପୂର୍ବତନ ସହପାଠୀ ବଳାତ୍କାର କରିଥିବା ସେ ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ନବୀନ, ମମତାଙ୍କ ବିକୃତ ଫଟୋ ପୋଷ୍ଟକରି ଭାଜପା କର୍ମୀ ଗିରଫ

**କୋଲକାତା,୧୮।୯**

ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ପଶ୍ଚିମବଙ୍ଗ ପ୍ରତିପକ୍ଷ ମମତା ବାନାର୍ଜୀଙ୍କ ବିକୃତ ଫଟୋ ପୋଷ୍ଟ କରି ରାଜ୍ୟର ଜଣେ ଭାଜପା କର୍ମୀ ଗିରଫ ହୋଇଛନ୍ତି। ବାବୁୟା ଘୋଷ ନାମକ ଏହି ଯୁବକ ଜଣକ ଏକ ଫିଲ୍ମ ପୋଷ୍ଟରରେ ଅଭିନେତା ଏବଂ ଅଭିନେତ୍ରୀଙ୍କ ମୁହଁରେ ମମତା ଏବଂ ନବୀନଙ୍କ ଛବି ଲଗାଇ ଏହାକୁ ସୋସିଆଲ୍ ମିଡିଆରେ ପୋଷ୍ଟ କରିଛନ୍ତି। ବାବୁୟା ପଶ୍ଚିମ ମେଦିନୀପୁର ଜିଲାର ଶାଳବଣି ଥାନା ଅଞ୍ଚଳର ବୋଲି ଚିହ୍ନଟ କରାଯାଇଛି। ଦୁଇ ମୁଖ୍ୟମନ୍ତ୍ରୀଙ୍କ ଫଟୋ ପୋଷ୍ଟ କରିବା ପରେ ବାବୁୟା ଏଥିରେ ଅନେକ ଆପତ୍ତିଜନକ କମେଣ୍ଟ ମଧ୍ୟ କରିଛନ୍ତି। କେବଳ ସେତିକି ନୁହେଁ, ବଙ୍ଗଳା ଆର୍ଟିକିଲ୍‌ଠୁ ଆରମ୍ଭକରି ବିଭିନ୍ନ ପ୍ରକାରର ଅପମାନସୂଚକ ବିଷୟ ମଧ୍ୟ ସେ ସୋସିଆଲ୍ ମିଡିଆରେ ଶେୟାର୍ କରିଛନ୍ତି। ଉଚିତ ସମୟରେ ବିବାହ ନ କଲେ ଚରମ ପରିଣାମ ଭୋଗିବାକୁ ପଡ଼ିପାରେ ବୋଲି ସେ ଭାଜପା କର୍ମୀ ଲେଖିଛନ୍ତି। ଠିକ୍ ସମୟରେ ବିବାହ ନ କଲେ ଜଣେ ବ୍ୟକ୍ତି ପାଗଳ ହୋଇଯାଏ। ସମଗ୍ର ପଶ୍ଚିମବଙ୍ଗ ତାହା ଏବେ ଦେଖିପାରୁଛି ବୋଲି ସେ ଉଲ୍ଲେଖ କରିଛନ୍ତି। ଦୁଇ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଆପତ୍ତିଜନକ ମିମ୍ ଶେୟାର୍ କରିବା ଅଭିଯୋଗରେ ପଶ୍ଚିମବଙ୍ଗ ପୋଲିସ ବାବୁୟାଙ୍କୁ ଗିରଫ କରିଛି। ପୂର୍ବରୁ ମଧ୍ୟ ରାଜ୍ୟର ଭାଜପା କର୍ମୀମାନେ ଏଭଳି ମିମ୍ ପ୍ରସ୍ତୁତ କରି ବିବାଦ ଘେରକୁ ଆସିଛନ୍ତି।

## ମୁସଲମାନଙ୍କୁ ବାଦ୍‌ଦେଇ ହିନ୍ଦୁରାଷ୍ଟ୍ର ଅସମ୍ଭବ: ଭାଗବତ

**ନୂଆଦିଲ୍ଲୀ,୧୮।୯(ଆଇଏଏନ୍‌ଏସ୍)**

ଭ୍ରାତୃତ୍ୱ ଓ ବିବିଧତାରେ ଏକତାକୁ ନେଇ ହିନ୍ଦୁତ୍ୱ। ଭାରତରେ ସଂଖ୍ୟାଲଘୁ ମୁସଲମାନ ସମ୍ପ୍ରଦାୟକୁ ବାଦ୍‌ଦେଇ ହିନ୍ଦୁରାଷ୍ଟ୍ରର ପରିକଳ୍ପନା ଅସମ୍ଭବ ବୋଲି ମଙ୍ଗଳବାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ସ୍ପଷ୍ଟ କରିଛନ୍ତି। ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଚାଲିଥିବା 'ଭାରତର ଭବିଷ୍ୟତ: ଆର୍‌ଏସ୍‌ଏସ୍‌ର ଦୃଷ୍ଟିଭଙ୍ଗୀ' ଶୀର୍ଷକ ୩ ଦିନିଆ ବକ୍ତୃତାମାଳାର ଦ୍ୱିତୀୟ ଦିନରେ ଭାଗବତ କହିଛନ୍ତି, ଭାରତରେ ବସବାସ କରୁଥିବା ସବୁ ସମ୍ପ୍ରଦାୟର ବିଚାରଧାରାର ସମାହାର ହେଉଛି



ହିନ୍ଦୁତ୍ୱ। ବିବିଧତାରେ ଏକତା, ତ୍ୟାଗ, ଆତ୍ମନିୟନ୍ତ୍ରଣ ଓ ସମର୍ପଣର ଭାବନା ହେଉଛି ହିନ୍ଦୁତ୍ୱର ମୂଳ ବୈଶିଷ୍ଟ୍ୟ। ସଂଘ ପରିବାର ଭାରତୀୟ ସମ୍ବିଧାନରେ ବିଶ୍ୱାସ କରେ। ଆର୍‌ଏସ୍‌ଏସ୍ ରାଜନୀତିରେ କେବେ ଭାଗନିଏ ନାହିଁ ବୋଲି ଭାଗବତ ୮୦ ମିନିଟର ବକ୍ତବ୍ୟରେ କହିଛନ୍ତି।

## ଭାରତ-ବାଂଲାଦେଶ ପାଇପ୍‌ଲାଇନ୍ କାମ ଆରମ୍ଭ

**ଢାକା,୧୮।୯(ପି.ଟି.)**

ଆରମ୍ଭ ହେଲା ଭାରତ-ବାଂଲାଦେଶ ବନ୍ଧୁତାର ପ୍ରତୀକ 'ଫ୍ରେଣ୍ଡଶିପ୍ ପାଇପ୍‌ଲାଇନ୍ ପ୍ରକଳ୍ପ' ନିର୍ମାଣକାର୍ଯ୍ୟ। ଦୁଇଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଶେଖ୍ ହାସିନା ମଙ୍ଗଳବାର ଭିଡିଓ କନ୍‌ଫରେନ୍ସ ଜରିଆରେ ମିଳିତ ଭାବେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୧୩୦ କିଲୋମିଟର ବିଶିଷ୍ଟ ଭାରତ-ବାଂଲାଦେଶ ଫ୍ରେଣ୍ଡଶିପ୍ ପାଇପ୍‌ଲାଇନ୍ ପ୍ରୋଜେକ୍ଟ ପଶ୍ଚିମବଙ୍ଗର ସିଲିଗୁଡ଼ିରୁ ବାଂଲାଦେଶର ଦିନାଜ୍‌ପୁର ଜିଲାର ପାର୍ବତୀପୁର ଅଞ୍ଚଳକୁ ବିଛାଯିବ। ୩୪୬ କୋଟି ଟଙ୍କା ବିନିମୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ୩୦ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବାର ଲକ୍ଷ୍ୟ ରଖାଯାଇଛି। ପାଇପ୍‌ଲାଇନ୍‌ର କ୍ଷମତା ହେଲା ବାର୍ଷିକ ୧ ନିୟୁତ ମେଟ୍ରିକ୍ ଟନ୍। ତେବେ ଭାରତ ଏବଂ ବାଂଲାଦେଶର ମଧ୍ୟରେ ପାରସ୍ପରିକ ସହଯୋଗ ବିଶ୍ୱବାସୀଙ୍କ ପାଇଁ ଏକ



ଉଦାହରଣ ବୋଲି ନିର୍ମାଣକାର୍ଯ୍ୟର ଉଦ୍‌ଘାଟନ ବେଳେ ମୋଦି ଉଲ୍ଲେଖ କରିଛନ୍ତି। ପାଇପ୍‌ଲାଇନ୍ ପ୍ରକଳ୍ପ ବ୍ୟତୀତ ଅନ୍ୟ ଦୁଇଟି ପ୍ରୋଜେକ୍ଟର ମଧ୍ୟ ଦୁଇ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି।

### ଶିବକୁମାରଙ୍କ ବିରୋଧରେ ମାମଲା

**ନୂଆଦିଲ୍ଲୀ,୧୮।୯:(ପି.ଟି.)**

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବିଶ୍ୱସ୍ତ ତଥା କର୍ନାଟକ ମନ୍ତ୍ରୀ ଡି.କେ ଶିବକୁମାରଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ମନି ଲଣ୍ଡରିଂ ମାମଲା ରୁଜୁ କରିଛି। ଶିବକୁମାରଙ୍କ ବିରୋଧରେ ଟିକସ ଫାଙ୍କି ଓ ହାୱାଲା ନେଣଦେଣ ଅଭିଯୋଗ ହୋଇଛି। କର୍ନାଟକ ଭବନର ପୂର୍ବତନ ଅଧିକାରୀ ଅନଞ୍ଜେୟ ହଉମାନ୍ଥିଆ ଏବଂ ରାଜେନ୍ଦ୍ରଙ୍କ ନାମରେ ମଧ୍ୟ ଅନୁରୂପ ମାମଲା ରୁଜୁ କରାଯାଇଛି। ଶିବକୁମାରଙ୍କ କଳାଧନକୁ ଅନଞ୍ଜେୟ ଦିଲ୍ଲୀର ଅନେକ ଫ୍ଲାଟରେ ରଖିଥିଲେ।

## ■ ଦିଲ୍ଲୀ ମୁଖ୍ୟ ଶାସନ ସଚିବଙ୍କୁ ମାଡ଼ ମାମଲା

# କେଜ୍‌ରିୱାଲଙ୍କୁ ସମନ୍

**ନୂଆଦିଲ୍ଲୀ,୧୮।୯(ପି.ଟି.)**

ଦିଲ୍ଲୀ ମୁଖ୍ୟ ଶାସନ ସଚିବ ଅଂଶୁ ପ୍ରକାଶଙ୍କୁ ଆକ୍ରମଣ ମାମଲାରେ ମେଟ୍ରୋପଲିଟାନ୍ କୋର୍ଟ ମଙ୍ଗଳବାର ଆମ ଆଦ୍‌ମୀ ପାର୍ଟି (ଏଏପି)ର ଆବାହକ ତଥା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ୧୧ ବିଧାୟକଙ୍କୁ ସମନ ଜାରି କରିଛନ୍ତି। ସେମାନଙ୍କୁ ଅକ୍ଟୋବର ୨୫ ସୁଦ୍ଧା କୋର୍ଟରେ ହାଜର ହେବାକୁ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ସମର ବିଶାଳ ନୋଟିସ୍ ଜାରି କରିଛନ୍ତି। କେଜରିୱାଲ ଏବଂ ଉପମୁଖ୍ୟମନ୍ତ୍ରୀ ମନିଷ ସିସୋଡିଆଙ୍କ ସହିତ ୧୧ ବିଧାୟକଙ୍କ ନାମରେ ମାମଲା ରହିଛି। ସେମାନେ ହେଲେ ଅମାନତୁଲ୍ଲା ଖାନ୍, ପ୍ରକାଶ ଜାରୱାଲ, ନିତିନ୍ ତ୍ୟାଗୀ, ଋତୁରାଜ୍ ଗୋବିନ୍ଦ, ସଞ୍ଜୀବ ଝା, ଅଜୟ ଦତ୍ତ, ରାଜେଶ ଋଷି, ରାଜେଶ ଗୁପ୍ତା, ମଦନ ଲାଲ, ପ୍ରବୀଣ କୁମାର ଓ ଦିନେଶ ମୋହନିଆ। ଶୁଣାଣି ବେଳେ ବିଚାରପତି କହିଥିଲେ, କର୍ତ୍ତବ୍ୟରତ ସରକାରୀ କର୍ମଚାରୀଙ୍କୁ ଅଟକ ରଖି ମାଡ ମାରିବା ନେଇ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ ପାଇଁ ଯଥେଷ୍ଟ କାରଣ ରହିଛି। ଏହି ମାମଲାରେ ଦିଲ୍ଲୀ ପୋଲିସ କେଜରିୱାଲ ଓ ତାଙ୍କ ବିଧାୟକମାନଙ୍କ ବିରୋଧରେ ୧୩୦୦ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଛି।

### ଚନ୍ଦ୍ରକୁ ଯିବେ ଜାପାନୀ କୋଟିପତି

**ୱାଶିଂଟନ୍,୧୮।୯:** ପ୍ରଥମ ସାଧାରଣ ଯାତ୍ରୀ ଭାବେ ଚନ୍ଦ୍ରପୃଷ୍ଠରେ ପଦାର୍ପଣ କରିବେ ଜାପାନୀ କୋଟିପତି ତଥା କ୍ୟୁରେଟର୍ ୟୁସାକୁ ମିଜାୱା। ସ୍ପେସ୍‌ଏକ୍ସ କମ୍ପାନୀ ଦ୍ୱାରା ପ୍ରସ୍ତୁତ ବିଗ୍ ଫାଲ୍‌କନ୍ ରକେଟ୍ (ବିଏଫ୍‌ଆର୍) ଜରିଆରେ ୟୁସାକୁ ଚନ୍ଦ୍ରକୁ ଯାତ୍ରା କରିବେ। ମହାକାଶ ପରିବହନ କମ୍ପାନୀ ସ୍ପେସ୍‌ଏକ୍ସର ମୁଖ୍ୟ ଏଲନ୍ ମସ୍କ ମଙ୍ଗଳବାର ଏ ନେଇ ଘୋଷଣା କରିଛନ୍ତି। ବିଏଫ୍‌ଆର୍ ଫ୍ୟାଶନ୍ ଇନୋଭେଟର୍ ୟୁକାସୁ ପ୍ରଥମ ପ୍ରାଇଭେଟ୍ ପାସେଞ୍ଜର



ଭାବେ ଚନ୍ଦ୍ରକୁ ଯିବେ ବୋଲି ମସ୍କ କହିଛନ୍ତି। ୨୦୨୩ରେ ସେ ଚନ୍ଦ୍ରକୁ ଯିବେ। ଏଥିଲାଗି ବିଶ୍ୱର ୮ ଜଣ ଶ୍ରେଷ୍ଠ କଳାକାରଙ୍କ ସହଯୋଗ ଲୋଡ଼ିଥିବା ମସ୍କ କହିଛନ୍ତି।

### ମାଇକେଲ୍‌ଙ୍କୁ ଭାରତକୁ ପ୍ରତ୍ୟର୍ପଣ କରାଯାଇପାରେ

ନୂଆଦିଲ୍ଲୀ,୧୮।୯(ପି.ଟି.)

ଭିଭିଆଇପି ହେଲିକପ୍ଟର ଦୁର୍ନୀତି ମାମଲାରେ ବ୍ରିଟିଶ୍ ମଧ୍ୟସ୍ଥ ଖ୍ରୀଷ୍ଟିଆନ୍ ମାଇକେଲ୍‌ଙ୍କୁ ଭାରତକୁ ପ୍ରତ୍ୟର୍ପଣ କରାଯାଇପାରେ। ମଙ୍ଗଳବାର ଦୁବାଇର ଏକ କୋର୍ଟ ମାମଲାର ଶୁଣାଣି କରି ଏହି ଆଦେଶ ଦେଇଥିବା ସୂତ୍ରରୁ ପ୍ରକାଶ। ହେଲିକପ୍ଟର ଦୁର୍ନୀତି ଘଟଣାର ନ୍ୟାୟିକ ପ୍ରକ୍ରିୟା ପାଇଁ ଖ୍ରୀଷ୍ଟିଆନଙ୍କୁ ଭାରତକୁ

**ହେଲିକପ୍ଟର ଦୁର୍ନୀତି**

ଆଣିବା ଲାଗି ନୂଆଦିଲ୍ଲୀ ଦୁବାଇ କୋର୍ଟରେ ଆବେଦନ କରିଥିଲା। ବୁଧବାର ରାୟର କପି ସାର୍ବଜନୀନ ହେବା ପରେ ଏ ବିଷୟରେ ଅଧିକ ତଥ୍ୟ ମିଳିପାରିବ। ତେବେ ଦୁବାଇ କୋର୍ଟଙ୍କ ଆଦେଶ ସିବିଆଇ ପାଇଁ ବଡ଼ ଆଶ୍ୱସ୍ତି ଆଣିଦେବ ବୋଲି କୁହାଯାଉଛି।

# ଉପା-ଏନ୍‌ଡିଏ ଦୋଷ ଲଦାଲଦି

**ନୂଆଦିଲ୍ଲୀ,୧୮।୯(ପି.ଟି.)**

ରାଫେଲ ଚୁକ୍ତିକୁ ନେଇ ଥମୁନି ବିବାଦ। ଶାସକ ଭାଜପା ଏବଂ ବିରୋଧୀ କଂଗ୍ରେସ ମଧ୍ୟରେ ଜୋର ଧରିଛି କାଦୁଅ ଫିଙ୍ଗା ରାଜନୀତି। ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ୍ ଏବଂ ତାଙ୍କ ପୂର୍ବସୂରୀ ଏ.କେ. ଆଣ୍ଟୋନୀଙ୍କ ମଧ୍ୟରେ ମଙ୍ଗଳବାର ଏହି ପ୍ରସଙ୍ଗକୁ ନେଇ ଆରୋପ ପ୍ରତ୍ୟାରୋପ ଧାରା ଆରମ୍ଭ ହୋଇଯାଇଛି।

ସୀଥାରାମନ୍‌ଙ୍କୁ ଟାର୍ଗେଟ୍ କରି ଆଣ୍ଟୋନୀ କହିଛନ୍ତି, ଏନ୍‌ଡିଏ ସରକାର କିଣୁଥିବା ରାଫେଲ୍ ବିମାନ ଶସ୍ତା ବୋଲି ଦାବି କରାଯାଉଛି। ଯଦି ଏହା ଶସ୍ତା, ତା'ହେଲେ ସରକାର କାହିଁକି ୧୨୬ରୁ ଅଧିକ ବିମାନ କିଣୁନାହାନ୍ତି। ୧୨୬ ସ୍ଥାନରେ ମାତ୍ର ୩୬ଟି କାହିଁକି କିଣୁଛନ୍ତି। ରାଫେଲ୍ ଚୁକ୍ତିକୁ ନେଇ ସୀଥାରାମନ୍ ତଥ୍ୟ ଲୁଚାଇଛନ୍ତି। ଦୁର୍ନୀତି ଅଭିଯୋଗ ହେବା ପରେ ଏହାର ତଦନ୍ତ ଲାଗି ସରକାର କାହିଁକି ଯୁଗ୍ମ ସଂସଦୀୟ କମିଟି (ଜେପିସି) ଗଠନ କରିନାହାନ୍ତି। ସରକାର ଜାତୀୟ ସୁରକ୍ଷାକୁ ନେଇ ସାଂଘାତିକ ସାଲିସ କରୁଛନ୍ତି। ଉପା କ୍ଷମତା ହରାଇବା ବେଳକୁ ନେଗୋସିଏଶନ୍ ପ୍ରକ୍ରିୟା ପ୍ରାୟତଃ ସମ୍ପୂର୍ଣ୍ଣ ହୋଇସାରିଥିଲା। କିନ୍ତୁ ଏନ୍‌ଡିଏ କ୍ଷମତାକୁ ଆସିବା ପରେ ୨୦୧୫ରେ ନରେନ୍ଦ୍ର ମୋଦି ଏକପାକ୍ଷିଆ ଚୁକ୍ତି କରି ୩୬ ବିମାନ କିଣିବାକୁ ରାଜିନାମା କରିଥିଲେ। ବାୟୁସେନାର ୧୨୬ ବିମାନ ଦାବି ରହିଥିବାବେଳେ ସରକାର କାହିଁ କେବଳ ୩୬ ରାଫେଲ କିଣୁଛନ୍ତି ବୋଲି ଆଣ୍ଟୋନୀ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ଉପା ସରକାରଙ୍କ ଚୁକ୍ତିକୁ ମୋଦି ସରକାର ରଦ୍ଦ କରିଛନ୍ତି। ଯଦି ଉପା ଚୁକ୍ତି ରଦ୍ଦ ହୋଇ ନ ଥାଆନ୍ତା, ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) ଟେକ୍ନୋଲୋଜି ସ୍ଥାନାନ୍ତର (ଟିଓଟି) ଜରିଆରେ ରାଫେଲ ନିର୍ମାଣ କୌଶଳ (ଷ୍ଟେଟ୍ ଅଫ୍ ଆର୍ଟ ଟେକ୍ନୋଲୋଜି) ଅକ୍ତିଆର କରିପାରି ଥାନ୍ତା। ସୀଥାରାମନ କହୁଛନ୍ତି ରାଫେଲ ନିର୍ମାଣ କରିବାର କ୍ଷମତା ହାଲ୍ ନିକଟରେ ନାହିଁ। ଏଭଳି ମନ୍ତବ୍ୟ ଦେଇ ସେ ବିଶ୍ୱ ଦରବାରରେ ହାଲ୍‌ର ଛବି କଳୁଷିତ କରୁଛନ୍ତି। ଏହା ହେଉଛି ଦେଶର ଏକମାତ୍ର ବିମାନ ନିର୍ମାଣକାରୀ କମ୍ପାନୀ ଏବଂ ଏହାକୁ ନବରତ୍ନ ମାନ୍ୟତା ମିଳିଛି। ଉପା ଶାସନ କାଳରେ ହାଲ୍ ଦେଶ ପାଇଁ ଲାଭ ଆଣି ଦେଉଥିଲା। କିନ୍ତୁ ମୋଦି ସରକାରଙ୍କ ଅମଳରେ ୧୦୦୦ କୋଟି ଟଙ୍କାର ଋଣ କରିଛି ବୋଲି ଆଣ୍ଟୋନୀ ଅଭିଯୋଗ ଆଣିଛନ୍ତି। ସେପଟେ ମାମଲାର ତଦନ୍ତ ଦାବି କରିବା ପାଇଁ କଂଗ୍ରେସ ବୁଧବାର ନିୟନ୍ତ୍ରକ ଓ ମହାଲେଖା ନିର୍ଦ୍ଦେଶକ (ସିଏଜି)ଙ୍କୁ ଭେଟିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

ଆଣ୍ଟୋନୀଙ୍କ ଅଭିଯୋଗ ପରେ ଏକ ଖବରଦାତା ସମ୍ମିଳନୀରେ ସଫେଇ ଦେଇ ନିର୍ମଳା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ପୂର୍ବର ଉପା ସରକାରଙ୍କ ତୁଳନାରେ ୯% ଶସ୍ତାରେ ରାଫେଲ ବିମାନ କିଣିଛନ୍ତି। ରାଫେଲ ଚୁକ୍ତିକୁ ନେଇ କଂଗ୍ରେସ ଯାହାସବୁ ଅଭିଯୋଗ ଆଣିଛି ସବୁ ଭିତ୍ତିହୀନ। ଉପା ଶାସନ କାଳରେ ରାଫେଲ ଉତ୍ପାଦନ ପାଇଁ ହାଲ୍ ଏବଂ ଫ୍ରେଞ୍ଚ କମ୍ପାନୀ ଦସାଲ୍ଟ ମଧ୍ୟରେ କୌଣସି ଚୁକ୍ତି ହୋଇ ନ ଥିଲା। ବରଂ ୨୦୧୩ରେ ଆଣ୍ଟୋନୀଙ୍କ ହସ୍ତକ୍ଷେପ ଯୋଗୁ ରାଫେଲ କିଣାବିକା ଆର୍ଥିକ ବୁଝାମଣା ପ୍ରକ୍ରିୟା ଶୀତଳ ଭଣ୍ଡାରକୁ ଚାଲି ଯାଇଥିଲା। ଦର ନିର୍ଦ୍ଧାରଣ କମିଟିର କାର୍ଯ୍ୟରେ ସେ ହସ୍ତକ୍ଷେପ କରିଥିଲେ ବୋଲି ସୀଥାରାମନ୍ ଅଭିଯୋଗ ଆଣିଛନ୍ତି।



"ଆମେ ୯% ଶସ୍ତାରେ ବିମାନ କିଣିଛୁ।
-ନିର୍ମଳା ସୀଥାରାମନ୍



"ଯଦି ଏହା ଶସ୍ତା, ତା'ହେଲେ ୧୨୬ ସ୍ଥାନରେ କାହିଁକି ୩୬ଟି ବିମାନ କିଣୁଛନ୍ତି।
-ଏ.କେ. ଆଣ୍ଟୋନୀ

### ରାଫେଲ ଚୁକ୍ତି: ୧୦କୁ ଘୁଞ୍ଚିଲା ଶୁଣାଣି

ନୂଆଦିଲ୍ଲୀ,୧୮।୯(ପି.ଟି.)

ଭାରତ ଓ ଫ୍ରାନ୍ସ ମଧ୍ୟରେ ହୋଇଥିବା ରାଫେଲ୍ ଯୁଦ୍ଧବିମାନ ଡିଲ୍ ଉପରେ ସ୍ଥଗିତାଦେଶ ଜାରି ପାଇଁ ଦାଏର ଏକ ପିଟିଶନର ଶୁଣାଣିକୁ ମଙ୍ଗଳବାର ସୁପ୍ରିମକୋର୍ଟ ଅକ୍ଟୋବର ୧୦ ଯାଏ ଘୁଞ୍ଚାଇ ଦେଇଛନ୍ତି। ଆବେଦନକାରୀ ଆଇନଜୀବୀ ଏମ୍.ଏଲ୍. ଶର୍ମା କେତେକ ଅତିରିକ୍ତ ଦସ୍ତାବିଜ ଦାଖଲ କରିବାକୁ ଚାହୁଁଥିବାରୁ ଏହି ମାମଲାର ଶୁଣାଣି ସ୍ଥଗିତ ରଖିବାକୁ ଅଦାଲତଙ୍କୁ ଅନୁରୋଧ କରିଥିଲେ। ଫଳରେ ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହି ନିଷ୍ପତ୍ତି ନେଇଛନ୍ତି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710,ଭଦ୍ରକଅଫିସ-(06784)242101,ନୂଆପଡ଼ାଅଫିସ-(06678)223068,ଝାରସୁଗୁଡ଼ାଅଫିସ-(06645)272799,ଦେବଗଡ-9437121562,କେନ୍ଦ୍ରାପଡ଼ାଅଫିସ-06727233825,ପାରଳାଖେମୁଣ୍ଡି-9437140002.



କଶ୍ମୀରୀ ମହିଳାଙ୍କ ସହ ସମ୍ପର୍କକୁ ନେଇ ଆର୍ମି କୋର୍ଟ ଅଫ୍ ଇନ୍‌କ୍ୱାରିରେ ଦୋଷୀ ସାବ୍ୟସ୍ତ ହେବା ପରେ ମେଜର ଲିତୁଲ ଗୋଗୋଇଙ୍କୁ ୫୩ ରାଷ୍ଟ୍ରୀୟ ରାଇଫଲ୍ସ ୟୁନିଟ୍‌ରୁ ହଟାଇ ଦିଆଯାଇଛି। କଶ୍ମୀରର ବଡଗାମ୍‌ରେ ଥିବା ନିଜ ୟୁନିଟରୁ ହଟାଇ ଦିଆଯାଇ ଅବନ୍ତିପୁରାସ୍ଥିତ ସେନା ମୁଖ୍ୟାଳୟକୁ ପଠାଇ ଦିଆଯାଇଥିବା ଜଣେ ସେନା ଅଧିକାରୀ ସୂଚନା ଦେଇଛନ୍ତି। ତଦନ୍ତ ପରେ ସେ ଦୁଇଟି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି।







## ବଜ୍ରପାତରେ ୮୦ରୁ ଊର୍ଦ୍ଧ୍ୱ ଗୋରୁ ମୃତ

ମୁନିଗୁଡ଼ା/ବିଷମକଟକ, ୧୮।୯(ଡ଼ି.ଏନ.ଏ)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ଡ଼ାଲିଆକୁଜି ଗ୍ରାମ ନିକଟ ନିୟମଗିରି ପାହାଡ଼ରେ ବଜ୍ରପାତରେ ୮୦ରୁ ଊର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ହୋଇଛି। ଡ଼ାକୁଲୁଗୁଡ଼ା, ସିରିପୁର ଓ ଝିଗିଡ଼ି ଅଞ୍ଚଳର ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ଗୋରୁ ନିୟମଗିରି ପାହାଡ଼କୁ ଚରିବାକୁ ଯାଇଥିଲେ। ରବିବାର ସନ୍ଧ୍ୟାରେ ବଜ୍ରପାତ ହେବାରୁ ଗୋରୁଙ୍କ ମୃତ୍ୟୁ ହୋଇଥିଲା। ମଙ୍ଗଳବାର ଗ୍ରାମବାସୀ ପାହାଡ଼ ଉପରକୁ ଯିବା ସମୟରେ ଏତେ ସଂଖ୍ୟକ ଗୋରୁ ମରି ପଡ଼ିଥିବା ଦେଖିବାକୁ ପାଇଥିଲେ ।

## ଭିତରକନିକାରୁ ହୁଲି ଡଙ୍ଗା ଜବତ, ୫ ମତ୍ସ୍ୟଜୀବୀ ଗିରଫ

ରାଜନଗର,୧୮।୯(ଡି.ଏନ୍.ଏ.)

ରାଜନଗର ବ୍ଲକ ଅନ୍ତର୍ଗତ ଭିତରକନିକା ଜାତୀୟ ଉଦ୍ୟାନରୁ ମଙ୍ଗଳବାର ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୫ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ହୁଲି ଡଙ୍ଗା, ଜାଲ ଓ ୧୨ କିଲୋ ମାଛ ଜବତ କରାଯାଇଛି। ଅଭିଯୁକ୍ତମାନେ ହେଲେ ବିଶ୍ୱନାଥ ପାତ୍ର, ନକୁଳ ମଣ୍ଡଳ, ଭାଗିରଥୀ ବେରା, ପ୍ରଭାଂଶୁ ବେରା, ଜଗନ୍ନାଥ ସାମନ୍ତ । ରାଜନଗର ବନବିଭାଗ ପକ୍ଷରୁ ଏହି ଚଢ଼ାଉ ସମୟରେ ଗୁପ୍ତି ବନପାଳ ପ୍ରଦୀପ କୁମାର ସ୍ୱାଇଁ, ସାତଭାୟା ବନପାଳ ସଞ୍ଜୟ କୁମାର ପ୍ରଧାନ, ବନରକ୍ଷୀ ତ୍ରିଦୀପ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




# ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ ହେଉ ଝାରସୁଗୁଡ଼ା ବିମାନ ବନ୍ଦର

ଭୁବନେଶ୍ୱର,୧୮।୯(ବ୍ୟୁରୋ)




- ବିଧାନସଭାରେ ସଂକଳ୍ପ ଗୃହୀତ
- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସ୍ୱାଗତ

ଝାରସୁଗୁଡା ବିମାନବନ୍ଦରକୁ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ କରାଯାଉ। ଏ ସମ୍ପର୍କିତ ଏକ ସଂକଳ୍ପ ଓଡ଼ିଶା ବିଧାନସଭାରେ ମଙ୍ଗଳବାର ସର୍ବସମ୍ମତି କ୍ରମେ ଗୃହୀତ ହୋଇଛି। ରାଜ୍ୟ ସରକାରଙ୍କ ପୂର୍ବ ପ୍ରସ୍ତାବ ଓ ବିଧାନସଭା ଦ୍ୱାରା ଗୃହୀତ ସଂକଳ୍ପ ନେଇ କେନ୍ଦ୍ର ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ପ୍ରସ୍ତାବ ଦିଆଯାଇଛି। ସେହିପରି ଉକ୍ତ ବିମାନ ବନ୍ଦର ପାଇଁ ଭାରତୀୟ ବିମାନ ବନ୍ଦର ପ୍ରାଧିକରଣଙ୍କୁ ୧୧୮.୭୫ ଏକର ଜମି ଯୋଗାଇ ଦିଆଯିବା ସହ ୭୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ବିମାନବନ୍ଦରରେ ସୁରକ୍ଷା କର୍ମୀ ଏବଂ ଅଗ୍ନି ନିରାପତ୍ତା କର୍ମୀ ନିୟୋଜିତ କରାଯାଇଛି। ବିନା ମୂଲ୍ୟରେ ବିଦ୍ୟୁତ ସେବା ଓ ପାନୀୟ ଜଳ ଯୋଗାଇ ଦିଆଯାଇଛି। ଏତଦ୍‌ବ୍ୟତୀତ ବିମାନସ୍ଥଳ ଓ କର୍ମଚାରୀ କଲୋନୀ ପାଇଁ ଜମି ଉପରେ ଟିକସ ଛାଡ କରାଯାଇଛି। ଏ ସମ୍ପର୍କିତ ଆଲୋଚନାରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର, ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପ୍ରଦୀପ ପୁରୋହିତ, ସରକାରୀ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ, ମହେଶ ସାହୁ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଯୋଗେନ୍ଦ୍ର ବେହେରା, ସଞ୍ଜୀବ ସାହୁ ଏବଂ ପ୍ରଫୁଲ୍ଲ ମାଝି ଅଂଶଗ୍ରହଣ କରିଥିଲେ। ଏହି ଆଲୋଚନାରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ବଲାଙ୍ଗୀରରେ ସଦ୍ୟ ଉଦ୍‌ଘାଟିତ ହୋଇଥିବା ଭୀମ ଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲ ନାମରେ ସାମାନ୍ୟ ପରିବର୍ତ୍ତନ ପ୍ରସ୍ତାବ ଦେଇଥିଲେ। ଭୀମ ଭୋଇଙ୍କ ନାମ ପୂର୍ବରୁ ସନ୍ଥ ଶବ୍ଦ ଯୋଡିବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ସେ ଏକ ପ୍ରସ୍ତାବ ଦେଇଥିଲେ। ଯାହାକୁ ଶାସକ ଓ ବିରୋଧୀ ସଦସ୍ୟମାନେ ସମର୍ଥନ ମଧ୍ୟ କରିଥିଲେ। ଏ ସମ୍ପର୍କିତ ଆଲୋଚନା ସରିବା ପରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଜେନା ଉକ୍ତ ପ୍ରସ୍ତାବକୁ ଗ୍ରହଣ କରିଥିଲେ। ସେହିପରି ବିଧାନସଭାରେ ଝାରସୁଗୁଡା ବିମାନ ବନ୍ଦରକୁ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ ନେଇ ଗୃହୀତ ସଂକଳ୍ପକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରିଛନ୍ତି।

# ବରୁଣ ଧାବନ, ଅନୁଷ୍କା ଶର୍ମା ହେଲେ ସ୍କିଲ୍ ଇଣ୍ଡିଆ ମିଶନର ବ୍ରାଣ୍ଡ୍ ଆମ୍ବାସାଡର

- ପ୍ରଧାନମନ୍ତ୍ରୀଙ୍କ ନୂଆ ଭାରତ ସ୍ୱପ୍ନକୁ ଅଧିକ ଶକ୍ତି ମିଳିବ: ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ସ୍କିଲ୍ ଇଣ୍ଡିଆ ମିଶନ ଅଭିଯାନର ବ୍ରାଣ୍ଡ ଆମ୍ବାସାଡର ଭାବେ ଚୁକ୍ତି ସ୍ୱାକ୍ଷର କରିଛନ୍ତି ବଲିଉଡ୍ ଅଭିନେତା ବରୁଣ ଧାବନ ଓ ଅଭିନେତ୍ରୀ ଅନୁଷ୍କା ଶର୍ମା। ମୁକ୍ତିଲାଭ କରିବାକୁ ଯାଉଥିବା ବହୁ ପ୍ରତୀକ୍ଷିତ ହିନ୍ଦୀ ଫିଲ୍ମ 'ସୁଇ-ଧାଗା' ଚଳଚ୍ଚିତ୍ରର ଏହି ଦୁଇ ମୁଖ୍ୟ କଳାକାର ଫିଲ୍ମ ମାଧ୍ୟମରେ ଭାରତର ଦକ୍ଷତାଯୁକ୍ତ ମାନବ ସମ୍ବଳକୁ ଦର୍ଶକଙ୍କ ନିକଟରେ ଉପସ୍ଥାପନ କରିଛନ୍ତି। ବିଶେଷକରି ଭାରତର ଉତ୍କୃଷ୍ଟ କଳା-କାରିଗରିକୁ ସମଗ୍ର ବିଶ୍ୱରେ ପହଞ୍ଚାଇଥିବା କାରିଗର, ଶିଳ୍ପୀ ଓ ବୁଣାକାରମାନଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି। ସେହିଭଳି ଏବେ ସ୍କିଲ୍ ଇଣ୍ଡିଆ ମିଶନ ଅଭିଯାନର ବ୍ରାଣ୍ଡ ଆମ୍ବାସାଡର ଭାବେ ଏହି ଦୁଇ କଳାକାର ଦେଶର ବିଭିନ୍ନ ସ୍ଥାନକୁ ଗସ୍ତ କରିବା ସହ ଭାରତର ଯୁବପିଢ଼ିଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରୋତ୍ସାହିତ କରିବେ।

'ସୁଇ-ଧାଗା' ଚଳଚ୍ଚିତ୍ରରେ ଧାବନ ଜଣେ ଦର୍ଜୀ ଭୂମିକାରେ ଅଭିନୟ କରିଛନ୍ତି। ସେହିପରି ଅନୁଷ୍କା ତାଙ୍କ ପତ୍ନୀ ଭୂମିକାରେ ଅଭିନୟ କରିଥିବା ବେଳେ ଏଥିରେ ସେ ଜଣେ ଏମ୍ବ୍ରୋଡୋରୀ କାରିଗର ଭାବେ ନଜର ଆସୁଛନ୍ତି। କଠିନ ପରିଶ୍ରମ କରି ଦିନେ ବଡ଼ ହେବାକୁ ସ୍ୱପ୍ନ ଦେଖିଥିବା ଏହି ଯୋଡ଼ି ଚଳଚ୍ଚିତ୍ରରେ ଦେଶର କଳା ଓ କାରିଗରି କ୍ଷେତ୍ରରେ ଥିବା ବିକାଶର ଅପାର ସମ୍ଭାବନାକୁ ପ୍ରଦର୍ଶିତ କରିଛନ୍ତି। ଫିଲ୍ମ ଉପରେ ନିଜର ପ୍ରତିକ୍ରିୟା ରଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ବରୁଣ ଧାବନ ଓ ଅନୁଷ୍କା ଶର୍ମା ତାଙ୍କର ଚଳଚ୍ଚିତ୍ର 'ସୁଇ-ଧାଗା' ମାଧ୍ୟମରେ ଦେଶର ଅନନ୍ୟ ତଥା ନଜର ଆଢୁଆଳରେ ଥିବା ମାନବ ସମ୍ବଳ ଦକ୍ଷତାକୁ ଲୋକଲୋଚନକୁ ଆଣିବା ପାଇଁ ଏକ ନିଷ୍ଠାପର ଉଦ୍ୟମ କରିଛନ୍ତି। ଏହି ଚଳଚ୍ଚିତ୍ରରେ ଏକ ବଡ଼ ସାମାଜିକ ବାର୍ତ୍ତା ରହିଛି। ଭାରତ ବିଶ୍ୱର ଏକ ଯୁବଦେଶ। ତେଣୁ ଯୁବପିଢ଼ିଙ୍କର ଦକ୍ଷତା ଓ ଉଦ୍ୟମୀ ହେବାର ଇଚ୍ଛାଶକ୍ତି ଦେଶକୁ ବିଶ୍ୱରେ ଏକ ନୂଆ ପରିଚୟ ଦେବାରେ ସହାୟ ହେବ। ଏହି ଦୁଇ ଅଭିନେତା ସ୍କିଲ୍ ମିଶନରେ ସାମିଲ ହେବା ଦ୍ୱାରା ପ୍ରଧାନମନ୍ତ୍ରୀଙ୍କ ନୂଆ ଭାରତର ସ୍ୱପ୍ନକୁ ଅଧିକ ଶକ୍ତି ମିଳିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ଉଭୟ ବରୁଣ ଧାବନ ଓ ଅନୁଷ୍କା ଶର୍ମା କେନ୍ଦ୍ର ସରକାରଙ୍କ ସ୍କିଲ୍ ଇଣ୍ଡିଆ ମିଶନକୁ ଭୂୟସୀ ପ୍ରଶଂସା କରିଛନ୍ତି। ଭାରତର ଯୁବ ସମାଜକୁ ଦକ୍ଷ ତଥା ସଙ୍ଗଠିତ କରିବା ସହ ଦେଶର ପାରମ୍ପରିକ ଶିଳ୍ପୀ, କଳାକାର ଓ ତତ୍ ସମ୍ବନ୍ଧୀୟ ମାନବ ସମ୍ବଳକୁ ଅଧିକ ରୋଜଗାରକ୍ଷମ କରିବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହାସହ ଦେଶକୁ ପ୍ରଗତିର ରାସ୍ତାରେ ନେବ ବୋଲି ଏହି ଅଭିନେତ୍ରୀ ଓ ଅଭିନେତା ପ୍ରକାଶ କରିଛନ୍ତି। 'ସୁଇ-ଧାଗା' ଫିଲ୍ମରେ ବିଶ୍ୱପ୍ରସିଦ୍ଧ ପିପିଲିର ଚାନ୍ଦୁଆ କାମ ସମ୍ପର୍କରେ ଉଲ୍ଲେଖ ରହିଛି।


ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ବରୁଣ ଧାବନ ଏବଂ ଅନୁଷ୍କା ଶର୍ମା।





ଦେଶର ସବୁଠାରୁ ଧନୀ ବ୍ୟକ୍ତି ମୁକେଶ ଅମ୍ବାନୀ ଓ ନିତା ଅମ୍ବାନୀଙ୍କ ଲାଡ଼ଲି ଇଶା ଅମ୍ବାନୀଙ୍କର ପୁଣି ଥରେ ନିର୍ବନ୍ଧ ହେବାକୁ ଯାଉଛି। ତାହା ପୁଣି ସୁଦୂର ଇଟାଲୀରେ। ଏହା ପୂର୍ବରୁ ମୁମ୍ବାଇରେ ଏକ ପାର୍ଟି ଆୟୋଜିତ ହୋଇସାରିଛି। ହେଲେ ଆସନ୍ତା ୨୧ରେ ଇଶା ପୁଣିଥରେ ତାଙ୍କ ଭାବୀ ପତି ଆନନ୍ଦ ପିରାମଲଙ୍କୁ ମୁଦି ପିନ୍ଧାଇବେ ବୋଲି ଜଣାପଡ଼ିଛି। ବର୍ଷର ଶେଷ ଆଡ଼କୁ ଇଶାଙ୍କ ବିବାହ ଅନୁଷ୍ଠିତ ହେବ ବୋଲି ଶୁଣିବାକୁ ମିଳିଛି।




## ସଂକ୍ଷେପରେ

### ବହୁମୁଖୀ ସ୍ୱାସ୍ଥ୍ୟକର୍ମୀଙ୍କ ପଦବୀ ବଦଳିବ

ଭୁବନେଶ୍ୱର, ୧୮।୯(ବ୍ୟୁରୋ): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ କାର୍ଯ୍ୟରତ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ(ପୁରୁଷ ଓ ମହିଳା)ଙ୍କ ପଦ (ଡେଜିଗ୍‌ନେଶନ) ବଦଳିବ। ଏଣିକି ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ(ପରୁଷ)ମାନେ ବହୁମୁଖୀ ସ୍ୱାସ୍ଥ୍ୟ ସହାୟକ(ଏମ୍‌ପିଏଚ୍‌ଏ) ରୂପେ ପରିଗଣିତ ହେବେ। ସେହିପରି ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ(ମହିଳା)ମାନେ ଏଏନ୍‌ଏମ୍ ଭାବେ ପରିଗଣିତ ହେବେ। ଏ ନେଇ ବିଭାଗର ପ୍ରସ୍ତାବକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ଅନୁମୋଦନ କରିବା ସହିତ ପଦ ବଦଳିବା ନେଇ ଅର୍ଥ ବିଭାଗର ସହମତି ନିମନ୍ତେ ପ୍ରେରଣ କରାଯାଇଛି। ସୂଚନାଯୋଗ୍ୟ, ଏହି ଏମ୍‌ପିଏଚ୍‌ଡବ୍ଲ୍ୟୁ (ପୁରୁଷ ଓ ମହିଳା) ମାନେ ସେମାନଙ୍କ ପଦ (ଡେଜିଗ୍‌ନେଶନ) ପରିବର୍ତ୍ତନ ନିମନ୍ତେ ଦାବି କରିଆସୁଥିଲେ। ସେମାନଙ୍କ ଅନୁରୋଧକୁ ବିଚାରକୁ ନେଇ ସେମାନଙ୍କ ପଦ ପରିବର୍ତ୍ତନ କରାଯାଉଛି ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଅର୍ଥ ବିଭାଗର ସହମତି ମିଳିବା ପରେ ପଦ ବଦଳିବା ସଂକ୍ରାନ୍ତ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ।

# ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ଭୁବନେଶ୍ୱର,୧୮।୯(ବ୍ୟୁରୋ)



■ସକାଳ ୯ଟାରେ ଭୁବନେଶ୍ୱରରେ ପହଞ୍ଚିବେ

■ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପ ଦେବା ପାଇଁ ସରକାରଙ୍କ ଗୁରୁତ୍ୱ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଝାରସୁଗୁଡା ବିମାନବନ୍ଦରକୁ ଉଦ୍‌ଘାଟନ କରିବା ଲାଗି ଆସନ୍ତା ୨୨ରେ ଓଡ଼ିଶା ଗସ୍ତରେ ଆସିବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଶାସନିକ ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପ ଦିଆଯାଉଛି। ମଙ୍ଗଳବାର ଏନେଇ ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ରାଜ୍ୟସ୍ତରୀୟ ସମନ୍ୱୟ ବୈଠକରେ ଆଲୋଚନା କରାଯାଇଛି। ଗୃହ ବିଭାଗ ପ୍ରମୁଖ ଶାସନ ସଚିବ ଅସୀତ କୁମାର ତ୍ରିପାଠୀ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଆସିଥିବା ଗସ୍ତ ସମ୍ବନ୍ଧୀୟ ତଥ୍ୟ ବୈଠକରେ ଉପସ୍ଥାପନ କରିଛନ୍ତି। ବିଭିନ୍ନ ବିଭାଗ ଦ୍ୱାରା କରାଯାଇଥିବା ପ୍ରାକ୍ ପ୍ରସ୍ତୁତିକୁ ମୁଖ୍ୟ ଶାସନ ସଚିବ ପାଢୀ ସମୀକ୍ଷା କରିବା ସହ ପ୍ରୋଟକଲ ଓ ନିରାପତ୍ତାକୁ ପୂର୍ଣ୍ଣଭାବେ ଅନୁପାଳନ କରିବା ଏବଂ ନିର୍ଦ୍ଧାରିତ ସମୟ ପୂର୍ବରୁ ସମସ୍ତ ପ୍ରସ୍ତୁତି ଶେଷ କରିବା ଲାଗି ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକ ଶେଷରେ ପାଢୀ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଗସ୍ତ, ସାଧାରଣ ସଭା ଏବଂ ଯାତାୟାତ ଯେପରି ସୁରୁଖୁରୁରେ ସମ୍ପାଦିତ କରାଯିବ ସେନେଇ ବୈଠକରେ ଖସଡ଼ା ପ୍ରସ୍ତୁତ କରାଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ କରାଯିବ ବୋଲି ସେ କହିଛନ୍ତି। ଆସନ୍ତା ୨୨ ପୂର୍ବାହ୍ନ ୯ଟା ସମୟରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ହେଲିକପ୍ଟର ଯୋଗେ ତାଳଚେର ଅଭିମୁଖେ ଯାତ୍ରା କରିବେ। ତାଳଚେର ଫର୍ଟିଲାଇଜର ପ୍ଲାଣ୍ଟର ଶିଳାନ୍ୟାସ କରି ପୂର୍ବାହ୍ନ ପ୍ରାୟ ୧୦.୩୦ମିନିଟ୍‌ରେ ବକ୍ସି ଜଗବନ୍ଧୁ ଷ୍ଟାଡିୟମଠାରେ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ। ସାଧାରଣ ସଭାପରେ ପ୍ରଧାନମନ୍ତ୍ରୀ ହେଲିକପ୍ଟର ଯୋଗେ ଝାରସୁଗୁଡା ଯାତ୍ରା କରିବେ। ଅପରାହ୍ନ ୧୨.୩୫ରେ ଝାରସୁଗୁଡାଠାରେ ପହଞ୍ଚିବେ। ସେଠାରେ ଝାରସୁଗୁଡା ବିମାନବନ୍ଦର, ଏନ୍‌.ଟି.ପି.ସି. ଖଣି, ଏମ୍‌.ସି.ଏଲ ଖଣି ଏବଂ ରେଳ ଲାଇନକୁ ଜାତି ଉଦ୍ଦେଶ୍ୟରେ ଲୋକାର୍ପଣ କରିବେ। ଏହାପରେ ପ୍ରଧାନମନ୍ତ୍ରୀ ଝାରସୁଗୁଡାର ଆମ୍‌ଲିପାଲିଠାରେ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ। ସବୁ କାର୍ଯ୍ୟକ୍ରମ ପରେ ସେଦିନ ଅପରାହ୍ନ ୨.୨୦ରେ ପ୍ରଧାନମନ୍ତ୍ରୀ ଝାରସୁଗୁଡାରୁ ହେଲିକପ୍ଟର ଯୋଗେ ଛତିଶଗଡ ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି।

# ସିବିଆଇ ଅଫିସରେ ହାଁସଦା

ଭୁବନେଶ୍ୱର, ୧୮।୯(ବ୍ୟୁରୋ)

ସିବିଆଇ ଅଫିସରେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ହାଜର ହୋଇଥିଲେ ମୟୂରଭଞ୍ଜ ଏମ୍‌ପି ରାମଚନ୍ଦ୍ର ହାଁସଦା। ସିବିଆଇ ଅଫିସକୁ ସେ ଯିବାର କାରଣ ସ୍ପଷ୍ଟଭାବେ ଜଣାପଡି ନ ଥିବାବେଳେ ସେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନେବା ପାଇଁ ଆସିଥିବା ସିବିଆଇର ଜଣେ ଅଫିସର କହିଛନ୍ତି। ଏପରି କି ସେ ସିବିଆଇ ଅଫିସରେ ୧ ଘଣ୍ଟା ରହିବା ପରେ ବାହାରକୁ ବାହାରିଥିଲେ। ଗଣମାଧ୍ୟମର ପ୍ରତିନିଧିମାନେ ଖବରପାଇ ସେଠାରେ ପହଞ୍ଚିଥିଲେ ମଧ୍ୟ ସେ ତରବରିଆଭାବେ ଚାଲିଯାଇଥିଲେ। ଅନ୍ୟପଟେ ସିବିଆଇ ତାଙ୍କୁ ନବଦିଗନ୍ତ ଚିଟଫଣ୍ଡ ଠକେଇରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କ ସମ୍ପର୍କରେ ପଚରାଉଚରା କରିଥିବା ଚର୍ଚ୍ଚା ହେଉଛି। ଗତ କିଛିଦିନ ହେବ ଚିଟଫଣ୍ଡ ଠକେଇ ମାମଲାରେ ସିବିଆଇ ତାର ତଦନ୍ତକୁ ଜୋରଦାର କରିଛି। ତେଣୁ ସିବିଆଇ ଏହି ଠକେଇ ସମ୍ପର୍କରେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିବା ପାଇଁ ହାଁସଦାଙ୍କୁ ଡକାଇଥାଇପାରେ ବୋଲି ଆଲୋଚନା ହେଉଛି। ଏ ନେଇ ଏମପି ହାଁସଦା ମୁହଁ ଖୋଲି ନ ଥିବାବେଳେ ସିବିଆଇ ଅଫିସରେ ସେ ହାଜର ହେବା ଘଟଣାକୁ ସାଧାରଣରେ ଭିନ୍ନ ଦୃଷ୍ଟିରେ ନିଆଯାଉଛି। ସିବିଆଇ ପୁଣି ତାର ପୁରୁଣା ପୋଥି ଖୋଲିବାକୁ ଯାଉଛି ବୋଲି ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ, ଚିଟ୍‌ଫଣ୍ଡ ସଂସ୍ଥା ନବଦିଗନ୍ତ କ୍ୟାପିଟାଲ ସର୍ଭିସ୍‌ର ନିର୍ଦ୍ଦେଶକ ଥିଲେ ହାଁସଦା। ଏହି ସଂସ୍ଥା ଲୋକମାନଙ୍କଠାରୁ କୋଟି କୋଟି ଟଙ୍କା ଠକେଇ କରିଥିଲା। ଏ ନେଇ ସିବିଆଇ ତଦନ୍ତ କରିବା ପରେ ୨୦୧୪ ଜୁଲାଇରେ ସିବିଆଇ ହାଁସଦାଙ୍କ ଘରେ ଚଢାଉ କରିଥିଲା। ତାଙ୍କ ଘରୁ ନଗଦ ୨୮ ଲକ୍ଷ ଟଙ୍କା ସହ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିଲା। ୨୦୧୪ ନଭେମ୍ବର ୪ରେ ସିବିଆଇ ତାଙ୍କୁ ଗିରଫ କରିଥିଲା। ଏହାପରେ ତାଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଥିଲା। ସେ ଦୀର୍ଘଦିନ ଧରି ଝାରପଡା ଜେଲରେ ରହିବା ପରେ ଗତ ଜୁଲାଇ ୩ରେ ତାଙ୍କୁ ସୁପ୍ରିମକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ।




# ସାପ-କୁକୁର ଲଢ଼େଇ

## ୨ ଛୁଆକୁ ହରାଇ ଖାଦ୍ୟ ଛୁଉଁନି ମା'

ଭଦ୍ରକ ଅଫିସ,୧୮।୯



ସାପ ସହ କୁକୁରର ଲଢ଼େଇ

ସନ୍ତାନକୁ ହରାଇବାର ଦୁଃଖ ଜଣେ ମା'କୁ କିଭଳି ବ୍ୟାକୁଳ କରେ ଇତର ପ୍ରାଣୀ ନିକଟରେ ମଧ୍ୟ ତାହାର ନଜିର ଦେଖିବାକୁ ମିଳିଥାଏ। ମୃତ୍ୟୁ ସହ ଲଢ଼ିବାକୁ ବି ସେହି ମା' ପଛାଇ ନ ଥାଏ। ଏକ ବିଷଧର ତମ୍ପ ସାପ ସହ ମା' କୁକୁରର ଲଢ଼େଇ ଏଭଳି ଏକ ଦୃଷ୍ଟାନ୍ତ ସୃଷ୍ଟି କରିଛି।

ଭଦ୍ରକ ଜିଲା ଆରଡି କଲେଜର ଜଣେ ଅଧ୍ୟାପକଙ୍କ ଘରେ ଥିବା ଏକ ଶିଡି ତଳେ ଏକ କୁକୁର ୫ଟି ଛୁଆ ଜନ୍ମ ଦେଇଥିଲା। ସୋମବାର ରାତିର ଘଟଣା। ଶିଡ଼ି ତଳକୁ ପଶି ଆସିଥିବା ଏକ ତମ୍ପ ସାପ ସେଠାରେ କୁକୁର ଛୁଆକୁ ଚୋଟ ମାରିଥିଲା। ବିଷ ଜ୍ୱାଳାରେ ଛଟପଟ ହୋଇ ଦୁଇଟି କୁକୁର ଛୁଆ ମରିଯାଇଥିଲେ। ବିଚାରା ମା' କୁକୁର ଛୁଆଙ୍କୁ ହରାଇ ଦୀର୍ଘ ସମୟ ଧରି ସାପ ସହ ଲଢ଼େଇ କରିଥିଲା। ମା' କୁକୁର ଘନ ଘନ ଭୁକିବା ଓ ସାପର ଗର୍ଜନ ଶୁଣି ଘର ମାଲିକ ସେଠାକୁ ଯାଇ ସାପ କୁକୁରର ଲଢ଼େଇ ଦେଖି ଚକିତ ହୋଇପଡ଼ିଥିଲେ। ସାହି ପଡୋଶୀମାନେ ଆସି ଭିଡ ଜମାଇଥିଲା। ଏସମ୍ପର୍କରେ ଭଦ୍ରକର ଜଣାଶୁଣା ସାପ ଧରାଳୀ ମିର୍ଜା ଅରିଫଙ୍କୁ ଖବର ଦିଆଯାଇଥିଲା। ସେ ପହଞ୍ଚି ତମ୍ପ ସାପକୁ ଧରିଥିଲେ। ଦୁଇ ଛୁଆଙ୍କୁ ହରାଇଥିବା ବିଚାରା ମା' କୁକୁର ମଙ୍ଗଳବାର ସାରାଦିନ କିଛି ଖାଇ ନ ଥିବା ଓ ଅନ୍ୟ ୩ ଛୁଆଙ୍କୁ ଛାଡି କୁଆଡ଼େ ଯାଉ ନ ଥିବା ଗ୍ରାମବାସୀ କହିଛନ୍ତି।

Bank of Baroda / बैंक ऑफ़ बड़ौदा

କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର କ୍ଷେତ୍ର, ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨

**ଲିଜ୍ ଭିତ୍ତିରେ ଗୃହ ଆବଶ୍ୟକ**

ବ୍ୟାଙ୍କ ଅଫ ବରୋଦା ଏହାର ଶାଖା ଖୋଲିବା ପାଇଁ ଦୁଇ ବିଡ୍ ବ୍ୟବସ୍ଥା ମାଧ୍ୟମରେ ନିମ୍ନଲିଖିତ ସ୍ଥାନରେ ଲିଜ୍ ଭିତ୍ତିରେ ଆବଶ୍ୟକ କରୁଥିବା ଗୃହ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରୁଅଛି । ଗୃହ ତଳ ମହଲାରେ ହୋଇଥିବା ଆବଶ୍ୟକ।

| | |
|---|---|
| ପଟିଆ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା | ୧୬୦୦ ରୁ ୨୦୦୦ ବର୍ଗଫୁଟ |

ସବିଶେଷ ବିବରଣୀ ନିମନ୍ତେ ଆମ୍ଭର ୱେବସାଇଟ www.bankofbaroda.com ର ଟେଣ୍ଡର ବିଭାଗକୁ ଲଗ୍ ଅନ୍ କରନ୍ତୁ କିମ୍ବା ୦୬୭୪-୨୪୨୧୨୧୦ରେ ଯୋଗାଯୋଗ କରନ୍ତୁ । ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ: ୧୦.୧୦.୨୦୧୮ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ।

ଉପ-ମହାପ୍ରବନ୍ଧକ

ସଂଖ୍ୟା. ୩୧୧୪ ତା. ୧୮.୦୯.୨୦୧୮




ଏତଦ୍ୱାରା ଭୁବନେଶ୍ୱର ମହାନଗର ନିଗମାଂଚଳର ସମସ୍ତ ଗୃହ ମାଲିକ ମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ବି.ଏମ୍.ସି ରେଗୁଲେସନ୍ ଅଫ୍ ଟାକ୍ସ ଅନ୍ ଆର୍ଡଭଟାଇଜ୍‌ମେଂଟ -୨୦୦୬ ଅନୁଯାୟୀ ବି.ଏମ୍.ସି. ର ବିନା ଅନୁମତିରେ ନିଜ ଛାତ ଉପରେ ହୋର୍ଡିଂ ନିର୍ମାଣ ଓ ପ୍ରଦର୍ଶନ ବେଆଇନ ଏବଂ ଅନଧିକାର କାର୍ଯ୍ୟ।

- ଏଣୁ ଆମେ ସମସ୍ତ ଗୃହ ମାଲିକମାନଙ୍କୁ ଅନୁରୋଧ କରୁଅଛୁ କି, ସେମାନେ ବି.ଏମ୍.ସି.ର ବିନା ଅନୁମତିରେ ନିଜ ଘରର ଛାତ ଉପରେ ହୋର୍ଡିଂ ମାରିବା ପାଇଁ ବିଜ୍ଞାପନ ସଂସ୍ଥାଙ୍କୁ ଅନୁମତି ଦିଅନ୍ତୁନାହିଁ।
- ଆମେ ମଧ୍ୟ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ଏବଂ ନାମକରା ସଂସ୍ଥା ଯେଉଁମାନେ କି ଭୁବନେଶ୍ୱର ମହାନଗର ନିଗମାଂଚଳର ଘର ବାହରେ ବିଜ୍ଞାପନ ମାରିବା ପାଇଁ ଇଚ୍ଛୁକ, ସେମାନେ ବିଜ୍ଞାପନ ସଂସ୍ଥା ମାନଙ୍କର ଏହି ବେଆଇନ୍ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଏଥିରେ ଖିଲାପ କଲେ ବି.ଏମ୍.ସି. କଡା ପଦକ୍ଷେପ ନେବ ଏବଂ ନାମକରା ସଂସ୍ଥାମାନଙ୍କର ତାଲିକାକୁ ସର୍ବସାଧାରଣରେ ପ୍ରକାଶ କରାଯିବ, ଯାହା ସଂପୃକ୍ତ ସଂସ୍ଥାର ଭାବମୂର୍ତ୍ତୀ ଉପରେ ପ୍ରଭାବ ପକାଇବ।
- ଛାତ ଉପରେ ହୋର୍ଡିଂ ଲଗାଇ ଥିବା ସମସ୍ତ ସଂସ୍ଥା /ବ୍ୟକ୍ତିଙ୍କୁ ଅନୁରୋଧ କରାଯାଉଅଛି ଯେ, ଭୁବନେଶ୍ୱର ମହାନଗର ନିଗମାଂଚଳରେ ଛାତ ଉପର ହୋର୍ଡିଂ ଗୁଡିକୁ କାଢି ନିଅନ୍ତୁ । ନଚେତ୍ ବି.ଏମ୍.ସି. ତରଫରୁ ଏହା ଆଇନ୍ ଅନୁଯାୟୀ ଉଚ୍ଛେଦ କରାଯିବ ଏବଂ ଉଚ୍ଛେଦ ଦେୟ ସଂପୃକ୍ତ ଗୃହ ମାଲିକଙ୍କୁ ଭରଣା କରିବାକୁ ହେବ। ଆବଶ୍ୟକ ସ୍ଥଳେ ଓଡିଶା ପବ୍ଲିକ୍ ଡିମାଣ୍ଡ ରିକଭରୀ ଆକ୍ଟ-୧୯୬୨ ଅନୁଯାୟୀ ସାର୍ଟିଫିକେଟ୍ କେଶ୍ ରୁଜୁ କରାଯିବ।

ଆୟୁକ୍ତ,
ଭୁବନେଶ୍ୱର ମହାନଗର ନିଗମ

# ୪୮ ଘଣ୍ଟାରେ ଘନୀଭୂତ ହେବ ଲଘୁଚାପ

## ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ପଶ୍ଚିମ କେନ୍ଦ୍ରୀୟ ଓ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଅବପାତ(ଡିପ୍ରେସନ)ରେ ପରିଣତ ହେବ। ଏହାର ପ୍ରଭାବରେ ୧୯ ତାରିଖ ରାତିରୁ ଉପକୂଳ ଓଡ଼ିଶାରେ ବର୍ଷା ଆରମ୍ଭ ହେବ। ୨୦ ତାରିଖରେ ଲଘୁଚାପ ଘନୀଭୂତ ହୋଇ ଉତ୍ତର ଓଡ଼ିଶା ସମେତ ପୁରୀ, କଟକ, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡ଼ା ଆଦି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷିବ। ସେହିପରି ଗଜପତି, ଗଞ୍ଜାମ, ପୁରୀ, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ୨୧ ତାରିଖରେ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ୨୨ ତାରିଖରେ ବର୍ଷା ପରିମାଣ କମିଯିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯିବ।

ଗତ ୨୪ଘଣ୍ଟା ମଧ୍ୟରେ ରାଜ୍ୟରେ କେତେ ସ୍ଥାନରେ ବର୍ଷା ହୋଇଛି। ପୁରୀରେ ୨୩ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଅନୁଗୋଳରେ ୧୨.୬, ସମ୍ବଲପୁରରେ ୧୧.୬, ହୀରାକୁଦ ୪୦.୬, କୋରାପୁଟ ୪୮, ଟିଟିଲାଗଡ଼ ୧୫, ମାଲକାନଗିରି ୧୬ ଏବଂ ଦାରିଙ୍ଗିବାଡିରେ ସର୍ବାଧିକ ୧୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।



2218.2017E

ଯଦି ଭଗବାନଙ୍କର ଗୋଟିଏ ହାତ ମୋତେ ଊର୍ଦ୍ଧ୍ୱସ୍ଥ ସ୍ୱର୍ଗ ଆଡକୁ ଟାଣୁଥାଏ ଏବଂ ଅନ୍ୟ ହାତଟି ମୋତେ ନିମ୍ନସ୍ଥ ନରକ ଭିତରେ ଦାବି ରଖୁଥାଏ– ତେବେ ମୁଁ ନିଶ୍ଚୟ ଊର୍ଦ୍ଧ୍ୱଗାମୀ ହେବା ଲାଗି ପ୍ରୟାସ କରି ଚାଲିବି। –ଶ୍ରୀଅରବିନ୍ଦ



# ମୁକ୍ତ କରନାହିଁ

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ହତ୍ୟା ମାମଲାରେ ବନ୍ଦୀ ଥିବା ସମସ୍ତ ୭ ଦୋଷୀଙ୍କୁ ମୁକ୍ତ କରିବା ଲାଗି ନିକଟରେ ତାମିଲନାଡୁ ସରକାର ରାଜ୍ୟପାଳ ବନୱାରିଲାଲ ପୁରୋହିତଙ୍କୁ ସୁପାରିସ କରିଥିଲେ। ମୁଖ୍ୟମନ୍ତ୍ରୀ ଏଡାପାଡି କେ ପାଲାନିସାମୀଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ୍ ସମ୍ବିଧାନର ଧାରା ୧୬୧ ଅନୁଯାୟୀ ଏ ସଂକ୍ରାନ୍ତ ଏକ ସଂକଳ୍ପକୁ ଗୃହୀତ କରିଥିଲା। ଏଥିରେ ଆଜୀବନ ଜେଲଦଣ୍ଡ ଭୋଗୁଥିବା ନଳିନୀ ଶ୍ରୀହରନ୍, ମୁରୁଗାନ୍ ଓରଫ ଭି. ଶ୍ରୀହରନ୍, ଏ.ଜି. ପେରାରିଭାଲାନ୍ ଓରଫ ଆରିଭୁ, ରବର୍ଟ ପାୟସ୍, ପି. ରବିଚନ୍ଦ୍ରନ୍, ସନ୍ଥନ୍ ଏବଂ ଜୟକୁମାରଙ୍କୁ ଛାଡ଼ କରିଦେବା ଲାଗି କୁହାଯାଇଥିଲା। ପୂର୍ବରୁ ସୁପ୍ରିମକୋର୍ଟ ମଧ୍ୟ ଏମାନଙ୍କ ମୃତ୍ୟୁଦଣ୍ଡକୁ କୋହଳ କରିଦେଇଥିଲେ। ଏଭଳିସ୍ଥଳେ ତାମିଲନାଡୁ ସରକାରଙ୍କ ପଦକ୍ଷେପ ପୂର୍ବରୁ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରା ଦିଆଯାଇଥିବା ରାୟକୁ ବଳ ଦେଇଛି। ଉଲ୍ଲେଖଯୋଗ୍ୟ, ଦୀର୍ଘଦିନ ଧରି ବନ୍ଦୀ ଜୀବନ ବିତାଉଥିବାରୁ ତାଙ୍କୁ ମୁକ୍ତ କରିଦେବା ନେଇ ପେରାରିଭାଲାନ୍ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଅନ୍ୟପକ୍ଷରେ ତାମିଲନାଡୁ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ସମ୍ପୃକ୍ତ ଦୋଷୀଙ୍କୁ ଛଡ଼ା ନ ଯାଉ ବୋଲି ସର୍ବୋଚ୍ଚ ଅଦାଲତଙ୍କୁ କେନ୍ଦ୍ର ଜଣାଇଥିଲା। ଏଭଳିସ୍ଥଳେ ଯେଉଁମାନେ ସୁପ୍ରିମକୋର୍ଟ ଓ ତାମିଲନାଡୁ ସରକାରଙ୍କ ନିଷ୍ପତ୍ତିକୁ ଠିକ୍ ଭାବୁଛନ୍ତି, ସେମାନଙ୍କ ଚିନ୍ତା ଆଦୌ ସମୀଚୀନ ନୁହେଁ। କାରଣ ତାମିଲ ଇଲମ୍ ପାଇଁ ଶ୍ରୀଲଙ୍କାରେ ଚାଲିଥିବା ଆନ୍ଦୋଳନର ମଧ୍ୟ ମୃତ୍ୟୁ ଘଟିସାରିଲାଣି। ସେତେବେଳେ ବିସ୍ଫୋରଣ ଯୋଗୁ ରାଜୀବ ଗାନ୍ଧୀଙ୍କ ନିକଟରେ ଥିବା ଅନ୍ୟ ଲୋକଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ପରିବାରଗୁଡ଼ିକର ମତ ବା ଯୁକ୍ତିକୁ ମଧ୍ୟ ଅଣଦେଖା କରାଯାଇ ନ ପାରେ। ଏହି ଲୋକମାନେ ବିନା କୌଣସି ଦୋଷରେ ନିହତ ହୋଇଥିଲେ ଏବଂ ଏଲ୍‌ଟିଟିଇର ଲକ୍ଷ୍ୟ ସହ ଏମାନଙ୍କର କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନ ଥିଲା।

ତାମିଲନାଡୁ ସରକାରଙ୍କ ସଂକଳ୍ପ ପରିପ୍ରେକ୍ଷୀରେ ବିସ୍ଫୋରଣର ଶିକାର ହୋଇଥିବା ଅନ୍ୟ ପୀଡ଼ିତଙ୍କ ସମ୍ପର୍କୀୟମାନେ ଦୋଷୀଙ୍କ ବିରୋଧରେ କରିଥିବା ଆବେଦନରେ ସଂଶୋଧନ ଆଣିବା ସକାଶେ ସୁପ୍ରିମକୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ସଂକୀର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ଚରିତାର୍ଥ ପାଇଁ ତାମିଲନାଡୁ ସରକାର ସେମାନଙ୍କ ଦୁର୍ଦ୍ଦଶାକୁ ଅଣଦେଖା କରି ଏଭଳି ପଦକ୍ଷେପ ନେଇଥିବାରୁ ନିରୀହ ପୀଡ଼ିତଙ୍କ ପରିବାର ତାହାକୁ ସମାଲୋଚନା କରିଛନ୍ତି। ରାଜ୍ୟ ସରକାରଙ୍କ ଏଭଳି ପଦକ୍ଷେପ ଦ୍ୱାରା ପୀଡ଼ିତଙ୍କ ପରିବାରବର୍ଗଙ୍କ ଉପରେ ଖରାପ ପ୍ରଭାବ ପଡ଼ିବା ସହ ଭବିଷ୍ୟତ ପାଇଁ ଏକ ଭୁଲ ପରମ୍ପରା ସୃଷ୍ଟି ହୋଇଯିବ ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି। ଏମିତି ଦେଖିଲେ କୋର୍ଟ ଆଦେଶ ପାଳନ କରିବାରେ ଅହେତୁକ ବିଳମ୍ବ ହେବା ଦର୍ଶାଇ ସୁପ୍ରିମକୋର୍ଟ ପୂର୍ବରୁ ଦୋଷୀମାନଙ୍କ ମୃତ୍ୟୁଦଣ୍ଡକୁ କୋହଳ କରିସାରିଛନ୍ତି। ଏହି ପରିପ୍ରେକ୍ଷୀରେ କୁହାଯାଇପାରେ ଯେ, ଯେଉଁମାନେ ନିଜେ ସମ୍ପୃକ୍ତ ନ ରହି ଅନ୍ୟମାନଙ୍କୁ ବ୍ୟବହାର କରି ଏକପ୍ରକାର ଗଣହତ୍ୟା କରାଇ ଦିଅନ୍ତି, ସେଭଳି ମଣିଷଙ୍କୁ ଏବେ ତାମିଲନାଡୁ ସରକାର ଓ ଏହା ପୂର୍ବରୁ ସର୍ବୋଚ୍ଚ ଅଦାଲତ ମଧ୍ୟ ସ୍ୱାଧୀନ ନାଗରିକ ହୋଇ ଚାଲିବା ପାଇଁ କେଉଁ କାରଣରୁ ସୁପାରିସ କରିଥିଲେ ତାହା ବୁଝିବା ଅତ୍ୟନ୍ତ କଷ୍ଟକର। ପ୍ରତ୍ୟେକ ଘଟଣା ସହିତ ରାଜନୀତିକୁ ଯୋଡ଼ିଦେବା ସମାଜ ପାଇଁ କ୍ଷତିକାରକ ହେବାର ସବୁ ଆଶଙ୍କା ରହିଛି। ତେଣୁ ରାଜୀବ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କୁ ମୁକ୍ତ କରିଦେବା ଅନ୍ୟାୟ ହେବ।

ପାର୍ଲାମେଣ୍ଟ ଆକ୍ରମଣକାରୀଙ୍କୁ ଫାଶୀଖୁଣ୍ଟରେ ଝୁଲାଇ ଦେବା ହେଉ ବା ନାବାଳିକାଙ୍କୁ ବଳାତ୍କାର କରୁଥିବା ବ୍ୟକ୍ତିଙ୍କୁ ମୃତ୍ୟୁଦଣ୍ଡ ଦେବା ଭଳି ନୂଆ ନିୟମ ଅଣାଯାଇଥିବା ବେଳେ ରାଜୀବ ହତ୍ୟା ମାମଲାରେ ବନ୍ଦୀମାନଙ୍କୁ ମୁକୁଳାଇବା ନେଇ ହେଉଥିବା ପ୍ରୟାସ ନିଶ୍ଚିତ ଭାବେ ଭାରତୀୟ ନ୍ୟାୟ ବ୍ୟବସ୍ଥାକୁ ବଦନାମ କରିବାର ସମ୍ଭାବନା ରହିଛି। ଯେଉଁମାନେ ହତ୍ୟାକାରୀଙ୍କୁ ଛାଡ଼ିଦେବା ପାଇଁ ଯୁକ୍ତି ବାଢୁଛନ୍ତି ସେମାନଙ୍କୁ ପ୍ରଶ୍ନ ପଚରାଯାଇପାରେ ଯେ ପୀଡ଼ିତଙ୍କ ସ୍ଥାନରେ ଯଦି ସେମାନଙ୍କ ମାତାପିତା, ସ୍ୱାମୀ/ସ୍ତ୍ରୀ, ପିଲା କିମ୍ବା ଘନିଷ୍ଠ ବନ୍ଧୁମାନଙ୍କ କ୍ଷେତ୍ରରେ ଏଭଳି ଘଟିଥିଲେ, ସେମାନେ ଅପରାଧୀଙ୍କୁ କ୍ଷମା ଦେଇଥାନ୍ତେ କି। ନିଜକୁ ପ୍ରଭାବିତ କରୁ ନ ଥିବା ପରିବେଶରେ ବସି ବିଚାର କରିବା ଆମ ସମସ୍ତଙ୍କ ପାଇଁ ସହଜ। କିନ୍ତୁ ଯେତେବେଳେ ଆମ ନିଜ ଉପରେ ବିପଦ ମାଡ଼ିଆସେ, ସେତେବେଳେ ଆମେ କେତେ ନିରପେକ୍ଷ ବିଚାର କରିପାରିବା, ତାହା ହେଉଛି ଆଲୋଚ୍ୟ ବିଷୟ। ଏହି ପ୍ରଚ୍ଛଦପଟରେ ରାଜୀବ ହତ୍ୟା ଘଟଣାକୁ ରଚାଇଥିବା ବ୍ୟକ୍ତିମାନଙ୍କୁ ଯଦି ଖଲାସ କରିଦିଆଯାଏ, ତେବେ ତାହା ଅନ୍ୟାୟର ଶିକାର ହୋଇଥିବା ପ୍ରତ୍ୟେକ ମଣିଷ ପ୍ରତି ଘୋର ଅବିଚାର ବୋଲି କହିହେବ।

## ଚିରନ୍ତନୀ

ଚକିତ ହରିଣୀ–ନୟନ ଚାହିଁଛି
　　ମୋହରି ମିଳନ ଆଶେ,
କୁସୁମ କଳିକା ମଉନେ ରହିଛି
　　ମୋହରି ବିରହ ପ୍ରାସେ।

(ବିଶ୍ୱର ଆହ୍ୱାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | D | | | | | | 9 | | E | | 3 | B |
| | | E | 6 | | | | | | | 0 | | 8 | | |
| | | | | | A | | 5 | 0 | 2 | | 4 | | | 7 |
| | 9 | 3 | | | B | | | 6 | | | | | | 4 |
| D | C | | | | | | | 4 | | | | 5 | | |
| | D | | | | | | | 2 | A | | | | | |
| | 2 | | 8 | | | | | 7 | | | 1 | | | 5 |
| 5 | | | 4 | | 6 | 3 | | 1 | | B | | A | | 2 |
| | 0 | | 3 | | 1 | | | | 4 | | | D | | |
| | | 4 | B | | | | | A | C | D | 3 | | | |
| | B | | 2 | | 4 | 1 | E | | | A | 8 | | D | |
| | 8 | 9 | | | | | | D | B | | 0 | | 1 | 6 |
| | | | | 6 | | | | | E | | 9 | 3 | | |
| | | A | | | | 4 | 0 | | | | | | 8 | E |
| | | C | | | | | B | | | | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | A | 4 | 7 | 2 | E | 9 | 5 | 6 | 8 | D | 1 | 0 | C | 3 |
| 7 | 5 | 9 | D | C | B | 4 | E | 8 | 0 | A | 3 | 2 | 6 | 1 |
| 2 | 8 | 1 | 3 | 5 | 6 | B | C | 0 | E | 9 | 7 | A | D | 4 |
| 3 | 0 | D | 8 | 1 | 9 | A | 2 | 7 | 6 | C | 4 | E | 5 | B |
| E | 6 | C | 0 | A | 4 | 3 | 1 | D | 2 | B | 5 | 9 | 8 | 7 |
| 4 | 3 | A | 1 | E | 2 | C | 7 | B | 5 | 6 | D | 8 | 9 | 0 |
| 1 | 7 | 2 | 4 | B | A | 5 | D | E | 9 | 8 | 0 | C | 3 | 6 |
| 9 | B | 0 | 6 | 7 | 8 | 2 | 3 | 4 | A | E | C | 5 | 1 | D |
| 8 | C | E | 5 | D | 0 | 6 | A | 9 | 1 | 3 | B | 7 | 4 | 2 |
| 6 | D | 5 | 9 | 3 | C | 8 | 0 | 1 | 7 | 4 | 2 | B | A | E |
| 0 | 4 | 7 | C | 9 | D | E | B | 5 | 3 | 1 | 8 | 6 | 2 | A |
| C | 1 | B | A | 6 | 7 | D | 9 | 2 | 4 | 5 | E | 3 | 0 | 8 |
| A | E | 6 | 2 | 8 | 5 | 0 | 4 | 3 | D | 7 | 9 | 1 | B | C |
| D | 9 | 3 | B | 0 | 1 | 7 | 8 | A | C | 2 | 6 | 4 | E | 5 |
| 5 | 2 | 8 | E | 4 | 3 | 1 | 6 | C | B | 0 | A | D | 7 | 9 |

ଗତକାଲିର ଉତ୍ତର

# ଅତୁଲ୍ୟ ଭାରତର ଅନନ୍ୟ ନିର୍ମାତା



ସମ୍ପନ୍ନା ପାତ୍ର

ବର୍ଷତମାମ ଆମ୍ଭେମାନେ ଜାତୀୟ ହେଉ ବା ଆଞ୍ଚଳିକ ସ୍ତରରେ କିଛି ନା କିଛି ଉତ୍ସବ ପାଳନ କରିଥାଉ ଆମ ମହାନ୍ ପୂର୍ବସୂରୀମାନଙ୍କ ସମ୍ମାନାର୍ଥେ। ସେମାନଙ୍କ ବଳିଦାନକୁ ମନେପକାଇଥାଉ, ସେମାନଙ୍କ ନିଃସ୍ୱାର୍ଥ ତ୍ୟାଗକୁ ବାସ୍ତବ ଜୀବନରେ ଆପଣେଇବାକୁ ସଙ୍କଳ୍ପ କରିଥାଉ। ସେମାନେ ଆମର ଚିର ବନ୍ଦନୀୟ, ଚିର ନମସ୍ୟ। ପ୍ରତ୍ୟେକ ଭାରତୀୟ ସର୍ବଦା ସେମାନଙ୍କଠାରେ ନତମସ୍ତକ। ସ୍ୱାଧୀନତା ପରଠାରୁ ଭାରତ ପ୍ରାୟତଃ ସବୁକ୍ଷେତ୍ରରେ ଉନ୍ନତି କରୁଛି। ବର୍ତ୍ତମାନ ସମୟରେ ସବୁଠାରୁ ଦ୍ରୁତଗତିରେ ବଢୁଥିବା ଅର୍ଥନୀତି ହେଉଛି ଭାରତ। ଏହିସବୁ ଯଶକୀର୍ତ୍ତିର ଅଧିକାରୀ ଆମେ କାହାକୁ କହିବା ? ନେତା, ମନ୍ତ୍ରୀ, ଅମଲା, ବୁଦ୍ଧିଜୀବୀ ନା ଉଦ୍ୟୋଗପତି, କହିବାକୁ ଗଲେ ଏହି ସଫଳତାର ହକ୍‌ଦାର ଆମେ ସମସ୍ତେ। ସମସ୍ତଙ୍କ ସାମଗ୍ରିକ ଉଦ୍ୟମ ଯୋଗୁ ଭାରତ ଆଜି ସଫଳ। ଭାରତକୁ ସଫଳ ହେବା ପାଇଁ ପାହାଚ ପାହାଚ ଦେଇ ଯିବାକୁ ପଡିଛି। ଆମମାନଙ୍କୁ ସବୁବେଳେ ଶୀର୍ଷ ଆଗ ଦେଖାଯାଏ, କିନ୍ତୁ କେବେ ଆମେମାନେ ବହୁତଳେ ଥିବା ପାହାଚ ସବୁର କଥା ଭାବିଚେ କି? ନିମ୍ନରେ ଥିବା ପାହାଚମାନେ ଅବହେଳାର ଶିକାର ହେଉନାହାନ୍ତି କି ? ଆମେମାନେ ସେମାନଙ୍କୁ ଅଣଦେଖା କରୁନାହେଁ ତ ?

ଏହି ଆଲେଖ୍ୟଟି ସେହି ତଳ ସୋପାନରେ ରହି କାର୍ଯ୍ୟ କରୁଥିବା ସାଧାରଣ ଭାରତୀୟଙ୍କ ପାଇଁ, ଯେଉଁମାନଙ୍କ ଯୋଗୁ ସମ୍ପୂର୍ଣ୍ଣ ବ୍ୟବସ୍ଥାର ସନ୍ତୁଳନ ବଜାୟ ରହିପାରିଛି। ପ୍ରଥମେ ଆଲୋଚନା କରିବା ଆମ ନବଭାରତର ପ୍ରଥମ ନାୟକ ଆମ ଚାଷୀଭାଇ କଥା। ଚାଷୀଭାଇଟି ଆମର ଅନ୍ନଦାତା। କିନ୍ତୁ ବର୍ତ୍ତମାନ ସମୟରେ ଆମେ ଟିଭି ପରଦାରେ ଚାଷୀ ଆତ୍ମହତ୍ୟା କଥା ଦେଖୁଛେ, ଚାଷକାମ ଛାଡି କୃଷକଟି ଦାଦନ ଖଟିବାକୁ ଯାଉଛି ବୋଲି ଖବରକାଗଜରୁ ପଢୁଛେ। ଏସବୁ କଥା ହେବା ବି ସ୍ୱାଭାବିକ, କାରଣ କୃଷକଟିକୁ ତା’ ପରିଶ୍ରମର ଉଚିତ ମୂଲ୍ୟ ମିଳୁନାହିଁ। ଚାଷ ଜମି ସବୁକୁ ଏବେ ଉଦ୍ୟୋଗ ସ୍ଥାପନ ପାଇଁ ଦିଆଯାଉଛି। ଦିନ ଆସିବ ଆମ ଚାରିପାଖ କଳକାରଖାନାରେ ଭରିଯିବ। ଆମ ପାଖରେ ପର୍ଯ୍ୟାପ୍ତ ଟଙ୍କା ଥିବ କିନ୍ତୁ ଟଙ୍କାକୁ ଉପଯୋଗ କରି ମଧ୍ୟ ଆମେ ପେଟ ଭରିବା ପାଇଁ ଖାଦ୍ୟ କିଣିପାରୁ ନ ଥିବା। ଭବିଷ୍ୟତର ସେ ଦୃଶ୍ୟ କେତେ ଦୟନୀୟ ହୋଇପାରେ ତାହା ଆମେ କଳ୍ପନା କରିପାରିବା ନାହିଁ।

ଏବେ ଆଲୋଚନା କରିବା ଆମ ଚାକଚକ୍ୟଭରା ବିଳାସପୂର୍ଣ୍ଣ ସହରଗୁଡ଼ିକର ଅସଲ କାରିଗର ଆମ ଶ୍ରମିକ ଭାଇ କଥା। ଆପଣ ଯେଉଁଆଡେ ବି ଆଖି ବୁଲାନ୍ତୁ, ସେ ଉଚ୍ଚରୁ ଉଚ୍ଚତମ ଅଟ୍ଟାଳିକା ହେଉ, ଫ୍ଲାଏଓଭର, ଚକାଚକ ରାସ୍ତା କିମ୍ବା ଆମ ପ୍ରାଚୀନ ଐତିହାସିକ କୀର୍ତ୍ତିରାଜି, ସବୁଠି ଆପଣମାନେ ଶ୍ରମିକମାନଙ୍କର ଅତୁଟ ପରିଶ୍ରମର ପରିଚୟ ପାଇବେ। ନିଜ ଝାଳ ଓ ରକ୍ତକୁ ଏକ କରି, ଖରାତରାକୁ ଖାତିର ନ କରି, ବେଳେବେଳେ ନିଜ ଜୀବନକୁ ବାଜି ଲଗାଇ ସେମାନେ ଆମ ଜୀବନକୁ ସୁଖସୁବିଧାରେ ଭରିଥାନ୍ତି। କୋଣାର୍କ ଏବଂ ତାଜମହଲ କିଏ ବନେଇଛନ୍ତି ପ୍ରଶ୍ନର ଉତ୍ତର ସବୁବେଳେ ଆସେ ଜଣେ ରାଜା ଏବଂ ଜଣେ ବାଦ୍‌ଶାହ। ସେ ରାଜା ଆଉ ବାଦ୍‌ଶାହଙ୍କୁ ସମସ୍ତେ ମନେରଖିଛନ୍ତି। କିନ୍ତୁ କେତେଜଣ ଆମେ ସେଇ ଶ୍ରମିକମାନଙ୍କୁ ମନେ ରଖିଛେ ? ଯେଉଁମାନଙ୍କ ଲହୁରେ ଆଜି ଏହିସବୁ ବିଶ୍ୱଚର୍ଚ୍ଚିତ କୀର୍ତ୍ତିରାଜି ଛିଡା ହୋଇଛି। ଜଣେ ଶ୍ରମିକ କ’ଣ ଏହି ସୁନାମର ହକ୍‌ଦାର ନୁହେଁ ?

ଆମେମାନେ ଭଲ ଖାଦ୍ୟ ଖାଉଛେ ଆଉ ଭଲ ଘରେ ରହୁଛେ। ନିର୍ଭୟରେ ଦେଶସାରା ବୁଲୁଛେ। କେବେ ଭାବିଛେ ଯଦି ଏମିତି ବୁଲୁବୁଲୁ ପଡୋଶୀ ଦେଶ ଆମ ଉପରେ ଆକ୍ରମଣ କରିଦିଏ, କ’ଣ ହେବ ? ନିଶ୍ଚିନ୍ତ ରୁହନ୍ତୁ, କାରଣ ଏଭଳି କିଛି ବିପତ୍ତି ଆସିବ ହିଁ ନାହିଁ, କାହିଁକି ନା ଆମ ଯବାନ ଭାଇମାନେ ଦିନରାତି ଆମ ଦେଶର ସୀମାରେ ପହରା ଦେଉଛନ୍ତି। ସେମାନେ ସାରାରାତି ଜାଗ୍ରତ ରହି ସୀମାର ସୁରକ୍ଷା କରୁଛନ୍ତି, ଯାହାଦ୍ୱାରା ଆମେ ନିଶ୍ଚିନ୍ତରେ ପରିବାର ସହ ଘରେ ଶୋଇପାରୁଛେ। ସେମାନେ ତାଙ୍କ ହୋଲି, ଦିୱାଲୀ, ଇଦ୍ ତ୍ୟାଗ କରୁଛନ୍ତି, ସେଥିପାଇଁ ଆମେମାନେ ବିନା ଭୟରେ ନିଜ ପରିବାର ସହ ଉତ୍ସବ ପାଳନ କରୁଛେ। ଖାଲି ସୀମାରେ ନୁହେଁ, ଦେଶର ଅଭ୍ୟନ୍ତରରେ କିଛି ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ଆମ ସେନା ସାଧାରଣ ଜନତାଙ୍କ ସେବାରେ ମଧ୍ୟ ଲାଗନ୍ତି। ନିକଟରେ କେରଳର ବିଧ୍ୱଂସକାରୀ ବନ୍ୟାରେ ପ୍ରପୀଡିତ ଲୋକଙ୍କ ଉଦ୍ଧାର କାର୍ଯ୍ୟରେ ସେନାର ଉଦ୍ୟମ ପ୍ରଶଂସନୀୟ। ସେମାନେ କୌଣସି ନେତା, ମନ୍ତ୍ରୀ, ଅଭିନେତା ଏବଂ କ୍ରିକେଟ ଖେଳାଳିଙ୍କଠାରୁ କିଛି କମ୍ ନୁହନ୍ତି, ବରଂ ସେମାନଙ୍କଠାରୁ ଢେର୍ ଅଧିକ। ସେମାନେ ଶୌର୍ଯ୍ୟ, ଅନୁଶାସନ ଏବଂ ଏକତାର ପ୍ରତୀକ।

ଗୋଟିଏ ଦେଶର ଉନ୍ନତି ଏହାର ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା ବ୍ୟବସ୍ଥା ଉପରେ ପୂର୍ଣ୍ଣଭାବରେ ନିର୍ଭରଶୀଳ। ଗୋଟିଏ ଦେଶର ସ୍ୱାସ୍ଥ୍ୟସେବା ଯେତିକି ଉନ୍ନତ ହୋଇଥାଏ, ସେ ଦେଶର ଜନସାଧାରଣଙ୍କ କାର୍ଯ୍ୟଦକ୍ଷତା ଏବଂ କର୍ମପ୍ରବଣତା ସେତିକି ଉତ୍ସାହଜନକ। ଆଉ ଏହି ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଉପାନ୍ତ ଅଞ୍ଚଳ ଏବଂ ଅଖ୍ୟାତ ପଲ୍ଲୀରେ ପହଞ୍ଚାଇଥାନ୍ତି କେତେକ ନିଃସ୍ୱାର୍ଥପର ଡାକ୍ତର। ବହୁ ଡାକ୍ତର ଅତ୍ୟାଧୁନିକ ସୁବିଧାବିହୀନ ଉପାନ୍ତ ଅଞ୍ଚଳକୁ ଯିବା ପାଇଁ ପସନ୍ଦ କରୁନାହାନ୍ତି କିମ୍ବା ଚାକିରି କାଳରେ ମଧ୍ୟ ଜନସେବା ପ୍ରତି ବିମୁଖ ରହୁଛନ୍ତି। କିନ୍ତୁ ଏହି କେତେକଙ୍କ ଦ୍ୱାହିଦେଇ ଆମେ ପୂରା ଡାକ୍ତର ସମାଜକୁ ଉପେକ୍ଷା କରିପାରିବା ନାହିଁ। ବହୁ ଡାକ୍ତରଙ୍କର ନିଃସ୍ୱାର୍ଥ ସେବା ଉଦାହରଣୀୟ। ମାଓବାଦୀପ୍ରବଣ ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲାର ଡାକ୍ତର ଓମ୍‌କାର ହୋତା ଯେ କି କୌଣସି ସାହାଯ୍ୟକୁ ଅପେକ୍ଷା ନ କରି ସଦ୍ୟ ପ୍ରସବା ଜଣେ ମହିଳାଙ୍କୁ ଖଟିଆରେ ବୁହାଇ ୧୦ କିଲୋମିଟର ରାସ୍ତା ପାଦରେ ଚାଲି ଚାଲି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ଆଉ ଜଣେ ହେଉଛନ୍ତି ଡାକ୍ତର ଯଜ୍ଞଦତ୍ତ ରଥ ଯେ କି କନ୍ଧମାଳ ଜିଲା ଜଙ୍ଗଲରେ ପ୍ରସବ ବେଦନାରେ ଆକୁଳ ହେଉଥିବା ଆସନ୍ନପ୍ରସବା ମହିଳାଟି ପାଖରେ ୧୨ କିଲୋମିଟର ପାହାଡିଆ ରାସ୍ତା ପାଦରେ ଚାଲିଚାଲି ପହଞ୍ଚିଥିଲେ। ସେଇ ୨ ମହିଳାଙ୍କ ପାଇଁ ଏହି ୨ ଯୁବ ଡାକ୍ତର କୌଣସି ଦେବଦୂତଠାରୁ କମ୍ ନୁହନ୍ତି। ଏଠାରେ ଆମେ ଆଉ ଜଣେ ଡାକ୍ତର ଦମ୍ପତିଙ୍କୁ କେମିତି ଭୁଲିପାରିବା। ସେ ୨ଜଣ ହେଲେ ମହାରାଷ୍ଟ୍ରର ରମଣ ମାଗ୍‌ସେସେ ପୁରସ୍କାରପ୍ରାପ୍ତ ପ୍ରକାଶ ଏବଂ ମନ୍ଦାକିନୀ ଆପ୍‌ତେ ଯେ କି ପୂରା ଜୀବନ ଆଦିବାସୀ ଲୋକଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଦେଇଛନ୍ତି। ବିଳାସପୂର୍ଣ୍ଣ ଜୀବନଠାରୁ ଦୂରରେ ବଣଜଙ୍ଗଲଘେରା ଅଞ୍ଚଳରେ ରହି ଆଦିବାସୀଙ୍କ ସେବା କରୁଛନ୍ତି।

ଏହି ଆଲେଖ୍ୟର ଅନ୍ତିମ ପର୍ଯ୍ୟାୟରେ ଆମେ ଦୃଷ୍ଟିପାତ କରିବା ଆମର ପୂଜ୍ୟ ଶିକ୍ଷକମାନଙ୍କ କଥା, ଯେଉଁମାନେ ଦେଶ ଗଠନରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଇଥାନ୍ତି। ସ୍ୱାସ୍ଥ୍ୟସେବା ଯଦି ଗୋଟେ ଦେଶର ହୃତ୍‌ପିଣ୍ଡ ହୁଏ ତେବେ ଶିକ୍ଷା ବ୍ୟବସ୍ଥା ହେଉଛି ମସ୍ତିଷ୍କ। କିପରି ଭୁଲିପାରିବା ଆମ ପ୍ରାଚୀନ ଭାରତର ପ୍ରଖ୍ୟାତ ଶିକ୍ଷକ ଚାଣକ୍ୟଙ୍କୁ, ଯିଏ ଚନ୍ଦ୍ରଗୁପ୍ତଙ୍କ ଭଳି ପରାକ୍ରମୀ ଏବଂ ପ୍ରଜାବତ୍ସଳ ସମ୍ରାଟ୍‌ଙ୍କୁ ଗଢିଥିଲେ କିମ୍ବା ଆଜିର ଆଧୁନିକ ଭାରତର ଆନନ୍ଦ କୁମାରଙ୍କୁ ଯିଏ ହଜାର ହଜାର ଗରିବ ଓ ମେଧାବୀ ଛାତ୍ରଙ୍କ ଆଇଆଇଟି ପଢ଼ିବାର ସ୍ୱପ୍ନକୁ ବିନା ଅର୍ଥଲୋଭରେ ପୂରଣ କରୁଛନ୍ତି। ଆଉ ମଧ୍ୟ ଚିରସ୍ମରଣୀୟ ରମଣ ମାଗ୍‌ସେସେ ପୁରସ୍କାରପ୍ରାପ୍ତ ଲଦାଖର ସୋନମ୍ ୱାଙ୍ଗ୍‌ଚୁକ୍, ଯାହାଙ୍କ ଶିକ୍ଷାଦାନ ପଦ୍ଧତି ଚିରାଚରିତ ଢଙ୍ଗଠାରୁ ସମ୍ପୂର୍ଣ୍ଣ ଭିନ୍ନ, ଯାହା ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ଏକ ନୂତନ ଦିଶା ପ୍ରଦାନ କରୁଛି।

ଉପରୋକ୍ତ ବ୍ୟକ୍ତିବିଶେଷମାନେ କେହି କାହା ସହ ତୁଳନୀୟ ନୁହନ୍ତି, ସମସ୍ତେ ଅତୁଳନୀୟ, ସମସ୍ତେ ନିଜ ନିଜ ସ୍ଥାନରେ ସ୍ୱତନ୍ତ୍ର। ଦେଶ ଗଠନରେ ସମସ୍ତେ ସମାନ ଭାବେ ଅଂଶୀଦାର। ସମସ୍ତଙ୍କ ନିଃସ୍ୱାର୍ଥ ଅବଦାନରେ ଭାରତ ହୋଇଛି ‘ଅତୁଳ୍ୟ ଭାରତ’। ଆମ ଦେଶର ଦିବଂଗତ ମହାପୁରୁଷମାନଙ୍କ ସହ ଏମାନେ ମଧ୍ୟ ନିତ୍ୟ ସ୍ମରଣୀୟ।

ଅତଶପୁର, କଟକ, ମୋ:୯୪୩୯୬୯୬୬୫୭,
sampannapatra069@gmail.com

# ପୋଷାକ ଓ ପୌରୁଷ



ଡ. ରମେଶ ଚନ୍ଦ୍ର ପରିଡ଼ା

ସୁପ୍ରସିଦ୍ଧ ବିଜ୍ଞାନ ଲେଖକ ରବିନସ୍ କୁକ୍‌ଙ୍କ ବିଚାରରେ ‘ପ୍ରତ୍ୟେକ ଜୀବର ସ୍ୱତଃସ୍ଫୂର୍ତ୍ତ ପ୍ରବୃତ୍ତି ହେଲା ନିଜ ପ୍ରତିରୂପ ବା ସନ୍ତାନ ସୃଷ୍ଟି। କ୍ଷୁଦ୍ରାତିକ୍ଷୁଦ୍ର ଜୀବାଣୁଠାରୁ ଆରମ୍ଭ କରି ବିଶାଳକାୟ ତିମି ଏବଂ ମେଧାବୀ ମଣିଷ ପର୍ଯ୍ୟନ୍ତ ସମସ୍ତଙ୍କଠାରେ ଏହା ବିଦ୍ୟମାନ। ନିମ୍ନଶ୍ରେଣୀର ଜୀବମାନେ ତାହା ସମାହିତ କରିଥାନ୍ତି ଅଲିଙ୍ଗୀ ଜନନ ମାଧ୍ୟମରେ ଏବଂ ଉନ୍ନତ ତଥା ଜଟିଳ ଗଛଲତା ଓ ପ୍ରାଣୀମାନଙ୍କ କ୍ଷେତ୍ରରେ ସେଥିପାଇଁ ଲୋଡ଼ାହୁଏ ଲିଙ୍ଗୀୟ ଜନନ। ଦୁଇ ବିପରୀତ ଲିଙ୍ଗବିଶିଷ୍ଟ ପ୍ରାଣୀଙ୍କ ମିଳନରୁ ଉତ୍ପନ୍ନ ହୁଏ ଶାବକ। ପ୍ରକୃତି ମଣିଷ ସମେତ ସମସ୍ତ ଉଚ୍ଚଶ୍ରେଣୀର ପ୍ରାଣୀଙ୍କଠାରେ ଯୌନ କାମନାକୁ ତୀବ୍ର କରିବାର ଏହା ହିଁ ଅସଲ ଉଦ୍ଦେଶ୍ୟ। ତେବେ ମଣିଷଠାରେ ବିଶେଷକରି ପୁରୁଷ କ୍ଷେତ୍ରରେ ଏ ଦକ୍ଷତା ହ୍ରାସ ପାଇବାରେ ଲାଗିଛି। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ‘ଦ ଜର୍ନାଲ ଅଫ୍ ହ୍ୟୁମାନ୍ ରିପ୍ରଡକ୍‌ଶନ୍’ ପତ୍ରିକାରେ ପ୍ରକାଶିତ ବିବରଣୀ ଅନୁସାରେ, ୨୦୦୧ ମସିହା ବେଳକୁ ୩୪% ପୁରୁଷଙ୍କଠାରେ ଶୁକ୍ରକୀଟ ସାଧାରଣ ମାତ୍ରାଠାରୁ କମ୍ ଥିଲା, ଯାହାକି ୨୦୧୧ ମସିହା ବେଳକୁ ପହଞ୍ଚିଯାଇଥିଲା ୬୫%ରେ। ଏହି ସମୟ ମଧ୍ୟରେ ସମ୍ପୂର୍ଣ୍ଣ ତ୍ରୁଟିମୁକ୍ତ ଶୁକ୍ରଧାରୀଙ୍କ ସଂଖ୍ୟା ୧୯% ହ୍ରାସ ପାଇଥିଲା।

ଏହାର କାରଣ ବହୁମୁଖୀ। ସେଥିମଧ୍ୟରୁ ବିବର୍ତ୍ତନୀୟ ପରିବର୍ତ୍ତନ ସର୍ବଦା ମନ୍ଥର ହୋଇଥିବା ଦୃଷ୍ଟିରୁ ପରିବେଶ ଓ ଜୀବନଶୈଳୀରେ ପରିବର୍ତ୍ତନକୁ ଏହାର ମୁଖ୍ୟ କାରଣ ବୋଲି ଧରାଯାଇ ପାରିବ। ପରିବେଶରେ ଡିଡିଟି, ବିଏଚ୍‌ସି ଆଦି କୀଟାଣୁନାଶକ ତଥା ଅନ୍ୟାନ୍ୟ ରସାୟନର ମାତ୍ରା ବୃଦ୍ଧି ଏବଂ ପଶୁପାଳନ ଓ କୃଷିରେ ବିବିଧ ହରମୋନ୍ ଓ ରାସାୟନିକ ଦ୍ରବ୍ୟର ବ୍ୟାପକ ବ୍ୟବହାର ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ତେବେ ଆମେ ପିନ୍ଧୁଥିବା ପୋଷାକ ମଧ୍ୟ ଏହାକୁ ପ୍ରଭାବିତ କରିପାରେ ବୋଲି ନିକଟରେ ମତ ଦେଇଛନ୍ତି ଆମେରିକାସ୍ଥିତ ବୋଷ୍ଟନର ହାର୍ଭାର୍ଡ ଟି.ଏଚ୍. ଚାନ୍ଦ୍ ସ୍କୁଲ୍ ଅଫ୍ ପବ୍ଲିକ ହେଲ୍‌ଥରେ ଗବେଷଣାରତ ବୈଜ୍ଞାନିକ ଲିଡିଆ ମିଂଗୁଏଜ୍–ଆଲାର୍‌କୋନ୍ ଏବଂ ତାଙ୍କ ସହଯୋଗୀମାନେ।

ଦ ଜର୍ନାଲ୍ ଅଫ୍ ହ୍ୟୁମାନ୍ ରିପ୍ରଡକ୍‌ଶନ୍ (ଅଗଷ୍ଟ ୨୦୧୮)ରେ ପ୍ରଦତ୍ତ ଏକ ବିବରଣୀରେ ସେମାନେ ଦର୍ଶାଇଛନ୍ତି ଯେ, ପିତା ହେବାକୁ ଚାହୁଁଥିବା ଲୋକେ ଢିଲା ଅନ୍ତର୍ବାସ ପିନ୍ଧିବା ବାଞ୍ଛନୀୟ। କାରଣ ୧୮ରୁ ୫୬ ବର୍ଷ ବୟସ୍କ ସାଧାରଣ ସ୍ୱାସ୍ଥ୍ୟସମ୍ପନ୍ନ ସନ୍ତାନହୀନ ପୁରୁଷଙ୍କୁ ପରୀକ୍ଷା କରି ସେମାନେ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ, ଆରାମଦାୟକ ଢିଲା ଅନ୍ତର୍ବାସ ପରିଧାନ କରୁଥିବା ଲୋକଙ୍କ ଶୁକ୍ରର ଘନତ୍ୱ ଏବଂ ତହିଁରେ ଥିବା ଶୁକ୍ରକୀଟଙ୍କ ସଂଖ୍ୟା ଅଧିକ। ପୁନଶ୍ଚ ସେମାନଙ୍କ ଶୁକ୍ରକୀଟ ଅଧିକ ସକ୍ରିୟ ହେବା ସହିତ ସେମାନଙ୍କଠାରେ ପ୍ରଜନନ ହର୍‌ମୋନର ଭାରସାମ୍ୟ ସନ୍ତାନ ସୃଷ୍ଟି ପାଇଁ ଅଧିକ ଉପାଦେୟ।

ଅବଶ୍ୟ ଆଗରୁ ହୋଇଥିବା କେତେକ ଗବେଷଣାରୁ ଏପ୍ରକାର ସୂଚନା ମିଳିଥିଲା। ଶୁକ୍ରକୀଟ ଉତ୍ପାଦନ ଲାଗି ଉତ୍ତମ ପରିବେଶ ହେଲା ଶରୀରର ତାପମାତ୍ରାଠାରୁ ୨/୩ ଡିଗ୍ରୀ ସେଲ୍‌ସିୟସ୍ କମ୍ ହେବା। ସମ୍ଭବତଃ ସେଥିପାଇଁ ଏହା ଉତ୍ପନ୍ନ କରୁଥିବା ଅଣ୍ଡକୋଷକୁ ପ୍ରକୃତି ଶରୀରର ବହିର୍ଭାଗରେ ଅବସ୍ଥାପିତ କରିଛି। ଏପରିସ୍ଥଳେ ଏହାର ତାପମାତ୍ରା ବୃଦ୍ଧି ଶୁକ୍ରକୀଟର ମାତ୍ରା ଓ ମାନ ହ୍ରାସ କରିବା ସ୍ୱାଭାବିକ, ଯାହାକି ଘଟେ ଚିପା ଅନ୍ତର୍ବାସ ପରିଧାନ କାରଣରୁ।

ପଲିଷ୍ଟର, ତୁଳା ଓ ଉଲ୍ ପୋଷାକ ପରିଧାନର ପ୍ରଭାବ ଉପରେ ଅନୁଧ୍ୟାନ କରି ୨୦୧୬ ମସିହାରେ ପ୍ରଜନନ ବିଜ୍ଞାନରେ ନୋବେଲ ପୁରସ୍କାର ଲାଭ କରିଥିଲେ ମିଶରର ଅହମ୍ମଦ ଶାର୍‌ଫିକସ୍। ସେ ୧୯୯୨ ମସିହାରେ କଣ୍ଟ୍ରାସେପ୍‌ସନ୍ ଏବଂ ୧୯୯୩ ମସିହାରେ ୟୁରୋପିଆନ୍ ୟୁରୋଲୋଜିରେ ପ୍ରକାଶିତ ଦୁଇଟି ଗବେଷଣା ପତ୍ରରେ ଦର୍ଶାଇଥିଲେ ଯେ, ପଲିଷ୍ଟର୍ ପୋଷାକ ପିନ୍ଧୁଥିବା ପୁରୁଷ–ମୂଷାଙ୍କ ପ୍ରଜନନ କ୍ଷମତା କମ୍। ପଲିଷ୍ଟର ଦ୍ୱାରା ଉତ୍ପନ୍ନ ସ୍ଥିର ବୈଦ୍ୟୁତିକ କ୍ଷେତ୍ର ଏବଂ ତୁଳା ଅପେକ୍ଷା ଏହାର ଅଧିକ ଉଷ୍ମତା ସୃଷ୍ଟିକାରୀ କ୍ଷମତା ଏଥିପାଇଁ ଦାୟୀ ବୋଲି ସେ ମତ ଦେଇଥିଲେ। ତେବେ ମଣିଷ କ୍ଷେତ୍ରରେ ସେ କିଛି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ଉପନୀତ ହୋଇପାରି ନ ଥିଲେ। ସମ୍ଭବତଃ ବର୍ତ୍ତମାନର ଅଧ୍ୟୟନ କିଛିମାତ୍ରାରେ ଏ ସମ୍ଭାବନାକୁ ପ୍ରମାଣିତ କରୁଛି।

ଅନ୍ୟପକ୍ଷରେ, ବର୍ତ୍ତମାନ ପରୀକ୍ଷାରେ ଅନ୍ତର୍ଭୁକ୍ତ ହୋଇଥିବା ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରୁ କେତେକ ଚିପା ଅନ୍ତର୍ବାସ ପରିଧାନ କରୁଥିବା ବେଳେ ଅନ୍ୟମାନଙ୍କର ତାହା ଥିଲା ଢିଲା। ତେବେ ଏ ଉଭୟଙ୍କର ଶୁକ୍ରକୀଟ ସଂଖ୍ୟା ସାଧାରଣ ସଂଖ୍ୟାଠାରୁ ବିଶେଷ ଭିନ୍ନ ହୋଇ ନ ଥିଲେ ବି ସେମାନଙ୍କ ମଧ୍ୟରେ ଥିବା ତାରତମ୍ୟ ଥିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ। ତଥାପି ଏ ଅଧ୍ୟୟନର ଫଳାଫଳ ଅନିଶ୍ଚିତତା ପ୍ରତି ଉନ୍ମୁକ୍ତ ବୋଲି ଅନେକ ବିଶେଷଜ୍ଞ ମତ ଦେଉଛନ୍ତି। ଏହାକୁ ସମର୍ଥନ କରନ୍ତି ‘ଅକସ୍‌ଫୋର୍ଡ ସେଣ୍ଟର ଫର୍ ଡାଇବେଟିସ୍, ଏଣ୍ଡୋକ୍ରାଇନୋଲୋଜି ଏବଂ ମେଟାବୋଲିଜମ୍’ର ପ୍ରଫେସର ଆସ୍‌ଲେ ଗ୍ରାସ୍‌ମ୍ୟାନ। ତାଙ୍କ ମତରେ, ଚିପା ପୋଷାକର ପୌରୁଷ ଉପରେ କୁପ୍ରଭାବ କମ୍ ବା ବେଶି ହୋଇପାରେ ଏବଂ ତାହାକୁ ନେଇ ଅନିଶ୍ଚିତତା ଥାଇପାରେ। ତଥାପି ତାହାର ସମ୍ଭାବନା ବେଶ୍ ଉଜ୍ଜ୍ୱଳ। ତେଣୁ ଚିପା ବଦଳରେ ଢିଲା ପୋଷାକ ପରିଧାନ କରିବା ଆମ ସମସ୍ତଙ୍କ ପକ୍ଷେ ଉପକାରୀ।

ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର,ଭୁବନେଶ୍ୱର, ମୋ– ୯୯୩୭୯୮୫୭୬୭

## ଏଇ ଭାରତରେ

ସମୟର ପ୍ରବହମାନ ଧାରା ସହିତ ସବୁକିଛିର ପରିବର୍ତ୍ତନ ଘଟେ। ଯେଉଁ ଅଞ୍ଚଳରେ ଏକଦା ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ଘୃଣା ଓ ବିଦ୍ୱେଷ ଭାବ ସୃଷ୍ଟି ହୋଇଥିଲା ସେଠାରେ ଉଭୟ ସମ୍ପ୍ରଦାୟ ଏବେ ଭାଇଚାରା ସୃଷ୍ଟି କରିଛନ୍ତି। ମହାରାଷ୍ଟ୍ରର ୟୱତମାଲ୍ ଜିଲା ଉମରଖେଦ ତହସିଲ ଅଧୀନ ଭିଦୁଲ ଗାଁରେ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟ ଗୋଟିଏ ଛାତତଳେ ‘ଭଗବାନ ଗଣେଶଙ୍କ ମୂର୍ତ୍ତି’ ଏବଂ ‘ମହରମ୍ ସୱାରି’ ସ୍ଥାପନ କରି ଭ୍ରାତୃତ୍ୱର ଉଦାହରଣ ଦେଇଛନ୍ତି। ଅତୀତରେ ଗଣେଶ ପୂଜା ଏବଂ ରମଜାନ୍, ଇଦ୍ ଓ ମହରମ୍ ପାଳନ ବେଳେ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ହୋଇଥିବାର ଅନେକ ନଜିର ରହିଛି। ତେବେ ବର୍ତ୍ତମାନର ମୈତ୍ରୀଭାବ ଲାଗି ୟୱତମାଲ୍ ଏସ୍‌ପି ମେଗନାଥନ୍ ରାଜକୁମାରଙ୍କ ଏକତ୍ରୀକରଣ ପଦକ୍ଷେପ ଖୁବ୍ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ଚଳିତବର୍ଷ ଗଣେଶ ଉତ୍ସବ ଏବଂ ମହରମ୍ ଏକ ସମୟରେ ପଡ଼ିଥିବାରୁ ରାଜକୁମାର ଉକ୍ତ ଗ୍ରାମରେ ଏକ ଶାନ୍ତି କମିଟି ଡାକିବା ପାଇଁ ଉମରଖେଦ ଥାନା ଇନ୍ସପେକ୍ଟରଙ୍କୁ ପରାମର୍ଶ ଦେଇଥିଲେ। ଏସ୍‌ପିଙ୍କ ପରାମର୍ଶକ୍ରମେ ସେ ଗ୍ରାମବାସୀଙ୍କୁ ଗଣେଶ ଓ ମହରମ୍ ଉତ୍ସବ ମିଳିତ ଭାବରେ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲେ। ଗ୍ରାମବାସୀମାନେ ଏଥିପାଇଁ ସର୍ବସମ୍ମତିକ୍ରମେ ରାଜି ହୋଇଯାଇଥିଲେ। ସେମାନେ ଭିଦୁଲ ଗାଁର ନାଲସାହିବ ଦେବସ୍ଥାନ ମନ୍ଦିରରେ ଏକ ପେଣ୍ଡାଲ ନିର୍ମାଣ କରି ସେଠାରେ ମିଳିତ ଭାବରେ ଧାର୍ମିକ ଉତ୍ସବ ପାଳନ କରିଛନ୍ତି। ବାସ୍ତବରେ ଉକ୍ତ ଗାଁର ଭାଇଚାରା ଅନ୍ୟ ଅଞ୍ଚଳର ସାମ୍ପ୍ରଦାୟିକ ମୈତ୍ରୀ ପାଇଁ ଦୃଷ୍ଟାନ୍ତ ସୃଷ୍ଟି କରିପାରିଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ସେପ୍ଟେମ୍ବର ୧୯୯୩

- ଇସ୍ରାଏଲ ପ୍ରଧାନମନ୍ତ୍ରୀ ୟିତ୍‌ଝାକ୍ ରାବିନ ଓ ତାଙ୍କର ବୈଦେଶିକ ମନ୍ତ୍ରୀ ସାଇମନ ପେରେଜ ଏବଂ ପି.ଏଲ୍.ଓ. ନେତା ୟାସେର ଆରାଫତ୍ ଚଳିତବର୍ଷର ହଫେଟ ବୋଗ୍ନି ଶାନ୍ତି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ।
- ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ହିମାଚଳ ପ୍ରଦେଶରେ ହେବାକୁ ଥିବା ଆଗାମୀ ବିଧାନସଭା ନିର୍ବାଚନରେ ଜନତା ଦଳର ସବୁ ବିଭାଜିତ ଗୋଷ୍ଠୀ ମୂଳ ଜନତା ଦଳ ବ୍ୟାନରରେ ନିର୍ବାଚନ ଲଢିବାକୁ ନିଷ୍ପତ୍ତି ନେଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### କୃଷିରେ ପଞ୍ଚଗବ୍ୟ

ମହାଶୟ,

ପରିବେଶ ପରିଚିନ୍ତାରେ ପ୍ରକାଶିତ ମାନେକା ଗାନ୍ଧୀଙ୍କର ପଞ୍ଚଗବ୍ୟ ପ୍ରସଙ୍ଗ ଭଲ ଲାଗିଲା। ସତରେ ପ୍ରାକୃତିକ ଦ୍ରବ୍ୟର କେତେ ଗୁଣଗରିମା ରହିଛି। ଗୋମାତାର ଅମୃତରୁ ପ୍ରସ୍ତୁତ ଏହି ପଞ୍ଚଗବ୍ୟ ଆଗରୁ କୁଆଡେ ଜାତି କରିବା ପାଇଁ ଅଜାତିଆଙ୍କୁ ପିଆଉଥିଲେ। ରାସାୟନିକ ସାର ଓ କୀଟନାଶକ ବ୍ୟବହାରର ମାତ୍ରା ବଢ଼େଇ ଆଜି ମାଟି ମାଆ ଅଜାତି ହୋଇପଡିଛି। ଡ. କେ. ନଟରାଜନ ବାସ୍ତବରେ ଏକ ଦିଗହରା ଚାଷୀକୁଳକୁ ଆଲୋକବର୍ତ୍ତିକା ଦେଖାଇଛନ୍ତି। ଏହି ପଞ୍ଚଗବ୍ୟ ଅତ୍ୟନ୍ତ ଶସ୍ତା ଓ ଲାଭକାରୀ। ଏହାଦ୍ୱାରା ପରିବେଶ ରକ୍ଷା ସହ ମଣିଷ ଅନେକ ରୋଗ ଦାଉରୁ ମୁକ୍ତି ପାଆନ୍ତା।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁ ମନ୍ଦିର, ବୁର୍ଲା, ସମ୍ବଲପୁର

### ଚକାଆଖି ସବୁ ଦେଖୁଛି

କିଛି ଦିନ ତଳେ ଶ୍ରୀମନ୍ଦିରରେ ଭକ୍ତଙ୍କ ମନିପର୍ସ ଲୁଟ୍ ଘଟଣାରେ ସେବାୟତ ଗିରଫ ହେବା ହଇଚଇ ସୃଷ୍ଟି କରିଛି। ବ୍ରହ୍ମ ବିଭ୍ରାଟରେ ଗଜପତି କ୍ଷୋଭ ପ୍ରକାଶ କରିଥିଲେ ହେଁ ଅପରାଧୀମାନଙ୍କୁ ତଦନ୍ତ କମିଶନ ଆଳରେ ସୁରକ୍ଷା ଦିଆଯାଇଛି। ନୀଳାଦ୍ରି ବିଜେ ଘଟଣାରେ ଜିଲାପାଳ ଅସଦ୍‌ବ୍ୟବହାରର ଶିକାର ହୋଇ ମାମଲା ବିଚାରାଧୀନ। ପତିଆରା ଜାହିର କରି ମହାପ୍ରଭୁଙ୍କୁ ଉପବାସ ରଖାଗଲା। ଦୂରଦୂରାନ୍ତରୁ ଆସିଥିବା ଭକ୍ତମାନଙ୍କୁ ମାଡ ମାରିବା ଓ ମହିଳାମାନଙ୍କୁ ଅସଦ୍‌ବ୍ୟବହାର କରିବା ଆଦିରେ ପ୍ରଶାସନ ‘ସବ୍ ସେ ଚୁପ୍ ଭଲା’ ନ୍ୟାୟରେ ଅପରାଧୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଦିନକୁ ଦିନ ଏହା ବୃଦ୍ଧି ପାଇବାରେ ଲାଗିଛି। ତେବେ ଚକା ଆଖି ସବୁ ଦେଖୁଛି। ବିଶୃଙ୍ଖଳିତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଏହା ଅନ୍ୟମାନଙ୍କ ପାଇଁ ଚେତାବନୀ ସଦୃଶ ହୋଇପାରନ୍ତା।

ହରମୋହନ ମହାନ୍ତି, ଦଉଡୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଭାରତ-ପାକିସ୍ତାନ ସୀମାରେ ଥିବା କର୍ତାର୍‌ପୁର ସାହିବ ଗୁରୁଦ୍ୱାରା କରିଡର୍ ନିର୍ମାଣ ଦାବି କରି ପଞ୍ଜାବ ପର୍ଯ୍ୟଟନ ମନ୍ତ୍ରୀ ନବ୍‌ଜ୍ୟୋତ୍ ସିଂ ସିଦ୍ଧୁ ବିବାଦୀୟ ହୋଇପଡ଼ିଛନ୍ତି। ଧର୍ମପୀଠକୁ ନେଇ ସିଦ୍ଧୁ ଡ୍ରାମା କରୁଛନ୍ତି ବୋଲି ଅକାଲୀ ଦଳ ଅଭିଯୋଗ ଆଣିଛି। ଭାଜପା ମଧ୍ୟ ସିଦ୍ଧୁଙ୍କୁ ପାକିସ୍ତାନର ଏଜେଣ୍ଟ ଭଳି କଥା କହୁଥିବା ଅଭିଯୋଗ ଆଣିଛି। ସେହିପରି ପାକିସ୍ତାନ ସେନାମୁଖ୍ୟଙ୍କୁ ସିଦ୍ଧୁ ଆଲିଙ୍ଗନ କରିବା ଘଟଣା ଭାରତୀୟ ସେନାର ମନୋବଳ ହ୍ରାସ କରିଥିବା ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି।

## ସଂକ୍ଷେପରେ

### ମହାନଦୀ ସହ ସୁବର୍ଣ୍ଣରେଖା ଓ ଗୋଦାବରୀ ସଂଯୋଗୀକରଣ ହେବ

**ଭୁବନେଶ୍ୱର,୧୮।୯(ବ୍ୟୁରୋ):** କେନ୍ଦ୍ର ସରକାର ଓଡ଼ିଶାରେ ଥିବା ବିଭିନ୍ନ ନଦୀକୁ ସଂଯୋଗୀକରଣ କରିବା ପାଇଁ ପ୍ରସ୍ତାବ ରଖିଛନ୍ତି। ତଦନୁଯାୟୀ ଆନ୍ତଃ ରାଜ୍ୟ ନଦୀ ସଂଯୋଗୀକରଣ ଯୋଜନାରେ ସୁବର୍ଣ୍ଣରେଖା-ମହାନଦୀ ସଂଯୋଗୀକରଣ ଯୋଜନା ଏବଂ ମହାନଦୀ-ଗୋଦାବରୀ ନଦୀର ସଂଯୋଗୀକରଣ ଯୋଜନାର ପରିକଳ୍ପନା କରାଯାଇଛି ବୋଲି କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଜଳ ସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମଙ୍ଗଳବାର ବିଧାନସଭାରେ କହିଛନ୍ତି। ସେହିପରି ମହାନଦୀ-ବରମୂଳ-ଋଷିକୁଲ୍ୟା, ମହାନଦୀ-ହୀରାକୁଦ-ବ୍ରାହ୍ମଣୀ ନଦୀ, ବଂଶଧାରା-ଋଷିକୁଲ୍ୟା (ନନ୍ଦିନୀ ନାଳ ପ୍ରକଳ୍ପ) ନଦୀ ସଂଯୋଗୀକରଣ ପ୍ରସ୍ତାବ ରହିଛି। ରାଷ୍ଟ୍ରୀୟ ଜଳ ବିକାଶ ସଂସ୍ଥା ବଂଶଧାରା-ଋଷିକୁଲ୍ୟା (ନନ୍ଦିନୀ ନାଳ ପ୍ରକଳ୍ପ) ନଦୀ ସଂଯୋଗୀକରଣ ଯୋଜନାର ସମ୍ଭାବ୍ୟ ରିପୋର୍ଟ ଉପସ୍ଥାପନ କରିଛନ୍ତି। ତେଣୁ ଏହାର ସବିଶେଷ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି ପାଇଁ ରାଷ୍ଟ୍ରୀୟ ଜଳ ବିକାଶ ସଂସ୍ଥାକୁ ୨୦୧୫ ଜାନୁୟାରୀ ୨୦ରେ ଅନୁରୋଧ କରାଯାଇଛି।

### କୋଲାବ ନଦୀରେ ବ୍ୟାରେଜ ନିର୍ମାଣ ହେବ

**ଭୁବନେଶ୍ୱର,୧୮।୯(ବ୍ୟୁରୋ):** କୋରାପୁଟ ଜିଲାର ଖାସିଗୋଡ଼ା ଗ୍ରାମ ନିକଟରେ କୋଲାବ ନଦୀରେ ଏକ ବ୍ୟାରେଜ ନିର୍ମାଣ କରାଯିବ। ଫଳରେ କୋଲାବ ନଦୀର ଜଳ ପ୍ରବାହକୁ ଏକ ଲିଙ୍କ୍ ଚ୍ୟାନେଲ ମାଧ୍ୟମରେ କେରାଯୋଡ଼ି ନଦୀରେ ଛଡ଼ାଯିବ। ଏହାସହିତ କେରାପଦର ଗ୍ରାମ ନିକଟରେ କେରାଯୋଡ଼ି ନଦୀ ଉପରେ ଏକ ଡ୍ୟାମ୍ କରାଯିବା ପ୍ରସ୍ତାବ ଅଛି। କେନ୍ଦ୍ରୀୟ ଜଳ ଆୟୋଗଙ୍କ ନିକଟକୁ ଏହାର ଡିପିଆର୍ ଅନୁମୋଦନ ନିମନ୍ତେ ପଠାଯାଇଛି। କୋଲାବ ନଦୀ ଉପରେ ବର୍ତ୍ତମାନ କୌଣସି ନୂତନ ଜଳଭଣ୍ଡାରର ପ୍ରସ୍ତାବ ନାହିଁ ବୋଲି କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଜଳ ସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମଙ୍ଗଳବାର ବିଧାନସଭାରେ ଏହା କହିଛନ୍ତି।

# ସମ୍ବିଧାନ ମୁଖବନ୍ଧରେ ରହୁ 'ଅହିଂସା' ଶବ୍ଦ

ଭୁବନେଶ୍ୱର,୧୮।୯(ବ୍ୟୁରୋ)

- ବିଧାନସଭାରେ ସଂକଳ୍ପ ଗୃହୀତ
- ବିରୋଧୀଙ୍କ କକ୍ଷତ୍ୟାଗ

ସମ୍ବିଧାନର ମୁଖବନ୍ଧରେ ଅହିଂସା ଶବ୍ଦକୁ ସ୍ଥାନିତ କରିବା ପାଇଁ ରାଜ୍ୟ ସରକାର ବିଧାନସଭାରେ ଆଣିଥିବା ପ୍ରସ୍ତାବ ମଙ୍ଗଳବାର ଗୃହୀତ ହୋଇଛି। ହେଲେ ଏହା ଗୃହୀତ ହେବା ପୂର୍ବରୁ ବିରୋଧୀ କଂଗ୍ରେସ ଏବଂ ଭାଜପା ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ଯେଉଁଭଳି ଭାବରେ ସଂକଳ୍ପଟିକୁ ଅଣାଯାଇଥିଲା, ତାହାର ବିଭିନ୍ନ ଦିଗ ଉପରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ତଙ୍କ ପାଇଁ ବୋଧଗମ୍ୟ ହେଉ ନ ଥିବା ଏପରି ପ୍ରସ୍ତାବକୁ ଆଉ ଥରେ ଭଲ ଭାବରେ ଆଗତ କରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ହେଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସଂକଳ୍ପରେ ଥିବା କିଛି ତ୍ରୁଟିକୁ ବାଦ୍ ଦେବେ ବୋଲି ଗୃହରେ କହିଥିଲେ। ଏହାକୁ ବିରୋଧୀ ଦଳ ନେତା ଏବଂ ଅନ୍ୟ ବିରୋଧୀ ସଦସ୍ୟମାନେ ନାପସନ୍ଦ କରିଥିଲେ। ସରକାରୀ ଦଳ ନିଜ ସଂଖ୍ୟା ବଳରେ ସଂକଳ୍ପ ଗୃହୀତ କରାଇବାକୁ ଚାହୁଁଥିବା ଅଭିଯୋଗ କରି ଏକାଧିକ ସଦସ୍ୟ ଗୃହର ମଧ୍ୟଭାଗକୁ ଚାଲି ଆସି ହୋହଲ୍ଲା କରିଥିଲେ। ବାଚସ୍ପତି ସେମାନଙ୍କ ଦାବି ମାନି ନ ଥିବାରୁ ବିରୋଧୀ କଂଗ୍ରେସ ଏବଂ ଭାଜପାର ସଭ୍ୟମାନେ ମିଳିତ ଭାବେ କକ୍ଷତ୍ୟାଗ କରିଥିଲେ। ବିରୋଧୀ କକ୍ଷ ତ୍ୟାଗ କରିବା ପରେ ବାଚସ୍ପତି ପ୍ରଦୀପ ଅମାତ ସେମାନଙ୍କ ସହ ଆଲୋଚନା ପାଇଁ ସରକାରୀ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ, ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ପ୍ରମୁଖଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ତାହାର କୌଣସି ସୁଫଳ ମିଳି ନ ଥିଲା। ୧୫ ମିନିଟ୍ ଲେଖାଏ ୨ ଥର ଗୃହ ମୁଲତବୀ ହୋଇଥିଲା। ଏହା ମଧ୍ୟରେ ବିରୋଧୀଙ୍କୁ ମନାଇବାରେ ଶାସକ ଦଳ ବିଫଳ ହୋଇଥିଲେ। ବିରୋଧୀ ଦଳ ସଦସ୍ୟଙ୍କ ବ୍ୟତୀତ ଶାସକ ଦଳ ସଭ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଧ୍ୟ ସଂକଳ୍ପଟିର ଡ୍ରାଫ୍ଟିଙ୍ଗ୍‌କୁ ନେଇ ଆପତ୍ତି ଉଠାଇଥିଲେ। ଅପରପକ୍ଷରେ ବିରୋଧୀଙ୍କ ଅନୁପସ୍ଥିତିରେ ଓଡ଼ିଶା ଭୂତଳ ଜଳ (ନିୟମାବଳୀ, ଉନ୍ନୟନ ଏବଂ ପରିଚାଳନା) ବିଧେୟକ ୨୦୧୧ରେ ଆସିଥିବା ସଂଶୋଧନକୁ ଗୃହର ମଞ୍ଜୁରୀ ମିଳିଥିଲା। ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରତାପ ଜେନାଙ୍କ ଦ୍ୱାରା ୨୦୧୪-୧୫ ଓ ୨୦୧୫-୧୬ ବର୍ଷର ଓଡ଼ିଶା ସୂଚନା କମିଶନର ବାର୍ଷିକ ରିପୋର୍ଟ ଗୃହରେ ଉପସ୍ଥାପନ ହୋଇଥିଲା। ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରଦୀପ ମହାରଥୀ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମ୍ପର୍କିତ ପ୍ରଶାସନିକ ବ୍ୟୟର ୨୦୧୫-୧୬, ୨୦୧୬-୧୭, ୨୦୧୭-୧୮ ରିପୋର୍ଟ ଉପସ୍ଥାପନ କରିଥିଲେ। ସେହିପରି ଗୃହରେ ଓଡ଼ିଶା ସରକାରୀ ଭାଷା(୨ୟ ସଂଶୋଧନ,୨୦୧୮) ବିଲ୍‌କୁ ଅଧିକ ତର୍ଜମା ପାଇଁ କାର୍ଯ୍ୟ ପରାମର୍ଶଦାତା କମିଟିକୁ ପଠାଯାଇଛି। ଏହା ଉପରେ ବୁଧବାର ଆଲୋଚନା ହୋଇ ଗୃହୀତ ହେବା ସମ୍ଭାବନା ରହିଛି।

# 'ଧର୍ମଗ୍ରନ୍ଥ ନୁହେଁ, ସମ୍ବିଧାନ ଆମ ରକ୍ଷାକବଚ'

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ଧର୍ମଗ୍ରନ୍ଥ କାହାରିକୁ ରକ୍ଷା କରି ନ ଥାଏ। ଧର୍ମଗ୍ରନ୍ଥ ହିଁ ଆମକୁ ହିନ୍ଦୁ, ମୁସଲମାନ,ଖ୍ରୀଷ୍ଟିଆନ , ବୌଦ୍ଧ, ଜୈନ ଆଦି ଧର୍ମରେ ଭାଗ କରିଛି। ତେଣୁ ଧର୍ମଗ୍ରନ୍ଥ ନୁହେଁ, ଦେଶର ସମ୍ବିଧାନ ହିଁ ଆମର ରକ୍ଷାକବଚ ବୋଲି ବିଜେଡି ସଭ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ସମ୍ବିଧାନର ମୁଖବନ୍ଧରେ 'ଅହିଂସା' ଶବ୍ଦକୁ ସ୍ଥାନ ଦେବା ନେଇ ଆସିଥିବା ସଂକଳ୍ପ ସଂକ୍ରାନ୍ତ ଆଲୋଚନାରେ ଭାଗନେଇ ମଙ୍ଗଳବାର ସେ ଏହି କଥା କହିଛନ୍ତି। ରଣେନ୍ଦ୍ର କହିଛନ୍ତି ଯେ, ଦେଶରେ ଅଶାନ୍ତି,ହିଂସାର ବାତାବରଣ ବୃଦ୍ଧି ପାଉଥିବାବେଳେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ କରାଯିବା ନିଶ୍ଚିତ ଭାବେ ଗୌରବର ବିଷୟ। ଜୀବିତ ଅବସ୍ଥାରେ ଗାନ୍ଧିଜୀ ୧୯୪୭ ଅକ୍ଟୋବରରେ ମୌନବ୍ରତ କରି ନିଜ ଜନ୍ମଦିନ ପାଳନ କରିଥିଲେ। ସେ ପାଳନ କରିଥିବା ନିଜର ଶେଷ ଜନ୍ମଦିନଠାରୁ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଦେଶରେ ସାମ୍ପ୍ରଦାୟିକ ଦଙ୍ଗା ଦେଖା ଦେଇଥିଲା। ବର୍ତ୍ତମାନ ପରିସ୍ଥିତିରେ ଅନୁରୂପ ଭାବେ ବିଷମଞ୍ଜି ବୁଣାଯାଉଥିବା ରଣେନ୍ଦ୍ର କହିଛନ୍ତି। ଦେଶର ତଫସିଲଭୁକ୍ତ ଜାତି(ଏସ୍‌ସି)ମାନଙ୍କ ଉପରେ ଅତ୍ୟାଚାରର ପରିମାଣ ବୃଦ୍ଧି ପାଇଛି। ଆମେ ସହଜରେ ନିଜର ଧର୍ମ ପରିବର୍ତ୍ତନ କରିପାରିବା। ହେଲେ ଜାତି ବଦଳାଇପାରିବା ନାହିଁ। ଜଣେ ଧର୍ମ ପରିବର୍ତ୍ତନ କରି ହିନ୍ଦୁରୁ ବୌଦ୍ଧ କିମ୍ବା ଅନ୍ୟ କୌଣସି ଧର୍ମ ଗ୍ରହଣ କରିପାରିବେ। ହେଲେ ନିଜ ଜାତି ବଦଳାଇ ବ୍ରାହ୍ମଣ କିମ୍ବା ଅନ୍ୟ ଜାତିର ହୋଇପାରିବେ ନାହିଁ। ଏହା ହିଁ ଆମର ସାମାଜିକ ବ୍ୟବସ୍ଥା।

## ସାତକୋଶିଆରେ ମହିଳାଙ୍କ ମୃତ୍ୟୁ ଘଟଣା

# ଦୃଢ଼ ହେଉଛି ସୁନ୍ଦରୀ ସମ୍ପୃକ୍ତି ସନ୍ଦେହ

ବନ୍ତଳା, ୧୮।୯ (ଡି.ଏନ.ଏ.)

- ଘଟଣାସ୍ଥଳରୁ ପ୍ରମାଣ ଖୋଜୁଛି ପୋଲିସ
- ବାଘୁଣୀକୁ ଦେଖିଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ଦାବି
- ଘଉଡ଼ାଇବା ବେଳେ ପହଞ୍ଚିଥିଲେ ଆଇଆଇସି



ଅନୁଗୋଳ ଜିଲା ପୁରୁଣାକୋଟ ଥାନା ସାତକୋଶିଆ ଅଭୟାରଣ୍ୟ ଟିକରପଡ଼ା ପଞ୍ଚାୟତ ହାତୀବାରି ଗ୍ରାମର ମହିଳା କୈଳାସ ସାଇଅ (୫୦)ଙ୍କ ମୃତ୍ୟୁ ଗତ ୧୨ ତାରିଖରେ ବାଘୁଣୀ ସୁନ୍ଦରୀ ଆକ୍ରମଣରେ ହୋଇଥିଲା କି ନାହିଁ ତାହାର ତଦନ୍ତ ଆରମ୍ଭ କରିଛି ପୋଲିସ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରେ ଏକ ମାଂସାଶୀ ପ୍ରାଣୀ ଆକ୍ରମଣରେ କୈଳାସଙ୍କ ମୃତ୍ୟୁ ହୋଇଥିବା ଉଲ୍ଲେଖ ରହିଥିଲେ ବି ସୁନ୍ଦରୀ ସମ୍ପର୍କରେ କିଛି ସ୍ପଷ୍ଟ କରାଯାଇ ନାହିଁ। ତେଣୁ ଜଣେ ଡିଏସ୍‌ପି ପାହ୍ୟାର ଅଧିକାରୀ ଏହାର ତଦନ୍ତ କରିବେ ବୋଲି ସୋମବାର ଏସ୍‌ପି ମିତ୍ରଭାନୁ ମହାପାତ୍ର କହିବା ପରେ ମଙ୍ଗଳବାର ପୁରୁଣାକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରମାଣ ଯୋଗାଡ଼ କରିବା ଆରମ୍ଭ କରିଛି। ତେବେ ଗ୍ରାମର କେତେଜଣ ପ୍ରତ୍ୟକ୍ଷଦର୍ଶୀ ବାଘୁଣୀକୁ ଆକ୍ରମଣ ବେଳେ ଦେଖିଥିବା ଦାବି କରିବା ଓ ଏହାକୁ ପୁରୁଣାକୋଟ ଆଇଆଇସି ସ୍ୱୀକାର କରିବା ଘଟଣା ସୁନ୍ଦରୀର ସମ୍ପୃକ୍ତି ସନ୍ଦେହକୁ ଅଧିକ ଦୃଢ଼ୀଭୂତ କରିଛି।

ଅଭୟାରଣ୍ୟ ମଧ୍ୟରେ ଥିବା ସାରିଆ ନାଳକୁ ଗାଧୋଇ ଯାଇଥିବା କୈଳାସଙ୍କ ମୃତ୍ୟୁ କିପରି ଓ କେଉଁ ମାଂସାଶୀ ପ୍ରାଣୀ ଆକ୍ରମଣରେ ହୋଇଥିଲା ତାହାର ତଦନ୍ତ ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ ବନ୍ତଳା ଆଇଆଇସି ସବ୍ୟସାଚୀ ରାଉତ, ପୁରୁଣାକୋଟ ଆଇଆଇସି ବିଜୟ କୁମାର ହାଇବ୍ରୋ। ଉଭୟ ଅଧିକାରୀ ପ୍ରଥମେ ମହିଳାଙ୍କୁ ଆକ୍ରମଣ କରାଯାଇଥିବା ସ୍ଥାନ ଓ ୨ ଶହ ମିଟର ନାଳ ପର୍ଯ୍ୟନ୍ତ ଶବକୁ କିପରି ଘୋଷାଡ଼ି ନିଆଯାଇଥିଲା ତାହାର ପ୍ରମାଣ ଖୋଜିଥିଲେ। ନାଳ ଏବଂ ଶବ ନିକଟରେ ପଡ଼ିଥିବା ପାଦ ଚିହ୍ନ ପୋଲିସ ପାଇଁ ବଳିଷ୍ଠ ପ୍ରମାଣ ହୋଇଥିବାରୁ ତାହା ଯେପରି ନଷ୍ଟ ନ ହୁଏ ସେଥିପାଇଁ ଦୁଇ ଆଇଆଇସି ସେଠାରେ ଜରିପାଲ ଘୋଡ଼ାଇ ଦେଇଥିଲେ। ଏଥିସହିତ ଘଟଣାର ପ୍ରତ୍ୟକ୍ଷଦର୍ଶୀ ଭାବେ ଦାବି କରୁଥିବା ବନ କର୍ମଚାରୀଙ୍କ ସହିତ ଗ୍ରାମର ବବୁଲୁ ମୁଣ୍ଡା(୩୨), ସୁଧାକର ସାଇଅ (୪୦), ଲୋକନାଥ ଗଡ଼ନାୟକ(୫୫), ଦୁଆରୀ ସାହୁ, ସୋମନାଥ ଗଡ଼ତିଆ, ହୃଷୀ ପ୍ରଧାନଙ୍କ ସମେତ ଗ୍ରାମର ୨୦ ଜଣଙ୍କୁ ମଧ୍ୟ ଏହି ତଦନ୍ତ ପରିସରଭୁକ୍ତ କରିଥିଲେ। ସମ୍ପୃକ୍ତ ପ୍ରତ୍ୟକ୍ଷଦର୍ଶୀମାନଙ୍କ କହିବା ଅନୁଯାୟୀ, ସେମାନେ ଘଟଣାସ୍ଥଳରେ ପହଞ୍ଚିବା ବେଳେ ବାଘୁଣୀ ନାଳ କୂଳରେ ମହିଳାଙ୍କୁ ମାରି ସାରିଥିଲା। ଏହି ସମୟରେ ଉପସ୍ଥିତ ବନ ବିଭାଗ କର୍ମଚାରୀମାନେ ପଥର ମାରିବା ସହିତ ବାଣ ଓ ହାତ ମାଇକ୍ ସାଉଣ୍ଡ କରି ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। ପୁରୁଣାକୋଟ ଆଇଆଇସି ମଧ୍ୟ ବାଘୁଣୀକୁ ଘଉଡ଼ାଇବା ଦୃଶ୍ୟ ଦେଖିଥିଲେ। ବାଘୁଣୀ ଯେପରି ମହିଳାଙ୍କୁ ନ ଖାଇବ ସେଥିପାଇଁ ପୋଲିସ ମୃତଦେହ ଉଠାଇ ଆଣି ୨ ଶହ ମିଟର ଦୂର କୈଳାସଙ୍କ ନୂଆ ଘର ପାଖରେ ରଖିଥିଲା। ମିଳିଥିବା ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ଘଟଣା ଦିନ ବାଘୁଣୀ ସେହି ଜାଗାରେ ଥିବାରୁ ସୁନ୍ଦରୀ ହିଁ ମହିଳାଙ୍କୁ ଆକ୍ରମଣ କରି ମାରିଥିବା ସ୍ଥାନୀୟ ଲୋକେ ଦାବି କରିଛନ୍ତି। ସେମାନେ କହିଛନ୍ତି, ମହିଳାଙ୍କ ମୃତଦେହ ପଡ଼ିଥିବା ସ୍ଥାନ, ଜିପିଏସ୍ ରିଡିଙ୍ଗ୍ ସହିତ ବାଘୁଣୀ ବେକରେ ଲାଗିଥିବା ରେଡିଓ କୁଲାର ପରିଚାଳନା କରୁଥିବା ଆଣ୍ଟିନା ଏବଂ ସାଟେଲାଇଟ୍‌ର ତଥ୍ୟ ସଂଗ୍ରହ କଲେ ଘଟଣାରେ ବାଘୁଣୀର ସମ୍ପୃକ୍ତି ସ୍ପଷ୍ଟ ଜଣାପଡ଼ିବ। ଅନ୍ୟପକ୍ଷରେ ସୁନ୍ଦରୀକୁ ଏଯାଏ ବନ ବିଭାଗ ଆୟତ୍ତ କରିପାରି ନାହିଁ। ମଙ୍ଗଳବାର ଅପରାହ୍ନ ସୁଧା ସୁନ୍ଦରୀ ଆଠମଲ୍ଲିକ ବନଖଣ୍ଡ ରଙ୍ଗପୁର ଓ କମଳପୁର ଅଞ୍ଚଳରେ ଥିବା ଜଣାପଡ଼ିଛି। ସେଠାରେ ସେ ଏକ ଗାଈକୁ ଆକ୍ରମଣ କରିଥିବା ସୂଚନା ମିଳିଛି।

ଏ ବିଷୟରେ ପୁରୁଣାକୋଟ ଆଇଆଇସି ବିଜୟ କୁମାର ହାଇବ୍ରୋ କୁହନ୍ତି, ମହିଳାଙ୍କ ମୃତ୍ୟୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଅନୁଗୋଳ ଏସ୍‌ଡିପିଓ ହରିହର ପାଣି ଓ ଢେଙ୍କାନାଳରୁ ସାଇଣ୍ଟିଫିକ ଟିମ ଆସି ପହଞ୍ଚିବେ। ମହିଳାଙ୍କ ମୃତ୍ୟୁ ହୋଇଥିବା ସ୍ଥାନରେ ବିଭିନ୍ନ ପ୍ରମାଣ, ପାଦଚିହ୍ନ ମିଳିଛି। ଟିମ୍ ଆସିଲେ ଉକ୍ତ ପ୍ରମାଣ ସଂଗ୍ରହ କରାଯିବ। ସୁନ୍ଦରୀକୁ ଘଉଡ଼ା ଯାଉଥିବା ବେଳେ ସେ ପହଞ୍ଚିଥିଲେ। ବାଘୁଣୀ ଯିବାପରେ ମହିଳାଙ୍କ ମୃତଦେହକୁ ସୁରକ୍ଷିତ ସ୍ଥାନକୁ ଅଣାଯାଇଥିଲା ବୋଲି ଆଇଆଇସି ପ୍ରକାଶ କରିଛନ୍ତି।

# ନବୀନଙ୍କୁ ଭେଟିଲେ ରାଜଶ୍ରୀ



ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରୁ ଆସିଥିବା ବିଜେଡି କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କୁ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରୁଛନ୍ତି।

ଭୁବନେଶ୍ୱର,୧୮।୯(ବ୍ୟୁରୋ):

ଅସୌଜନ୍ୟମୂଳକ ମନ୍ତବ୍ୟ ଏବଂ ଦଳ ବିରୋଧୀ କାର୍ଯ୍ୟ ପାଇଁ ନିକଟରେ ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କୁ ବିଜେଡିରୁ ବହିଷ୍କାର କରାଯାଇଛି। ଦାମଙ୍କ ଏଭଳି ମନ୍ତବ୍ୟ ପାଇଁ ସରକାରଙ୍କୁ ଜନସାଧାରଣରେ ନିନ୍ଦିତ ହେବାକୁ ପଡ଼ିଛି। ଏଭଳି ମନ୍ତବ୍ୟ ଦେଇ ସରକାରକୁ ଅନେକ ଅସୁବିଧାରେ ପକାଇବାକୁ ଅପଚେଷ୍ଟା କରାଯାଉଥିଲା। ଏଭଳି ପରିସ୍ଥିତିରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଉତଙ୍କୁ ଦଳରୁ ବହିଷ୍କାର କରିଥିଲେ। ସଭାପତିଙ୍କ ଏତାଦୃଶ ନିଷ୍ପତ୍ତିକୁ ସ୍ୱାଗତ କରି ମଙ୍ଗଳବାର ବିଧାୟିକା ରାଜଶ୍ରୀ ମଲ୍ଲିକଙ୍କ ନେତୃତ୍ୱରେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ସମସ୍ତ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି, ଦଳୀୟ ନେତୃମଣ୍ଡଳୀଙ୍କ ସମେତ ଦୁଇ ହଜାରରୁ ଊର୍ଦ୍ଧ୍ୱକର୍ମୀ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଓ ଧନ୍ୟବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ପ୍ରିୟଦର୍ଶିନୀ ବିଶ୍ୱାଳ, ଜିଲା ପରିଷଦ ସଭ୍ୟ ସନାତନ ଦଳାଇ, ପ୍ରବୀର ରାୟ, ଲିପାଲି ରାଉଳ, ଡେଜାଲିନ୍ ମହାପାତ୍ର, ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷା ସୁଜାତା ମହାନ୍ତି, ଉପାଧ୍ୟକ୍ଷ ଆଶିଷ ସେଠୀ, ରଘୁନାଥପୁର ବ୍ଲକ ଅଧ୍ୟକ୍ଷା ସ୍ୱପ୍ନା ସରିତା ବଳ, ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ସମସ୍ତ ସମିତି ସଭ୍ୟସଭ୍ୟା, ବିରିଡି ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ରାଉଳ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଧାନ ଜେନା, ବିରିଡି ବ୍ଲକ ମହିଳା ବିଜେଡି ସଭାନେତ୍ରୀ ମହାଶ୍ୱେତା ଜେନା, ତିର୍ତ୍ତୋଲ ବ୍ଲକ ସଭାନେତ୍ରୀ ନିବେଦିତା ମହାନ୍ତି, ୩ ବ୍ଲକର ଯୁବ-ଛାତ୍ର ବିଜେଡି ସଭାପତି ପ୍ରମୁଖ ଉପସ୍ଥିତ ଥିଲେ।

AXIS BANK
Registered Office: 'Trishul', 3rd Floor, Opp. Samartheswar Temple, New Law Garden, Ellisbridge, Ahmedabad-380006
Circle Office: Bhubaneswar
NOTICE

Notice is hereby given that the following persons have availed locker facilities from our Bank.

| BRANCH | LOCKER NO. | NAME OF THE LOCKER HIRER(S) MR./MS. | ADDRESS |
|---|---|---|---|
| Berhampur, Ganjam | 43 | Mohd. Abdul Safeer Tayub | Tulsi Nagar, 5th lane, Aska Road, Berhampur-760001 |
| Chandrasekharpur, Bhubaneswar | 2064 | Mr. Subrat Kumar Raj | At: Atala, P.O.: Jaypur, P.S.: Balianta, Dist.: Khurdha-752101 |
| Jharsuguda | 2051 | Mr. Jyoti Prakash De | S/o: Late Bidyut Prakash De, Opp. Shiv Mandir, Burdwan, W.B.-713102 |
| CRPF Square, Bhubaneswar | 3038 | Mr. Rabindra Kumar Jena | Flat No.: 204, Vinaydeep Apartment, Ashok Nagar, Bhubaneswar-751009 |
| Jajpur Town | 1074 | Mr. Bijaya Bhusan Mahunta | Plot No.: 210(A), Sastrinagar, Bhubaneswar - 751001 |
| Parlakhemundi | 67 | Mr. Srinivasu Kangava | New Kapu Street, Parlakhemundi, Dist.: Gajapati - 761200 |

They have failed and neglected in not operating locker for a considerable period of time. Whereas the bank has issued several notices to them from time to time calling upon to operate the locker and/or close the locker facility(ies), which were duly acknowledged by them and/or returned undelivered.

Whereas as a last chance, Notice is hereby given that if the above persons fail to operate locker **on or before 04.10.2018**, the Bank shall break and open the locks of locker at locker hirer's risk and responsibility, as per Banking Law and Practice and take inventory of items, if any, lying in the locker and keep the same in bank's custody until such time the arrears of rent along with interest, expenses, charges, etc. are paid to the bank. The Bank reserves the right to adjust the cash, if any found in the locker against the outstanding dues, if any of the persons to the Bank and it shall be treated as proper discharge on the part of the Bank and no claims, whatsoever, shall be entertained thereafter in this regard. For the balance dues, if any of locker rentals, the bank reserves its right to proceed legally against the locker hirer/s for recovery of its dues.

Date : 18.09.2018, Place : Bhubaneswar — Sd/- Circle BBO Head, Axis Bank Ltd., Bhubaneswar Circle




ପୂର୍ବ ତଟ ରେଳପଥ

ଜୋନାଲ ମୁଖ୍ୟାଳୟରେ ଦୀର୍ଘ ସମୟ ଧରି ଖାଲିଥିବା ଅନୁକମ୍ପା ମୂଳକ ନିଯୁକ୍ତି ମାମଲା ପାଇଁ ଅଦାଲତ-୨୦୧୮

ପୂର୍ବ ତଟ ରେଳପଥ, ଭୁବନେଶ୍ୱର ପକ୍ଷରୁ ଦୀର୍ଘ ସମୟ ଧରି ଖାଲିଥିବା ଅନୁକମ୍ପା ମୂଳକ ନିଯୁକ୍ତି ସମ୍ପନ୍ନ କରିବା ପାଇଁ ଜୋନାଲ୍ ମୁଖ୍ୟାଳୟ ସ୍ତରୀୟ ଅଦାଲତ **ତା.୨୬.୧୦.୨୦୧୮ (ଶୁକ୍ରବାର) ପୂର୍ବାହ୍ନ ୧୧.୦୦ ଘଟିକା** ସମୟରେ ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ରେଳ ସଦନ, ସାଉଥ୍ ବ୍ଲକ୍, ଦ୍ୱିତୀୟ ମହଲା, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୭ଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ସେଥିପାଇଁ ମୃତକଙ୍କ ପରିବାର/ଶାରୀରିକ ଅକ୍ଷମ/ଶ୍ରେଣୀ ବହିଃର୍ଭୂତ କର୍ମଚାରୀଙ୍କ (ଯେଉଁମାନେ କେବଳ ଭୁବନେଶ୍ୱର ସ୍ଥିତ ପୂର୍ବ ତଟ ରେଳପଥ ମୁଖ୍ୟାଳୟଠାରେ କାର୍ଯ୍ୟରତ ଥିଲେ) ଦରଖାସ୍ତ ଗୁଡ଼ିକରେ ସେମାନଙ୍କର ଦୀର୍ଘ ସମୟ ଧରି ଖାଲିଥିବା ଅନୁକମ୍ପା ମୂଳକ ନିଯୁକ୍ତି ଭିତ୍ତିକ ମାମଲାର ନିମ୍ନବର୍ଣ୍ଣିତ ତଥ୍ୟ ପ୍ରଦାନ କରି ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ରେଳ ସଦନ, ସାଉଥ୍ ବ୍ଲକ୍, ଦ୍ୱିତୀୟ ମହଲା, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୭ଙ୍କ ଠିକଣାରେ ଆବେଦନପତ୍ର ଗୁଡ଼ିକ **ତା.୨୬.୧୦.୨୦୧୮ରିଖ** ସୁଦ୍ଧା ଦାଖଲ କରିପାରିବେ ଏବଂ ସମସ୍ତ ପ୍ରାସଙ୍ଗିକ ମୂଳ ନଥିପତ୍ର/ ପ୍ରମାଣପତ୍ର ସହିତ **ତା.୨୬.୧୦.୨୦୧୮ରିଖ** ଦିନ ହେବାକୁ ଥିବା ଅଦାଲତରେ ଯୋଗ ଦେଇପାରିବେ।

୧. ଆବେଦନକାରୀଙ୍କ ନାମ :
୨. ପ୍ରାକ୍ତନ କର୍ମଚାରୀଙ୍କ ସହିତ ସମ୍ପର୍କ :
୩. ଆବେଦନକାରୀଙ୍କ ଶିକ୍ଷାଗତ ଯୋଗ୍ୟତା :
୪. ଜନ୍ମ ତାରିଖ :
୫. ପ୍ରଥମ ଅନୁକମ୍ପା ମୂଳକ ନିଯୁକ୍ତି ଆବେଦନର ତାରିଖ (ନକଲ ସଂଲଗ୍ନ କରାଯିବା ଆବଶ୍ୟକ) :
୬. ପ୍ରାକ୍ତନ କର୍ମଚାରୀଙ୍କ ସଂପୂର୍ଣ୍ଣ ବିବରଣୀ :
୭. ଆପତ୍ତିର ସଂପୂର୍ଣ୍ଣ ବିବରଣୀ :

**ଦରଖାସ୍ତ ପଠାଇବା ସମୟରେ ଆବେଦନକାରୀ ନିମ୍ନବର୍ଣ୍ଣିତ ନଥିପତ୍ରଗୁଡ଼ିକ ସଂଲଗ୍ନ କରିବା ଉଚିତ।**

୧. ମୃତ୍ୟୁ ପ୍ରମାଣପତ୍ର / ସ୍ୱାସ୍ଥ୍ୟଗତ ଅକ୍ଷମତା କିମ୍ବା ଶ୍ରେଣୀ ବହିଃର୍ଭୂତ ପ୍ରମାଣପତ୍ର।
୨. ନିରୁଦ୍ଦିଷ୍ଟ ରେଳ କର୍ମଚାରୀଙ୍କ ନାମରେ ଦର୍ଜ ହୋଇଥିବା ଏଫ୍‌ଆଇଆର (FIR)।
୩. ଆଇନ୍‌ଗତ ଉତ୍ତରାଧିକାରୀ ପ୍ରମାଣପତ୍ର।
୪. ଗଠିତ ପରିବାର ସଦସ୍ୟଙ୍କ ବିଷଦ ବିବରଣୀ।
୫. ନିଯୁକ୍ତି ସହାୟତା କାମନା ଭିତ୍ତିକ ଦରଖାସ୍ତ।
୬. ଆବେଦନକାରୀଙ୍କ ଜନ୍ମ ତାରିଖ / ଯୋଗ୍ୟତା ସମ୍ପର୍କିତ ପ୍ରମାଣପତ୍ର।
୭. ଉପଲବ୍ଧ ଥିବା ମୀମାଂସା (Settlement) କାଗଜପତ୍ର।
୮. ସତ୍ୟାପିତ ହୋଇଥିବା ଆବେଦନକାରୀଙ୍କ ଫଟୋ (୩ ଗୋଟି)।
୯. ପୋଷ୍ୟ ପୁତ୍ର / କନ୍ୟା ଗ୍ରହଣ ମାମଲାରେ ବୈଧ ପୋଷ୍ୟ ଗ୍ରହଣ ଦଲୀଲ।
୧୦. ଜ୍ୟେଷ୍ଠଙ୍କ ଠାରୁ କନିଷ୍ଠଙ୍କ ସପକ୍ଷରେ ଆପତ୍ତି ବିହୀନ ପ୍ରମାଣପତ୍ର।

PR-348/J/18-19 — ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ








ରବିବାର ଚେନ୍ନାଇର ଭାଜପା ପ୍ରଦେଶ ଅଧ୍ୟକ୍ଷ ତାମିଲିସାଇ ସୁନ୍ଦରାଜନ ଗଣମାଧ୍ୟମକୁ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିକୁ ନେଇ କିଛି ପ୍ରଶ୍ନର ଉତ୍ତର ଦେଉଥିଲେ। ଏହି ସମୟରେ ତାଙ୍କ ପଛରେ ଥିବା କାତିର ନାମକ ଜଣେ ଅଟୋ ଚାଳକ କାହିଁକି ଇନ୍ଧନ ଦର ବାରମ୍ବାର ବୃଦ୍ଧି ହେଉଛି ବୋଲି ପ୍ରଶ୍ନ କରିଥିଲେ। ପୁଣିଥରେ କାତିର ପ୍ରଶ୍ନକୁ ଦୋହରାଇବାରୁ ସେଠାରେ ଥିବା କେତେଜଣ ଭାଜପା କର୍ମକର୍ତ୍ତା ଉକ୍ତ ଅଟୋ ଡ୍ରାଇଭରଙ୍କ ଚୁଟି ଝିଙ୍କି ମାଡ ମାରି ସେଠାରୁ ବାହାର କରି ଦେଇଥିଲେ। ଏ ସମସ୍ତ ଘଟଣା ସେଠାରେ ଥିବା ଗଣମାଧ୍ୟମ କ୍ୟାମେରାରେ ରେକର୍ଡ ହେବା ପରେ ଏବେ ଏହା ଚର୍ଚ୍ଚାର ପରିସରକୁ ଆସିଯାଇଛି।

# ୧୮ ବର୍ଷ ପରେ ବି ଆଦିବାସୀଙ୍କ ପାଖରେ ବିକାଶ ଅପହଞ୍ଚ: ବିରୋଧୀ

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ରାଜ୍ୟରେ ୪୦% ଦଳିତ, ଆଦିବାସୀ ଅଛନ୍ତି। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ସେମାନେ ଅବହେଳିତ। ଆଜି ପର୍ଯ୍ୟନ୍ତ ଆଦିବାସୀ ଗାଁକୁ ସବୁଦିନିଆ ରାସ୍ତା ହୋଇପାରିଲା ନାହିଁ। ଶିକ୍ଷା ଓ ସ୍ୱାସ୍ଥ୍ୟ କଥା ନ କହିବା ଭଲ। ବିଭାଗୀୟ ମନ୍ତ୍ରୀଙ୍କ ଗାଁକୁ ମଧ୍ୟ ରାସ୍ତା ନାହିଁ। ତାଙ୍କୁ ମଧ୍ୟ ବହୁ ଜାଗାରେ ଅପଦସ୍ଥ ହେବାକୁ ପଡୁଛି। ୧୮ ବର୍ଷ ଭିତରେ ସରକାର କେବଳ ଭୋଟ ଆଣିଛନ୍ତି। ମାତ୍ର ବିକାଶର ନାଁ ଗନ୍ଧ ନାହିଁ। ଯେଉଁ ଯୋଜନା କରାଯାଉଛି ତାହା ନାମକୁ ମାତ୍ର ହୋଇ ରହୁଛି। ମଙ୍ଗଳବାର ବିଧାନସଭାରେ ମୁତଲବୀ ଆଲୋଚନା ବେଳେ ବିରୋଧୀ ଦଳ ସରକାରଙ୍କୁ ଏଭଳି ଢଙ୍ଗରେ କଟାକ୍ଷ କରିଥିଲେ। ବିରୋଧୀଙ୍କୁ ଜବାବ ଦେଇ ଶାସକ ଦଳ କହିଛି ଯେ, ଯାହା ହୋଇଛି ଗତ ୧୮ ବର୍ଷ ଭିତରେ ହୋଇଛି। ଆମ ପିଲାଦିନେ ତୋରାଣି ଟିକେ ପିଇବାକୁ ପାଉ ନ ଥିଲେ। ଏବେ ଆଦିବାସୀମାନଙ୍କର ଅନେକ ଉନ୍ନତି ହୋଇଛି। ଆଦିବାସୀମାନଙ୍କୁ ଜମିପଟ୍ଟା ଦେବାଠାରୁ ଆରମ୍ଭକରି ଖେଳାଳିମାନଙ୍କୁ ପୁରସ୍କୃତ କରାଯାଉଛି। ଆଦିବାସୀମାନଙ୍କ ନାମରେ ମେଡିକାଲ କଲେଜ ଖୋଲାଯାଇଛି। ଆଦିବାସୀ ଭାଷାକୁ ସମ୍ବିଧାନର

## ମୁଲତବୀ ଆଲୋଚନା

ଅଷ୍ଟମ ପରିଚ୍ଛେଦରେ ସ୍ଥାନ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ଶାସକ ଦଳ ବିରୋଧୀଙ୍କୁ ଏଭଳି ଢଙ୍ଗରେ ଜବାବ ଦେଇଥିଲେ।

ବିରୋଧୀ ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତିଙ୍କ ଦ୍ୱାରା ଆଗତ ରାଜ୍ୟରେ ଅନୁସୂଚିତ ଜାତି ଓ ଜନଜାତି ଅବହେଳିତ ଶୀର୍ଷକ ମୁଲତବୀ ଆଲୋଚନାରେ ଭାଗନେଇ କଂଗ୍ରେସ ସଭ୍ୟ ପ୍ରଫୁଲ୍ଲ ମାଝି କହିଲେ, ଆଦିବାସୀ ଓ ଦଳିତମାନେ ମୁଖ୍ୟସ୍ରୋତକୁ ନ ଆସିବା ଯାଏ ରାଜ୍ୟର ବିକାଶ ହୋଇପାରିବ ନାହିଁ। ସରକାର ଗତ ୧୮ ବର୍ଷ ମଧ୍ୟରେ କେତେଜଣ ଆଦିବାସୀଙ୍କୁ ସଶକ୍ତ କରିଛନ୍ତି ତା'ର ହିସାବ ଦେବା ଦରକାର। ଗ୍ରାମସଭାର ଦ୍ୱାହିଦେଇ ଆଦିବାସୀ ଅଞ୍ଚଳରେ ସରକାର ମଦଦୋକାନ ଖୋଲୁଛନ୍ତି। ମଦ ବନ୍ଦ ନ କଲେ ଆଦିବାସୀମାନଙ୍କର ବିକାଶ ହୋଇପାରିବ ନାହିଁ ବୋଲି ସେ କହିଥିଲେ। କଂଗ୍ରେସ ସଭ୍ୟ ଭୁଜବଳ ମାଝି କହିଛନ୍ତି ଯେ, ଆଦିବାସୀମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରାଯାଇଛି। ମନ୍ତ୍ରୀ ନିଜେ ଅସହାୟ। ତାଙ୍କ ଜିଲାରେ ମଧ୍ୟ ବିକାଶ ହୋଇ ନାହିଁ। ଆଦିବାସୀମାନଙ୍କର କିଛି ବିକାଶ ହୋଇ ନାହିଁ କହି ତାରାପ୍ରସାଦ ଓ ଚନ୍ଦ୍ରଶେଖର ମାଝି ଗୃହରେ ଧାରଣା ଦେବାକୁ ଆସିଲେ। ବାଚସ୍ପତିଙ୍କ ଅନୁରୋଧ ପରେ ନିଜ ସିଟ୍‌କୁ ଫେରି ଯାଇଥିଲେ। ଭାଜପା ସଭ୍ୟ ପ୍ରଦୀପ ପୁରୋହିତ କହିଲେ, ସରକାର ଓ ମନ୍ତ୍ରୀଙ୍କ ମଧ୍ୟରେ ପାତରଅନ୍ତର ରହିଛି। ସରକାର କଳିଙ୍ଗନଗରରେ ଆଦିବାସୀମାନଙ୍କର ପାପୁଲି କାଟି ଦେଲେ। ନିୟମଗିରି ପାହାଡ଼ ବେଦାନ୍ତକୁ ଦେବାକୁ ସୁପ୍ରିମକୋର୍ଟକୁ ଗଲେ। ଗତ ୧୮ ବର୍ଷ ମଧ୍ୟରେ କି ପଦକ୍ଷେପ ନେଇଛନ୍ତି ସେ ବିଷୟରେ ଜଣାଇବାକୁ ମନ୍ତ୍ରୀଙ୍କୁ କହିଥିଲେ। ବିଜେଡି ସଭ୍ୟ ମହେଶ ସାହୁ ଆଦିବାସୀମାନଙ୍କ ବିକାଶକୁ ନେଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ସେ କହିଲେ, ଆମେ ବିଧାୟକମାନେ ଆତ୍ମସମୀକ୍ଷା କରିବା ଦରକାର। ଯୋଜନା କାର୍ଯ୍ୟକାରୀ ହେଉଛି କି ନାହିଁ ସେ ବିଷୟକୁ ତଦାରଖ କରିପାରିଲେ ଅନୁସୂଚିତ ଜାତି ଓ ଜନଜାତିମାନଙ୍କର ବିକାଶ ହୋଇପାରିବ। ବିଜେଡି ସଭ୍ୟ ସୁଦାମ ମାରାଣ୍ଡି କହିଲେ, ସରକାର ଆଦିବାସୀ ଓ ଦଳିତଙ୍କ ବିକାଶ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ମେଡିକାଲ କଲେଜଗୁଡ଼ିକ ଆଦିବାସୀଙ୍କ ନାମରେ ନାମିତ କରାଯାଇଛି। ଆଦିବାସୀ ଖେଳାଳିମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରୁଛନ୍ତି। ଆଦିବାସୀ ଗରିବ ନୁହେଁ। ସେ ରହୁଥିବା ମାଟି ତଳେ ବହୁ ମୂଲ୍ୟ ଖଣିଜ ପଦାର୍ଥ ରହିଛି। କେନ୍ଦ୍ର ସରକାର ଅନୁଦାନ ହ୍ରାସକରି ରାଜ୍ୟ ଉପରେ ଆର୍ଥିକ ବୋଝ ଲଦି ଦେଇଛନ୍ତି ବୋଲି ସେ କହିଛନ୍ତି। ଭାଜପା ସଭ୍ୟ ରବି ନାଏକ ମୁଲତବୀ ପ୍ରସ୍ତାବକୁ ସମର୍ଥନ କରିଥିବା ବେଳେ ବିଜେଡି ସଭ୍ୟ ମାନସ ମାଡକାମୀ ବିରୋଧ କରିଥିଲେ। ଆଲୋଚନା ଶେଷରେ ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ମନ୍ତ୍ରୀ ରମେଶ ମାଝି କହିଲେ, ରାଜ୍ୟରେ ମୋଟ ୬୨ ଗୋଟି ଅନୁସୂଚିତ ଜନଜାତି ଓ ୯୩ ଗୋଟି ଅନୁସୂଚିତ ସମ୍ପ୍ରଦାୟ ବାସ କରୁଛନ୍ତି। ଅନୁସୂଚିତ ଜାତି ଓ ଜନଜାତି ଅଞ୍ଚଳରେ ଶିକ୍ଷାର ପ୍ରସାର ପାଇଁ ୪୦୮୮ ଆବାସିକ ବିଦ୍ୟାଳୟ ସ୍ଥାପନ କରାଯାଇଥିବା ବେଳେ ୫.୭୦ ଲକ୍ଷ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଛି। ୧୭ ଲକ୍ଷ ଛାତ୍ରୀଛାତ୍ରଙ୍କୁ ପ୍ରାକ୍ ମାଟ୍ରିକ ବୃତ୍ତି ପ୍ରଦାନ କରାଯାଉଛି। ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଆବାସିକ ବିଦ୍ୟାଳୟ ଛାତ୍ରୀଙ୍କ ପାଇଁ ବାର୍ଷିକ ୮ ହଜାର ଟଙ୍କା ଓ ଛାତ୍ରଙ୍କ ପାଇଁ ୭୫୦୦ ଟଙ୍କା ଯୋଗାଇ ଦେଉଛନ୍ତି। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ ବିରୋଧୀ ଦଳ ସଦସ୍ୟମାନେ ବିଧାନସଭା କକ୍ଷ ଛାଡ଼ି ଚାଲିଯାଇଥିଲେ।

## ସଂକ୍ଷେପରେ

### ବିଭିନ୍ନ ଦୁର୍ନୀତିର ତଦନ୍ତ ହେବା ଆବଶ୍ୟକ: ଜୁଏଲ

ଭୁବନେଶ୍ୱର,୧୮।୯(ବ୍ୟୁରୋ): ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ଆଣିଥିବା ଦୁର୍ନୀତି ପ୍ରସଙ୍ଗରେ ଶାସକ ଦଳକୁ ବିରୋଧୀ ବାରମ୍ବାର ଟାର୍ଗେଟ କରୁଛନ୍ତି। ଦାମ ଆଣିଥିବା ଅଭିଯୋଗକୁ ମନ୍ତ୍ରୀ ସ୍ୱୀକାର କରୁଥିଲେ ମଧ୍ୟ ଏହାର ତଦନ୍ତ ନିର୍ଦ୍ଦେଶ ଦେଉ ନ ଥିବା ବିରୋଧୀ କହୁଛନ୍ତି। ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି ଯେ, ବିଜେଡି ହେଉଛି ଦୁର୍ନୀତିଗ୍ରସ୍ତ ସରକାର। ବର୍ତ୍ତମାନ ବିଭିନ୍ନ ଦୁର୍ନୀତି ବିରୋଧରେ ତଦନ୍ତ କରାଯିବାର ଆବଶ୍ୟକତା ରହିଛି। ଚାରା, ଡାଲି ଏବଂ ଚିଟ୍‌ଫଣ୍ଡ ଭଳି ବିଭିନ୍ନ ଦୁର୍ନୀତି ଏ ସରକାର ସମୟରେ ହୋଇଛି। ଏସବୁର ତଦନ୍ତ କରିବାକୁ ରାଜ୍ୟ ସରକାର ଭୟ କରୁଛନ୍ତି ବୋଲି ଜୁଏଲ କହିଛନ୍ତି। ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି, ଜୁଏଲ ବର୍ତ୍ତମାନ ଦାମଙ୍କୁ ସୁହାଇଲା ଭଳି କଥା କହୁଛନ୍ତି। ତାଙ୍କର ଏ ଉକ୍ତି ନୂଆ ନୁହେଁ ଯେବେଠାରୁ ବିଜେଡି ସହ ଭାଜପାର ମେଣ୍ଟ ଭାଙ୍ଗିଲାଣି ସେବେଠାରୁ ଜୁଏଲ ଏଭଳି ମନ୍ତବ୍ୟ ଦେଉଛନ୍ତି ବୋଲି ଅରୁଣ କହିଛନ୍ତି।

### ହ୍ରାସ ପାଉଛି ଗୋସମ୍ପଦ

ଭୁବନେଶ୍ୱର,୧୮।୯(ବ୍ୟୁରୋ): କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ ପ୍ରତି ୫ ବର୍ଷରେ ଥରେ ପ୍ରାଣୀଧନ ଗଣନା ହୋଇଥାଏ। କୋରାପୁଟ ଜିଲା ସମେତ ରାଜ୍ୟରେ ୨୦୦୭ ଓ ୨୦୧୨ରେ ପ୍ରାଣୀଧନ ଗଣନା ହୋଇଥିଲା। ଉକ୍ତ ଗଣନା ଅନୁଯାୟୀ ରାଜ୍ୟରେ ଗୋମହିଷାଦିଙ୍କ ସଂଖ୍ୟା ୨୦୦୭ ବର୍ଷରେ ୧,୪୯,୩୮,୫୭୯ ଓ ୨୦୧୨ ବର୍ଷରେ ୧,୨୩,୪୭,୫୭୮ ଥିଲା। କୋରାପୁଟ ଜିଲାରେ ୨୦୦୭ ଗଣନା ଅନୁଯାୟୀ ୫,୭୯,୧୮୫ ଓ ୨୦୧୨ରେ ୫,୪୮,୧୭୫ ଗୋମହିଷାଦି ଅଛନ୍ତି। ବ୍ୟାପକ କୃଷିଯନ୍ତ୍ରର ବ୍ୟବହାର, ଶିଳ୍ପାୟନ ଏବଂ ଚାରଣ ଭୂମିର ହ୍ରାସ ଯୋଗୁ ଗୃହପାଳିତ ପଶୁଙ୍କ ସଂଖ୍ୟାରେ ହ୍ରାସ ଘଟିଛି ବୋଲି କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ପ୍ରଦୀପ ମହାରଥୀ କହିଛନ୍ତି।

■ ଟଙ୍କାର ଆଉ ଏକ ରେକର୍ଡ

# ନିବେଶକଙ୍କ ୨.୭୨ ଲକ୍ଷ କୋଟି ବୁଡ଼ିଲା

ନୂଆଦିଲ୍ଲୀ/ମୁମ୍ବାଇ,୧୮।୯

ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ସୁଧାରିବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷିତ ପଦକ୍ଷେପର ପ୍ରଭାବ ପଡୁଥିବା ମନେହେଉନି। ମଙ୍ଗଳବାର ଟଙ୍କା ମୂଲ୍ୟ ୪୭ ପଇସା ହ୍ରାସ ପାଇ ୭୨.୯୮ରେ ବନ୍ଦ ହୋଇ ଆଉ ଏକ ନୂଆ ରେକର୍ଡ କରିଛି। ଗତ ୧୨ରେ ଟଙ୍କାର ମୂଲ୍ୟ ୭୨.୯୧ ଥିଲା। ଡିଲରଙ୍କ କହିବାନୁଯାୟୀ ଗତ ସପ୍ତାହରେ ରିଜର୍ଭ ବ୍ୟାଙ୍କ ଭାରି ମାତ୍ରାରେ ଡଲାର ବିକ୍ରି କରିବା ସତ୍ତ୍ୱେ ଟଙ୍କାର ମୂଲ୍ୟକୁ ସ୍ଥିର କରାଯାଇ ପାରି ନ ଥିଲା। ଅନ୍ୟପକ୍ଷରେ ଷ୍ଟକ୍‌ମାର୍କେଟ୍ ହ୍ରାସ ପାଇବା ଯୋଗୁ ନିବେଶକଙ୍କ ୨.୭୨ ଲକ୍ଷ କୋଟି ଟଙ୍କା ବୁଡ଼ି ଯାଇଛି। ମଙ୍ଗଳବାର ସକାଳେ ରପ୍ତାନିକାରୀ ଓ ବ୍ୟାଙ୍କଗୁଡିକ ପକ୍ଷରୁ ଭାରି ମାତ୍ରାରେ ଡଲାର ବିକ୍ରି କରାଯିବାରୁ ଟଙ୍କା ମୂଲ୍ୟରେ ୧୦ ପଇସା ଉନ୍ନତି ଦେଖାଯାଇଥିଲା ଓ ଏହା ୭୨.୪୧ରେ ପହଞ୍ଚିଯାଇଥିଲା। କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଡଲାର ବିକ୍ରି ବଢ଼ିଯିବାରୁ ଟଙ୍କା ମୂଲ୍ୟରେ ୪୭ ପଇସା ହ୍ରାସ ପାଇ ୭୨.୯୮ରେ ବନ୍ଦ ହୋଇଥିଲା। ଆମେରିକାର ଆଭ୍ୟନ୍ତରୀଣ ନୀତି ଓ ଚାଇନା ସହିତ ଏହାର ଟ୍ରେଡ୍ ୱାର ଯୋଗୁ ଟଙ୍କାର ମୂଲ୍ୟ କମୁଛି ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ପୂର୍ବରୁ କହିଥିଲେ। ଅନ୍ୟପକ୍ଷରେ ସୋମବାର ଭଳି ମଙ୍ଗଳବାର ମଧ୍ୟ ସେନ୍‌ସେକ୍ସ ଓ ନିଫ୍ଟି ହ୍ରାସ ପାଇଥିଲା। ଫଳରେ ଦୁଇଦିନ ଭିତରେ ସେନସେକ୍ସରେ ୮୦୦ ପଏଣ୍ଟ ପାଖାପାଖି ହ୍ରାସ ପାଇବାରୁ ନିବେଶକଙ୍କ ପ୍ରାୟ ୨.୭୨ ଲକ୍ଷ କୋଟି ଟଙ୍କା ବୁଡ଼ିଯାଇଛି। ମଙ୍ଗଳବାର ସେନ୍‌ସେକ୍ସ ୨୯୪.୮୪ ପଏଣ୍ଟ ହ୍ରାସ ପାଇ ୩୭,୨୯୦.୬୭ରେ ଏବଂ ନିଫ୍ଟିରେ ୯୮.୮୫ ପଏଣ୍ଟ କମି ୧୧,୨୭୮.୯୦ରେ ବନ୍ଦ ହୋଇଛି। ଅନ୍ତର୍ଜାତୀୟ ବଜାରରେ ତୈଳ ଦର ହ୍ରାସ ପାଇବା କାରଣରୁ ସେନ୍‌ସେକ୍ସ ହ୍ରାସ ପାଉଛି ବୋଲି ଜିଓଜିତ୍ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡର ଗବେଷଣା ମୁଖ୍ୟ ବିନୋଦ ନାୟାର ପ୍ରକାଶ କରିଛନ୍ତି। ଆମେରିକା ଓ ଚାଇନା ମଧ୍ୟରେ ନୂଆ ଟାରିଫ ଯୁଦ୍ଧ ଆରମ୍ଭ ହୋଇଯାଇଥିବାରୁ ନିବେଶକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

# ଇଚ୍ଛାକୃତ ଋଣଖିଲାପି, ପଳାତକଙ୍କୁ ସେବି ଛାଟ

ମୁମ୍ବାଇ,୧୮।୯

ଷ୍ଟକ ମାର୍କେଟର ସମାଧାନ ବ୍ୟବସ୍ଥାରୁ ଇଚ୍ଛାକୃତ ଋଣଖିଲାପି, ପଳାତକ ଆର୍ଥିକ ଅପରାଧି ଏବଂ ଖିଲାପ ଲାଗି ଦାୟୀ ବ୍ୟକ୍ତିବିଶେଷଙ୍କୁ ବାଦ ଦିଆଯିବ। ଷ୍ଟକ୍ ମାର୍କେଟ ନିୟନ୍ତ୍ରକ ସେବି ପକ୍ଷରୁ ମଙ୍ଗଳବାର ଏ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଖିଲାପି ମାମଲାରେ ପୂର୍ବରୁ ଅଗ୍ରାହ୍ୟ ହୋଇଥିବା ଆବେଦନକୁ ପୁନର୍ବାର ବିଚାରକୁ ନିଆଯିବ ନାହିଁ। ମଙ୍ଗଳବାର ସେବି ବୋର୍ଡ ବୈଠକରେ ଏପ୍ରକାର ସଂଶୋଧନକୁ ଅନୁମୋଦନ କରାଯାଇଛି। ବୋର୍ଡ ସେବିର ବର୍ତ୍ତମାନ ସମାଧାନ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ସେବି(ସମାଧାନ କାର୍ଯ୍ୟପ୍ରଣାଳୀ) ନିୟମ, ୨୦୧୮ର ନିର୍ଦ୍ଦେଶ ଜରିଆରେ ସମାଧାନ ପଦକ୍ଷେପ ନିଆଯାଇପାରିବ ବୋଲି ସ୍ଥିର ହୋଇଛି। ଏଥିରେ ମୁଦ୍ରା ସହିତ ଅଣ-ମୁଦ୍ରା ସର୍ତ୍ତକୁ ସାମିଲ କରାଯାଇଛି। ଅବସରପ୍ରାପ୍ତ ବିଚାରପତି ଏ.ଆର.ଡାଭେଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ସୁପାରିସ ଭିତ୍ତିରେ ସଂଶୋଧନକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ସେବି ସଂଶୋଧନରେ କୁହାଯାଇଛି ଯେ, ବଜାରକୁ ପ୍ରଭାବିତ କରୁଥିବା ଖିଲାପିଙ୍କ ଆବେଦନର ସମାଧାନ କରାଯିବ ନାହିଁ। ଜାଣିଶୁଣି ଋଣ ପରିଶୋଧ କରି ନ ଥିଲେ, ପଳାତକ ଆର୍ଥିକ ଅପରାଧୀ ହୋଇଥିଲେ ନିର୍ଦ୍ଧାରିତ ପ୍ରକ୍ରିୟାରେ ସମାଧାନ ପାଇଁ ଅନୁମତି ଦିଆଯିବ ନାହିଁ।




## ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

**କ୍ଷେତ୍ରୀୟ କାର୍ଯ୍ୟାଳୟ, ବି/୨ ପଶ୍ଚିମ, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍ : ୦୬୭୪-୨୫୪୧୪୦୬/୨୫୪୦୦୩୨/୨୫୪୬୧୬୮**

## ବନ୍ଧକ ସୁନା ଅଳଙ୍କାର ନିଲାମ ନୋଟିସ୍

ନିମ୍ନଲିଖିତ ଋଣଗ୍ରହୀତାମାନେ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**ର ନିମ୍ନଲିଖିତ ଶାଖା ଗୁଡ଼ିକରୁ ସୁନା ଅଳଙ୍କାର ବନ୍ଧକ ରଖି ନେଇଥିବା ଋଣ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ପଇଠ କରିବାରେ ବିଫଳ ହୋଇଛନ୍ତି ଏବଂ ସେମାନଙ୍କୁ ରେଜିଷ୍ଟ୍ରି ଡ଼ାକ ଯୋଗେ ପଠାଇଥିବା ନୋଟିସ୍‌କୁ ମଧ୍ୟ ଗ୍ରହଣ କରିବା ପାଇଁ ମନା କରିଛନ୍ତି କିମ୍ବା ଦିଆଯାଇପାରି ନଥିବା କାରଣରୁ ଫେରସ୍ତ ଆସିଅଛି । ଏହି ନୋଟିସ୍ ମାଧ୍ୟମରେ ସେମାନଙ୍କୁ ଜଣାଇଦିଆଯାଉଅଛି ଯେ ଆଗାମୀ **ତା୨୫.୦୯.୨୦୧୮ରିଖ** ସୁଦ୍ଧା ସେମାନଙ୍କର ବକେୟା ଋଣ ସହିତ ସୁଧ ଓ ଆନୁସଙ୍ଗିକ ସମସ୍ତ ଖର୍ଚ୍ଚ ପରିଶୋଧ କରିବାରେ ବିଫଳ ହେଲେ ଆସନ୍ତା **ତା ୨୬.୦୯.୨୦୧୮ ରିଖ ପୂର୍ବାହ୍ନ ୧୧.୦୦ ଘଟିକା** କିମ୍ବା ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ କୌଣସି ସମୟରେ କୌଣସି ନୋଟିସ୍ ଦିଆନଯାଇ ବନ୍ଧକ ରଖାଯାଇଥିବା ସୁନା ଅଳଙ୍କାର ଗୁଡ଼ିକ ବ୍ୟାଙ୍କର ନିମ୍ନଲିଖିତ ସଂପୃକ୍ତ ଶାଖା ପରିସରରେ ସର୍ବସାଧାରଣରେ ଖୋଲା ନିଲାମ କରାଯିବ । ଯଦି ବନ୍ଧକ ସୁନା ନିଲାମପରେ ଋଣଗ୍ରହୀତାଙ୍କର ସମସ୍ତ ଋଣ ପରିଶୋଧ ନହୁଏ ତେବେ ବ୍ୟାଙ୍କ ଆଇନ ଅନୁଯାୟୀ ଅଦାଲତର ଆଶ୍ରୟ ନେଇ ବଳକା ଋଣ ଆଦାୟ କରିପାରିବେ । ଏହି ସମ୍ବନ୍ଧୀୟ ଅନ୍ୟାନ୍ୟ ଖର୍ଚ୍ଚ ଏବଂ ତତ୍‌ପରବର୍ତ୍ତୀ ସୁଧ ପାଇଁ ଋଣଗ୍ରହୀତା ଦାୟୀ ରହିବେ ଏବଂ ତାଙ୍କର ଉତ୍ତରାଧୀକାରୀମାନଙ୍କର କୌଣସି ଅସୁବିଧା, ଆପତ୍ତି, ଅଭିଯୋଗ ବା କ୍ଷତି ପାଇଁ ବ୍ୟାଙ୍କ ଦାୟୀ ରହିବ ନାହିଁ ।

| କ୍ର.ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ସ୍ୱର୍ଣ୍ଣ ଋଣ ଆକାଉଣ୍ଟ ନଂ. | ମୋଟ ଓଜନ (ଗ୍ରାମରେ) |
|---|---|---|---|
| | **ପାତ୍ରପଡ଼ା ଶାଖା, ଫୋନ୍ ନଂ.: ୦୬୭୪ - ୨୪୭୫୦୩୩** | | |
| ୦୧. | **ଚରଣ ଚମ୍ପତି**, ପିତା-ଅଗାଧୁ ଚମ୍ପତି, ସା-ଭଗବାନପୁର, ପୋ-ପାତ୍ରପଡ଼ା, ଭୁବନେଶ୍ୱର- ୭୫୧୦୧୯ । | ୨୩୨୮୦୩୧୨୧୫୦୦୦୦୬ | ୧୨.୪୮ |
| ୦୨. | **ଚରଣ ଚମ୍ପତି**, ପିତା-ଅଗାଧୁ ଚମ୍ପତି, ସା-ଭଗବାନପୁର, ପୋ-ପାତ୍ରପଡ଼ା, ଭୁବନେଶ୍ୱର- ୭୫୧୦୧୯ । | ୨୩୨୮୦୩୧୨୧୫୦୦୦୦୫ | ୨୨.୫୦ |
| | **ଧୁରୁକୁଡ଼ିଆ ଶାଖା, ଫୋନ୍ ନଂ.: ୭୮୯୮୬୧୩୧୩୯** | | |
| ୦୩. | **ହାଡ଼ିବନ୍ଧୁ ପାତ୍ରି**, ସା-ଦଶପୁର, ପୋ-ମେଘା, ଆଠଗଡ଼, କଟକ । | ୧୧୨୪୩୨୦୨୮୦୦୦୨୨୫ | ୨୭.୨୦ |
| ୦୪. | **ତ୍ରିନାଥ ସାମଲ**, ସା/ପୋ-ମେଘା, ଆଠଗଡ଼, କଟକ । | ୧୧୨୪୦୩୭୪୧୩୦୦୦୩୧ | ୨୪.୦୦ |
| ୦୫. | **କୁଳମଣୀ ତ୍ରିପାଠୀ**, ସା-ଧୁରୁକୁଡ଼ିଆ, ପୋ-ମେଘା, ଆଠଗଡ଼, କଟକ | ୧୧୨୪୩୨୦୨୮୦୦୦୦୫୨ | ୧୫.୬୦ |
| | **କନ୍ତୋଳ ଶାଖା, ଫୋନ୍ ନଂ.: ୦୬୭୨୩ - ୨୨୦୨୬୮** | | |
| ୦୬. | **ଅର୍ଜୁନୀ ସାହୁ**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ । | ୧୦୯୫୦୩୧୨୦୩୦୯୦୬୩ | ୪୩.୯୦ |
| ୦୭. | **ସୁଦର୍ଶନ ସାହୁ**, ସା-ଧନୁର୍ଜୟପୁର, ପୋ-ବେଣ୍ଟପଡ଼ା, ଆଠଗଡ଼-୭୫୪୦୨୯ | ୧୦୯୫୦୩୧୨୧୪୦୦୦୨୪ | ୧୫.୭୦ |
| ୦୮. | **ଶରତ ଚନ୍ଦ୍ର ସାହୁ**, ସା-ଗଜଥା, ପୋ-ତାରାଡ଼ିଙ୍ଗ୍, କଟକ । | ୧୦୯୫୦୩୧୨୧୪୦୦୦୦୪ | ୨୧.୩୦ |
| ୦୯. | **ମାନସ କୁମାର ପରିଡ଼ା**, ସା-ହରିଡ଼ାପୋଷି, ପୋ-ତିଗିରିଆ, କଟକ-୭୫୪୦୩୦ । | ୧୦୯୫୦୩୧୨୧୫୦୦୦୦୭ | ୧୨.୭୦ |
| ୧୦. | **ଦେବାଶିଷ ଭୋଇ**, ସା-ତାରାସିଂ, ପୋ-ଦୋରଦା, ଆଠଗଡ଼, କଟକ | ୧୦୯୫୦୩୧୨୧୫୦୦୦୪୦ | ୧୧.୪୦ |
| ୧୧. | **ଅଶୋକ କୁମାର ପ୍ରଧାନ**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ | ୧୦୯୫୦୩୭୪୧୧୦୦୧୬୬ | ୩୬.୭୦ |
| ୧୨. | **ଅଶୋକ କୁମାର ପ୍ରଧାନ**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ | ୧୦୯୫୦୩୭୪୧୧୦୦୩୨୯ | ୨୦.୧୦ |
| ୧୩. | **ଅଶୋକ କୁମାର ପ୍ରଧାନ**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ | ୧୦୯୫୦୩୭୪୧୨୦୦୦୦୧ | ୧୧.୨୦ |
| ୧୪. | **ଅଶୋକ କୁମାର ପ୍ରଧାନ**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ | ୧୦୯୫୦୩୭୪୧୨୦୦୦୦୨ | ୩୧.୨୦ |
| ୧୫. | **ପ୍ରଶନ୍ନ ମହାପାତ୍ର**, ସା/ପୋ-ଆଠଗଡ଼, କଟକ- ୭୫୪୦୨୯ । | ୧୦୯୫୦୩୭୪୧୨୦୦୨୪୫ | ୧୨ |
| ୧୬. | **ଦେବରାଜ ସ୍ୱାଇଁ**, ସା-ମୌରଥା, ପୋ-ଜୋରନ୍ଦା, କଟକ-୭୫୪୦୨୯ | ୧୦୯୫୦୩୭୪୧୨୦୦୨୮୭ | ୧୫.୯ |
| ୧୭. | **ଲଳିତ ରାୟ**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ । | ୧୦୯୫୦୩୭୪୧୩୦୦୦୩୭ | ୧୬.୪୦ |
| ୧୮. | **ସଚ୍ଚିଦାନନ୍ଦ ବେହେରା**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ | ୧୦୯୫୦୩୭୪୧୩୦୦୦୨୯ | ୩୪.୫୦ |
| ୧୯. | **ଏସ୍‌କେ ଅନିସୁଦ୍ଦିନ୍**, ସା-କନ୍ତୋଳ, ପୋ-ଆଠଗଡ଼, କଟକ-୭୫୪୦୨୯ | ୧୦୯୫୦୩୭୪୧୩୦୦୦୧୪ | ୧୨.୨୦ |
| ୨୦. | **କୈଳାସ ଚନ୍ଦ୍ର ଦାଶ**, ସା-ଚମ୍ପାପୁର, ପୋ-ମହାକାଳବସ୍ତ, କଟକ-୭୫୪୦୨୯ | ୧୦୯୫୩୨୦୨୮୦୦୦୩୭୮ | ୮.୧୦ |
| | **ଦଶରଥପୁର ଶାଖା, ଫୋନ୍ ନଂ.: ୦୬୭୨୮ - ୨୫୪୯୯୯** | | |
| ୨୧. | **ଅମର କୁମାର ସାହୁ**, ପିତା-ସୁରଥ ଚନ୍ଦ୍ର ସାହୁ, ସା-ତୁଳତିଆସାହି, ପୋ-ଦଶରଥପୁର, ଜିଲ୍ଲା-ଯାଜପୁର । | ୨୬୩୦୦୩୧୨୧୨୦୦୦୦୨ | ୩୫.୧୬୦ |
| ୨୨. | **ବଳରାମ ସାହୁ**, ପିତା-ସନ୍ୟାସୀ ସାହୁ, ସା-ପାଟଣା, ପୋ-ଦଶରଥପୁର, ଜିଲ୍ଲା-ଯାଜପୁର । | ୨୬୩୦୦୩୧୨୧୨୦୦୦୩୨ | ୦୬.୧୬୦ |
| ୨୩. | **ସୁଜାତା ମଲ୍ଲିକ**, ସ୍ୱା-ନିକୁଞ୍ଜ ମଲ୍ଲିକ, ସା-ଓଡ଼େଇ, ପୋ-ଦଶରଥପୁର, ଜିଲ୍ଲା-ଯାଜପୁର । | ୨୬୩୦୦୩୧୨୧୩୦୦୦୩୫ | ୧୨.୪୫୦ |
| ୨୪. | **ଉମାକାନ୍ତ ନାୟକ**, ପିତା-ହାଡ଼ିବନ୍ଧୁନାୟକ, ସା/ପୋ-ନନ୍ଦିପୁର, ଜିଲ୍ଲା-ଯାଜପୁର | ୨୬୩୦୦୩୧୨୧୩୦୦୦୧୩ | ୧୪.୬୪୦ |
| ୨୫. | **ଆନନ୍ଦ ସାହୁ**, ପିତା-ମଧୁସୂଦନ ସାହୁ, ସା/ପୋ-ଦଶରଥପୁର, ଜିଲ୍ଲା-ଯାଜପୁର | ୨୬୩୦୦୩୧୩୧୨୦୦୦୦୪ | ୩୩.୨୪୦ |
| ୨୬. | **ବଳରାମ ସାହୁ**, ପିତା-ସନ୍ୟାସୀ ସାହୁ, ସା-ପାଟଣା, ପୋ-ଦଶରଥପୁର, ଜିଲ୍ଲା-ଯାଜପୁର । | ୨୬୩୦୦୩୧୩୧୨୦୦୦୧୪ | ୨୯.୨୦୦ |
| ୨୭. | **ଭରତ ଚନ୍ଦ୍ର ସାମଲ**, ପିତା-ଯୁଧିଷ୍ଠୀର ସାମଲ, ସା-ହରିପୁର, ପୋ-ରାମବାଗ୍, ଜିଲ୍ଲା-ଯାଜପୁର । | ୨୬୩୦୦୩୧୩୧୨୦୦୦୨୦ | ୦୭.୭୯୦ |
| ୨୮. | **ସୂର୍ଯ୍ୟମଣି ବେହେରା**, ପିତା-ପୁରୁଷୋତ୍ତମ ବେହେରା, ସା/ପୋ-ମେରଦା କଟିଆ ଛକ, ଜିଲ୍ଲା-ଯାଜପୁର । | ୨୬୩୦୦୩୧୩୧୪୦୦୦୦୯ | ୧୭.୯୦୦ |
| | **ବ୍ରହ୍ମଗିରି ଶାଖା, ଫୋନ୍ ନଂ.: ୦୬୭୫୨ - ୨୩୫୫୪୩** | | |
| ୨୯ | **କବି ପଲାଇ**, ସାନବନ୍ଧକେରା, ବ୍ରହ୍ମଗିରି । | ୧୧୩୫୩୨୦୨୮୦୦୦୪୫୧ | ୨୪.୯ |
| ୩୦ | **ପ୍ରଫୁଲ ସାହାଣୀ**, ସୁଆଁସବଙ୍ଗଳା, ବ୍ରହ୍ମଗିରି । | ୧୧୩୫୩୨୦୨୮୦୦୦୪୩୨ | ୨୭.୪ |
| ୩୧ | **ପ୍ରଫୁଲ ସାହାଣୀ**, ସୁଆଁସବଙ୍ଗଳା, ବ୍ରହ୍ମଗିରି । | ୧୧୩୫୩୨୦୨୮୦୦୦୬୪୧ | ୧୫.୫ |
| ୩୨ | **ଅକ୍ଷୟ କୁମାର ସାହୁ**, ହରିଦାସ, କୁସୁବେଣ୍ଟି, ବ୍ରହ୍ମଗିରି । | ୧୧୩୫୦୩୧୩୧୫୦୦୦୯୭ | ୧୯ |
| ୩୩ | **ବଂଶୀଧର ପ୍ରଧାନ**, ସୁଆଁସବଙ୍ଗଳା, ବ୍ରହ୍ମଗିରି । | ୧୧୩୫୦୩୧୩୧୫୦୦୦୭୫ | ୧୭.୧୨ |
| ୩୪ | **ସୌରୀ ଚରଣ ସାହୁ**, ଗୋଖରି, ବ୍ରହ୍ମଗିରି । | ୧୧୩୫୦୩୧୨୯୮୦୦୦୯୦ | ୨୩.୫ |
| ୩୫ | **ପ୍ରମୋଦ କୁମାର ସ୍ୱାଇଁ**, ବଡ଼ବେଣାକୁଦି, ବ୍ରହ୍ମଗିରି । | ୧୧୩୫୦୩୧୨୦୦୦୦୦୧୬ | ୫୧ |
| ୩୬ | **କୁମା ସେଠୀ**, ଗୋଖର, ବ୍ରହ୍ମଗିରି । | ୧୧୩୫୦୩୧୨୦୦୦୦୦୨୮ | ୧୫.୭ |
| ୩୭ | **ପ୍ରଶନ୍ନ କୁମାର ପଲେଇ**, ବଡ଼ଡ଼ିଆଙ୍ଗି, ଗଡ଼ରୋଡ଼ଙ୍ଗ, ବ୍ରହ୍ମଗିରି । | ୧୧୩୫୦୩୧୨୧୨୦୦୦୦୮ | ୫୪ |
| | **ଭାପୁର ଶାଖା, ଫୋନ୍ ନଂ.: ୦୬୭୫୭ - ୨୩୮୦୨୨** | | |
| ୩୮ | **ବିପିନ ପଟ୍ଟନାୟକ**, ପିତା-ବିଦ୍ୟାଧର ପଟ୍ଟନାୟକ, ସା-ଗୋପାଳ ପ୍ରସାଦ, ଭାପୁର, ନୟାଗଡ଼-୭୫୨୦୬୩ । | ୪୬୨୦୦୦୪୦୪ | ୧୨.୭ |
| ୩୯ | **ପୂର୍ଣ୍ଣଚନ୍ଦ୍ର ମହାପାତ୍ର**, ପିତା-କିର୍ତ୍ତନ ମହାରଣା, ସା-ବାଲିଆପଟା, ଭାପୁର, ନୟାଗଡ଼-୭୫୨୦୬୩ । | ୪୬୨୦୦୦୪୫୭ | ୬୦.୬ |
| ୪୦ | **ପ୍ରକାଶ ଚନ୍ଦ୍ର ସ୍ୱାଇଁ**, ପିତା-ଲଡୁ ସ୍ୱାଇଁ, ସା-ରାମପଡ଼ା, ଭାପୁର, ନୟାଗଡ଼-୭୫୨୦୬୩ । | ୪୬୨୦୦୦୫୩୩ | ୧୦.୯୦ |
| ୪୧ | **ଆରତୀ ବେହେରା**, ସ୍ୱା-ରମେଶ ମହାରଣା, ସା/ପୋ-ଗୋବର୍ଦ୍ଧନ ପ୍ରସାଦ, ଭାପୁର-୭୫୨୦୬୩ । | ୪୬୨୦୦୦୬୧୦ | ୬.୫୦ |
| ୪୨ | **ରଶ୍ମୀତା ନାୟକ**, ସ୍ୱା-ପଦ୍ମଲୋଚନ ନାୟକ, ସା-ସାନସହର, ଭାପୁର, ନୟାଗଡ଼-୭୫୨୦୬୩ । | ୨୦୨୮୦୦୦୦୩୪ | ୩୭.୨୦ |
| | **କୋଶଳା ଶାଖା, ଫୋନ୍ ନଂ.: ୦୬୭୬୧ - ୨୫୧୬୧୦** | | |
| ୪୩ | **ବୀରବର ଦେହୁରୀ**, ସା-ଦୋଳମଣ୍ଡପ ସାହି, କୋଶଳା । | ୦୯୩୪୦୩୧୨୧୨୦୦୦୦୩ | ୧୭.୦୦ |
| ୪୪ | **ଦିଲେଶ୍ୱର ସାହୁ**, ସା-ବରପଡ଼ା, କୋଶଳା । | ୦୯୩୪୦୩୧୨୧୪୦୦୦୩୨ | ୨୧.୮୦ |
| ୪୫ | **ଅର୍ଣ୍ଣ ବାରିକ**, ସା-କୁଶକିଳା, ଛେଣ୍ଡିପଦା । | ୦୯୩୪୦୩୧୨୧୪୦୦୦୬୯ | ୧୫.୮୦ |
| ୪୬ | **ଶିଳି ପ୍ରଧାନ**, ସା-ଚକ୍ରଧରପୁର । | ୦୯୩୪୦୩୧୨୧୫୦୦୦୪୬ | ୧୪.୧୧ |
| ୪୭ | **ଭରତ ନାଏକ**, ସା-ବ୍ରାହ୍ମଣବିଲ । | ୦୯୩୪୦୩୪୬୨୦୦୦୦୨୨ | ୭.୯୦ |
| ୪୮ | **ଅଖିଳ ଚନ୍ଦ୍ର ପ୍ରଧାନ**, ସା-ପିଢାସାହି । | ୦୯୩୪୦୩୪୬୨୦୦୦୦୪୧ | ୨୫.୨୦ |
| ୪୯ | **ବଳରାମ ବେହେରା**, ସା-ସିମିଳିସାହି, କୋଶଳା । | ୦୯୩୪୦୩୭୪୧୦୦୦୦୦୦୧ | ୨୫.୭୦ |
| | **ଭଦ୍ରକ ଶାଖା, ଫୋନ୍ ନଂ.: ୦୬୭୮୪ - ୨୩୦୨୯୩ / ୮୨୦** | | |
| ୫୦ | **ଅନାମ ଚରଣ ଓଝା**, ସା-ବଣିଆ, ପୋଷ୍ଟ-ସରଗରିଆ, ଭଦ୍ରକ-୭୫୬୧୦୧ | ୦୭୯୩୦୩୧୨୧୪୦୦୦୯୧ | ୧୧.୮୦ |
| ୫୧ | **କାହ୍ନୁ ଚରଣ ବାରିକ**, ବାଇପାସ୍, ଭଦ୍ରକ-୭୫୬୧୦୧ । | ୦୭୯୩୦୩୪୬୨୦୦୦୦୩୧ | ୨୪.୦୦ |
| ୫୨ | **ମମିତା ନାୟକ**, ସ୍ୱା-ପ୍ରଶାନ୍ତ କୁମାର ନାୟକ, ସା-ଅମରପୁର, ପୋ-କୋଲ୍ହା, ଭଦ୍ରକ-୭୫୬୧୩୦ । | ୦୭୯୩୦୩୪୬୨୦୦୦୦୮୬ | ୪୬.୦୦ |
| ୫୩ | **ମାନଗୋବିନ୍ଦ ଜେନା**, ସା-ବଣିଆ, ପୋ-ସରଗରିଆ, ଭଦ୍ରକ-୭୫୬୧୦୧ | ୦୭୯୩୦୩୪୬୨୦୦୦୧୬୦ | ୧୦.୫୦ |
| | **ବେଗୁନିଆ ଶାଖା, ଫୋନ୍ ନଂ.: ୦୬୭୫୮ - ୨୫୭୨୨୨** | | |
| ୫୪ | **ଅଶୋକ କୁମାର ସେନାପତି**, ପିତା-ରବିନ୍ଦ୍ର ନାଥ ସେନାପତି, ଏରବାଙ୍ଗ, ପୋଷ୍ଟ-ଗୋପ, ପୁରୀ-୭୫୨୧୧୦ । | ୩୧୫୭୦୩୪୬୨୦୦୦୦୪ | ୫.୯୦୦ |
| ୫୫ | **ରମେଶ ଚନ୍ଦ୍ର ବେହେରା**, ସା-ବେଗୁନିଆ, ପୋଷ୍ଟ-ଗୋପ, ପୁରୀ-୭୫୨୧୧୦ | ୩୧୫୭୦୩୪୬୨୦୦୦୨୬ | ୧୫.୫୦୦ |
| ୫୬ | **ଲକ୍ଷ୍ମୀଧର ବେହେରା**, ସା-ବେଦପୁର, ପୋ-ଭଇରିପୁର, ଗୋପ, ପୁରୀ-୭୫୨୧୧୦ । | ୩୧୫୭୦୩୧୨୧୪୦୦୦୧୮ | ୩୦ |
| ୫୭ | **ପବିତ୍ରମୋହନ ବେହେରା**, ସା-ବେଗୁନିଆ, ପୋଷ୍ଟ-ଗୋପ, ପୁରୀ-୭୫୨୧୧୦ | ୩୧୫୭୦୩୪୬୨୦୦୦୦୨୯ | ୭.୭୦୦ |
| | **ଯାଜପୁର ଶାଖା, ଫୋନ୍ ନଂ.: ୦୬୭୨୮ - ୨୨୨୭୦୭** | | |
| ୫୮ | **ଧର୍ମେନ୍ଦ୍ର କୁମାର ରାଉତରାୟ**, ପିତା-ଜୟନ୍ତ କୁମାର ରାଉତରାୟ ସା/ପୋ-ଲାଲବାଗ, ଯାଜପୁର । | ୨୬୨୯୦୩୧୨୧୫୦୦୦୧୧ | ୪୦.୩ |
| ୫୯ | **ସୁଲଭ ବେହୁରିଆ**, ପିତା-ଅଦୈତ ବେହେରା, ସା-ଲଳିତେଶ୍ୱର ନଗର, ପୋ-ଯାଜପୁର-୭୫୫୦୦୧ । | ୨୬୨୯୦୩୧୩୧୫୦୦୦୩୮ | ୩୫.୮ |
| ୬୦ | **ରାଜେନ୍ଦ୍ର କୁମାର ମଲ୍ଲିକ**, ପିତା-ଅରକ୍ଷିତ ମଲ୍ଲିକ, ସା-ଗୋବିନ୍ଦଜିଉ ନଗର, ୟୁନିଟ-୬, ଯାଜପୁର । | ୨୬୨୯୦୩୧୩୧୪୦୦୧୦୬ | ୧୫.୬ |
| ୬୧ | **ତପୋଇ ବେହେରା**, ସ୍ୱା-କାର୍ତ୍ତିକ ବେହେରା, ସା-ଶୀତଳେଶ୍ୱର, ପୋ-ଯାଜପୁର । | ୨୬୨୯୦୩୧୩୧୪୦୦୧୦୭ | ୩୨.୩ |
| | **ନୂଆଗାଁ ଶାଖା, ଫୋନ୍ ନଂ.: ୦୬୭୫୩ - ୨୬୩୦୩୩** | | |
| ୬୨ | **ହାଡ଼ୁବନ୍ଧୁ ଯାନୀ**, ପିତା-ଜଗନ୍ନାଥ ଯାନୀ, ସା/ପୋ-ଜକେଡ଼ା, ନୂଆଗାଁ, ନୟାଗଡ଼-୭୫୨୦୮୩ । | ୧୧୮୪୦୩୧୩୯୬୦୦୦୭୩ | ୧୧.୫ |
| ୬୩ | **ଧନେଶ୍ୱର ନାୟକ**, ପିତା-ମଧୁସୂଦନ ନାୟକ, ସା/ପୋ-ସିକ୍ରିଡ଼ା, ନୂଆଗାଁ, ନୟାଗଡ଼-୭୫୨୦୮୩ । | ୧୧୮୪୩୨୦୨୮୦୦୦୬୪୫ | ୧୩.୪ |
| | **ଭିମପଡ଼ା ଶାଖା, ଫୋନ୍ ନଂ.: ୦୬୭୫୫ - ୨୩୮୦୦୮** | | |
| ୬୪ | **ଅଜୟ ବେହେରା** | ୧୨୪୦୩୨୦୨୮୦୦୦୩୨୩ | ୧୨.୦୦ |
| ୬୫ | **ରୂପା ଦେଇ** | ୧୨୪୦୩୨୦୨୮୦୦୦୬୪୧ | ୩୧.୦୦ |
| | **ଉଦଳା ଶାଖା, ଫୋନ୍ ନଂ.: ୦୬୭୯୫ - ୨୩୨୦୦୧** | | |
| ୬୬ | **ଆଶିଷ କୁମାର ସାହୁ**, ପିତା-ରଞ୍ଜିତ୍ ସାହୁ, ଅସ୍ତପୁର, ବଇସିଙ୍ଗା ମୟୂରଭଞ୍ଜ-୭୫୭୦୨୮ । | ୨୬୩୧୦୩୪୬୨୦୦୦୦୪୩ | ୨୪.୬୫୦ |
| ୬୭ | **ଗଦାଧର ବୁଗୁଡ଼ି**, ପିତା-ଆଦିକନ୍ଦ ବୁଗୁଡ଼ି, କାହ୍ନୁପୁର, ଗଡ଼ିଗାଁଖୁଣ୍ଟା-୭୫୭୦୮୭ | ୨୬୩୧୦୩୪୧୧୪୦୦୦୨୦ | ୭.୪୫୦ |
| | **ଢେଙ୍କାନାଳ ଶାଖା, ଫୋନ୍ ନଂ.: ୦୬୭୬୨ - ୨୨୬୪୩୬** | | |
| ୬୮ | **ଚିତ୍ତରଞ୍ଜନ ବେହେରା**, ପିତା-ଅନାଦୀ ଚରଣ ବେହେରା, ଗ୍ରାମ-ରେଗେଡ଼ା, ପୋ-ନଦୀଆଳି, ଭାୟା-ଗୋବିନ୍ଦପୁର, ଜିଲ୍ଲା-ଢେଙ୍କାନାଳ, ପିନ୍-୭୫୯୦୨୭ | ୦୮୯୫୦୩୪୬୨୦୦୦୦୬୦ | ୩୮.୭୦୦ |
| ୬୯ | **ମିହିର ମହାନ୍ତି**, ପିତା-ମହେନ୍ଦ୍ର ମହାନ୍ତି, ସରକାରୀ ପଲିଟେକ୍ନିକ୍ ନିକଟ, ମହିସାପଟ, ଢେଙ୍କାନାଳ-୭୫୯୦୧୩ । | ୦୮୯୫୦୩୪୬୨୦୦୦୦୫୫ | ୧୬.୫୮୦ |
| | **ମଙ୍ଗଳପୁର ଶାଖା, ଫୋନ୍ ନଂ.: ୯୪୩୭୩୪୮୭୭୩** | | |
| ୭୦ | **ଅରବିନ୍ଦ ନାୟକ**, ସା/ପୋ-ମଙ୍ଗଳପୁର, ଜିଲ୍ଲା-ଯାଜପୁର । | ୦୮୭୪୦୩୧୨୧୫୦୦୦୦୧ | ୮ |
| | **ବାଲେଶ୍ୱର ଶାଖା, ଫୋନ୍ ନଂ.: ୦୬୭୮୨ - ୨୬୨୨୪୭** | | |
| ୭୧ | **ଅମରେନ୍ଦ୍ର ଦାସ** | ୦୮୩୨୦୩୧୨୧୪୦୦୦୨୯ | ୧୪୧.୬୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡ଼ିକ ମାନି ନିଲାମରେ ଅଂଶଗ୍ରହଣ କରିପାରନ୍ତି ।**

(୧) ନିଲାମ ଡ଼ାକିବାକୁ ଇଚ୍ଛୁକ ବ୍ୟକ୍ତିମାନେ ନିଲାମ ତାରିଖ ଦିନ ସଂପୃକ୍ତ ଶାଖାରେ ଉପସ୍ଥିତ ରହି ଟ.୨୦୦୦/- ମାତ୍ର ଅମାନତ ରୂପେ ଶାଖା ପରିଚାଳକଙ୍କ ନିକଟରେ ଜମା ରଖିବେ ।

(୨) ଅମାନତ ରାଶି ଦାଖଲ ପରେ, ନିଲାମ ପାଇଁ ନିର୍ଦ୍ଧାରିତ ଅଳଙ୍କାର ଗୁଡ଼ିକୁ ନିଲାମ ସମୟରେ ନିଲାମ ଧରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଯାଞ୍ଚ କରିପାରିବେ ।

(୩) ସର୍ବୋଚ୍ଚ ନିଲାମ ଡ଼ାକ ଡ଼ାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡ଼ାକର ଶତକଡ଼ା ୨୫ ଭାଗ ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡ଼ିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡ଼ାକ ଡ଼ାକିଲା ପରେ, ଡ଼ାକର ଶତକଡ଼ା ୨୫ ଭାଗ ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ ଏବଂ ଉକ୍ତ ବ୍ୟକ୍ତିଙ୍କୁ ଆଉଥରେ ନିଲାମ ଡ଼ାକିବାକୁ ଅନୁମତି ଦିଆଯିବ ନାହିଁ ଓ ଦ୍ୱିତୀୟ ସର୍ବୋଚ୍ଚ ନିଲାମଧାରିଙ୍କ ସପକ୍ଷରେ ନିଲାମ ସିଦ୍ଧ କରାଯିବ ।

(୪) ଗୋଟିଏ ଆକାଉଣ୍ଟର ନିଲାମ ଡ଼ାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।

(୫) ସର୍ବୋଚ୍ଚ ନିଲାମ ଡ଼ାକ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ବୈଧ ଘୋଷଣା ହେଲା ପରେ ହିଁ ନିଲାମ ଡ଼ାକ ସିଦ୍ଧ ହେବ ।

(୬) ପ୍ରକାଶ ଥାଉକି ଆବଶ୍ୟକ ହେଲେ ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି କାରଣ ନ ଦର୍ଶାଇ ଧାର୍ଯ୍ୟ ନିଲାମକୁ ରଦ୍ଦ, ସ୍ଥଗିତ ବା ପରିବର୍ତ୍ତନ କରିପାରିବେ

(୭) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡ଼ାକ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ିକରଣ ହେବା ସୂଚନା ପାଇବାର ୩ ଦିନ ମଧ୍ୟରେ ନିଲାମର ଅବଶିଷ୍ଟ ଶତକଡ଼ା ୭୫ ଭାଗ ଟଙ୍କା ଜମା କରିବାକୁ ବାଧ ହେବେ । ନଚେତ୍ ପୂର୍ବରୁ ଜମା କରିଥିବା ଶତକଡ଼ା ୨୫ ଭାଗ ଟଙ୍କା, ଅମାନତ ଟଙ୍କା ବାଜ୍ୟାପ୍ତି ହେବ ।

(୮) ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡ଼ାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଶତକଡ଼ା ୨୫ ଭାଗ ଟଙ୍କା, ଅମାନତ ଟଙ୍କା ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।

(୯) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଏବଂ ବିଶୁଦ୍ଧତା ପାଇଁ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ କୌଣସି ପ୍ରକାର ଦାୟୀ ହେବେ ନାହିଁ ।

(୧୦) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବେ ।

**ତାରିଖ: ୧୮.୦୯.୨୦୧୮**
**ସ୍ଥାନ: ଭୁବନେଶ୍ୱର**

**ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ**
**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ୬୮ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ଦେଶ ବିଦେଶରୁ ତାଙ୍କୁ ମିଳିଛି ଅନେକ ଶୁଭେଚ୍ଛା। ହେଲେ ଜଣେ ଭାରତୀୟ ପାରାଜମ୍ପର ଶିତଲ ମହାଜନ ଭିନ୍ନ ଢଙ୍ଗରେ ମୋଦିଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଛନ୍ତି। ସେ ଆମେରିକା ସିକାଗୋର ଏକ ବିମାନ ମଧ୍ୟରୁ ୧୩ ହଜାର ଫୁଟ ଉଚ୍ଚରୁ ମୋଦିଙ୍କ ଉଦ୍ଦେଶ୍ୟରେ ଜନ୍ମଦିନ ଶୁଭେଚ୍ଛା ପତ୍ର ଧରି ଲମ୍ଫ ମାରିଛନ୍ତି। ଏହାପରେ ସେ ଏହି ସମୟର ଏକ ଭିଡିଓକୁ ସୋସିଆଲ ମିଡିଆ ଫେସବୁକରେ ଅପଲୋଡ କରିଛନ୍ତି।

## ସଂକ୍ଷେପରେ

### ସିୱେଜ୍ ଜିଏମ୍ ହତ୍ୟା ମାମଲା: ମହିମାନନ୍ଦଙ୍କ ଅଡୁଆ ବଢ଼ିଲା
## ହାଇକୋର୍ଟ ଦେଇଥିବା ଜାମିନ ସୁପ୍ରିମକୋର୍ଟରେ ଖାରଜ

**କଟକ ଅଫିସ, ୧୮।୯:** ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍‌ର ଅଧକ୍ଷ ତଥା ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କ ପାଇଁ ପୁଣି ବଢ଼ିଲା ଅଡୁଆ। ସିୱେଜ୍ କମ୍ପାନି ପରିଚାଳକ ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲାରେ ମହିମାନନ୍ଦଙ୍କୁ ହାଇକୋର୍ଟ ୨୦୧୭ ମେ ୧୬ରେ ଜାମିନ ମଞ୍ଜୁର କରିଥିଲେ। ତେବେ ଏହା ବିରୋଧରେ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମଙ୍ଗଳବାର ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଏଲ୍. ନାଗେଶ୍ୱର ରାଓ ଓ ବିଚାରପତି ମୋହନ ଏମ୍. ଶାନ୍ତନାଗୌଦାରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଉକ୍ତ ଜାମିନକୁ ଖାରଜ କରିଦେଇଛନ୍ତି। ଏଥିସହିତ ମହିମାନନ୍ଦଙ୍କୁ ବିଚାର ବିଭାଗୀୟ ହାଜତକୁ ନେବା ପାଇଁ ରାଜ୍ୟ ସରକାରଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ସମୟରେ ଖଣ୍ଡପୀଠ ହୃଦବୋଧ କରିଥିଲେ ଯେ, ମହିମାନନ୍ଦଙ୍କ ସ୍ଥାନୀୟ ଅଞ୍ଚଳରେ ଯଥେଷ୍ଟ ପ୍ରଭାବ ରହିଛି। ତାଙ୍କର ଅର୍ଥ ଓ ବାହୁବଳ ଥିବାରୁ ତଦନ୍ତ ପ୍ରଭାବିତ ହୋଇପାରେ। ଯେହେତୁ ମାମଲା ବିଚାରାଧୀନ ରହିଛି ତେଣୁ ଏହା ଦ୍ୱାରା ସାକ୍ଷୀମାନେ ମଧ ପ୍ରଭାବିତ ହୋଇପାରନ୍ତି ବୋଲି ଖଣ୍ଡପୀଠ ଆଶଙ୍କା କରିଛନ୍ତି। ସେହିପରି ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ହାଇକୋର୍ଟଙ୍କ ଜାମିନ ଉପରେ କେତେକ କଡ଼ା ଟିପ୍ପଣୀ ଦେଇଛନ୍ତି। ମହିମାନନ୍ଦଙ୍କର ସ୍ଥାନୀୟ ଅଞ୍ଚଳରେ ବ୍ୟବସାୟ ରହିଛି। ତେଣୁ ସେ ଫେରାର ହେବାର ସମ୍ଭାବନା ନ ଥିବା ହାଇକୋର୍ଟ ଅନୁଧାନ କରି ତାଙ୍କୁ ଜାମିନ ଦେଇଥିଲେ। କିନ୍ତୁ ମହିମାନନ୍ଦଙ୍କ ଅତୀତ ସମ୍ପର୍କରେ ହାଇକୋର୍ଟ ଅନୁଶୀଳନ କରିନାହାନ୍ତି। ପୂର୍ବରୁ ଆଇନକୁ ଟାଳିବା ପାଇଁ ସେ ଉଦ୍ୟମ କରିଥିଲେ। କିନ୍ତୁ ଜାମିନ ଦେବା ସମୟରେ ହାଇକୋର୍ଟ ଏହା ଉପରୁ ନଜର ହଟାଇଥିବା ଓ ଆଉ କେତେକ ପ୍ରସଙ୍ଗ ପ୍ରତି ଗୁରୁତ୍ୱ ଦେଇ ନ ଥିବା ସୁପ୍ରିମକୋର୍ଟ ଖଣ୍ଡପୀଠ କହିଛନ୍ତି।

### ମଙ୍ଗଳା ମନ୍ଦିରରେ ମହିଳା ଭକ୍ତଙ୍କୁ ଦୁର୍ବ୍ୟବହାର, ମାଡ଼ ଘଟଣା
## ସେବାୟତ ସମିତିର ଆନ୍ଦୋଳନ ପ୍ରତ୍ୟାହୃତ

**କାକଟପୁର, ୧୮।୯(ଡି.ଏନ୍.ଏ.):** କାକଟପୁର ପୋଲିସର ଏକତରଫା କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ କାକଟପୁରସ୍ଥିତ ମଙ୍ଗଳା ମନ୍ଦିରର ସେବାୟତ ସମିତି ପକ୍ଷରୁ ସୋମବାର ପ୍ରାତଃରୁ ଚାଲିଥିବା ଆନ୍ଦୋଳନ ମଙ୍ଗଳବାର ଅପରାହ୍ଣରେ ପ୍ରତ୍ୟାହୃତ ହୋଇଛି। ମନ୍ଦିର ଟ୍ରଷ୍ଟି ତଥା ତହସିଲଦାର ରୋଜିନା ଦାଶ ଘଟଣା ସମ୍ପର୍କରେ ମଙ୍ଗଳବାର ଅପରାହ୍ଣରେ ପୁରୀ ଜିଲାପାଳଙ୍କ ସହିତ ସବିଶେଷ ଆଲୋଚନା କରି ସେବାୟତମାନଙ୍କ ଦାବି ସମ୍ପର୍କରେ ଅବଗତ କରାଇଥିଲେ। ଏକତରଫା କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରାଯିବାକୁ ସେବାୟତମାନଙ୍କୁ ପ୍ରତିଶ୍ରୁତି ଦିଆଯିବାପରେ ସେମାନେ ଆନ୍ଦୋଳନ ପ୍ରତ୍ୟାହୃତ କରିଥିଲେ। ଏ ନେଇ ତହିସିଲଦାର ଦାଶ ସୂଚନା ଦେଇଥିଲେ। ସନ୍ଧ୍ୟାରୁ ମନ୍ଦିରରେ ଭକ୍ତଙ୍କ ଭୋଗଲାଗି ସ୍ୱାଭାବିକ ହୋଇଛି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ମାନେ ଖୁସି ବ୍ୟକ୍ତ କରିଛନ୍ତି। ପ୍ରକାଶ ଯେ, ରବିବାର ମନ୍ଦିର ଭିତରେ ପୁରୀ ଅଞ୍ଚଳର ଜଣେ ମହିଳା ଭକ୍ତଙ୍କୁ ଦୁର୍ବ୍ୟବହାର ଓ ମାଡ଼ ମାରିବା ଅଭିଯୋଗରେ ୩ସେବାୟତ ଜେଲ ଯାଇଥିଲେ। ପରେ ସେମାନେ ଜାମିନରେ ଖଲାସ ହୋଇଥିଲେ।

## ୨୧ରୁ ଓଡ଼ିଶା ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ମହାସମାବେଶ

**ଭୁବନେଶ୍ୱର, ୧୮।୯(ବ୍ୟୁରୋ):** ୬ଦଫା ଦାବି ନେଇ ଓଡ଼ିଶା ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ଧାରଣା ମଙ୍ଗଳବାର ୧୩ଦିନରେ ପହଞ୍ଚିଛି। ସରକାର ଦାବିଗୁଡ଼ିକୁ ପୂରଣ କରିସାରିଥିବାର ପ୍ରତିଶ୍ରୁତି ମିଳିଥିଲେ ମଧ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଫଳରେ ଆସନ୍ତା ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ମହାସମାବେଶ ଅନୁଷ୍ଠିତ ହେବ। ଯଦି ଏଥିରେ ସରକାର ବିଜ୍ଞପ୍ତି ପ୍ରକାଶ ନ କରନ୍ତି, ତେବେ ଦାବି ହାସଲ ପାଇଁ ୨୪ତାରିଖରୁ ରାଜ୍ୟର ୫୮ ହଜାର ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟରତ ୧ଲକ୍ଷ ୭୦ ହଜାର ଶିକ୍ଷକ ଆମରଣ ଅନଶନରେ ବସିବେ ବୋଲି ମହାସଂଘର ମୁଖ୍ୟ ଆବାହକ ବଙ୍କିମ ଚନ୍ଦ୍ର ସାଗର ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

### ■ ସମବାୟ ଦୁର୍ନୀତି, ଆଇନଜୀବୀଙ୍କ ଆନ୍ଦୋଳନ ପ୍ରସଙ୍ଗ
# ସରକାରଙ୍କୁ ଘେରିଲେ ବିରୋଧୀ

**ଭୁବନେଶ୍ୱର, ୧୮।୯(ବ୍ୟୁରୋ)**

■ ବିଧାନସଭାରେ ହଟ୍ଟଗୋଳ
■ ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ଧାରଣା ଦେଲା ଭାଜପା

ଚିଲିକାରେ ହେଲିକପ୍ଟର ଉଡାଣ ଓ କୋଣାର୍କ ତାତି ମଙ୍ଗଳବାର ବିଧାନସଭାରେ ଦେଖିବାକୁ ମିଳିଥିଲା। କିନ୍ତୁ ବିରୋଧୀ କଂଗ୍ରେସ ଓ ଭାଜପା ପକ୍ଷରୁ ଆଇନଜୀବୀଙ୍କ ଆନ୍ଦୋଳନ ଏବଂ ସମବାୟ ଦୁର୍ନୀତିକୁ ନେଇ ସରକାରଙ୍କୁ ଘେରିଥିଲେ। ଗତ ୨୦ ଦିନ ଧରି ଆଇନଜୀବୀ ଚଳାଇଥିବା ଆନ୍ଦୋଳନ ଯୋଗୁ ହାଇକୋର୍ଟ ସମେତ ତଳକୋର୍ଟଗୁଡ଼ିକରେ ଅଚଳାବସ୍ଥା ସୃଷ୍ଟି ହୋଇଥିବା ପ୍ରସଙ୍ଗ ଉଠାଇ କଂଗ୍ରେସ ସରକାରଙ୍କଠାରୁ କୈଫିୟତ ତଲବ କରିଥିଲା। ଭାଜପା ସମବାୟ ବିଭାଗରେ ହୋଇଥିବା ୮୦୦ କୋଟି ଟଙ୍କା ଦୁର୍ନୀତିର ସିବିଆଇ ତଦନ୍ତ ପ୍ରସଙ୍ଗ ଉଠାଇ ସରକାରଙ୍କୁ ଜୋରଦାର ଆକ୍ରମଣ କରିଥିଲା।

ମଙ୍ଗଳବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି, ଦେବେନ୍ଦ୍ର ଶର୍ମା, ଚିରଞ୍ଜୀବ ବିଶ୍ୱାଳ, ଅଂଶୁମାନ ମହାନ୍ତି, ପ୍ରକାଶ ବେହେରା, ଚନ୍ଦ୍ରଶେଖର ମାଝି ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ହାଇକୋର୍ଟ ଓ ତଳକୋର୍ଟ ଆଇନଜୀବୀଙ୍କ ଆନ୍ଦୋଳନ ଯୋଗୁ ପ୍ରଭାବିତ ହୋଇଥିବା ବିଷୟ ଉଠାଇଥିଲେ। ସରକାର ତୁରନ୍ତ ଏଥିରେ ହସ୍ତକ୍ଷେପ କରି କୋର୍ଟ କାର୍ଯ୍ୟକୁ ସ୍ୱାଭାବିକ କରିବା ଲାଗି ଦାବି କରିଥିଲେ। ଭାଜପା ସଭ୍ୟ ରବି ନାୟକ, ପ୍ରଦୀପ ପୁରୋହିତ, ବିଭୂତିଭୂଷଣ ହରିଚନ୍ଦନ ପ୍ରମୁଖ କଳା ଗାଉନ୍ ପିନ୍ଧି ପ୍ରତିବାଦ କରିଥିଲେ। ସମବାୟ ବିଭାଗରେ ହୋଇଥିବା ଦୁର୍ନୀତିର ସିବିଆଇ ତଦନ୍ତ କରିବାକୁ ସେମାନେ ଦାବି କରିଥିଲେ। ହଟ୍ଟଗୋଳ ଯୋଗୁ ଗୃହ କାର୍ଯ୍ୟକୁ ବାଚସ୍ପତି ପ୍ରଦୀପ ଅମାତ୍ ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଏହାପରେ ଭାଜପା ସଦସ୍ୟମାନେ ବିଧାନସଭା ପରିସରରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ଧାରଣା ଦେଇ ସମବାୟ ଦୁର୍ନୀତିର ପ୍ରତିବାଦ କରିଥିଲେ।

ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ ବାଚସ୍ପତି ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କୁ କହିବାକୁ ସୁଯୋଗ ଦେଇଥିଲେ। ସେ କହିଲେ ଯେ, ନ୍ୟାୟ ପାଇବାରୁ ସାଧାରଣ ଲୋକ ବଞ୍ଚିତ ହେଉଛନ୍ତି। ହାଇକୋର୍ଟ ଓ ତଳକୋର୍ଟରେ କେସ୍ ସଂଖ୍ୟା ବଢ଼ିବାରେ ଲାଗିଛି। ୨୦ ଦିନ ହୋଇଗଲା ଏଭଳି ଅଚଳାବସ୍ଥା ଲାଗିରହିଛି। ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଯେଉଁ ସରକାର ନ୍ୟାୟ ଦେଇପାରିବେ ନାହିଁ ଶାସନରେ ରହିବାର ସେ ସରକାରଙ୍କ ନୈତିକ ଅଧିକାର ନାହିଁ। ସରକାର ଏଥିରେ ହସ୍ତକ୍ଷେପ କରି ତୁରନ୍ତ ଅଚଳାବସ୍ଥା ଦୂର କରିବା ଦରକାର ବୋଲି ନରସିଂହ ଦାବି କରିଛନ୍ତି। ଭାଜପା ବିଧାୟକ ଦଳ ନେତା କେ.ଭି. ସିଂହଦେଓ କହିଛନ୍ତି, ଗତ ୩ ଦିନ ଧରି ସମବାୟ ବିଭାଗରେ ଦୁର୍ନୀତି ହୋଇଥିବା କଥା ଉଠାଇ ଆସୁଛୁ। ସରକାରଙ୍କର ଏ ନେଇ ଆନ୍ତରିକତା ନାହିଁ। ଦୁର୍ନୀତିକୁ ଏଡାଇଦେବା ପାଇଁ ହେଲିକପ୍ଟର ଉଡାଣକୁ ରାଜ୍ୟ ସରକାର ବାହାନା କରିଛନ୍ତି । ସରକାର ଏହି ଦୁର୍ନୀତିର ସିବିଆଇ ତଦନ୍ତ କରାନ୍ତୁ ବୋଲି ସେ ଦାବି କରିଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି ୨୦ ଦିନ ହେବ ହାଇକୋର୍ଟ ବନ୍ଦ ରହିଛି, ସରକାରଙ୍କର ଚିନ୍ତା ନାହିଁ। କେସ୍ ଉପରେ କେସ୍ ଲଦି ହେଲାଣି। ଏହାର ତୁରନ୍ତ ସମାଧାନ କରାଯାଉ। ଜୟପୁରଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ କରିବାକୁ ଦାବି କରିଥିଲେ। ଅବିଭକ୍ତ କୋରାପୁଟରେ ଯଦି ସ୍ଥାୟୀ ବେଞ୍ଚ କରା ନ ଯାଏ ତେବେ ନିଆଁ ଜଳିବ ବୋଲି କହିଥିଲେ। ଭାଜପା ସଭ୍ୟ ପ୍ରଦୀପ ପୁରୋହିତ କହିଲେ, ସମବାୟ ବିଭାଗରେ ୮୦୦ କୋଟି ଟଙ୍କାର ଦୁର୍ନୀତି ହୋଇଛି। ଭ୍ରଷ୍ଟ ଅଧିକାରୀଙ୍କୁ ପୁନଃ ନିଯୁକ୍ତି ଦିଆଯାଉଛି। ଚାରା ଦୁର୍ନୀତିରେ ଜଡ଼ିତ ଅଧିକାରୀଙ୍କୁ ନୟାଗଡ଼ରେ ନିଯୁକ୍ତି ଦିଆଯାଇଛି। ଦୁର୍ନୀତି ପ୍ରସଙ୍ଗକୁ ଏଡ଼ାଇବା ପାଇଁ ସରକାର ହେଲିକପ୍ଟର ଉଡାଣ ଆଳ ଦେଖାଇ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି ବୋଲି ସେ କହିଛନ୍ତି।



ବିଧାନସଭା ପରିସରରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ଭାଜପା ବିଧାୟକଙ୍କ ଧାରଣା।

## ଜଗତ୍‌ସିଂହପୁର ଡିପିଏସ୍‌କୁ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର

**ଭୁବନେଶ୍ୱର, ୧୮।୯(ବ୍ୟୁରୋ)**

କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ୨୦୧୭-୧୮ ପ୍ରଦାନ କରାଯାଇଛି। ଓଡ଼ିଶାର ଜଗତ୍‌ସିଂହପୁର ଜିଲାର ଦିଲ୍ଲୀ ପବ୍ଲିକ୍ ସ୍କୁଲ(ଡିପିଏସ୍) ପାରାଦୀପ ରିଫାଇନାରି ଏହି ପୁରସ୍କାର ଗ୍ରହଣ କରିଛି। ପୁରସ୍କାର ବାବଦରେ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଚଳିତବର୍ଷ ଏହି ପୁରସ୍କାର ପାଇଁ ସର୍ବଭାରତୀୟ ସ୍ତରରେ ସାଢେ ୬ ଲକ୍ଷ ବିଦ୍ୟାଳୟ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଚଣ୍ଡୀଗଡ଼, ଗୁଜରାଟ, ହରିୟାଣା, ହିମାଚଳ ପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ, ପଣ୍ଡିଚେରୀ, ଉତ୍ତରାଖଣ୍ଡ, କେରଳ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଗୋଆ, ତାମିଲନାଡୁ, ପଞ୍ଜାବ, ପଶ୍ଚିମବଙ୍ଗ ଓ ଲାକ୍ଷାଦ୍ୱୀପରୁ ମୋଟ ୫୨ ସ୍କୁଲ ଏହି ପୁରସ୍କାର ପାଇଛନ୍ତି। ଏଥିରେ ୩୭ଟି ସ୍କୁଲ ଗ୍ରାମାଞ୍ଚଳର ହୋଇଥିବା ବେଳେ ୧୫ଟି ସହରାଞ୍ଚଳର। ଏଥିରେ ୪୫ଟି ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଥିବା ବେଳେ ୭ଟି ଘରୋଇ ବିଦ୍ୟାଳୟ ରହିଛି। ସହରାଞ୍ଚଳ ବର୍ଗରେ ୯୨% ସ୍ୱଚ୍ଛତା ପାଇଁ ଜଗତ୍‌ସିଂହପୁର ଜିଲାର ଦିଲ୍ଲୀ ପବ୍ଲିକ୍ ସ୍କୁଲକୁ ପୁରସ୍କୃତ କରାଯାଇଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧନଞ୍ଜୟ ପାନ୍ କହିଛନ୍ତି। ମଙ୍ଗଳବାର ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାଭଡେକର ନୂଆଦିଲ୍ଲୀସ୍ଥିତ ଆମ୍ବେଦକର ଇଣ୍ଟରନ୍ୟାଶନାଲ ସେଣ୍ଟରରେ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଗତ ସେପ୍ଟେମ୍ବର ୧୫ରେ ଆରମ୍ଭ ହୋଇଥିବା 'ସ୍ୱଚ୍ଛତା ହିଁ ସେବା ଅଭିଯାନ'ର ଏହା ଏକ ଅଂଶ।

### ■ ଆଇନଜୀବୀ-ପୋଲିସ ବିବାଦ ମାମଲା
# ତଦନ୍ତ କରିବେ ଡିଆଇଜି ସ୍ତରୀୟ ଅଧିକାରୀ

**କଟକ ଅଫିସ, ୧୮।୯**

■ କ୍ରାଇମବ୍ରାଞ୍ଚର କେସ୍ ଡାଏରୀକୁ ଅଗ୍ରାହ୍ୟ କଲେ ହାଇକୋର୍ଟ
■ ସୋମବାର ସୁଦ୍ଧା ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ

କଟକରେ ପୋଲିସ-ଆଇନଜୀବୀଙ୍କ ମଧ୍ୟରେ ଉପୁଜିଥିବା ବିବାଦକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ଦୁଇଟି ମାମଲାର ଏକତ୍ର ଶୁଣାଣି ଜାରି ରହିଛି। ମଙ୍ଗଳବାର କ୍ରାଇମବ୍ରାଞ୍ଚ ପକ୍ଷରୁ ମାମଲା ସମ୍ପର୍କିତ କେସ୍ ଡାଏରୀ ଦାଖଲ କରାଯାଇଛି। ମାତ୍ର ହାଇକୋର୍ଟ ଏହାକୁ ଅଗ୍ରାହ୍ୟ କରିଦେବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚର ଡିଆଇଜି ସ୍ତରୀୟ ଜଣେ ଅଧିକାରୀ କରିବାକୁ ନିର୍ଦ୍ଦେଶ ଦେବା ସହ ସମ୍ପୃକ୍ତ ଅଭିଯୁକ୍ତଙ୍କୁ କ'ଣ ପାଇଁ ଗିରଫ କରାଯାଇ ନାହିଁ ସେ ସଂକ୍ରାନ୍ତରେ ଜବାବ ମାଗିଛନ୍ତି। ସୋମବାର ସୁଦ୍ଧା ରିପୋର୍ଟ ଦାଖଲ ପାଇଁ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଛନ୍ତି।

ଅଗଷ୍ଟ ୨୮ ତାରିଖ ଦିନ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଓଭରବ୍ରିଜ ନିକଟରେ ହାଇକୋର୍ଟ ଆଇନଜୀବୀ ଦେବୀପ୍ରସାଦ ପଟ୍ଟନାୟକଙ୍କ ବାଇକ୍ ଅନ୍ୟ ବାଇକ ଧକ୍କା ହୋଇଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ତେବେ ଆଇନଜୀବୀ ପଟ୍ଟନାୟକଙ୍କୁ ପୋଲିସ କର୍ମଚାରୀମାନେ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ନେଇ ଅଗଷ୍ଟ ୨୯ ତାରିଖରୁ ଓକିଲମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିବାବେଳେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଓ କ୍ଷତିପୂରଣ ନିବେଦନ କରି କଟକ ବାର୍ ଆସୋସିଏଶନ ଓ ନ୍ୟାଶନାଲିଷ୍ଟ ଲୟର୍ସ ଫୋରମ୍ ପକ୍ଷରୁ ହାଇକୋର୍ଟରେ ଦୁଇଟି ମାମଲା ରୁଜୁ ହୋଇଥିଲା। ମଙ୍ଗଳବାର ଶୁଣାଣିବେଳେ ବରିଷ୍ଠ ଆଇନଜୀବୀମାନେ ଯୁକ୍ତି ବାଢ଼ିଥିଲେ ଯେ, ଅଭିଯୁକ୍ତଙ୍କୁ ଚାକିରିରୁ ନିଲମ୍ବନ କରିଦେଇ ପୋଲିସ ନିଜର ଦାୟିତ୍ୱ ଶେଷ କରିଛି। କିନ୍ତୁ ନିଲମ୍ବନ ଉଠିଯିବା ପରେ ଜଣେ ଅଧିକାରୀ ସେହି ପଦବୀରେ ପୁନଃ ଅବସ୍ଥାପିତ ହୋଇଥାନ୍ତି। ତେଣୁ ନିଲମ୍ବନକୁ ଦଣ୍ଡବିଧାନ ଭାବିବା ଉଚିତ ନୁହେଁ। ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଖଣ୍ଡପୀଠ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ଆଇନଜୀବୀ ନିବେଦନ କରିଥିଲେ। ବରିଷ୍ଠ ଆଇନଜୀବୀ ତଥା ହାଇକୋର୍ଟ ବାର୍ ସଭାପତି ଶ୍ରୀକାନ୍ତ ନାୟକ, ହାଇକୋର୍ଟ ବାର୍ ସମ୍ପାଦକ ସତ୍ୟବ୍ରତ ମହାନ୍ତି, ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ, ଅଶୋକ ପରିଜା, ବୁଦ୍ଧଦେବ ରାଉତରାୟ ପ୍ରମୁଖ ମାମଲା ପରିଚାଳନା କରୁଛନ୍ତି।




କର୍ପୋରେଟ ସ୍ୱାର୍ଥରେ ଶ୍ରମ ଆଇନ ସଂଶୋଧନ ବନ୍ଦ କରିବା, ପେଟ୍ରୋଲ ଡିଜେଲ ଦର ବୃଦ୍ଧିକୁ ରୋକିବା ସମେତ ଅନ୍ୟାନ୍ୟ ଦାବି ନେଇ ମଙ୍ଗଳବାର ଏଆଇଟିୟୁସି ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ବିଶାଳ ସମାବେଶରେ ଯୋଗଦେଇଥିବା ନେତୃବୃନ୍ଦ।

## ମହିଳାଙ୍କ ଗାଧେଇବା ବେଳର ଫଟୋ ଉଠାଇଲେ ଯୁବକ, ଉତ୍ତେଜନା

**ଜେକେପୁର, ୧୮।୯(ଡି.ଏନ୍.ଏ.)**

ରାୟଗଡା ଜିଲା କୋଲନରା ବ୍ଲକ ଦୁନ୍ଦିଲି ପଞ୍ଚାୟତର ଗୋପୀକାଙ୍କୁବାଡି ଗ୍ରାମରେ ନଦୀରେ ଗାଧୋଉଥିବା ମହିଳାଙ୍କ ଫଟୋ ଉଠାଇବାକୁ କେନ୍ଦ୍ରକରି ଉତ୍ତେଜନା ଦେଖାଦେଇଛି। ଖବରପାଇ ପୋଲିସ ଗ୍ରାମରେ ପହଞ୍ଚି ଉଭୟ ସାହି ଲୋକଙ୍କୁ ବୁଝାଶୁଝା କରିଛି। ବର୍ତ୍ତମାନ ଗ୍ରାମରେ ପରିସ୍ଥିତି ଶାନ୍ତ ରହିଛି। ଗତ ସୋମବାର ଗୋପୀକାଙ୍କୁବାଡି ଗ୍ରାମର ଦଳିତ ସାହିର କେତେକ ମହିଳା ଗାଁ ନିକଟସ୍ଥ ନାଗାବଳୀ ନଦୀରେ ଗାଧୋଉଥିଲେ। ସେଠାରେ କିଛି ଆଦିବାସୀ ଯୁବକ ନିଜ ମୋବାଇଲରେ ଉକ୍ତ ମହିଳାଙ୍କ ଫୋଟ ଉଠାଇଥିଲେ। ଏହା ଦେଖି ମହିଳାମାନେ ବିରୋଧ କରିବା ସହ ସେମାନଙ୍କୁ ଧରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସମସ୍ତ ଯୁବକ ଖସି ଯାଇଥିବା ବେଳେ ଭରତ ହିକ୍କା ନାମକ ଜଣେ ଯୁବକଙ୍କୁ କାବୁ କରି ନିଜ ସାହିକୁ ନେଇଯାଇଥିଲେ। ସାହିବାସିନ୍ଦା ପଚରାଉଚରା କରିବା ପରେ ତାଙ୍କୁ ଛାଡ଼ି ଦେଇଥିଲେ। କିଛି ସମୟ ପରେ ଭରତ ନିଜ ସାହି ଲୋକଙ୍କୁ ଡାକି ଆଣି ଦଳିତସାହି ଉପରକୁ ଟେକାପଥର ମାଡ଼ କରିଥିଲେ। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଏହା ଉଗ୍ରରୂପ ନେବା ଆଶଙ୍କା କରି ସାହି ଲୋକେ ରାତି ୧୦ଟାରେ ଏସପି ଓ ଜିଲାପାଳଙ୍କୁ ଭେଟିବାକୁ ଯାଇଥିଲେ। ହେଲେ ସେମାନେ କାହାକୁ ସାକ୍ଷାତ୍ କରି ନ ପାରି ଫେରିଆସିଥିଲେ। ମଙ୍ଗଳବାର ଚାନ୍ଦିଲି ପୋଲିସ ଗାଁ କୁ ଯାଇ ଉଭୟ ଗୋଷ୍ଠୀଙ୍କୁ ଡ଼ାକି ବୁଝାଶୁଝା କରିବା ପରେ ରାଜିନାମା ହୋଇଛି। ସମସ୍ୟା ସମାଧାନ ନେଇ ଏକ ଶାନ୍ତି କମିଟି ଗଠନ କରାଯାଇଛି ।

# ବିଧାନସଭାରେ ଉଠିଲା ଭଦ୍ରକ ମେଡିକାଲ କଲେଜ ପ୍ରସଙ୍ଗ
### ଦାବି ପୂରଣ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଧାୟକ

**ଭୁବନେଶ୍ୱର, ୧୮।୯(ବ୍ୟୁରୋ)**

ବାଲେଶ୍ୱର ଓ ବାରିପଦାରେ ମେଡିକାଲ କଲେଜ ସ୍ଥାପନ ହେଲା। ବାଲେଶ୍ୱରରେ ଏମ୍ସ ସାଟେଲାଇଟ ସେଣ୍ଟରର ଶିଳାନ୍ୟାସ ଏବଂ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରାଯିବା ସହ ବାରିପଦାଠାରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯାଇଛି। ହେଲେ ଭଦ୍ରକ ଜିଲାକୁ ଅଣଦେଖା କରାଯାଇଛି। ଏହାକୁ ନେଇ ଜିଲାର ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଚାଲିଛି। ଜିଲାରେ ମେଡିକାଲ କଲେଜ ସ୍ଥାପନ କରିବା ସହ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ମଙ୍ଗଳବାର ବିଧାନସଭାରେ ଦାବି ଉଠାଇଛନ୍ତି। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ସେ କହିଛନ୍ତି ଯେ, ଭଦ୍ରକ ଜିଲାକୁ ଅବହେଳା କରାଯାଇଛି। ଭଦ୍ରକରୁ ବାଲେଶ୍ୱର ମେଡିକାଲ କଲେଜ ୮୦ କିଲୋମିଟର ହୋଇଥିବା ବେଳେ ଚାନ୍ଦବାଲିରୁ ୧୩୦ କିଲୋମିଟର। ବହୁ ଦୂର ହେଉଥିବାରୁ ଜିଲାବାସୀ ଏହା ଦ୍ୱାରା ଲାଭବାନ ହେଉନାହାନ୍ତି। ଚିକିତ୍ସା ସୁବିଧା ପାଇଁ ଜିଲାରେ ନୂତନ ମେଡିକାଲ କଲେଜ ଖୋଲିବାକୁ ସେ ଦାବି କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୮୯ ବେଡ ରହିଥିବା ବେଳେ ସେଠାକୁ ଦୈନିକ ୨ ହଜାର ରୋଗୀ ଆସୁଛନ୍ତି। ସ୍ଥାନ ଅଭାବରୁ ରୋଗୀମାନେ ତଳେ ଶୋଇବାକୁ ବାଧ ହେଉଛନ୍ତି। ଏହି ଜିଲାରେ ଦଳିତ ଓ ଜନଜାତି ସଂଖ୍ୟା ଅଧିକ ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତୁରନ୍ତ ମେଡିକାଲ କଲେଜ ସ୍ଥାପନ କରିବାକୁ ସେ ଦାବି କରିଛନ୍ତି। ବିଜେଡି ସଭ୍ୟ ମୁକ୍ତିକାନ୍ତ ମଣ୍ଡଳ ମଧ ଏହି ଜିଲାରେ ମେଡିକାଲ କଲେଜ ସ୍ଥାପନ କରିବାକୁ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମଙ୍ଗଳବାର ଅପରାହ୍ଣରେ ବ୍ୟୋମକେଶ, ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଏବଂ ମୁକ୍ତିକାନ୍ତ ମଣ୍ଡଳ ମୁଖ୍ୟମନ୍ତ୍ରୀ ନୀବନ ପଟ୍ଟନାୟକଙ୍କୁ ସାକ୍ଷାତ୍ କରି ମେଡିକାଲ କଲେଜ ସ୍ଥାପନ କରିବାକୁ ଦାବି କରିଛନ୍ତି। ରାଜ୍ୟ ସରକାର ରାଜ୍ୟରେ ଆଉ ଦୁଇଟି ମେଡିକାଲ କଲେଜ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଯାଜପୁର ଓ ଭଦ୍ରକ ଜିଲାରେ ଉକ୍ତ ମେଡିକାଲ କଲେଜ ସ୍ଥାପନ କରିବାକୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିବା ମୁଖ୍ୟମନ୍ତ୍ରୀ ଆଲୋଚନା ବେଳେ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସୁପରସ୍ପେସିଆଲିଟି ହସ୍ପିଟାଲରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ରାଜ୍ୟପାଳଙ୍କ ନିକଟରେ ଫେରାଦ ହେଲା ଅଧିବକ୍ତା ପରିଷଦ

**ଭୁବନେଶ୍ୱର, ୧୮।୯(ବ୍ୟୁରୋ)**

ଆଇନଜୀବୀଙ୍କୁ ଆକ୍ରମଣ ଘଟଣା

ଆଇନଜୀବୀ ଦେବୀ ପ୍ରସାଦ ପଟ୍ଟନାୟକଙ୍କୁ ପୋଲିସ ଆକ୍ରମଣ ଘଟଣାରେ ମଙ୍ଗଳବାର ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଛି ରାଜ୍ୟ ଅଧିବକ୍ତା ପରିଷଦ। ପରିଷଦର ଏକ ଟିମ୍ ଏହି ମର୍ମରେ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିବା ସହ ଆକ୍ରମଣ ଘଟଣାର ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ପୋଲିସ ବିଭାଗକୁ ନିର୍ଦ୍ଦେଶ ଦେବାକୁ ନିବେଦନ କରିଛି।

ପ୍ରକାଶ ଯେ, ଆଇନଜୀବୀ ପଟ୍ଟନାୟକଙ୍କୁ ପୋଲିସ ଆକ୍ରମଣ କରିବା ଘଟଣାକୁ ଇତିମଧ୍ୟରେ ୨୦ଦିନରୁ ଊର୍ଦ୍ଧ୍ୱ ବିତିଲାଣି। ତଥାପି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରି ନାହିଁ। ଆକ୍ରମଣର ପ୍ରତିବାଦରେ ଆଇନଜୀବୀମାନେ କାର୍ଯ୍ୟବନ୍ଦ ଜାରି ରଖିଛନ୍ତି। ମାମଲାର ଅଭିଯୁକ୍ତଙ୍କୁ ଗିରଫ କରା ନ ଯିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଗତ ୯ତାରିଖରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଆଇନଜୀବୀ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏପରିକି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଆଇନଜୀବୀମାନେ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ମାତ୍ର ରାଜ୍ୟ ସରକାର କୌଣସି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ। ଆଇନଜୀବୀଙ୍କ ଆନ୍ଦୋଳନ ଯୋଗୁ ବିଚାର ବ୍ୟବସ୍ଥା ଏକ ପ୍ରକାର ଠପ୍ ହୋଇଯାଇଛି। ଏପରି କି ବିଭିନ୍ନ ମାମଲାରେ ଛନ୍ଦି ହୋଇଥିବା ଲୋକମାନେ ମଧ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ପୋଲିସ ବିଭାଗର ସ୍ଥାଣୁତା ଏବଂ ରାଜ୍ୟ ସରକାରଙ୍କ ହେୟ ମନୋବୃତ୍ତି ଯୋଗୁ ବିଚାର ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଏଭଳି ସ୍ଥିତିରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି ବୋଲି ଅଧିବକ୍ତା ପରିଷଦର ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ମହାନ୍ତି ପ୍ରକାଶ କରିଛନ୍ତି।

# ପୂରଣ ହେବ ରାଜସ୍ୱ ବିଭାଗର ଖାଲିଥିବା ପଦବୀ

**ଭୁବନେଶ୍ୱର, ୧୮।୯(ବ୍ୟୁରୋ)**

ଭୁବନେଶ୍ୱରରେ ଖୋଲିବ ଆଉ ଦୁଇ ତହସିଲ କାର୍ଯ୍ୟାଳୟ

ସରକାରଙ୍କ ପକ୍ଷରୁ ରାଜସ୍ୱ ପ୍ରଶାସନକୁ ଅଧିକ ଦକ୍ଷ କରାଯିବ। ଲୋକମାନଙ୍କ ନିକଟରେ ରାଜସ୍ୱ ସେବା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପହଞ୍ଚାଇବା ପାଇଁ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଏନେଇ ବିଭାଗ ପକ୍ଷରୁ ବିଭିନ୍ନ ଜିଲାରେ ଖାଲି ପଡିଥିବା ପଦବୀ ପୂରଣ କରିବାକୁ ପଦକ୍ଷେପ ନିଆଯାଇଛି। ରାଜ୍ୟରେ ଖାଲିଥିବା ୧୩୩୮ ରାଜସ୍ୱ ନିରୀକ୍ଷକ, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଓ ଅମିନ ପଦବୀ ପୂରଣ କରାଯିବ। ଉକ୍ତ ପଦବୀଗୁଡିକୁ ଚଳିତବର୍ଷ ପୂରଣ ହେବ। ମନ୍ତ୍ରୀ ମହେଶ୍ୱର ମହାନ୍ତି ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହି ପଦବୀ ସବୁ ଓଡ଼ିଶା ସବ୍ ଅର୍ଡିନେଟ୍ ଷ୍ଟାଫ ସିଲେକ୍ସନ କମିଶନଙ୍କ ଦ୍ୱାରା ଚୟନ କରାଯାଇ ପୂରଣ କରାଯିବ ବୋଲି ମହାନ୍ତି କହିଛନ୍ତି।

ପ୍ରକାଶଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ରାଜସ୍ୱ ବିଭାଗ ଦ୍ୱାରା ୯୮୦ଟି ରାଜସ୍ୱ ନିରୀକ୍ଷକ, ଅତିରିକ୍ତ ରାଜସ୍ୱ ନିରୀକ୍ଷକ, ୨୬୦ଟି ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଏବଂ ୩୭୬ ଅମିନ ପଦବୀ ଅନ୍ତର୍ଭୁକ୍ତ ଅଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଅଧିକ ୮୩ଟି ରାଜସ୍ୱ ନିରୀକ୍ଷକ, ୧୩୭ ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଏବଂ ୧୩୮ ଅମିନ ପଦବୀ ରାଜସ୍ୱ ବିଭାଗ ଦ୍ୱାରା ପୂରଣ ନିମନ୍ତେ ଅନୁମୋଦନ ଲାଭ କରିଛି। ଏହାଫଳରେ ରାଜସ୍ୱ ବିଭାଗ ପକ୍ଷରୁ ସମୁଦାୟ ୪୨୭ ରାଜସ୍ୱ ନିରୀକ୍ଷକ, ୩୯୭ ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଓ ୫୧୪ ଅମିନ ପଦବୀ ପୂରଣ କରାଯିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାସହ ୪୬୨ଟି ଜୁନିୟର କ୍ଲର୍କ ପଦବୀ ପୂରଣ କରିବା ପାଇଁ ମଧ ସମ୍ପୃକ୍ତ ଜିଲାପାଳମାନଙ୍କ ଦ୍ୱାରା ଆବଶ୍ୟକୀୟ ପଦକ୍ଷେପ ନିଆଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ରାଜସ୍ୱ ପ୍ରଶାସନକୁ ଅଧିକ କ୍ରିୟାଶୀଳ ଓ ତ୍ୱରିତ ରାଜସ୍ୱ ସେବା ପ୍ରଦାନ ଲାଗି ଭୁବନେଶ୍ୱର ତହସିଲକୁ ବିଭାଜନ କରାଯିବ। ଭୁବନେଶ୍ୱର ତହସିଲ ସମେତ ଅଧିକ ଦୁଇଟି ନୂତନ ତହସିଲ ଖୋଲିବ। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତି ଏକ ପ୍ରସ୍ତାବ ପଠାଇଛନ୍ତି। ସ୍ଥାନୀୟ ଅଞ୍ଚଳର କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟା ଓ ପରିସୀମାକୁ ଦୃଷ୍ଟିରେ ରଖି ଅଧିକ ଦୁଇଟି ନୂତନ ତହସିଲ ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଭୁବନେଶ୍ୱର ତହସିଲ୍ ସମେତ ତମାଣ୍ଡୋ ଓ ପଟିଆରେ ତହସିଲ ଅଫିସ ଖୋଲିବ। ଭୁବନେଶ୍ୱର ତହସିଲ ଅଧୀନରେ ୧୩ଟି ରାଜସ୍ୱ ନିରୀକ୍ଷକ ସର୍କଲ କାର୍ଯ୍ୟ କରୁଥିବାବେଳେ ୫ଟି ଆର୍.ଆଇ ସର୍କଲ, ତମାଣ୍ଡୋ ତହସିଲ ଅଧୀନରେ ୪ ଆର୍.ଆଇ ସର୍କଲ ଏବଂ ପଟିଆ ତହସିଲ ଅଧୀନରେ ୪ ଆର୍.ଆଇ ସର୍କଲ କାର୍ଯ୍ୟ କରିବ। ଏହାସହ ଭୁବନେଶ୍ୱର ତହସିଲରେ ଜିଲା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ସମେତ ଦୁଇ ନୂତନ ତହସିଲ୍‌ରେ ୨ ରେଜିଷ୍ଟ୍ରାର କାର୍ଯ୍ୟାଳୟ ଖୋଲାଯିବ। ଏହାଦ୍ୱାରା ଜନସାଧାରଣଙ୍କୁ ସୁବିଧାରେ ଏବଂ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ରାଜସ୍ୱ ସେବା ଯୋଗାଇ ଦିଆଯାଇପାରିବ ବୋଲି ମହେଶ୍ୱର ଆଶା ପ୍ରକାଶ କରିଛନ୍ତି।



“ମାନବ ଜନ୍ମ ଦୁର୍ଲ୍ଲଭ ଅଟେ। ନର କଳେବରଠାରୁ ଶ୍ରେଷ୍ଠ କଳେବର ଏ ସୃଷ୍ଟିରେ ଆଉ କିଛି ନାହିଁ। ଥରେ ଘଟ ଛୁଟିଲେ ଆଉ କ'ଣ ମିଳିବ?
- ମହାପୁରୁଷ ଅଚ୍ୟୁତାନନ୍ଦ



## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ସ୍ୱାମୀ ଶ୍ରୀଚିଦାନନ୍ଦ ସରସ୍ୱତୀଙ୍କ ଦଶମ ପୁଣ୍ୟତିଥି ଆରାଧନା ଦିବସ ପାଳନ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକନଗର, ସକାଳ ୬ଟାରୁ ଆରମ୍ଭ। ସନ୍ଧ୍ୟା ଅଧିବେଶନ, ସନ୍ଧ୍ୟା ୬ଟା।
- ଜେସ୍ ଫାଉଣ୍ଡେଶନ ଆନୁକୂଲ୍ୟରେ ରକ୍ତଦାନ ଶିବିର, ରେଡ୍‌କ୍ରସ ଭବନ, ସକାଳ ୯ଟା।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ, ଓଡ଼ିଶା ପକ୍ଷରୁ ୭ମ ଆଧ୍ୟାତ୍ମିକ ପୁସ୍ତକ ମହୋତ୍ସବ, ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୧ଟା। ସାଧାରଣଜ୍ଞାନ ପ୍ରତିଯୋଗିତା, ଅପରାହ୍ନ ୫ଟା। ଆଲୋଚନାଚକ୍ର, ସନ୍ଧ୍ୟା ୬ଟା। ସାଂସ୍କୃତିକ କାର୍ଯ୍ୟକ୍ରମ, ରାତି ୮ଟା ୩୦।
- କନ୍ଧମାଳ ହିଂସାର ୧୦ବର୍ଷ ଅବସରରେ ପୁସ୍ତକ 'ନିର୍ଦ୍ଦୋଷ ବନ୍ଦୀ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କୁ ମାରିଲା କିଏ?' ଉନ୍ମୋଚନ, ଲୋହିଆ ଏକାଡେମୀ, ୟୁନିଟ୍-୯, ପୂର୍ବାହ୍ନ ୧୧ଟା।
- ଶ୍ରୀ ଶ୍ରୀ ବିଶ୍ୱକର୍ମାଙ୍କ ଭସାଣି ଶୋଭାଯାତ୍ରା, ରସୁଲଗଡ଼ ଇଲେକ୍ଟ୍ରିକାଲ ସେକ୍ସନ, ସେସୁ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।
- ଜାତୀୟ ହକି କ୍ୟାମ୍ପରେ ଭାରତୀୟ କୋର ଗ୍ରୁପ୍ ଖେଳାଳିଙ୍କ ଅଭ୍ୟାସ, କଳିଙ୍ଗ ଷ୍ଟାଡିୟମ୍, ପୂର୍ବାହ୍ନ ୧୧ଟା ୧୫।
- ଜୟ ଯବାନ ମତ୍ସ୍ୟ ବ୍ୟବସାୟୀ ସଂଘ ପକ୍ଷରୁ ଗଣେଶ ଭସାଣି ଶୋଭାଯାତ୍ରା, ୟୁନିଟ୍-୪, ଅପରାହ୍ନ ୩ଟା।
- ମା' ମଙ୍ଗଳା ୟୁଥ୍ କ୍ଲବ ଆଣ୍ଡ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଗଣେଶ ଭସାଣି ଶୋଭାଯାତ୍ରା, ବୁଦ୍ଧେଶ୍ୱରୀ କଲୋନୀ, କଟକ ରୋଡ୍, ଅପରାହ୍ନ ୩ଟା।
- ସୌଭାଗ୍ୟ ନଗର ଗଣେଶ ପୂଜା କମିଟି ପକ୍ଷରୁ ଗଣେଶ ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରା, ସୌଭାଗ୍ୟ ନଗର, ବରମୁଣ୍ଡା, ଅପରାହ୍ନ ୪ଟା।
- ଭାରତୀୟ ସଙ୍ଗୀତ ସଂସ୍ଥାନ ପକ୍ଷରୁ ସଙ୍ଗୀତ ସିଡୀ 'ଓଡ଼ିଶୀ ସଙ୍ଗୀତାମୃତ'ର ଉନ୍ମୋଚନ ଉତ୍ସବ, ବୁଦ୍ଧ ମନ୍ଦିର ସଭାକକ୍ଷ, ୟୁନିଟ୍-୯, ସନ୍ଧ୍ୟା ୬ଟା ୩୦।
- ଶ୍ୱେତପଦ୍ମା ସାଂସ୍କୃତିକ ପରିବାରର ଜନ୍ମୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଗଣେଶ ଭସାଣି ଉତ୍ସବ, ଭୌମନଗର, ୟୁନିଟ୍-୪, ରାତି ୭ଟାରୁ ଆରମ୍ଭ।
- ଓ୍ୱିନର ଆସୋସିଏଶନ ପକ୍ଷରୁ ଗଣେଶ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଆସୋସିଏଶନ ପରିସର, ଇନ୍ଦିରା ପାର୍କ ପଛ, ଶହୀଦନଗର, ରାତି ୭ଟା।

### କଟକ

- ପଲିଥିନ୍ ବ୍ୟାଗ୍ ବ୍ୟବହାର ନ କରିବା ପାଇଁ ରାଜାବଗିଚାସ୍ଥିତ ଉତ୍ସର୍ଗ ଅନୁଷ୍ଠାନ ପକ୍ଷରୁ ସଚେତନତା ଶୋଭାଯାତ୍ରା, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ଅପରାହ୍ନ ୪ଟା।

### ପୁରୀ

- କଲେଜ ଅଫ୍ ଫାର୍ମାସୀ ପକ୍ଷରୁ କର୍ମଶାଳା, କଲେଜ ପରିସର, ବାଲିଗୁଆଳି, ପୂର୍ବାହ୍ନ ୧୧ଟା।
- କନକଦୁର୍ଗା ହାଇସ୍କୁଲରେ ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ବାସୁଦେବପୁର, ଅପରାହ୍ନ ୨ଟା।
- ଗଣପତି ମହୋତ୍ସବ, ମାର୍କେଟ ଛକ, ସନ୍ଧ୍ୟା ୬ଟା।
- ଶ୍ରୀକ୍ଷେତ୍ର ଗଣପତି ମହୋତ୍ସବ କମିଟି ପକ୍ଷରୁ ଗଣପତି ମହୋତ୍ସବ, ଶରଧାବାଲି, ସନ୍ଧ୍ୟା ୬ଟା।
- ପୁରୀ ଜିଲା ବିଶ୍ୱକର୍ମା ମହାସଭା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ବଳଗଣ୍ଡି, ରାତି ୭ଟା।
- ରାମଚଣ୍ଡୀ ସାଂସ୍କୃତିକ ଅନୁଷ୍ଠାନ ବାର୍ଷିକ ଉତ୍ସବ, ମହାବୀର ମନ୍ଦିର ପ୍ରାଙ୍ଗଣ, ପୁରୁଣା ସଦର ଥାନା ଛକ, ରାତି ୭ଟା ୩୦।
- ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ପକ୍ଷରୁ ଭଜନ ସମାରୋହ, ଶରଧାବାଲି, ରାତି ୭ଟା ୩୦।

## ■ ଶ୍ରୀମନ୍ଦିରରେ ବଂଶାନୁକ୍ରମିକ ସେବା ପ୍ରସଙ୍ଗ

# ସେବା ରହୁ, ସେବକ କମାଯାଉ

■ ଆମିକସ୍‌କ୍ୟୁରିଙ୍କ ସମ୍ମୁଖରେ ମତ ରଖିବ ଶ୍ରୀମନ୍ଦିର ପ୍ରଶାସନ



ବୈଠକରେ ଉପସ୍ଥିତ ଗଜପତି ମହାରାଜା ଦିବ୍ୟସିଂହଦେବ, ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

**ପୁରୀ ଅଫିସ,୧୮।୯**

ଆସନ୍ତା ୨୦ ତାରିଖରେ ପୁରୀ ଆସିବେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍‌କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍। ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲା ନେଇ ସେ ବିଭିନ୍ନ ପକ୍ଷଙ୍କଠାରୁ ମତ ସଂଗ୍ରହ କରିବେ। ତେଣୁ ଆମିକସ୍‌କ୍ୟୁରିଙ୍କ ଗସ୍ତକୁ ଆଖି ଆଗରେ ରଖି ମଙ୍ଗଳବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବଂଶାନୁକ୍ରମିକ ସେବାକୁ ନେଇ ସୁପ୍ରିମ୍‌କୋର୍ଟଙ୍କ ଯେଉଁ ପ୍ରସ୍ତାବ ରହିଛି ତାହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ପ୍ରସ୍ତୁତ ହୋଇଛି ବ୍ଲୁ ପ୍ରିଣ୍ଟ। ବଂଶାନୁକ୍ରମିକ ସେବା ଅଧିକାର ରହୁ, କିନ୍ତୁ ସେବକଙ୍କ ସଂଖ୍ୟା ସୀମିତ କରାଯାଉ। ଆମିକସ୍‌କ୍ୟୁରିଙ୍କୁ ଏହା ବୁଝାଯିବ ବୋଲି ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର। ଶେଷରେ ବଂଶାନୁକ୍ରମିକ ସେବା ପରମ୍ପରା ଅକ୍ଷୁଣ୍ଣ ରଖିବା ପାଇଁ ସେବକଙ୍କ ସହ ପ୍ରଶାସନ ମଧ୍ୟ ସ୍ୱର ମିଳାଇଛି।

ମୁଖ୍ୟ ପ୍ରଶାସକ କହିଛନ୍ତି, ସୁପ୍ରିମ୍‌କୋର୍ଟଙ୍କ ୧୨ଟି ପ୍ରସ୍ତାବ ମଧ୍ୟରୁ ଗତ ପରିଚାଳନା କମିଟି ବୈଠକରେ ୯ଟି ପ୍ରସ୍ତାବ କାର୍ଯ୍ୟକାରୀ ନେଇ ନୀତିଗତ ସହମତି ମିଳିଥିଲା। ଅନ୍ୟ ୩ଟି ପ୍ରସ୍ତାବକୁ ନେଇ ସବ୍ କମିଟି ଗଠନ କରାଯାଇଥିଲା। ଏହି ୩ଟି ମଧ୍ୟରେ ବଂଶାନୁକ୍ରମିକ ସେବକ ନିଯୁକ୍ତି ଉଚ୍ଛେଦ ପ୍ରସ୍ତାବ ରହିଛି। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଗଠିତ ସବ୍ କମିଟି ବୈଠକରେ ବଂଶାନୁକ୍ରମିକ ସେବା ଉପରେ ମୁଖ୍ୟତଃ ଆଲୋଚନା ହୋଇଛି। ଶ୍ରୀମନ୍ଦିର ରୀତିନୀତି ସମ୍ପୂର୍ଣ୍ଣ ଭାବେ ଅନ୍ୟ ମନ୍ଦିରଠାରୁ ସ୍ୱତନ୍ତ୍ର। ଏହାକୁ ଭାରତର ଅନ୍ୟ ମନ୍ଦିର ସହ ସମକକ୍ଷ କରାଯିବା ଅନୁଚିତ। ମହାପ୍ରଭୁଙ୍କ ନୀତି ପାଇଁ ଯେତିକି ସେବକ ଦରକାର ସେତିକି ସେବକ ରହିବେ। ଅନ୍ୟମାନଙ୍କୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ କ୍ଷତିପୂରଣ ଦିଆଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ତିନିଜଣିଆ କମିଟି ମଧ୍ୟ ପୂର୍ବରୁ ତାଙ୍କ ରିପୋର୍ଟ ଦେଇସାରିଛନ୍ତି। କମିଟି ମଧ୍ୟ ବଂଶାନୁକ୍ରମିକ ସେବା ଅଧିକାର ରହୁ, କିନ୍ତୁ ସେବକଙ୍କ ସଂଖ୍ୟା ସୀମିତ କରାଯାଉ ବୋଲି ତାଙ୍କ ରିପୋର୍ଟରେ ସୁପାରିସ କରିଛି। ଦରକାର ପଡିଲେ ଛତିଶା ନିଯୋଗ ସହ ଆଉଥରେ ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଛି ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

ଆମିକସ୍‌କ୍ୟୁରିଙ୍କ ଗସ୍ତ ସମ୍ପର୍କରେ ମୁଖ୍ୟ ପ୍ରଶାସକ କହିଛନ୍ତି ଯେ, ଆସନ୍ତା ୨୦ ତାରିଖ ସନ୍ଧ୍ୟାରେ ସେ ପୁରୀରେ ପହଞ୍ଚିବେ। ୨୧ ଓ ୨୨ ଦୁଇଦିନ ଧରି ଶ୍ରୀମନ୍ଦିର ସଂସ୍କାର ମାମଲା ନେଇ ମତ ସଂଗ୍ରହ କରିବେ। ବିଶେଷକରି ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜା, ଜଷ୍ଟିସ୍ ବି.ପି. ଦାସ, ପୁରୀ ଜିଲା ଜଜ୍, ଶ୍ରୀମନ୍ଦିର ଛତିଶା ନିଯୋଗ, ପରିଚାଳନା କମିଟି ଏବଂ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରିବେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ, ଜିଲାପାଳ ଏବଂ ଏସ୍‌ପିଙ୍କ ମତାମତ ମଧ୍ୟ ନେବେ। ଏ ବିଷୟରେ ସେବକମାନେ ଆମିକସ୍‌କ୍ୟୁରିଙ୍କ ସମ୍ମୁଖରେ ମଧ୍ୟ ସେମାନଙ୍କ ଆଭିମୁଖ୍ୟ ଉପସ୍ଥାପନ କରିପାରିବେ। ଆମିକସ୍‌କ୍ୟୁରି କୋର୍ଟଙ୍କୁ ତାଙ୍କ ରିପୋର୍ଟ ଦେବା ପରେ କୋର୍ଟ ଯାହା ଚୂଡ଼ାନ୍ତ ନିର୍ଦ୍ଦେଶ ଦେବେ।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ନୀତି ପ୍ରଶାସକ ପ୍ରଦୀପ ଦାଶ, ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ଡା. ସାର୍ଥକ କୁମାର ଷଡ଼ଙ୍ଗୀ, ପରିଚାଳନା କମିଟି ସଦସ୍ୟ ମାଧବ ଚନ୍ଦ୍ର ମହାପାତ୍ର, ବରିଷ୍ଠ ସେବାୟତ ରବୀନ୍ଦ୍ରନାଥ ପ୍ରତିହାରୀ ଉପସ୍ଥିତ ଥିଲେ।

## ବେଳାଭୂମିରୁ ନରକଙ୍କାଳ ମିଳିବା ଘଟଣା

# ଡିଏନ୍‌ଏ ଟେଷ୍ଟ ଲାଗି ପଠାଇଲା ପୋଲିସ

**ପୁରୀ ଅଫିସ, ୧୮।୯**

ପୁରୀ-କୋଣାର୍କ ମେରାଇନ ଡ୍ରାଇଭ ରୋଡ ସୈକାତ ନିବାସ ପଛପଟ ବେଳାଭୂମିରୁ ରବିବାର ପୋଲିସ ଗୋଡ ବନ୍ଧା ହୋଇଥିବା ଏକ ନରକଙ୍କାଳ ଜବତ କରିଥିଲା। ଅନ୍ୟପଟେ ଉଦ୍ଧାର କଙ୍କାଳ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରୁ ନିଖୋଜ ଥିବା ମାନସ ଦାସଙ୍କ ବୋଲି ମୃତକଙ୍କ ପରିବାର ଲୋକେ ଦାବି କରିଥିଲେ। ଜବତ କଙ୍କାଳର ଡିଏନ୍‌ଏ ଟେଷ୍ଟ ପାଇଁ ଭୁବନେଶ୍ୱରସ୍ଥିତ ଫୋରେନେସିକ୍ ଲାବ୍‌କୁ ପଠାଯାଇଛି ବୋଲି ମଙ୍ଗଳବାର ଏସ୍‌ପି ସାର୍ଥକ ଷଡ଼ଙ୍ଗୀ କହିଛନ୍ତି। ରିପୋର୍ଟ ଆସିବା ପରେ ମୃତ ବ୍ୟକ୍ତିଙ୍କ ପ୍ରକୃତ ପରିଚୟ ଜଣାପଡିବ ବୋଲି ସେ କହିଛନ୍ତି। ଯୁବକଙ୍କୁ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ଲାଗି ଏଠାରେ ଫୋପାଡି ଦିଆଯାଇଥିବା ପୋଲିସ ସନ୍ଦେହ କରୁଛି।

ମିଳିଥିବା ସୂଚନା ପ୍ରକାରେ, ଭୁବନେଶ୍ୱର ଚନ୍ଦ୍ରଶେଖରପୁର ନୀଳାଦ୍ରି ବିହାର ଅଞ୍ଚଳର ମାନସ ସାହୁ ଗତ ଅଗଷ୍ଟ ୨୮ରୁ କୌଣସି କାମରେ ପୁରୀ ଆସି ଘରକୁ ଫେରି ନ ଥିଲେ। ଏନେଇ ପରିବାର ଲୋକେ ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ ଘଟଣା ତଦନ୍ତ ଆରମ୍ଭ କରିଥିଲା। ତାଙ୍କ ମୋବାଇଲକୁ ଟ୍ରାକ କରି ଚନ୍ଦ୍ରଶେଖରପୁର ପୋଲିସ ପୁରୀ ସାମୁଦ୍ରିକ ଥାନା ପୋଲିସ ସହିତ ରବିବାର ଯୋଗାଯୋଗ କରିଥିଲା। ଚନ୍ଦ୍ରଶେଖରପୁର ଥାନାର ଏକ ଟିମ୍ ପୁରୀ ପୋଲିସ ସହାୟତାରେ ବେଳାଭୂମିରେ ପହଞ୍ଚି ଉକ୍ତ କଙ୍କାଳକୁ ଜବତ କରିଥିଲା।

## ■ ସର୍ବଭାରତୀୟ ପେନ୍‌ସନ୍ ଅଦାଲତ

# ଫଇସଲା ହେଲା ୬୧ ମାମଲା

**ଭୁବନେଶ୍ୱର,୧୮।୯(ବ୍ୟୁରୋ)**

ପ୍ରଧାନ ଅଭିଲେଖାକାର(ଏଜି) ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସହଯୋଗରେ ମଙ୍ଗଳବାର ପ୍ରଥମ ଥର ପାଇଁ ଅଖିଳ ଭାରତ ପେନ୍‌ସନ୍ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ମହାଲେଖାକାର ଯଶୋଧାରା ରାଏ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଏଜି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ପ୍ରମୁଖ ଶାସନ ସଚିବ ଅଶୋକ ମୀନା, ମହାଲେଖାକାର ବିଭୁଦତ୍ତ ବସନ୍ତିଆ, ଅର୍ଥ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ପି.ସି. ମାଝି, ରାଜ୍ୟ କୋଷାଗାର ନିର୍ଦ୍ଦେଶକ ବି.ପି. ନନ୍ଦ ଏବଂ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ଏହି ସର୍ବଭାରତୀୟ ପେନ୍‌ସନ୍ ଅଦାଲତରେ ଭାରତୀୟ ପ୍ରଶାସନିକ ସେବା ଏବଂ ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କ ବକେୟା ପ୍ରାପ୍ୟ ଓ ଅଭିଯୋଗର ଶୁଣାଣି କରାଯାଇଥିଲା। ପେନ୍‌ସନ୍ ଅଦାଲତକୁ ସଚିବ ଅଶୋକ ମୀନା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଯଥା ସମୟରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କ ପେନ୍‌ସନ୍ ଫଇସଲା ନିମନ୍ତେ ସମସ୍ତଙ୍କ ସହଯୋଗ ରହିବା ଜରୁରୀ। ଯେଉଁମାନଙ୍କ ପେନ୍‌ସନ୍ ସମ୍ପର୍କିତ ଅଭିଯୋଗର ଫଇସଲା ଏହି ଅଦାଲତରେ ନ ହୋଇପାରିବ, ପର୍ଯ୍ୟାୟକ୍ରମେ ଜିଲାଓ୍ୱାରୀ ପେନ୍‌ସନ୍ ଅଦାଲତର ଆୟୋଜନ କରାଯାଇ ତାହାର ସମାଧାନ କରାଯିବ। ପ୍ରଧାନ ମହାଲେଖାକାର ରାଏ ଚୌଧୁରୀ କହିଥିଲେ, ବିଭିନ୍ନ ବିଭାଗରୁ କର୍ମଚାରୀଙ୍କ ଅବସରକାଳୀନ ସୂଚନା ଓ ତତ୍ ସମ୍ବନ୍ଧୀୟ କାଗଜପତ୍ର ବିଳମ୍ବରେ ଆସୁଥିବାରୁ ପେନ୍‌ସନ୍ ଉପଭୋକ୍ତାମାନଙ୍କ ପ୍ରାପ୍ୟ ତୁରନ୍ତ ପ୍ରଦାନ କରାଯାଇପାରୁନାହିଁ। କାର୍ଯ୍ୟକ୍ରମ ଶେଷରେ ଡେପୁଟି ଆକାଉଣ୍ଟାଣ୍ଟ ଜେନେରାଲ, ପେନ୍‌ସନ୍ ଡ. ନନ୍ଦ ଦୁଲାଲ ଦାସ ଧନ୍ୟବାଦ ଦେଇଥିଲେ। ଏହି ପେନ୍‌ସନ୍ ଅଦାଲତରେ ୬୧ଟି ମାମଲା ଫଇସଲା ହୋଇଥିଲା। କାର୍ଯ୍ୟକ୍ରମକୁ ସୁଚିତ୍ରା ଭଞ୍ଜ, ମନୋରଞ୍ଜନ ପାଣିଗ୍ରାହୀ, ଅକ୍ଷୟ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।



ଅଣକର୍ମଚାରୀ ସବୁଜ ପତ୍ରିକାଧାରୀଙ୍କୁ ମାସିକ ୭୫୦ ଟଙ୍କା ଭତ୍ତା ଓ ସହରାଞ୍ଚଳରେ ୪.୪୦ ଡିଜିମିଲ ଜମି ପ୍ରଦାନ ଆଦି ଦାବିରେ ଓଡ଼ିଶା ସବୁଜ ପତ୍ରିକା ମହାସଂଘ ଓ ରାଜ୍ୟ ସବୁଜ ପତ୍ରିକାଧାରୀ ଉନ୍ନୟନ ପରିଷଦ ପକ୍ଷରୁ ମଙ୍ଗଳବାର ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରା।

# ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଇ-ଅଫିସ ବ୍ୟବସ୍ଥା ଆରମ୍ଭ

**ପୁରୀ ଅଫିସ,୧୮।୯**

ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟରେ ମଙ୍ଗଳବାର ଇ-ଅଫିସ ବ୍ୟବସ୍ଥା ଆରମ୍ଭ ହୋଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଏହାକୁ ଉଦ୍‌ଘାଟନ କରିଛନ୍ତି। ଏ ସମ୍ପର୍କରେ ମୁଖ୍ୟ ପ୍ରଶାସକ କହିଛନ୍ତି ଯେ, ମନ୍ଦିର କାର୍ଯ୍ୟାଳୟରେ ଇ-ଅଫିସ ବ୍ୟବସ୍ଥା ଆରମ୍ଭ ହେବା ନିଶ୍ଚିତ ଆମ ପାଇଁ ଏକ ଗର୍ବର କଥା। ଏହାଦ୍ୱାରା କାର୍ଯ୍ୟାଳୟର ସମସ୍ତ ଫାଇଲ କାମ ସହଜ ହୋଇଯିବ। ମୁଁ ପୁରୀରେ ନ ଥିଲେ ମଧ୍ୟ ଭୁବନେଶ୍ୱରରେ ଥାଇ ଫାଇଲ କାମ କରିଦେଇପାରିବି। ଏବେଠାରୁ ଯେତେ ଫାଇଲ କରାଯିବ ସବୁ ଇ-ଅଫିସ ବ୍ୟବସ୍ଥା ଦ୍ୱାରା ହିଁ ହେବ। ୨୦୧୯ ଜାନୁୟାରୀ ସୁଦ୍ଧା ଶ୍ରୀମନ୍ଦିର କାର୍ଯ୍ୟାଳୟର ସମସ୍ତ କାମ ଏହି ବ୍ୟବସ୍ଥା ଅନ୍ତର୍ଭୁକ୍ତ କରାଯିବ। ଏନେଇ କାର୍ଯ୍ୟାଳୟର କୌଣସି ଅଧିକାରୀ କିମ୍ବା କର୍ମଚାରୀ ଭୟଭୀତ ହେବାର ନାହିଁ। ସଚିବାଳୟରେ ଏହି ବ୍ୟବସ୍ଥା ଚାଲିଛି। ୯୦ ପ୍ରତିଶତ ଫାଇଲ କାମ ଏହା ମାଧ୍ୟମରେ କରାଯାଉଛି। ଆମକୁ ମଧ୍ୟ ଅପ୍‌ଡେଟ ହେବାକୁ ପଡିବ। ଏହା କିଛି ବଡ଼ କଥା ନୁହେଁ, ଇଚ୍ଛାଶକ୍ତି ରହିଲେ ଏହା ସହଜ ହୋଇଯିବ। ଜଣେ ଚାହିଁଲେ ୧୦/୧୫ ଦିନ ମଧ୍ୟରେ ଏଥିରେ ଅଭ୍ୟସ୍ତ ହୋଇଯିବ। ଏହି ବ୍ୟବସ୍ଥା ଫଳରେ ରେକର୍ଡ ରୁମ୍‌ରେ ଆଉ ପୁରୁଣା ଫାଇଲ ଗଦାହୋଇ ରହିବ ନାହିଁ। ଏହି ଅବସରରେ ମୁଖ୍ୟ ପ୍ରଶାସକ ଏନ୍‌ଆଇସିକୁ ଧନ୍ୟବାଦ ଦେଇଥିଲେ।

ଅନ୍ୟପକ୍ଷରେ ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେଲେ ଶ୍ରୀମନ୍ଦିର କାର୍ଯ୍ୟାଳୟର ପୁରୁଣା ନଥିପତ୍ର, ହିସାବକିତାବ ଏଣିକି ସବୁଦିନ ପାଇଁ ସୁରକ୍ଷିତ ହୋଇରହିବ। ଆଧୁନିକ ଜ୍ଞାନକୌଶଳରେ ପୁରୁଣା ନଥିପତ୍ର ସାଇତି ହୋଇପାରିବ। ଏ ନେଇ ଏନ୍‌ଆଇସି ପକ୍ଷରୁ ପୂର୍ବରୁ ଶ୍ରୀମନ୍ଦିର କର୍ମଚାରୀଙ୍କୁ ତାଲିମ ଦିଆଯାଇଥିଲା।

## ■ ସନ୍‌ଶାଇନ୍ ହସ୍ପିଟାଲରେ ରୋଗୀଙ୍କୁ ଶୋଷଣ

# ଅସ୍ତ୍ରୋପଚାର ନ କରି ନେଇଗଲେ ୧.୪୩ ଲକ୍ଷ

■ ଆହୁରି ୧.୪୨ ଲକ୍ଷ ପାଇଁ ଦାବି
■ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ରାଜି ନୁହନ୍ତି ହସ୍ପିଟାଲ କର୍ତ୍ତୃପକ୍ଷ

**କଟକ ରୋଡ, ୧୮।୯(ଡି.ଏନ୍.ଏ.)**

ଭୁବନେଶ୍ୱର ଲକ୍ଷ୍ମୀସାଗରସ୍ଥିତ ସନ୍‌ସାଇନ ହସ୍ପିଟାଲରେ ରୋଗୀଙ୍କୁ ଶୋଷଣ କରାଯାଇଥିବା ଅଭିଯୋଗ ହୋଇଛି। ରୋଗୀ ଆଡ୍‌ମିଶନ ସମୟରେ ଅସ୍ତ୍ରୋପଚାର କରାଯିବ ବୋଲି କୁହାଯାଇ ୧ ଲକ୍ଷ ୪୩ ହଜାର ଟଙ୍କା ନିଆଗଲା। କିନ୍ତୁ ପରବର୍ତ୍ତୀ ସମୟରେ କୌଣସି ଅସ୍ତ୍ରୋପଚାର ହୋଇ ନ ଥିବାବେଳେ ୨ ଲକ୍ଷ ୮୫ ହଜାର ଟଙ୍କାର ବିଲ୍ କରାଯାଇଛି। ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନ ଥିବାରୁ ପରିବାର ଲୋକେ ତାଙ୍କୁ ଅନ୍ୟତ୍ର ନେବାକୁ ଚାହୁଁଛନ୍ତି। କିନ୍ତୁ ହସ୍ପିଟାଲ କର୍ତ୍ତୃପକ୍ଷ ଆବଶ୍ୟକ ଚିକିତ୍ସା ନ କରି ଆହୁରି ୧ଲକ୍ଷ ୪୨ ହଜାର ଟଙ୍କା ଦାବି କରିବା ସାଙ୍ଗକୁ ରୋଗୀଙ୍କୁ ଛାଡୁ ନ ଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, କଟକ ଚାନ୍ଦିନୀଚୌକ ଅଞ୍ଚଳରେ ରହୁଥିବା ସିମ୍ରନ ବେହେରା(୨୧) ଏକ ଗାଡି ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ତାଙ୍କ ପରିବାର ଲୋକେ ଗତ ୧୨ ତାରିଖରେ ଲକ୍ଷ୍ମୀସାଗରସ୍ଥିତ ସନ୍‌ସାଇନ୍ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତାଙ୍କ ବାମ ଗୋଡ଼ ଏବଂ ପେଲ୍‌ଭିସ୍ ହାଡ଼ରେ ଅସ୍ତ୍ରୋପଚାର ଆବଶ୍ୟକ ଥିବା କୁହାଯାଇ ସିମ୍ରନଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଆଡମିଶନ ନେବା ସମୟରେ ପ୍ରାୟ ୪ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ମୌଖିକ ଭାବେ ପରିବାରଲୋକଙ୍କୁ ଅବଗତ କରାଯାଇଥିଲା। ପରେ ବିଭିନ୍ନ ସମୟରେ ପରିବାର ପକ୍ଷରୁ ୧ଲକ୍ଷ ୪୩ହଜାର ଟଙ୍କା ଦିଆଯାଇଥିଲା। ସିମ୍ରନଙ୍କ ଭଉଣୀ ସୁମିତ୍ରାଙ୍କ କହିବା ଅନୁଯାୟୀ, ଗତ ୧୪ତାରିଖରେ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ସେ ଭେଟି ପଚାରିବାରୁ କୌଣସି ଅସ୍ତ୍ରୋପଚାର ହୋଇ ନ ଥିବା ଡାକ୍ତର କହିଥିଲେ। ପରେ ମଧ୍ୟ କୌଣସି ଅସ୍ତ୍ରୋପଚାର କରାଯାଇ ନ ଥିଲା। ତେବେ ମଙ୍ଗଳବାର ହସ୍ପିଟାଲ ପକ୍ଷରୁ ରୋଗୀଙ୍କ ସମ୍ପର୍କୀୟଙ୍କୁ ୨ଲକ୍ଷ ୮୫ହଜାର ଟଙ୍କା ଜମା କରିବା ପାଇଁ କୁହାଯାଇଥିଲା। ୫ଦିନ ପୂର୍ବେ ଡାକ୍ତର କୌଣସି ଅସ୍ତ୍ରୋପଚାର କରି ନ ଥିବା ନେଇ କହିଥିବା ଓ ପରେ ମଧ୍ୟ ଅସ୍ତ୍ରୋପଚାର ହୋଇ ନ ଥିବା ସତ୍ତ୍ୱେ ପୁନର୍ବାର ୨ଲକ୍ଷ ୮୫ହଜାର ଟଙ୍କାର ବିଲ୍ ଦେବାକୁ କୁହାଯାଇଥିଲା। ଏହାକୁ ନେଇ ସିମ୍ରନଙ୍କ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ସେମାନେ ଏ ନେଇ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଶକ୍ତିସ୍ୱରୂପ ମିଶ୍ର ଓ ଚିକିତ୍ସା କରୁଥିବା ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ମଧ୍ୟାହ୍ନ ୧୨ଟାରେ ସିମ୍ରନଙ୍କୁ ଅନ୍ୟତ୍ର ସରକାରୀ ହସ୍ପିଟାଲକୁ ସ୍ଥାନାନ୍ତର କରିବା ପାଇଁ ପରିବାର ଲୋକେ କହିଥିଲେ। କିନ୍ତୁ ସିମ୍ରନ ସୁସ୍ଥ ଅଛନ୍ତି, ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାର ଆବଶ୍ୟକତା ନାହିଁ ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଥିଲା। ଏପରି କି ଦିଆଯାଇଥିବା ବିଲ ପଇଠ କରିବା ପାଇଁ ସେମାନେ ସକ୍ଷମ ନ ଥିବା କହିଥିଲେ ମଧ୍ୟ ହସ୍ପିଟାଲ କର୍ତ୍ତୃପକ୍ଷ କିଛି ଶୁଣି ନ ଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଏଭଳି କାର୍ଯ୍ୟକଳାପକୁ ନେଇ ରାତି ପ୍ରାୟ ୮ଟାରେ ହସ୍ପିଟାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗଣ୍ଡଗୋଳ ଆଶଙ୍କାରେ ସ୍ଥାନୀୟ ଥାନାକୁ ଖବର ଦିଆଯାଇଥିଲା। ମାତ୍ର ପୋଲିସ ଘଟଣାସ୍ଥଳରେ ପହଞ୍ଚି ନୀରବଦ୍ରଷ୍ଟା ସାଜିଥିଲା। ସିମ୍ରନଙ୍କ ପରିବାର ଲୋକଙ୍କ ଅଭିଯୋଗ ସମ୍ପର୍କରେ ସନସାଇନ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ମିଶ୍ରଙ୍କୁ ପଚାରିବାରେ ସେ କହିଲେ, ରୋଗୀଙ୍କ ଆଡ୍‌ମିଶନ ସମୟରେ ୪ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ତାଙ୍କ ପରିବାର ଲୋକଙ୍କୁ କୁହାଯାଇଥିଲା। ଏବେ ୨ଲକ୍ଷ ୮୫ହଜାର ଟଙ୍କା ବିଲ ଦିଆଯାଇଛି। ଯଦି ତାଙ୍କ ପାଖରେ ଟଙ୍କା ନ ଥିଲା, ତେବେ ୪ଲକ୍ଷ ଟଙ୍କା ଏଷ୍ଟିମେଟ କରାଯିବା ସମୟରେ ସେ କାହିଁକି ଅନ୍ୟତ୍ର ଗଲେ ନାହିଁ ବୋଲି ମିଶ୍ର କହିଥିଲେ। ଅସ୍ତ୍ରୋପଚାର କରା ନ ଯାଇ ଏତେ ଟଙ୍କା ବିଲ୍ କିପରି ହେଲା ସେ ସମ୍ପର୍କରେ ପଚାରିବାରୁ ମିଶ୍ର ତାହାକୁ ଏଡ଼ାଇ ଯାଇଥିଲେ।

## ଫଟୋରେ ଖବର




ବିଧାନ ପରିଷଦ ଗଠନକୁ ବିରୋଧ କରି ମଙ୍ଗଳବାର ଉତ୍କଳ ଭାରତ ପକ୍ଷରୁ ନବୀନ ନିବାସ ଘେରାଉ ପାଇଁ ଯାଉଥିବାବେଳେ ରାଜମହଲ ଛକରେ ପୋଲିସ ଅଟକାଇବା ପରେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।




ସ୍ଥାୟୀ ନିଯୁକ୍ତି ସହ ୭ଦଫା ଦାବି ନେଇ ଅନୁସୂଚିତ ଜନଜାତି ଓ ଜାତିର ମହିଳା ରୋଷେୟା ସେବାୟତ ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ ପ୍ରଦର୍ଶନ।



ଧର୍ମ ଅଧର୍ମ ବିଚାର କରିପାରୁ ନ ଥିବା ବ୍ୟକ୍ତି ପଶୁ ସମାନ ଅଟେ।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ






ପୁରୀ ଟାଉନ୍ ହଲ୍ ଛକସ୍ଥିତ ଅକ୍ଷୟ ଜୟସିଂଙ୍କ ଦୋକାନ ସମ୍ମୁଖରେ ସ୍ଥାନୀୟ ଲୋକେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ୍‌ର 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନରେ ସାମିଲ୍ ହୋଇ ବାର୍ତ୍ତା ଦେଉଛନ୍ତି।







ପୁରୀ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ସଚେତନତା ଶୋଭାଯାତ୍ରାବେଳେ 'ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି ଅଧିକାରୀ ଓ ଅନ୍ୟମାନେ। ଅଭିଯାନରେ ସାମିଲ୍ ହୋଇଥିବା ସାମାଜିକ ଅନୁଷ୍ଠାନ 'ସଖା'ର ସଦସ୍ୟମାନେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ପ୍ରଦୀପ



@ ସୌମ୍ୟା



@ ପ୍ରିୟବ୍ରତ



@ ସ୍ନେହା



@ ସୋମେଶ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ରଥଯାତ୍ରା ବ୍ୟବସ୍ଥାବଳୀ ଉଲ୍ଲଂଘନ ପ୍ରସଙ୍ଗ
## ଉଲ୍ଲଂଘନକାରୀ ଦେଖିପାରିବେ ସିସିଟିଭି ଫୁଟେଜ୍

**ପୁରୀ ଅଫିସ,୧୮।୯:** ସ୍ନାନ ଯାତ୍ରାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଅର୍ଥାତ୍ ସମ୍ପୂର୍ଣ୍ଣ ଘୋଷଯାତ୍ରାରେ ବ୍ୟବସ୍ଥାବଳୀ ଉଲ୍ଲଂଘନ କରିଥିବା ୪୧ ଜଣଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି ଶ୍ରୀମନ୍ଦିର ପ୍ରଶାସନ। କେହି ବି ଏ ପର୍ଯ୍ୟନ୍ତ ଏହି ନୋଟିସ୍‌ର ଉତ୍ତର ଦେଇନାହାନ୍ତି। ମଙ୍ଗଳବାର ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି ଯେ, ସିସିଟିଭି ଫୁଟେଜକୁ ଯାଞ୍ଚ କରାଯାଇଛି। ୪୧ ଜଣ ବ୍ୟବସ୍ଥାବଳୀ ଉଲ୍ଲଂଘନ କରିଥିବା ଫୁଟେଜରୁ ଜଣାପଡିଛି। ଏଥିରେ ସେବକ ଏବଂ କର୍ମଚାରୀ ରହିଛନ୍ତି। ସମସ୍ତଙ୍କୁ ନୋଟିସ ଦିଆଯାଇଛି। ଉଲ୍ଲଂଘନକାରୀଙ୍କ ଯଦି କିଛି ସନ୍ଦେହ ଥାଏ ସେମାନେ ଚାହିଁଲେ ମନ୍ଦିର ଅଫିସକୁ ଆସି ଫୁଟେଜ୍ ଦେଖିପାରିବେ। ଏକ ପ୍ରକାର ଅନୁକୂଳ ବାତାବରଣ ସୃଷ୍ଟି କରିବା ଏହାର ଉଦ୍ଦେଶ୍ୟ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

## ଓଡ଼ିଆ ବିଶ୍ୱବିଦ୍ୟାଳୟ ଭୂମିପୂଜା ପାଇଁ ରାଜସ୍ୱ ମନ୍ତ୍ରୀଙ୍କ ଭିତ୍ତିଭୂମି ଅନୁଧ୍ୟାନ

**ସାକ୍ଷୀଗୋପାଳ, ୧୮।୯(ଡି.ଏନ୍.ଏ.):** ଓଡ଼ିଆ ବିଶ୍ୱବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ ଦିନଧାର୍ଯ୍ୟ ହେବା ପରେ ପ୍ରଶାସନିକ ସ୍ତରରେ ଏଥିପାଇଁ ତତ୍ପରତା ପ୍ରକାଶ ପାଇଛି। ପଞ୍ଚସଖାଙ୍କ ପୁଣ୍ୟଭୂମି ସତ୍ୟବାଦୀ ବକୁଳବନ ଓ ସାକ୍ଷୀଗୋପାଳ ମନ୍ଦିର ନିକଟ ଫୁଲଅଲସା ଓ ବୀରରାମଚନ୍ଦ୍ରପୁର ମୌଜାରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନ ନିମନ୍ତେ ଜମି ଚିହ୍ନଟ କରାଯାଇଛି। ଏହି ଜମିର ନକ୍ସା ମୁତାବକ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ସ୍ଥାନୀୟ ଅତିରିକ୍ତ ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟ ପ୍ରମୁଖ ଅଧିକାରୀମାନେ ମଙ୍ଗଳବାର ଭିତ୍ତିଭୂମି ଅନୁଧ୍ୟାନ କରି ଫେରିଛନ୍ତି। ଓଡ଼ିଆ ଭାଷା ସାହିତ୍ୟର ବିକାଶ ନିମନ୍ତେ ୨୩ ତାରିଖରେ ଭୂମିପୂଜା କରାଯାଇ ଐତିହାସିକ ଶିଳାନ୍ୟାସ କରାଯିବ।

■ ରାଜ୍ୟସ୍ତରୀୟ ସଂସ୍କୃତ ଦିବସ ସମାରୋହ

# ସଂସ୍କୃତ ଭାଷା ବିଦ୍ୟା, ଜ୍ଞାନର ଭଣ୍ଡାର

■ ୫ ପୁସ୍ତକ ଉନ୍ମୋଚିତ
■ ୭ ବିଦ୍ୱାନ ପଣ୍ଡିତ ସମ୍ବର୍ଦ୍ଧିତ

**ଭୁବନେଶ୍ୱର,୧୮।୯(ବ୍ୟୁରୋ)**

ସଂସ୍କୃତ ଭାଷା ଅନେକ ଅଞ୍ଚଳର କଥିତ ଭାଷା। ଏହାକୁ ବେଦ ଏବଂ ଦେବ ଭାଷା ବୋଲି କୁହାଯାଏ। ସଂସ୍କୃତ ହେଉଛି ବିଦ୍ୟା ଓ ଜ୍ଞାନର ଭଣ୍ଡାର। ସମସ୍ତ ଜ୍ଞାନ ଏହା ମଧ୍ୟରେ ସନ୍ନିବେସିତ ହୋଇରହିଛି। ସେହିପରି ଓଡ଼ିଆ ସାହିତ୍ୟ ଜଗତକୁ ସଂସ୍କୃତ ଭାଷାର ଲିଖିତ ବହି ସମୃଦ୍ଧ କରିପାରିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର କହିଛନ୍ତି। ମଙ୍ଗଳବାର ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ପକ୍ଷରୁ ସୂଚନା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ସଂସ୍କୃତ ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ପାତ୍ର ଏହା କହିଥିଲେ। ଏଥିସହ ସଂସ୍କୃତ ଭାଷାର ମହତ୍ତ୍ୱ ଯୁଗ ଯୁଗ ଧରି ରହିଆସିଛି ବୋଲି ସେ ମତ ଦେଇଥିଲେ।

କାର୍ଯ୍ୟକ୍ରମକୁ ଅର୍ଥ ଓ ଅବକାରୀ ମନ୍ତ୍ରୀ ଶଶିଭୂଷଣ ବେହେରା ଉଦ୍‌ଘାଟନ କରି ସଂସ୍କୃତ କେବଳ ବ୍ରାହ୍ମଣଙ୍କ ଭାଷା ବୋଲି ଯେଉଁ ଧାରଣା ଥିଲା, ତାହା ଭୁଲ୍ ବୋଲି କହିଥିଲେ। ଏହା ଆମର ଭିତ୍ତିଭୂମି, ମୂଳପିଣ୍ଡ। କେବଳ ସେତିକି ନୁହେଁ, ଆଜିର ଦିନରେ ଏହା ରୋଜଗାର ଭିତ୍ତିକ ଭାଷା। ଏଥିରେ ପାଠ ପଢ଼ିଲେ ବା ଉଚ୍ଚଶିକ୍ଷା ଲାଭ କଲେ, ନିଶ୍ଚିତ ଭାବେ ଜଣେ ମାର୍ଜିତ ବ୍ୟକ୍ତି ହୋଇପାରିବ ବୋଲି ମତ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର ଯୋଗଦେଇ କହିଲେ, ସଂସ୍କୃତ ଆମର ଆଦିଭାଷା। ଏହାର ଉତ୍ପତ୍ତି, ବ୍ୟାପ୍ତି ୩୦୦୦ ବର୍ଷ ପୁରୁଣା। କେବଳ ହିନ୍ଦୁ ଧର୍ମରେ ନୁହେଁ, ବୌଦ୍ଧ ଓ ଜୈନ ଧର୍ମାବଲମ୍ବୀମାନେ ମଧ୍ୟ ଏହାକୁ କହିଥାଆନ୍ତି। ସର୍ବୋପରି ଏହା ଜୀବନର ଭାଷା ଓ ସମୃଦ୍ଧ ଭାଷା। ପ୍ରାରମ୍ଭରେ ସଂସ୍କୃତ କବି ତଥା ନିଖିଳ ଉତ୍କଳ ସଂସ୍କୃତ ମହାମଣ୍ଡଳମ୍ ସଭାପତି ପଣ୍ଡିତ ଡ. ପ୍ରବୋଧ କୁମାର ଉପସ୍ଥିତ ରହି ସଂସ୍କୃତକୁ ଭାରତର ମୂଳଭାଷା ବୋଲି ଅଭିହିତ କରିଥିଲେ। ଏହା ମାନବିକତାକୁ ଉଜ୍ଜୀବିତ କରୁଥିବା ଭାଷା। ସଂସ୍କୃତ କେବଳ ଓଡ଼ିଶାରେ ସୀମିତ ନୁହେଁ, ସମଗ୍ର ଭାରତ ବର୍ଷରେ ଏହାର ବ୍ୟାପକତା ରହିଛି। ଏହାର ଆବଶ୍ୟକତା ସର୍ବତ୍ର ରହିଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।

ପଣ୍ଡିତ ପ୍ରଫୁଲ୍ଲ କୁମାର ସାହୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସଂସ୍କୃତ ଭାଷାକୁ ପ୍ରଥମ ଶ୍ରେଣୀରୁ ପ୍ରଚଳନ କରିବା, ଏହି ଭାଷାକୁ ବାଧ୍ୟତାମୂଳକ ଭାଷା କରିବାକୁ ସରକାରଙ୍କୁ ଆହ୍ୱାନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ୫ ପୁସ୍ତକ 'ପ୍ରବୋଧ ଆମ୍ରଲିପି', 'ସଂସ୍କୃତ ମାର୍ଗଦର୍ଶିକା', 'ଦ୍ୱିରୂପ ଶବ୍ଦବିଧାନ', 'ଶତାବ୍ଦୀର ସ୍ୱର' ଓ 'କୁନା ଜହ୍ନମାମୁ' ଉନ୍ମୋଚିତ ହୋଇଥିଲା। ସେହିପରି ୭ଜଣ ବିଦ୍ୱାନ ପଣ୍ଡିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର ସାଧାରଣ ସମ୍ପାଦକ ପଣ୍ଡିତ ନରସିଂହ ଜେନା ବିବରଣୀ ପାଠ କରିଥିବା ବେଳେ ଡ. ବିପିନ ବିହାରୀ ଶତପଥୀ ଧନ୍ୟବାଦ ଦେଇଥିଲେ।




ସମାରୋହରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଓଡିଏମ୍ ଶିକ୍ଷକଙ୍କୁ 'ଗ୍ଲୋବାଲ୍ ଟିଚର୍ସ ଆୱାର୍ଡ'

**ଭୁବନେଶ୍ୱର, ୧୮।୯(ବ୍ୟୁରୋ)**

ଆନ୍ତର୍ଜାତିକ ସ୍ତରରେ ଶିକ୍ଷାକ୍ଷେତ୍ରରେ ବଳିଷ୍ଠ ଭୂମିକା ଏବଂ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଗଠନରେ ବିଶେଷ ଅବଦାନ ପାଇଁ 'ଆଲର୍ଟ ନଲେଜ୍ ସର୍ଭିସେସ୍' ନୂଆଦିଲ୍ଲୀ ପକ୍ଷରୁ ରବିବାର 'ଗ୍ଲୋବାଲ୍ ଟିଚର୍ସ ଆୱାର୍ଡ–୨୦୧୮' ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତୁର୍କୀ, ଇଂଲଣ୍ଡ, ଦୁବାଇ, ୟୁଏଇ ପ୍ରଭୃତି ରାଷ୍ଟ୍ରରୁ ୫୦୦ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରୁ ପଟିଆସ୍ଥିତ ଓଡିଏମ୍ ପବ୍ଲିକ ସ୍କୁଲର ଯୁକ୍ତ୨ ବାଣିଜ୍ୟ ବିଭାଗର ଅଧ୍ୟାପକ ବିଶ୍ୱଜିତ୍ ବ୍ରହ୍ମା, ବିଜ୍ଞାନ ବିଭାଗର ଅଧ୍ୟାପକ ଡ. ବିକ୍ରମ କେଶରୀ ନାୟକ, ସଂଯୋଜିକା ସନ୍ଧ୍ୟାରାଣୀ ସ୍ୱାଇଁ, ଡ. ସୁମିତା ବିଶ୍ୱାସ, ସୁଲତାରାଣୀ ଶାହା ଏବଂ ଶିକ୍ଷୟିତ୍ରୀ ବିଶ୍ୱବିନୀତା ସାମଲ ପ୍ରମୁଖ ଏହି ଉତ୍ସବରେ 'ଗ୍ଲୋବାଲ୍ ଟିଚର୍ସ ଆୱାର୍ଡ' ପାଇଛନ୍ତି। ଆନ୍ତର୍ଜାତିକ ସ୍ତରରେ ଗୁଣାତ୍ମକ ଏବଂ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନରେ ନିଜର ଦକ୍ଷତା ପ୍ରଦର୍ଶନ କରି ସମ୍ବର୍ଦ୍ଧିତ ହୋଇଥିବାରୁ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ, ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ମୁଖ୍ୟ ପରାମର୍ଶଦାତା ବ୍ରହ୍ମାନନ୍ଦ ରାଉତ, ଉପାଧ୍ୟକ୍ଷ ରାଜେଶ କୁମାର ପାଢ଼ୀ, ଉପାଧ୍ୟକ୍ଷା ଝିନୁକ୍ ଦତ୍ତାରାୟଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଶୁଭେଚ୍ଛା ଜଣାଇଛନ୍ତି।




## ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଓଷ୍ଟାର ଆନ୍ଦୋଳନ ସ୍ଥଗିତ

**ଭୁବନେଶ୍ୱର, ୧୮।୯(ବ୍ୟୁରୋ)**

ରାଜ୍ୟରେ ଥିବା ୬୪୮ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ସରକାରୀ ଘୋଷଣା ଦାବିରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ମଙ୍ଗଳବାର ଆନ୍ଦୋଳନ ଆରମ୍ଭ ହୋଇଥିଲା। ଅପରାହ୍ନରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ସହ ସଂଘର ଏକ ପ୍ରତିନିଧି ଦଳ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ସମସ୍ୟା ସମାଧାନ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ସଂଘ ପକ୍ଷରୁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ସଂଘର କହିବାନୁଯାୟୀ, ଏସବୁ ବିଦ୍ୟାଳୟରୁ ଅର୍ଦ୍ଧାଧିକ ଶିକ୍ଷକ ଅବସର ନେଇସାରିଲେଣି। ଜଣେ କିମ୍ବା ଦୁଇଜଣ ଶିକ୍ଷକରେ ଏ ସମସ୍ତ ବିଦ୍ୟାଳୟ ଚାଲିଛି। ଖୁବ୍‌ଶୀଘ୍ର ଏସବୁ ବିଦ୍ୟାଳୟ ବନ୍ଦ ହୋଇଯିବ। ଏହାର ଏକମାତ୍ର ବିକଳ୍ପ ରାସ୍ତା ହେଲା ସରକାରୀ ଘୋଷଣା କରିବା। ଏ ବାବଦରେ ସରକାରଙ୍କ ସହିତ ବାରମ୍ବାର ଆଲୋଚନା ହୋଇଛି ଏବଂ ନିର୍ଭର ପ୍ରତିଶ୍ରୁତି ମଧ୍ୟ ମିଳିଛି। କିନ୍ତୁ ତାହା ପୂରଣ ନ ହେବା ଏବଂ ଆଉ କେତେକ ସମସ୍ୟା ପ୍ରତି ସରକାର ଉଦାସୀନ ରହିବା ପ୍ରତିବାଦରେ ଏହି ଆନ୍ଦୋଳନ ଆରମ୍ଭ ହୋଇଛି। ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ୧ମାସ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ପୁନର୍ବାର ଆନ୍ଦୋଳନ କରାଯିବ ବୋଲି ପ୍ରତିନିଧି ମଣ୍ଡଳୀ ପକ୍ଷରୁ କୁହାଯାଇଛି। ଓଷ୍ଟାର ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ସତ୍ୟନାରାୟଣ ତ୍ରିପାଠୀ, ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ଯୁଗ୍ମ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମିଶ୍ର ଏବଂ କୋଷାଧ୍ୟକ୍ଷ ପ୍ରେମାନନ୍ଦ ଜେନା ଆଲୋଚନା ସମୟରେ ଉପସ୍ଥିତ ଥିଲେ।

# ନାବାଳିକାଙ୍କୁ ଦିଆଯାଉଛି ଯୌନ ନିର୍ଯାତନା

**ଏନଜିଓରେ ଚାଲିଛି ଏନ୍‌ଜୟ**
■ ଜିଲାପାଳଙ୍କୁ ଫେରାଦ ହେଲେ ଅଞ୍ଚଳବାସୀ

**ଖୋର୍ଦ୍ଧା ଅଫିସ,୧୮।୯**

କଟକ ଜିଲା ଫୁଲନଖରା ନିକଟ ଖୋର୍ଦ୍ଧା ଜିଲା ଅଞ୍ଚଳରେ ଥିବା ଏକ ଏନ୍‌ଜିଓରେ ଏନ୍‌ଜୟ ଚାଲିଛି। ଏଠାରେ ନାବାଳିକାମାନଙ୍କୁ ଶାରୀରିକ ଓ ଯୌନ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ରହିଛି। ପଶ୍ଚିମବଙ୍ଗର ଜଣେ ନାବାଳିକାଙ୍କୁ କିଛିଦିନ ତଳେ ସଂସ୍ଥା ପକ୍ଷରୁ ଟୁରିଷ୍ଟ ଭିଜାରେ ଆମେରିକା ପଠା ଯାଇଥିଲା। ସମ୍ପୃକ୍ତ ନାବାଳିକା ଏଯାବତ ଭାରତ ଫେରିନାହାନ୍ତି। ଏଣୁ ସଂସ୍ଥା ବିରୋଧରେ ଯୁବତୀ ଚାଲାଣ ଅଭିଯୋଗ ବି ରହିଛି। ସଂସ୍ଥାର କୁକର୍ମ, ଅନୀତି ବିରୋଧରେ କେତେଜଣ ବ୍ୟକ୍ତି ମଙ୍ଗଳବାର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଫେରାଦ ହୋଇଛନ୍ତି। ଅନ୍ୟପକ୍ଷେ ସଂସ୍ଥାର ମୁଖିଆଙ୍କ କାର୍ଯ୍ୟଧାରା ନେଇ ଏକ ସିଟୀ ଦେଇ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

ଅଭିଯୋଗ ଅନୁସାରେ, ବିନା ପଞ୍ଜୀକରଣରେ ଚାଲିଛି ଏନଜିଓ। ଆମେରିକାରେ ରହି ଏହି ଏନଜିଓକୁ ପରିଚାଳନା କରୁଛନ୍ତି ମୁଖିଆ। ଅନୁଷ୍ଠାନରେ ନାବାଳିକାମାନଙ୍କୁ ଦିଆଯାଉଛି ନିର୍ଯାତନା। ସ୍ୱଳ୍ପ ପାରିଶ୍ରମିକ ଦେଇ କର୍ମଚାରୀଙ୍କୁ ୧୨ରୁ ୨୪ ଘଣ୍ଟା ଖଟାଯାଉଛି। ଅନ୍ୟାୟ, ଅନୀତି ସମ୍ପର୍କରେ ପାଟି ଖୋଲିଲେ କର୍ମଚାରୀଙ୍କୁ ଛଟେଇ କରି ଦିଆଯାଉଛି। ଅନ୍ୟ ସଂସ୍ଥା ନାଁରେ ବିଦେଶୀ ଅନୁଦାନ ଆଣୁଥିବା ନେଇ ମଧ୍ୟ ଅଭିଯୋଗ ରହିଛି। ହିନ୍ଦୁଧର୍ମର ନାବାଳିକା ନାବାଳକଙ୍କୁ ଅନ୍ୟ ଧର୍ମ ଗ୍ରହଣ କରିବାକୁ ବାଧ୍ୟ କରାଯାଉଛି। କିଛିଦିନ ତଳେ ସଂସ୍ଥା କାର୍ଯ୍ୟାଳୟରେ ସ୍ଥାନୀୟ ଯୁବକମାନେ ଭଙ୍ଗାରୁଜା କରିବା ସହ କାର ପୋଡି ଦେଇଥିଲେ। ଯୁବକମାନେ ସମ୍ପୃକ୍ତ ସଂସ୍ଥାର କାର୍ଯ୍ୟ ପ୍ରତି କାହିଁକି ବିମୁଖ ତା'ର ତଦନ୍ତର ଆବଶ୍ୟକତା ରହିଛି ବୋଲି ଅଭିଯୋଗକାରୀମାନେ ଦର୍ଶାଇଛନ୍ତି।

## ବାଲୁଖଣ୍ଡ ଅଭୟାରଣ୍ୟ ଉପରେ ଉଡ଼ିଲା ହେଲିକପ୍ଟର

**ପୁରୀ ଅଫିସ,୧୮।୯**

ମଙ୍ଗଳବାର ଅପରାହ୍ନ ୪ଟା ୪୫ରେ ପୁରୀ ତାଳବଣିଆ ଅଞ୍ଚଳ ଆକାଶରେ ଏକ ହେଲିକପ୍ଟର ଉଡ଼ିଥିବା ଦେଖିବାକୁ ମିଳିଛି। ଉକ୍ତ ହେଲିକପ୍ଟରଟି ତାଳବଣିଆ ଦେଇ ବାଲୁଖଣ୍ଡ ଅଭୟାରଣ୍ୟ ଉପରେ ଅତି କମ୍ ଉଚ୍ଚତାରେ ଉଡ଼ିଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ହେଲିକପ୍ଟରଟି ପୁରୀଠାରେ ଅବତରଣ କରିନାହିଁ। ଏହା କେଉଁଠୁ ଆସିଥିଲା ଏବଂ କାହାର ହେଲିକପ୍ଟର ତାହା ସ୍ପଷ୍ଟ ହୋଇନାହିଁ। ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ହେଲିକପ୍ଟରକୁ ନେଇ ନାନା ଚର୍ଚ୍ଚା ଜାରି ରହିଥିବା ବେଳେ ଏହି ହେଲିକପ୍ଟର ଉଡ଼ିବା ଘଟଣା ପୁରୀ ସହରରେ ଆଲୋଚନାର ବିଷୟ ହୋଇଛି।



ମାନବ ଶରୀର ତୁମକୁ ଦିଆଯାଇଛି, ଜୀବଜଗତର କଲ୍ୟାଣରେ ନିଜକୁ ନିୟୋଜିତ କରିବା ପାଇଁ। ଏହାଦ୍ୱାରା ତୁମର ଆତ୍ମା ଭଗବାନଙ୍କ ଚରଣ ତଳେ ସ୍ଥାନ ପାଇବା ପାଇଁ ସକ୍ଷମ ହେବ।
–ଗୁରୁ ନାନକ



## ସଂକ୍ଷେପରେ

ପଳାଶୁଣୀ ଛକରେ ଗଣ୍ଡଗୋଳ ଘଟଣା

### ବ୍ରାଉନସୁଗାର ବେପାରୀ ଚିତ୍ତ ଗିରଫ

ଭୁବନେଶ୍ୱର, ୧୮।୯(ବ୍ୟୁରୋ): ପଳାଶୁଣୀ ମଦ ଦୋକାନ ନିକଟରେ ଗଣ୍ଡଗୋଳ ଘଟଣାରେ ବ୍ରାଉନସୁଗାର ବେପାରୀ ଚିତ୍ତରଞ୍ଜନ ରାଉତରାୟ ଓରଫ ଚିତ୍ତଙ୍କୁ ମଞ୍ଚେଶ୍ୱର ପୋଲିସ ମଙ୍ଗଳବାର ଗିରଫ କରିଛି। ସୂଚନା ମୁତାବକ, ଗତ ଶୁକ୍ରବାର ରାତି ପ୍ରାୟ ୧ଟାରେ ଚିତ୍ତ ପଳାଶୁଣୀ ମଦ ଦୋକାନ ନିକଟରେ ଛିଡା ହୋଇଥିଲେ। ଏହି ସମୟରେ ତାଙ୍କ ଭାଇ ଗଜେନ୍ଦ୍ର ଏବଂ ତାଙ୍କର ୨ ପୁଅ ଏକ ଭୋଜିରୁ ସେହିବାଟ ଦେଇ ଫେରୁଥିଲେ। ଚିତ୍ତ ସେମାନଙ୍କୁ କମେଣ୍ଟ କରିବାକୁ ନେଇ ଉଭୟଙ୍କ ମଧରେ ବଚସା ହୋଇଥିଲା। ଫଳରେ ଚିତ୍ତ ଗଜେନ୍ଦ୍ରଙ୍କ ପୁଅ ଛାତିରେ ଛୁରି ଭୁସି ଦେଇଥିଲେ। ଏହା ପରେ ଗଜେନ୍ଦ୍ର ଚିତ୍ତଙ୍କ ମୁଣ୍ଡକୁ ଏକ ପଥରରେ ଛେଚି ଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ରାଜଧାନୀର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିତ୍ତ ସୁସ୍ଥ ହୋଇ ଫେରିବା ପରେ ମଙ୍ଗଳବାର ପୋଲିସ ତାଙ୍କୁ ଗିରଫ କରିଛି।

### ମହିଳାଙ୍କୁ ଅସଦାଚରଣ, ୨ ଗିରଫ

ଭୁବନେଶ୍ୱର, ୧୮।୯ (ବ୍ୟୁରୋ): ନୟାପଲ୍ଲୀ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ନୟାପଲ୍ଲୀ ଥାନା ଅଧୀନ ସାଲିଆସାହି ମେ ଫେୟାର ନଗର ଅଞ୍ଚଳର ଉମେଶ ବେହେରା ଓ ଟୁଟୁ ସ୍ୱାଇଁ। ସୂଚନା ମୁତାବକ, ସାଲିଆସାହି ମେ ଫେୟାର ନଗରରେ ରହୁଥିବା ଜଣେ ମହିଳାଙ୍କୁ ଉମେଶ ରାସ୍ତା ଘାଟରେ ହଇରାଣ କରିବା ସହ ଏକତରଫା ପ୍ରେମ କରୁଥିଲେ। ଏଥିସହ ତାଙ୍କୁ ବିବାହ କରିବାକୁ ବାଧ କରୁଥିଲେ। ମହିଳା ଜଣକ ବିବାହିତ ଥିବାରୁ ସେ ତାଙ୍କୁ ବିରୋଧ କରିଥିଲେ। ଗତ ସୋମବାର ମଧ୍ୟାହ୍ନରେ ମହିଳାଙ୍କ ସ୍ୱାମୀ ନ ଥିବାବେଳେ ଉମେଶ ତାଙ୍କ ସହଯୋଗୀ ଟୁଟୁଙ୍କୁ ନେଇ ତାଙ୍କ ଘରେ ପଶିଥିଲେ। ମହିଳାଙ୍କୁ ପ୍ରେମ ନିବେଦନ କରିବାରୁ ସେ ମନା କରିଦେଇଥିଲେ। ଫଳରେ ଉମେଶ ମହିଳାଙ୍କୁ ଗାଲିଗୁଲଜ କରିବା ସହ ଅସଦାଚରଣ କରିଥିଲେ। ମହିଳା ପାଟି କରିବାରୁ ଅଭିଯୁକ୍ତଦ୍ୱୟ ଫେରାର ହୋଇଯାଇଥିଲେ। ଏ ନେଇ ସମ୍ପୃକ୍ତ ମହିଳା ନୟାପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(୪୧୭/୧୮) ରୁଜୁ କରିବା ସହିତ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ବାଲି ହରଚଣ୍ଡୀ ପୀଠରେ ସଂଘର୍ଷ

### ୧୨ ଗୁରୁତର

ବ୍ରହ୍ମଗିରି, ୧୮।୯ (ଡି.ଏନ୍.ଏ.): ବ୍ରହ୍ମଗିରି ଥାନା ବାଲି ହରଚଣ୍ଡୀ ପୀଠରେ ମଙ୍ଗଳବାର ଭୋଜି ସମୟରେ ଦୁଇ ଗୋଷ୍ଠୀ ମଧରେ ସଂଘର୍ଷ ଘଟି ୧୨ ଜଣ ଗୁରୁତର ହୋଇଥିବାବେଳେ ଦୁଇ ଗାଁ ମଧରେ ଉତ୍ତେଜନା ଲାଗିରହିଛି। ପୀଠରେ ରେବଣା ନୂଆଗାଁ ଓ ବରୁଡି ଗାଁର ଯୁବକମାନେ ପୃଥକ୍ ଭାବେ ବଣଭୋଜି କରୁଥିବା ବେଳେ କୌଣସି କାରଣରୁ ସେମାନଙ୍କ ମଧରେ ସଂଘର୍ଷ ହୋଇଥିଲା। ଏଥିରେ ଉଭୟ ପକ୍ଷରୁ ଅଜୟ ପ୍ରଧାନ, ତନୁଜ ଲେଙ୍କା, ତପନ ବରାଳ, ବଳଭଦ୍ର ପ୍ରଧାନ, ନିତ୍ୟାନନ୍ଦ ପ୍ରଧାନ, ଗଙ୍ଗାଧର ପ୍ରଧାନ, ବାଘା ସାହୁ, ଦାଶରଥି ପ୍ରଧାନ ଓ ନନ୍ଦ ବେହେରା ଗୁରୁତର ଆହତ ହୋଇଛନ୍ତି।

ଭଡାରେ ବାଇକ୍ ନେଇ ବିକ୍ରି ଘଟଣା

### ମାଷ୍ଟରମାଇଣ୍ଡ ଗିରଫ, ୧୪ ବାଇକ ଜବତ

ଭୁବନେଶ୍ୱର, ୧୮।୯(ବ୍ୟୁରୋ): ରାଜଧାନୀରୁ ଭଡାରେ ବାଇକ ନେଇ ଅନ୍ୟତ୍ର ବିକ୍ରି କରୁଥିବା ରାକେଟର ମାଷ୍ଟରମାଇଣ୍ଡଙ୍କୁ ଖଣ୍ଡଗିରି ପୋଲିସ ଗିରଫ କରିଛି। ସେ ହେଲେ ବ୍ରହ୍ମପୁରର ଦୀପକ ସାହୁ(୨୬)। ତାଙ୍କଠାରୁ ୧୪ଟି ବାଇକ୍ ଜବତ କରିଛି। ଦୀପକ ନୟାପଲ୍ଲୀ ଓ ଖଣ୍ଡଗିରି ଅଞ୍ଚଳରେ ଥିବା ବାଇକ୍ ଏଜେନ୍ସିରୁ ଏକାଧିକ ବାଇକ୍ ନକଲି ପରିଚୟପତ୍ର ଦେଇ ୭ଦିନ ପାଇଁ ଭଡାରେ ନେଉଥିଲେ। କିଛି ଅଗ୍ରିମ ଟଙ୍କା ମଧ ଦେଉଥିଲେ। କିନ୍ତୁ ବାଇକ୍ ଫେରାଉ ନ ଥିଲେ। ଏ ନେଇ ଖଣ୍ଡଗିରି ଏବଂ ନୟାପଲ୍ଲୀ ଥାନାରେ ଅଭିଯୋଗ ହୋଇଥିଲା। ଦୁଇଦିନ ତଳେ ନୟାପଲ୍ଲୀ ପୋଲିସ ୨ ନାବାଳକଙ୍କ ସମେତ ୪ଜଣଙ୍କୁ ଗିରଫ କରିଥିଲା। ର୍ୟାକେଟ ମାଷ୍ଟରମାଇଣ୍ଡ ଦୀପକ ଫେରାର ଥିବା ବେଳେ ଖଣ୍ଡଗିରି ପୋଲିସ ବ୍ରହ୍ମପୁରରେ ଚଢାଉ କରି ତାଙ୍କୁ ଗିରଫ କରିଛି।

■ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

# ରାଜଧାନୀରେ ୧୭୮ ମେଢ଼

ଭୁବନେଶ୍ୱର, ୧୮।୯(ବ୍ୟୁରୋ)



ଦୁର୍ଗାପୂଜା ପ୍ରସ୍ତୁତି ବୈଠକରେ ଉପସ୍ଥିତ ଜିଲାପାଳ, ମେୟର, ବିଧାୟକ, ପୋଲିସ କମିଶନର ଓ ଅନ୍ୟମାନେ।

ଆଗକୁ ଆସୁଛି ଦୁର୍ଗାପୂଜା। ଏହି ଅବସରରେ ରାଜଧାନୀ ଭୁବନେଶ୍ୱରରେ ହଜାର ହଜାର ଲୋକଙ୍କ ଗହଳି ହେବ। ତେଣୁ ଏହାକୁ ନଜରରେ ରଖି କିଭଳି ଶାନ୍ତିଶୃଙ୍ଖଳାରେ ଦୁର୍ଗାପୂଜା ପାଳନ କରାଯିବ ସେଥିଲାଗି ଜିଲା ପ୍ରଶାସନ ଓ କମିଶନରେଟ ପୋଲିସ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ଚଳିତବର୍ଷ ଭୁବନେଶ୍ୱରରେ ୧୭୮ ମଣ୍ଡପରେ ମା'ଙ୍କ ମୃଣ୍ମୟୀ ପ୍ରତିମା ପୂଜା ପାଇବ। ପୂଜା ମଣ୍ଡପ ନିକଟ ସମେତ ସହରର ବିଭିନ୍ନ ସ୍ଥାନକୁ ଆଲୋକିତ କରିବା ଲାଗି ଏଥର ପ୍ରଶାସନ ପକ୍ଷରୁ ୧୦ ହଜାର ଏଲଇଡି ଲାଇଟ୍ ଲଗାଯିବାକୁ ସ୍ଥିର କରାଯାଇଛି। ସେହିପରି ମୂର୍ତ୍ତି ବିସର୍ଜନ ଲାଗି ୪ଟି ଅସ୍ଥାୟୀ ପୋଖରୀ କରାଯିବାକୁ ମଙ୍ଗଳବାର କମିଶନରେଟ ମୁଖ୍ୟାଳୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି।

ବୈଠକରେ ରାଜଧାନୀର ୩ଟି ପୂଜା କମିଟିର ସଦସ୍ୟଙ୍କ ସମେତ ଖୋର୍ଦ୍ଧା ଜିଲାପାଳ ନିର୍ମଳ ମିଶ୍ର, ମେୟର ଅନନ୍ତ ନାରାୟଣ ଜେନା, ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଧାୟକ ବିଜୟ ମହାନ୍ତି, ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି, ଅତିରିକ୍ତ ପୋଲିସ କମିଶନର ସଞ୍ଜୟ ସିଂ ଓ ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ପୂଜା କମିଟି ସଦସ୍ୟମାନେ ସେମାନଙ୍କ ଅଭିଯୋଗ ଜଣାଇବା ସହ କେଉଁ କେଉଁ ସମସ୍ୟା ରହିଛି ତାହା ଉପସ୍ଥାପନ କରିଥିଲେ। ବିଶେଷ କରି ପୂଜା ମଣ୍ଡପ ନିକଟକୁ ଭଲ ରାସ୍ତା ନାହିଁ, ଏହାସହ ଉଜ୍ଜ୍ୱଳ ଆଲୋକ ମଧ ନାହିଁ। କେଉଁଠି ବିଦ୍ୟୁତ୍ ତାର ଓହଳି ରହିଛି ତ ଆଉ କେଉଁଠି ଗଛ ଡାଳ ମଣ୍ଡପକୁ ନିକଟରେ ଘେରି ରହିଛି। ଜିଲାପାଳ ଅଭିଯୋଗ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ବିଭିନ୍ନ ପୂଜା କମିଟିର ସମସ୍ୟା ଶୁଣିବା ପାଇଁ ଜିଲାପାଳ ଜଣେ ନୋଡାଲ ଅଫିସର ରଖିବେ। ନୋଡାଲ ଅଫିସର ସମସ୍ୟା ସମାଧାନ ପାଇଁ ବାଟ

- ■ ୧୦ ହଜାର ଏଲଇଡି ଲାଇଟ୍‌ରେ ଝଲସିବ ସହର
- ■ ଭସାଣି ପାଇଁ ୪ ଅସ୍ଥାୟୀ ପୋଖରୀ
- ■ ୨୪ରୁ ଡିସିପି ଅଫିସରୁ ମିଳିବ ଲାଇସେନ୍ସ

ବାହାର କରିବେ। ପୂଜା ମଣ୍ଡପ ନିକଟରେ ଯେଉଁ ଲାଇଟ୍ ସମସ୍ୟା ଥିଲା ତାହାର ସମାଧାନ ଲାଗି ୧୦ ହଜାର ଏଲ୍‌ଇଡି ଲାଇଟ୍ ଲଗାଯିବ ବୋଲି ମେୟର କହିଛନ୍ତି।

ସେହିପରି ପ୍ରଥମ ଥର ଲାଗି ଥାନାୱାରି ବୈଠକ କରାଯିବ। ଯେଉଁ ଥାନା ଅଞ୍ଚଳରେ ଯେତିକି ପୂଜା କମିଟି ରହିଲେ ସେମାନଙ୍କୁ ନେଇ ଥାନା ଅଧିକାରୀ ବୈଠକ କରି ସେମାନଙ୍କ ସମସ୍ୟାର ସମାଧାନ କରିବେ। ଆସନ୍ତା ୨୪ ତାରିଖରୁ ଡିସିପି ଅଫିସରେ ପୂଜା ପାଇଁ ଲାଇସେନ୍ସ ଦିଆଯିବ ବୋଲି ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି। ଆଗରୁ ପ୍ରତି ଥାନାରୁ ଲାଇସେନ୍ସ ନେବାକୁ ପଡୁଥିଲା। କିନ୍ତୁ ଏଥର ଗୋଟିଏ ସ୍ଥାନରୁ ଅର୍ଥାତ୍ ଡିସିପି ଅଫିସରୁ ଲାଇସେନ୍ସ ଦିଆଯିବ। ଆହୁରି ମଧ ପୂଜା ମଣ୍ଡପ ନିକଟରେ ଏକାଧିକ ସିସିଟିଭି କ୍ୟାମେରା ଲଗାଯିବ। ପୂଜା ମଣ୍ଡପ ନିକଟରେ ଭିଡ଼ ନିୟନ୍ତ୍ରଣ ଲାଗି ସ୍ୱେଚ୍ଛାସେବୀଙ୍କ ସମେତ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯିବ ବୋଲି ଆଲୋଚନା ହୋଇଥିଲା।

■ ପୋଲିସ ଶୁଣିଲାନି

## ଅଭିଯୋଗକାରୀ କଥା ଶୁଣିବାକୁ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ

ପୁରୁଣା ଭୁବନେଶ୍ୱର,୧୮।୯ (ଡି.ଏନ.ଏ.)

ଲୋକଙ୍କ ସୁବିଧା ଅସୁବିଧା ବୁଝିବାକୁ କମିଶନରେଟ ପୋଲିସ ଡ଼ିଣ୍ଡିମ ପିଟୁଛି। ହେଲେ କାର୍ଯ୍ୟକଳାପରେ ସମ୍ପୂର୍ଣ୍ଣ ଓଲଟା। ଅଭିଯୁକ୍ତଙ୍କୁ ଗିରଫ କରିବା ବଦଳରେ ଓଲଟା ସୁରକ୍ଷା ଦେବା ଆଳରେ ଅଭିଯୋଗକାରୀଙ୍କୁ ବୁଝାଶୁଝା କରି ମାମଲା ରଫା ଦଫା କରିବାରେ ଏବେ ପୋଲିସ ମାହିର। ଯାହାକୁ ନେଇ ଥାନା ଓ କାର୍ଯ୍ୟାଳୟ ଘେରାଉ ଭଳି ବ୍ୟତିକ୍ରମ ବିଭିନ୍ନ ସମୟରେ ଦେଖାଦେଇଛି। ଏଥିରେ ଏୟାରଫିଲ୍ଡ ଥାନାରେ ବିଭିନ୍ନ ରେଜିଷ୍ଟ୍ରିଭୁକ୍ତ ହୋଇଥିବା କେତେଗୋଟି ମାମଲାରୁ ସ୍ପଷ୍ଟ ହୁଏ। ବିଭିନ୍ନ ସମୟରେ ଥାନାରେ ଏହି ସବୁ ମାମଲାର କୌଣସି ସୁଫଳ ନ ମିଳିବାରୁ ଅଭିଯୋଗକାରୀମାନେ କୋର୍ଟଙ୍କ ଆଶ୍ରୟ ନେବାକୁ ଶ୍ରେୟ ମନେ କରୁଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣରେ ଭୀମପୁର ମୌଜାର ଅଶୋକ ଦାସଙ୍କ ବିଭିନ୍ନ ମାମଲାକୁ ନିଆଯାଇ ପାରେ। ତାଙ୍କର ଅଭିଯୋଗକ୍ରମେ ୨୦୦୯ ରୁ ୨୦୧୮ ମଧ୍ୟରେ ବିଭିନ୍ନ ଘଟଣାରେ ହଇରାଣ ହରକତ ହେବା ପରେ ଦାସ କୋର୍ଟଙ୍କ ଆଶ୍ରୟ ନେଇଥିଲେ। ଏଥିରେ ମଧ ଗୋଟିଏ ଘଟଣାରେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପୋଲିସ ୭ ଥର ଅବମାନନା କରି ନୀରବରେ ବସି ରହିଥିଲା। ଶେଷରେ କୌଣସି ଉପାୟ ନ ପାଇ ଦାସ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ପତ୍ର ମାଧ୍ୟମରେ ଅନୁରୋଧ କରିଥିଲେ। ଅନୁରୂପ ଭାବେ ଡିଜିପିଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କର ଅନୁରୋଧକ୍ରମେ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ. ପିଏମଓ ପି.ଜି /ଡ଼ି/୨୦୧୮/୦୩୨୫୯୦୮ ଅନୁଯାୟୀ ରାଜ୍ୟ ମୁଖ୍ୟ ସଚିବଙ୍କୁ ଘଟଣାର ଅନୁସନ୍ଧାନ ପାଇଁ ପତ୍ର କରାଯାଇଛି। ସେହିଭଳି ଚିଠି ନଂ. ସି.ଆଇ.ଏ. ୧୪୮୧/୨୦୧୮ ଅନୁଯାୟୀ କମିଶନରଙ୍କୁ ଘଟଣାର ଠିକ୍ ଅନୁସନ୍ଧାନ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ମନୁଷ୍ୟ ସହଯୋଗରେ ଦିବ୍ୟଜୀବନ ପ୍ରତିଷ୍ଠା ତ୍ୱରାନ୍ୱିତ ହୋଇପାରିବ

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ବିନତାଶ୍ୱ ମଲ୍ଲିକ ସ୍ମାରକୀ ନ୍ୟାସ ପକ୍ଷରୁ ମଙ୍ଗଳବାର ଚନ୍ଦ୍ରଶେଖରପୁରର ଶ୍ରୀଅରବିନ୍ଦ ନଗରଠାରେ ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଯଦୁନନ୍ଦନ ସାମଲ ଯୋଗଦେଇ ବକ୍ତୃତାର ଶୀର୍ଷକ 'ମଣିଷର ସହଯୋଗ ବିନା ଦିବ୍ୟଜୀବନ ସମ୍ଭବ କି?' ଉପରେ ମତ ରଖିଥିଲେ। ମଣିଷ ଯଦି ସହଯୋଗ ନ କରେ, ତେବେ ମଧ ପୃଥିବୀରେ ଦିବ୍ୟଜୀବନ ପ୍ରତିଷ୍ଠିତ ହେବ। ମାତ୍ର ଏଥିପାଇଁ ବହୁ ବର୍ଷ ସମୟ ଲାଗିଯିବ। ତେଣୁ ମଣିଷ ସହଯୋଗ କଲେ ପୃଥିବୀରେ ଶ୍ରୀଅରବିନ୍ଦଙ୍କ ପରିକଳ୍ପିତ 'ଦିବ୍ୟଜୀବନ' ପ୍ରତିଷ୍ଠା ତ୍ୱରାନ୍ୱିତ ହୋଇପାରିବ ବୋଲି ବକ୍ତାମାନେ କହିଥିଲେ। ପାଠଚକ୍ରରେ ପଣ୍ଡିତ କୃଷ୍ଣଚନ୍ଦ୍ର ନନ୍ଦଶର୍ମା ପୌରୋହିତ୍ୟ କରି ଦିବ୍ୟ ଜୀବନ ମଣିଷର ଚେତନାରେ ହିଁ ରୂପ ନେବ। ଏଥିପାଇଁ ଆମକୁ ସମସ୍ତ କ୍ଷେତ୍ର ପ୍ରସ୍ତୁତ କରିବାକୁ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମହେନ୍ଦ୍ର ସ୍ୱାଇଁ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଏହା ଉପରେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ନ୍ୟାସର ଅଧ୍ୟକ୍ଷ ଡ. ହୃଶୀକେଷ ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିଲେ। କଣ୍ଠଶିଳ୍ପୀ ଛନ୍ଦା ମିଶ୍ରଙ୍କ ଭଗବତ୍ ସଙ୍ଗୀତ ପରିବେଷଣ ପାଠଚକ୍ରର ବାତାବରଣକୁ ଭାବଗମ୍ଭୀର କରି ତୋଳିଥିଲା। ଏହି ଅବସରରେ ନ୍ୟାସର ବାର୍ଷିକ ମୁଖପତ୍ର 'ଅରୋକିରଣ' ଉନ୍ମୋଚିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଶରତ ଚନ୍ଦ୍ର ରଥ ଓ ଇଂ. ସୁବାସ ଚନ୍ଦ୍ର କର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରତିମା ସ୍ୱାଇଁ ଓ ନୟନା କୁମାରୀ ସାହୁ ଶ୍ରୀଅରବିନ୍ଦଙ୍କ ବିରଚିତ 'ଦୁର୍ଗାସ୍ତୋତ୍ର' ଏବଂ 'ମା' ବହିର ତୃତୀୟ ଅଧ୍ୟାୟ ପାଠ କରିଥିଲେ। ଇଂ. ରୋହିତାଶ୍ୱ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।



ସୂଚନା ଭବନଠାରେ ମଙ୍ଗଳବାର ଅନୁଷ୍ଠିତ 'ମୂର୍ଚ୍ଛନା'ର ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ଦୁଇ ବ୍ୟକ୍ତିତ୍ୱ।

## ବଟି ନ ମିଳିବାରୁ ସଂଘବଦ୍ଧ ଆକ୍ରମଣ, ୪ ଗିରଫ

ଭୁବନେଶ୍ୱର, ୧୮।୯(ବ୍ୟୁରୋ)

ବଟି ନ ଦେବାରୁ ନୟାପଲ୍ଲୀ ଥାନା ଅଞ୍ଚଳରେ ଏକ କୋଚିଂ ସେଣ୍ଟର ମାଲିକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଖଣ୍ଡଗିରି ଥାନା ଅଧୀନ ରଙ୍ଗଣୀ ବସ୍ତିର ବିଶ୍ୱଜିତ ରାଉତ(୧୮), ସମୀର କୁମାର ସ୍ୱାଇଁ(୧୯), ସତ୍ୟନାରାୟଣ ସାହୁ(୩୬) ଓ ବରମୁଣ୍ଡା ଭଗବତୀ ବସ୍ତିର ସନ୍ତୋଷ ସାହୁ(୧୯)। ସୂଚନା ମୁତାବକ, ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଗଣେଶ ପୂଜା ପାଇଁ କୋଚିଂ ସେଣ୍ଟର କର୍ତ୍ତୃପକ୍ଷଙ୍କୁ ୧୦ ହଜାର ଟଙ୍କା ଚାନ୍ଦା ମାଗି ନିରାଶ ହୋଇଥିଲେ। ସୋମବାର ରାତି ପ୍ରାୟ ୯ଟାବେଳେ ଭସାଣି ସାରି ପାଇକ ନଗର ୨୫୩/୪୮୨ ପ୍ଲଟରେ ଥିବା କୋଚିଂ ସେଣ୍ଟର ତଳେ ଝିଅମାନଙ୍କୁ ଅଶ୍ଳୀଳ ଭାଷାରେ କମେଣ୍ଟ କରିଥିଲେ। ଏ ନେଇ କୋଚିଂ ସେଣ୍ଟରର ଶିକ୍ଷକ ବିରୋଧ କରିବାରୁ ତାଙ୍କୁ ମଧ ଗାଳିଗୁଲଜ କରିଥିଲେ। ଘର ମାଲିକ ତଥା ଆଇନଜୀବୀ ଶୁଭେନ୍ଦ୍ର ସାହୁ ଏହାର ବିରୋଧ କରିବାରୁ ନିଶାସକ୍ତ ଅବସ୍ଥାରେ ଥିବା ୧୦ରୁ ୧୫ ଯୁବକ ତାଙ୍କୁ ଆକ୍ରମଣ କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଶୁଭେନ୍ଦ୍ରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ପରିବାର ଲୋକ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା କରାଇଥିଲେ। ଏ ନେଇ ଶୁଭେନ୍ଦ୍ର ନୟାପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୪୧୬/୧୮ରେ ମାମଲା ରୁଜୁ କରିବା ସହ ମଙ୍ଗଳବାର ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ଡିପ୍ଲୋମା ଇଞ୍ଜିନିୟରଙ୍କ ସହ ଶକ୍ତିମନ୍ତ୍ରୀଙ୍କ ଆଲୋଚନା

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିଗମ ଯନ୍ତ୍ରୀ ସଂଘର ବିଭିନ୍ନ ଦାବି ଉପରେ ଆଲୋଚନା କରିବା ପାଇଁ ମଙ୍ଗଳବାର ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ ଶକ୍ତି ସଚିବ ହେମନ୍ତ ଶର୍ମାଙ୍କ ଉପସ୍ଥିତିରେ ଏକ ଉଚ୍ଚସ୍ତରୀୟ ବୈଠକ ଡକାଇଥିଲେ। ସଂଘ ସଭାପତି ଇଞ୍ଜିନିୟର ବି.ପି. ବାସୁମଲ୍ଲିକ, ସମ୍ପାଦକ ତ୍ରିଲୋଚନ ମହାନ୍ତି ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ବିଭିନ୍ନ ଦାବି ସମ୍ବନ୍ଧରେ ପକ୍ଷ ରଖିଥିଲେ। ଶକ୍ତି କ୍ଷେତ୍ରରେ କାର୍ଯ୍ୟରତ ଡିପ୍ଲୋମା ଇଞ୍ଜିନିୟରମାନଙ୍କର ତ୍ୱରାନ୍ୱିତ ପଦୋନ୍ନତି, ପଦୋନ୍ନତିରେ ଡିପ୍ଲୋମା ଇଞ୍ଜିନିୟରଙ୍କ ବର୍ଦ୍ଧିତ ସଂରକ୍ଷଣ, ଉଚ୍ଚତର ପେ–ସ୍କେଲ ଲାଗୁ ଆଦି ଦାବି ଉପରେ ଆଲୋଚନା ହୋଇଥିଲା। ବୈଠକରେ ସେସୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍.ଏସ୍. ଆଲାମ୍, ଓପିଟିସିଏଲ୍‌ର ମାନବ ସମ୍ବଳ ନିର୍ଦ୍ଦେଶକ ରାଜେନ୍ଦ୍ର ସେନାପତି, ଓଏଚ୍‌ପିସିର ମାନବ ସମ୍ବଳ ନିର୍ଦ୍ଦେଶକ ପ୍ରବୋଧ ମହାନ୍ତି, ସେସୁ ମାନବ ସମ୍ବଳ ବିଭାଗର ବରିଷ୍ଠ ମହାପ୍ରବନ୍ଧକ ସୁବ୍ରତ ମିଶ୍ର, ୱେସ୍କୋ ଉପ ମହାପ୍ରବନ୍ଧକ ରମେଶ ପତି ଉପସ୍ଥିତ ଥିଲେ। ଦାବି ପୂରଣ ନେଇ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

## ଭୁବନେଶ୍ୱରକୁ ଜିଲା ମାନ୍ୟତା ଦେବାକୁ ଓକିଲ ସଂଘର ଦାବି

ଭୁବନେଶ୍ୱର, ୧୮।୯(ବ୍ୟୁରୋ)

ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଖୋର୍ଦ୍ଧା ଜିଲା ମୁଖ୍ୟାଳୟ ଭୁବନେଶ୍ୱରରେ ଥିଲା। ସେହି ସମୟରେ ଖୋର୍ଦ୍ଧାକୁ ମୁଖ୍ୟାଳୟ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଭୁବନେଶ୍ୱର ମୁଖ୍ୟ ସ୍ଥଳ ହୋଇଥିବାରୁ ଏହାକୁ ଜିଲାର ମାନ୍ୟତା ଦେବାକୁ ଭୁବନେଶ୍ୱର ବାର୍ ଆସୋସିଏଶନ ଦାବି କରିଛି। ଏହା ସହିତ ଆସୋସିଏଶନ ପକ୍ଷରୁ କୁହାଯାଇଛି ଯେ, ତେଲେଙ୍ଗନା ସରକାର ଓକିଲମାନଙ୍କ ସହାୟତା ପାଇଁ ୧୦୦କୋଟି ଟଙ୍କା ଦେଇଥିବାବେଳେ ଓଡିଶା ସରକାର ତାହା ଦେଇନାହାନ୍ତି। ତେଣୁ ଓକିଲଙ୍କ ପାଇଁ ୫୦୦ କୋଟି ଟଙ୍କା ଦେବା ଲାଗି ଦାବି କରାଯାଇଛି। ସେହିପରି କଟକ ଏସିବି ମେଡିକାଲ କଲେଜ ପରି କ୍ୟାପିଟାଲ ହସ୍ପିଟାଲକୁ ମେଡିକାଲ କଲେଜ କରିବା, ଖୋର୍ଦ୍ଧାରେ ଥିବା ପୋକ୍‌ସୋ କୋର୍ଟରୁ ଭୁବନେଶ୍ୱରରେ ୮୫% ମାମଲାର ବିଚାର କରାଯିବା, ଅର୍ଥନୈତିକ ଆପରାଧିକ ମାମଲା କଟକକୁ ସ୍ଥାନାନ୍ତର ହେଉଥିବାବେଳେ ୯୦% ମାମଲା ଭୁବନେଶ୍ୱର କୋର୍ଟରେ କରିବା ପାଇଁ ଆସୋସିଏଶନ ଦାବି କରିଛି। ଜିଲା ଜଜଙ୍କ ନିକଟରେ ଥିବା ସର୍କିଟ୍ କୋର୍ଟ ଓ ଇଲେକ୍ଟ୍ରିସିଟି କୋର୍ଟକୁ ଖୋର୍ଦ୍ଧା ସ୍ଥାନାନ୍ତର କରାଇ ଦିଆଯିବ ନାହିଁ ବୋଲି ଆସୋସିଏଶନ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛି। ଏ ନେଇ ବୁଧବାର ଭୁବନେଶ୍ୱର ଆସୋସିଏଶନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯିବ ସଭାପତି ଦୁର୍ଗାମାଧବ ମିଶ୍ର କହିଛନ୍ତି।



ଧଉଳି ଚାରୁକଳା ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସପରେ ତିଆରି ହୋଇଥିବା ୭ ଫୁଟ ଉଚ୍ଚର ବିଶ୍ୱକର୍ମାଙ୍କ ମୂର୍ତ୍ତି।

## ଜେ.କେ. ଟାୟାର୍ସ ସିଏମ୍‌ଡିଙ୍କୁ ମେକ୍ସିକୋର ଶ୍ରେଷ୍ଠ ବେସାମରିକ ସମ୍ମାନ

ଭୁବନେଶ୍ୱର, ୧୮।୯



ଜେ.କେ. ଟାୟାର ଆଣ୍ଡ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ମହାନିର୍ଦ୍ଦେଶକ ଡ. ରଘୁନାଥ ସିଘାଂଣିଆଙ୍କୁ ମେକ୍ସିକୋର ଶ୍ରେଷ୍ଠ ବେସାମରିକ ସମ୍ମାନ ପ୍ରଦାନ କରାଯାଇଛି। ୧୨୮ତମ ଜାତୀୟ ମେକ୍ସିକୋ ଦିବସ ପାଳନ ଅବସରରେ ଭାରତରେ ଅବସ୍ଥାପିତ ମେକ୍ସିକୋର ରାଷ୍ଟ୍ରଦୂତ ମେଲବା ପ୍ରିଆ ରଘୁନାଥଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଭାରତ ଓ ମେକ୍ସିକୋ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ସିଘାଂଣିଆଙ୍କର ଯଥେଷ୍ଟ ଅବଦାନ ରହିଥିବା ଏଠାରେ କୁହାଯାଇଛି। ଏହି ସମ୍ମାନ ଗ୍ରହଣ କରି ସିଘାଂଣିଆ ଖୁସି ବ୍ୟକ୍ତ କରିଛନ୍ତି।

■ ସ୍ଥାୟୀ ଲୋକ ଅଦାଲତ

## କ୍ଷତିପୂରଣ ଦେବାକୁ ଷ୍ଟେଟ୍ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ

କଟକ ଅଫିସ, ୧୮।୯

ଦୁଇ ମାସ ମଧ୍ୟରେ କ୍ଷତିପୂରଣ ଦେବା ପାଇଁ ଷ୍ଟେଟ୍ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜିଲାର ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ନିର୍ଦ୍ଦେଶ ଦେଇଛନ୍ତି। ବିବରଣୀରୁ ପ୍ରକାଶ ଯେ, ଷ୍ଟେଟ୍ ବ୍ୟାଙ୍କର ଜନୈକ ଅବସରପ୍ରାପ୍ତ ଅଫିସର ରବୀନ୍ଦ୍ର ନାଥ ମିଶ୍ର ଅବସର ଗ୍ରହଣ ପରେ ଏକକାଳୀନ ୬୨ହଜାର ଟଙ୍କାର ପ୍ରିମିୟମ ଦେଇ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ମେଡିକାଲ ବେନିଫିଟ୍ ସ୍କିମ୍ ଅନ୍ତର୍ଗତ ଏକ ସ୍ୱାସ୍ଥ୍ୟ ସୁବିଧା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ। ଯୋଜନା ଅନ୍ତର୍ଗତ ବ୍ୟବସ୍ଥାନୁଯାୟୀ ସେ ପ୍ରଥମ ବର୍ଷ (୨୦୧୫)ରେ ୭ହଜାର ଟଙ୍କାର ସ୍ୱାସ୍ଥ୍ୟ ଖର୍ଚ୍ଚ ବିଲ୍ ପୈଠ କରି ସମୁଦାୟ ଟଙ୍କା ପାଇଥିଲେ। କିନ୍ତୁ ୨୦୧୬ ଜାନୁୟାରୀ ୧ରୁ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ ଏକ ନୂଆ ସ୍ୱାସ୍ଥ୍ୟ ଯୋଜନା (ସ୍କିମ୍–ଏ) ପ୍ରଚଳନ କଲେ। ନୂତନ ଯୋଜନା ସ୍କିମ୍–ଏ'ରେ ସ୍ୱାସ୍ଥ୍ୟ ଯୋଜନାର ସମସ୍ତ ହିତାଧିକାରୀ ସ୍ୱତଃସ୍ଫୂର୍ତ୍ତ ଭାବେ ଅନ୍ତର୍ଭୁକ୍ତ ହେବା କଥା। କିନ୍ତୁ କର୍ତ୍ତୃପକ୍ଷଙ୍କ ଖାମଖିଆଲି ଆଚରଣ ଯୋଗୁ ମିଶ୍ରଙ୍କର ନାମ ନୂଆ ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରି ନ ଥିଲା, ଯଦ୍ୱାରା ସେ ନୂତନ ଯୋଜନାର ଅଧିକ ଲାଭ ପାଇପାରି ନ ଥିଲେ ଏବଂ ପୂର୍ବବତ ପୁରୁଣା ଯୋଜନା ଅନୁଯାୟୀ ତାଙ୍କୁ ସୀମିତ ସୁବିଧା ମିଳିଥିଲା। ଏ ସମ୍ବନ୍ଧରେ ସେ ବାରମ୍ବାର ଷ୍ଟେଟ୍ ବ୍ୟାଙ୍କର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଆବେଦନ କରି ଆସୁଥିବା ସତ୍ତ୍ୱେ କର୍ତ୍ତୃପକ୍ଷ ତାଙ୍କର ଆବେଦନକୁ କର୍ଣ୍ଣପାତ କରି ନ ଥିଲେ। ନୂତନ ଯୋଜନାନୁଯାୟୀ ମିଶ୍ର ବର୍ଷକୁ ୩୦ହଜାର ଟଙ୍କାର ଚିକିତ୍ସା ଖର୍ଚ୍ଚ ପାଇଥାନ୍ତେ। ଏଥିରେ ୪ ଲକ୍ଷ ଟଙ୍କାର ବୀମା ସୁରକ୍ଷା ବ୍ୟବସ୍ଥା ସହିତ ସ୍ୱତନ୍ତ୍ର ନିର୍ଦ୍ଧାରିତ ହସ୍ପିଟାଲରେ ଅର୍ଥବିହୀନ ଚିକିତ୍ସା ବ୍ୟବସ୍ଥା ଥିଲା। ମିଶ୍ରଙ୍କୁ ଏ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ କାର୍ଡ ମଧ ଦିଆଯାଇ ନ ଥିଲା। ଏଣୁ ସେ ସ୍ଥାୟୀ ଲୋକ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ରେ ଦରଖାସ୍ତ କରିଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କ ଲିଖିତ ଜବାବରେ ଭୁଲ ସ୍ୱୀକାର କରିଥିବା ସତ୍ତ୍ୱେ ମିଶ୍ରଙ୍କୁ ମକଦ୍ଦମା ଶେଷ ପର୍ଯ୍ୟନ୍ତ ନୂତନ ଯୋଜନାରେ ଅନ୍ତର୍ଭୁକ୍ତ କଲେ ନାହିଁ କିମ୍ବା ସ୍ୱାସ୍ଥ୍ୟ କାର୍ଡ ମଞ୍ଜୁର କଲେ ନାହିଁ। ଏହି ମାମଲାର ବିଚାର କରି ସ୍ଥାୟୀ ଲୋକ ଅଦାଲତ ମିଶ୍ରଙ୍କୁ ନୂତନ ଯୋଜନା ସ୍କିମ୍–ଏ'ରେ ଅୟମାରମ୍ଭ ଦିନଠାରୁ ସଦସ୍ୟ କରିବା ପାଇଁ ଷ୍ଟେଟ୍ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ସହିତ କ୍ଷତିପୂରଣ ବାବଦକୁ ୨୦ହଜାର ଟଙ୍କା ଏବଂ ମକଦ୍ଦମା ଖର୍ଚ୍ଚ ବାବଦକୁ ୧ହଜାର ଟଙ୍କା ୨ ମାସ ମଧ୍ୟରେ ଦେବା ପାଇଁ ଅଧ୍ୟକ୍ଷ ପ୍ରେମରାଜ ବହିଦାର, ସଦସ୍ୟ ତପନ କୁମାର ମଣ୍ଡଳ ଓ ସଦସ୍ୟ ପ୍ରଦୀପ କୁମାର ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି।

## ୨୨ରୁ ଆଇଏଲଏସ୍‌ରେ ବିଜ୍ଞାନମେଳା

ଭୁବନେଶ୍ୱର, ୧୮।୯(ବ୍ୟୁରୋ)

ଇନ୍‌ଷ୍ଟିଚ୍ୟୁଟ ଅଫ ଲାଇଫସାଇନ୍ସ (ଆଇଏଲଏସ୍) ଏବଂ ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର (ଆର୍‌ଏମ୍‌ଆର୍‌ସି) ମିଳିତ ଆନୁକୂଲ୍ୟରେ ଆସନ୍ତା ୨୨ ତାରିଖରୁ ଦୁଇ ଦିନ ଧରି ଆଇଏଲଏସ୍ ପରିସରରେ ବିଜ୍ଞାନ ମେଳା ଅନୁଷ୍ଠିତ ହେବ । ଏଥିରେ ସରକାରୀ ଓ ବେସରକାରୀ ସ୍କୁଲରୁ ୪୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ ବୋଲି ଆଇଏଲଏସ୍ ନିର୍ଦ୍ଦେଶକ ଅଜୟ ପରିଡା ଏବଂ ଆରଏମ୍‌ଆର୍‌ସି ନିର୍ଦ୍ଦେଶିକା ସଂଘମିତ୍ରା ପତି କହିଛନ୍ତି। ଏଠାରେ ମନୋନୀତ ପ୍ରକଳ୍ପ ସହ ଛାତ୍ରୀଛାତ୍ରମାନେ ଆସନ୍ତା ଅକ୍ଟୋବର ୪ରୁ ୯ ପର୍ଯ୍ୟନ୍ତ ଦିଲ୍ଲୀରେ ହେବାକୁ ଥିବା ଇଣ୍ଡିଆ ଇଣ୍ଟରନ୍ୟାଶନାଲ ବିଜ୍ଞାନମେଳାରେ ଭାଗନେବେ। ବିଜ୍ଞାନ ମେଳାରେ ନବମ, ଦଶମ ଏବଂ ଏକାଦଶ ଶ୍ରେଣୀର ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। କୃଷି, ପରିବେଶ ଏବଂ ସ୍ୱାସ୍ଥ୍ୟ ସଂକ୍ରାନ୍ତ ବିଭିନ୍ନ ପ୍ରକଳ୍ପକୁ ମେଳାରେ ପ୍ରଦର୍ଶିତ ହେବ।



“ମହିଳାମାନେ ଯାହା ଅନୁଭବ କରୁଛନ୍ତି ତାହା ପ୍ରକାଶ କରନ୍ତୁ ଏବଂ ନିଜ ଅଧିକାର ହାସଲ ପାଇଁ ସ୍ୱର ଉଠାନ୍ତୁ।
-ସନି ଲିଓନ୍, ବଲିଉଡ୍ ଅଭିନେତ୍ରୀ



# ୫ରୁ କମ୍ ବର୍ଷୀୟ ଶିଶୁଙ୍କ ମୃତ୍ୟୁ କମିଛି

**ଜାତିସଂଘ ରିପୋର୍ଟ**



**ନୂଆଦିଲ୍ଲୀ:** ଭାରତରେ ୫ବର୍ଷରୁ କମ୍ ବୟସର ଶିଶୁଙ୍କ ମୃତ୍ୟୁହାର ହ୍ରାସ କରିବାରେ ଭାରତ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିପାରିଛି ବୋଲି ଜାତିସଂଘ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ କୁହାଯାଇଛି, ବିଶ୍ୱରେ ଶିଶୁ ମୃତ୍ୟୁହାର ବିଚାରକୁ ନେଲେ ଭାରତରେ ଏହି ହାର ମନ୍ଥର ଗତିରେ ହ୍ରାସ ପାଇବାରେ ଲାଗିଛି। ୨୦୧୨ରେ ଶିଶୁ ମୃତ୍ୟୁହାର ୨୨% ଥିବା ବେଳେ ୨୦୧୭ରେ ଏହା ୧୮%କୁ ହ୍ରାସ ପାଇଛି। ପ୍ରଥମ ଥର ପାଇଁ ବିଶ୍ୱ ସ୍ତରୀୟ ଶିଶୁ ଜନ୍ମହାର ଭାରତରେ ଶିଶୁ ମୃତ୍ୟୁହାର ସହିତ ସମାନ ହୋଇଛି। ଭାରତରେ ପ୍ରତି ୧୦୦୦ ଜନ୍ମିତ ଶିଶୁଙ୍କ ମଧ୍ୟରେ ୫ବର୍ଷରୁ କମ୍ ବୟସର ଶିଶୁ ମୃତ୍ୟୁହାର ୩୯ ହୋଇଥିବା ବେଳେ ଏହା ବିଶ୍ୱ ହାର ସହିତ ସମାନ ହୋଇଛି। ବିଗତ ୫ବର୍ଷ ମଧ୍ୟରେ ବିଶ୍ୱ ସ୍ତରରେ ଶିଶୁ ମୃତ୍ୟୁହାର ତୁଳନାରେ ଭାରତରେ ଏହି ହାର ଦ୍ରୁତ ଗତିରେ ହ୍ରାସ ପାଇଛି ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି। ତଦନୁଯାୟୀ, ଏହି ସମୟ ମଧ୍ୟରେ ୫ବର୍ଷରୁ କମ୍ ବୟସର ପୁଅଝିଅଙ୍କ ଜୀବନଧାରଣ କ୍ଷେତ୍ରରେ ଲିଙ୍ଗଗତ ବ୍ୟବଧାନ ୪ଗୁଣ ହ୍ରାସ ପାଇଛି। ୨୦୧୨ରେ ଲିଙ୍ଗଗତ ବ୍ୟବଧାନ ହାର ପାଖାପାଖି ୧୦% ଥିବା ବେଳେ ୨୦୧୭ରେ ଏହା ୨.୫% ହୋଇଛି।

# ଗାନ୍ଧିଜୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଲୋଗୋ ଉନ୍ମୋଚିତ




**ନୂଆଦିଲ୍ଲୀ:** ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଉତ୍ସବ ପାଳନର ସ୍ମାରକୀ ସ୍ୱରୂପ ସ୍ୱତନ୍ତ୍ର ଲୋଗୋ ଏବଂ ୱେବ୍ ପୋର୍ଟାଲକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମଙ୍ଗଳବାର ଅନାବରଣ କରିଛନ୍ତି। ଉକ୍ତ ଲୋଗୋ ଉନ୍ମୋଚନ ସମୟରେ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ଡକ୍ଟର ମହେଶ ଶର୍ମା ଉପସ୍ଥିତ ଥିଲେ। ଏହି ଲୋଗୋ ବ୍ରାଣ୍ଡକୁ ଟ୍ରେନ୍, ମେଟ୍ରୋ ରେଲ୍, ଏୟାର ଇଣ୍ଡିଆର ବିମାନ, ବିଭିନ୍ନ ରାଜ୍ୟର ବସ୍, ସରକାରୀ ୱେବସାଇଟ୍, ଇ-ମେଲ୍, ସରକାରୀ ଷ୍ଟେଶନେରି, କ୍ୟାଲେଣ୍ଡର ଏବଂ ଡାଏରି, ସରକାରୀ ବିଜ୍ଞାପନ ଓ ପ୍ରକାଶନ, ଡିଜିଟାଲ୍ ସିଗ୍ନେଚରରେ ବ୍ୟବହାର କରାଯାଇପାରିବ ବୋଲି ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ନୂତନ ୱେବ୍ ପୋର୍ଟାଲ୍ ଦ୍ୱାରା ଗାନ୍ଧିଜୀଙ୍କ ସାହିତ୍ୟ, ଦର୍ଶନ, ଅଡିଓ, ଭିଡିଓ ଏବଂ ବିରଳ ଫଟୋ ସମ୍ପର୍କିତ ସୂଚନା ମିଳିପାରିବ। ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନ ଉକ୍ତ ଉତ୍ସବ ପାଳନରେ ଅଂଶଗ୍ରହଣ କରିବା ସହିତ ସେମାନଙ୍କ ‘କାର୍ଯ୍ୟକ୍ରମ’ ସହଜରେ ଅପ୍‌ଲୋଡ କରିପାରିବେ।

# ଲିସାଙ୍କ କୋଳରେ ଯମଜ କନ୍ୟା

**ନୂଆଦିଲ୍ଲୀ:** ଅଭିନେତ୍ରୀ ଲିସା ରାଏ ଏବଂ ତାଙ୍କ ପତି ଜାସନ୍ ଦେନି ଯମଜ କନ୍ୟା ସନ୍ତାନଙ୍କ ମାତାପିତା ହୋଇପାରିଛନ୍ତି। ଦୁଇ କନ୍ୟାଙ୍କ ନାମ ରଖାଯାଇଛି ସୁଫି ଏବଂ ସୋଲେଇଲ୍। ସରୋଗେସି ମାଧ୍ୟମରେ ଜନ୍ମ ନେଇଥିବା ଦୁଇ ସନ୍ତାନଙ୍କୁ ଲିସା କୋଳରେ ଧରି ସୋସିଆଲ୍ ମିଡିଆରେ ପୋଷ୍ଟ କରିଛନ୍ତି। ୪୬ ବର୍ଷୀୟ ଅଭିନେତ୍ରୀ ଏ ସମ୍ପର୍କରେ କହନ୍ତି, ସରୋଗେସିକୁ ନେଇ ଯେଉଁ ସାମାଜିକ ଅପବାଦ ରହିଛି ତାହାକୁ ଦୂରେଇବା ଲାଗି ସେ ତାଙ୍କ କାହାଣୀ ପ୍ରତ୍ୟେକଙ୍କୁ ଶେୟାର କରିବାକୁ ଚାହାନ୍ତି। ପିଲାଟିଏ ପାଇବା ପାଇଁ ଯେଉଁ ମାତାପିତା ଜୀବନ ତମାମ୍ ସଂଗ୍ରାମ କରିଆସୁଛନ୍ତି ସେମାନଙ୍କ ନିମନ୍ତେ ଆମ କାହାଣୀ ପ୍ରେରଣାଦାୟୀ ହେବ ବୋଲି ଆମେ ବିଶ୍ୱାସ କରୁଛୁ। ଜୀବନରେ ଅନେକ ଚ୍ୟାଲେଞ୍ଜ୍ ଏବଂ ଅଲୌକିକ ଘଟଣା ଆସିବ। ତେବେ ବର୍ତ୍ତମାନ ଦୁଇଟି କନ୍ୟା ସନ୍ତାନର ମା’ ହୋଇଥିବାରୁ ମୋ କୃତଜ୍ଞତା ବର୍ଣ୍ଣନା କରିବାକୁ ଭାଷା ପାଉନାହିଁ। ମୁଁ ଏବଂ ମୋର ସ୍ୱାମୀ ପରିଣତ ବୟସରେ ମାତାପିତା ହୋଇପାରିଛୁ। ଏହା ଅଣପାରମ୍ପରିକ ହୋଇଥିଲେ ମଧ୍ୟ ଆମ ପାଇଁ ଯଥାର୍ଥ ବୋଲି ଭାବୁଛୁ। ମୁଁ ସେମାନଙ୍କ ସହିତ ଜାସନ୍‌ଙ୍କୁ ଏକତ୍ର ଦେଖିଲେ ଖୁବ୍ ଖୁସି ହୋଇପାରିବି ବୋଲି ଲିସା ପ୍ରକାଶ କରିଛନ୍ତି।



**ଇତିହାସର ଆଇନାରେ**

## ସେପ୍ଟେମ୍ବର ୧୯ରେ ପ୍ରମୁଖ ଘଟଣା

୧୯୭୬ ସେପ୍ଟେମ୍ବର ୧୯ରେ ତୁର୍କୀ ଏୟାରଲାଇନ୍ସର ଏକ ବିମାନ ତାଉରସ୍ ପର୍ବତରେ ମାଡ଼ହୋଇ ଥିଲା ଏଥିରେ ବିମାନ କର୍ମଚାରୀଙ୍କ ସହ ୧୫୪ ଯାତ୍ରୀଙ୍କର ମୃତ୍ୟୁ ଘଟିଥିଲା। ବିମାନଟି ଇସ୍ତାନବୁଲ ଆଟାତୁର୍କ ବିମାନବନ୍ଦରରୁ ତୁର୍କୀର ଆଣ୍ଟାଲିଆ ଅଭିମୁଖେ ଯାତ୍ରା କରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

୧୯୮୫ ସେପ୍ଟେମ୍ବର ୧୯ରେ ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଥିଲା। ସକାଳ ୭ଟା ୧୭ ମିନିଟ୍‌ରେ ସୃଷ୍ଟି ହୋଇଥିବା ଏହି ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୮.୦ ରହିଥିଲା। ଏହାର ପ୍ରଭାବରେ ଗ୍ରେଟର ମେକ୍ସିକୋ ସିଟିରେ ୫୦୦୦ରୁ ଅଧିକ ଲୋକଙ୍କର ଜୀବନ ଯାଇଥିଲା। ଲକ୍ଷାଧିକ ଆହତ ହୋଇଥିଲେ। ବିସ୍ତୀର୍ଣ୍ଣ ଅଞ୍ଚଳ ଧ୍ୱଂସସ୍ତୁପରେ ପରିଣତ ହୋଇଥିଲା। ଏହାର ପରଦିନ ମଧ୍ୟ ଆଉ ଏକ ଭୂକମ୍ପ ହୋଇଥିଲା



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ବିଭିନ୍ନ ଜିଲାରେ ବର୍ଷା ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୮ | ୨୪.୬ |
| ଚାନ୍ଦବାଲି | ୩୪.୬ | ୨୫.୬ |
| କଟକ | ୩୪.୫ | ୨୩.୮ |
| ପାରାଦ୍ୱୀପ | ୩୪.୭ | ୨୬.୪ |
| ଭୁବନେଶ୍ୱର | ୩୫.୨ | ୨୪.୯ |
| ଗୋପାଳପୁର | ୩୬.୬ | ୨୫.୦ |
| ପୁରୀ | ୩୪.୫ | ୨୩.୯ |
| ଅନୁଗୋଳ | ୩୪.୧ | ୨୦.୬ |
| ବାରିପଦା | --- | ୨୫.୫ |
| ଝାରସୁଗୁଡ଼ା | ୩୪.୨ | ୨୪.୮ |
| କେନ୍ଦୁଝର | ୩୨.୨ | ୨୩.୦ |
| ସମ୍ବଲପୁର | ୩୪.୬ | ୨୩.୬ |
| ସୁନ୍ଦରଗଡ଼ | ୩୧.୫ | ୨୦.୫ |
| ହୀରାକୁଦ | ୩୩.୦ | ୨୩.୫ |
| ତାଳଚେର | ୩୩.୨ | ୨୪.୮ |
| ଭବାନୀପାଟଣା | ୩୨.୦ | ୨୩.୦ |
| ବଲାଙ୍ଗୀର | ୩୩.୫ | ୨୩.୭ |
| କୋରାପୁଟ | ୨୮.୦ | ୧୭.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୩୨.୦ | ୨୧.୦ |
| ମାଲକାନଗିରି | ୨୫.୪ | --- |
| ସୋନପୁର | ୩୪.୪ | ୨୨.୬ |
| ଦାରିଙ୍ଗିବାଡ଼ି | ୨୭.୫ | ୧୯.୦ |
| ଢେଙ୍କାନାଳ | ୩୪.୪ | ୨୪.୭ |

ଡିଗ୍ରୀ ସେଲ୍‌ସିୟସ୍

ଧରିତ୍ରୀ DHARITRI **CAREER APPOINTMENT**
every Wednesday & Saturday

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 30,500/- ରୁ 75,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
09319469228

**DIRECT JOINING**
- CALL CENTER
- DATA ENTRY
- TELE CALLER
- DELIVERY EXE
- BACK OFFICE
- AUTOCAD

Qualification +2, +3, ITI, Diploma.
SALARY Rs.6500 To Rs.16000
Age Below 32 years
9937529015, 9853844830

**LCJ SILVER**
LALCHAND JEWELLERS REQUIRE
1. SALES CONSULTANT: 8 Nos.
2. CASHIER: 3 Nos.
3. SALES SUPERVISOR: 2 Nos.
For the Bhubaneswar Store.
Minimum Qualification:
+3 & 2 yrs. Retail/ Jewellery Experience.
Send Resume at Indramani_r@yahoo.com
or CALL: 0674-2534625, 2536666

**AREA SALES EXECUTIVE**
CLEAN PLUS ADVANCED CLEANING SOLUTION, a rapidly growing start up urgently require AREA SALES EXECUTIVES for Bhubaneswar, Cuttack and Puri. Candidates having knowledge of Channel Sales through Dealers and Distributors will be preferred. Lucrative Salary, TA/DA and Incentives on offer.
CALL: 9007929009
within 7 days between 10 A.M. to 6 P.M.

**ଡ୍ରାଇଭର ଆବଶ୍ୟକ**
ଭୁବନେଶ୍ୱରରେ ଘରୋଇ ଗାଡ଼ି ଚଳାଇବା ପାଇଁ ଡ୍ରାଇଭର ଆବଶ୍ୟକ। ରହିବା ସୁବିଧା ଅଛି। ଉପଯୁକ୍ତ ବେତନ ଦିଆଯିବ।
7750899392, 8249431114

**---DIRECT JOINING---**
BACK OFFICE / DATA ENTRY / CUSTOMER CARE / BANK TECHNICAL / SURVEY
Qual : Under Matric, 10th, +2, Graduate, ITI, Diploma, B.Tech, MBA, MCA, MSW.
Salary : 5000/- To 30,000/- per month
8658566430, 9078148138

**WANTED**
ଧରିତ୍ରୀ DHARITRI Oriya daily
is looking for
**WEB DESIGNERS**
- The candidate would be responsible for designing and creating websites and web applications.
- Maintain current technical knowledge to support rapidly changing technology.
- Responsible to work closely with other development teams, to maintain, enhance existing websites and applications as well as to develop new ones.
- Proficiency in Photoshop, Illustrator or other visual design and wire-framing tools.
- Proficiency in HTML, CSS and JAVAScript for rapid prototyping.
- Proficiency in Search Engine Optimisation, Social Media tools and optimisation, Web Analytics and Monetisation.

Apply immediately to :
recruitment@dharitri.com
Attractive salary commensurate with experience

ସୁବର୍ଣ୍ଣ ଅବସର “ଭୁବନେଶ୍ୱର”
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

ଆୟୁର୍ବେଦିକ କ୍ଲିନିକରେ କାମ କରିବା ପାଇଁ ଝିଅପିଲା ଏବଂ ସ୍ତ୍ରୀଲୋକ ଆବଶ୍ୟକ। ଯୋଗାଯୋଗ, ଭୁବନେଶ୍ୱର
9583125024

**GRAND OPENING 100 VACANCY**
INDIA ର ସର୍ବବୃହତ୍ତ Publishing Industry ତାର Bhubaneswar ଓ Sambalpur କାର୍ଯ୍ୟାଳୟପାଇଁ ଉଭୟ MALE / FEMALE ମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛି।
ଯୋଗ୍ୟତା - 10th / +2 / +3. Monthly Income : Rs.10000/-,
Age : Below 27 years ଆସନ୍ତା ୪ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ
BHUBANESWAR : 9437186335
SAMBALPUR : 9937323612

**URGENTLY REQUIRED**
1. Event Production Supervisor
2. Client Service (MBA Mandatory)
3. Creative Designer
4. Accountant

Contact:
9437809099 / 8917480552
email us: info@enter10live.com

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. ମାସିକ ଦରମା upto Rs.25000/-.
Part Time / Full Time
Contact: 9938676412

**ଡ୍ରାଇଭର ଆବଶ୍ୟକ**
ନିଜର ସମ୍ପୂର୍ଣ୍ଣ Biodata ସହ ଯୋଗାଯୋଗ କରନ୍ତୁ।
ଆସନ୍ତା ତା୨୦।୦୯।୨୦୧୮ ରୁ ୨୨।୦୯।୨୦୧୮ ପର୍ଯ୍ୟନ୍ତ
M/s Poojarini Enterprisers
Brahmapur (Dibati) 42 Mouza, Cuttack
Phone No.-
9437119900 & 8917434268

**SECURITY JOB**
GISS ଆବଶ୍ୟକ କରୁଛି ୪୦ ଜଣ ସିକ୍ୟୁରିଟି ଗାର୍ଡ ଏବଂ ୫ ଜଣ ଗନ୍‌ମ୍ୟାନ୍। Qul.- 9th Pass & above, Height- 5'.6" & above, Age- 20 to 45। ସ୍ଥାନ– ବାଙ୍କି, ତିଗିରିଆ, ଆଠଗଡ଼, ବଡ଼ମ୍ବା, ନରସିଂହପୁର, ଟାଙ୍ଗି, ଗୋବିନ୍ଦପୁର, ଚୌଦ୍ୱାର, ସାଲେପୁର, ଜଗତପୁର।
Contact: 9861744455, 9439167075

**ଇନ୍‌ଷ୍ଟିଟ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍** (IBPS)
ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ/ଅଭିଯୋଗ ପାଇଁ ଦୟାକରି http://cgrs.ibps.in/ରେ ଲଗ୍ ଇନ୍ କରନ୍ତୁ

**ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ କ୍ଲର୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୧୯-୨୦ର ଖାଲି ପଦବୀ ନିମନ୍ତେ ସିଡବ୍ଲ୍ୟୁଇ କ୍ଲର୍କ-VIII)**

ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ କ୍ଲରିକାଲ୍ କ୍ୟାଡର୍ ପଦବୀଗୁଡ଼ିକ ନିମନ୍ତେ କର୍ମଚାରୀ ଚୟନ ଲାଗି ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରୀ ଓ ମେନ୍) ଡିସେମ୍ବର ୨୦୧୮ ଏବଂ ଜାନୁୟାରୀ ୨୦୧୯ରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି।
କାର୍ଯ୍ୟକ୍ରମର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍-ଲାଇନ୍ ପଞ୍ଜୀକରଣ ପ୍ରାର୍ଥୀଙ୍କ ଦ୍ୱାରା ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ | ତା୧୮।୦୯।୨୦୧୮ରିଖରୁ ତା୧୦।୧୦।୨୦୧୮ରିଖ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଦେୟ ପୈଠ (ଅନ୍‌ଲାଇନ୍) | ତା୧୮।୦୯।୨୦୧୮ରିଖରୁ ତା୧୦।୧୦।୨୦୧୮ରିଖ |
| ପ୍ରାକ୍-ପରୀକ୍ଷା ତାଲିମ୍ ଲାଗି କଲ୍ ଲେଟର୍ ଡାଉନ୍‌ଲୋଡ୍ | ନଭେମ୍ବର, ୨୦୧୮ |
| ପ୍ରାକ୍-ପରୀକ୍ଷା ତାଲିମ୍ ସଞ୍ଚାଳନ | ତା୨୬।୧୧।୨୦୧୮ରିଖରୁ ତା୦୧।୧୨।୨୦୧୮ରିଖ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀ ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ନଭେମ୍ବର, ୨୦୧୮ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀ | ତା୦୮।୧୨।୨୦୧୮ରିଖ, ତା୦୯।୧୨।୨୦୧୮ରିଖ, ତା୧୫।୧୨।୨୦୧୮ରିଖ ଓ ତା୧୬।୧୨।୨୦୧୮ରିଖ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀର ପରୀକ୍ଷାଫଳ | ଡିସେମ୍ବର, ୨୦୧୮/ ଜାନୁୟାରୀ, ୨୦୧୯ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍ ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଜାନୁୟାରୀ, ୨୦୧୯ |
| **ଅନ୍‌ଲାଇନ୍ ପରୀକ୍ଷା – ମେନ୍** | **ତା୨୦।୦୧।୨୦୧୯ରିଖ** |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ, ୨୦୧୯ |

ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ପ୍ରାଧିକୃତ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ
ତାରିଖ: ୧୪।୦୯।୨୦୧୮ ନିର୍ଦ୍ଦେଶକ, ଆଇବିପିଏସ୍

**OFFICE STAFF ଆବଶ୍ୟକ**
ଭୁବନେଶ୍ୱର Office ପାଇଁ ଯୋଗ୍ୟତା 10th/above ଥିବା ଯୁବକ ଯୁବତୀ ଆବଶ୍ୟକ। Age: (17-30) yrs. ରହିବାର ସୁବିଧା ଅଛି। Monthly Salary upto Rs.24000/-.
Contact: 9938414918

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-.
Contact Immediately:
Mob: 8763257042

**WANTED TRUCK DRIVERS URGENTLY**
THRIVENI LOGISTICS SERVICES LLP
Required HMV Drivers for:-
Ashok Leyland, TATA & Bharat Benz (14 & 12 Wheels) at Koida and Rourkela Sector.
CONTACT DETAILS:
9437703976, 9658317291
mail to: thrivenilogisticsodisha@gmail.com

**STEWART SCHOOL**
UNIT - 8, CRP SQUARE, BHUBANESWAR - 751012
APPOINTMENT
Applications are invited from candidates with requisite qualification and training to fill the following post of Assistant Teachers in Stewart School, Bhubaneswar

| Sl.No. | Subject | Qualification |
|---|---|---|
| 1. | Mathematics | M.Sc. in Mathematics with B.Ed. |
| 2. | Biology | M.Sc. in Botany / Zoology with B.Ed. |
| 3. | Pre - Primary & Primary Teacher | Requisite training with proficiency in English |

Interested candidates may send their applications with complete Bio-data and Photocopy of Certificates / Testimonials to the undersigned within five days from the publication of this advertisement.
Fluency in spoken English and experienced candidates will be preferred.
SECRETARY

**HICKS THERMOMETERS INDIA LIMITED**
Requires following dynamic candidate:
SENIOR SALES EXECUTIVE: Age upto 40 yrs. with minimum 3 years experience in marketing of Pharmaceutical/OTC/ Surgical products etc. Walk in interview with bio-data on: 21st & 22nd Sept. 2018 Between 12 a.m. to 4.00p.m.
The Royale Midtown
52-53, Janpath,
Bhubaneswar, Odisha 751001
Narendra Singh
9759825801,
6395158669

KONERU LAKSHMAIAH EDUCATION FOUNDATION
(Declared u/s 3 of UGC Act 1956)
KL (DEEMED TO BE UNIVERSITY)
VIJAYAWADA | HYDERABAD
Ph: 0866 - 2577715, 040 - 2354 2127
Applications for our Vijayawada & Hyderabad campuses are invited from Doctorates only for the positions of
PROFESSORS
ASSOCIATE PROFESSORS
ASSISTANT PROFESSORS
in Engineering (CSE / ECE / Mechanical / Civil / Bio-Tech), Management, Law, Pharmacy, Fine Arts & Architecture.
Apply online at: www.kluniversity.in/careers.aspx within 15 days
www.kluniversity.in REGISTRAR

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ ‘ଧରିତ୍ରୀ’ ଦାୟୀ ରହିବ ନାହିଁ।

See Career Appointment on every Wednesday & Saturday

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୯ ସେପ୍ଟେମ୍ବର,୨୦୧୮



କଂଗ୍ରେସର ଦିଲ୍ଲୀ ମୁଖ୍ୟ ଅଜୟ ମାକେନ୍ ପଦରୁ ଇସ୍ତଫା ଦେବା ନେଇ ମଙ୍ଗଳବାର ଚର୍ଚ୍ଚା ଜୋର୍ ଧରିବା ପରେ ଏହାକୁ ଦଳ ପକ୍ଷରୁ ଖଣ୍ଡନ କରାଯାଇଛି। ଡାକ୍ତରୀ ଚିକିତ୍ସା ପାଇଁ ସେ ବିଦେଶ ଯାତ୍ରା କରିଛନ୍ତି ଏବଂ ପଦରେ ଅଛନ୍ତି ବୋଲି ଦଳ ସ୍ପଷ୍ଟ କରିଛି। ଏ ବିଷୟରେ ମାକେନ୍ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏବଂ ଦିଲ୍ଲୀ ପ୍ରଭାରୀ ପି.ସି. ଚାକ୍‌ସୋଙ୍କୁ ମଧ୍ୟ ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ପାଣିରେ ବୁଡି ଛାତ୍ରମୃତ ଉତ୍ତେଜନା, ରାସ୍ତାରୋକୋ

**ପାଟଣାଗଡ, ୧୮।୯(ଡି.ଏନ.ଏ.)** ବଲାଙ୍ଗୀର ଜିଲା ପାଟଣାଗଡ ଥାନା ଅନ୍ତର୍ଗତ ସିଆଲବନ୍ଧ ଗ୍ରାମରେ ମଙ୍ଗଳବାର ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଏକ ଦୁଃଖଦ ଘଟଣା ଘଟିଛି। ପାଣିରେ ବୁଡି ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ର ଜଣକ ହେଲେ ରୂପାନନ୍ଦ ସା(୧୩)। ସେ ସିଆଲବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର। ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ସେ ଅନ୍ୟ ୫ ସହପାଠୀଙ୍କ ସହ ସ୍କୁଲର ମୂର୍ତ୍ତି ବିସର୍ଜନ କରିବାକୁ ଗାଁ ପୋଖରୀକୁ ଯାଇଥିଲେ। ସେଠାରେ ଅସାବଧାନବଶତଃ ସେ ପାଣିରେ ବୁଡି ଯାଇଥିଲେ। ସହପାଠୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ରୂପାନନ୍ଦଙ୍କୁ ଉଦ୍ଧାର କରି ପାଟଣାଗଡ ଡାକ୍ତରଖାନାକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଛାତ୍ରମାନଙ୍କ ସହ ବିସର୍ଜନ କରିବାକୁ କୌଣସି ଶିକ୍ଷକ ନ ଯିବାରୁ ଏପରି ଘଟଣା ଘଟିଥିବା ମୃତକଙ୍କ ପରିବାର ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମୃତ ଛାତ୍ରଙ୍କ ପିତା ଯୋଗିନ୍ଦ୍ର ସା ସ୍କୁଲର ପ୍ରଧାନଶିକ୍ଷୟିତ୍ରୀଙ୍କୁ ଏଥିପାଇଁ ଦାୟୀ ବୋଲି କହିଛନ୍ତି। ପାଟଣାଗଡ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୩୬/୧୮) ରୁଜୁ କରି ତଦନ୍ତ ଜାରି ରଖିଛି। ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଛାତ୍ରଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅପରାହ୍ନରେ ମୃତଦେହ ସିଆଲବନ୍ଧରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ପାଟଣାଗଡ ରାମଜୀ ଛକଠାରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ରୂପାନନ୍ଦଙ୍କ ମୃତ୍ୟୁ ପାଇଁ ଦାୟୀ ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଅନୁକମ୍ପାମୂଳକ ସହାୟତା ରାଶି ଯୋଗାଇ ଦେବାକୁ ଆନ୍ଦୋଳନକାରୀ ଦାବି କରିଥିଲେ।

# ଏମ୍‌କେସିଜି ମେଡିକାଲ୍ କଲେଜରେ ଏମ୍‌ସିଆଇ ଟିମ୍

**ବ୍ରହ୍ମପୁର ଅଫିସ୍,୧୮।୯**



ଏମକେସିଜି ମେଡିକାଲ୍ କଲେଜ କର୍ତ୍ତୃପକ୍ଷଙ୍କ ସହ ଏମ୍‌ସିଆଇ ଟିମ୍ ଆଲୋଚନା କରୁଛନ୍ତି।

ମେଡିକାଲ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ଏମ୍‌ସିଆଇ)ର ଏକ ଟିମ୍ ମଙ୍ଗଳବାର ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ୍ କଲେଜକୁ ପରିଦର୍ଶନରେ ଆସିଥିବା ଜଣାପଡିଛି । ଏହି ଟିମ୍ ଦୁଇ ଦିନ ଧରି ଏମ୍‌କେସିଜି ମେଡିକାଲ୍ କଲେଜର ସମସ୍ତ ବିଭାଗ ଏବଂ ୱାର୍ଡ ପରିଦର୍ଶନ କରିବେ ବୋଲି ସୂଚନା ମିଳିଛି । ପ୍ରକାଶଯେ, ଆଜକୁ ତିନି ବର୍ଷ ହେଲା ଏମ୍‌କେସିଜି ମେଡିକାଲ୍ କଲେଜରେ ସିଟ୍ ସଂଖ୍ୟା ୧୫୦ରୁ ୨୫୦କୁ ବୃଦ୍ଧି ପାଇଥିବା ବେଳେ ଚଳିତବର୍ଷ ଚତୁର୍ଥ ଫେଜ୍‌ର ଛାତ୍ରୀଛାତ୍ର ଆଡ୍‌ମିଶନ୍ ହୋଇଛନ୍ତି । ଏମ୍‌ସିଆଇ ଟିମ୍ ପ୍ରତି ବର୍ଷ ଆସି ସମସ୍ତ ବିଭାଗ ପରିଦର୍ଶନ କରି ଭିତ୍ତିଭୂମି ପରଖି ଅନୁମତି ପ୍ରଦାନ କଲେ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଶିକ୍ଷାଗ୍ରହଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥାଏ । ମଙ୍ଗଳବାର ଏହି ଟିମ୍ ମେଡିକାଲ୍ କଲେଜ୍ ଏବଂ ବଡମେଡିକାଲର କେତେକ ବିଭାଗ ବୁଲି ପରିଦର୍ଶନ କରିଥିବା ବେଳେ ବୁଧବାର ପରିଦର୍ଶନ ଏବଂ ଯାଞ୍ଚ କାର୍ଯ୍ୟକ୍ରମ ଶେଷ ହେବ ବୋଲି ସୂଚନା ମିଳିଛି । ବନାରସ ଆଇଏମ୍‌ଏସ୍(ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସ)ଶିଶୁ ରୋଗ ବିଶେଷଜ୍ଞ ତଥା ଏମ୍‌ସିଆଇର ସଂଯୋଜକ ପ୍ରଫେସର୍ ଡାକ୍ତର ବି.କେ.ଦାସ, ଉତ୍ତରାଖଣ୍ଡ ରାଜ୍ୟର ହାଲଦୱାନୀ ସରକାରୀ ମେଡିକାଲ୍ କଲେଜର ମାଇକ୍ରୋବାୟୋଲୋଜି ବିଭାଗ ପ୍ରଫେସର ଡାକ୍ତର ଉମେଶ, ସୁରଟ ସରକାରୀ ମେଡିକାଲ୍ କଲେଜର ଟ୍ୟୁବରକିଲୋସିସ୍ ବିଭାଗ ପ୍ରଫେସର ଡାକ୍ତର ଏମ.ଜେଡ୍. ପଟେଲ୍ ଏବଂ ଇମ୍ଫାଲ୍ ଜବାହରଲାଲ ନେହରୁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସ ଫିଜିଓଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ଦେବାନ୍ ଲାଇଶ୍ରାମ୍ ପ୍ରମୁଖ ଟିମ୍‌ର ସଦସ୍ୟ ଭାବେ ପରିଦର୍ଶନରେ ଆସି ସମସ୍ତ ବିଭାଗ ବୁଲି ଭିତ୍ତିଭୂମି ପରୀକ୍ଷା କରୁଥିବା ସୂଚନା ମିଳିଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଏମ୍‌କେସିଜି ମେଡିକାଲ୍ କଲେଜର ସିଟ୍ ସଂଖ୍ୟା ବୃଦ୍ଧି ହୋଇଥିବା ବେଳେ ଚତୁର୍ଥ ସେସନ୍ ଶିକ୍ଷାଦାନ ପାଇଁ ଭିତ୍ତିଭୂମି ନିରୀକ୍ଷଣ କରି ଅନୁମତି ପ୍ରଦାନ ଲାଗି ଏହି ଟିମ ଏମ୍‌କେସିଜିକୁ ଆସିଥିବା ଜଣାପଡିଛି। ଏମ୍‌ସିଆଇ ଟିମ୍ ପରିଦର୍ଶନ କାର୍ଯ୍ୟକ୍ରମ ଶେଷ ହେବା ପରେ ସବିଶେଷ ତଥ୍ୟ ଗଣମାଧ୍ୟମକୁ ପ୍ରଦାନ କରାଯିବ ବୋଲି ମେଡିକାଲ୍ କଲେଜ ଅଧ୍ୟକ୍ଷ ପ୍ରଫେସର ଡାକ୍ତର ରାଧାମାଧବ ତ୍ରିପାଠୀ ସୂଚନା ଦେଇଛନ୍ତି।

## ଗାଈ ମାରି ଖାଇଲା ସୁନ୍ଦରୀ ବନ ବିଭାଗ ଦେଲା କ୍ଷତିପୂରଣ

**ଆଠମଲ୍ଲିକ,୧୮।୯(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ନଅଗାଁ ପଞ୍ଚାୟତର ଲେହେଡି ଗ୍ରାମରେ ସୁନ୍ଦରୀ ଆତଙ୍କ। ମଙ୍ଗଳବାର ଗ୍ରାମ ନିକଟରେ ବାଘୁଣୀ ସୁନ୍ଦରୀ ଏକ ଗାଈ ମାରି ଖାଇଥିବା ଜଣାପଡ଼ିଛି। ମୃତ ଗାଈ ଲେହେଡି ଗ୍ରାମର ଅକ୍ଷୟ କୁମାର ପଣ୍ଡାଙ୍କର ବୋଲି ଜଣାପଡିବା ପରେ ତୁରନ୍ତ ବନ ବିଭାଗ ପକ୍ଷରୁ ତାଙ୍କୁ କ୍ଷତିପୂରଣ ସ୍ୱରୂପ ୫ ହଜାର ଟଙ୍କାର ଚେକ୍‌ପ୍ରଦାନ କରାଯାଇଛି। ଘଟଣା ସମ୍ପର୍କରେ ଖବରପାଇ ଡେରାଡୁନ୍‌ରୁ ଆସିଥିବା ବିଶେଷଜ୍ଞ ଦଳ ଉକ୍ତ ଜଙ୍ଗଲରେ ପହଞ୍ଚି ବାଘୁଣୀର ଗତିବିଧି ଅନୁଧ୍ୟାନ କରୁଛନ୍ତି। ସକାଳେ ଅକ୍ଷୟଙ୍କ ଗାଈ ଗାଁ ନିକଟରେ ଚରୁଥିବା ବେଳେ ବାଘୁଣୀ ଆକ୍ରମଣ କରିଥିଲା। ଗାଈକୁ ମାରି ଘୋଷାରି ବୁଦା ଭିତରକୁ ନେଇ ଅଧା ଖାଇ ସେଠାରେ ଶୋଇ ରହିଥିଲା। ନିକଟସ୍ଥ ଜମିରୁ ପାଣି ପିଉଥିବା ମଧ୍ୟ ଦେଖାଯାଇଥିଲା। ଖବର ପାଇ ବନବିଭାଗ କର୍ମଚାରୀଙ୍କ ସମେତ, ବନ୍ୟଜନ୍ତୁ ସଂରକ୍ଷଣ ବିଭାଗ, ଟ୍ରାଙ୍କୁଲାଇଜ ଟିମ୍, ଡେରାଡୁନରୁ ଆସିଥିବା ବିଶେଷଜ୍ଞ ଦଳ ପହଞ୍ଚି ବାଘୁଣୀ ଥିବା ସ୍ଥାନକୁ କର୍ଡନ୍ କରି ରଖିଥିଲେ। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ସେଠାରେ ପୋଲିସ ମୁତୟନ କରାଯାଇଥିଲା। ଉକ୍ତ ଜଙ୍ଗଲ ମଧ୍ୟରୁ ସୁନ୍ଦରୀକୁ ଘଞ୍ଚ ଜଙ୍ଗଲ ମଧ୍ୟକୁ ନେବା ପାଇଁ ଚେଷ୍ଟା ଚାଲିଥିବା ବେଳେ ନିକଟବର୍ତ୍ତୀ ୪ଟି ପଞ୍ଚାୟତ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଡିଏଫଓ ସମ୍ୟକ ସାମନ୍ତରା କହିଛନ୍ତି, ବାଘୁଣୀ ହାତୀଧରା ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଛି। ତା'ର ପ୍ରତ୍ୟେକ ଗତିବିଧି ଉପରେ ବିଭାଗ ନଜର ରଖାଯାଇଛି।

## ନନ୍ କ୍ୟାଡର ଆଇନ ଅଧିକାରୀଙ୍କ କାର୍ଯ୍ୟକାଳ ବୃଦ୍ଧି

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ରାଜ୍ୟର ଆଇନ ବିଭାଗରେ କାର୍ଯ୍ୟରତ ନନ୍ କ୍ୟାଡର ଆଇନ ଅଧିକାରୀଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ଏଥିପାଇଁ ଓଡ଼ିଶା ଆଇନ ଅଧିକାରୀ ନିୟମ-୧୯୭୧ ଅନୁଯାୟୀ ଏହା କରାଯାଇଛି। ରାଜ୍ୟରେ ବର୍ତ୍ତମାନ ୧୧୨୧ ଜଣ ଏହିଭଳି ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। ତନ୍ମଧ୍ୟରୁ ୯୨୭ ଜଣ ଅଧିକାରୀ ଜୁଡିସିଆଲ ମାଜିଷ୍ଟ୍ରେଟ୍ କୋର୍ଟରୁ ଆରମ୍ଭକରି ସେସନ ଜଜ୍ ଏବଂ ସ୍ପେଶିଆଲ ଜଜ୍ କୋର୍ଟ ପର୍ଯ୍ୟନ୍ତ ଏପିପି, ଅତିରିକ୍ତ ଏପିପି, ସ୍ୱତନ୍ତ୍ର ପିପି ଏବଂ ପିପି ଭାବେ ଫୌଜଦାରି ମାମଲା ପରିଚାଳନା କରୁଛନ୍ତି। ୧୯୪ ଜଣ ନନ୍ କ୍ୟାଡର ଅଧିକାରୀ ବିଭିନ୍ନ କୋର୍ଟରେ ଆବଶ୍ୟକତା ଅନୁଯାୟୀ କାର୍ଯ୍ୟ କରୁଥିବା ଜଣାପଡିଛି।


**GOVERNMENT OF ODISHA**
**OFFICE OF THE EXECUTIVE ENGINEER, NABARANGPUR IRRIGATION DIVISION**
NABARANGPUR, DIST-NABARANGPUR (ODISHA)

**No. 1057** **Dtd. 12.09.2018**
**No.519-A:**
**NOTICE INVITATION FOR BIDS (NIFB)**
**e-Procurement Notice No. EE-NID-04/2018-19**

1. Nature of the work : Construction works
2. Total Nos. of works : 01 (One) No.
3. Tender cost of the work : 32.21 lakhs
4. Bid security : 1% of the amount put to tender
5. Class of Contractor : 'C' & 'B'
6. Period of completion : 06 (Six) months
7. Other details as follows:

| Procurement Officer | Bid Identification No. | Availability of Bid on-line | | Last date & time of seeking tender clarification | Date & Time & Place of opening of Tender |
|---|---|---|---|---|---|
| | | From | To | | |
| Executive Engineer, Nabarangpur Irrigation Division, Nabarangpur | EE, NID-04/ 2018-19 | 20.09.2018 (10.00 A.M.) | 29.09.2018 (upto 05.00 P.M.) | 25.09.2018 upto 5.00 P.M. | Dt. 01.10.2018 at 11.00 A.M. in the office of the Executive Engineer, Nabarangpur Irrigation Division, Nabarangpur |

Further details can be seen from the Government website www.tendersodisha.gov.in.
**32361/11/0008/1819** **Sd./- Executive Engineer, Nabarangpur Irrigation Division, Nabarangpur**



**DISTRICT RURAL DEVELOPMENT AGENCY, KANDHAMAL**
**Tender Notice No.: 4336** **Dated: 17.09.18**
**TENDER CALL NOTICE**

1. For and on behalf of Govt. of Odisha the undersigned invites sealed tenders in duplicate superscribing the tender notice No. & Date from reputed firms having valid H.T. Electrical Licence issued by ELBO, Bhubaneswar for construction of 3-Phase Power Supply to Kasturba Gandhi Balika Vidyalaya Hostel Building at Phulbani, Raikia and Chakapad for the year 2016-17 in Kandhamal District as mentioned in the tender schedule on turnkey contract basis.
2. The Detail Tender Call Notice can be seen at **www.kandhamal.nic.in.**
3. The authority reserves the right to reject any or all the bids without assigning any reason thereof.

By Orders of Collector, Kandhamal
**Sd./- Project Director, DRDA, Kandhamal**



**GOVERNMENT OF INDIA**
**DEPARTMENT OF ATOMIC ENERGY**
**HEAVY WATER PLANT, TALCHER**
सत्यमेव जयते

**e-TENDER NOTICE NO. : HWP/TAL/LAB/2018/04**

On-line tenders are invited through e-tendering mode by the Officer-on-Special-Duty, Heavy Water Plant, Talcher, PO. : Vikrampur, Dist. : Angul, (Odisha) on behalf of the President of India in two bid, from eligible contractors for the work and details given below : **NIT No. : HWP/TAL/LAB/2018/04, Name of the Work :** "Upkeeping and Movement of chemical laboratory equipments and materials". **Estimated Cost :** Rs.6,72,600/-. **Earnest Money :** Rs.13,452/-. **Period of Completion :** 12 (Twelve) Months. **Last Date and Time of Submission of Bid :** 04.10.2018 (14:30 Hrs.). The bid forms and other details can be obtained from the website **www.tenderwizard.com/DAE.**



ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LTD.**
A GOVT. OF ODISHA UNDERTAKING
**Office Of The Deputy General Manager (Electrical)**
**EHT (O&M) Division, Chatrapur, At-Puti-Gopalpur, Chatrapur, Dist- Ganjam (Odisha),Pincode-761020 CIN:U40102OR2004SGC007553**
OPTCL Lifeline of Orissa

**Advt. No. 04/2018-19** **NOTICE INVITING TENDER**

For and on behalf of OPTCL, sealed tenders are invited by the undersigned from interested bidders having both valid H.T contract license and Civil license along with IT. PAN, GST Registration certificate for **"providing 8nos. street lights from main gate to control room and back side of control room at Balugaon Grid S/s under EHT (O&M) DIVISION, CHATRAPUR". Cost of Tender Paper :** Rs.2000/-+ GST@12% (Rs.2240/-), **EMD @ 1% of estimated cost: :** Rs.4560/-, **Sale of Tender documents :** From Dt. 19.09.18 to Dt.04.10.18 up to 5.00PM on working days only. **Last date of submission of tender :** Dt. 05.10.18 up to 1.00 PM. **Date of opening of tender :** Dt, 05.10.18at 3.30 PM. For details please visit our web site : **www.optcl.co.in** Corrigendum if any will be published in the web site only.

*Dy.General Manager, EHT(O&M) Div., Chatrapur*



**GOVERNMENT OF ODISHA** No.602-B
**"e"- PROCUREMENT NOTICE**
**Bid Identification No. E.E. PKL(R&B)- 10/2018-19**
E-mail address- eepwd.pkl@rediffmail.com

Letter No.- 3391 Dt. 17.09.2018

1. Name of the work :- Road Works
2. Numbers of work :- 2(Two)
3. Estimated cost :- Rs 42.82 to 65.78 lakhs
4. Period of completion :- 1(One) & 2(Two) months
5. Date & Time of availability of bid document in the portal :- From 03.00 P.M of 20.09.2018 to 03.00 P.M of 03.10.2018
6. Last Date/ Time for receipt of bids in the portal :- 03.00 P.M of 03.10.2018
7. Date of opening of Bid :- 4.00 P.M of 03.10.2018
8. Name and address of the officer inviting Bid :- Executive Engineer, Panikoili (R&B) Division, Panikoili.

Further details can be seen from the e-procurement portal **https://tendersodisha.gov.in.**

**Sd./- (Er. T. P. Mishra)**
**Executive Engineer,**
34067/11/0011/1819 **Panikoili (R&B) Division**



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**BALANGIR (R&B) CIRCLE, BALANGIR**
**Mail ID:- sepwdbalangir@gmail.com,**
**Fax/Ph. No.: 06652-231866**
**e-Procurement Notice**
**No.597-B:- BID IDENTIFICATION No: SE(R&B) BGR/04/2018-19**
**No. 1799//** **Dtd. 10.09.2018**

| | | | |
|---|---|---|---|
| 1. | The Superintending Engineer, Bolangir (R&B) Circle, Bolangir on behalf of Governor of Odisha invites percentage rate bid in double cover system in ONLINE MODE for the construction of works detailed in the table below from B/A/Special Class Contractors registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil works. The proof of registration from the appropriate authority shall be enclosed along with the bid. | | |
| 2. | Nature of Work | : | Bridge Work & Road work |
| 3. | No. of tender | : | Bridge work: 03 Nos. Road work: 03 Nos. |
| 4. | Tender Cost | : | Rs. 10,000/- |
| 5. | Class of Contractor | : | "B" Class, "A" Class & "Special" Class. |
| 6. | Date & Time of sale & Receipt of Bids | : | From Dt. 22.09.2018, 10.00 A.M. to Dt. 06.10.2018 upto 05.00 P.M. |
| 7. | Date of opening Bid | : | Dt. 09.10.2018 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the webiste http://tendersorissa.gov.in. All future corrigendum will be available on ONLINE MODE only. | | |

**Sd./- Superintending Engineer,**
**34131/11/0012/1819** **Balangir (R&B) Circle, Balangir**



ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ
**Directorate of Fisheries, Odisha, Cuttack**
Ph.: 0671-2414061, Fax: 0671-2410521, Website: www.odishafisheries.com
Email: director.odifish@gmail.com / director@orissafisheries.com
**RFP No- 01/IE-XII-RF-05/18/ Date-17.09.2018**

**REQUEST FOR PROPOSAL**

**Name of the Assignment: Supply, Installation and Maintenance of Circular HDPE Cages for fish farming in Reservoirs of Odisha**

No.34-M: The Directorate of Fisheries, Odisha invites "Request for Proposal" (RFP) from the eligible, reputed firms / cage manufacturers to submit their application for supply, installation and maintenance of two numbers of circular HDPE cages for fish farming in reservoirs of Odisha. Applicants are advised to go through the RFP document carefully before the filling up the application form. Filled up application shall be submitted in sealed cover superscribing **"Supply, Installation and Maintenance of Circular HDPE Cages for fish farming in Reservoirs of Odisha"** to the address mentioned below along with required documents and fees on or before **09.10.2018, 02:00 PM**. For further details, specifications, qualification criteria, application form etc., please visit **www.odishafisheries.com**. Director of Fisheries, Odisha reserves the right to alter the date of opening of the RFP and also to reject any all the RFP's without assigning any reason whatsoever.

**The Director of Fisheries, Odisha, Cuttack**
**Directorate of Fisheries, Odisha**
**Near Dry Dock Jobra, Cuttack-753007**
**Telephone-0671-2414061, Email- director.odifish@gmail.com**
06015/11/0016/1819 **Sd./- DIRECTOR**



**GOVERNMENT OF ODISHA** No.595-B
**OFFICE OF THE EXECUTIVE ENGINEER,**
**SAMBALPUR (R&B) DIVISION NO. II, SAMBALPUR**
E-mail – eesbprnbdivision2@gmail.com, Phone -0663-2410104
**BID IDENTIFICATION No. EE / R and B / SBP II /05 (online)/2018-19**
**E-procurement Notice**

No.2602 Dated11.09.2018

| | | | |
|---|---|---|---|
| 1. | The Executive Engineer, Sambalpur (R&B) Division No.II, Sambalpur on behalf of Governor of Odisha, invites Percentage Rate bids in double cover System in ONLINE MODE . | | |
| 2. | No. of work | :- | 03 (Three) Nos. |
| 3. | Tender Cost | :- | Rs.10,000/- (Each work) |
| 4. | Class of Contractor | :- | "B" & "A" class Contractors |
| 5. | Availability of bid document in the website | :- | 16:00 Hours of 20.09.2018 to 17:00 Hours of 01.10.2018. |
| 6. | Date of Opening of Tenders | :- | 11:30 Hours on dtd 04.10.2018 |
| 7. | The Bidders have to participate in ONLINE bidding only. Further details can be seen from the website www.tendersodisha.gov.in only. Any Corrigendum / Addendum/cancellation of tender will be displayed in the website said only. | | |

**Sd./- B.K. Patnaik**
**Executive Engineer**
34136/11/0011/1819 **Sambalpur (R&B) Division No.II**



**DIRECTORATE OF ANIMAL HUSBANDRY AND VETERINARY SERVICES, ODISHA, CUTTACK**
**EXPRESSION OF INTEREST**

No.33-M: The Director, Animal Husbandry and Veterinary Services, Odisha, Cuttack (herein after referred as "DIRECTOR") invites Expression of Interest (EOI) from approved Breeder Farms having Parent stocks of approved breeds with hatching, rearing and logistic facilities for supply of 04 Weeks Old Dual Purpose Breed (Low Input Technology bird) suitable for back yard poultry farming in drought and pest affected areas of the State. The applicants should submit their technical and financial bid separately to the undersigned on or before Dt.03.10.2018 upto 05.00 PM. The undersigned reserves the right to cancel the EOI at any stage without assigning any reason thereof. Details of EOI can be downloaded from our Directorate Website **www.odishaahvs.com.**

**Sd./- Director**
**Animal Husbandry and Veterinary Services,**
06014/11/0013/1819 **Odisha, Cuttack**



**OFFICE OF THE MUNICIPAL COUNCIL, RAYAGADA**
**No. 5733** **Dtd. 17.09.18**
**"e"- TENDER NOTICE**
**Tender Id 2018_ORULB_49446**
**Bid Identfication No. RGDA-MUN-4/2018-19**

Bid Documents consisting of 02 Nos. of Civil work with their Estimated Cost (Work Value), Cost of Tender Paper, EMD, Time of Completion, Class of Contractors, Additional Performance Security Deposit and the set of Terms and Conditions applicable for the contract and other required necessary documents can be seen in the Government Website (i.e., http://tendersorissa.gov.in).

| | | | |
|---|---|---|---|
| 1. | Name of the Work | : | Civil works as mentioned in the Website |
| 2. | No. of Works | : | As per DTCN |
| 3. | Estimated Costs | : | 44,64,301/- to 44,64,303/- (As mentioned in the DTCN) |
| 4. | Period of Completion | : | 3 months as mentioned against the work in the NIT/DTCN. |
| 5. | Date & Time of Availability of Bid Document in the Portal | : | From Dated 17.09.2018 10.00 hrs. to dated 26.09.2018 17.00 hrs. |
| 6. | Last Date & Time for receipt of bids on the Portal | : | Dated 26.09.2018 17.00 hrs. |
| 7. | Bids received online to be opened on | : | 01.10.2018 at 11.30 hrs. |
| 8. | Name and Address of the Officer inviting the bid | : | Executive Officer, Rayagada Municipality, Rayagada |

Further details can be seen from the Procurement Portal http://tendersorissa.gov.in.

**Sd./- Executive Officer, Rayagada Municipality**



**OFFICE OF THE COLLECTOR & DISTRICT MAGISTRATE, JAGATSINGHPUR**
**(District Social Welfare Section)**
**(TENDER CALL NOTICE)**

No.1254 Dt.12.09.2018

No.27-g: Sealed tenders are invited from the Registered Printing firms / Supplying Agency for printing and supply IEC material on Nua Arunima and Booklet on ECCE.

Details are available in the Office of the Collector, Jagatsinghpur (Social Welfare Section) and District Website i.e. **www.jagatsinghpur.nic.in**.

The details of Tender process as follows :

1. Sale of Tender paper from **Dt.12.09.2018 (10 AM) to 26.09.2018 (5.00 P.M)** (on working days only).
2. Last date for submission of Tender papers **Dt. 27.09.2018 (5.00 P.M).**
3. Opening of Tender paper **Dt. 28.09.2018 (11.00 A.M).**
4. Tender paper cost Rs. 2000.00 (Rupees Two thousand) only.

**Sd./- Collector & District**
24139/11/0012/1819 **Magistrate, Jagatsinghpur**



**OFFICE OF THE EXECUTIVE ENGINEER**
**R.W.S. & S. DIVISION, JAJPUR, AT-CHANDIKHOL**
**PO: Dhanmandal, Dist: Jajpur, Pin: 754024**
**Phone: 06725-221454, E-mail: eerwss_jpr@ori.nic.in**
**E-PROCUREMENT NOTICE**
**Bid Identification No. rwssjajpur 17/2018-19 dt. 06.09.2018**

**No.772-O:-** The Executive Engineer, RWS&S Division, Jajpur at Chandikhol on behalf of Governor of Odisha, invites bids through e-procurement in double cover system according to norm of e-procurement system in on-line mode from eligible contractors.

| | | |
|---|---|---|
| 1. | Nature of work: | Supplying all construction materials, HDPE/ GI pipes, valves, specials etc. and laying the pipeline, Constructing the pump house with compound wall, fitting and fixing of suitable motor and pump set in the production well, supplying, fitting and fixing of chlorine dozing system of approved make and specification, constructing RCC Elevated Storage Reservoirs of specified capacity, providing household connections etc. along with five years maintenance after one year of defect liability period etc. complete for the following PWS Schemes of Jajpur district. |
| 2. | No. of works: | 16 (Sixteen) |
| 3. | Estimated Cost: | Rs. 48.00 lakhs to Rs. 123.00 lakhs |
| 4. | Time of completion: | 9 (Nine) months |
| 5. | Cost of bidding document: | Rs. 6000/- & Rs. 10000/- |
| 6. | Class of Contractors eligible: | 'B' & 'A' |
| 7. | Availability of bids on-line: | 11.00 hour of 22.09.2018 to 17.00 hours of 05.10.2018 |
| 8. | Last date and time for seeking clarification: | Up to 17.00 hours of 04.10.2018 |
| 9. | Date & time of opening of Technical Bid online: | 11.00 hour of 06.10.2018 |
| 10. | Date & time of opening of Financial Bid | To be announced latter |

Further details can be seen in the website https://www.tendersorissa.gov.in.

**Sd./- Executive Engineer**
**25027/11/0013/1819** **R.W.S & S Division, Jajpur (at Chandikhol)**



**GOVERNMENT OF ODISHA** No.596-B
**OFFICE OF THE EXECUTIVE ENGINEER**
**MALKANGIRI(R&B) DIVISION, MALKANGIRI**
**e-Procurement Notice**
**Bid Identification No. E.E.(R&B)-MLK-09/2018-19**

No.5276 Date 10.09.2018

1. Name of the work: Building and EI works
2. Total No. of Works: 05 Nos.
3. Estimated cost: Rs. 8.85 lacs to 35.8 lacs
4. Period of completion: 02 (Two) to 6 (Six) months
5. Date & time of availability of bid document in the portal: From 11.00 hrs of 20.09.2018 to 16.00 hrs of 01.10.2018
6. Last date / Time for receipt of bids in the Portal; 16.00 hours of 01.10.2018
7. Date of opening of Tender; 11.00 hours of 03.10.2018
8. Name and address of the Officer Inviting Bid: Executive Engineer, Malkangiri(R&B)Division

Further details can be seen from the e-procurement portal **https://tendersorissa.gov.in.**

**Executive Engineer**
34063/11/0008/1819 **Malkangiri(R&B)Division**



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar -751 022 (Odisha)
**Tel: 0674-2542230 CIN: U40102OR2004SGC007553**
OPTCL Lifeline of Odisha

**NOTICE INVITING TENDER (NIT)**
**(DOMESTIC COMPETITIVE e-BIDDING)**

**e-TENDER NOTICE NO.: SCRIPS PMU-02/2018-19** **Date: 17.09.2018**

ODISHA POWER TRANSMISSION CORPORATION LTD.(OPTCL), Bhubaneswar, invites bids (in e-tendering mode only) under single stage two-envelop system from reputed EPC/Turnkey Contractors for **Engineering, Supply, Erection and Commissioning of (1) 2x63 MVA, 220/33KV Gas (SF6) Insulated Substation (GIS) at GODISAHI (IDCO Industrial Complex, Ramdashpur) and (2) 2x63 MVA, 220/33KV Gas (SF6) Insulated Substation (GIS) at Kantabada, Khurda at an Estimated Cost of Rs.130.9 Crore on "EPC/TURNKEY CONTRACT BASIS".** Interested bidders are required to enroll themselves in the tender portal **"www.tenderwizard.com/OPTCL"**. Complete set of bidding documents are available on **"www.tenderwizard.com/OPTCL"** portal from Dt.**(19.09.2018)/(11:00)AM** up to Dt.**(22.11.2018) / (12:45)PM.** Interested bidders may visit OPTCL's official website **"http://www.optcl.co.in"** and Tender Portal **"http://www.tenderwizard.com/OPTCL"** for further detail. **Note:** Bidders are requested to regularly visit OPTCL website/Tender Portal only for amendment/errata/corrigendum (if any) and any other information regarding the tender, as the same shall be published only on OPTCL website/Tender Portal.

Sd/-
**Chief General Manager (SCRIPS-PMU)**
**CR Advt. No. 33/2018-19** **e-Mail: scripspmu@optcl.co.in**
Please connect us: optcl.odisha optcl_odisha energyodisha

## କୋଳଥ କିସମ



**କୋ**ଳଥର ଉର୍ମି,ଡିଏସ୍–୧–୨,ଡିଏସ୍–୧–୨–୨ ଆଦି କିସମ ସଂଗ୍ରହ କରନ୍ତୁ ଓ ବୁଣାବୁଣି ଶୀଘ୍ର କରନ୍ତୁ। ଏକର ପ୍ରତି ୨୦କି.ଗ୍ରା. ବିହନ ବ୍ୟବହାର କରନ୍ତୁ। ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ସହିତ ଗୋଳାଇ ବିଶୋଧନ କରନ୍ତୁ। ଧାଡିକୁ ଧାଡି ୩୦ସେ.ମି. ବ୍ୟବଧାନରେ ବିହନ ବୁଣନ୍ତୁ। ବୁଣିବା ପୂର୍ବରୁ ଏକର ପ୍ରତି ୫କି.ଗ୍ରା. ଯବକ୍ଷାରଜାନ, ୧୦କି.ଗ୍ରା. ଫସଫରସ ପ୍ରୟୋଗ କରନ୍ତୁ। ବୁଣିବାର ଦିନକ ପରେ ଘାସମରା ଔଷଧ ପେଣ୍ଡିମେଥାଲିନ୍ ଏକର ପ୍ରତି ୦.୩୦କି.ଗ୍ରା. ହିସାବରେ କ୍ରିୟାଶୀଳ ଉପାଦାନ ସିଞ୍ଚନ କରନ୍ତୁ।

## ଜଡା ଲଗାଉଥିଲେ

**ଅ**ରୁଣା,ଜ୍ୟୋତି,କ୍ରାନ୍ତି,ଏସ୍ ଏ–୧, ଏବଂ ଜିସି–୨ ଆଦି ଜଡା କିସମ ସଂଗ୍ରହ କରନ୍ତୁ। ଜଡା ଚାଷ ଲାଗି ବୁଣାବୁଣି ଶୀଘ୍ର ଶେଷ କରନ୍ତୁ। ଜଡାକୁ ଅନ୍ତଃ ଫସଲ ଭାବେ ନ ନେଇ ଏକକ ଫସଲ ଭାବେ ଚାଷ କରନ୍ତୁ। ଭଲ ଗଜା ହେବା ପାଇଁ ଲଗାଇବା ପୂର୍ବରୁ ବିହନକୁ ୨୪–୪୮ଘଣ୍ଟା ପାଣିରେ ବତୁରାଇ ଦିଅନ୍ତୁ। ଏକର ପ୍ରତି ୮କି.ଗ୍ରା. ବିହନ ବ୍ୟବହାର କରନ୍ତୁ। ବୁଣିବା ପୂର୍ବରୁ ଏକ କି.ଗ୍ରା. ବିହନକୁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ସହିତ ଗୋଳାଇ ବିଶୋଧନ କରନ୍ତୁ। ଧାଡିକୁ ଧାଡି ୬୦ସେ.ମି. ଓ ଗଛକୁ ଗଛ ୩୦–୪୫ସେ.ମି. ବ୍ୟବଧାନରେ ବିହନ ବୁଣନ୍ତୁ। ବୁଣିବା ପୂର୍ବରୁ ଏକର ପ୍ରତି ୧୦କି.ଗ୍ରା. ଯବକ୍ଷାରଜାନ,୧୨କି.ଗ୍ରା. ଫସଫରସ ଓ ୧୨କି.ଗ୍ରା. ପଟାସ ପ୍ରୟୋଗ କରନ୍ତୁ।



# ଗୋରୁଙ୍କ ଫାଟୁଆ ରୋଗ



ଡା. ବୀର କିଶୋର ପରିଡ଼ା



**ଫା**ଟୁଆ ଏକ ମାରାତ୍ମକ ଭୂତାଣୁଜନିତ ସଂକ୍ରାମକ ରୋଗ । ଗୃହପାଳିତ ପ୍ରାଣୀ ବିଶେଷ ଭାବେ ଗୋରୁ, ମଇଁଷି, ଛେଳି, ମେଣ୍ଢା ଓ ଘୁଷୁରି ଏହି ରୋଗରେ ସଂକ୍ରମିତ ହୋଇଥାନ୍ତି। ଦୁଧିଆଳୀ ଗାଈ ଓ ମଇଁଷି ଏହି ରୋଗରେ ସଂକ୍ରମିତ ହେଲେ ସେମାନଙ୍କ ଦୁଗ୍ଧ ଦେବା କ୍ଷମତା ୮୦ ପ୍ରତିଶତ କମିଯାଏ, ଯାହା ଫଳରେ ଗୋପାଳକମାନେ ଘୋର ଆର୍ଥିକ କ୍ଷତିର ସମ୍ମୁଖୀନ ହୁଅନ୍ତି।

ଲକ୍ଷଣ – ଶାରୀରିକ ଉତ୍ତାପ ବୃଦ୍ଧି ଘଟେ, ପାଟିରୁ ଅତ୍ୟଧିକ ଲାଳ ନିର୍ଗତ ହେବା ସହିତ ନାକରୁ ପତଳା ସିଂଘାଣି ବାହାରେ । ପାଟି, ଜିଭ, ନାକ, ଗୋଡ଼ କ୍ଷୁରା ମଝିସନ୍ଧି ଓ ପହ୍ନା ବା ଚିରରେ ନାଲି ଫୋଟକା ହୋଇ ଏହା ଫାଟିଯିବା ଦ୍ୱାରା ଘା' ସୃଷ୍ଟି ହୁଏ । ଗୋଡ଼ର ଦୁଇ କ୍ଷୁରା ମଝିସନ୍ଧି ଓ ଏହାର ଉପର ଅଂଶରେ ଘା' ବା କ୍ଷତ ହୁଏ । ସଂକ୍ରମିତ ଗୋରୁ ଚାଲିବାରେ କଷ୍ଟ ଅନୁଭବ କରନ୍ତି। ପାଟି ଓ ଜିଭରେ ଘା' ସୃଷ୍ଟି ହେବା ଯୋଗୁ ଖାଦ୍ୟ ଖାଇପାରନ୍ତି ନାହିଁ । ଗାଈ ଓ ମଇଁଷି ହଠାତ୍ ଦୁଗ୍ଧ ଦେବା କମେଇ ଦିଅନ୍ତି। ବଳଦଙ୍କ କାର୍ଯ୍ୟଦକ୍ଷତା କମିଯାଏ। ପ୍ରାପ୍ତ ବୟସ୍କ ଗୋରୁ ଏହି ରୋଗରେ ପୀଡ଼ିତ ହୋଇ ଆରୋଗ୍ୟଲାଭ କରୁଥିବାବେଳେ ସଙ୍କର ଜାତୀୟ ଛୋଟ ବାଛୁରି ଏହି ରୋଗରେ ସଂକ୍ରମିତ ହେଲେ ହୃତ୍‌ପିଣ୍ଡରେ ମାଂସପେଶୀ ସଂକ୍ରମିତ ହେବା ଯୋଗୁ ମୃତ୍ୟୁବରଣ କରନ୍ତି । ଫାଟୁଆ ରୋଗରେ ପୀଡ଼ିତ ଗୋରୁଙ୍କ ଯତ୍ନ ନେଲେ ଖୁବ୍ ଶୀଘ୍ର ଆରୋଗ୍ୟଲାଭ କରନ୍ତି । ନଚେତ୍ ଏହି ରୋଗରୁ ଭଲହେବା ପାଇଁ ଅଧିକଦିନ ଲାଗିଥାଏ। କ୍ଷେତ୍ରୀୟ ସ୍ତରରେ ଦେଖାଦେଇଛି ଯେ – ଫାଟୁଆ ରୋଗରେ ସଂକ୍ରମିତ ପ୍ରାପ୍ତ ବୟସ୍କ ଗୋରୁ ବେଳେବେଳେ ଜୀବାଣୁଜନିତ ପାଶ୍ଚୁରେଲୋସସ୍ ସଂକ୍ରମଣ ଯୋଗୁ କାଁ ଭାଁ ମୃତ୍ୟୁବରଣ କରିବାର ଆଶଙ୍କା ଥାଏ।

**ଚିକିତ୍ସା:** ପାଟିରେ ଘା' ହୋଇଥିଲେ ଖାଇବା ସୋଡ଼ା ମିଶ୍ରିତ ଉଷୁମ ପାଣି (୧୦୦ଗ୍ରାମ୍ ଖାଇବା ସୋଡ଼ା ସହିତ ୧ ଲିଟର ପାଣି) ପାଟି ଭିତର ଓ ଗୋଡ଼ର କ୍ଷୁରା ଘା', ପହ୍ନାର ଚିର ଘା'କୁ ଦିନକୁ ଥରେ ଭଲଭାବେ ଧୁଅନ୍ତୁ। ପାଟିରେ ଘା' ହୋଇଥିଲେ ଘା'କୁ ଉପରୋକ୍ତ ଦ୍ରବଣରେ ଧୋଇ ସାରିବା ପରେ ବୋରୋଗ୍ଲିସେରିନ୍ ତରଳ (ଗ୍ଲିସେରିନ୍ ୮୫୦ମି.ଲି. ଓ ବୋରିକ୍ ପାଉଡର ୧୨୦ ଗ୍ରାମ ମିଶ୍ରଣରେ ପ୍ରସ୍ତୁତ) ଜିଭ ଘା' ଉପର, ଦାନ୍ତମୂଳ ଘା' ଓ ପାଟିରେ ଲଗାଇ ଦିଅନ୍ତୁ । ଏହିପରି ଭାବେ ୩–୫ ଦିନ ପର୍ଯ୍ୟନ୍ତ ଅନ୍ୟୂନ ପାଟିରେ ଲଗାନ୍ତୁ । ମହୁ ସହିତ ମାଣ୍ଡିଆ (ରାଗି) ଗୁଣ୍ଡ ମିଶାଇ ଜିଭରେ ଲଗାଇଲେ ମଧ୍ୟ ଉପଶମ ମିଳେ। ଗୋରୁ ଏହି ଫାଟୁଆ ରୋଗରେ ଅତ୍ୟଧିକ ପୀଡ଼ିତ ହେଲେ ୩–୫ଦିନ ପର୍ଯ୍ୟନ୍ତ ବିଭିନ୍ନ ଆଣ୍ଟିବାଓଟିକ୍ସ ଇଞ୍ଜେକସନ୍ ସହିତ ଦରଜ ଓ ଜ୍ୱର କମାଇବା ପାଇଁ ଆନାଲଜେସିକ୍ ଏବଂ ଆଣ୍ଟିପାଇରେଟିକ୍ ଆଦି ଔଷଧ ଇଞ୍ଜେକସନ୍ ଆକାରରେ ଦେଲେ ଗୋରୁଙ୍କୁ ଆରାମ ମିଳେ ।

ଏତଦ୍‌ବ୍ୟତୀତ, ଗୋଡ଼ରେ ଘା' ହୋଇଥିଲେ, ଘା'କୁ ଖାଇବା ସୋଡ଼ା କିମ୍ବା ପୋଟାସିୟମ୍ ପରମାଙ୍ଗାନେଟ୍ ମିଶ୍ରିତ ଉଷୁମ ପାଣିରେ ଭଲ ଭାବେ ଧୁଅନ୍ତୁ। ଏହାପରେ ମାଛି ନ ବସିବା ପାଇଁ ବିଭିନ୍ନ ମଲମ ଯଥା ହିମାକ୍ସ, ସ୍କାଭନ୍, ଡ୍ରେସଲ୍ ସ୍ପ୍ରେ, ନିମ୍ବ ତେଲ, ଡ୍ରାଏ ଡ୍ରେସିଂ ପାଉଡ଼ର ଆଦି ଔଷଧ ଲଗାଇଲେ ଗୋଡ଼ ଘା' ଶୀଘ୍ର ଭଲହୁଏ । ଗୋଡ଼ରେ ପୋକ ହୋଇଥିଲେ, ଟର୍‌ପେଣ୍ଟାଇନ୍ ଅଏଲ (ତେଲ) ସଂକ୍ରମିତ ପୋକରା ଘା'ରେ ପକାଇଲେ ପୋକ ଆପେ ଆପେ ବାହାରିଯାଏ ବା ମରିଯାଏ ।

ସେହିପରି ଅସୁସ୍ଥ ପ୍ରାଣୀଙ୍କୁ ଚାଉଳ, ଗହମ ଓ ମାଣ୍ଡିଆ ଗୁଣ୍ଡ ସମ ପରିମାଣରେ ପାଣିରେ ସିଝାଇ ପେଜ ଆକାରରେ ଦୈନିକ ଖାଇବାକୁ ଦେଲେ ୭–୧୦ ଦିନ ମଧ୍ୟରେ ଦୁଧିଆଳୀ ଗାଈଙ୍କ ଦୁଗ୍ଧ ଦେବା କ୍ଷମତା ପୂର୍ବାବସ୍ଥାକୁ ଫେରିଆସେ । ଏଥିସହିତ ଗୁଡ଼ (୧୦–୧୫%), ପୁଷ୍ଟିସାର (କୋଳଥ, ପିଡ଼ିଆ, ମୁଗଚୁନି, ବିରିଚୁନି) ଓ ଧାତବଲବଣ ଆଦି ଖାଇବାକୁ ଦେଲେ ସଂକ୍ରମିତ ଗୋରୁ ଓ ମଇଁଷି ଶୀଘ୍ର ଆରୋଗ୍ୟଲାଭ ହୋଇଥାନ୍ତି।

**ରୋଗ ନିୟନ୍ତ୍ରଣ:**
ରାଜ୍ୟରେ ଫାଟୁଆ ରୋଗର ନିୟନ୍ତ୍ରଣ ଓ ଏହାକୁ ସୀମିତ ରଖିବା ଲାଗି ନିମ୍ନମତେ ପଦକ୍ଷେପ ଗ୍ରହଣ କରିପାରିବେ...

– ୪ ମାସରୁ ଊର୍ଦ୍ଧ୍ୱ ବୟସ୍କର ସମସ୍ତ ସୁସ୍ଥ ଗୋରୁ ଓ ମଇଁଷିଙ୍କୁ ଫାଟୁଆ ରୋଗର ପ୍ରତିଷେଧକ ଟିକା ପ୍ରଦାନ କରାନ୍ତୁ ଏବଂ ପ୍ରତି ୬ ମାସରେ ଥରେ ଏହି ରୋଗ ଟିକା ସମସ୍ତ ପ୍ରାଣୀଙ୍କୁ ଦିଅନ୍ତୁ।

– ପ୍ରତି ୪ ମାସରେ ଥରେ ପ୍ରାଣୀଙ୍କ ମଳ ପରୀକ୍ଷା କରି କୃମିନାଶକ ଔଷଧ ଡାକ୍ତରଙ୍କ ପରାମର୍ଶ କ୍ରମେ ଦିଅନ୍ତୁ।

– ପ୍ରାଣୀଙ୍କୁ ଫାଟୁଆ ରୋଗ ସଂକ୍ରମଣରୁ ରକ୍ଷା ଲାଗି ଗୋରୁ ରହୁଥିବା ଗୁହାଳ ବା ଫାର୍ମର ଜୈବ–ନିରାପତ୍ତା ଓ ଜୈବ–ନିରାପଦ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।

– ବାହାରୁ ଆସୁଥିବା ନୂତନ ପ୍ରାଣୀଙ୍କୁ ଅନ୍ୟୂନ ୨୧ ଦିନ ବାହାରେ ଅଲଗା ରଖିବା ପରେ (କ୍ୱାରେଣ୍ଟାଇନ୍) ରୋଗ ନ ଥିଲେ ସୁସ୍ଥ ପ୍ରାଣୀଙ୍କ ସହିତ ମିଶାନ୍ତୁ।

– ସଂକ୍ରମିତ ଫାର୍ମ ମଧ୍ୟକୁ ଯେତେ ସମ୍ଭବ କମ୍ ସଂଖ୍ୟକ ଲୋକ ଚଳାଚଳ କରନ୍ତୁ।

– ସଂକ୍ରମିତ ଅଞ୍ଚଳରୁ ଖାଦ୍ୟ, ନଡ଼ା, କୁଟା, କୁଣ୍ଡା, ପାଣି ଆଦି ସୁସ୍ଥ ପ୍ରାଣୀଙ୍କୁ ଖାଇବାକୁ ଦେବା ଅନୁଚିତ।

–ଡାକ୍ତରଖାନାକୁ ନ ଆଣି ସଂକ୍ରମିତ ଗୋରୁଙ୍କ ଚିକିତ୍ସା ଘରେ ରଖି ଚିକିତ୍ସା କରାନ୍ତୁ।

– ଫାଟୁଆ ରୋଗ ପ୍ରାଦୁର୍ଭାବ ଅଞ୍ଚଳରେ ସଂକ୍ରମିତ ଗୋଚରରେ ଗୋରୁଙ୍କୁ ଚରିବାକୁ ଛାଡ଼ନ୍ତୁ ନାହିଁ।

– ଫାଟୁଆ ରୋଗ ସଂକ୍ରମିତ ଅଞ୍ଚଳରେ ମଶା, ଡାଆଁଶ ଓ ଟିକ୍ଙ୍କ ମାଧ୍ୟମରେ ବିଶେଷ କରି ସମୁଦ୍ର ଉପକୂଳବର୍ତ୍ତୀ ଜିଲାରେ ଅନ୍ୟାନ୍ୟ ଏକକୋଷୀ ପ୍ରାଣୀଜନିତ ରକ୍ତକୃମି ରୋଗ ମଧ୍ୟ ଫାଟୁଆ ରୋଗରେ ପୀଡ଼ିତ ଗୋରୁଙ୍କୁ ହେବାର ଆଶଙ୍କା ଥାଏ। ତେଣୁ ଏହି ରକ୍ତକୃମି ରୋଗର ଚିହ୍ନଟ ପାଇଁ ରକ୍ତ ପରୀକ୍ଷା କରାନ୍ତୁ । ରକ୍ତ ପରୀକ୍ଷାରେ ରକ୍ତକୃମି ବାହାରିଲେ ଫାଟୁଆ ରୋଗର ଚିକିତ୍ସା ସହିତ ରକ୍ତକୃମିର ଚିକିତ୍ସା ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ କ୍ରମେ କରନ୍ତୁ।

– ଫାଟୁଆ ରୋଗ ନ ହେବା ପାଇଁ ଶହେ ପ୍ରତିଶତ ପ୍ରାଣୀଙ୍କୁ ଫାଟୁଆ ରୋଗର ପ୍ରତିଷେଧକ ଟିକା ଦେବା ଆବଶ୍ୟକ ।

### ନମୁନା ସଂଗ୍ରହ

**ଫା**ଟୁଆ ରୋଗରେ ସଂକ୍ରମିତ ଗୋରୁଙ୍କ ଘା' ହେଉଥିବା ଜିଭର ଉପରସ୍ତର, ଗୋଡ଼କ୍ଷୁରା ମଝି ଅଂଶର ଘା' ବକଲା ଓ ଚିର ଘା' ବକଲା ଆଦି ୫୦ ପ୍ରତିଶତ ଗ୍ଲିସେରିନ୍ ବଫର୍ (ଜି.ଏସ୍.ଏସ୍.) ମାଧ୍ୟମରେ ସଂଗୃହୀତ କରି ପରୀକ୍ଷାଗାରକୁ ପଠାଯାଇଥାଏ । ଏତଦ୍‌ବ୍ୟତୀତ, ସଂକ୍ରମିତ ଗୋରୁ, ଆରୋଗ୍ୟ ଲାଭ କରିଥିବା ଗୋରୁ ଓ ସୁସ୍ଥ ଗୋରୁଙ୍କଠାରୁ ସିରମ୍ ସଂଗ୍ରହ କରାଯାଇ ଫାଟୁଆ ରୋଗର ଭୂତାଣୁ ଓ ଏହାର ପ୍ରତିପିଣ୍ଡ ଚିହ୍ନଟ ପାଇଁ ପରୀକ୍ଷାଗାରକୁ ପଠାଯାଏ ।

### ଫାଟୁଆ ରୋଗ ଦେଖାଦେଲେ ...

**କ'ଣ କରିବେ:** ରୋଗ ଦେଖାଦେଲେ ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କୁ ତୁରନ୍ତ ଜଣାନ୍ତୁ।

–ଅସୁସ୍ଥ ପ୍ରାଣୀଙ୍କୁ ସୁସ୍ଥ ପ୍ରାଣୀଙ୍କଠାରୁ ଅଲଗା ରଖନ୍ତୁ।

–ରୋଗ ନ ବ୍ୟାପିବା ପାଇଁ ୪% ଖାଇବା ସୋଡ଼ା ଦ୍ରବଣ ସିଞ୍ଚନ (୪୦୦ଗ୍ରାମ ସୋଡ଼ିୟମ୍ ବାଇ କାର୍ବୋନେଟ ସହିତ ୧୦ ଲିଟର ପାଣିରେ) କିମ୍ବା ଲାଇମ୍ ବା ବ୍ଲିଚିଂ ପାଉଡ଼ର ଅନ୍ୟୂନ ୧୦ଦିନ ପର୍ଯ୍ୟନ୍ତ ପ୍ରତ୍ୟେକଦିନ ଗୁହାଳ ଭିତରେ, ବାହାରେ, ପ୍ରବେଶ ଓ ପ୍ରସ୍ଥାନ ଦ୍ୱାରରେ ପକାଇବା ଆବଶ୍ୟକ।

– ସଂକ୍ରମିତ ପ୍ରାଣୀଙ୍କ ସହିତ ମିଶୁଥିବା ଲୋକଙ୍କ ହାତ, ଜୋତା, ପୋଷାକ ଆଦିକୁ ୪% ଖାଇବାସୋଡ଼ା ମିଶ୍ରିତ ପାଣିରେ ଧୁଅନ୍ତୁ।

– ପ୍ରଥମେ ସୁସ୍ଥ ଗାଈ ବା ମଇଁଷିଙ୍କଠାରୁ ଦୁଗ୍ଧ ଦୁହିଁବା ପରେ ସଂକ୍ରମିତ ଗାଈର ଦୁଗ୍ଧ ଦୁହିଁବା ଆବଶ୍ୟକ ଏବଂ ଦୁହିଁବା ପରେ ହାତକୁ ଭଲଭାବେ ବିଶୋଧକ ଦ୍ରବଣରେ ଧୁଅନ୍ତୁ।

–ଦୁଗ୍ଧ ଦୁହିଁବା ପାତ୍ରକୁ ୪% ସୋଡ଼ିୟମ୍ କାର୍ବୋନେଟ ବା ସୋଡ଼ା ପାଣିରେ ଧୋଇଦେବା ଆବଶ୍ୟକ।

–ସଂକ୍ରମିତ ଗ୍ରାମର ଚତୁଃପାର୍ଶ୍ୱ ଅଞ୍ଚଳ ବା ଗ୍ରାମରେ ଫାଟୁଆ ରୋଗର ପ୍ରତିଷେଧକ ଟିକା ଦିଅନ୍ତୁ। ଟିକା ଦେବା ସମୟରେ ଅଲଗା ଅଲଗା ଛୁଞ୍ଚି ବ୍ୟବହାର କରନ୍ତୁ।

–ଯାନବାହନଗୁଡ଼ିକୁ ଫାର୍ମଠାରୁ ଦୂରେଇ ରଖନ୍ତୁ।

*–ଉପନିର୍ଦ୍ଦେଶକ (ରୋଗ ନିୟନ୍ତ୍ରଣ),*
*ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, କଟକ,*
*ମୋ : ୯୪୩୭୬୦୭୩୧୨*

# ତଥାପି ଚାଲିଛି ସଂଘର୍ଷ

**ସଫଳ ଚାଷୀ**

**ଦାମୋଦର ସାହୁ**



**ବ**ଡ ହେବେ, ନିଜେ ରୋଜଗାର କରିବେ ଆଉ ଅନେକଙ୍କୁ ରୋଜଗାରର ବାଟ ଦେଖାଇବେ। ଏଇ ସ୍ୱପ୍ନ ତାଙ୍କର ପିଲାଟି ବେଳୁ। ମାତ୍ର ମାଟ୍ରିକ୍‌ରୁ ହିଁ ତାଙ୍କର ପାଠପଢାରେ ଡୋରି ବନ୍ଧା ହୋଇଗଲା। ପରିବାରର ଆର୍ଥିକ ଅବସ୍ଥା ସୁଧାରିବାକୁ ସେ ଅଣ୍ଟା ଭିଡ଼ିଲେ। ବିଲରେ କାମ କରିବା ସହ କାଗଜ ଠୁଙ୍ଗା ତିଆରିରୁ ଆରମ୍ଭ କରି ଗାଁ ଗାଁ ବୁଲି କୁକୁଡ଼ା ଚିଆଁ ବିକ୍ରି କଲେ। ମାତ୍ର ଏଥିରେ ତାଙ୍କ ମନ ବୁଝିଲାନି। ଉଦ୍ୟାନ ବିଭାଗ ସହିତ ଯୋଗାଯୋଗ କରି ୧୯୯୮ ମସିହାରେ ଭୁବନେଶ୍ୱରରୁ ଛତୁଚାଷ ତାଲିମ ନେଲେ। ଆଉ ଗାଁରେ ଆରମ୍ଭ କଲେ ଛତୁଚାଷ । ମାତ୍ର ବର୍ଷ କେଇଟାରେ ସେ ଛତୁଚାଷ ମାଧ୍ୟମରେ ସ୍ୱାବଲମ୍ବୀ ହେବା ସହ ଆଖପାଖ ଗାଁର ଶତାଧିକ ବ୍ୟକ୍ତିଙ୍କୁ ଛତୁଚାଷ ପ୍ରଣାଳୀ ଶିଖାଇ ସେମାନଙ୍କୁ ରୋଜଗାର ବାଟ ଦେଖାଇବାରେ ସକ୍ଷମ ହେଲେ। ଆଉ ବନିଗଲେ ଜଣେ ସଫଳ ଛତୁଚାଷ ପ୍ରଶିକ୍ଷକ। ସେ ହେଲେ ଦାମୋଦର ସାହୁ (ମୋ:୯୨୩୮୫୯୬୧୭୬)। ଭଦ୍ରକ ଜିଲା ଧାମନଗର ବ୍ଲକ ରାଧାବଲ୍ଲଭପୁର ଗ୍ରାମରେ ତାଙ୍କର ଘର। ପିତା ପଞ୍ଚାନନ ସାହୁ ଓ ମା'ଙ୍କ ନାମ ଡାଳି ସାହୁ।

ଛତୁଚାଷ ମାଷ୍ଟର ଭାବେ ପରିଚିତ ଦାମୋଦର ଛତୁଚାଷ ସହ ଛତୁମଞ୍ଜି ଫାର୍ମ ମଧ୍ୟ ଆରମ୍ଭ କଲେ। ତେବେ ଛତୁ ଚାଷରେ ବ୍ୟବହାର ହୋଇ ନଷ୍ଟ ହେଉଥିବା ପଚା ନଡାକୁ କିପରି ପୁଣି ବ୍ୟବହାର କରାଯାଇପାରିବ ତାହା ତାଙ୍କ ମନକୁ ଆନ୍ଦୋଳିତ କଲା । କୃଷି ବିଜ୍ଞାନ କେନ୍ଦ୍ର ଏବଂ ଉଦ୍ୟାନ ବିଭାଗର ପରାମର୍ଶ ନେଲେ। ତା'ପରେ ଆରମ୍ଭ କଲେ ଜିଆଖତ ପ୍ରସ୍ତୁତି। ପ୍ରଥମେ ଦୁଇ ଚାରିଟି ବେଡ ପକାଇ ପରୀକ୍ଷା କରିଥିଲେ। ଜିଆଙ୍କୁ ବ୍ୟବହାର, ସେମାନଙ୍କ ସୁରକ୍ଷା, ବଂଶ ବୃଦ୍ଧିର ପ୍ରଣାଳୀ ଶିଖି ଏବେ ସେ ୬୦ ଟି ବେଡ ପକାଇ ଆରମ୍ଭ କରିଛନ୍ତି ଜିଆଖତ ଫାର୍ମ। ଏହି ଫାର୍ମର ନାମ ରଖିଛନ୍ତି ଜୟଗୁରୁ ଅର୍ଗାନିକ ଫର୍ଟିଲାଇଜର। ଜୈବିକ ସାର ବ୍ୟବହାର ଉପରେ ଗୁରୁତ୍ୱ ବଢୁଥିବାରୁ ବ୍ୟବସାୟ ମଧ୍ୟ ବଢୁଛି । ଖତ ତିଆରି ପ୍ରଣାଳୀରେ ଦାମୋଦର ନୂଆ ନୂଆ କୌଶଳ ବାହାର କରି ସେଥିରେ ସଫଳ ହୋଇଛନ୍ତି । କେବଳ ଗୋବର ଯୋଗାଡ କରିବା ଛଡା ପଚା ନଡା, ବାଡିଘରର ଅଳିଆ, ଗଛପତ୍ର ଇତ୍ୟାଦିରୁ ପ୍ରସ୍ତୁତ ହେଉଛି ଜିଆଖତ। ବର୍ତ୍ତମାନ ସେ ଏହି ଜିଆଖତରୁ ମାସିକ ୨୦ରୁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବା କୁହନ୍ତି ଦାମୋଦର। ଭଦ୍ରକ ଜିଲାରେ ବଡ ଜିଆଖତ ଚାଷୀଭାବେ ପରିଚିତ ହେବା ସହ ବର୍ତ୍ତମାନ ଭୁବନେଶ୍ୱର, ବାଲେଶ୍ୱର, ବାହାନଗା, ଭଦ୍ରକ ଇତ୍ୟାଦି ବଡ ସାର ଡିପୋକୁ ଟନ ଟନ ଓଜନର ଜିଆଖତ ଯୋଗାଇ ଆସୁଛନ୍ତି ।

ନିଜର ଏତାଦୃଶ କାର୍ଯ୍ୟ ଲାଗି ଭଦ୍ରକ ତ୍ୟାଗଭୂମି ମହୋତ୍ସବ, ବାଣିଜ୍ୟିକ ଛତୁଚାଷରେ ଶ୍ରେଷ୍ଠ ମେରିଟ ସାର୍ଟିଫିକେଟ,୨୦୦୫ ମସିହାରେ ଜିଲା ଉଦ୍ୟାନ କୃଷି ପ୍ରଦର୍ଶନୀ, ୨୦୦୯ ମସିହାରେ ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ରର କିଷାନ ମେଳା, ୨୦୧୧ ମସିହାରେ ରାଜ୍ୟସ୍ତରୀୟ କୃଷକ ସମ୍ମାନ ମହୋତ୍ସବରେ ସମ୍ମାନିତ ହୋଇଛନ୍ତି ସେ। ନିଜର ଅକ୍ଳାନ୍ତ ପରିଶ୍ରମ ସହିତ ପତ୍ନୀ ପ୍ରିୟତମା ସାହୁଙ୍କ ସଂପୂର୍ଣ୍ଣ ସହଯୋଗକୁ ସେ ଶ୍ରେୟ ଦିଅନ୍ତି ।

ଧାମନଗର ଉଦ୍ୟାନ ବିଭାଗ, ଭଦ୍ରକ ଜିଲା ଉପକୃଷି ନିର୍ଦ୍ଦେଶାଳୟ ତରଫରୁ ତାଙ୍କୁ ଉତ୍ସାହିତ କରାଯାଉଛି। ହେଲେ ସମଗ୍ର ରାଜ୍ୟରେ ଜିଆଖତ ପ୍ରସ୍ତୁତିରେ ଅଗ୍ରଣୀ ହେବାକୁ ଉଦ୍ୟମ ଜାରି ରଖିଥିଲେ ବି ଅର୍ଥାଭାବରୁ ନିଜର ସ୍ୱପ୍ନ ଅଧୁରା ରହିଯିବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି ସେ । କୌଣସି ସରକାରୀ ସହାୟତା ମିଳିଲେ ସେ ନିଜର ଫାର୍ମର ସଂପ୍ରସାରଣ କରି ସମଗ୍ର ଜିଲାକୁ ଗୌରବାନ୍ୱିତ କରିପାରନ୍ତେ ବୋଲି ଦୃଢୋକ୍ତି ବ୍ୟକ୍ତ କରିଛନ୍ତି ଦାମୋଦର।

**– ଅଜିତ କୁମାର ରାଉତ**



ପ୍ରଥମ ପୃଷ୍ଠାରୁ...

## ବୈଜୟନ୍ତଙ୍କ ସମେତ...

ଏହାସହିତ ପୁରୀ ପୋଲିସ ଭୁବନେଶ୍ୱର ଇମ୍ପା କାର୍ଯ୍ୟାଳୟକୁ ଯାଇ ହେଲିକପ୍ଟରର ଉଡ଼ାଣ ସମ୍ପର୍କରେ ଛାନ୍‌ଭିନ୍ କରିଥିବା ପୁରୀ ଏସ୍‌ପି ସାର୍ଥକ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

ଚିଲିକାରେ ବୈଜୟନ୍ତଙ୍କ ହେଲିକପ୍ଟର ଉଡ଼ାଣ ସଂକ୍ରାନ୍ତରେ ଏସ୍‌ପି ଷଡ଼ଙ୍ଗୀ ସୂଚନା ଦେଇ କହିଛନ୍ତି ଯେ, ଅରଖକୁଦା ଓ ବାଘମୁଣ୍ଡା ଅଞ୍ଚଳର ୧୦ରୁ ଅଧିକ ଲୋକଙ୍କୁ ଆମେ ପଚରାଉଚରା କରିଛୁ। ଏକ ଧଳାରଙ୍ଗର ହେଲିକପ୍ଟର ଚିଲିକାର କମ୍ ଉଚ୍ଚତାରେ ଜୋର ଶବ୍ଦ କରି ଉଡିବା ସହ ଚିଲିକା ଜଳରାଶିରେ ଅବତରଣ କରିଥିବା ସେମାନେ କହିଛନ୍ତି। ଅନ୍ୟପକ୍ଷରେ ଚିଲିକା ଅଞ୍ଚଳରେ ଉଡ଼ାଣ ପାଇଁ ଇମ୍ପାର ହେଲିକପ୍ଟରକୁ କେବଳ ଅନୁମତି ମିଳିଥିବା ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦର ନିର୍ଦ୍ଦେଶକ ଜଣାଇଛନ୍ତି। ଚିଲିକା ମଧ୍ୟରେ ସକାଳ ୯ଟାରୁ ୧୦ଟା ମଧ୍ୟରେ ଉକ୍ତ ହେଲିକପ୍ଟର ଚକ୍କର କାଟିଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ବୈଜୟନ୍ତଙ୍କ ହେଲିକପ୍ଟରକୁ ଚିଲିକାର ୫ଶହ ଫୁଟ୍ ଉପରେ ଉଡ଼ାଣ ନିମନ୍ତେ ଅନୁମତି ରହିଥିଲା। କିନ୍ତୁ ତାହାକୁ ଉଲ୍ଲଂଘନ କରାଯାଇ ବହୁତ କମ୍ ଉଚ୍ଚତାରେ ହେଲିକପ୍ଟର ଉଡାଣ କରାଯାଇଛି।

ସେ ଆହୁରି ମଧ୍ୟ କହିଛନ୍ତି, ହେଲିକପ୍ଟର ଯେଉଁ ଅଞ୍ଚଳରେ ଚକ୍କର କାଟିଛି ସେଠାରେ ଡଲଫିନ୍ ମଧ୍ୟ ରହିଛନ୍ତି। ଅରଖକୁଦା ସାମୁଦ୍ରିକ ଥାନାରେ ରୁଜୁ ହୋଇଥିବା ୧୬/୧୮ କେସ୍‌ରେ ଆଉ ଏକ ଦଫା ଯୋଡାଯାଇଛି। ବନ୍ୟପ୍ରାଣୀ ସୁରକ୍ଷା ଆଇନର ୫୧ ଧାରାକୁ ଏଥିରେ ଯୋଡା ହୋଇଛି। ବୈଜୟନ୍ତ ଚଳାଉଥିବା ହେଲିକପ୍ଟରରେ ଗ୍ଲାଇଡର ରହିଛି। ଉକ୍ତ ହେଲିକପ୍ଟର ଜଳଭାଗ ଓ ସ୍ଥଳଭାଗ ଉଭୟ ସ୍ଥାନରେ ଅବତରଣ କରିପାରିବ। ବିଜୁ ପଟ୍ଟନାୟକ ବିମାନ ବନ୍ଦର ଇମ୍ପା ହେଙ୍ଗର(ହେଲିକପ୍ଟର ରହୁଥିବା ପ୍ରକୋଷ୍ଠ)ରେ ବୈଜୟନ୍ତ ଚଳାଉଥିବା ହେଲିକପ୍ଟର ସହିତ ସମୁଦାୟ ୩ଟି ଏୟାରକ୍ରାଫ୍ଟ ରହିଛି। ବୈଜୟନ୍ତ ଉଡାଣ କରିଥିବା ହେଲିକପ୍ଟର ନମ୍ବର ହେଉଛି ରବିନସନ୍ ଆର–୪୪। ପୁରୀ ସଦର ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି ଅରଖକୁଦା ସାମୁଦ୍ରିକ ଥାନା ଦାୟିତ୍ୱରେ ରହିଛନ୍ତି। ସେ ଏହି କେସ୍‌ର ତଦନ୍ତ ଅଧିକାରୀ ରହିଛନ୍ତି। ସେ ଇମ୍ପା କାର୍ଯ୍ୟାଳୟକୁ ଯାଇ ଉକ୍ତ ହେଲିକପ୍ଟର କାଗଜପତ୍ର ଯାଞ୍ଚ କରିଛନ୍ତି। ଏହାସହିତ ନୋଟିସ ମଧ୍ୟ ପ୍ରଦାନ କରିଥିବା ଏସ୍‌ପି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ସମ୍ପର୍କରେ ଭୁବନେଶ୍ୱର ବିମାନବନ୍ଦର କର୍ତ୍ତୃପକ୍ଷ ଡିଜିସିଏ (ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ)କୁ ଅବଗତ କରାଇଛନ୍ତି। ଡିଜିସିଏଙ୍କ ପକ୍ଷରୁ ଆଭ୍ୟନ୍ତରୀଣ ତଦନ୍ତ ମଧ୍ୟ ଆରମ୍ଭ ହୋଇଛି। ବର୍ତ୍ତମାନ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଏତଲା, ସ୍ଥାନୀୟ ଲୋକଙ୍କ ଅଭିଯୋଗ ଓ ସୋସିଆଲ ମିଡିଆ ପୋଷ୍ଟ ଆଦିକୁ ନେଇ ତଦନ୍ତ ଚଳାଇଛୁ। ବୈଜୟନ୍ତଙ୍କ ହେଲିକପ୍ଟର ଚିଲିକାର ନିର୍ଦ୍ଧାରିତ ଉଚ୍ଚତାଠାରୁ କମ୍ ଉଚ୍ଚତାରେ ଉଡିଥିବା ମଧ୍ୟ ସ୍ପଷ୍ଟ ହୋଇସାରିଛି। କିନ୍ତୁ ଡିଜିସିଏଙ୍କ ତଦନ୍ତ ରିପୋର୍ଟ ଆସିବା ପରେ ହିଁ ଏହି କେସ୍‌ର ଗତି କ'ଣ ହେବ ତାହା ସ୍ପଷ୍ଟ ହେବ। ଉକ୍ତ ରିପୋର୍ଟକୁ ଭିତ୍ତିକରି ହିଁ ତଦନ୍ତ ପ୍ରକ୍ରିୟା ଆଗକୁ ବଢିପାରିବ ବୋଲି ଏସ୍‌ପି କହିଛନ୍ତି।

ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଶାନ୍ତ ନନ୍ଦ ଗଣମାଧ୍ୟମକୁ କହିଛନ୍ତି ଯେ, ଚିଲିକା ଉପରେ ବିମାନ ଉଡାଣକୁ ମନାକରିବା ନେଇ ସିଡିଏର କୌଣସି ନିୟମ ନାହିଁ। ଗଣାମଧ୍ୟମ ରିପୋର୍ଟ ଏବଂ ସାତପଡ଼ା କନିଷ୍ଠ ଯନ୍ତ୍ରୀଙ୍କ ଲିଖିତ ରିପୋର୍ଟ ପରେ ଏସିଏଫ୍ ଘଟଣାର ଅନୁଧ୍ୟାନ କରିଥିଲେ। ସେ ଯେଉଁ ରିପୋର୍ଟ ଦେଇଥିଲେ ତାହାକୁ ପୋଲିସକୁ ଦିଆଯାଇଛି। ଉକ୍ତ ରିପୋର୍ଟକୁ ମଧ୍ୟ ବିଭାଗ ପକ୍ଷରୁ ତର୍ଜମା କରାଯାଉଛି।

ଏ ନେଇ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ହୋତା କହିଛନ୍ତି, ହେଲିକପ୍ଟର ଉଡ଼ାଣରେ ଆଇନ ଉଲ୍ଲଂଘନ ହୋଇଛି କି ନାହିଁ ତାହାର ତଦନ୍ତ ଡିଜିସିଏ କରିବ। ବୈଜୟନ୍ତଙ୍କ ହେଲିକପ୍ଟର ଅନୁମତି ନେଇ ସକାଳ ୮ଟା ୪୬ମି.ରେ ଉଡ଼ାଣ କରିଥିଲା। ହେଲିକପ୍ଟର ନୋ ଫ୍ଲାଇଂ ଜୋନ୍‌ରେ ଉଡ଼ାଣ କରିଛି କି ନାହିଁ ଏବଂ ଏହା ଚିଲିକାରେ ଲ୍ୟାଣ୍ଡ କରିଛି କି ନାହିଁ ସେ ନେଇ ଆମ ପାଖରେ କୌଣସି ସୂଚନା ନାହିଁ।

ଜଙ୍ଗଲ, ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ କହିଛନ୍ତି ଯେ, ଚିଲିକା ଉପରେ ହେଲିକପ୍ଟର ଉଡିବା ଦ୍ୱାରା ଜୈବବିବିଧତା ନଷ୍ଟ ହେବାର କୌଣସି ସମ୍ଭାବନା ନାହିଁ। ହେଲିକପ୍ଟର ଶବ୍ଦରେ ଚିଲିକାର କୌଣସି ଜୈବବିବିଧତା ନଷ୍ଟ ହୋଇନାହିଁ। ଏହାଦ୍ୱାରା ମତ୍ସ୍ୟଜୀବୀମାନେ ଭୟଭୀତ ହୋଇଛନ୍ତି। ଯାହା କିଛି ହୋଇଛି ସେନେଇ ଥାନାରେ ଏତଲା ହୋଇଛି।

ଚିଲିକାରେ ହେଲିକପ୍ଟର ଉଡ଼ାଣ ନେଇ ଚିଲିକା ପରିବେଶ ପର୍ଯ୍ୟଟନ ମହାସଂଘ ସମ୍ପାଦକ ସଦାଶିବ ଜେନା ଅରଖକୁଦା ସାମୁଦ୍ରିକ ଥାନାରେ ମଙ୍ଗଳବାର ଏକ ଏତଲା ଦାୟର କରିଛନ୍ତି। ଚିଲିକାର କମ୍ ଉଚ୍ଚତାରେ ଏବଂ ପାଣିକୁ ଲାଗିଲା ଭଳି ବୈଜୟନ୍ତ ହେଲିକପ୍ଟର ଉଡ଼ାଣ କରିଛନ୍ତି। ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ସେହିପରି ସଚେତନ ନାଗରିକ ମଞ୍ଚର ଆବାହକ ପୁରୀ ଏସ୍‌ପିଙ୍କ ନିକଟରେ ଏକ ଅଭିଯୋଗ ଦାଖଲ କରିଛନ୍ତି। ଆଇନ ସମସ୍ତଙ୍କ ପାଇଁ ସମାନ। ବୈଜୟନ୍ତଙ୍କ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସଞ୍ଜୟ ଦାସବର୍ମା, ପିନାକୀ ମିଶ୍ର ଏବଂ ମନ୍ତ୍ରିମଣ୍ଡଳର ବିଭିନ୍ନ ନେତୃମଣ୍ଡଳୀ ବେନିୟମ ଭାବେ ଚିଲିକା ଉପରେ ଉଡ଼ାଣ କରିଛନ୍ତି। ତେଣୁ ସେମାନଙ୍କ ବିରୋଧରେ ମାମଲା ରୁଜୁକରି ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି।

## ଅସନ୍ତୋଷ ତେଜିଲା...

ଏବଂ କୋଣାର୍କ ସୂର୍ଯ୍ୟମନ୍ଦିର ଉପରେ ହେଲିକପ୍ଟର ଉଡାଣ କରୁଥିବା ଭିଡିଓକୁ ସେ ଟୁଇଟରରେ ଅପଲୋଡ କରିଛନ୍ତି। ଏହାସହିତ ଶିମିଳିପାଳ ଅଭୟାରଣ୍ୟର ବରେହିପାଣି ଜଳପ୍ରପାତ ଫଟୋ ଟୁଇଟର ଆକାଉଣ୍ଟରେ ଅପଲୋଡ କରି ମତ ରଖିଛନ୍ତି। ଏହି ଭିଡିଓ ଭାଇରାଲ ହେବା ପରେ ନୂଆ ବିବାଦ ମୁଣ୍ଡ ଟେକିଛି। ପୁରୀ ଶ୍ରୀମନ୍ଦିର ଓ ସୂର୍ଯ୍ୟମନ୍ଦିର ଉପରେ ହେଲିକପ୍ଟର ଉଡ଼ାଣ ନେଇ ସିଂହଦ୍ୱାର ଥାନାରେ ଦୁଇଟି ଏତଲା ଦାୟର ହୋଇଛି। ଅନ୍ୟପକ୍ଷରେ କୋଣାର୍କ ସୂର୍ଯ୍ୟମନ୍ଦିରକୁ ନେଇ ଅଭିଜିତ ତାଙ୍କ ଟୁଇଟରରେ ଏକ ଭିଡିଓ ଅପଲୋଡ କରିଛନ୍ତି। ଉକ୍ତ ଭିଡିଓରେ ସୂର୍ଯ୍ୟମନ୍ଦିର କାରୁକାର୍ଯ୍ୟକୁ ନେଇ ବିବାଦୀୟ ମନ୍ତବ୍ୟ ରଖିଛନ୍ତି। ସେ ଉକ୍ତ ଭଡିଓରେ କୋଣାର୍କ ମନ୍ଦିର ଶୃଙ୍ଗାରକଳା ଓ ବାସ୍ତୁକଳାକୁ ସମାଲୋଚନା କରି ଏହା କୌଣସି ପବିତ୍ର ସ୍ଥାନ ହୋଇପାରେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାକୁ ଆମ ହିନ୍ଦୁ ସମାଜରେ ବିରୋଧରେ କରାଯାଇଛି। ଏହା ମୁସଲମାନଙ୍କର ଏକ ଷଡ଼ଯନ୍ତ୍ର। ଆମକୁ ଚାପି ରଖିବା ପାଇଁ ଏଭଳି କରାଯାଇଥିଲା ବୋଲି ଉକ୍ତ ଭିଡିଓରେ ଅଭିଜିତ କହିଛନ୍ତି। ଏପରି କି ଅଭିଜିତ ତାଙ୍କର ଟୁଇଟର ଆକାଉଣ୍ଟରେ ଆହୁରି ଦର୍ଶାଇଛନ୍ତି ଯେ, ସେ ଧନୀମାନଙ୍କ ସପକ୍ଷବାଦୀ ଏବଂ ଗରିବଙ୍କ ବିରୋଧୀ। ମୁଁ ଯେତିକି ସିଗାରେଟ ଟାଣେ ସେଥିରେ ଜଣକର ପାଠପଢା ଖର୍ଚ୍ଚ ହୋଇପାରିବ। ଭାରତବର୍ଷର କୃଷକମାନେ ପରଜୀବୀ (ପାରାସାଇଟ୍)। ଅଭିଜିତଙ୍କ ବିବାଦୀୟ ଟୁଇଟର ଭିଡିଓ ଭାଇରାଲ ହେବା ପରେ ସବୁଠି ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି।

ପୁରୀର ଏକ ସଂଗଠନ ପକ୍ଷରୁ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ଶ୍ରୀମନ୍ଦିର ଓ ସୂର୍ଯ୍ୟମନ୍ଦିର ଉପରେ ହେଲିକପ୍ଟର ଉଡାଣ କରି ଭିଡିଓ ଓ ଫଟୋ ଉତ୍ତୋଳନ କରିଥିବା ନେଇ ଅଭିଯୋଗ ଦର୍ଶାଯାଇଛି। ହେଲିକପ୍ଟର କ୍ୟାପ୍‌ଟେନ ଏବଂ ତାଙ୍କ ସାଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଏତଲାରେ ଦର୍ଶାଯାଇଛି।

ଅନ୍ୟପକ୍ଷରେ କୋଣାର୍କ ସୂର୍ଯ୍ୟମନ୍ଦିରକୁ ନେଇ ଅଭିଜିତ ରଖିଥିବା ବିବାଦୀୟ ମନ୍ତବ୍ୟକୁ ପୁରୀ ବିଜେଡି ନଗର ସଭାପତି ସବ୍ୟସାଚୀ ମହାପାତ୍ର ବିରୋଧ କରିଛନ୍ତି। ସେ ଏ ସଂକ୍ରାନ୍ତରେ ସିଂହଦ୍ୱାର ଥାନାରେ ଏକ ଏତଲା ଦେଇଛନ୍ତି। ଶ୍ରୀମନ୍ଦିର ଓ ସୂର୍ଯ୍ୟମନ୍ଦିର ଉପରେ ହେଲିକପ୍ଟର ଉଡାଣ ଏବଂ ସୂର୍ଯ୍ୟମନ୍ଦିର ସଂକ୍ରାନ୍ତରେ କଦର୍ଥ ମନ୍ତବ୍ୟ ରଖିଥିବା ଅଭିଜିତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସେ ଏତଲାରେ ଦର୍ଶାଇଛନ୍ତି। ପୁରୀ ଏସ୍‌ପି ସାର୍ଥକ ଷଡ଼ଙ୍ଗୀ କହିଛନ୍ତି ଯେ, ସୋସିଆଲ ମିଡିଆରେ ଯେଉଁ ସବୁ ପୋଷ୍ଟ ହୋଇଛି ତାହାକୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ଅଭିଜିତ ଆୟର ମିତ୍ର ଏବଂ ଆରତୀ ଟିକୋଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ। ଯେଉଁ ବିବାଦୀୟ ମନ୍ତବ୍ୟ ରଖିଛନ୍ତି ତାହା ବି ତଦନ୍ତ ପରିସର ଭୁକ୍ତ ହେବ।

## ବିଧାନସଭାରେ ହେଲିକପ୍ଟର,...

ଶ୍ରୀମନ୍ଦିର ଉପରେ ହେଲିକପ୍ଟର ଉଡାଇବା ଓ କୌଣାର୍କ ଉପରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର ବୋଲି ନରସିଂହ କହିଛନ୍ତି। ବିଜେଡି ସଭ୍ୟ ସଞ୍ଜୟ ଦାସବର୍ମା କହିଲେ ଚିଲିକାରେ ହେଲିକପ୍ଟର ଉଡ଼ାଇବାକୁ ନେଇ ଦଳଗତ ନିର୍ବିଶେଷରେ ଉଦ୍‌ବେଗ ପ୍ରକାଶ କରାଯାଇଛି। ଏହା ଏକ ବିଶ୍ୱପ୍ରସିଦ୍ଧ ଜୈବ ମଣ୍ଡଳ। ଏଠାରେ ୩୫୦ ପ୍ରକାର ମତ୍ସ୍ୟ ଓ ବିରଳ ଇରାୱାଡି ଡଲଫିନଙ୍କ ବାସସ୍ଥଳୀ। ୨ ଲକ୍ଷ ମତ୍ସ୍ୟଜୀବୀ ଏହା ଉପରେ ନିର୍ଭର କରୁଛନ୍ତି। ସରକାର ଏହାର ତଦନ୍ତ କରୁଛନ୍ତି। ବୈଜୟନ୍ତଙ୍କ ସହଯୋଗୀ ଅଭିଜିତ୍ କୋଣାର୍କ ମନ୍ଦିର ଉପରେ ଯେଉଁ ଭିଡିଓ ସୋସିଆଲ ମିଡିଆରେ ଛାଡ଼ିଛନ୍ତି ତାହା ଅତ୍ୟନ୍ତ ଆପତ୍ତିଜନକ। ଆମେ ଏହାକୁ କଦାପି ବରଦାସ୍ତ କରିବୁ ନାହିଁ। ଭାଜପା ସଭ୍ୟ କେ.ଭି. ସିଂଦେଓ କହିଲେ, ଚିଲିକାରେ ଶହ ଶହ ମୋଟର ଚାଳିତ ଡଙ୍ଗା ଚଳାଚଳ ହେଉଛି। ଏହା କ'ଣ ପରିବେଶକୁ କ୍ଷତି କରୁନାହିଁ। ହେଲିକପ୍ଟର ଉଡ଼ିଲେ ଯଦି ସମସ୍ୟା ହେଉଛି ତେବେ ଏହି ବୋଟଗୁଡିକୁ ମଧ୍ୟ ବନ୍ଦ କରିବା ଦରକାର। ବିଜେଡି ଦୋମୁହାଁ ନୀତି ଅବଲମ୍ବନ ନ କରିବା ଉଚିତ। ଅଭିଜିତ୍‌ଙ୍କ ସହ ଭାଜପାକୁ ଯୋଡ଼ି ରାଜନୀତି କରା ନ ଯାଉ। ସେହି ବ୍ୟକ୍ତିଙ୍କ ସହ ଦଳର କୌଣସି ସମ୍ପର୍କ ନାହିଁ। ଯଦି କୌଣସି ବ୍ୟକ୍ତି ଆଇନ ଖିଲାପ କରିଛନ୍ତି ତେବେ ଡିଜିସିଏଙ୍କ ରିପୋର୍ଟ ପରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ବୋଲି ସେ କହିଥିଲେ। ବିଜେଡି ସଭ୍ୟ ସମୀର ରଞ୍ଜନ ଦାଶ, ଅମର ଶତପଥୀ, କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି କୋଣାର୍କ ଉପରେ ଅଭିଜିତ୍ ଦେଇଥିବା ମନ୍ତବ୍ୟକୁ କଡ଼ା ସମାଲୋଚନା କରିବା ସହ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଭାଜପା ସଭ୍ୟ ପ୍ରଦୀପ ପୁରୋହିତ କହିଲେ, ଧର୍ମର ସୁରକ୍ଷା ଠିକା ବିଜେଡି ନେଇନାହିଁ। ସରକାର ହିସାବରେ ସୁରକ୍ଷା ଦେଇ ପାରିବେ। ଓଡ଼ିଶାକୁ ଯିଏ ଅସମ୍ମାନ କରିବ ତାକୁ ଛଡ଼ାଯିବ ନାହିଁ। ଚିଲିକାରେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଗଲେ ପରିବେଶ ନିୟମ ଉଲ୍ଲଂଘନ ହେଉନାହିଁ । ଅନ୍ୟ ଯିଏ ଯିବେ ଉଲ୍ଲଂଘନ ହେଉଛି। ମୁଖ୍ୟମନ୍ତ୍ରୀ କ'ଣ ଆଇନର ଉର୍ଦ୍ଧ୍ୱରେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ସମବାୟ ଦୁର୍ନୀତି ବିଷୟକୁ ଏଡାଇବା ପାଇଁ ଶାସକ ଦଳ ଏଭଳି ଚାଲ କରିଛି ବୋଲି ସେ ଅଭିଯୋଗ କରିଥିଲେ। ବିଜେଡି ସଭ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମୁକ୍ତିକାନ୍ତ ମଣ୍ଡଳ, ବ୍ୟୋମକେଶ ରାୟ ଅଭିଜିତ୍‌ଙ୍କ ବିରୋଧରେ ବିକ୍ଷୋଦ୍‌ଗାର କରିବା ସହ ଉଭୟଙ୍କ ଗିରଫ ଦାବି କରିଥିଲେ।

$ Dollar 72.98 (47) | Sensex 294.84 37,290.67 | Nifty 98.85 11,278.90 | Gold ₹10 31,610.00 | Silver ₹20 37,700.00



ବଜାରରେ ଯେତେବେଳେ ଏକ ଉତ୍ତମ ମୂଲଚାଲର ବାତାବରଣ ମିଳୁଛି ସେତେବେଳେ ହିଁ ବିକ୍ରି କରନ୍ତୁ।
– ସାର୍ ଜନ୍ ଟେମ୍ପଲ୍‌ଟନ୍, ବ୍ରିଟିଶ୍ ନିବେଶକ



ଯିଏ ବର୍ତ୍ତମାନ ନିବେଶ କରୁନାହିଁ ସେ ହିଁ ବର୍ତ୍ତମାନର ସୁବର୍ଣ୍ଣ ସୁଯୋଗକୁ ହରାଉଛି।
– କାର୍ଲୋସ ସ୍ଲିମ୍, ସିଇଓ, ଟେଲ୍‌ମେକ୍ସ

## ସଂକ୍ଷେପରେ

### ବୁଲେଟ ଟ୍ରେନକୁ ୧ହଜାର ଚାଷୀଙ୍କ ବିରୋଧ

**ଅହମ୍ମଦାବାଦ,୧୮-୯:** ମୁମ୍ବାଇ-ଅହମ୍ମଦାବାଦ ମଧ୍ୟରେ ଚାଲିବାକୁ ଥିବା ବୁଲେଟ ଟ୍ରେନ ପ୍ରକଳ୍ପକୁ ଗୁଜରାଟର ୧ ହଜାର ଚାଷୀ ବିରୋଧ କରିଛନ୍ତି। ସେମାନେ ମଙ୍ଗଳବାର ଗୁଜରାଟ ହାଇକୋର୍ଟରେ ଏ ସଂକ୍ରାନ୍ତରେ ସତ୍ୟପାଠ ଦାଖଲ କରିଛନ୍ତି। ମୁଖ୍ୟ ବିଚାରପତି ଆର୍. ସୁଭାଷ ରେଡ୍ଡୀ ଏବଂ ବିଚାରପତି ଭି.ଏମ୍ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ପୂର୍ବରୁ ହାଇସ୍ପିଡ ରେଳ ପ୍ରକଳ୍ପକୁ ବିରୋଧ କରି ଆଗତ ୫ ମାମଲାର ଶୁଣାଣି କରୁଛନ୍ତି। କେନ୍ଦ୍ର ସରକାରଙ୍କ ବହୁ ଆକାଂକ୍ଷିତ ୧.୧୦ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ଯୋଗୁ ଚାଷୀମାନେ କ୍ଷତିଗ୍ରସ୍ତ ହେବାକୁ ଯାଉଛନ୍ତି ବୋଲି ୧ ହଜାର ଚାଷୀ ନିଜର ସତ୍ୟପାଠରେ ଦର୍ଶାଇଛନ୍ତି। ବୁଲେଟ ଟ୍ରେନ ଯିବାକୁ ଥିବା ଜିଲ୍ଲାର ଚାଷୀ ମାନେ ସତ୍ୟପାଠ ଦାଖଲ କରି ପ୍ରକଳ୍ପ ପାଇଁ ସେମାନେ ନିଜର ଜମି ଦେବାକୁ ଚାହାନ୍ତି ନାହିଁ ବୋଲି କହିଛନ୍ତି। ଏହାଛଡା ସରକାରଙ୍କ ଜମି ଅଧିଗ୍ରହଣ ଭାରତକୁ ଋଣ ଯୋଗାଉଥିବା ଜାପାନ ଇଣ୍ଟରନ୍ୟାଶନାଲ କୋଅପରେଶନ ଏଜେନ୍ସି(ଜାଇକା)ର ନିର୍ଦ୍ଦେଶାବଳୀକୁ ମଧ୍ୟ ଏହା ବିରୁଦ୍ଧାଚରଣ କରୁଛି ବୋଲି ସତ୍ୟପାଠରେ ଦର୍ଶାଯାଇଛି।

### ଜିଏସ୍‌ଟି କମିଶନରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ସିଭିସିଙ୍କ ସୁପାରିସ

**ନୂଆଦିଲ୍ଲୀ,୧୮-୯:** ଲାଞ୍ଚ ନେଇ ଧରାପଡିଥିବା କାନପୁର ରେଞ୍ଜର ଜିଏସ୍‌ଟି କମିଶନର ସଂସାର ଚାନ୍ଦଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସେଣ୍ଟ୍ରାଲ ଭିଜିଲାନ୍ସ କମିଶନର(ସିଭିସି) କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି। ୧୯୮୬ ବ୍ୟାଚ୍‌ର ଏହି ଆଇଆର୍‌ଏସ୍‌ଙ୍କୁ ସିବିଆଇ ଚଳିତ ବର୍ଷ ଫେବୃୟାରୀରେ ଲାଞ୍ଚ ନେବା ବେଳେ ଧରିଥିଲା। ଚାନ୍ଦ କାନପୁରରେ ଜିଏସ୍‌ଟି କମିଶନର ଭାବେ ଅବସ୍ଥାପିତ ରହିଥିବାବେଳେ ରିମଝିମ ଇସ୍ପାତ ଲିମିଟେଡ, ସାର୍ ପାନ ମସଲା, ସୁଗନ୍ଧି ପ୍ରାଇଭେଟ ଲିମିଟେଡ ଆଦିଙ୍କଠାରୁ ବହୁ କୋଟି ଟଙ୍କା ଲାଞ୍ଚ ନେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ସେଣ୍ଟ୍ରାଲ ଜିଏସ୍‌ଟି ଆଇନାନୁଯାୟୀ ଅନୁକମ୍ପା ପ୍ରଦାନ, ଟିକସ ଲୁଚାଇବା, ତଥ୍ୟକୁ ଲୁଚାଇବା ଆଦି କ୍ଷେତ୍ରରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ।

# ନୀରବଙ୍କୁ ପ୍ରତ୍ୟର୍ପଣ ଲାଗି ବ୍ରିଟେନ ଅମଙ୍ଗ

- ଭାରତୀୟ ଯାଞ୍ଚ ଏଜେନ୍ସିକୁ ଚିଠି ଲେଖିଲା ଏସ୍‌ଏଫଓ
- ହୀରା ବ୍ୟବସାୟୀଙ୍କୁ ଭାରତର ଯାଞ୍ଚ ରିପୋର୍ଟ ଦେଖାଇବାକୁ ପ୍ରସ୍ତାବ
- ମାମଲା ଦୁର୍ବଳ କରିବାକୁ ଉଦ୍ୟମ



ନୂଆଦିଲ୍ଲୀ,୧୮-୯

ହୀରା ବ୍ୟବସାୟୀ ନୀରବ ମୋଦି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ରୁ ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କାର ଋଣ ଦୁର୍ନୀତି କରି ଏବେ ବ୍ରିଟେନରେ ଲୁଚିଛନ୍ତି। ଅନ୍ୟପକ୍ଷରେ ବ୍ରିଟେନ ସରକାର ନିଜ ଦେଶର ଆଇନର ଦ୍ୱାହି ଦେଇ ଏବେ ତାଙ୍କୁ ସୁରକ୍ଷା ଦେବାକୁ ଉଦ୍ୟମ ଆରମ୍ଭ କରିଦେଇଛି। ନୀରବଙ୍କୁ ପ୍ରତ୍ୟର୍ପଣ ଲାଗି ଭାରତ ଅନୁରୋଧ କରିସାରିଥିଲେ ହେଁ ଏଥିପ୍ରତି ଇଂଲଣ୍ଡ ଆଗ୍ରହୀ ଥିବା ମନେ ହେଉ ନାହିଁ। କୋର୍ଟରେ ପ୍ରତ୍ୟର୍ପଣ ମାମଲା ଆସିବା ପୂର୍ବରୁ ଭାରତ ପଠାଇଥିବା ଯାଞ୍ଚ ରିପୋର୍ଟ(ଯେଉଁଥିରେ ପିଏନ୍‌ବି ଯାଞ୍ଚର ସମସ୍ତ କାଗଜପତ୍ର ଯୋଡାଯାଇଛି)କୁ ନୀରବଙ୍କୁ ଦେଖାଇବାକୁ ବ୍ରିଟେନ ସରକାର ଇଚ୍ଛୁକ। ସେଠା ସରକାରଙ୍କ ଏଭଳି ଉଦ୍ୟମରେ ଭାରତ ହତବାକ୍।

ପ୍ରାପ୍ତ ସୂଚନାରୁ ଜଣାପଡିଛି, ଇଂଲଣ୍ଡ ସରକାରଙ୍କ ପକ୍ଷରୁ ଆର୍ଥିକ ବିବାଦ ସଂକ୍ରାନ୍ତୀୟ ସମସ୍ତ ମାମଲାର ଦେଖାଶୁଣା କରୁଥିବା ସିରିୟସ ଫ୍ରଡ୍ ଅଫିସ୍(ଏସ୍‌ଏଫ୍‌ଓ) ନିକଟରେ ଭାରତୀୟ ଯାଞ୍ଚ ଏଜେନ୍ସିଙ୍କ ନିକଟକୁ ଏକ ପତ୍ର ପଠାଇଛି। ଏହି ପତ୍ର ପାଇଁ ସିବିଆଇ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ସମେତ ସମସ୍ତ ଯାଞ୍ଚ ଏଜେନ୍ସିଙ୍କ ମୁଣ୍ଡବ୍ୟଥା ବଢ଼ିଯାଇଛି। ଏସ୍‌ଏଫ୍‌ଓ ତାଙ୍କ ପତ୍ରରେ ଦର୍ଶାଇଛନ୍ତି, ପିଏନ୍‌ବିର ଦୁର୍ନୀତି ଟଙ୍କାକୁ ନୀରବ ମୋଦି ବ୍ରିଟେନରେ ରଖି ନ ଥିବାରୁ ତାଙ୍କ ବିରୋଧରେ ଦେଶର ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଅସମ୍ଭବ। ଭାରତୀୟ ଯାଞ୍ଚ ଏଜେନ୍ସିଙ୍କ ଦ୍ୱାରା ପ୍ରେରିତ ଚିଠି ଓ ତତ୍‌ସଂକ୍ରାନ୍ତୀୟ ରିପୋର୍ଟକୁ ଏହା ନୀରବଙ୍କୁ ଦେଖାଇପାରେ। ଏଭଳି କୌଣସି ଅଭିଯୋଗ ଆସିଲେ ଇଂଲଣ୍ଡର ଆଇନାନୁସାରେ ତାହା କରାଯାଇଥାଏ। ଏସ୍‌ଏଫଓର ପତ୍ର ପାଇ ଯାଞ୍ଚ ଏଜେନ୍ସିଗୁଡିକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନେ ଯୁକ୍ତି ଦର୍ଶାଇଛନ୍ତି ଯେ, ଭାରତ ଓ ବ୍ରିଟେନ ମଧ୍ୟରେ ପ୍ରତ୍ୟର୍ପଣ ଚୁକ୍ତି ସ୍ୱାକ୍ଷରିତ ହୋଇଥିବାରୁ ଲୁଚିଥିବା ହୀରା ବ୍ୟବସାୟୀ ନୀରବ ମୋଦିଙ୍କୁ ହସ୍ତାନ୍ତର କରାଯିବା ଉଚିତ୍। ଏହା ନ କରି ବ୍ରିଟେନ ସରକାର ଅଭିଯୁକ୍ତଙ୍କୁ ସମସ୍ତ କାଗଜପତ୍ର ଦେଖାଇବାକୁ ବାହାରିଛନ୍ତି। ନୀରବ ଏହାର ଫାଇଦା ଉଠାଇ ଅଦାଲତରେ ତାଙ୍କ ବିରୋଧରେ ଆଗତ ମାମଲାକୁ ନିଜ ସପକ୍ଷରେ ନେଇପାରିବେ। ଭାରତର ଦାବିକୁ ପ୍ରତ୍ୟାଖ୍ୟାନ କରି ସେ ନିଜ ସପକ୍ଷରେ ମିଛ ଦାବି କରିପାରିବେ। ନୀରବଙ୍କ ବିରୋଧରେ ସ୍ୱତନ୍ତ୍ର ଯାଞ୍ଚ ଆରମ୍ଭ କରିବା ଲାଗି ଏସ୍‌ଏଫଓ ଅଣ୍ଟାଭିଡିଛି। ସେହି କାରଣରୁ ପିଏନ୍‌ବିରେ କେତେ ଟଙ୍କାର ଦୁର୍ନୀତି ହୋଇଛି, ନୀରବ ମୋଦି କିପରି ଫାଇଦା ପାଇଛନ୍ତି, ତାଙ୍କର ଜବତ ସମ୍ପତ୍ତିର ପରିମାଣ କେତେ, କିଭଳି ଆପରାଧିକ ମାମଲା ଚାଲିଛି ଏ ସମ୍ପର୍କରେ ବିସ୍ତାରିତ ତଥ୍ୟ ଜଣାଇବାକୁ ପତ୍ରରେ ଉଲ୍ଲେଖ କରାଯାଇଛି। କେବଳ ସେତିକି ନୁହେଁ ଇଂଲଣ୍ଡର ଆଇନ ଅନୁଯାୟୀ ନୀରବଙ୍କ ବିରୋଧରେ ମାମଲା ଚଳାଇବା ଲାଗି ଯାଞ୍ଚର ସମସ୍ତ କାଗଜପତ୍ର ବ୍ରିଟେନ ସରକାରଙ୍କୁ ଦେବାକୁ ପତ୍ରରେ ଉଲ୍ଲେଖ କରାଯାଇଛି। ପତ୍ରରେ ଉଲ୍ଲେଖ ଆଉ ଏକ ତଥ୍ୟ ଭାରତୀୟ ଏଜେନ୍ସିକୁ ସବୁଠାରୁ ଚିନ୍ତାରେ ପକାଇଛି। ଏଥିରେ କୁହାଯାଇଛି ଯେ, ନୀରବ ମୋଦି ପିଏନ୍‌ବିର ଋଣ ଟଙ୍କାକୁ ଦୁବାଇ, ହଂକଂ ଏବଂ ସଂଯୁକ୍ତ ଆରବ ଏମିରେଟ୍ସରେ ସ୍ଥାନାନ୍ତର କରିଛନ୍ତି। ଏହି ଟଙ୍କାକୁ ସେ ବ୍ରିଟେନରେ ଟ୍ରାନ୍ସଫର କରିନାହାନ୍ତି। ଇଂଲଣ୍ଡକୁ ନୀରବ ଟଙ୍କା ପଠାଇଥିବା ନେଇ ଭାରତ ନିକଟରେ କୌଣସି ପ୍ରମାଣ ରହିଛି କି ବୋଲି ପତ୍ରରେ ପ୍ରଶ୍ନ କରାଯାଇ ତଥ୍ୟ ଯୋଗାଇବାକୁ କୁହାଯାଇଛି। ବ୍ରିଟେନର ଆଇନାନୁଯାୟୀ ଆପରାଧିକ ଷଡ଼ଯନ୍ତ୍ର କରି ଠକି ନିଆଯାଇଥିବା ଅର୍ଥକୁ ସେ ଦେଶକୁ ସ୍ଥାନାନ୍ତର କରାଯିବା କ୍ଷେତ୍ରରେ ହିଁ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ। ସିବିଆଇର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଏସ୍‌ଏଫଓର ପତ୍ରରୁ ସ୍ପଷ୍ଟ ହେଉଛି ଯେ, ବ୍ରିଟେନ ନୀରବ ମୋଦିଙ୍କୁ ଭାରତ ହାତରେ ଟେକି ଦେବାକୁ ଆଦୌ ଇଚ୍ଛୁକ ନୁହେଁ। ଇଂଲଣ୍ଡରେ ଲୁଚି ଥିଲେ ମଧ୍ୟ ନୀରବଙ୍କୁ ଏହି କାରଣରୁ ଅଦ୍ୟାବଧି ଗିରଫ କରାଯାଇନି।

### ବିଦେଶରୁ ଜବତ ହେବ ସ୍ଥାବର ସମ୍ପତ୍ତି

**ନୂଆଦିଲ୍ଲୀ,୧୮-୯(ପିଟି):** ନୀରବ ମୋଦିଙ୍କର ବିଦେଶରେ ଥିବା ୪୦୦୦ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଜବତ କରିବ। ବେଆଇନ ଅର୍ଥକାରବାର ନିରୋଧ ଆଇନ୍ ଅନ୍ତର୍ଗତ କାର୍ଯ୍ୟାନୁଷ୍ଠାନକୁ ଅଧିକ ବଳବତ୍ତର କରିବା ପାଇଁ ଇଡି ପ୍ରକ୍ରିୟା ଚଳାଇଛି। ଇଡିର ଜଣେ ବରିଷ୍ଠ ଅଧିକାରୀ ଏହି ସୂଚନା ଦେଇ କହିଛନ୍ତି, ଆମେରିକା, ଲଣ୍ଡନ, ସୁଇଜରଲାଣ୍ଡ, ହଂକଂ ଏବଂ ସିଙ୍ଗାପୁରରେ ନୀରବ ଓ ତାଙ୍କ ପରିବାରର ଥିବା ସମସ୍ତ ସ୍ଥାବର ସମ୍ପତ୍ତି ଜବତ ପାଇଁ ପ୍ରକ୍ରିୟା ଚାଲିଛି।

## ଚନ୍ଦାଙ୍କ ମାମଲାରେ ସେବିକୁ ଆଇସିଆଇସିଆଇର ଚିଠି

ମୁମ୍ବାଇ,୧୮-୯

ଭିଡିଓକନ ଗ୍ରୁପ୍‌କୁ ଋଣ ଦେଇ ବିବାଦରେ ଫସିଥିବା ଆଇସିଆଇସିଆଇ ବ୍ୟାଙ୍କର ସିଇଓ ଚନ୍ଦା କୋଚରଙ୍କ ମାମଲାକୁ ରଫାଦଫା କରିବା ଲାଗି ବ୍ୟାଙ୍କ ପକ୍ଷରୁ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି)କୁ ପତ୍ର ଲେଖାଯାଇଛି। ପରିଚାଳନାଗତ ତ୍ରୁଟି ହୋଇଥିବା ସ୍ୱୀକାର କରି ବିବାଦର ଫଇସଲା ଲାଗି ବ୍ୟାଙ୍କ କହିଛି। ଏ ସମ୍ପର୍କରେ ସେବି ଅଧ୍ୟକ୍ଷ ଏ. ତ୍ୟାଗୀ କହିଛନ୍ତି, ଆଇସିଆଇସିଆଇକୁ ପଠାଯାଇଥିବା ନୋଟିସର ଜବାବ ମିଳିଛି।

## ଏଟିଏମ୍ କାଉଣ୍ଟର ଉପରେ ସୌର ପ୍ୟାନେଲ ଲଗାଇବ ଏସ୍‌ବିଆଇ

ମୁମ୍ବାଇ,୧୮-୯(ପି.ଟି.)

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ଏହାର ଏଟିଏମ୍ କାଉଣ୍ଟରରେ ସୌର ପ୍ୟାନେଲ ସ୍ଥାପନ କରିବ। ଦେଶର ଏହି ସର୍ବବୃହତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଆସନ୍ତା ୨ ବର୍ଷ ମଧ୍ୟରେ ପାଖାପାଖି ୧୦,୦୦୦ ଏଟିଏମ୍ କାଉଣ୍ଟରରେ ଏହି ବ୍ୟବସ୍ଥା କରିବା ପାଇଁ ଯୋଜନା ରଖିଛି। ବର୍ତ୍ତମାନ ପ୍ରାୟ ୧୨୦୦ ଏଟିଏମ୍‌ରେ ସୌର ପ୍ୟାନେଲ ବ୍ୟବସ୍ଥା କରାଯାଇଥିବା ବେଳେ ଏହାକୁ ସମ୍ପ୍ରସାରଣ କରିବା ପାଇଁ ଏସ୍‌ବିଆଇ ଯୋଜନା କରିଛି। ବ୍ୟାଙ୍କର ମୁଖ୍ୟ ବିତ୍ତ ଅଧିକାରୀ ପ୍ରଶାନ୍ତ କୁମାର ମଙ୍ଗଳବାର ଏହା କହିଛନ୍ତି। ସେ କହିଛନ୍ତି, ସାରା ଦେଶରେ ଏହାର ପାଖାପାଖି ୧୫୦ଟି ଶାଖାର ଛାତ ଉପରେ ସୌର ପ୍ୟାନେଲ ବ୍ୟବସ୍ଥା ରହିଛି । ଆସନ୍ତା ବର୍ଷ ଶେଷ ସୁଦ୍ଧା ଆଉ ୧୦୦ ଟି ଏଭଳି ବ୍ୟାଙ୍କ ଶାଖା ଚିହ୍ନଟ କରାଯିବ। ଖାଲି ସେତିକି ନୁହେଁ, ୨୦୩୦ ସୁଦ୍ଧା ବ୍ୟାଙ୍କ ଏହାର ସମସ୍ତ ଯାନକୁ ବିଦ୍ୟୁତଚାଳିତ ଯାନରେ ରୂପାନ୍ତରିତ କରିବ ବୋଲି ଯୋଜନା ରହିଥିବା ସେ କହିଛନ୍ତି।

## ମାମଲା ହାରିଲା ଇନ୍‌ଫୋସିସ୍
## ପୂର୍ବତନ ସିଏଫ୍‌ଓଙ୍କୁ ଦେବ ୧୨.୧୭ କୋଟି

ନୂଆଦିଲ୍ଲୀ,୧୮-୯

ଆଇଟି ସେକ୍ଟରରେ ଅନ୍ୟତମ ଅଗ୍ରଣୀ କମ୍ପାନୀ ଇନଫୋସିସ୍ ଏହାର ପୂର୍ବତନ ମୁଖ୍ୟ ଆର୍ଥିକ ଅଧିକାରୀ(ସିଏଫଓ) ରାଜୀବ ବନସଲଙ୍କୁ ଆର୍ଥିକ ପ୍ୟାକେଜ ବାବଦରେ ବକେୟା ୧୨.୧୭ କୋଟି ଟଙ୍କା ଦେବ। ଏଥିସହ କମ୍ପାନୀ ସୁଧ ମଧ୍ୟ ପ୍ରଦାନ କରିବ। ଆର୍‌ବିଟ୍ରେସନ ଟ୍ରିବ୍ୟୁନାଲରେ ବନସଲଙ୍କ ପକ୍ଷରୁ ଆଗତ ମାମଲାରେ ଇନଫୋସିସ୍ ହାରିଯାଇଛି। ଇନଫୋସିସ୍ ତାଙ୍କୁ ୧୭.୩୮ କୋଟି ଟଙ୍କାର ବିଚ୍ଛେଦ ପ୍ୟାକେଜ ଦେଇ ନାହିଁ ବୋଲି ବନସଲ ଟ୍ରିବ୍ୟୁନାଲରେ ଅଭିଯୋଗ କରିଥିଲେ। କମ୍ପାନୀ ଛାଡ଼ିବା ପରେ ଇନଫୋସିସ୍ ବନସଲଙ୍କୁ ୫.୨ କୋଟି ଟଙ୍କା ପ୍ରଦାନ କରିଥିଲା। ତେବେ ଏହାକୁ ଅନ୍ୟତମ ପ୍ରତିଷ୍ଠାତା ଏନ.ଆର୍ ନାରାୟଣମୂର୍ତ୍ତି ବିରୋଧ କରିବା ପରେ କମ୍ପାନୀ ଅବଶିଷ୍ଟ ଅର୍ଥ ଦେଇ ନ ଥିଲା।



ଏହାପରେ ବନସଲ ୨୦୧୫ରେ ମାମଲା ଦାୟର କରିବା ପରେ ଇନଫୋସିସ୍ ଦେଇଥିବା ଅର୍ଥକୁ ଫେରସ୍ତ ଦେଉ କହି ପାଲ୍‌ଟା ଏକ ମାମଲା ଦାୟର କରିଥିଲା। କମ୍ପାନୀକୁ ବନଶଲ କ୍ଷତିପୂରଣ ଦିଅନ୍ତୁ ବୋଲି ଇନଫୋସିସ୍ ଓଲଟା କହିଥିଲା।

# ହାଇଏଣ୍ଡ ଇଲେକ୍‌ଟ୍ରୋନିକ୍ସ ପ୍ରଡକ୍ଟ ଆଡ଼କୁ ମୁହାଁଉଛନ୍ତି ଗ୍ରାହକ



ରାଜେଶ ଗୁପ୍ତା

କଞ୍ଜ୍ୟୁମର ଡ୍ୟୁରେବଲ୍ସ ଓ ଡିଜିଟାଲ ପ୍ରଡକ୍ଟ (ହାଇଏଣ୍ଡ ଇଲେକଟ୍ରୋନିକ୍ସ ପ୍ରଡକ୍ଟ) ପ୍ରତି ଗ୍ରାହକଙ୍କ ଚାହିଦା ଏବେ ବଢ଼ିଛି। ଏହି ଧାରାରେ ନୂଆ ନୂଆ ମାନୁଫାକ୍‌ଚରର ଯୋଡି ହେଉଛନ୍ତି। କମ୍ପାନୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଜୋରଦାର ହେଉଛି। ରାଜ୍ୟରେ ଇଲେକଟ୍ରୋନିକ୍ସ ଓ ଡିଜିଟାଲ ପ୍ରଡକ୍ଟର ରିଟେଲ୍ ତଥା ବିତରଣ କ୍ଷେତ୍ରରେ ‘ଗୁପ୍ତା ଡିଷ୍ଟ୍ରିବ୍ୟୁଟର’ ଏକ ପରିଚିତ ନାମ। ଏହା ବର୍ତ୍ତମାନ ଦେଶର ୪୦ ମାନୁଫାକ୍‌ଚରରଙ୍କ ସହ ଯୋଡି ହୋଇ କାର୍ଯ୍ୟ କରୁଛି। ଉନ୍ନତ ଗ୍ରାହକ ସେବାକୁ ଏହା ଅଗ୍ରାଧିକାର ଦେଉଛି। ଗୋଟିଏ ଷ୍ଟୋରରୁ ଆରମ୍ଭ ହୋଇ ଏହା ବର୍ତ୍ତମାନ ଟ୍ୱିନସିଟିର ୭ ଓ ସାରା ରାଜ୍ୟରେ ମୋଟ୍ ୧୩ ଶୋ’ରୁମ ସହ ପ୍ରଡକ୍ଟ ଓ ସେବା ଯୋଗାଇ ଦେଉଛି। ଏହି କ୍ରମରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟରର ଆଗାମୀ ଯୋଜନା ତଥା ଆଭିମୁଖ୍ୟ ସମ୍ପର୍କରେ ଏହାର ସ୍ୱତ୍ୱାଧିକାରୀ ରାଜେଶ ଗୁପ୍ତା ‘ଧରିତ୍ରୀ’କୁ ଦେଇଥିବା ସାକ୍ଷାତକାର...

**ଗୁପ୍ତା ଡିଷ୍ଟ୍ରିବ୍ୟୁଟରର ଯାତ୍ରା ସମ୍ପର୍କରେ କ’ଣ କହିବେ?**

୧୯୭୨ରେ କଟକର ତିନିକୋଣିଆ ବଗିଚାଠାରେ ଉତ୍କଳ ସେଲସ୍ କର୍ପୋରେଶନ ନାମରେ ମୋ ପିତା ପ୍ରଥମେ ବାଣିଜ୍ୟ ସ୍ଥାପନ କରିଥିଲେ। ଏହା ପରେ ୧୯୭୯ରେ ବକ୍ସିବଜାରଠାରେ ଗୁପ୍ତା ସେଲସ କର୍ପୋରେଶନ ନାମରେ ଅନ୍ୟ ଏକ ଶୋ’ରୁମ ଆରମ୍ଭ ହୋଇଥିଲା। ଆପ୍ଲାଏନ୍ସ ଏବଂ ଫ୍ୟାନରୁ ବ୍ୟବସାୟର ଆରମ୍ଭ। ୧୯୯୦ରେ ଦୋଳମୁଣ୍ଡେଇଠାରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର ସ୍ଥାପନ ହେଲା। ୧୯୯୨ରେ ଇଲେକଟ୍ରୋନିକ୍ସ ଆଇଟମ୍ ବିକ୍ରିରେ କମ୍ପାନୀ ପ୍ରବେଶ କରିଥିଲା। ରେଭେନ୍ସା କଲେଜରୁ ବାଣିଜ୍ୟ ଶିକ୍ଷା ପରେ ପାରିବାରିକ ବ୍ୟବସାୟରେ ଯୋଗ ଦେଇଥିଲି। ୧୯୯୨ରେ ବିପିଏଲ୍ ଟିଭି ବିକ୍ରି ପାଇଁ ସେହି କମ୍ପାନୀ ସହ ଯୋଡି ହେଲୁ। ଏହି ସମୟରେ ୪ଟି ଟିଭି ବିକିବା ପାଇଁ ଗୋଟିଏ ମାସ ସମୟ ଲାଗିଥିଲା। ୧୯୯୫ରେ ଓଡିଶାରେ କମ୍ପାନୀର ତୃତୀୟ ବୃହତ ଟିଭି ବିକ୍ରେତା ଭାବେ ମାନ୍ୟତା ହାସଲ କରିଥିଲୁ। ଏହା ପରେ ଫିଲିପ୍ସ, ଗୋଦ୍‌ରେଜ, ଭିଡିଓକନ୍ ଭଳି ଅନ୍ୟ କମ୍ପାନୀ ସହ ମିଶି କାର୍ଯ୍ୟ କଲୁ। ୧୯୯୭ରେ ଏଲ୍‌ଜି, ୧୯୯୯ରେ ସାମ୍‌ସଙ୍ଗ ସହ ମିଳିତ ହେଲୁ। ୧୯୯୯ରେ ଫିଲିପ୍ସ ଟିଭିର ବିତରକ ହେଲୁ। ଏହା ପରେ ପରେ ଦେଶର ଅନ୍ୟ ପ୍ରମୁଖ କମ୍ପାନୀ ଏହି ଧାରାରେ ଯୋଡି ହୋଇଛନ୍ତି। ବିତରଣ ଲାଗି ୧୪ ପ୍ରମୁଖ କମ୍ପାନୀ ସହ ଗୁପ୍ତା ଡିଷ୍ଟ୍ରିବ୍ୟୁଟର ଯୋଡି ହୋଇଛି।

**ଗୁପ୍ତା ଡିଷ୍ଟ୍ରିବ୍ୟୁଟର କାହିଁକି ସ୍ୱତନ୍ତ୍ର?**

ଆମେ ଗ୍ରାହକଙ୍କୁ ମୂଳରୁ ଅଗ୍ରାଧିକାର ଦେଇ ଆସିଛୁ। ଗୁପ୍ତା ଡିଷ୍ଟ୍ରିବ୍ୟୁଟର ଉପରେ ରହିଥିବା ଗ୍ରାହକଙ୍କ ବିଶ୍ୱାସ ଆମର ମୂଳପୁଞ୍ଜି। ଏହାକୁ ଆଧାର କରି ଅଭିବୃଦ୍ଧି ଦିଗରେ ଅଗ୍ରସର ହେଉଛୁ। ଗ୍ରାହକଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି କମ୍ପିଟିଭ୍ ମୂଲ୍ୟରେ ଉତ୍ପାଦ ଯୋଗାଣ, ସହଜ ଫାଇନାନ୍ସ ସୁବିଧା, ପର୍ସନାଲ ସର୍ଭିସ ଭଳି ସୁବିଧା ପ୍ରଦାନ କରୁଛୁ। ଆମେ କଟକ-ଭୁବନେଶ୍ୱର ଦ୍ୱୈତ ନଗରୀରେ ୭ ଶୋ’ରୁମ ଏବଂ ରାଜ୍ୟରେ ମୋଟ ୧୩ ଶୋ’ରୁମ ସହ ସେବା ଯୋଗାଇ ଦେଉଛୁ। ଅନ୍ୟ ଷ୍ଟୋରଗୁଡିକ ନିମାପଡା, ନୟାଗଡ, ଜଟଣୀ, ପୁରୀ, ବାଲୁଗାଁ ଏବଂ ଖୋର୍ଦ୍ଧା ଭଳି ସ୍ଥାନରେ ରହିଛି। ଦେଶର ପ୍ରମୁଖ ୪୦ କମ୍ପାନୀ ସହ ମିଳିତ ହୋଇ ଆମେ କଞ୍ଜ୍ୟୁମର ଡ୍ୟୁରେବଲ୍ସ, ଡିଜିଟାଲ ପ୍ରଡକ୍ଟ ରିଟେଲିଂ ଓ ଡିଷ୍ଟ୍ରିବ୍ୟୁଶନ କ୍ଷେତ୍ରରେ କାର୍ଯ୍ୟରତ।

**ସମ୍ପ୍ରସାରଣ ନେଇ କ’ଣ ଯୋଜନା ରଖିଛନ୍ତି ?**

ସମ୍ପ୍ରସାରଣ ପ୍ରତି ଆମେ ବିଶେଷ ଯତ୍ନବାନ ରହିଛୁ। ୨୦୧୫ ପରଠାରୁ ଆମ ରିଟେଲ୍ ବ୍ୟବସାୟର ସମ୍ପ୍ରସାରଣ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛୁ। ପୂଜା ସମୟରେ ଜଗତସିଂହପୁରରେ ନୂଆ ରିଟେଲ୍ ଷ୍ଟୋର ଖୋଲିବାକୁ ଯୋଜନା ରହିଛି। ସେହିଭଳି ନିକଟ ଭବିଷ୍ୟତରେ ୩ ରୁ ୪ ନୂଆ ଷ୍ଟୋର ଖୋଲିବାକୁ ନିଷ୍ପତ୍ତି ନେଇଛୁ।

**ଗ୍ରାହକଙ୍କ କ୍ରୟ ବ୍ୟବହାରରେ କିଭଳି ପରିବର୍ତ୍ତନ ଦେଖୁଛନ୍ତି?**

ଗ୍ରାହକମାନେ ପୂର୍ବ ତୁଳନାରେ ପ୍ରଡକ୍ଟକୁ ନେଇ ଅଧିକ ସଚେତନ ହେଲେଣି। ସେମାନଙ୍କ ଚାହିଦାରେ ଏବେ ଦ୍ରୁତ ପରିବର୍ତ୍ତନ ଆସିଛି। ସେମାନେ ଏବେ ହାଇଏଣ୍ଡ ପ୍ରଡକ୍ଟ କ୍ରୟକୁ ବିଶେଷ ଧ୍ୟାନ ଦେଉଛନ୍ତି। ବଡ ଏଲ୍‌ଇଡି ଟିଭି, ଡାଏସ୍ ରେଫ୍ରିଜରେଟର, ଫ୍ରଣ୍ଟଲୋଡ ଓ୍ୱାଶିଂମେଶିନ ଭଳି ଅନ୍ୟାନ୍ୟ ହାଇଏଣ୍ଡ ପ୍ରଡକ୍ଟକୁ ଗ୍ରାହକ ପସନ୍ଦ କରୁଛନ୍ତି। କିଛି ସେଗମେଣ୍ଟର ଉତ୍ପାଦ ଉପରେ ଅନ୍‌ଲାଇନ ପ୍ଲାଟଫର୍ମର ପ୍ରଭାବ ପଡିଛି । ଏହା ସତ୍ତ୍ୱେ ଏବେ ମଧ୍ୟ ଷ୍ଟୋରରୁ ସାମଗ୍ରୀ କ୍ରୟ ନେଇ ଗ୍ରାହକ ବିଶେଷ ଭାବେ ଯତ୍ନବାନ। ଶୋ’ରୁମରେ ଉନ୍ନତ ସେବା ଯୋଗାଇ ଦେଉଛୁ। ବିଭିନ୍ନ ବର୍ଗରେ ଉତ୍ପାଦ ଉପଲବ୍ଧ କରାଇବା ସହ ଡିସପ୍ଲେରେ ପରିବର୍ତ୍ତନ ଆଣିଛୁ। କଞ୍ଜ୍ୟୁମର ଡ୍ୟୁରେବଲ୍ସ, କମ୍ପ୍ୟୁଟର, ମୋବାଇଲ, ଲାପଟପ ଭଳି ଅନ୍ୟ କେତେକ ବର୍ଗର ପ୍ରଡକ୍ଟ ଉପଲବ୍ଧତା ଉପରେ ଧ୍ୟାନ ଦେଉଛୁ। ସେହିଭଳି ଫ୍ଲାଗ୍‌ଶିପ ଷ୍ଟୋର ଖୋଲିବା ନେଇ ଯତ୍ନବାନ ରହିଛୁ। ନିକଟରେ ପଟିଆରେ ଏଭଳି ଏକ ଷ୍ଟୋର ଖୋଲିଛୁ। ଏହା ଗ୍ରାହକଙ୍କ ବହୁବିଧ ଆବଶ୍ୟକତା ପୂରଣ ଦିଗରେ ବିଶେଷ ଭାବେ ସକ୍ଷମ ହେବ ବୋଲି ଆଶା।

**ଚଳିତ ବର୍ଷ ପାର୍ବଣରେ କିଛି ସ୍ୱତନ୍ତ୍ର ରିହାତି ସୁବିଧା ଆଣିବେ କି?**

ଆମେ ଗ୍ରାହକଙ୍କୁ ବିଭିନ୍ନ ସମୟରେ ଅଫର ପ୍ରଦାନ ଦିଗରେ କାର୍ଯ୍ୟ କରୁଛୁ। କମ୍ପାନୀର ରିହାତି ବାଦ୍ ଶୋ’ରୁମ ପକ୍ଷରୁ ଅଫର୍ ପ୍ରଦାନ କରାଯାଇଥାଏ। ଚଳିତ ବର୍ଷ ପାର୍ବଣ ସମୟରେ ମଧ୍ୟ ଶୋ’ରୁମ ପକ୍ଷରୁ ଅଫର୍ ପ୍ରଦାନ ନେଇ ଯୋଜନା ରହିଛି। ଏହାକୁ ପୂଜା ସମୟରେ ଘୋଷଣା କରାଯିବ।


For Information of TDS Authorities(GST)

COMMISSIONERATE OF CT & GST
(Under Finance Department)
(Government of Odisha)

DSPL-159

**TDS under GST w.e.f 1st Oct'18**

- TDS provisions under GST Acts shall come into effect from 01/10/2018. **From 01/10/2018, when procuring goods or services of value exceeding Rs.2.50 lakhs, TDS authorities shall be required to deduct tax at source from the amount payable to the supplier.**
- If the supplier makes intra-state supply (i.e. charges tax under CGST and SGST in the invoice), TDS shall be made @1% under CGST and 1% under SGST, totaling to 2%. But if the supplier makes inter-state supply (i.e. charges tax under IGST in the invoice), TDS shall be made @2% under IGST.
- **Authorities required to deduct GST:-**
  (i) Central and State Government Departments / Establishments
  (ii) Local Authority
  (iii) Government Agencies
  (iv) An Authority / Board / Any other Body set up by an Act of Parliament / State Legislature or established by any Government with fifty-one percent or more participation by way of equity or control to carry out any function
  (v) Society established by Central Government or State Government or a Local Authority under Societies Registration Act,1860 (21 of 1860)
  (vi) Public Sector Undertakings (Central and State)
- TDS amount is required to be deposited in Government account by 10th day of the succeeding month (i.e. by 10th Nov'18 for deductions made in Oct'18). TDS authorities are required to file monthly return in Form GSTR-7 electronically in the GST Common Portal www.gst.gov.in by 10th day of the succeeding month. TDS certificate will be made available to the supplier electronically in GST portal.
- For deduction and deposit of GST into Government Account, the TDS authorities are required to take registration under Section 24(vi) of CGST/SGST Act, 2017. **[TDS authorities not yet registered, are required to take registration immediately].**
- The procedure for deposit of TDS amount and filing of return will be available in our website https://odishatax.gov.in within a week.
- **Failure to comply TDS provisions will invite penal action against TDS Authorities.**

**Help Desk :** 1800-345-6753 (Toll Free)
**Web-site :** https://odishatax.gov.in

Commissioner of CT & GST
Government of Odisha, Cuttack

05006/13/0016/1819

"ଇଂଲଣ୍ଡରେ ଟେଷ୍ଟ ଶତକ ଦ୍ୱାରା ଆତ୍ମ ବିଶ୍ୱାସ ବୃଦ୍ଧିପାଇଛି। ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ପୂର୍ବରୁ ଉଇକେଟକିପିଙ୍ଗ ଦକ୍ଷତା ବୃଦ୍ଧି ମୋର ଲକ୍ଷ୍ୟ।

–ରିଶଭ ପନ୍ତ, ଭାରତୀୟ ଉଇକେଟକିପର ବ୍ୟାଟ୍ସମ୍ୟାନ



"ଚଳିତ ସିଜନରେ ଇଣ୍ଟରନ୍ୟାଶନାଲ ଆଥଲେଟିକ୍ସରେ ଚମକପ୍ରଦ ପ୍ରଦର୍ଶନ ସତ୍ତ୍ୱେ ଏତେ ଶୀଘ୍ର ମୋ ନାମ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ ହେବ ଏହା ମୋ କଳ୍ପନା ବାହାରେ ଥିଲା।

–ହିମା ଦାସ, ଭାରତର ଉଦୀୟମାନ ସ୍ପ୍ରିଣ୍ଟର



## ସଂକ୍ଷେପରେ

### ଦୁତୀଙ୍କ ଉପରେ ପୁସ୍ତକ



**ନୂଆଦିଲ୍ଲୀ, ୧୮।୯(ପି.ଟି.):** ସ୍ପ୍ରିଣ୍ଟ କୁଇନ୍ ତଥା ତାରକା ଓଡ଼ିଆ ଧାବିକା ଦୁତୀ ଚାନ୍ଦଙ୍କ କ୍ୟାରିୟରକୁ ନେଇ ଆସନ୍ତାବର୍ଷ ପୁସ୍ତକ ପ୍ରକାଶ ପାଇବ। ଏହାର ଲେଖକ ହେଉଛନ୍ତି ଜର୍ନାଲିଷ୍ଟ ସନ୍ଦୀପ ମିଶ୍ର। 'ହାଇପରଆଣ୍ଡ୍ରୋଜେନିଜମ ବିବାଦ' ସମେତ ନାନା ବାଧାବିଘ୍ନ ଓ ପ୍ରତିକୂଳ ପରିସ୍ଥିତିକୁ ଦୃଢ଼ତାର ସହିତ ସାମ୍ନା କରି ଦୁତୀ କିପରି ଦେଶର ଏକ ନମ୍ବର ଧାବିକା ହୋଇପାରିଛନ୍ତି ତାହା ପୁସ୍ତକରେ ସ୍ଥାନ ପାଇବ। ସୂଚନାଯୋଗ୍ୟ, ନିକଟରେ ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ଦୁତୀ ଉଭୟ ମହିଳା ୧୦୦ ମିଟର ଓ ୨୦୦ ମିଟର ରେସ୍‌ରେ ରୌପ୍ୟ ପଦକ ଜିତି ଦେଶ ତଥା ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି। ୱେଷ୍ଟଲ୍ୟାଣ୍ଡ ବୁକ୍ସ ଏହି ପୁସ୍ତକଟିର ପ୍ରକାଶନ ଦାୟିତ୍ୱରେ ରହିଛି।

### ୱାଡାକୁ ଇନାଡୋର ସମାଲୋଚନା

**ଲସ୍ ଏଞ୍ଜେଲ୍ସ, ୧୮।୯ (ଏଏଫପି):** ରୁଷିଆ ଉପରୁ ବିବାଦୀୟ ଢଙ୍ଗରେ ଡ୍ରଗ୍ ଜନିତ ବାସନ୍ଦାଦେଶକୁ ଉଠାଇବା ନେଇ ବିଶ୍ୱ ନିଶା ନିବାରଣ ସଂସ୍ଥା ସମାଲୋଚନାର ଶିକାର ହୋଇଛି। ବର୍ଲିନ ସ୍ଥିତ ନିଶା ନିବାରଣ ସଂସ୍ଥା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଆଣ୍ଟି- ଡୋପିଂ ଅର୍ଗାନାଇଜେଶନ୍ସ (ଇନାଡୋ) ରୁଷିଆ ଉପରୁ ବାସନ୍ଦାଦେଶ ଉଠାଇବାରେ ୱାଡାର ନୀତି ଓ ପଦକ୍ଷେପକୁ ସମାଲୋଚନା କରିବା ସହ ସତର୍କ କରାଇ ଦେଇଛି। ପୁଣିଥରେ କ୍ରୀଡ଼ାର ମୁଖ୍ୟ ସ୍ରୋତକୁ ଫେରିବାରେ ରୁଷିଆ ସେଭଳି କିଛି ଉଲ୍ଲେଖନୀୟ କାର୍ଯ୍ୟ କରିନାହିଁ। ତେଣୁ ଏବେ ରୁଷିଆ ଉପରୁ ବାସନ୍ଦାଦେଶ ଉଠାଇବାର କୌଣସି ଆବଶ୍ୟକତା ନ ଥିଲା ବୋଲି ଇନାଡୋ ତରଫରୁ ସ୍ପଷ୍ଟ କରାଯାଇଛି। ୱାଡାର ଏଭଳି ପଦକ୍ଷେପକୁ ଇନାଡୋ ନାପସନ୍ଦ କରିଛି। ବିଶ୍ୱ କ୍ରୀଡ଼ାକୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ରୁଷିଆ ଏପର୍ଯ୍ୟନ୍ତ ସେଭଳି କୌଣସି ନିୟମକୁ ଅନୁସରଣ କରିନାହିଁ ବୋଲି ଇନାଡୋ ତରଫରୁ କୁହାଯାଇଛି। ବାସନ୍ଦାଦେଶ ଉଠାଇବାରେ ୱାଡା ସବୁ ନିୟମର ପାଳନ କରିନାହିଁ। ବିଶ୍ୱ କ୍ରୀଡ଼ା ସମୁଦାୟ ରୁଷିଆର ପ୍ରତ୍ୟାବର୍ତ୍ତନକୁ ନେଇ ଉତ୍ସାହ ପ୍ରକଟ କରି ଆସୁଛି। କିନ୍ତୁ ଯେକୌଣସି ମୂଲ୍ୟରେ ୱାଡାର ଏହି ନିଷ୍ପତ୍ତି ଗ୍ରହଣ ଯୋଗ୍ୟ ନୁହେଁ ଇନାଡୋ ସ୍ପଷ୍ଟ କରିଛି। ରୁଷିଆକୁ ପୁଣି ଥରେ କ୍ରୀଡ଼ାର ମୁଖ୍ୟ ସ୍ରୋତକୁ ଫେରେଇବା ପାଇଁ ୱାଡା ମୁଖ୍ୟ ସିଚେଲ୍ସରେ ଗୁରୁବାର ହେବାକୁଥିବା ବୈଠକରେ ଆଲୋଚନା କରିବାକୁ ପ୍ରସ୍ତୁତି କରୁଥିବା ଜଣା ପଡିବା ପରେ ଇନାଡୋ ଏହି ସମାଲୋଚନା କରିଛି। ଉଲ୍ଲେଖଥାଉ କି, ଗତ ସପ୍ତାହରେ ୱାଡା ରିଭ୍ୟୁ କମିଟି ରୁଷିଆ ଉପରେ ଧାର୍ଯ୍ୟ କରାଯାଇଥିବା ୩ ବର୍ଷୀୟା ବାସନ୍ଦାଦେଶକୁ ଉଠାଇବା ପାଇଁ ସୁପାରିସ କରିଥିଲା। କେତୋଟି ଜରୁରୀ ସର୍ତ୍ତ ରୁଷିଆ ପୂରଣ କରିଛି ବୋଲି ୱାଡା କହିଥିଲା। ତେବେ ଏଥି ପାଇଁ ୱାଡାକୁ ବିଶ୍ୱବ୍ୟାପୀ ସମାଲୋଚନାର ଶିକାର ହେବାକୁ ପଡିଥିଲା।

# କଟକରେ ସର୍ବଭାରତୀୟ ପୋଲିସ ଜୁଡୋ

**କଟକ ଅଫିସ୍,୧୮।୯**

**ଭାଗନେବେ ୪୦ ଦଳର ୧୨୦୦ ପ୍ରତିଯୋଗୀ**

ଓଡ଼ିଶା ପୋଲିସ ପକ୍ଷରୁ ତୃତୀୟ ସର୍ବଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର ପ୍ରତିଯୋଗିତା ଆସନ୍ତା ନଭେମ୍ବର ମାସରେ ଅନୁଷ୍ଠିତ ହେବ। ନଭେମ୍ବର ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା କଟକ ଜବାହରଲାଲ୍ ନେହେରୁ ଷ୍ଟାଡିୟମ ଓ ବାରବାଟୀ ଷ୍ଟାଡିୟମସ୍ଥିତ ସଚିନ ତେନ୍ଦୁଲକର ଇନ୍‌ଡୋର ହଲଠାରେ ହେବ। ଏହାର ସଫଳ ଆୟୋଜନ ନେଇ ମଙ୍ଗଳବାର ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ସର୍ବଭାରତୀୟ ପୋଲିସ କଣ୍ଟ୍ରୋଲ ବୋର୍ଡର ଦିଗ୍‌ଦର୍ଶନରେ ଓଡ଼ିଶା ପୋଲିସ ଏହି ପ୍ରତିଯୋଗିତାର ଆୟୋଜନ କରୁଛି। ଏଥିପାଇଁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗର ସହାୟତା ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ପ୍ରତିଯୋଗିତାରେ ରାଜ୍ୟ ଏବଂ କେନ୍ଦ୍ରୀୟ ପୋଲିସ ଦଳରୁ ୪୦ଟି ଦଳରୁ ୩୦୦ ପ୍ରଶିକ୍ଷକଙ୍କ ସମେତ ୧୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେବେ ବୋଲି ସୂଚନା ଦିଆଯାଇଛି। ମୁଖ୍ୟତଃ ଜିମ୍ନାଷ୍ଟିକ, ଜୁଡୋ, ଟାଏକୋଣ୍ଡୋ, ଉଷୁ ବିଭାଗର ପ୍ରତିଯୋଗିତାମାନ ହେବ। ଏହାର ପରିଚାଳନା ପାଇଁ ଡିଜିପିଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। ଅତିରିକ୍ତ ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆଙ୍କୁ କମିଟିର ଉପାଧ୍ୟକ୍ଷ ନିଯୁକ୍ତ କରାଯାଇଥିବା ବେଳେ ଅତିରିକ୍ତ ପୋଲିସ ଡିଜି ବିନୟତୋଷ ମିଶ୍ରଙ୍କୁ ପରିଚାଳନା ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ପ୍ରତିଯୋଗିତା ପାଇଁ ସମ୍ଭାବ୍ୟ ବ୍ୟୟ ଅଟକଳ କରାଯିବା ସହ ବୈଠକରେ ଏହା ଗୃହୀତ କରାଯାଇଛି। ପ୍ରତିଯୋଗିତାର ସୁପରିଚାଳନା ପାଇଁ ରାଜ୍ୟରେ ଥିବା ବିଭିନ୍ନ କ୍ରୀଡ଼ା ସଙ୍ଗଠନଗୁଡ଼ିକର ସହାୟତା ନିଆଯିବ। ପ୍ରତିଯୋଗିତା ପାଇଁ ଯଥେଷ୍ଟ କ୍ରୀଡ଼ା ଉପକରଣ ନ ଥିବାରୁ ଆବଶ୍ୟକ ସହାୟତା ପାଇଁ ପଡୋଶୀ ରାଜ୍ୟ ଝାଡ଼ଖଣ୍ଡ କ୍ରୀଡା ସଚିବଙ୍କୁ ଚିଠି କରାଯାଇଛି। ଖେଳାଳି, ପ୍ରଶିକ୍ଷକ ଏବଂ ସେମାନଙ୍କ ଟିମ୍ ରହିବା ପାଇଁ ବାରବାଟୀ ଷ୍ଟାଡିୟମ, ଷଷ୍ଠ ଓଏସ୍ଏପି ବାଟାଲିୟନ, କିଟ୍ ବିଶ୍ୱବିଦ୍ୟାଳୟ ଆଦି ସ୍ଥାନ ଚୟନ କରାଯାଇଛି। ପ୍ରତିଯୋଗିତା ପାଇଁ ଆସନ୍ତା ନଭେମ୍ବର ୭ ତାରିଖରୁ ରାଜ୍ୟ ମୁଖ୍ୟ ପୋଲିସ କାର୍ଯ୍ୟାଳୟରେ ୨୪ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରତିଯୋଗିତାର ଉଭୟ ଉଦ୍‌ଘାଟନ ଓ ଉଦ୍‌ଯାପନୀ ବକ୍ସିବଜାର ସ୍ଥିତ ରିଜର୍ଭ ପୋଲିସ ପଡିଆଠାରେ ହେବ ବୋଲି ଡିଜିପି କହିଛନ୍ତି। ଖେଳାଳିଙ୍କ ରହଣି, ଖାଦ୍ୟପେୟ, ଅଭ୍ୟର୍ଥନା, ଯାତାୟାତ ଏବଂ ପ୍ରତିଯୋଗିତା ପରିଚାଳନାରେ ଯେପରି କୋଣସି ତ୍ରୁଟି ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ଡିଜିପି ସମସ୍ତ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।




ସିନିୟର ମହିଳା ହକି: ହରିୟାଣା ଓ ତାମିଲନାଡୁ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ବିଜୟ ସହ ଓଡ଼ିଶାର ଅଭିଯାନ ଆରମ୍ଭ

**ବେଙ୍ଗାଲୁରୁ, ୧୮।୯**

**ଜାତୀୟ ସିନିୟର ୫-ଏ-ସାଇଡ୍ ମହିଳା ହକି**

ହକି ଇଣ୍ଡିଆ ୫–ଏ–ସାଇଡ୍ ଜାତୀୟ ସିନିୟର ମହିଳା ହକି ଟୁର୍ନାମେଣ୍ଟର ୩ୟ ସଂସ୍କରଣ ମଙ୍ଗଳବାର ଏଠାରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଓଡ଼ିଶା ୬–୩ ଗୋଲରେ ପଞ୍ଜାବକୁ ହରାଇ ସମ୍ପୂର୍ଣ୍ଣ ଷ୍ଟାଇଲ୍‌ରେ ଅଭିଯାନ ଆରମ୍ଭ କରିଛି। ନରିନ୍ଦର କୌର ମ୍ୟାଚର ୧ମ ମିନିଟରେ ଗୋଲ ଦେଇ ପଞ୍ଜାବକୁ ଅଗ୍ରଣୀ କରାଇଥିଲେ। ଇଲିମା ମିଞ୍ଜ ୩ୟ ମିନିଟରେ ଗୋଲଟିକୁ ପରିଶୋଧ କରି ଦେଇଥିବାବେଳେ ମାରିଆନା କୁଜୁର ୩ୟ ଓ ଇଲିମା ୪ର୍ଥ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେବାରୁ ଓଡ଼ିଶା ୩–୧ରେ ଅଗ୍ରଣୀ ହାସଲ କରିଥିଲା। ନରିନ୍ଦର ୭ମ ଓ ୯ମ ମିନିଟରେ ଗୋଲ ପରିଶୋଧ କରିବାରୁ ମ୍ୟାଚ ୩–୩ ସ୍ତରକୁ ଚାଲି ଆସିଥିଲା। ମାତ୍ର ଅଜମିନା କୁଜୁର ୯ମ, ମାରିଆନା କୁଜୁର ୧୧ ଓ ରଶ୍ମିତା ମିଞ୍ଜ ୧୩ତମ ମିନିଟରେ ଗୋଲ ଦେଇ ଓଡ଼ିଶାକୁ ବିଜୟୀ କରାଇଥିଲେ। ଅନ୍ୟ ମ୍ୟାଚ ଗୁଡ଼ିକରେ ଆୟୋଜକ କର୍ନାଟକ ୪–୧ ଗୋଲରେ ଉତ୍ତର ପ୍ରଦେଶକୁ ହରାଇଥିବାବେଳେ ଗତବର୍ଷର ଚାମ୍ପିୟନ ହରିୟାଣା ୧୫–୨ ଗୋଲରେ ତାମିଲନାଡୁକୁ ପରାସ୍ତ କରିଛି। ଅନ୍ତର୍ଜାତୀୟ ଖେଳାଳି ପୁନମ ରାଣୀ, ଗଗନଦୀପ କୌର ଓ ସୋନିକା ହ୍ୟାଟ୍ରିକ ଗୋଲ ଦେଇ ହରିୟାଣାକୁ ବୃହତ ବ୍ୟବଧାନରେ ବିଜୟୀ କରାଇଥିଲେ। ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୩–୩ ଗୋଲରେ ଡ୍ର ରହିଛି।

### ଫାଇନାଲରେ ସାଜନ

**ନୂଆଦିଲ୍ଲୀ, ୧୮।୯ (ପି.ଟି.):** ଭାରତୀୟ ରେସଲର ସାଜନ ଭାନୱାଲ ସ୍ଲୋଭାକିଆର ଟ୍ରାନଭାଠାରେ ଚାଲିଥିବା ଜୁନିୟର ବିଶ୍ୱ ରେସଲିଂ ବିଶ୍ୱଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ୭୭ କେ.ଜି. ଗ୍ରିକୋ– ରୋମାନ ଇଭେଣ୍ଟ ଫାଇନାଲକୁ ଉଠିଛନ୍ତି। ଫଳରେ ସେ ଅତିକମ୍‌ରେ ରୌପ୍ୟ ପଦକ ହାସଲ କରିବା ନିଶ୍ଚିତ ହୋଇଛି। ହରିୟାଣାର ସାଜନ ସେମିଫାଇନାଲରେ ୟୁକ୍ରେନର ଡିମିଟ୍ରୋ ଗାରଡୁବେଇଙ୍କୁ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି। ସେହିପରି କ୍ୱାର୍ଟର ଫାଇନାଲ ମୁକାବିଲାରେ ସେ ନରୱେର ପେର ଆଣ୍ଡେର୍ସ କୁରେଙ୍କୁ ହରାଇଥିଲେ। ଏବେ ଟାଇଟଲ ପାଇଁ ଫାଇନାଲ ମ୍ୟାଚରେ ସାଜନ ରୁଷିଆର ଇସ୍‌ଲାମ ଓପିଏଭଙ୍କୁ ଭେଟିବେ। ପୂର୍ବରୁ ସାଜନ ଜୁଲାଇ ମାସରେ ଜୁନିୟର ଏସିଆ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ସେ ପୁଣି ଫିନଲାଣ୍ଡର ଟାମ୍ପେରେଠାରେ ଖେଳାଯାଇଥିବା ୨୦୧୭ ବିଶ୍ୱ ଜୁନିୟର ଚାମ୍ପିୟନଶିପ୍‌ରେ ମଧ୍ୟ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସାଜନଙ୍କୁ ବାଦ୍ ଦେଲେ ଅନ୍ୟ ଦୁଇ ଭାରତୀୟ ରେସଲର ବିଜୟ ଓ ସାଗର ଯଥାକ୍ରମେ ୫୫ ଓ ୬୩ କେ.ଜି. ବର୍ଗର ସେମିଫାଇନାଲରେ ପ୍ରବେଶ କରିଥିଲେ। ତେବେ ଏହି ଦୁଇ ରେସଲର ସେମିରେ ପରାସ୍ତ ହେବା କାରଣରୁ ଫାଇନାଲରେ ପ୍ରବେଶ କରିପାରି ନ ଥିଲେ।

■ ଅଲ୍ ଓଡ଼ିଶା ୬-ରେଡ୍ ସ୍ନୁକର

# ଆକାଶ ଚାମ୍ପିୟନ



ଜିତେନ ଷଡ଼ଙ୍ଗୀ ଓ ଆକାଶ ମହାପାତ୍ର।

**ଭୁବନେଶ୍ୱର, ୧୮।୯(କ୍ରୀଡ଼ା ପ୍ରତିନିଧି)**

ପଟିଆସ୍ଥିତ ୬ପକେଟ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସର୍ବପ୍ରଥମ ଅଲ୍ ଓଡ଼ିଶା ୬–ରେଡ୍ ସ୍ନୁକର ଚାମ୍ପିୟନଶିପ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏହାର ଫାଇନାଲରେ ଆକାଶ ମହାପାତ୍ର ୭–୧ ଫ୍ରେମ୍‌ରେ ଜିତେନ ଷଡ଼ଙ୍ଗୀଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ପୂର୍ବରୁ ଅନୁଷ୍ଠିତ ସେମିଫାଇନାଲରେ ଆକାଶ ୬–୨ରେ ସୁବ୍ରତ ଦାସଙ୍କୁ ଏବଂ ଜିତେନ ୬–୨ ଫ୍ରେମ୍‌ରେ ଆକ୍ରମ ଖାଁଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ଚାମ୍ପିୟନ ଆକାଶ ଟ୍ରଫି ସହ ୧୦,୦୦୦ଟଙ୍କା ପୁରସ୍କାର ଆକାରରେ ପାଇଥିଲେ। ରନର୍ସଅପ୍ ଜିତେନଙ୍କୁ ଟ୍ରଫି ଏବଂ ୫,୦୦୦ଟଙ୍କା ପ୍ରଦାନ କରାଯାଇଥିଲା। ପରାଜିତ ଦୁଇ ସେମିଫାଇନାଲିଷ୍ଟ ସୁବ୍ରତ ଓ ଆକ୍ରମ ୨,୫୦୦୦ ହଜାର ଲେଖାଏ ଏବଂ ପରାଜିତ ୪ କ୍ୱାର୍ଟର ଫାଇନାଲିଷ୍ଟ ୧,୦୦୦ଟଙ୍କା ଲେଖାଏ ପାଇଥିଲେ। ଅବନିଶ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ବ୍ରିଟିଶ ଆଇନଜ୍ଞଙ୍କ ସହାୟତା ନେବ ବିସିସିଆଇ

**ନୂଆଦିଲ୍ଲୀ,୧୮।୯(ପି.ଟି.)**

**ପିସିବି କ୍ଷତିପୂରଣ ମାମଲା**

ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି) ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) କ୍ଷତିପୂରଣ ମାମଲାର ଶୁଣାଣି ଆସନ୍ତା ମାସରେ କରିବ। ବିସିସିଆଇ ଏଥିପାଇଁ ଦୁବାଇସ୍ଥିତ ଏକ ଫାର୍ମ ଏବଂ ଜଣେ ବ୍ରିଟିଶ ଆଇନଜ୍ଞଙ୍କ ସହାୟତା ନେଇଛି। ଭାରତ ଓ ପାକିସ୍ତାନ କ୍ରିକେଟ ବୋର୍ଡ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ବୁଝାମଣା ପତ୍ର ଅନୁସାରେ ଦୁଇ ପଡୋଶୀ ଦେଶ ୨୦୧୫ରୁ ୨୦୨୩ ମଧ୍ୟରେ ୬ଟି ଦ୍ୱିପାକ୍ଷିକ ସିରିଜ ଖେଳିବା କଥା। ମାତ୍ର ତାହା କାର୍ଯ୍ୟକାରୀ ହୋଇ ପାରି ନାହିଁ। ଏଥିପାଇଁ ବିସିସିଆଇଠାରୁ ପିସିବି ପ୍ରାୟ ୪୪୭ କୋଟି ଟଙ୍କା କ୍ଷତିପୂରଣ ଦାବି କରିଛି। କିନ୍ତୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ କହିଛି, ବୁଝାମଣାପତ୍ରକୁ ମାନିବା ଲାଗି ବୋର୍ଡ ବାଧ୍ୟ ନୁହେଁ। ଡକ୍ୟୁମେଣ୍ଟରେ ଉଲ୍ଲେଖଥିବା କେତୋଟି ବିଷୟକୁ ପିସିବି ସମ୍ମାନ ଦେଉ ନାହିଁ ବୋଲି ବିସିସିଆଇ ପାଲଟା ଅଭିଯୋଗ ଆଣିଛି। ଆଇସିସିର ଡିସ୍‌ପ୍ୟୁଟ୍ ରିଜୋଲୁଶନ କମିଟି ଏହି ମାମଲାର ଶୁଣାଣି ଅକ୍ଟୋବର ୧ରୁ ୩ ପର୍ଯ୍ୟନ୍ତ କରିବ। ବିସିସିଆଇ ତରଫରୁ ଦୁବାଇସ୍ଥିତ ଲ'ଫାର୍ମ ହର୍ବର୍ଟ ସ୍ମିଥ୍ ଫ୍ରିହିଲ୍ସ ଏବଂ ବ୍ରିଟିଶ ଆଇନଜ୍ଞ ଇଆନ ମିଲ୍ସ ମକଦ୍ଦମା ପରିଚାଳନା କରିବେ। ଯେହେତୁ ଦୁବାଇରେ ମକଦ୍ଦମା ହୋଇଛି। ଆମକୁ ସେଠିକାର ଫାର୍ମର ସହାୟତା ନେବାକୁ ପଡ଼ିଛି। ମାମଲାର ଶେଷ ପର୍ଯ୍ୟନ୍ତ ଆମେ ଲଢ଼ିବୁ ବୋଲି ବିସିସିଆଇର ଜଣେ ବରିଷ୍ଠ ଅଫିସିଆଲ ପ୍ରକାଶ କରିଛନ୍ତି। ବିସିସିଆଇ ଦୁବାଇରେ ଏହାର ଲିଗାଲ ଟିମ୍ ସହିତ ଆଲୋଚନା କରି ସାରିଛି। ଏଥିରେ କାର୍ଯ୍ୟକାରୀ ସମ୍ପାଦକ ଅମିତାଭ ଚୌଧାରୀ ଓ ସିଇଓ ରାହୁଲ ଜୋହରି ଯୋଗ ଦେଇଥିଲେ।

# ଚାଇନା ଓପନ: ପ୍ରିକ୍ୱାର୍ଟରରେ ସିନ୍ଧୁ, ସାଇନା ଆଉଟ୍

**ଚାନଝୌ, ୧୮।୯ (ପି.ଟି.)**

ଏଠାରେ ଚାଲିଥିବା ୧୦ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶି ବିଶିଷ୍ଟ ଚାଇନା ଓପନ୍ ବ୍ୟାଡମିଣ୍ଟନ୍ ଟୁର୍ନାମେଣ୍ଟରେ ଭାରତୀୟ ତାରକା ମହିଳା ଖେଳାଳି ପି.ଭି. ସିନ୍ଧୁ ପ୍ରିକ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ତେବେ ଅନ୍ୟତମ ଭାରତୀୟ ତାରକା ମହିଳା ଖେଳାଳି ସାଇନା ନେହ୍ୱାଲ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

ଅଲିମ୍ପିକ ତଥା ବିଶ୍ୱଚାମ୍ପିୟନଶିପ୍ ରୌପ୍ୟ ପଦକ ବିଜୟିନୀ ସିନ୍ଧୁ ମହିଳା ସିଙ୍ଗଲ୍ସ ଓପନିଂ ରାଉଣ୍ଡରେ ବିଶ୍ୱର ୩୯ ନମ୍ବର ଖେଳାଳି ଜାପାନର ସାଏନା କାୱାକାମୀଙ୍କୁ ୨୧–୧୫, ୨୧–୧୩ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ସ୍ଥାନୀୟ ଅଲିମ୍ପିକ ସ୍ପୋର୍ଟ୍ସ ସେଣ୍ଟରରେ ଅନୁଷ୍ଠିତ ହୋଇଥିବା ଏହି ମ୍ୟାଚ୍‌ରେ ତୃତୀୟ ସିଡ ମାନ୍ୟତା ପାଇଥିବା ସିନ୍ଧୁଙ୍କୁ ବିଜୟୀ ହେବା ପାଇଁ ସେତେଟା କଷ୍ଟ କରିବାକୁ ପଡି ନ ଥିଲା ଓ ସେ ଆଧିପତ୍ୟ ବିସ୍ତାର କରି ଖେଳିଥିଲେ। ଅନ୍ୟପଟେ ଦୁଇଥର ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜୟିନୀ ତଥା ଅଲିମ୍ପିକ୍ସ ବ୍ରୋଞ୍ଜ୍ ପଦକ ଜିତିଥିବା ସାଇନା ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ କୋରିଆର ସଙ୍ଗ୍ ଜି ହ୍ୟୁନଙ୍କଠାରୁ ୨୨–୨୦, ୮–୨୧, ୧୪–୨୧ରେ ପରାସ୍ତ ହାଇ ବିଦାୟ ନେଇଛନ୍ତି। ଏହି ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ସାଇନାଙ୍କୁ ହରାଇବା ପାଇଁ ହ୍ୟୁନଙ୍କୁ ୪୮ ମିନିଟ ସମୟ ଆବଶ୍ୟକ ହୋଇଥିଲା।

### ଫାଓ ଲିଗ୍: ୟଙ୍ଗ୍ ଉତ୍କଳ କ୍ଲବ ବିଜୟୀ

**କଟକ ଅଫିସ,୧୮।୯**

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ୟଙ୍ଗ ଉତ୍କଳ କ୍ଲବ ୪–୦ ଗୋଲରେ କିଶୋର କ୍ଲବକୁ ପରାସ୍ତ କରିଛି । ୧୮ତମ ମିନିଟରେ ରାକେଶ ସାହୁଙ୍କ ପ୍ରଥମ ଗୋଲ ବଳରେ ୟଙ୍ଗ ଉତ୍କଳ ପ୍ରଥମାର୍ଦ୍ଧକୁ ୧–୦ରେ ଅଗ୍ରଣୀ ରହିଥିଲା । ଦ୍ୱିତୀୟାର୍ଦ୍ଧର ୫୯ଓ ୭୦ତମ ମିନିଟରେ ତପନ ସିଂ ୨ଟି ଓ ୭୭ତମ ମିନିଟରେ ବନ୍ଧୁ ଦାସ ଗୋଟିଏ ଗୋଲ ସ୍କୋର କରିବା ଯୋଗୁଁ ୟଙ୍ଗ ଉତ୍କଳ କ୍ଲବ ମ୍ୟାଚ୍‌କୁ ସହଜରେ ଜିତିଥିଲା ।

# ରାଜ୍ୟ ଓପନ୍ ଜୁଡୋ ଚାମ୍ପିୟନଶିପ୍ ଉଦ୍‌ଯାପିତ

**ଭୁବନେଶ୍ୱର, ୧୮।୯**

ପାରାଦୀପସ୍ଥିତ ମ୍ୟୁନିସିପାଲ କଲ୍ୟାଣ ମଣ୍ଡପଠାରେ ରାଜ୍ୟ ଓପନ ଜୁଡୋ ଚାମ୍ପିୟନଶିପ୍ ଏବଂ ୨୦୧୮ ପାଇଁ କ୍ୟାଡେଟ୍, ଜୁନିୟର ଏବଂ ସିନିୟର ବିଭାଗରେ ସିଲେକ୍ସନ ଟ୍ରାଏଲ ଅନୁଷ୍ଠିତ ହୋଇଯାଇଛି।

କିସ୍, ବରଗଡ଼ ଓ କିସ୍ ଯଥାକ୍ରମେ କ୍ୟାଡେଟ୍, ଜୁନିୟର ଓ ସିନିୟର କାଟେଗୋରିରେ ଟିମ୍ ଚାମ୍ପିୟନ ହୋଇଛନ୍ତି। ଏହି ଇଭେଣ୍ଟରେ କିସ୍ ଓ ଭୁବନେଶ୍ୱର ସମେତ ୧୫ଟି ଜିଲା/ୟୁନିଟ୍‌ର ୨୦୦ରୁ ଅଧିକ ଖେଳାଳି ଓ ଅଫିସିଆଲ ଅଂଶଗ୍ରହଣ କରିଥିଲେ। ଓଏସଜେଏର ସିଇଓ ଗୀତାଞ୍ଜଳୀ ପଣ୍ଡା ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟେକ୍‌ନିକାଲ ସେକ୍ରେଟାରି କନ୍ଦନ ମୁର୍ମୁ ଏବଂ ଜଗତ୍‌ସିଂହପୁର ଜୁଡୋ ଆସୋସିଏଶନର ସମ୍ପାଦକ ଲୋପାମୁଦ୍ରା ପତି ପ୍ରମୁଖ ଉପସ୍ଥିତ ଥିଲେ। ବାଉଟ୍‌ଗୁଡ଼ିକ ପୁରୁବ ମହାପାତ୍ର, ସାଗର ଜେନା, ବସନ୍ତ ଦଳେଇ, ବିଶ୍ୱଜିତ୍ ମାହାରିଙ୍କ ସମେତ ଓଡ଼ିଶା ରାଜ୍ୟ ଜୁଡ଼ୋ ଆସୋସିଏଶନର ଅନ୍ୟ ଟେକ୍‌ନିକାଲ ଅଫିସିଆଲମାନେ ପରିଚାଳନା କରିଥିଲେ। ଉଦ୍‌ଯାପନୀ ତଥା ପଦକ ବିତରଣ ଉତ୍ସବରେ ପାରାଦୀପ ଏଏସପି ବି. ସି. ମିଶ୍ର ଏବଂ ପାରାଦୀପ ପୋର୍ଟ ସ୍ପୋର୍ଟ୍ସ କାଉନ୍‌ସିଲ ସମ୍ପାଦକ ରବି ଦାସ ପ୍ରମୁଖ ଯୋଗ ଦେଇଥିଲେ।




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ଉଦ୍‌ଘାଟନୀ ମ୍ୟାଚ୍‌ରେ ଓଡ଼ିଶା ବିଜୟୀ

**କଟକ ଅଫିସ,୧୮।୯**

**ଜାତୀୟ ସିନିୟର ମହିଳା ଫୁଟବଲ**

୨୪ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ ମଙ୍ଗଳବାରଠାରୁ କଟକରେ ଆରମ୍ଭ ହୋଇଛି । ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ୍‌ରେ ଘରୋଇ ଓଡ଼ିଶା ୫–୦ ଗୋଲରେ ଛତିଶଗଡ଼କୁ ପରାସ୍ତ କରିଥିଲା । ଓଡ଼ିଶା ପକ୍ଷରୁ ଅଞ୍ଜୁ ତମାଙ୍ଗ ସର୍ବାଧିକ ୪ଟି ଗୋଲ ଦେଇଥିଲେ । ୨୭ତମ ମିନିଟରେ ଅଞ୍ଜୁ ଏକ ଗୋଲ ଦେଇ ଦଳକୁ ପ୍ରଥମାର୍ଦ୍ଧରେ ୧–୦ ଗୋଲରେ ଅଗ୍ରଣୀ ରଖିଥିଲେ । ପରେ ଦ୍ୱିତୀୟାର୍ଦ୍ଧର ୫୩ତମ, ୭୩ତମ ଓ ୮୫ତମ ମିନିଟରେ ଅଞ୍ଜୁ ୩ଟି ଗୋଲ ସ୍କୋର କରିଥିଲେ । ୮୨ତମ ମିନିଟରେ ସୁଭଦ୍ରା ସାହୁ ଅନ୍ୟଏକ ଗୋଲ ଦେଇଛନ୍ତି । ଅନ୍ୟ ମ୍ୟାଚ୍‌ରେ ହରିୟାଣା ୧୦–୦ ଗୋଲରେ କର୍ନାଟକକୁ, ପଶ୍ଚିମବଙ୍ଗ ୧୨–୦ ଗୋଲରେ ଆନ୍ଧ୍ରପ୍ରଦେଶକୁ ଓ ଭାରତୀୟ ରେଲୱେ ୧୪–୦ ଗୋଲରେ ହିମାଚଳପ୍ରଦେଶକୁ ପରାସ୍ତ କରିଛି । ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା, ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା ସମ୍ପାଦକ ସଞ୍ଜୟ ବେହେରା, ଉପସଭାପତି ବିଜୟ ଦାସ, ଭକ୍ତବଲ୍ଲଭ ଦାସ, ତଡ଼ିତ କୁମାର ରାଉତ, ଦିଲୀପ କୁମାର ସାହୁ, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ, ସଙ୍ଗୀତା ଶର୍ମା, କର୍ପୋରେଟର ରଞ୍ଜନ କୁମାର ବିଶ୍ୱାଳ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଅଧିକାରୀ ଅଞ୍ଜନ କୁମାର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ ।



ରେଭେନ୍‌ଶା ଗ୍ରାଉଣ୍ଡରେ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

“ ଆଇଏଏଏଫ୍ କଣ୍ଟିନେଣ୍ଟାଲ କପ୍‌ରେ ଏକ ପଦକ ଜିତିବା ଦ୍ୱାରା ୨୦୨୦ ଟୋକିଓ ଅଲିମ୍ପିକ୍ସରେ ପୋଡିୟମ ଫିନିଶ କରିପାରିବି ବୋଲି ମୋ ଦୃଢ଼ ଆଶା ପୋଷଣ କରିଛି।
–ଅର୍ପିନ୍ଦର ସିଂ, ଭାରତୀୟ ଟ୍ରିପଲ ଜମ୍ପର



“ ପୋଲାଣ୍ଡରେ ବକ୍ସିଂ ପ୍ରତିଯୋଗିତା ପୂର୍ବରୁ ଷ୍ଟ୍ରେଜିଂ ଓ ସ୍କିପିଙ୍ଗ ଏକ୍ସରସାଇଜ୍ ଦ୍ୱାରା ୪ଘଣ୍ଟାରେ ୨କେଜି ଓଜନ କମାଇ ପାରିଥିଲି ।
–ଏମ୍. ସି. ମେରୀକମ୍, ଭାରତୀୟ ମହିଳା ବକ୍ସର



## ସଂକ୍ଷେପରେ

### ବିଶ୍ୱ ଚାମ୍ପିୟନଶିପ୍ ଖେଳିପାରିବେନି ଚାନୁ, ସତୀଶ

ନୂଆଦିଲ୍ଲୀ, ୧୮।୯(ପି.ଟି.): ସିନିୟର ଭାରୋତ୍ତୋଳକ ତଥା ଡିଫେଣ୍ଡିଂ ଚାମ୍ପିୟନ ମୀରାବାଈ ଚାନୁ, ସତୀଶ ଶିବଲିଙ୍ଗମ ଓ ଭେଙ୍କଟ ରାହୁଲ ଆଘାତଜନିତ ସମସ୍ୟା ଲାଗି ଚଳିତବର୍ଷ ଶେଷଭାଗରେ ହେବାକୁ ଥିବା ବିଶ୍ୱ ଚାମ୍ପିୟନଶିପ୍ ଖେଳିପାରିବେ ନାହିଁ। ନଭେମ୍ବର ୧ରୁ ତୁର୍କମେନିସ୍ତାନରେ ଏହି ସମ୍ମାନଜନକ ଇଭେଣ୍ଟ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରୁ ୨୦୨୦ ଟୋକିଓ ଅଲିମ୍ପିକ୍ସକୁ ଯୋଗ୍ୟତା ହାସଲ କରିବାର ସୁଯୋଗ ରହିଛି। ସିନିୟର ପ୍ରତିଯୋଗୀଙ୍କ ଅନୁପସ୍ଥିତି ଯୋଗୁ ଭାରତ ତା'ର ଜୁନିୟର ଖେଳାଳିଙ୍କୁ ନେଇ ବିଶ୍ୱ ଚାମ୍ପିୟନଶିପ୍ ଖେଳିବାକୁ ଯିବ। 'ଗତ ଏପ୍ରିଲରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପରଠାରୁ ଭାରତୀୟ ଭାରୋତ୍ତୋଳକ ଲଗାତର ଭାବେ ଖେଳିଆସୁଛନ୍ତି। ଏହା ତାଙ୍କୁ ବିଶ୍ରାମ ସଦୃଶ ହେବ' ବୋଲି ଭାରତୀୟ ଦଳର କୋଚ୍ ବିଜୟ ଶର୍ମା କହିଛନ୍ତି। ନିକଟରେ ଜାକର୍ତ୍ତାରେ ଶେଷ ହୋଇଥିବା ଏସିଆନ ଗେମ୍ସରେ ଭାରତୀୟ ଲିଫ୍ଟର ପଦକଶୂନ୍ୟ ଭାବେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ।

### ୧୬ ବର୍ଷରୁ କମ୍ ମହିଳା ଫୁଟବଲ
### ଆଜି ପାକିସ୍ତାନକୁ ଭେଟିବ ଭାରତ

ଉଲାନବାତର(ମଙ୍ଗୋଲିଆ), ୧୮।୯(ପି.ଟି.): ୧୬ ବର୍ଷରୁ କମ୍ ମହିଳା ଏଏଫ୍‌ସି କପ୍ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ବୁଧବାର ଭାରତୀୟ ମହିଳା ଫୁଟ୍‌ବଲ ଦଳ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବାକୁ ଯାଉଛି। ପ୍ରତିଯୋଗିତାରେ ଭାରତୀୟ ଦଳ ତା'ର ପ୍ରଥମ ମ୍ୟାଚ୍‌ରେ ହଂକଂକୁ ୬-୧ ଗୋଲର ବୃହତ ବ୍ୟବଧାନରେ ପରାସ୍ତ କରିଥିବାରୁ ଖେଳାଳିଙ୍କ ମନୋବଳ ବେଶ୍ ଦୃଢ଼ ରହିଛି। ଆମେ ଏହି ମ୍ୟାଚ୍ ପାଇଁ ପୂରା ପ୍ରସ୍ତୁତ ବୋଲି ଭାରତୀୟ ଜୁନିୟର ମହିଳା ଫୁଟ୍‌ବଲ ଦଳର କୋଚ୍ ଫିର୍ମିନ ଡି'ସୁଜା କହିଛନ୍ତି। ଗତ ମାସରେ ଡି'ସୁଜାଙ୍କ ତତ୍ତ୍ୱାବଧାନରେ ଭାରତୀୟ ୧୫ ବର୍ଷରୁ କମ୍ ମହିଳା ଫୁଟ୍‌ବଲ ଦଳ ଭୁଟାନରେ ଅନୁଷ୍ଠିତ ସାଫ୍ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଥିଲା। ଏଏଫ୍‌ସି ଯୋଗ୍ୟତା ପର୍ଯ୍ୟାୟରେ ପାକିସ୍ତାନ ବର୍ତ୍ତମାନ ସୁଦ୍ଧା ୨ଟି ମ୍ୟାଚ୍ ଖେଳି ଉଭୟରେ ପରାଜୟବରଣ କରିଛି। ପ୍ରଥମ ମ୍ୟାଚ୍‌ରେ ଦଳ ୮-୦ରେ ଆୟୋଜକ ମଙ୍ଗୋଲିଆଠାରୁ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ୩-୦ରେ ଲାଓସଠାରୁ ପରାସ୍ତ ହୋଇଥିଲା।

### ବିଜୟଙ୍କୁ ବ୍ରୋଞ୍ଜ

ନୂଆଦିଲ୍ଲୀ, ୧୮।୯ (ପି.ଟି.): ସ୍ଲୋଭାକିଆର ଟ୍ରାନାଭାଠାରେ ଚାଲିଥିବା ବିଶ୍ୱ ଜୁନିୟର କୁସ୍ତି ପ୍ରତିଯୋଗିତାରେ ଭାରତର ବିଜୟ ୫୫ କେଜି ଗ୍ରୀକୋ ରୋମାନ କାଟେଗୋରିରେ ବ୍ରୋଞ୍ଜ ପଦକ ଲାଭ କରିଥିବାବେଳେ ଅନ୍ୟ ଦୁଇଜଣ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। କ୍ୱାର୍ଟରଫାଇନାଲରେ କୋରିଆର କିମ୍ ଡୁହ୍ୟୁନ୍‌ଙ୍କୁ ୩-୧ରେ ପରାସ୍ତ କରିଥିବା ବିଜୟ ସେମିଫାଇନାଲରେ ଆର୍ମେନିଆର ଟିଗ୍ରାନ୍ ମିନାସ୍ୟାନଙ୍କୁ ହରାଇ ଦେଇଥିଲେ। ୬୦କେଜି ଗ୍ରୀକୋ ରୋମାନ ଷ୍ଟାଇଲ୍‌ରେ ବିଜୟ ନାମକ ଅନ୍ୟ ଜଣେ ଭାରତୀୟ କୁସ୍ତି ଯୋଦ୍ଧା ଇରାନର ଅଲି ରେଜା ଆୟାତ ଓଲାଙ୍କ ବିପକ୍ଷରେ ବିଜୟ ହାସଲ କରି ଫାଇନାଲରେ ପ୍ରବେଶ କରିଛନ୍ତି। ସ୍ୱର୍ଣ୍ଣ ପଦକ ମୁକାବିଲାରେ ସେ ତୁର୍କୀର କେରେମ କମାଲଙ୍କୁ ଭେଟିବେ। ଏସିଆନ ଚାମ୍ପିୟନ ସଜନ ଭାନୱାଲ ୭୭ କେଜି ଗ୍ରୀକୋ-ରୋମାନରେ ୟୁକ୍ରେନର ଦିମିଟ୍ରୋ ଗାର୍ଦୁବେଇଙ୍କୁ ହରାଇ ଫାଇନାଲକୁ ଉନ୍ନୀତ ହୋଇଛନ୍ତି।

### ପିଙ୍କି ଓହରିଲେ, ରିତୁ ମନୋନୀତ

ନୂଆଦିଲ୍ଲୀ, ୧୮।୯ (ପି.ଟି.): ଟ୍ରାଏଲରେ ଅଂଶଗ୍ରହଣ ଲାଗି ପିଙ୍କି ରାଜି ନ ହେବାରୁ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫଆଇ) ବିଶ୍ୱ ଚାମ୍ପିୟନଶିପ୍ ୫୩ କେଜି କାଟେଗୋରି ଲାଗି ରିତୁ ଫୋଗଟଙ୍କୁ ମନୋନୀତ କରିଛି। ଏସିଆନ ଗେମ୍ସରେ ପିଙ୍କିଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା। କିନ୍ତୁ ଜାକର୍ତ୍ତା ଯିବା ପୂର୍ବରୁ ୟାସାର ଡୋଗୁ ଇଣ୍ଟରନ୍ୟାଶନାଲରେ ସେ ଏକ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଏଥିଯୋଗୁ ପୂର୍ବରୁ ଲକ୍ଷ୍ନୌଠାରେ ଅନୁଷ୍ଠିତ ଟ୍ରାଏଲରେ ତାଙ୍କୁ ୫୩ କେଜି ଶ୍ରେଣୀରେ ଉଭୟ ଏସିଆନ ଗେମ୍ସ ଓ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ମନୋନୀତ କରାଯାଇଥିଲା।

# ହଂକଂକୁ ୨୬ ରନରେ ହରାଇଲା ଭାରତ

ଦୁବାଇ, ୧୮।୯

ଶିଖର ଧାୱନଙ୍କ ଆକର୍ଷଣୀୟ ଶତକ ସହାୟତାରେ ଏସିଆ କପ୍ କ୍ରିକେଟର ଚତୁର୍ଥ ମ୍ୟାଚରେ ଭାରତ ୨୬ ରନରେ ହଂକଂକୁ ପରାସ୍ତ କରିଛି। ୨୮୬ରନର ବିଜୟ ଲକ୍ଷ୍ୟ ନେଇ ହଂକଂ ନିର୍ଦ୍ଧାରିତ ଓଭରରେ ୮ଉଇକେଟ ହରାଇ ୨୫୯ ରନ କରିବାରେ ସମର୍ଥ ହୋଇଥିଲା। ମଙ୍ଗଳବାର ଗ୍ରୁପ୍ ଏ'ର ଏହି ମ୍ୟାଚରେ ନିଜାକତ ଖାଁ (୯୨) ଓ ଅଧିନାୟକ ଅଂଶୁମାନ ରଥ(୭୩) ପ୍ରଥମ ଉଇକେଟରେ ୧୭୪ରନ ଯୋଗକରି ଭାରତ ପାଇଁ ବିପଦ ସୃଷ୍ଟି କରିଥିଲେ। ହଂକଂ ପାଇଁ ଯେକୌଣସି ଉଇକେଟରେ ଏହାଥିଲା ସର୍ବାଧିକ ଭାଗୀଦାରି। ମାତ୍ର ଏହି ଯୋଡ଼ି ଭାଙ୍ଗିଗଲା ପରେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ପାରି ନ ଥିଲେ। କୁଲଦୀପ ଯାଦବ ଭାରତ ପାଇଁ ପ୍ରଥମ ବ୍ରେକ୍ ଥ୍ରୁ ଆଣିଥିଲେ। ସେ ଅଂଶୁମାନଙ୍କୁ ରୋହିତ ଶର୍ମାଙ୍କ ଦ୍ୱାରା କ୍ୟାଚ ଆଉଟ କରିଦେଇଥିଲେ। ଅଂଶୁମାନଙ୍କ ପରେ ପରେ ନିଜାକତଙ୍କୁ ମଧ୍ୟ ଶୀଘ୍ର ବିଦା ହେବାକୁ ପଡ଼ିଥିଲା। ତାଙ୍କୁ କେ. ଖଲିଲ ଅହମ୍ମଦ ଆଉଟ କରିଦେଇଥିଲେ। ସେତେବେଳକୁ ଦଳର ସ୍କୋର ୧୭୫ ରହିଥିଲା। ପରେ ହଂକଂ ନିୟମିତ ବ୍ୟବଧାନରେ ଉଇକେଟମାନ ହରାଇଥିଲା। ଭାରତ ବୁଧବାର ପରବର୍ତ୍ତୀ ମ୍ୟାଚ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ମୁକାବିଲା କରିବ।

ହଂକଂ ଦଳର ନେତୃତ୍ୱ ନେଉଥିବା ଓଡ଼ିଶାର ଅଂଶୁମାନ ରଥ ଟସ୍ ଜିତି ଭାରତକୁ ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ଅଧିନାୟକ ରୋହିତ ଶର୍ମା ଓ ଶିଖର ଧାୱନ ପ୍ରଥମ ଉଇକେଟରେ ୪୫ ରନ ଯୋଗ କରିଥିଲେ। ୨୨ ବଲ୍‌ରୁ ୨୩ ରନ କରି ରୋହିତ ପ୍ରଥମ ଖେଳାଳିଭାବେ ପ୍ୟାଭିଲିୟନ ଫେରିଥିଲେ। ୩ ନମ୍ବର ସ୍ଥାନରେ କ୍ରିଜରେ ଯୋଗ ଦେଇଥିବା ଅମ୍ବାତି ରାୟୁଡୁ ଓ ଧାୱନଙ୍କ ଶତକୀୟ ଭାଗୀଦାରି ଯୋଗୁ ଭାରତ ଏକ ବଡ଼ ସ୍କୋର ଆଡ଼କୁ ମୁହାଁଇଥିଲା। ଦ୍ୱିତୀୟ ଉଇକେଟ ଯୋଡ଼ିରେ ୧୧୬ ରନ ସଂଗ୍ରହ ପରେ ରାୟୁଡୁ ବ୍ୟକ୍ତିଗତ ୬୦(୭୦ ବଲ, ୩ ଚୌକା, ୨ ଛକା) ରନ କରି ଆଉଟ ହୋଇଥିଲେ। ୪ ନମ୍ବର ସ୍ଥାନରେ କ୍ରିଜକୁ ଆସିଥିବା ଦୀନେଶ କାର୍ତ୍ତିକ ୩୩ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଧାୱନ ଓ କାର୍ତ୍ତିକଙ୍କ ୩ୟ ଉଇକେଟ ଯୋଡ଼ିରେ ୭୯ ରନ ସଂଗୃହୀତ ହୋଇଥିଲା। ଇଂଲଣ୍ଡ ଗସ୍ତରେ ଫେଲ୍ ମାରିଥିବା ଧାୱନ କିନ୍ତୁ ହଂକଂ ବିପକ୍ଷରେ ୧୨୦ ବଲ୍‌ରୁ ୧୫ ଚୌକା ଓ ୨ ଛକା ସହାୟତାରେ ୧୨୭ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ସେତେବେଳକୁ ଦଳୀୟ ସ୍କୋର ୪୦.୪ ଓଭରରେ ୨୪୦ ହୋଇ ସାରିଥିଲା। ତେବେ ଭାରତ ଶେଷ ୧୦ ଓଭରରେ ଆଶାନୁରୂପ ବ୍ୟାଟିଂ କରି ନ ପାରିବାରୁ ଦଳୀୟ ଇନିଂସ ୫୦ ଓଭରରେ ୨୮୫/୭ରେ ସୀମିତ ରହି ଯାଇଥିଲା। ମହେନ୍ଦ୍ର ସିଂ ଧୋନୀ ଖାତା ଖୋଲି ପାରି ନ ଥିବାବେଳେ କେଦାର ଯାଦବ ୨୭ ବଲ୍‌ରୁ ୨୮ ରନ ସ୍କୋର କରି ଅପରାଜିତ ରହିଥିଲେ। ଶେଷଭାଗରେ ଭୁବନେଶ୍ୱର କୁମାର ୧୮ ବଲ୍‌ରୁ ୯ ରନ କରି ଏବଂ ଶାର୍ଦ୍ଦୁଳ ଠାକୁର ଡକ୍(୦)ରେ ଆଉଟ ହୋଇଥିଲେ। ହଂକଂ ପକ୍ଷରୁ କିଞ୍ଚିତ ଶାହ ୩ଟି, ଏହସାନ ଖାଁ ୨ଟି ଏବଂ ଏହସାନ ନୱାଜ ଓ ଏଜାଜ ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଭାରତର ବାମହାତୀ ପେସର ଖଲିଲ ଅହମ୍ମଦ ଏଠାରେ ଦିନିକିଆ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ।



ଶତକ ହାସଲ ପରେ ଶିଖର ଧାୱନ।

**ହଂକଂ ପାଇଁ ରେକର୍ଡ ଭାଗୀଦାରି**

- ୧୭୪ ରନ: ଅଂଶୁମାନ ରଥ–ନିଜାକତ୍ ଖାଁ (ଓପନିଂ) ବନାମ ଭାରତ୨୦୧୮
- ୧୭୦ : ଅଂଶୁମାନ–ନିଜାକତ୍ ଖାଁ (୪ର୍ଥ ଉଇକେଟ୍) ବନାମ ସ୍କଟଲାଣ୍ଡ ୨୦୧୬
- ୧୪୨ : ଅଂଶୁମାନ–ବାବର ହାୟତ୍ (୨ୟ ଉଇକେଟ୍) ବନାମ ପପୁଆ ନ୍ୟୁ ଗିନି ୨୦୧୭
- ୧୨୦: ଅଂଶୁମାନ–ବାବର (୪ର୍ଥ ଉଇକେଟ୍) ବନାମ ପପୁଆ ନ୍ୟୁ ଗିନି ୨୦୧୬
- ୧୦୧: ତନବୀର ଅଫଜଲ–ଇଜାଜ୍ ଖାଁ (୮ମ ଉଇକେଟ) ବନାମ ୟୁଏଇ ୨୦୧୫

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୨୮୫/୭(ଧାୱନ-୧୨୭, ରାୟୁଡୁ-୬୦, କାର୍ତ୍ତିକ-୩୩, କିଞ୍ଚିତ ଶାହ-୩/୩୯, ଏହସାନ ଖାଁ-୨/୬୫, ଏହସାନ ନୱାଜ-୧/୫୦, ଏଜାଜ ଖାଁ-୧/୪୧)।
ହଂକଂ ୫୦ ଓଭରରେ ୨୫୯/୮(ନିଜାକତ ଖାଁ-୯୨, ଅଂଶୁମାନ ରଥ-୭୩, ଏହେସାନ ଖାଁ-୨୨; ଯୁଜବେନ୍ଦ୍ର ଚହଲ-୩/୪୬, କେ. ଖଲିଲ ଅହମ୍ମଦ-୩/୪୮, କୁଲ୍‌ଦୀପ ଯାଦବ-୨/୪୨)।

### ସର୍ବିୟାଠାରୁ ପୁଣି ହାରିଲା ଭାରତ

ନୂଆଦିଲ୍ଲୀ, ୧୮।୯ (ପି.ଟି.)

ଆସନ୍ତା ବର୍ଷ ୧୯ ବର୍ଷରୁ କମ୍ ଏସିଆନ ଚାମ୍ପିୟନଶିପ୍ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ ହେବାକୁ ଯାଉଥିବା ବେଳେ ଭାରତ ପ୍ରସ୍ତୁତି ତଥା ଅଭ୍ୟାସ ପାଇଁ ୟୁରୋପ ଗସ୍ତ କରିଛି। ତେବେ ଭାରତ ଆୟୋଜକ ସର୍ବିୟାଠାରୁ କ୍ରମାଗତ ଦ୍ୱିତୀୟ ପରାଜୟବରଣ କରିଛି। ସର୍ବିୟା ୩–୧ ଗୋଲରେ ଭାରତକୁ ପରାସ୍ତ କରିଛି। କୋଚ୍ ଫ୍ଲଏଡ ପିଣ୍ଟୋଙ୍କ ତତ୍ତ୍ୱାବଧାନରେ ଭାରତ ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ୦–୨ ଗୋଲରେ ପରାସ୍ତ ହୋଇଥିଲା। ସୋମବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ଆରମ୍ଭରୁ ପ୍ରଭାବ ବିସ୍ତାର କରି ଖେଳିଥିଲା ଓ ଘରୋଇ ଦଳ ଉପରେ ଚାପ ପ୍ରୟୋଗ କରିବାରେ ସଫଳ ହୋଇଥିଲା। ଭାରତୀୟ ଅଧିନାୟକ ଅମରଜିତ ସିଂ ଓ ମିଡଫିଲ୍ଡର ଜିକସନ ମ୍ୟାଚ୍ ପ୍ରାରମ୍ଭରୁ ଏକ ଗୋଲ ସୁଯୋଗ ସୃଷ୍ଟି କରିଥିଲେ। ତେବେ ସର୍ବିୟା ପ୍ରଥମେ ଗୋଲ ଦେବାରେ ସକ୍ଷମ ହୋଇଥିଲା। ସର୍ବିୟାର ବୋଜିକ ବୋଜାନ ଭାରତୀୟ ଗୋଲକିପର ପ୍ରଭସୁଖାନ ଗିଲ୍‌ଙ୍କୁ ଚକ୍‌ମା ଦେଇ ପ୍ରଥମ ଗୋଲ ଦେଇଥିଲେ। ମ୍ୟାଚ୍‌ର ୩୦ତମ ମିନିଟ୍‌ରେ ଗିଲ୍ ଆଉ ଏକ ତ୍ରୁଟି କରିଥିଲେ ଓ ଏହାର ଫାଇଦା ଉଠାଇ ସର୍ବିୟା ଦ୍ୱିତୀୟ ଗୋଲ ଦେଇଥିଲା। ଗିଲ୍ ସାଥୀ ଷ୍ଟ୍ରାଇକର ଜିକସନଙ୍କୁ ପାସ ଦେଉଥିବା ବେଳେ ସର୍ବିୟାର ଜେନୋଭିକ ମାର୍କୋ ବଲକୁ ନିଜ ଅକ୍ତିଆରକୁ ନେଇ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ଏହା ପରେ ଭାରତୀୟ ଦୁର୍ବଳ ଡିଫେନ୍ସର ଫାଇଦା ଉଠାଇ ସର୍ବିୟା ତୃତୀୟ ଗୋଲ ସ୍କୋର କରିଥିଲା। ଏକାଧିକ ପ୍ରୟାସ କରିବା ପରେ ହାଫ୍ ଟାଇମ୍ ବେଳକୁ ଭାରତ ଗୋଟିଏ ଗୋଲ ଦେବାକୁ ସକ୍ଷମ ହୋଇଥିଲା।

## ମ୍ୟାଚ୍ ଦେଖିବେ ଇମ୍ରାନ ଖାଁ

କରାଚୀ, ୧୮।୯, (ପି.ଟି.)

ବୁଧବାର ଖେଳାଯିବାକୁ ଥିବା ଭାରତ–ପାକିସ୍ତାନ ଏସିଆ କପ୍ ଗ୍ରୁପ୍ ମ୍ୟାଚ୍ ଦେଖିବାକୁ ପାକିସ୍ତାନ ନବ ନିର୍ବାଚିତ ପ୍ରଧାନମନ୍ତ୍ରୀ ତଥା କିମ୍ବଦନ୍ତୀ କ୍ରିକେଟର ଇମ୍ରାନ ଖାଁ ଦୁବାଇ ଯିବେ। ଏନେଇ ସ୍ଥାନୀୟ ଗଣମାଧ୍ୟମ ଗୁଡିକ ଖବର ପ୍ରକାଶ କରିଛନ୍ତି। ଇମ୍ରାନଙ୍କ ନେତୃତ୍ୱରେ ପାକିସ୍ତାନ ୧୯୯୨ ବିଶ୍ୱକପ୍ ଟାଇଟଲ ହାସଲ କରିଥିଲା। ଜଣେ କିମ୍ବଦନ୍ତୀ ଅଲରାଉଣ୍ଡର ଭାବେ ଇମ୍ରାନଙ୍କର ସାରା ବିଶ୍ୱରେ ଖ୍ୟାତି ରହିଛି। ସେ ମଧ୍ୟ ଏବେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମୁଖ୍ୟ ପୃଷ୍ଠପୋଷକ ରହିଛନ୍ତି। ଇମ୍ରାନ ଏହି ହାଇଭୋଲ୍ଟେଜ ମ୍ୟାଚ୍ ଦେଖିବେ ବୋଲି ଜିଓ ଟିଭି ତରଫରୁ କୁହାଯାଇଛି। ପ୍ରଧାନମନ୍ତ୍ରୀ ହେବା ପରେ ପାକିସ୍ତାନ ପ୍ରଥମ ବିଦେଶ ଗସ୍ତରେ ସୌଦି ଆରବ ଓ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଗସ୍ତ କରିଛନ୍ତି। ୨୦୦୬ ପରେ ପ୍ରଥମଥର ପାଇଁ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ୟୁଏଇରେ ମୁହାଁମୁହିଁ ହେବାକୁ ଯାଉଛନ୍ତି। ସୂଚନାଯୋଗ୍ୟ ଯେ, ଇମ୍ରାନଙ୍କ ନେତୃତ୍ୱରେ ପାକିସ୍ତାନ ସାରଜାରେ ଅନୁଷ୍ଠିତ ଭାରତ ବିପକ୍ଷ ମ୍ୟାଚଗୁଡିକରେ ଭଲ ପ୍ରଦର୍ଶନ କରିଥିଲା। ୮୦ ଦଶକର ମଧ୍ୟ ଭାଗରୁ ୯୦ ଦଶକର ପ୍ରାରମ୍ଭ ପର୍ଯ୍ୟନ୍ତ ସାରଜାରେ ଭାରତ ଓ ପାକିସ୍ତାନ ଏକାଧିକବାର ମୁହାଁମୁହିଁ ହୋଇଥିଲେ।



## ନୂଆ ସିଇଓ ସନ୍ଧାନରେ ଆଇସିସି

ଦୁବାଇ, ୧୮।୯ (ପି.ଟି.)

ଡେଭିଡ ରିଚାର୍ଡସନଙ୍କ କାର୍ଯ୍ୟକାଳ ଆସନ୍ତା ଗ୍ରୀଷ୍ମଋତୁରେ ଶେଷ ହୋଇଯାଉଥିବାରୁ ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ(ଆଇସିସି) ଜଣେ ନୂଆ ମୁଖ୍ୟ କାର୍ଯ୍ୟ ନିର୍ବାହୀ(ସିଇଓ)ଙ୍କ ସନ୍ଧାନରେ ରହିଛି। ଆଇସିସି ଏଥିପାଇଁ ଗ୍ଲୋବାଲ ଏକ୍ସିକ୍ୟୁଟିଭ ରିକ୍ରୁଇଟମେଣ୍ଟ କମ୍ପାନୀ ଏଗନ ଜେହଣ୍ଡରକୁ ନିଯୁକ୍ତି ଦେଇଛି। ଆଇସିସି ଚେୟାରମ୍ୟାନ ଶଶାଙ୍କ ମନୋହର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ପରିବର୍ତ୍ତନଶୀଳ ବିଶ୍ୱରେ କ୍ରିକେଟକୁ ମାର୍କେଟିଂ କରାଇବା ତାଙ୍କର ମୁଖ୍ୟ କାର୍ଯ୍ୟ ହେବ। ଏଗନ ଜେହଣ୍ଡର'ର ବିଶ୍ୱବ୍ୟାପୀ ୪୦ଟି ଦେଶରେ ଶାଖା କାର୍ଯ୍ୟାଳୟ ରହିଛି। ଆଇସିସି ବୋର୍ଡ ତରଫରୁ ଏଗନ ଜେହଣ୍ଡର ଫାର୍ମର ନିଲ୍ ୱାଟର୍ସ ସିଇଓ ସନ୍ଧାନ କାର୍ଯ୍ୟର ନେତୃତ୍ୱ ନେବେ।

# ଭାରତ–ପାକିସ୍ତାନ ମ୍ୟାଚ୍ ଆଜି

ଦୁବାଇ, ୧୮।୯ (ପି.ଟି.)

ଚଳିତ ଏସିଆ କପ ୧୪ତମ ସଂସ୍କରଣର ପଞ୍ଚମ ମ୍ୟାଚ୍‌ରେ ବୁଧବାର ଉପମହାଦେଶର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ଗ୍ରୁପ୍ ଏ'ର ଏହି ମ୍ୟାଚ ଉପରେ ସାରା ବିଶ୍ୱର ନଜର ରହିଛି। ଶେଷଥର ପାଇଁ ଏହି ଦୁଇ ଦେଶ ୨୦୧୭ ଜୁନ ୧୮ ତାରିଖରେ ଲଣ୍ଡନର ଓଭାଲ ଗ୍ରାଉଣ୍ଡରେ ଚାମ୍ପିୟନ୍ସ ଟ୍ରଫି ଫାଇନାଲ ମ୍ୟାଚରେ ପରସ୍ପରକୁ ଭେଟିଥିଲେ। ପାକିସ୍ତାନ ଓପନର ଫକର ଜମାନଙ୍କ ଶତକ ସହାୟତାରେ ବିଜୟୀ ହୋଇ ଟାଇଟଲ ହାସଲ କରିଥିଲା। ପାକିସ୍ତାନ ଇତିମଧ୍ୟରେ ଦିନିକିଆ ଫର୍ମାଟରେ ଯଥେଷ୍ଟ ଉନ୍ନତି କରିଛି। ସର୍ଫରାଜ ଅହମ୍ମଦଙ୍କ ନେତୃତ୍ୱରେ ପାକିସ୍ତାନ ଭଲ ପ୍ରଦର୍ଶନ କରୁଛି।

ଅନ୍ୟପଟେ ନିୟମିତ ଅଧିନାୟକ ବିରାଟ କୋହଲିଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ତାରକା ଓପନର ରୋହିତ ଶର୍ମାଙ୍କୁ ଭାରତର ନେତୃତ୍ୱ ପ୍ରଦାନ କରାଯାଇଛି। କ୍ରମାଗତ ଦୁଇ ଦିନରେ ଦୁଇଟି ମ୍ୟାଚ ଖେଳିବା ଭାରତ ପାଇଁ ଅବଶ୍ୟ ସମସ୍ୟା ସୃଷ୍ଟି କରିବ। ଦିନିକିଆରେ ଏପର୍ଯ୍ୟନ୍ତ ଭାରତ ଓ ପାକିସ୍ତାନ ୧୨୯ଟି ମ୍ୟାଚ୍‌ରେ ପରସ୍ପରକୁ ଭେଟିଛନ୍ତି। ଏଥିରେ ପାକିସ୍ତାନ ୭୩ଟିରେ ବିଜୟୀ ହୋଇଥିବା ବେଳେ ଭାରତ ୫୨ଟିରେ ବାଜି ମାରିଛି ଓ ୪ ଟି ମ୍ୟାଚ ଅମୀମାଂସିତ ରହିଛି। ପୁଣି ଏସିଆ କପ୍‌କୁ ବିଚାର କଲେ ଉଭୟ ଦେଶ ୧୨ଟିରେ ମୁହାଁମୁହିଁ ହୋଇଛନ୍ତି। ଏଥିରେ ଭାରତ ୬ଥର ବିଜୟୀ ହୋଇଛି। ସେହିପରି ପାକିସ୍ତାନ ୫ଟି ମ୍ୟାଚ୍ ଜିତିଥିବା ବେଳେ ଗୋଟିଏ ମ୍ୟାଚ୍‌ର ଫଳାଫଳ ମିଳିପାରି ନ ଥିଲା।

ପାକିସ୍ତାନ ଦଳରେ ଏକାଧିକ ପ୍ରତିଭା ସମ୍ପନ୍ନ ଖେଳାଳି ରହିଛନ୍ତି। ଓପନର ଫକର ଜମାନ, ବାବର ଆଜମ ଓ ଇମାମ– ଉଲ – ହକଙ୍କ ଭଳି ଯୁବ ଖେଳାଳି ପାକିସ୍ତାନ କ୍ରିକେଟକୁ ନୂଆ ରୂପ ଦେଇଛନ୍ତି। ପାକିସ୍ତାନ ଦଳରେ ବିଶ୍ୱସ୍ତରୀୟ ବୋଲର ରହିଛନ୍ତି। ମହମ୍ମଦ ଆମୀର ଓ ହାସନ ଅଲୀ ଦ୍ରୁତ ଗତିରେ ବୋଲିଂ କରିବା ସହ ଉଭୟ ପଟକୁ ବଲ୍ ସୁଇଙ୍ଗ୍ କରିବାର କ୍ଷମତା ରଖୁଛନ୍ତି। ସେହିପରି ସ୍ପିନ୍ ବିଭାଗରେ ଶଦାବ ଖାଁ, ଅଭିଜ୍ଞ ସୋଏବ ମଲିକ, ହାରିସ ସୋହେଲ ମଧ୍ୟ ପାକିସ୍ତାନ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବେ। ଅଲରାଉଣ୍ଡର ଫାହିମ ଆଶ୍ରଫ୍ ଓ ୧୮ ବର୍ଷୀୟ ଦ୍ରୁତ ବୋଲର ଶାହିନ ଆଫ୍ରିଦିଙ୍କ ଉପରେ ସମସ୍ତଙ୍କ ନଜର ରହିବ। କୋହଲିଙ୍କ ଅନୁପସ୍ଥିତି କାରଣରୁ ଆମେ ଭାରତକୁ ଆଦୌ ହାଲକା ଭାବେ ନେବୁନାହିଁ ବୋଲି ପାକିସ୍ତାନ ଅଧିନାୟକ ସର୍ଫରାଜ ଅହମ୍ମଦ କହିଛନ୍ତି।

କୋହଲିଙ୍କ ଅନୁପସ୍ଥିତିରେ ମହେନ୍ଦ୍ର ସିଂ ଧୋନୀଙ୍କ ଉପରେ ଗୁରୁଦାୟିତ୍ୱ ରହିଛି। ଉଭୟ ଦଳରେ ଏକାଧିକ ବିଶ୍ୱସ୍ତରୀୟ ଖେଳାଳି ରହିଛନ୍ତି। ଏସିଆ କପ୍ ରେକର୍ଡ ଦୃଷ୍ଟିକୋଣରୁ ଭାରତ ପାଦେ ଆଗରେ ଥିବାପରି ମନେହେଉଛି। କୋହଲିଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତୀୟ ଦଳ ସନ୍ତୁଳନରେ ପ୍ରଭାବ ପଡିବ ନାହିଁ। ଭାରତୀୟ ଦଳରେ ରୋହିତଙ୍କ ସମେତ ଶିଖର ଧାୱନ, ଲୋକେଶ ରାହୁଲ, କେଦାର ଯାଦବଙ୍କ ଭଳି ବ୍ୟାଟ୍ସମ୍ୟାନ ରହିଛନ୍ତି। ସେହିପରି ଯଶପ୍ରୀତ ବୁମରା, ଭୁବନେଶ୍ୱର କୁମାର, କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲଙ୍କ ଭଳି ବିଶ୍ୱସ୍ତରୀୟ ବୋଲର ଦଳରେ ରହିଛନ୍ତି। ଧୋନୀ ଓ ଭୁବନେଶ୍ୱରଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ।



ରୋହିତ ଶର୍ମା ଓ ସର୍ଫରାଜ ଅହମ୍ମଦ ।

- ଭାରତୀୟ ଦଳ: ରୋହିତ ଶର୍ମା(ଅଧିନାୟକ), ଶିଖର ଧାୱନ, ଲୋକେଶ ରାହୁଲ, ଅମ୍ବାତି ରାୟୁଡୁ, ମନୀଷ ପାଣ୍ଡେ, କେଦାର ଯାଦବ, ମହେନ୍ଦ୍ର ସିଂ ଧୋନୀ, ହାର୍ଦ୍ଦିକ ପାଣ୍ଡ୍ୟା, ଭୁବନେଶ୍ୱର କୁମାର, ଯଶପ୍ରୀତ ବୁମରା, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ଶାର୍ଦ୍ଦୁଳ ଠାକୁର, ଦୀନେଶ କାର୍ତ୍ତିକ ଓ ଖଲିଲ ଅହମ୍ମଦ।
- ପାକିସ୍ତାନ ଦଳ: ସର୍ଫରାଜ ଅହମ୍ମଦ (ଅଧିନାୟକ), ଫକର ଜମାନ, ଇମାମ-ଉଲ ହକ, ବାବର ଆଜମ, ଶାନ ମାସୁଦ, ସୋଏବ ମଲିକ, ହାରିସ ସୋହେଲ, ଶଦାବ ଖାନ, ମହମ୍ମଦ ନୱାଜ, ଫହିମ ଅଶ୍ରଫ୍, ହାସନ ଅଲୀ, ଜୁନେଦ ଖାଁ, ଉସମାନ ଖାଁ, ଶାହୀନ ଆଫ୍ରିଦି, ଆସିଫ୍ ଅଲୀ ଓ ମହମ୍ମଦ ଆମୀର।

ସ୍ଥାନ: ଦୁବାଇ
ସମୟ: ସନ୍ଧ୍ୟା ୫ଟା
**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ**

ଏହି ମ୍ୟାଚ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ଯଦି ପାକିସ୍ତାନ ଓ ଭାରତ ଫାଇନାଲକୁ ଉତ୍ତୀର୍ଣ୍ଣ ହୁଅନ୍ତି ଦେବେ ଏହି ଟୁର୍ନାମେଣ୍ଟରେ ଏହି ଦୁଇ ଦେଶ ୩ଥର ଭେଟାଭେଟି ହେବା ଏକପ୍ରକାର ନିଶ୍ଚିତ।



ଜାତୀୟ ସଫ୍ଟବେସ୍‌ବଲ୍ ପାଇଁ ମନୋନୀତ ଓଡ଼ିଶା ଦଳ।

## ଜାତୀୟ ସଫ୍ଟବେସବଲ ପାଇଁ ଓଡ଼ିଶା ଦଳ ଘୋଷିତ

ଭୁବନେଶ୍ୱର, ୧୮।୯(କ୍ରୀଡ଼ା ପ୍ରତିନିଧି)

ପୁରୀ ଇନ୍‌ଡୋର ଷ୍ଟାଡିୟମରେ ୪ର୍ଥ ଜାତୀୟ ସଫ୍ଟ ବେସବଲ ଚାମ୍ପିୟନଶିପ୍ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି। ୨୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତା ପାଇଁ ମଙ୍ଗଳବାର ୧୮ ଜଣିଆ ଓଡ଼ିଶା ବାଳିକା ଓ ବାଳକ ଦଳ ଘୋଷିତ ହୋଇଛି। ବାଳିକା ଦଳରେ ଅର୍ଚ୍ଚନା ଲାକ୍ରା, ସବିତା ହାଁସଦା, ଝରଣା ନାୟକ, ସ୍ୱାତୀ କିର୍ତ୍ତନିଆ, ବିନିତା ନାୟକ, ଶ୍ୱଛଲ୍ୟା ଟୋପ୍, ନିକିତା କୁଜୁର, ଅମ୍ରିତା କହଁର, ଅଲିଭା ପ୍ରଧାନ, ପଦ୍ମିନୀ ସିଂ, ଚାନ୍ଦିନୀ ସିଂ, ସୁଲୋଚନା ମଲିକ, ଚାନ୍ଦିନୀ ମୂତିକା, ତୃପ୍ତିରେଖା ସୋରେନ, ପୂର୍ଣ୍ଣିମା ସୋରେନ, ଲକ୍ଷ୍ମୀ ସୋରେନ, ମମତା ସିଂ, ଲକ୍ଷ୍ମୀ ମୁର୍ମୁ ସ୍ଥାନ ପାଇଛନ୍ତି। ସେହିପରି ବାଳକ ଦଳରେ ରହିଛନ୍ତି ସିଦ୍ଧାନ୍ତ ପ୍ରଧାନ, ଲିପୁନ ସିଂ, ସଞ୍ଜୟ ସିଂ, ଗୌତମ ସିଂ, ଅମରେନ୍ଦ୍ର କ୍ରିଷାନୀ, ସୁବିତ ଥନପତି, ସୋମା ସିଂ, ଟୁନା କହଁର, ମନହରି ମାଝି, ରଞ୍ଜିତ ସିଂ, ଜିହ୍ନୁଦସୁନା ମାଝି, ସୋନୁ ଜାନି, ଓମ୍ ପୁରନ, ଚୌଧୁରୀ ଶାଶ୍ୱତ ମହାନ୍ତି, ନିଶାନନ୍ଦ ମହାନ୍ତି, ଏମ.ଡି.ଅମନ୍, ଶୁହମ୍ ନାୟକ, ମୁନା ଦାସ। ବାଳିକା କୋଚ୍‌ଭାବେ ବିନୁ ସାହୁ, ମ୍ୟାନେଜର ରୂପଶ୍ରୀ ତ୍ରିପାଠୀ, ବାଳକ ଦଳର କୋଚ୍‌ଭାବେ ସନ୍ଦିପ କୁମାର ଦାସ ଓ ମ୍ୟାନେଜର ଉମେଶ କୁମାର ପ୍ରଧାନ ପୁରୀ ଯାତ୍ରା କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୯/୨୦୧୮ Bhubaneswar, Wednesday, September 19/ 2018

# ଓଏଚ୍ଆର୍‌ସି ଅଚଳ

- ଖାଲିପଡ଼ିଛି ଅଧ୍ୟକ୍ଷ, ସଦସ୍ୟ ପଦବୀ
- ୧୫ ହଜାରରୁ ଊର୍ଦ୍ଧ୍ୱ ମାମଲା ପଡ଼ିରହିଛି
- ରାଜଭବନ ଆଗରେ ଧାରଣା ଦେବାକୁ ଚେତାବନୀ

ଭୁବନେଶ୍ୱର, ୧୮।୯(ବ୍ୟୁରୋ)

ଜନସାଧାରଣଙ୍କ ମାନବିକ ଅଧିକାରର ସୁରକ୍ଷା ସାଙ୍ଗକୁ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବାରେ ରାଜ୍ୟ ମାନବାଧିକାର କମିଶନ(ଓଏଚ୍ଆର୍‌ସି)ଙ୍କ ବଡ଼ ଭୂମିକା ରହିଛି। ହେଲେ ରାଜ୍ୟ ସରକାରଙ୍କ ଅବହେଳା ଯୋଗୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ କମିଶନ ଏବେ ଅଚଳ ହୋଇପଡ଼ିଛି। ଗତ ଅଗଷ୍ଟ ୧୫ରୁ କମିଶନ ଅଧ୍ୟକ୍ଷ ଜଷ୍ଟିସ ବୀରକିଶୋର ମିଶ୍ରଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଉକ୍ତ ପଦବୀ ସାଙ୍ଗକୁ ଅନ୍ୟାନ୍ୟ ସଦସ୍ୟ ପଦବୀ ମଧ୍ୟ ଖାଲିପଡ଼ିଛି। ସରକାର ଏଯାଏ ସେସବୁ ପଦବୀ ପୂରଣ କରିନାହାନ୍ତି। ଫଳରେ ମାନବାଧିକାର ଉଲ୍ଲଂଘନ ସଂକ୍ରାନ୍ତ ହଜାର ହଜାର ମାମଲା ଏବେ ବିଚାର ହୋଇପାରୁ ନାହିଁ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଲୋକେ ଅଭିଯୋଗ କରିବାକୁ ଆସି ଫେରୁଛନ୍ତି।

କମିଶନ ଅଧ୍ୟକ୍ଷ ଓ ସଦସ୍ୟ ପଦ ପୂରଣ ଲାଗି ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଥିଲେ ହେଁ ଠିକ୍ ସମୟରେ ବୈଠକ ଡକାଯାଇ ନ ଥିବାରୁ ଏବେ ବିନା ମୁରବିରେ ଚାଲିଛି କମିଶନ। ଏହାକୁ ନେଇ ମାନବାଧିକାର କର୍ମୀ ଓ ସଂଗଠନଗୁଡ଼ିକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ନେଇ ମଙ୍ଗଳବାର ଲୋହିଆ ଏକାଡେମୀଠାରେ ମାନବାଧିକାର କର୍ମୀମାନଙ୍କ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ରାଜ୍ୟ ସରକାର ସ୍ୱଚ୍ଛତା ପ୍ରକ୍ରିୟା ଅନୁସରଣ କରି ସମସ୍ତ ପଦବୀ ପୂରଣ କରିବାକୁ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ସେମାନେ ରାଜ୍ୟପାଳଙ୍କୁ ଭେଟିବା ସହ ରାଜଭବନ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ କହିଛନ୍ତି, ୧୯୯୩ ଧାରା ୨୧ ଅନୁଯାୟୀ ମାନବାଧିକାର ସୁରକ୍ଷା ଓ ପ୍ରୋତ୍ସାହନ ପାଇଁ ଓଡ଼ିଶା ମାନବାଧିକାର କମିଶନ ୨୦୦୦ ମସିହାରେ ଗଠନ ହୋଇଥିଲା। ୨୦୦୩ରୁ କମିଶନ କାର୍ଯ୍ୟ ଆରମ୍ଭ କରିଥିଲା। ଆଇନ ଅନୁଯାୟୀ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କୁ ଅଧ୍ୟକ୍ଷ, ଅବସରପ୍ରାପ୍ତ ଜିଲାଜଜ୍ କିମ୍ବା ତଦୂର୍ଦ୍ଧ୍ୱ ବିଚାରପତିଙ୍କୁ କିମ୍ବା ମାନବାଧିକାର କାର୍ଯ୍ୟରେ ଅଭିଜ୍ଞତାଥିବା ବ୍ୟକ୍ତିଙ୍କୁ ସଦସ୍ୟଭାବେ ନିଯୁକ୍ତ କରାଯାଇପାରିବ। ମୁଖ୍ୟମନ୍ତ୍ରୀ, ଗୃହମନ୍ତ୍ରୀ, ବାଚସ୍ପତି ଓ ବିରୋଧୀ ଦଳ ନେତାଙ୍କୁ ନେଇ ଗଠିତ କମିଟି ପ୍ରାର୍ଥୀଙ୍କ ନାମ ଚୟନକରି ପଠାଇଲେ ରାଜ୍ୟପାଳ ସେମାନଙ୍କୁ ନିଯୁକ୍ତି ଦେଇଥାନ୍ତି। କିନ୍ତୁ ସରକାରଙ୍କ ଆନ୍ତରିକତା ଅଭାବରୁ ଏହି କମିଟି କେବେ ହେଲେ କମିଶନ ଅଧ୍ୟକ୍ଷ ଏବଂ ୨ ସଦସ୍ୟ ପଦବୀ ଲାଗି ନାମ ପଠାଉନାହାନ୍ତି। ବର୍ଷ ବର୍ଷ ଅନ୍ତରରେ ଗୋଟିଏ ଗୋଟିଏ ନାମ ଅଧ୍ୟକ୍ଷ କିମ୍ବା ସଦସ୍ୟ ପଦବୀ ଲାଗି ପଠାଉଛନ୍ତି। ଫଳରେ କେବେ ହେଲେ ଏକକାଳୀନ ୩ଟି ଯାକ ପଦବୀ ପୂରଣ ହୋଇପାରୁନାହିଁ। ୨୦୧୨ରୁ ଏଠାରେ ଅଧ୍ୟକ୍ଷ ନିଯୁକ୍ତି ହୋଇନାହାନ୍ତି। କାମଚଳା ଭାବେ ଅଧ୍ୟକ୍ଷ ପଦବୀ ପୂରଣ କରାଯାଉଛି। ଗତ ଅଗଷ୍ଟରେ କାମଚଳା ଅଧ୍ୟକ୍ଷ ଜଷ୍ଟିସ୍ ବୀରକିଶୋର ମିଶ୍ର ଅବସର ନେବା ପରେ ଏବେ ଆଉ ମାମଲାର ବିଚାର ହୋଇପାରୁନାହିଁ। ପାଖାପାଖି ୧୫ ହଜାରରୁ ଊର୍ଦ୍ଧ୍ୱ ମାମଲା ପଡିରହିଛି ବୋଲି ପ୍ରଦୀପ୍ତ କହିଛନ୍ତି।

ଅନ୍ୟ ମାନବାଧିକାର କର୍ମୀମାନେ ଅଭିଯୋଗ କରିଥିଲେ ଯେ, ଯେତେବେଳେ ଏହି ପଦବୀ ପାଇଁ ନିଯୁକ୍ତି ଦିଆଯାଏ, କୌଣସି ପ୍ରକ୍ରିୟାକୁ ଅନୁସରଣ କରା ନ ଯାଇ ସରକାରଙ୍କ ଆନୁଗତ୍ୟ ବ୍ୟକ୍ତିଙ୍କୁ ଥଇଥାନ କରାଯାଉଛି। ଫଳରେ ଯୋଗ୍ୟ ବ୍ୟକ୍ତି ବାଦ୍ ପଡୁଛନ୍ତି। ତେଣୁ ବିଜ୍ଞପ୍ତି ଜରିଆରେ ଖାଲି ପଡିଥିବା ପଦବୀଗୁଡିକ ପୂରଣ ପାଇଁ ସେମାନେ ଦାବି କରିଛନ୍ତି। କୋରାପୁଟ ହାଜତ ମୃତ୍ୟୁ, ନୟାପଲ୍ଲୀ ପୋଲିସର ମାଡ ଘଟଣା ଭଳି ଅନେକ ସଙ୍ଗିନ ମାମଲା ବିଚାର ନ ହୋଇ ପଡିରହିଛି। ଖବରଦାତା ସମ୍ମିଳନୀରେ ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକଙ୍କ ସମେତ ଶଙ୍କର ପାଣି, ଚନ୍ଦ୍ରନାଥ ଜାନା, ସଂଗ୍ରାମ ମଲିକ, କ୍ଷୀରୋଦ ରାଉତ, ପ୍ରଫୁଲ୍ଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଭିଜିଲାନ୍ସ ଅଧିକାରୀଙ୍କ ଝିଅକୁ ଅପହରଣ: ଅଭିଯୁକ୍ତ ଅଟକ

ଭୁବନେଶ୍ୱର, ୧୮।୯(ବ୍ୟୁରୋ): ରାଜଧାନୀରେ ରହୁଥିବା ଜଣେ ଭିଜିଲାନ୍ସ ଅଧିକାରୀଙ୍କ ନାବାଳିକା ଝିଅକୁ ଅପହରଣ କରାଯାଇଥିଲା। ଅଭିଯୋଗ ପରେ ବଡ଼ଗଡ଼ ପୋଲିସ ତାଙ୍କୁ ମଙ୍ଗଳବାର ଉଦ୍ଧାର କରିବା ସହ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏଥିସହ ନାବାଳିକାଙ୍କ ଡାକ୍ତରୀ ମାଇନା କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଉକ୍ତ ଯୁବକଙ୍କ ଘର ନିକଟରେ ଭିଜିଲାନ୍ସ ଅଧିକାରୀ ରହୁଥିଲେ। ଯୁବକ ଜଣକ ତାଙ୍କ ଝିଅକୁ ପ୍ରେମ ଜାଲରେ ଫସାଇ ଦୁଇଦିନ ତଳେ ଅପହରଣ କରି ନେଇଥିଲେ। ଅଭିଯୋଗ ପରେ ଏ ନେଇ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ କରିଥିଲା।














1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ମାନବ ଶରୀର ତୁମକୁ ଦିଆଯାଇଛି, ଜୀବଜଗତର କଲ୍ୟାଣରେ ନିଜକୁ ନିୟୋଜିତ କରିବା ପାଇଁ ଏହାଦ୍ୱାରା ତୁମର ଆତ୍ମା ଭଗବାନଙ୍କ ଚରଣ ତଳେ ସ୍ଥାନ ପାଇବା ପାଇଁ ସକ୍ଷମ ହେବ। –ଗୁରୁ ନାନକ



## ସଂକ୍ଷେପରେ

### ଦୁଇ ଘରୁ ଚୋରି

ସାଲେପୁର,୧୮।୯(ଡି.ଏନ.ଏ.): ସୋମବାର ବିଳମ୍ବିତ ରାତିରେ ସାଲେପୁର ଥାନା ଚନ୍ଦ୍ରାଦେଇପୁର ପଞ୍ଚାୟତ ଲୁଣାହାର ଗ୍ରାମର ପ୍ରଧାନ କଲୋନୀରୁ ଦୁଇ ଜଣଙ୍କ ଘରୁ ଚୋରି ହୋଇଛି। କଲୋନୀର ରମାକାନ୍ତ ବେହୁରାଙ୍କ ଘର ପଛପଟ ଝରକା ତାଡ଼ି ଦୁର୍ବୃତ୍ତ ଘରେ ପଶି ଆଲମିରା ଭାଙ୍ଗି ୫ହଜାର ଟଙ୍କା, ଏକ ମୋବାଇଲ୍ ଓ ଦୁଇ ହଳ ସୁନା କାନଫୁଲ ସମେତ ବିଭିନ୍ନ ସାମଗ୍ରୀ ଲୁଟି ନେଇଛନ୍ତି। ସେହିପରି ଦୁର୍ବୃତ୍ତ କଲୋନୀର କୃପାଭାନୁ ଅଲେଖ ଭବନରେ ରହୁଥିବା ଲିପ୍‌ସା କରଙ୍କ ଘର ପଛପଟ ଝରକା ତାଡ଼ି ଆଲମିରାରୁ ୨ ହଜାର ଟଙ୍କା, ସୁନା ଅଳଙ୍କାର ଓ ଅନ୍ୟ ସାମଗ୍ରୀ ଲୁଟି ନେଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଉଭୟ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ତେବେ ଘଟଣା ସମ୍ପର୍କରେ ସାଲେପୁର ପୋଲିସ୍‌କୁ ପଚାରିବାରେ ଅଭିଯୋଗ ହୋଇ ନ ଥିବା କହିଛି।

### ସାଇଣ୍ଡର ଖସି କାଠମିସ୍ତ୍ରି ଗୁରୁତର

ସାଲେପୁର,୧୮।୯(ଡି.ଏନ.ଏ.): ସାଲେପୁର ବ୍ଲକ ବାଲିସାହି ପଞ୍ଚାୟତ ମାଛୁଆଟି ଗ୍ରାମର ନଇଗୁଆଁ ରୋଡ୍‌ରେ ଥିବା ଏକ କାଠକାରଖାନାରେ କାମ କରୁଥିବା ବେଳେ ସାଇଣ୍ଡର ଖସି ଜଣେ ମିସ୍ତ୍ରି ଗୁରୁତର ହୋଇଛନ୍ତି। ସେ ହେଲେ ମାଛୁଆଟି ଗ୍ରାମର ଚକ୍ରଧର ମହାରଣା(୪୪)। କାରଖାନାରେ ସାଇଣ୍ଡର ଯୋଗେ କାର୍ଯ୍ୟକରୁଥିବା ବେଳେ କୌଣସି କାରଣରୁ ସାଇଣ୍ଡରଟି ଖସିଯାଇ ତାଙ୍କ ପେଟରେ ବାଜିଥିଲା। ଫଳରେ ଚକ୍ରଧରଙ୍କ ପେଟରେ ବିରାଟ କ୍ଷତ ସୃଷ୍ଟି ହୋଇଥିଲା। ତାଙ୍କୁ ସଙ୍ଗେସଙ୍ଗେ ଉଦ୍ଧାର କରାଯାଇ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ସେ ଏବେ ଚିକିତ୍ସାଧୀନ ଅଛନ୍ତି।

### ୯୬ୟୁନିଟ୍ ରକ୍ତ ସଂଗ୍ରହ

ତିଗିରିଆ,୧୮।୯(ଡି.ଏନ.ଏ.): ତିଗିରିଆ ବ୍ଲକ ସଦର ମହକୁମାସ୍ଥିତ ପାଞ୍ଚଗାଁ ଗଣେଶ ପୂଜା କମିଟି ଓ ପଞ୍ଚପଲ୍ଲୀ କ୍ଲବ ମିଳିତ ଆୟୋଜନରେ ଏକ ରକ୍ତଦାନ ଶିବିର ମଙ୍ଗଳବାର କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୯୬ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଷ୍ଟେଟ୍ ବ୍ଲଡ ଟ୍ରାନ୍ସଫ୍ୟୁଜନ କାଉନସିଲର ଡାକ୍ତର ଓ କର୍ମଚାରୀମାନେ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ। ପଞ୍ଚପଲ୍ଲୀ କ୍ଲବ ସଭାପତି ପ୍ରାଣବନ୍ଧୁ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଗ୍ରାମର ବିଭିନ୍ନ ଗଣେଶ ପୂଜା କମିଟି ସଦସ୍ୟ, ସ୍ଥାନୀୟ ସ୍ୱେଚ୍ଛାସେବୀ ଯୁବ ଗୋଷ୍ଠୀ ଓ ଗ୍ରାମର ବହୁ ଯୁବତୀ ଏବଂ ମହିଳା ରକ୍ତଦାନ କରିଥିଲେ।

### ଚାଷୀଙ୍କ କ୍ଷତିପୂରଣ ଦାବିକଲା ଭାଜପା

ନିଶ୍ଚିନ୍ତକୋଇଲି,୧୮।୯(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ବ୍ଲକରେ ଲଗାଣ ବର୍ଷା ଯୋଗୁ ବହୁ ଧାନ ଚାଷ କ୍ଷତିଗ୍ରସ୍ତ ହୋଇଛି। ସେହିପରି ଗୋ ମଡ଼କ ହେବାରୁ ଅନେକ ଗୋ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ସରକାର ଚାଷୀଙ୍କ ପାଇଁ ବୀମା ବ୍ୟବସ୍ଥା କରି ନ ଥିବାରୁ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। ତେଣୁ ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ନିଶ୍ଚିନ୍ତକୋଇଲି ଭାଜପା ପକ୍ଷରୁ ମଙ୍ଗଳବାର ତହସିଲଦାରଙ୍କୁ ଦାବିପତ୍ର ଦିଆଯାଇଛି। ଦାବିପତ୍ର ଅନୁସାରେ ୨୫ ତାରିଖ ସୁଧା ଚାଷୀଙ୍କୁ କ୍ଷତିପୂରଣ ନ ମିଳିଲେ ଦଳ ପକ୍ଷରୁ ୨୭ ତାରିଖରେ ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ରରେ ଦର୍ଶାଯାଇଛି, ଲଘୁଚାପ ଜନିତ ବର୍ଷା ଯୋଗୁ ବ୍ଲକର ସମସ୍ତ ପଞ୍ଚାୟତରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି। କୃଷି ବିଭାଗ କ୍ଷୟ କ୍ଷତି ଆକଳନ କରିଥିଲେ ମଧ ଏଯାବତ୍ କାହାରିକୁ ଟଙ୍କାଟିଏ ମିଳିନାହିଁ। ସରକାର ଚାଷୀଙ୍କ ପାଇଁ ବୀମା ବ୍ୟବସ୍ଥା କରିଥିବା ଡିଣ୍ଡିମ ପିଟୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଅପାରଗତା ପାଇଁ ଅଞ୍ଚଳରେ ଗୋ ଚାଷୀ କିମ୍ବା ଧାନ ଚାଷୀ ବୀମାରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପକ୍ଷରେ ମାସେ ହେବ ଗୋରୁଙ୍କୁ ଫାଟୁଆ ବ୍ୟାପୀ ଅଞ୍ଚଳର ବହୁ ଗାଈବାଛୁରୀଙ୍କ ମୃତ୍ୟୁ ଘଟିଥିଲେ ମଧ ସେମାନଙ୍କୁ କ୍ଷତି ପୂରଣ ପାଇଁ ସରକାରଙ୍କ ବ୍ୟବସ୍ଥା ନାହିଁ। ଯଦି ସରକାର କ୍ଷତିପୂରଣ ନ ଦିଅନ୍ତି ଚାଷୀମାନେ ବାଧ ହୋଇ ଆତ୍ମହତ୍ୟା କରିବେ ବୋଲି ଉଲ୍ଲେଖ ରହିଛି। ଭାଜପା ପ୍ରତିନିଧି ଦଳ ତହସିଲଦାର ଜିତେନ୍ଦ୍ର ପାତ୍ରଙ୍କୁ ଭେଟି ଚାଷୀଙ୍କ ସମସ୍ୟା ଉପରେ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରତିନିଧି ଦଳରେ ୨୪ ନଂ ଜୋନ ସଭପତି ତ୍ରିବିକ୍ରମ ସ୍ୱାଇଁ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରଫୁଲ୍ଲ ମହାପାତ୍ର, ସମୀର ସାମଲ, ଭାଗବତ ଦାସ ଓ ପ୍ରବୀର କୁମାର ରାଉତ ପ୍ରମୁଖ ସାମିଲ ହୋଇଥିଲେ।

## ■ ମାହାଙ୍ଗାରେ ଅମୁନି ଗୋ ମଡ଼କ

# ମଲେଣି ୫୦ ଗୋରୁ

ମାହାଙ୍ଗା/ଲଳିତଗିରି,୧୮।୯(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ପ୍ରାଣୀଧନ ଚିକିତ୍ସାଳୟ ଅଧୀନରେ ଥିବା ଗ୍ରାମଗୁଡ଼ିକରେ ଏବେ ଗୋରୁଙ୍କୁ ଫାଟୁଆ, ଥେଲେରିଆ ଓ ସରା ରୋଗ ବ୍ୟାପିବାରେ ଲାଗିଛି। ରୋଗ ନିୟନ୍ତ୍ରଣ କରାଯାଇ ପାରୁ ନ ଥିବାରୁ ବର୍ତ୍ତମାନ ସୁଦ୍ଧା ୫୦ରୁ ଊର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ଘଟିଲାଣି। ୪ ହଜାରରୁ ଊର୍ଦ୍ଧ୍ୱ ଗୋରୁ ଏବେ ଏହି ସବୁ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ବ୍ଲକ୍‌ରେ ୪୫ ହଜାରରୁ ଊର୍ଦ୍ଧ୍ୱ ଗୋରୁ ଥିବାବେଳେ ମୃତ୍ୟୁ ଓ ଆକ୍ରାନ୍ତଙ୍କ ସଂଖ୍ୟା ସରକାରୀ ସୂଚନାଠାରୁ ଅଧିକ ଥିବା ଜଣାପଡ଼ିଛି। ବ୍ଲକର ପ୍ରାୟ ସବୁ ଗ୍ରାମରେ ଏହି ରୋଗ ବ୍ୟାପି ଥିବା ବେଳେ ଜହଲ, ପୋଡାମରାଇ, ଇଡୁକୁରା, ସିନ୍ଧୁପୁର, ଗୋକନ, ଅଲିଅରା, ଲକ୍ଷ୍ମୀନାରାୟଣପୁର, ଗୋତରା, ଆପିଲୋ, ଜେରକନ୍ଦ, ମଣିଯୋରୀ, ବରାହିପୁର, ଭେଡା ଓ ମୂଳବସନ୍ତ ଆଦି ଅଞ୍ଚଳରେ ରୋଗ ଅଧିକ ମାତ୍ରାରେ ଦେଖାଦେଇଛି। ଏନେଇ ପ୍ରାଣୀଧନ ଚିକିତ୍ସାଳୟ ପକ୍ଷରୁ ୩ଟି ଡାକ୍ତରୀ ଦଳ ଗଠନ କରାଯାଇ ଆକ୍ରାନ୍ତ ଗ୍ରାମଗୁଡ଼ିକରେ ଚିକିତ୍ସା କରାଯାଉଛି। ଏ ସମ୍ପର୍କରେ ମାହାଙ୍ଗା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ ମୃଣ୍ମୟ ପଣ୍ଡା କହିଛନ୍ତି, ବର୍ତ୍ତମାନ ଏହି ରୋଗ ନିୟନ୍ତ୍ରଣରେ ଅଛି। ଯେଉଁଠି ଗୋରୁ ମରୁଛନ୍ତି ସେଠାରେ ପ୍ରଥମେ ଆକ୍ରାନ୍ତ ଗୋରୁଙ୍କୁ ହୋମିଓପ୍ୟାଥିକ ଓ ବାହାର ଚିକିତ୍ସା କରାଯିବା ପରେ ଶେଷରେ ଆମ ପାଖକୁ ଅଣାଯାଉଛି। ଯାହା କି ଉକ୍ତ ଗୋରୁଙ୍କୁ ଚିକିତ୍ସା କରାଇ ସୁସ୍ଥ କରାଇବା ସମ୍ଭବ ହେଉନାହିଁ। ଏପରି କି ଯେଉଁଠୁ ଏହି ରୋଗ ସମ୍ପର୍କରେ ସୂଚନା ଆସୁଛି ସେଠାକୁ ତୁରନ୍ତ ଡାକ୍ତରୀ ଟିମ ପଠାଯାଉଛି ବୋଲି କହିଥିଲେ।



■୪ ହଜାରରୁ ଊର୍ଦ୍ଧ୍ୱ ଆକ୍ରାନ୍ତ
■୩ ଡାକ୍ତର ଦଳ ଦ୍ୱାରା ଚିକିତ୍ସା କରାଯାଉଛି

## ■ ନିଷ୍କାସନ ହୋଇପାରୁନି ବନ୍ୟା ଜଳ

# ବୁଡ଼ି ରହିଛି ଶହ ଶହ ହେକ୍ଟର ଚାଷଜମି

ମାହାଙ୍ଗା,୧୮।୯(ସ୍ୱ.ପ୍ର.)

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ମାହାଙ୍ଗା ବ୍ଲକ ଅଧୀନ ଗୋବରୀ ଓ ମଇଯୋରା ନଦୀରେ ବନ୍ୟା ଆସି ଅଞ୍ଚଳର ଶହଶହ ହେକ୍ଟର ଚାଷଜମି ବୁଡ଼ି ଯାଇଥିଲା। ଏବେ ବନ୍ୟା ଛାଡ଼ି ଯାଇଛି। ହେଲେ ଯେଉଁ ଚାଷ ଜମିରେ ପାଣି ପଶିଥିଲା ତାହା ବାହାରି ପାରୁନାହିଁ। ଫଳରେ ଶହଶହ ହେକ୍ଟର ଚାଷଜମି ଏବେ ବି ବୁଡ଼ି ରହିଛି। ବ୍ଲକର ପୋଡାମରାଇ, ଗୋକନ, ଓଷଙ୍ଗ, ହଳଦିଆ, ପାଇକରାପୁର, ରାହାଣିଆ, ଉଷୁମା, ଚାହାପଡା ଜଳସରପୁର, ନୁର୍ତ୍ତାଙ୍ଗ, ଶ୍ରୀକୃଷ୍ଣପୁର, ମଉଦା, ଆନନ୍ଦପୁର, ଭଉଁରିଆ, ପଲ୍ଲିସାହି, ଉମର, ନାହଙ୍ଗ, ଭଦ୍ରେଶ୍ୱର ଓ ଗୋପାଳପୁର ଆଦି ପଞ୍ଚାୟତରେ ଶହଶହ ହେକ୍ଟର ଜମି ଏଥିଯୋଗୁ କ୍ଷତିଗ୍ରସ୍ତ ହୋଇଛି। ବିଭିନ୍ନ ପାଟ ମଧ୍ୟରେ ଥିବା ଡ୍ରେନଗୁଡ଼ିକ ସଫେଇ ନ ହେବା ଏବଂ ଠିକ୍ ସ୍ଥାନରେ ଚେକ ଡ୍ୟାମ ନିର୍ମାଣ ହୋଇ ନ ଥିବାରୁ ଜଳ ନିଷ୍କାସନରେ ପ୍ରତିବନ୍ଧକ ସାଜିଛି। ଯାହାକୁ ନେଇ ଚାଷୀ ଏବେ ଚିନ୍ତାରେ ପଡ଼ିଛନ୍ତି। ତେଣୁ ତୁରନ୍ତ କ୍ଷତିଗ୍ରସ୍ତ ଅଞ୍ଚଳକୁ ଅନୁଧ୍ୟାନ କରି କ୍ଷତିପୂରଣ ଦେବାକୁ ଚାଷୀ ମହଲରେ ଦାବି ହୋଇଛି।



ପାଣିରେ ବୁଡ଼ି ରହିଥିବା ଚାଷ ଜମି।

# ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ମାହାଙ୍ଗା,୧୮।୯(ଡି.ଏନ.ଏ.)

ହାଇକୋର୍ଟ ବାର ଆସୋସିଏଶନ ଆହ୍ୱାନକ୍ରମେ ଚାଲିଥିବା ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସମର୍ଥନ ଜଣାଇଛି ମାହାଙ୍ଗା ଆଇନଜୀବୀ ସଂଘ। ମଙ୍ଗଳବାର ମାହାଙ୍ଗା ତହସିଲ ଅଫିସ ଆଗରେ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ଆରତ କିଶୋର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଓକିଲ ସଂଘ, ମୋହରିରର ଓ ଷ୍ଟାମ୍ପଭେଣ୍ଡର ସଂଘ ସଦସ୍ୟ ଯୋଗଦେଇ ନିର୍ଦ୍ଦୋଷ ଆଇନଜୀବୀ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ଯେଭଳି ପୋଲିସ ଆକ୍ରମଣ କଲା ତାର ତୀବ୍ର ନିନ୍ଦା କରିଥିଲେ। ତେଣୁ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କୁ ଗିରଫ କରା ନ ଯିବା ପର୍ଯ୍ୟନ୍ତ ଓକିଲମାନେ କୌଣସି କାର୍ଯ୍ୟ କରିବେ ନାହିଁବୋଲି ନିଷ୍ପତ୍ତି ଗ୍ରହଣ କରିବା ସହ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଆନ୍ଦୋଳନରେ ଆଇନଜୀବୀ ବନବିହାରୀ ଦାସ, ସଂଘ ସମ୍ପାଦକ ମାଧବ ଚନ୍ଦ୍ର ଜେନା, ମନ୍ତୋଜ ମହାନ୍ତି, ବିଜୟ ପରିଡା, କଳ୍ପନା ଧଳ, ପଦ୍ମଚରଣ ପଣ୍ଡା, ଅଭୟ ସାହୁ, ନିରଞ୍ଜନ ବିଶ୍ୱାଳ ଓ ରମେଶ ଚନ୍ଦ୍ର ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

# ବରିଷ୍ଠ ନାଗରିକଙ୍କ ରାଜ୍ୟସ୍ତରୀୟ ଆସୋସିଏଶନ ଗଠିତ

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ବରିଷ୍ଠ ନାଗରିକମାନଙ୍କର ଏକ ରାଜ୍ୟସ୍ତରୀୟ ଆସୋସିଏଶନ ଗଠିତ ହୋଇଛି। ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ବରିଷ୍ଠ ନାଗରିକଙ୍କୁ ଆସୋସିଏଶନର ପରାମର୍ଶଦାତା କମିଟିରେ ରଖାଯାଇଥିବା ବେଳେ ବରିଷ୍ଠ ସାମ୍ବାଦିକ, ଲେଖକ ତଥା ସ୍ତମ୍ଭକାର ଜୀମୂତ ମଙ୍ଗରାଜ ଏହାର ସଭାପତି ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ଆସୋସିଏଶନର ଆଭିମୁଖ୍ୟ ହେଉଛି, ରାଜ୍ୟର ବିଭିନ୍ନ ଅଞ୍ଚଳରେ ରହୁଥିବା ବରିଷ୍ଠ ନାଗରିକଙ୍କୁ ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନ କରାଇବା। ଏଥିସହ ବରିଷ୍ଠ ନାଗରିକମାନେ ରାଜ୍ୟ, ଦେଶ ଏବଂ ବିଦେଶକୁ ବୁଲିଯିବା ନିମନ୍ତେ ବ୍ୟବସ୍ଥା କରିବା। ଏ ସବୁ ଛଡ଼ା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ଯେଉଁ ସହାୟତା ଯୋଗାଇ ଦିଆଯାଉଛି, ତାହା ଯେପରି ସେମାନେ ପାଇପାରିବେ, ସେ ନେଇ ଆସୋସିଏଶନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ। ସେମାନେ ଯେପରି ପୋଲିସଠାରୁ ସୁରକ୍ଷା ପାଇପାରିବେ, ସେ କ୍ଷେତ୍ରରେ ମଧ ଆସୋସିଏଶନ ବିଭିନ୍ନ ସମୟରେ ପୋଲିସ ସହ ଯୋଗାଯୋଗ ରକ୍ଷା କରିବ। ମାଗଣାରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ବିଶେଷକରି ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ପଦକ୍ଷେପ ନିଆଯିବ। ସେହିଭଳି ବରିଷ୍ଠ ନାଗରିକଙ୍କ ସୁବିଧା, ସୁଯୋଗ, ସୁରକ୍ଷା ଆଦି ସମ୍ପର୍କରେ ଅବଗତ କରାଇବା ନିମନ୍ତେ ଆସୋସିଏଶନ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରକ୍ଷା କରିବ। ପଞ୍ଚାୟତରୁ ଆରମ୍ଭ କରି ରାଜଧାନୀ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳର ବରିଷ୍ଠ ନାଗରିକଙ୍କୁ ଆସୋସିଏଶନର ସଭ୍ୟ କରାଯିବ। ଜିଲା, ବ୍ଲକ ଓ ପଞ୍ଚାୟତସ୍ତରରେ ଏହାର ଶାଖା ରହିବ।

ଆସୋସିଏଶନର ସାଧାରଣ ସମ୍ପାଦକ ଭାବେ ନିରଞ୍ଜନ ସ୍ୱାଇଁ ମନୋନୀତ ହୋଇଛନ୍ତି। ପରାମର୍ଶଦାତା କମିଟିରେ ପୂର୍ବତନ ଏମ୍‌ପି ଦ୍ୱିତୀକୃଷ୍ଣ ପଣ୍ଡା, ପୂର୍ବତନ ବାଚସ୍ପତି ଶରତ କୁମାର କର, ଭୁବନେଶ୍ୱରର ପୂର୍ବତନ ନଗରପାଳ ତଥା ବିଶିଷ୍ଟ ଚିକିତ୍ସାବିତ୍ ଡା. ଜଗନ୍ନାଥ ମହାପାତ୍ର, ବିଶିଷ୍ଟ ସାମ୍ବାଦିକ ତଥା ଇଣ୍ଡିଆନ୍ ଏକ୍ସପ୍ରେସର ପୂର୍ବତନ ସମ୍ପାଦକ ଶ୍ରୀମୟ କର, ବିଶିଷ୍ଟ ପ୍ରଶାସକ ସର୍ବେଶ୍ୱର ମହାନ୍ତି, ସାମାଜିକ କର୍ମୀ କସ୍ତୁରୀ ମହାପାତ୍ର, ପୂର୍ବତନ ମୁଖ୍ୟ ଆୟକର କମିଶନର ଅଶୋକ କୁମାର ଚାଟାର୍ଜୀ, ଅବସରପ୍ରାପ୍ତ ଜିଲା ଦୌରାଜଜ୍ କିଶୋର ଚନ୍ଦ୍ର ମହାପାତ୍ର ପ୍ରମୁଖ ରହିଛନ୍ତି। ସେହିପରି ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ନରେନ୍ଦ୍ର ମିଶ୍ର, ବିଶିଷ୍ଟ ଆଡ୍‌ଭୋକେଟ ନିରୋଜ ମହାପାତ୍ର, ଆଇନଜୀବୀ ତଥା ସାମାଜିକ କର୍ମୀ ଶୁଭ୍ରାଂଶୁ ସିଂ, ବରିଷ୍ଠ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଚନ୍ଦ୍ରଶେଖର ସାମନ୍ତରାୟ, ବିଶିଷ୍ଟ ସାମାଜିକ କର୍ମୀ ସିବିଆଇର ପୂର୍ବତନ ଆଡ୍‌ଭୋକେଟ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ବିମଳେନ୍ଦୁ ମହାନ୍ତି, ଡ. ଉମାକାନ୍ତ ଦାଶ, ଶିକ୍ଷାବିତ୍ ସବିତା ରାଉତରାୟ, ଇଞ୍ଜିନିୟର ସୂର୍ଯ୍ୟନାରାୟଣ ଚୂଡ଼ାମଣି ଓ ଅବସରପ୍ରାପ୍ତ ପୋଲିସ ଅଫିସର ଶରତ ଚନ୍ଦ୍ର ମିଶ୍ର ମଧ ଉକ୍ତ କମିଟିର ସଦସ୍ୟ ରହିଛନ୍ତି।

### ୨୧ରେ ଶ୍ରୀରାଧାକୃଷ୍ଣ ମନ୍ଦିରର ରତ୍ନମୁଦ ଉତ୍ସବ

ବାଙ୍କୀ,୧୮।୯(ସ୍ୱ.ପ୍ର.)

ବାଙ୍କୀ ବିଜ୍ଞାପିତ ପରିଷଦ ଅଞ୍ଚଳର ପ୍ରଥମ ଶ୍ରୀରାଧାକୃଷ୍ଣ ମନ୍ଦିର ଆନନ୍ଦ ନଗର(ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର)ନିକଟରେ ନିର୍ମାଣ ଚାଲିଛି। ଉକ୍ତ ମନ୍ଦିରର ରତ୍ନମୁଦ ଉତ୍ସବ ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବ। ଉତ୍ସବକୁ ମହାସମାରୋହରେ ପାଳନ କରିବାକୁ ମନ୍ଦିର ନିର୍ମାଣ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତ କରାଯାଇଛି। ବିଜ୍ଞାପିତ ଅଞ୍ଚଳ ପରିଷଦରେ ପ୍ରଚାର କାର୍ଯ୍ୟ ଓ ମା' ଚର୍ଚ୍ଚିକାଙ୍କ ମନ୍ଦିରରୁ ଆଜ୍ଞାମାଳ ଅଣାଯିବା ପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କୁହାଯାଇଛି।

# ନବବଧୂଙ୍କୁ ହତ୍ୟା ଅଭିଯୋଗ

ନରସିଂହପୁର,୧୮।୯(ସ୍ୱ.ପ୍ର.)

ଯୌତୁକ ଲୋଭରେ ଜଣେ ନବବଧୂଙ୍କୁ ଶାଶୁ ଘର ଲୋକେ ହତ୍ୟା କରିଥିବା ମଙ୍ଗଳବାର ନରସିଂହପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଗତ ଏପ୍ରିଲ ୨୯ ତାରିଖରେ ରାଉତଭୂଇଁ ଗ୍ରାମର ଲକ୍ଷ୍ମୀପ୍ରିୟା(୨୦)ଯୋଡୁମୁ ଫାଣ୍ଡି ଅଧୀନ ଜାନିସାହି ଗ୍ରାମର ନରହରି ମହରଣା(୨୫)ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ମାତ୍ର ବିବାହର କିଛିଦିନ ପରେ ଲକ୍ଷ୍ମୀପ୍ରିୟାଙ୍କୁ ସ୍ୱାମୀ ନରହରି ଅଧିକ ଯୌତୁକ ଆଣିବାକୁ କହିଥିଲେ। ତେବେ ଲକ୍ଷ୍ମୀପ୍ରିୟାଙ୍କ ମା' ଜଣେ ବିଧବା ହୋଇଥିବାରୁ ସେ ଯୌତୁକ ଦେବାରେ ବିଳମ୍ବ କରିଥିଲେ। ଫଳରେ ଲକ୍ଷ୍ମୀପ୍ରିୟଙ୍କୁ ଶାଶୁଘର ଲୋକେ ଶାରିରୀକ ଓ ମାନସିକ ନିର୍ଯାତନା ଦେଇଥିଲେ। ମଙ୍ଗଳବାର ଅପରାହ୍ନରେ ଲକ୍ଷ୍ମୀପ୍ରିୟାଙ୍କ ମା'ଙ୍କୁ ଶାଶୁଘର ଲୋକେ ଫୋନ୍‌ରେ ଜଣାଇଥିଲେ ଯେ, ତୁମ ଝିଅ ବିଷଖାଇ ଅସୁସ୍ଥ ହୋଇପଡ଼ିଛି। ପରେ ୬ଟାରେ ଖବର ଆସିଥିଲା ତୁମ ଝିଅ ଆଠଗଡ଼ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁବରଣ କରିଛି। ଏହି ଖବର ପାଇବା ପରେ ଲକ୍ଷ୍ମୀପ୍ରିୟାଙ୍କ ମା' ରାତି ୯ଟାରେ ନରସିଂହପୁର ଥାନାକୁ ଆସି ତାଙ୍କ ଝିଅକୁ ସ୍ୱାମୀ, ଶ୍ୱଶୁର, ନଣନ୍ଦ ଓ ନଣଦେଇ ଯୌତୁକ ପାଇଁ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ସେକେଣ୍ଡ୍ ଅଫିସର ବ୍ରଜବିହାରୀ ସାମନ୍ତସିଂହାର କହିଛନ୍ତି।

### ଆଦର୍ଶ ଶିକ୍ଷକଙ୍କ ପରଲୋକ

ଲଳିତଗିରି,୧୮।୯(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଜେରକନ୍ଦ ପ୍ରାଥମିକ ବିଦ୍ୟାଳୟର ଆଦର୍ଶ ଶିକ୍ଷକ ସେକ୍ ମୁସାମିଲ ଅଲ୍ଲୀ(୫୪)ଙ୍କ ସୋମବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ମଙ୍ଗଳବାର ଏହି ଖବର ପ୍ରଚାରିତ ହେବାପରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଅଲ୍ଲୀ ମସ୍ତିଷ୍କ କର୍କଟ ରୋଗରେ ଆକ୍ରାନ୍ତ ହୋଇ କଟକରେ ଚିକିତ୍ସିତ ହେଉଥିଲେ। ସେ ଜଣେ ଅମାୟିକ, ଛାତ୍ରବତ୍ସଳ ଓ ସରଳ ସ୍ୱାଭାବର ଶିକ୍ଷକ ଥିଲେ। ପରଲୋକ ଖବର ପାଇ ପୂର୍ବତନ ମନ୍ତ୍ରୀ ସେକ ମତଲୁବ ଅଲ୍ଲୀ ତାଙ୍କ ବାସଭବନରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ମାହାଙ୍ଗା ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ମଦନମୋହନ ମଲ୍ଲ ଅଲ୍ଲୀଙ୍କ ଘରେ ପହଞ୍ଚି ୫ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ସିଆରସିସି ସତ୍ୟବ୍ରତ ରଥ, ବାମଦେବ ସ୍ୱାଇଁ, ଶିକ୍ଷକ ସଂଘ ସଭାପତି ରବୀନ୍ଦ୍ର ଜେନା, ଗଦାଧର ଦାସ ଓ କୈଳାସ ଚନ୍ଦ୍ର ରାଉତ ପ୍ରମୁଖ ଅଲ୍ଲୀଙ୍କ ଶେଷ ଦର୍ଶନ କରିବା ସହ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ସମୂହ ଛୁଟିରେ ଡିପ୍ଲୋମାଧାରୀ ଯନ୍ତ୍ରୀ



ସମୂହ ଛୁଟିରେ ଯାଇଥିବା ଡିପ୍ଲୋମାଧାରୀ ଯନ୍ତ୍ରୀ।

ନିଶ୍ଚିନ୍ତକୋଇଲି,୧୮।୯(ସ୍ୱ.ପ୍ର.)

୭ଦଫା ଦାବି ନେଇ ଡିପ୍ଲୋମାଧାରୀ ଯନ୍ତ୍ରୀମାନେ ମଙ୍ଗଳବାରଠାରୁ ୩୧ ତାରିଖ ପର୍ଯ୍ୟନ୍ତ ସମୂହ ଛୁଟିରେ ଯାଇଛନ୍ତି। ଫଳରେ ବିଭିନ୍ନ ବିଭାଗରେ ଉନ୍ନୟନ କାର୍ଯ୍ୟ ଠପ୍ ହୋଇଯାଇଛି। ଆଗକୁ ନିର୍ବାଚନ ଥିବାରୁ ପଞ୍ଚାୟତିରାଜ, ଜଳସେଚନ, ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କାର କାର୍ଯ୍ୟ ହେଉଛି। ଏହି କାର୍ଯ୍ୟକୁ ସମ୍ପାଦନ କରିବାରେ ବିଭାଗୀୟ ଯନ୍ତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେବେ ସେମାନେ ଛୁଟିରେ ଯାଇଥିବାରୁ କାର୍ଯ୍ୟ କିପରି ହେବ ତାକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ବ୍ଲକରେ କାର୍ଯ୍ୟରତ ୬ ଡିପ୍ଲୋମାଧାରୀ ଯନ୍ତ୍ରୀ ସାମୂହିକ ଛୁଟି ଦରଖାସ୍ତ ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି। ଭାରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ ସାହୁ, ଯନ୍ତ୍ରୀ ସତ୍ୟରଞ୍ଜନ ପଣ୍ଡା, ବନ୍ୟା ମହାନ୍ତି, ମୀନାକୁମାରୀ ସିନ୍ଧୁ ଓ ବେଳାଭୂମି ସାହୁ ପ୍ରମୁଖ ଏହି ଦରଖାସ୍ତ ଦେଇଛନ୍ତି। ଜିପିଟିଏଙ୍କୁ ସ୍ଥାୟୀ କରିବା, ପଞ୍ଚାୟତିରାଜ ବିଭାଗରେ କାର୍ଯ୍ୟରତ ଯନ୍ତ୍ରୀଙ୍କୁ ପଦୋନ୍ନତି, ଡିପ୍ଲୋମା ଇଞ୍ଜିନିୟରଙ୍କୁ ଆସିଷ୍ଟାଣ୍ଟ ଇଞ୍ଜିନିୟର ମାନ୍ୟତା ଆଦି ୭ ଦଫା ଦାବିପତ୍ର ମଧ ବିଡିଓଙ୍କୁ ପ୍ରଦାନ କରିଛନ୍ତି। ସେହିପରି ପାନୀୟ ଜଳ ଓ ପରମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଚିନ୍ମୟ ବେହେରା ଛୁଟିରେ ଯାଇଥିବାରୁ ଉଭୟ ବ୍ୟବସ୍ଥା ଠପ୍ ହେବା ଆଶଙ୍କା କରାଯାଇଛି।

# ବାଙ୍କୀ କଲେଜ ପରିଚାଳନା କମିଟି ବୈଠକ



ବାଙ୍କୀ କଲେଜ ପରିଚାଳନା ବୈଠକରେ ଯୋଗଦେଇଥିବା ଅତିଥି।

ବାଙ୍କୀ,୧୮।୯(ସ୍ୱ.ପ୍ର.)

ବାଙ୍କୀ କଲେଜ ପରିଚାଳନା କମିଟିର ଏକ ବୈଠକ ସୋମବାର ପରିଚାଳନା କମିଟି ସଭାପତି ପ୍ରଭାତ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ତଥା ପରିଚାଳନା କମିଟି ସମ୍ପାଦକ ଡ.ବାବାଜୀ ଚରଣ ଶତପଥୀ ସମସ୍ତ ସଭ୍ୟଙ୍କୁ ସ୍ୱାଗତ ଜଣାଇ ମହାବିଦ୍ୟାଳୟର ସମସ୍ୟା ଉପରେ ଅଲୋକପାତ କରିଥିଲେ। ବୈଠକରେ ୨୦୧୭-୧୮ ଆର୍ଥିକ ବର୍ଷର ଆୟବ୍ୟୟ ସମୀକ୍ଷା କରାଯିବା ସହ ୨୦୧୮-୧୯ ଆର୍ଥିକ ବର୍ଷର ସମ୍ଭାବ୍ୟ ବଜେଟ ଉପସ୍ଥାପନ କରାଯାଇ ଅନୁମୋଦନ ପରେ ଗୃହୀତ ହୋଇଥିଲା। ମହାବିଦ୍ୟାଳୟର ନାକ୍ ମାନ୍ୟତା ୨୦୧୧ରୁ ଶେଷ ହୋଇଯାଇଥିଲେ ମଧ ଏପର୍ଯ୍ୟନ୍ତ ପୁନର୍ବାର ନାକ୍ କମିଟି କଲେଜ ପରିଦର୍ଶନ କରି ନ ଥିବାରୁ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଡିସେମ୍ବର ସୁଦ୍ଧା ନାକ୍ କମିଟି ପରିଦର୍ଶନ ସମ୍ପର୍କରେ ସମସ୍ତ ପ୍ରସ୍ତୁତି ଶେଷକରି ଶୀଘ୍ର ଅନୁମୋଦନ ପାଇଁ ପଠାଇବାକୁ ଅଧକ୍ଷଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଶାରୀରିକ ଅସୁସ୍ଥତା ଯୋଗୁ ଅଧକ୍ଷ ଡ.ଶତପଥୀ ଦେଇଥିବା ଇସ୍ତଫାପତ୍ରକୁ ବୈଠକରେ ନାମଞ୍ଜୁର କରାଯାଇ ପୁନର୍ବାର ଅଧକ୍ଷ ଦାୟିତ୍ୱ ତୁଲାଇବା ପାଇଁ ଅନୁରୋଧ କରାଯାଇଛି। ମହାବିଦ୍ୟାଳୟରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ସମସ୍ତ ପରିଚାଳନା କମିଟି ସଭ୍ୟ, ଶାନ୍ତି କମିଟି ସଭ୍ୟ, ଅଭିଭାବକ, ଅଧାପିକାଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ଅଧକ୍ଷ ଡ. ଶତପଥୀ ଅନୁରୋଧ କରିଛନ୍ତି।

# ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକ ମିଳିତ ମଞ୍ଚର ପଦଯାତ୍ରା

ବଡ଼ମ୍ବା,୧୮।୯(ଡି.ଏନ୍.ଏ)

ବ୍ଲକ୍‌ଗ୍ରାଣ୍ଟ ସ୍କୁଲ୍, କଲେଜ ଶିକ୍ଷକ ଓ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ମଙ୍ଗଳବାର ଗାଁରେ ପଦଯାତ୍ରା କରାଯାଇଛି। ବଡ଼ମ୍ବା ସଂଘ ପକ୍ଷରୁ ମାଣିଆବନ୍ଧ ମହାବିଦ୍ୟାଳୟରୁ ପଦଯାତ୍ରା ଆରମ୍ଭ ହୋଇ ମହୁଲିଆ, କଷିକିଆରୀ, ମୁଗଗହିର, ଯୋଡୁମୁଁ, ଦିନିଆରୀ ଓ ରଗଡ଼ିପଡ଼ା ପର୍ଯ୍ୟନ୍ତ ଯାଇଥିଲା। ଏ ସମୟରେ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା କରି ଜନସାଧାରଣଙ୍କୁ ପଦଯାତ୍ରାରେ ସାମିଲ୍ ପାଇଁ ଶିକ୍ଷକମାନେ ଆହ୍ୱାନ କରିଥିଲେ। ଓଷ୍ଟା ଶିକ୍ଷକ ନେତା ବିଜୟ ଛତ୍ର, ଶ୍ୟାମବନ୍ଧୁ ବେଉରା, ଅଧାପକ ବିଜୟ ପରିଡ଼ା, ମାନଗୋବିନ୍ଦ ପାତ୍ର, ସରୋଜ କୁମାର ସାହୁଙ୍କ ଆବାହକତ୍ୱରେ ପଦଯାତ୍ରାରେ ନୂତନ ଅନୁଦାନପ୍ରାପ୍ତ ଶିକ୍ଷକ ସଂଘ ସଭାପତି କଳିଙ୍ଗ କେଶରୀ ପ୍ରଧାନ, ଅଧାପକ ଖଗେଶ୍ୱର ମହାପାତ୍ର, ବିମଳ ପ୍ରସାଦ ଦାଶ ଓ ଶ୍ରୀନିବାସ ପଣ୍ଡା ପ୍ରମୁଖ ପଥପ୍ରାନ୍ତ ସଭାରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପଦଯାତ୍ରାରେ ବ୍ଲକ ଅଧୀନ ୧୨ ବ୍ଲକ୍‌ଗ୍ରାଣ୍ଟ ହାଇସ୍କୁଲ, ୧୧ ଏମ୍‌ଇ ସ୍କୁଲ୍ ଓ ୩ ମହାବିଦ୍ୟାଳୟର ଶିକ୍ଷକ, ଅଧାପକ ଓ କର୍ମଚାରୀ ସାମିଲ୍ ହୋଇଥିଲେ।

**ନେମାଳ,(ଡି.ଏନ.ଏ.):** ନିଶ୍ଚିନ୍ତକୋଇଲି ବ୍ଲକଗ୍ରାଣ୍ଟ ଶିକ୍ଷକ ମିଳିତ ମଞ୍ଚ ପକ୍ଷରୁ ଏକ ବିଶାଳ ପଦଯାତ୍ରା ନେମାଳ ମା' ଜାଗୁଳାଇ ପୀଠରୁ ବାହାରି ନେମାଳ, ତିଲକଣା ଓ ବାଲିଆପଦା ଆଦି ପଞ୍ଚାୟତ ପରିକ୍ରମା କରିଥିଲା। ଓଡିଶା ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଆୟୋଜିତ ପଦଯାତ୍ରାରେ ବିଭିନ୍ନ ଦାବି ଉପରେ ଲୋକଙ୍କୁ ଅବଗତ କରାଯାଇଥିଲା। ପ୍ରଧାନଶିକ୍ଷକ ଦୁଃଶାସନ ବେହେରା, କ୍ଷୀରୋଦ କୁମାର ସେନାପତି, ସମରେନ୍ଦ୍ର ମହାନ୍ତି, ଅଶୋକ କୁମାର ବାରିକ, ଶିକ୍ଷକ ଲକ୍ଷ୍ମୀନାରାୟଣ ବରାଳ, ସନ୍ତୋଷ କୁମାର ମହାପାତ୍ର, ପ୍ରଶାନ୍ତ କୁମାର ବରାଳ, ରାମଚନ୍ଦ୍ର ରାଉତରାୟ, ସୁଧୀର କୁମାର ବିଶ୍ୱାଳ, ଅମର ବଲ୍ଲଭ ଦାସ, ରବି ନାରାୟଣ ଦାସ ଓ ପ୍ରମିଳା ତ୍ରିପାଠୀ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

**ବାଙ୍କୀ,(ବି.ପ୍ର.):** ବ୍ଲକଗ୍ରାଣ୍ଟ ଶିକ୍ଷକ ମିଳିତ ମଞ୍ଚ ପକ୍ଷରୁ ବାଙ୍କୀ ଡମପଡ଼ା ବ୍ଲକରେ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଶିମିଳିପୁର ପଞ୍ଚାୟତରୁ ପଦଯାତ୍ରା ଆରମ୍ଭ ହୋଇ ହରିରାଜପୁର, ବିଲିପଡା, ତାଳବସ୍ତ, ଦୁଲଣାପୁର ଓ କୁସୁନ୍ଦା ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଶିକ୍ଷକମାନେ ସେମାନଙ୍କ ସମସ୍ୟା ସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଅଧାପକ ଯୋଗୀନାଥ ମଲ୍ଲିକଙ୍କ ଆବାହକତ୍ୱରେ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ବେଣୁଧର ଦେବତା, କୃଷ୍ଣଚନ୍ଦ୍ର ବେଉରା, ବିଶ୍ୱମୋହନ କର, ବଳଭଦ୍ର ରାଉତ ଓ ପ୍ରଫୁଲ୍ଲ ମଲ୍ଲିକ ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ।



ବାଙ୍କୀରେ ବ୍ଲକଗ୍ରାଣ୍ଟ ଶିକ୍ଷକ ମିଳିତ ମଞ୍ଚ ପକ୍ଷରୁ ପଥପ୍ରାନ୍ତ ସଭା କରାଯାଉଛି।



ମାନବ ଶରୀର ତୁମକୁ ଦିଆଯାଇଛି, ଜୀବଜଗତର କଲ୍ୟାଣରେ ନିଜକୁ ନିୟୋଜିତ କରିବା ପାଇଁ। ଏହାଦ୍ୱାରା ତୁମର ଆତ୍ମା ଭଗବାନଙ୍କ ଚରଣ ତଳେ ସ୍ଥାନ ପାଇବା ପାଇଁ ସକ୍ଷମ ହେବ।

-ଗୁରୁ ନାନକ



## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ ଅଭିଯୋଗ, ଯୁବକ ଅଟକ

**ଖୁଣ୍ଟୁଣୀ,୧୮।୯(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ସେହି ଗ୍ରାମର ଜଣେ ଯୁବକ ଅପହରଣ କରିଥିବା ନେଇ ମଙ୍ଗଳବାର ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ଖୁଣ୍ଟୁଣୀ ଥାନା ପୋଲିସ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରି ପରିବାର ଜିମା ଦେବା ସହ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖିଛି। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ନାବାଳିକାଙ୍କୁ ସେହି ଗ୍ରାମର ଜନୈକ ଯୁବକ ବିବାହର ପ୍ରତିଶ୍ରୁତି ଦେଇ ଗତ ରବିବାର ଅପହରଣ କରି ନେଇଥିଲେ। ନାବାଳିକାଙ୍କ ମା'ଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୧୨/୧୮)ରୁଜୁ କରି ତଦନ୍ତ ଚଳାଇଥିଲା। ବୁଧବାର ସମ୍ପୃକ୍ତ ନାବାଳିକା ଓ ଯୁବକଙ୍କ ଡାକ୍ତରୀ ମାଇନା କରାଯିବା ପରେ ପଦକ୍ଷେପ ନିଆଯିବ ବୋଲି ଏସ୍ଆଇ ସମୀର ସାମଲ କହିଛନ୍ତି।

### ଫେରାର ମହିଳା ଗିରଫ

**ଫୁଲନଖରା, ୧୮।୯(ଡି.ଏନ୍.ଏ.):** କଟକ ସଦର ଥାନା ପୋଲିସ ସୋମବାର ଶୋଭନା ବେଗମ ନାମ୍ନୀ ଜଣେ ମହିଳାଙ୍କୁ ଗିରଫ କରିଛି। ଗିରଫ ମହିଳାଙ୍କ ଘର ଏହି ଥାନା ଅଧୀନ ଉତ୍ତର ଗଜବସ୍ତ ଗ୍ରାମରେ। ଗତ ମେ ୨୨ରେ ଜଣେ ନାବାଳିକାଙ୍କୁ ୪ଜଣ ଯୁବକ ବଳାତ୍କାର କରିଥିବା ଅଭିଯୋଗରେ ଗିରଫ ହୋଇଥିଲେ। ଉକ୍ତ ଯୁବକଙ୍କୁ ଶୋଭନା ସହଯୋଗ କରିଆସୁଥିଲେ। ଏନେଇ ବଳାତ୍କାର ଶିକାର ହୋଇଥିବା ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିବାରୁ ପୋଲିସ ୧୯୦/୧୮ରେ ମାମଲା ରୁଜୁ କରିଥିଲା। ଶୋଭନା ସେବେଠୁ ଫେରାର ଥିଲେ। ମଙ୍ଗଳବାର ଘରେ ଥିବା ଖବର ପାଇ ପୋଲିସ ଶୋଭନାଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା।

### ୯ଜୁଆଡ଼ି ଗିରଫ

**କଟକ ଅଫିସ,୧୮।୯:** ମଙ୍ଗଳବାର କଟକ ଜଗତପୁର ନିକଟ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ପୋଲିସ ୯ଜୁଆଡ଼ିଙ୍କୁ ଗିରଫ କରିଛନ୍ତି । ସେମାନଙ୍କଠାରୁ ୪ଟି ବାଇକ୍ ୮ଟି ମୋବାଇଲ, ନଗଦ ୭୧ ହଜାର ଟଙ୍କା ସହ ତିନି ବଣ୍ଡଲ ତାସ ଜବତ କରିଛି। ସେମାନେ ହେଲେ ଜଗତପୁର ଅଞ୍ଚଳର ଅଜୟ କୁମାର ଜେନା, ଅଖିଳ ନନ୍ଦ, ଯାଜପୁର ଅଞ୍ଚଳର ନବୀନ ମଲ୍ଲିକ, ନୀଲୁ ପ୍ରସାଦ ସିଂ, ସୁବାସ ଚନ୍ଦ୍ର ସ୍ୱାଇଁ, ବାଲିଚନ୍ଦ୍ରପୁର ଅଞ୍ଚଳର ଶରତ ଚନ୍ଦ୍ର ସାମଲ, ମାଲଗୋଦାମ ଅଞ୍ଚଳର ଭି.ଜଗେଶ୍ୱର ରାଓ, ମାହାଙ୍ଗା ଅଞ୍ଚଳର ଗୋପାଳ ଚନ୍ଦ୍ର ବେହେରା ଓ ମହେନ୍ଦ୍ର କୁମାର ସେଠି । ସୂଚନା ଅନୁଯାୟୀ, ଜଗତପୁର ଗୋଲେଇଛକ ନିକଟରେ ଜୁଆ ଆଡ୍ଡା ଚାଲୁଥିବା ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜଗତପୁର ଥାନା ପୋଲିସର ଏକ ସ୍ୱତନ୍ତ୍ର ଟିମ ସେଠାକୁ ଯାଇ ଚଢ଼ାଉ କରିଥିଲେ।

### ନାମୀ ମ୍ୟୁଜିକ୍ କମ୍ପାନୀର କପି କରି ଜଣେ ଗିରଫ

**କଟକ ଅଫିସ,୧୮।୯:** ଏକ ନାମୀ ମ୍ୟୁଜିକ କମ୍ପାନୀର ବିନା ଲାଇସେନ୍ସରେ ବଜାରରେ କ୍ୟାସେଟ କପି ବିକ୍ରି ଅଭିଯୋଗ ହୋଇଛି। ଏହି ଅଭିଯୋଗରେ ବାଦାମବାଡି ଥାନା ମଙ୍ଗଳବାର ବାଦାମବାଡି ଅଞ୍ଚଳରୁ ଜଣଙ୍କୁ ଗିରଫ କରିଛି। ସେ ହେଲେ ବିଜୟ କୁମାର ସାହୁ । ତାଙ୍କ ଘର ମାଲଗୋଦାମ ଥାନା ଅଞ୍ଚଳର ହୋଇଥିବା ବେଳେ ସେ ବାଦାମବାଡି ଭରତିୟା ଟାୱାରଠାରେ ଦୋକାନ କରି ଏଭଳି ସିଡୀ ବିକ୍ରି କରୁଥିଲେ। ପୋଲିସ ତାଙ୍କ ଦୋକାନରୁ ସିପିୟୁ, ହାର୍ଡ ଡିସ୍କ, କମ୍ପ୍ୟୁଟର ଓ କିଛି ସିଡି ଜବତ କରିଛି। ଏ ସଂକ୍ରାନ୍ତରେ ବାଦାମବାଡି ଥାନାରେ ୬୩, ୬୪ କପି ରାଇଟ ଆକ୍ଟ ଉଲ୍ଲଂଘନ ଅନୁଯାୟୀ ନଂ୨୫୪/୧୮ରେ ଏକ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ଉକ୍ତ କମ୍ପାନୀର ସିଡୀ ଏହିଭଳି ବିନା ଲାଇସେନ୍ସରେ ବିଜୟ ବିକ୍ରି କରୁଥିବା ନେଇ ସମ୍ପୃକ୍ତ କମ୍ପାନୀର ଓଡ଼ିଶା ମୁଖ୍ୟ ଏହି ବିଷୟରେ ଜାଣିବାକୁ ପାଇବା ପରେ ଥାନାରେ ଏନେଇ ଅଭିଯୋଗ କରିଥିଲେ।

### ପୋଲିସ କମିଶନର, କଟକ ଡିସିପିଙ୍କ କୁଶପୁତ୍ତଳିକା ଦାହ

**କଟକ ଅଫିସ,୧୮।୯:** କଟକରେ ଆଇନଜୀବୀ-ପୋଲିସ ବିବାଦକୁ ୨୦ ଦିନରୁ ଊର୍ଦ୍ଧ୍ୱ ବିତି ଯାଇଛି । ଆଇନଜୀବୀଙ୍କୁ ପୋଲିସର ମାଡ ଘଟଣାରେ ହାଇକୋର୍ଟରେ ଦୁଇଟି ମାମଲା ରୁଜୁ ହୋଇଥିଲେ ମଧ୍ୟ ତଥାପି ଅସନ୍ତୋଷ ଥମି ନାହିଁ। ଫଳରେ ମଙ୍ଗଳବାର ହାଇକୋର୍ଟ ନିକଟ ରାସ୍ତାରେ ଆଇନଜୀବୀମାନେ ଏକତ୍ରିତ ହୋଇ କଟକ ଡିସିପି ଏବଂ ପୋଲିସ କମିଶନରଙ୍କ କୁଶପୁତ୍ତଳିକା ଦାହ କରିଥିଲେ । ଶତାଧିକ ଆଇନଜୀବୀ ଉଭୟଙ୍କ ଇସ୍ତଫା ଦାବି କରି ବ୍ୟାନର ଧରି ଏକ ଶୋଭାଯାତ୍ରାରେ ହାଇକୋର୍ଟ ଛକ ନିକଟରୁ ଆରଡିସି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ ।

# ନୂଆ ରୂପରେ ଶହୀଦ ପାର୍କ

**କଟକ ଅଫିସ, ୧୮।୯**

ନୂଆ ରୂପ ନେଇଛି କଟକ ନୂଆପାଟଣାସ୍ଥିତ ଶହୀଦ ପାର୍କ। ଅମୃତ ଯୋଜନାରେ ୩୮ ଲକ୍ଷ ଟଙ୍କା ବ୍ୟୟରେ ଏହି ପାର୍କର ନବୀକରଣ କରାଯାଇଛି। ଏହି ଅର୍ଥରେ ୧୩ ଜଣ ଶହୀଦ ଓ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାନ ପାଇଛି। ଏମାନେ ହେଲେ ମହାତ୍ମା ଗାନ୍ଧୀ, ରାଜୀବ ଗାନ୍ଧୀ, ଇନ୍ଦିରା ଗାନ୍ଧୀ, ଚାଖି ଖୁଣ୍ଟିଆ, ଲକ୍ଷ୍ମଣ ନାୟକ, ଜୟୀ ରାଜଗୁରୁ, ବାଘା ଯତୀନ, ବୀର ସୁରେନ୍ଦ୍ର ସାଏ, ଭଗତ ସିଂ, ରଘୁନାଥ ମହାନ୍ତି ଓ ଦିବାକର ପରିଡା। ତେବେ ପାର୍କର ମୁଖ୍ୟ ଆକର୍ଷଣ ରହିଛି ଗାଜିବୋ, ଏଫଆର୍‌ପିରେ ନିର୍ମିତ ରେଷ୍ଟ ବେଞ୍ଚ ଏବଂ ଷ୍ଟୋନ୍ କ୍ଲେଡିଂ ୱାଲ୍। ଏଥିସହ ପ୍ରାତଃ ଭ୍ରମଣରେ ଯୁବପିଢ଼ିଙ୍କୁ ଆକର୍ଷିତ କରିବା ପାଇଁ ପାର୍କ ମଧ୍ୟରେ ୬ଟି ଜିମ୍ ଇକ୍ୱିପ୍‌ମେଣ୍ଟ ଓ ଛୋଟ ପିଲାଙ୍କ ଖେଳିବା ପାଇଁ ମେଜିକୋ ରାଉଣ୍ଡ୍ ଏବଂ ସ୍ଲାଇଡ୍‌ରର ବ୍ୟବସ୍ଥା ରହିଛି।

ସ୍ଥାନୀୟ କର୍ପୋରେଟର ନମିତା ମଞ୍ଜରୀ ସାହୁଙ୍କ କହିବାନୁଯାୟୀ ସହର ମଧ୍ୟରେ ଏହା ଏକମାତ୍ର ପାର୍କ ଯେଉଁଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଦିଲ୍ଲୀ, ମୁମ୍ବାଇ ଭଳି ଏହି ପାର୍କରେ ବର୍ଷା ଦିନରେ ମଧ୍ୟ ବୁଲିବାର ମଜା ନେବେ। ଏଥିପାଇଁ ଦୁଇଟି ଗାଜିବୋରେ ଆଲୋକ ବ୍ୟବସ୍ଥା ସାଙ୍ଗକୁ ଏକାଥରେ ୭ରୁ ୮ ଜଣ ବସିବାର ସୁବିଧା ରହିଛି। ଏହି ଗାଜିବୋ ସାଧାରଣ ସିମେଣ୍ଟ ବାଲିରେ ତିଆରି ନ ହୋଇ ଏଫଆର୍‌ପିରେ ନିର୍ମିତ ହୋଇଛି। ଏହି ପାର୍କ ନବୀକରଣ ଦାୟିତ୍ୱରେ ଥିବା ଜୁନିୟର ଇଞ୍ଜିନିୟର ପ୍ରତାପ ସାମଲ କୁହନ୍ତି, ଗୁଜରାଟରୁ ଆସୁଥିବା ଏହି ଏଫଆର୍‌ପି ମ୍ୟାଟେରିଆଲରେ ନିର୍ମିତ ଗାଜିବୋ ବର୍ଷା, ଶୀତ, କାକର କିମ୍ବା ଖରାରେ ଶୀଘ୍ର ନଷ୍ଟ ହେବ ନାହିଁ। ସେହିପରି ପାର୍କ ମଧ୍ୟରେ ଥିବା ଅନ୍ୟତମ ଆକର୍ଷଣ ହେଉଛି ଷ୍ଟୋନ କ୍ଲେଡିଂ ୱାଲ୍। ପଥରରେ ନିର୍ମିତ ଏହି କାନ୍ଥ ଉପରେ ଗଛମାଡିବା ପରେ ଏହାର ସୌନ୍ଦର୍ଯ୍ୟ ଆହୁରି ବୃଦ୍ଧି ପାଇବ ବୋଲି ସେ କହିଛନ୍ତି।

ବୁଧବାର ଏହି ନବୀକୃତ ପାର୍କର ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଥିବା କର୍ପୋରେଟର ସାହୁ କହିଛନ୍ତି। କିନ୍ତୁ ଏହି ପାର୍କରେ ପୂର୍ବରୁ ଥିବା ଦୁଇଟି ଫାଉଣ୍ଟେନକୁ କାର୍ଯ୍ୟକ୍ଷମ କରାଯାଇପାରିନି। ସେହିଭଳି ଏଠାରେ ଲୋକଙ୍କ ଅଧିକ ସମାଗମ ହେବାର ଥିଲେ ମଧ୍ୟ ବାୟୋ ଟଏଲେଟ୍ ବ୍ୟବସ୍ଥା ନାହିଁ। ଏଥିପ୍ରତି ନଜର ଦିଆଯିବା ଦରକାର ବୋଲି ସେ କହିଛନ୍ତି।





■ ସ୍ଥାନ ପାଇଛି ୧୩ଜଣ ଶହୀଦ ଓ ମହାପୁରୁଷଙ୍କ ପ୍ରତିମୂର୍ତ୍ତି

■ ବରିଷ୍ଠ ନାଗରିକ ଓ ଯୁବପିଢ଼ିଙ୍କ ପାଇଁ ଗାଜିବୋ ମୁଖ୍ୟ ଆକର୍ଷଣ

■ ସ୍ଥାୟୀ ଲୋକ ଅଦାଲତ

# କ୍ଷତିପୂରଣ ଦେବା ପାଇଁ ଷ୍ଟେଟ୍ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ

**କଟକ ଅଫିସ, ୧୮।୯**

ଦୁଇ ମାସ ମଧ୍ୟରେ କ୍ଷତିପୂରଣ ଦେବା ପାଇଁ ଷ୍ଟେଟ୍ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜିଲାର ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଷ୍ଟେଟ୍ ବ୍ୟାଙ୍କର ଜନୈକ ଅବସରପ୍ରାପ୍ତ ଅଫିସର ରବୀନ୍ଦ୍ର ନାଥ ମିଶ୍ର ଅବସର ଗ୍ରହଣ ପରେ ଏକକାଳୀନ ୬୨ହଜାର ଟଙ୍କାର ପ୍ରିମିୟମ ଦେଇ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ମେଡିକାଲ ବେନିଫିଟ୍ ସ୍କିମ୍ ଅନ୍ତର୍ଗତ ଏକ ସ୍ୱାସ୍ଥ୍ୟ ସୁବିଧା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ। ସେ ପ୍ରଥମ ବର୍ଷ (୨୦୧୫)ରେ ୭ହଜାର ଟଙ୍କାର ସ୍ୱାସ୍ଥ୍ୟ ଖର୍ଚ୍ଚ ବିଲ୍ ପୈଠ କରି ସମୁଦାୟ ଟଙ୍କା ପାଇଥିଲେ। କିନ୍ତୁ ୨୦୧୬ ଜାନୁୟାରୀ ୧ରୁ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ ଏକ ନୂଆ ସ୍ୱାସ୍ଥ୍ୟ ଯୋଜନା (ସ୍କିମ୍-ଏ) ପ୍ରଚଳନ କଲେ। ନୂତନ ଯୋଜନା ସ୍କିମ୍-ଏ'ରେ ସ୍ୱାସ୍ଥ୍ୟ ଯୋଜନାର ସମସ୍ତ ହିତାଧିକାରୀ ସ୍ୱତଃସ୍ଫୂର୍ତ୍ତ ଭାବେ ଅନ୍ତର୍ଭୁକ୍ତ ହେବା କଥା। କିନ୍ତୁ କର୍ତ୍ତୃପକ୍ଷଙ୍କ ଖାମଖିଆଲି ଆଚରଣ ଯୋଗୁ ମିଶ୍ରଙ୍କର ନାମ ନୂଆ ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରି ନ ଥିଲା। ନୂତନ ଯୋଜନାନୁଯାୟୀ ମିଶ୍ର ବର୍ଷକୁ ୩୦ହଜାର ଟଙ୍କାର ଚିକିତ୍ସା ଖର୍ଚ୍ଚ ପାଇଥାନ୍ତେ। ଏଥିରେ ୪ ଲକ୍ଷ ଟଙ୍କାର ବୀମା ସୁରକ୍ଷା ବ୍ୟବସ୍ଥା ସହିତ ସ୍ୱତନ୍ତ୍ର ନିର୍ଦ୍ଧାରିତ ହସ୍ପିଟାଲରେ ଅର୍ଥବିହୀନ ଚିକିତ୍ସା ବ୍ୟବସ୍ଥା ଥିଲା। ଏଣୁ ସେ ସ୍ଥାୟୀ ଲୋକ ଲୋକ ଅଦାଲତରେ ଦରଖାସ୍ତ କରିଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କ ଲିଖିତ ଜବାବରେ ଭୁଲ ସ୍ୱୀକାର କରିଥିବା ସତ୍ତ୍ୱେ ମିଶ୍ରଙ୍କୁ ମକଦ୍ଦମା ଶେଷ ପର୍ଯ୍ୟନ୍ତ ନୂତନ ଯୋଜନାରେ ଅନ୍ତର୍ଭୁକ୍ତ କଲେ ନାହିଁ କିମ୍ବା ସ୍ୱାସ୍ଥ୍ୟ କାର୍ଡ ମଞ୍ଜୁର କଲେ ନାହିଁ। ଏହି ମାମଲାର ବିଚାର କରି ସ୍ଥାୟୀ ଲୋକ ଅଦାଲତ ମିଶ୍ରଙ୍କୁ ନୂତନ ଯୋଜନା ସ୍କିମ୍-ଏ'ରେ ଅୟମାରମ୍ଭ ଦିନଠାରୁ ସଦସ୍ୟ କରିବା ପାଇଁ ଷ୍ଟେଟ୍ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ସହିତ କ୍ଷତିପୂରଣ ବାବଦକୁ ୨୦ହଜାର ଟଙ୍କା ଏବଂ ମକଦ୍ଦମା ଖର୍ଚ୍ଚ ବାବଦକୁ ୧ହଜାର ଟଙ୍କା ୨ ମାସ ମଧ୍ୟରେ ଦେବା ପାଇଁ ଅଧ୍ୟକ୍ଷ ପ୍ରେମରାଜ ବହିଦାର, ସଦସ୍ୟ ତପନ ମଣ୍ଡଳ ଓ ସଦସ୍ୟ ପ୍ରଦୀପ କୁମାର ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି।




୪୨ ମୌଜା ବେଷ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ସମାଧାନ ଦାବି ନେଇ କଟକ ସଦର ହିନ୍ଦୁ ସେନା ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କୁ ସ୍ମାରକପତ୍ର ଦେବା ପାଇଁ ଗ୍ରାମାଞ୍ଚଳ ଏସ୍‌ପି ଅଫିସ୍ ନିକଟରୁ ବାହାରିଥିବା ଶୋଭାଯାତ୍ରା।

## ଦୁଇ ଅପରାଧୀ ଗିରଫ, ଖଣ୍ଡା ଜବତ

**କଟକ ଅଫିସ୍, ୧୮।୯**

କଟକ ସହରରେ ଆତଙ୍କ ଖେଳାଇଥିବା ଦୁଇ ଅପରାଧୀଙ୍କୁ ମାଲଗୋଦାମ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ମାଲଗୋଦାମ ଥାନା ଯୋବ୍ରା ମ୍ୟୁନିସିପାଲିଟି କଲୋନୀ ଅଞ୍ଚଳର ଜ୍ୟୋତିସ୍କ ଦାସ ଓରଫ କାହ୍ନା(୨୯), କାଳିଆ ବେହେରା ଓରଫ ରାକେଶ(୩୧) । ସେମାନଙ୍କୁ ଦଫା ୧୧୦ରେ ଗିରଫ କରିବା ସହ ଗୋଟିଏ ଖଣ୍ଡା ଜବତ କରିଛି । ମାଲଗୋଦାମ ଥାନାରେ ଉଭୟଙ୍କ ନାମରେ ୩ଟି ଲେଖାଏ ଆପରାଧିକ ମାମଲା ଥିବା ପୋଲିସ ସୂଚନା ଦେଇଛି । ପ୍ରକାଶ ଯେ, ବହୁ ଅପରାଧ ମାମଲାରେ ସେମାନେ ଜଡ଼ିତ ଥିଲେ ମଧ୍ୟ କୋର୍ଟରେ ହାଜର ନ ହେବାରୁ ସେମାନଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା। ସୋମବାର ବିଳମ୍ବିତ ରାତିରେ ଭଭୟେ ଗୋଟିଏ ଖଣ୍ଡା ଧରି ଚାଉଳିଆଗଞ୍ଜ ଥାନା ମହାନଦୀ ବିହାର ଅଞ୍ଚଳରେ ବୁଲୁଥିବା ପୋଲିସ ସୂଚନା ପାଇ ସେମାନଙ୍କୁ ଗିରଫ କରିଥିଲା ।

# କ୍ଷତିପୂରଣ ଦେବା ପାଇଁ ପୋଲିସ ହାଉସିଂ ବୋର୍ଡକୁ ନିର୍ଦ୍ଦେଶ

**କଟକ ଅଫିସ, ୧୮।୯**

ପୋଲିସ ହାଉସିଂ କର୍ପୋରେଶନର ୪ଗୋଟି ପ୍ରକଳ୍ପ କାର୍ଯ୍ୟ କରିବା ପାଇଁ ପ୍ରଶାନ୍ତ କୁମାର ବେହେରା ନାମକ ଜଣେ ଇଲେକ୍ଟ୍ରିକାଲ ଠିକାଦାରଙ୍କୁ କାର୍ଯ୍ୟାଦେଶ ମିଳିଥିଲା । ସେ ମଧ୍ୟ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପାଦନ କରି ତାଙ୍କର ବିଲ୍ ମଞ୍ଜୁର ନିମନ୍ତେ ଆବେଦନ କରିଥିଲେ। କର୍ପୋରେଶନ ତଥା ସମ୍ପୃକ୍ତ ବିଭାଗୀୟ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ସେ ନିରାଶ ହୋଇଥିଲେ। ଶେଷରେ ଜିଲାର ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ବିଚାର ଆଲୋଚନା ଚାଲିଥିବା ସମୟରେ କର୍ପୋରେଶନ କର୍ତ୍ତୃପକ୍ଷ ମାତ୍ର ଗୋଟିଏ ପ୍ରକଳ୍ପର ବକେୟା ଦେୟ ପୈଠ କରିଦେଇଥିଲେ। ଅନ୍ୟ ୩ଟି ପ୍ରକଳ୍ପର ପ୍ରାପ୍ୟ ପୈଠ କରି ନ ଥିଲେ। ଏଣୁ ମାମଲାର ସମ୍ପୂର୍ଣ୍ଣ ଶୁଣାଣି କରି ଦରଖାସ୍ତକାରୀ ବେହେରାଙ୍କୁ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ ବାବଦକୁ ୧ ଲକ୍ଷ ୬୧ ହଜାର ୭୨୦ ଟଙ୍କା ଏବଂ କ୍ଷତିପୂରଣ ବାବଦକୁ ଅଧିକ ୧୦ ହଜାର ଟଙ୍କା ଆସନ୍ତା ୨ ମାସ ମଧ୍ୟରେ ହସ୍ତାନ୍ତର କରିବା ପାଇଁ ଆଦେଶ ଦେଇଛନ୍ତି। ଅନାଦାୟରେ ବାର୍ଷିକ ଶତକଡ଼ା ୬ ପ୍ରତିଶତ ସୁଧ ଦେବା ପାଇଁ ମଧ୍ୟ ଆଦେଶ ହୋଇଛି।

# ବରିଷ୍ଠ ନାଗରିକଙ୍କ ରାଜ୍ୟସ୍ତରୀୟ ଆସୋସିଏଶନ ଗଠିତ

**ଭୁବନେଶ୍ୱର,୧୮।୯(ବ୍ୟୁରୋ)**

ବରିଷ୍ଠ ନାଗରିକମାନଙ୍କର ଏକ ରାଜ୍ୟସ୍ତରୀୟ ଆସୋସିଏଶନ ଗଠିତ ହୋଇଛି। ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ବରିଷ୍ଠ ନାଗରିକଙ୍କୁ ଆସୋସିଏଶନର ପରାମର୍ଶଦାତା କମିଟିରେ ରଖାଯାଇଥିବା ବେଳେ ବରିଷ୍ଠ ସାମ୍ବାଦିକ, ଲେଖକ ତଥା ସ୍ତମ୍ଭକାର ଜୀମୂତ ମଙ୍ଗରାଜ ଏହାର ସଭାପତି ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ଆସୋସିଏଶନର ଆଭିମୁଖ୍ୟ ହେଉଛି, ରାଜ୍ୟର ବିଭିନ୍ନ ଅଞ୍ଚଳରେ ରହୁଥିବା ବରିଷ୍ଠ ନାଗରିକଙ୍କୁ ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନ କରାଇବା । ଏଥିସହ ବରିଷ୍ଠ ନାଗରିକମାନେ ରାଜ୍ୟ, ଦେଶ ଏବଂ ବିଦେଶକୁ ବୁଲିଯିବା ନିମନ୍ତେ ବ୍ୟବସ୍ଥା କରିବା। ଏ ସବୁ ଛଡ଼ା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ଯେଉଁ ସହାୟତା ଯୋଗାଇ ଦିଆଯାଉଛି, ତାହା ଯେପରି ସେମାନେ ପାଇପାରିବେ, ସେ ନେଇ ଆସୋସିଏଶନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ। ସେମାନେ ଯେପରି ପୋଲିସଠାରୁ ସୁରକ୍ଷା ପାଇପାରିବେ, ସେ କ୍ଷେତ୍ରରେ ମଧ୍ୟ ଆସୋସିଏଶନ ବିଭିନ୍ନ ସମୟରେ ପୋଲିସ ସହ ଯୋଗାଯୋଗ ରକ୍ଷା କରିବ। ମାଗଣାରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ବିଶେଷକରି ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ପଦକ୍ଷେପ ନିଆଯିବ। ସେହିଭଳି ବରିଷ୍ଠ ନାଗରିକଙ୍କ ସୁବିଧା, ସୁଯୋଗ, ସୁରକ୍ଷା ଆଦି ସମ୍ପର୍କରେ ଅବଗତ କରାଇବା ନିମନ୍ତେ ଆସୋସିଏଶନ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରକ୍ଷା କରିବ। ପଞ୍ଚାୟତରୁ ଆରମ୍ଭ କରି ରାଜଧାନୀ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳର ବରିଷ୍ଠ ନାଗରିକଙ୍କୁ ଆସୋସିଏଶନର ସଭ୍ୟ କରାଯିବ। ଜିଲା, ବ୍ଲକ ଓ ପଞ୍ଚାୟତସ୍ତରରେ ଏହାର ଶାଖା ରହିବ।

ଆସୋସିଏଶନର ସାଧାରଣ ସମ୍ପାଦକ ଭାବେ ନିରଞ୍ଜନ ସ୍ୱାଇଁ ମନୋନୀତ ହୋଇଛନ୍ତି। ପରାମର୍ଶଦାତା କମିଟିରେ ପୂର୍ବତନ ଏମ୍‌ପି ଦ୍ୱିତୀକୃଷ୍ଣ ପଣ୍ଡା, ପୂର୍ବତନ ବାଚସ୍ପତି ଶରତ କୁମାର କର, ଭୁବନେଶ୍ୱରର ପୂର୍ବତନ ନଗରପାଳ ତଥା ବିଶିଷ୍ଟ ଚିକିତ୍ସାବିତ୍ ଡା. ଜଗନ୍ନାଥ ମହାପାତ୍ର, ବିଶିଷ୍ଟ ସାମ୍ବାଦିକ ତଥା ଇଣ୍ଡିଆନ୍ ଏକ୍ସପ୍ରେସର ପୂର୍ବତନ ସମ୍ପାଦକ ଶ୍ରୀମୟ କର, ବିଶିଷ୍ଟ ପ୍ରଶାସକ ସର୍ବେଶ୍ୱର ମହାନ୍ତି, ସାମାଜିକ କର୍ମୀ କସ୍ତୁରୀ ମହାପାତ୍ର, ପୂର୍ବତନ ମୁଖ୍ୟ ଆୟକର କମିଶନର ଅଶୋକ କୁମାର ଚାଟାର୍ଜୀ, ଅବସରପ୍ରାପ୍ତ ଜିଲା ଦୌରାଜଜ୍ କିଶୋର ଚନ୍ଦ୍ର ମହାପାତ୍ର ପ୍ରମୁଖ ରହିଛନ୍ତି। ସେହିପରି ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ନରେନ୍ଦ୍ର ମିଶ୍ର, ବିଶିଷ୍ଟ ଆଡ୍‌ଭୋକେଟ ନିରୋଜ ମହାପାତ୍ର, ଆଇନଜୀବୀ ତଥା ସାମାଜିକ କର୍ମୀ ଶୁଭ୍ରାଂଶୁ ସିଂ, ବରିଷ୍ଠ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଚନ୍ଦ୍ରଶେଖର ସାମନ୍ତରାୟ, ବିଶିଷ୍ଟ ସାମାଜିକ କର୍ମୀ ସିବିଆଇର ପୂର୍ବତନ ଆଡ୍‌ଭୋକେଟ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ବିମଳେନ୍ଦୁ ମହାନ୍ତି, ଡ. ଉମାକାନ୍ତ ଦାଶ, ଶିକ୍ଷାବିତ୍ ସବିତା ରାଉତରାୟ, ଇଞ୍ଜିନିୟର ସୂର୍ଯ୍ୟନାରାୟଣ ଚୂଡ଼ାମଣି ଓ ଅବସରପ୍ରାପ୍ତ ପୋଲିସ ଅଫିସର ଶରତ ଚନ୍ଦ୍ର ମିଶ୍ର ମଧ୍ୟ ଉକ୍ତ କମିଟିରେ ସଦସ୍ୟ ରହିଛନ୍ତି।

# ଭୂମିହୀନଙ୍କୁ ମିଳୁନାହିଁ ସ୍ଥାୟୀ ପଟ୍ଟା, ଘର

**କଟକ ଅଫିସ,୧୮।୯**

**ଏନ୍‌ଏଚ୍‌ଆରସିଙ୍କ ରିପୋର୍ଟ ତଲବ**

ଭୂମିହୀନ ଓ ଦଳିତ ପରିବାରଙ୍କୁ ଥଇଥାନ ନିମନ୍ତେ ସ୍ଥାୟୀ ପଟ୍ଟା ଓ ଘର ଯୋଗାଇ ଦେବା ଦାବି କରି ଅଗଷ୍ଟ ୨୦ ତାରିଖରେ କଟକ ଆମ୍ବେଡକର ସ୍ମୃତି ପରିଷଦ ପକ୍ଷରୁ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ କରାଯାଇଥିଲା । ପରିଷଦର ସଭାପତି ସୁକାନ୍ତ ସେଠୀଙ୍କ ନେତୃତ୍ୱରେ ଜିଲାପାଳଙ୍କ ଜରିଆରେ ଏହି ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନର(ଏନ୍‌ଏଚଆରସି)ଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ସଂଗଠନର ଅଭିଯୋଗକୁ ବିଚାରକୁ ନେଇ କମିଶନଙ୍କ ପକ୍ଷରୁ ଗତ ୧୫ ତାରିଖରେ ଚିଠି ନଂ ୧୮୯୮ରେ ପ୍ରଶାସନଠାରୁ ରିପୋର୍ଟ ତଲବ କରିଛନ୍ତି । ଉଲ୍ଲେଖଥାଉକି, ବାରଙ୍ଗ ତହସିଲ ପାଟପୁର ମୌଜାର ବହୁ ସଂଖ୍ୟକ ଭୂମିହୀନ ଦଳିତ ଓ ଗରିବ ପରିବାର ଶହେ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ସରକାରୀ ଜମିରେ ଘରଦ୍ୱାର କରି ରହୁଛନ୍ତି । ସେମାନେ ବ୍ୟବହାର କରୁଥିବା ଜମିର ସ୍ଥାୟୀ ପଟ୍ଟା କିମ୍ବା ଘର ଜିଲା ପ୍ରଶାସନ ଓ ରାଜ୍ୟ ସରକାର ପ୍ରଦାନ କରିବାରେ ବିଫଳ ହୋଇଛନ୍ତି । ଫଳରେ ଗରିବ ପରିବାରମାନେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାରୁ ବଞ୍ଚିତ ହେଉଛନ୍ତି । ଏପରିକି ଜାତି ପ୍ରମାଣପତ୍ର ପାଇପାରୁ ନାହାନ୍ତି । ସେମାନେ ବ୍ୟବହାର କରୁଥିବା ଜଳାଶୟକୁ ମଧ୍ୟ କିଛି ପ୍ରଭାବଶାଳୀ ଲୋକ ବେଆଇନ ଭାବେ ଜବରଦଖଲ କରି ସେଠାରେ ଘର ନିର୍ମାଣ କରୁଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା ।

## ପୋଲ ତଳକୁ ଖସିଲା ପିକ୍‌ଅପ୍ ଭ୍ୟାନ

**ଚୌଦ୍ୱାର,୧୮।୯(ଡି.ଏନ୍.ଏ.)**

ଚୌଦ୍ୱାର ନିକଟସ୍ଥ ରାହାଙ୍ଗପାଟଣା ଗଡ଼ା ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ପୋଲ ତଳକୁ ଖସିପଡିଥିଲା। ଖବରପାଇ ଟିପିଏମ୍ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଉଦ୍ଧାର କରିଥିଲେ। ସୂଚନା ଅନୁଯାୟୀ, ପିକ୍‌ଅପ୍ ଭ୍ୟାନ(ଓଡି ୦୫ ଏକେ ୨୦୪୩) ପାରାଦୀପରୁ ମାଛ ନେଇ ଅନୁଗୋଳ ଅଭିମୁଖେ ଯାଉଥିବାବେଳେ ଭାରସାମ୍ୟ ହରାଇ ପୋଲ ତଳକୁ ଖସି ପଡ଼ିଥିଲା। ଗାଡ଼ି ଡ୍ରାଇଭର ଓ ମାଲିକଙ୍କ କୌଣସି କ୍ଷୟକ୍ଷତି ହୋଇ ନ ଥିବା ଜଣାପଡିଛି।

## ଏବିଭିପି ଛାତ୍ରନେତାଙ୍କ ଆମରଣ ଅନଶନ



ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିବା ଛାତ୍ରମାନେ।

**କଟକ ଅଫିସ,୧୮।୯**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ବିଭିନ୍ନ ଦାବି ନେଇ ୪ଜଣ ଏବିଭିପି ଛାତ୍ରନେତା ଆମରଣ ଅନଶନରେ ବସିଛନ୍ତି । ସେମାନେ ହେଲେ ଚିନ୍ମୟ ସାହୁ, ରାକେଶ ଧୂପର, ଚିନ୍ମୟ ଦାସ, ଖଗେଶ୍ୱର ମଲ୍ଲିକ । ଖାଲି ପଡ଼ିଥିବା ଅଧ୍ୟାପକ ପଦବୀ ପୂରଣ କରିବା, କନିକା ଲାଇବ୍ରେରିର ପୁନରୁଦ୍ଧାର, ସିସିଟିଭି ବ୍ୟବସ୍ଥା ପୂର୍ଣ୍ଣ କାର୍ଯ୍ୟକ୍ଷମ ଆଦି ଦାବିମାନ ରହିଛି । ସନ୍ଧ୍ୟାରେ କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ଅନଶନରତ ଛାତ୍ରମାନଙ୍କୁ ଭେଟି ଆଲୋଚନା କରିଥିଲେ । ଆଲୋଚନାରେ କୁଳପତି କେତେକ ଦାବିପୂରଣ କରିବାକୁ ରାଜି ନହେବାରୁ ଅନଶନ ଜାରି ରହିବ ବୋଲି ଛାତ୍ରମାନେ କହିଛନ୍ତି ।

■ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ

# ୨୮ରେ ଇସି ବୈଠକ, ନିର୍ବାଚନ ମୁଖ୍ୟ ପ୍ରସଙ୍ଗ

**କଟକ ଅଫିସ,୧୮।୯**



ଆସନ୍ତା ୨୮ ତାରିଖରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟନିର୍ବାହୀ ପରିଷଦ(ଇସି) ବୈଠକ ଅନୁଷ୍ଠିତ ହେବ। ବୈଠକରେ ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା କରାଯିବାକୁ ଯୋଜନା ରହିଥିଲେ ମଧ୍ୟ ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନ କରାଯିବ ନା ନାହିଁ ତାହା ମୁଖ୍ୟ ପ୍ରସଙ୍ଗ ରହିବ ବୋଲି ଜଣାପଡ଼ିଛି। ଇସି ବୈଠକ ୨୪ ତାରିଖରେ କରାଯିବାକୁ ପୂର୍ବରୁ କୁହାଯାଇଥିବା ବେଳେ ପରେ ଏହା ୨୮ ତାରିଖକୁ ଘୁଞ୍ଚାଇ ଦିଆଯାଇଛି।

ଗତବର୍ଷ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଥିଲା। ଛାତ୍ର ସଂସଦ ଗଠନ କରାଯିବା ପରିବର୍ତ୍ତେ ଛାତ୍ର ପରିଷଦ ଗଠନ କରିବାକୁ ଗତବର୍ଷ ଇସି ବୈଠକରେ ପ୍ରସ୍ତାବ ଦିଆଯିବା ସହ ଗୃହୀତ ହୋଇଥିଲା। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଛାତ୍ର ପରିଷଦ ଗଠନ ନିଷ୍ପତ୍ତିକୁ ଛାତ୍ରୀଛାତ୍ରମାନେ ବିରୋଧ କରିବା ଫଳରେ ଅଶାନ୍ତି ସୃଷ୍ଟି ହୋଇ ବିଶ୍ୱବିଦ୍ୟାଳୟକୁ ସାଇନ୍-ଏ-ଡାଏ ଘୋଷଣା କରାଯାଇଥିଲା। ଆସନ୍ତା ୨୮ରେ ହେବାକୁ ଥିବା ଇସି ବୈଠକରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନିର୍ବାଚନ ନିଷ୍ପତ୍ତି ଝୁଲି ରହିଛି। ଏଯାବତ୍ ଏହି ଶିକ୍ଷାନୁଷ୍ଠାନରେ ଛାତ୍ର ସଂସଦ ନିର୍ବାଚନ ହେବ କି ନାହିଁ ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳି ପାରୁନାହିଁ। ଫଳରେ ଅନ୍ୟ ମହାବିଦ୍ୟାଳୟ ଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ନିମନ୍ତେ ପ୍ରାର୍ଥୀ ଘୋଷଣା ସରିଥିବା ବେଳେ ଏଠାରେ ପ୍ରାର୍ଥୀ ଘୋଷଣାକୁ ନେଇ ଦୋଛକିରେ ରହିଛନ୍ତି ଛାତ୍ରନେତା। ଆଗାମୀ ଇସି ବୈଠକରେ ରେଭେନଶାରେ ହୋଇଥିବା ଛାତ୍ର ର୍‌ୟାଗିଂ ଘଟଣା, ଅଣଶିକ୍ଷକ କର୍ମଚାରୀଙ୍କ ଦାବିଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟର ବିଭିନ୍ନ ସମସ୍ୟା ଓ ଯୋଜନା ଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯିବ। ଏହା ମଧ୍ୟରେ ରେଭେନ୍‌ଶାରେ ସୁରକ୍ଷାକର୍ମୀ ନିଯୁକ୍ତି ପ୍ରସଙ୍ଗ ମଧ୍ୟ ଉପସ୍ଥାପନ କରାଯିବ ବୋଲି ଜଣାପଡ଼ିଛି।

ସୂଚନାଥାଉ କି ବିଶ୍ୱବିଦ୍ୟାଳୟରେ ନିୟୋଜିତ ହୋଇଥିବା ସୁରକ୍ଷାକର୍ମୀଙ୍କ ଅବଧି ଗତ ଫେବୃୟାରୀ ମାସରୁ ଶେଷ ହୋଇଥିଲେ ମଧ୍ୟ ଏଯାଏ ନୂତନ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇନାହିଁ। ଏ ନେଇ ଟେଣ୍ଡର ହୋଇ ମଧ୍ୟ ପରବର୍ତ୍ତୀ ସମୟରେ ବାତିଲ କରାଯାଇଛି। ତେବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସୁରକ୍ଷା ଦାୟିତ୍ୱ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ(ଓଆଇଏସ୍‌ଏଫ୍)ଙ୍କୁ ପ୍ରଦାନ କରାଯିବାକୁ ଯୋଜନା ହୋଇଛି ବୋଲି କୁଳସଚିବ ମହେଶ୍ୱର ଅଗସ୍ତି କହିଛନ୍ତି। ଓଆଇଏସ୍‌ଏଫ୍ ନିକଟକୁ ୨ଥର ଚିଠି ଲେଖା ସରିଲାଣି। ଏପରି କି ବିଶ୍ୱବିଦ୍ୟାଳୟର ପରିସ୍ଥିତି ଅନୁଧ୍ୟାନ କରିବା ନିମନ୍ତେ ପ୍ରାଥମିକ ପର୍ଯ୍ୟାୟରେ ୧୦ହଜାର ଟଙ୍କା ମଧ୍ୟ ଓଆଇଏସ୍‌ଏଫ୍‌କୁ ଦିଆଯାଇଛି। ହେଲେ ସେମାନଙ୍କ ନିକଟରୁ ଏପର୍ଯ୍ୟନ୍ତ କୌଣସି ପ୍ରତ୍ୟୁତ୍ତର ମିଳି ପାରିନାହିଁ। ଆଗାମୀ ଇସି ବୈଠକରେ ରେଭେନ୍‌ଶାରେ ସୁରକ୍ଷାକର୍ମୀ ନିଯୁକ୍ତି ନେଇ ଆଲୋଚନା କରାଯିବ ବୋଲି ମଧ୍ୟ ଜଣାପଡ଼ିଛି। ରେଭେନ୍‌ଶାରେ ଛାତ୍ର ସଂସଦ ପରିବର୍ତ୍ତେ ଛାତ୍ର ପରିଷଦ ଗଠନ କରାଯିବାକୁ ଗତବର୍ଷ ଇସି ବୈଠକରେ ନିଷ୍ପତ୍ତି ହୋଇଥିବାରୁ ଇସିର ନିଷ୍ପତ୍ତି ଉପରେ ହିଁ ଆସନ୍ତା ଛାତ୍ର ସଂସଦ ନିର୍ବାଚନ ନିର୍ଭର କରୁଛି। ଏଣୁ ରାଜ୍ୟର ଏହି ଐତିହାସିକ ଶିକ୍ଷାନୁଷ୍ଠାନରେ ଛାତ୍ର ସଂସଦ ନିର୍ବାଚନ ହେବ କି ନାହିଁ ତାହା ଆସନ୍ତା ୨୮ ତାରିଖରେ ସ୍ପଷ୍ଟ ହେବ।



ମାନବ ଶରୀର ତୁମକୁ ଦିଆଯାଇଛି, ଜୀବଜଗତର କଲ୍ୟାଣରେ ନିଜକୁ ନିୟୋଜିତ କରିବା ପାଇଁ। ଏହାଦ୍ୱାରା ତୁମର ଆତ୍ମା ଭଗବାନଙ୍କ ଚରଣ ତଳେ ସ୍ଥାନ ପାଇବା ପାଇଁ ସକ୍ଷମ ହେବ। —ଗୁରୁ ନାନକ

## ସଂକ୍ଷେପରେ

ଜଟଣୀ ଗଣେଶ ପୂଜା ଗହଳି

### ମେଡ଼ିକାଲ ରାସ୍ତାରେ ଭିଡ଼ ନିୟନ୍ତ୍ରଣରେ ପୋଲିସ ବିଫଳ

ଜଟଣୀ,୧୮।୯(ଡି.ଏନ.ଏ.): ପ୍ରସିଦ୍ଧ ଜଟଣୀ ଗଣେଶ ଉତ୍ସବ ପାଇଁ ଦୈନିକ ସନ୍ଧ୍ୟା ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସମସ୍ତ ପୂଜା ପେଣ୍ଡାଲ, ମହୋତ୍ସବସ୍ଥଳ ଓ ରାସ୍ତାରେ ପ୍ରବଳ ଜନସମାଗମ ହୋଇ ଟ୍ରାଫିକ୍ ସମସ୍ୟା ଦେଖାଦେଉଛି। ସ୍ଥାନୀୟ ଗୋପବନ୍ଧୁ ବଜାରରୁ ଶରତ ପାଇକରାୟ ଷ୍ଟାଡିୟମ୍ ପର୍ଯ୍ୟନ୍ତ ରାସ୍ତାରେ ସବୁଠାରୁ ଅଧିକ ଏହି ସମସ୍ୟା ଉପୁଜିଛି। ଏଠାରେ ଚାଲିଥିବା ଗଣେଶ ମହୋତ୍ସବସ୍ଥଳକୁ ଯାଉଥିବା ଲୋକସଂଖ୍ୟା ଅଧିକ ହେଉଥିବାରୁ ଏହି ଗୁରୁତ୍ୱପୂର୍ଣ୍ଣ ସଡ଼କପଥ ଘଣ୍ଟା ଘଣ୍ଟା ଧରି ଜାମ୍ ରହୁଛି। ସହରର ଏହା ଏକ ପ୍ରମୁଖ ସଡ଼କପଥ। ଏହି ପଥ ଜଟଣୀ ସହରରୁ ୧୬ ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଛି। ଏହାଛଡ଼ା ଏହି ରାସ୍ତାପାର୍ଶ୍ୱରେ ସରକାରୀ ଡାକ୍ତରଖାନା ମଧ୍ୟ ରହିଛି। ଗତବର୍ଷ ଏଭଳି ଜାମ୍ ହେବା ଯୋଗୁଁ ରୋଗୀ ନେଇ ଆସୁଥିବା ଏକ ଆମ୍ବୁଲାନ୍ସ ଦୀର୍ଘ ସମୟ ପର୍ଯ୍ୟନ୍ତ ଫସି ଯାଇଥିଲା। କମିଶନରେଟ୍ ପୋଲିସ ଓ ମ୍ୟୁନିସିପାଲିଟି ପକ୍ଷରୁ ପୂଜା ପାଇଁ ହୋଇଥିବା ପ୍ରସ୍ତୁତି ବୈଠକରେ ପ୍ରତିବର୍ଷ ଏହି ସଡ଼କପଥରେ ଉପୁଜୁଥିବା ଏହି ସମସ୍ୟା କଥା ଉଠିବା ସହ ସମାଧାନ ପାଇଁ ମତପ୍ରକାଶ କରିଥିଲେ। ଭିଡ଼କୁ ନିୟନ୍ତ୍ରଣ କରି ସୁବିଧାରେ ଯାତାୟାତ ପାଇଁ ପୋଲିସ ପକ୍ଷରୁ ସେପରି କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ପଥଚାରୀଙ୍କ ସହିତ ମହୋତ୍ସବ ସ୍ଥଳକୁ ଛୁଆପିଲା ଧରି ଯାଉଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆସନ୍ତା ୨୫ ତାରିଖରେ ହେବାକୁ ଥିବା ଭସାଣି ପର୍ଯ୍ୟନ୍ତ ଭିଡ଼କୁ କିପରି ନିୟନ୍ତ୍ରଣ କରାଯାଇ ପାରିବ ସେ ନେଇ ପୋଲିସ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସାଧାରଣରେ ଦାବି ହୋଇଛି।

### ଭତ୍ତା ଦେବାରେ ପାତର ଅନ୍ତର

ଖୋର୍ଦ୍ଧାଅଫିସ,୧୮।୯:ବେଗୁନିଆ ବ୍ଲକରେ ଭତ୍ତା ଦେବାରେ ପାତରଅନ୍ତର କରାଯାଇଥିବା ଅଭିଯୋଗ ରହିଛି। ୮୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବା ଜଣେ ବୃଦ୍ଧଙ୍କ ଭତ୍ତା ରାଶି ୩୦୦ରୁ ୫୦୦ ଟଙ୍କାକୁ ବୃଦ୍ଧି କରାଯାଉନାହିଁ। ଅନ୍ୟଜଣଙ୍କର ୬୧ ବର୍ଷ ହୋଇଥିଲେ ବି ନୂତନ ହିତାଧିକାରୀ ଭାବେ ସାମିଲ କରାଯାଇ ଭତ୍ତା ଦିଆଯାଉନି। ଜିଲାପାଳଙ୍କ ନିକଟରେ ଅଭିଯୋଗ ଅନୁସାରେ, ଗଣମାଣତୀରର ଅଲେଖ ଛୋଟରାୟଙ୍କ ବୟସ ୮୬ ବର୍ଷ ହେଲାଣି। ୮୦ ବର୍ଷରୁ ଅଧିକ ହେଲେ ମାସକୁ ୫୦୦ ଟଙ୍କା ମିଳିବାର ରହିଛି। ତେବେ ତାଙ୍କୁ ମାସିକ ୩୦୦ ଟଙ୍କା ମିଳିଛି। ଅଲେଖ ଏବେ ଶଯ୍ୟାଶାୟୀ। କେତେବେଳେ କ'ଣ ଘଟିବ କହି ହେବନାହିଁ। ଏଭଳିସ୍ଥଳେ ତାଙ୍କୁ ଅଣଦେଖା ଠିକ୍ ନୁହେଁ ବୋଲି ଅଲେଖ ଜିଲାପାଳଙ୍କୁ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଅନ୍ୟପକ୍ଷେ ବାଲିବେରଣୀର ବୈକୁଣ୍ଠ ବେହେରାଙ୍କୁ ୬୧ ବର୍ଷ ହୋଇଥିଲେ ବି ନୂଆ ହିତାଧିକାରୀ ଭାବେ ସାମିଲ କରାଯାଉନାହିଁ। ବାରମ୍ବାର ଭତ୍ତା ପାଇଁ ଆବେଦନ ପରେ ବି ଉପେକ୍ଷିତ ହୋଇ ରହିଛନ୍ତି।

■ ଖୋର୍ଦ୍ଧା ସହରରେ ଅଜବ ନିୟମ

# ଏଣ୍ଟ୍ରି କଲେ ଭାରିଯାନକୁ ପଡୁଛି ପାର୍କିଂ ଫି

■ ଆଦାୟ ଚାଲିଛି ଜିଲାପାଳଙ୍କ ଅଫିସ ସମ୍ମୁଖରେ
■ ଲଗାମ ଲଗାଇବାକୁ ପଦକ୍ଷେପ ଶୂନ

ଖୋର୍ଦ୍ଧା ଅଫିସ,୧୮।୯

ଖୋର୍ଦ୍ଧା ସହରରେ ଅଜବ ନିୟମ ଚାଲିଛି। ଦିନେ ନୁହେଁ କି ମାସେ ନୁହଁ ୬ ବର୍ଷରୁ ଉର୍ଦ୍ଧ୍ୱ ହେଲା ବେଆଇନ ଭାବେ ପାର୍କିଂ ଫି ଆଦାୟ ଚାଲିଛି। ସହର ଭିତରକୁ ଏଣ୍ଟ୍ରି କଲେ ଭାରିଯାନକୁ ପାର୍କିଂ ଫିସ୍ ଦେବାକୁ ବାଧ କରାଯାଉଛି। ସହରର ବିଭିନ୍ନ ସ୍ଥାନରେ ବେଆଇନ ଫି ଆଦାୟ ହେଉଥିଲେ ମଧ୍ୟ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବର୍ଷତମାମ ଆଦାୟ ହେବା ଘଟଣା ଅସନ୍ତୋଷର କାରଣ ପାଲଟିଛି। ଫି ଆଦାୟ ରସିଦ୍‌ରେ ଗାଡି ନମ୍ବର ଲେଖା ଯାଉନାହିଁ। ପାର୍କିଂ ଫି ନ ଦେଲେ ଘଣ୍ଟା ଘଣ୍ଟା ଧରି ଗାଡିକୁ ଅଟକାଇ ରଖାଯାଉଛି। ଏଭଳି ଫି ଆଦାୟକୁ ନେଇ ପ୍ରତିବାଦ କଲେ ଚାଳକମାନଙ୍କୁ ବିଭିନ୍ନ ପ୍ରକାରର ଧମକ ଚମକ ମିଳୁଥିବା ଅଭିଯୋଗ ହେଉଛି। ଏଭଳି ବେଆଇନ ଫି ଆଦାୟକୁ ନେଇ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଅବଗତ ଥିଲେ ମଧ୍ୟ ନିଲାମର ସଫେଇ ଦେଇ କୌଣସି ପଦକ୍ଷେପ ନେଉନାହାନ୍ତି। ଅନ୍ୟପକ୍ଷେ ବିକଳ୍ପ ରାସ୍ତା ନ ଥିବାରୁ ଯାନବାହନ ମାଲିକମାନେ ପାର୍କିଂ ନ କରି ବାଧ ହୋଇ ଅଯଥାରେ ଫି ଦେଇ ଖର୍ଚ୍ଚାନ୍ତ ହେଉଛନ୍ତି।

ପ୍ରକାଶ ଯେ, ଅବସ୍ଥିତି ଦୃଷ୍ଟିରୁ ଖୋର୍ଦ୍ଧା ଏକ ପ୍ରମୁଖ ସହର। ନୟାଗଡ, ବୌଦ୍ଧ, ଫୁଲବାଣୀ, ବଲାଙ୍ଗୀର, ପୁରୀ, କଟକ ଜିଲା ସମେତ ଭୁବନେଶ୍ୱରକୁ ଭାରି ଯାନଗୁଡିକ ଯିବାକୁ ହେଲେ ଖୋର୍ଦ୍ଧା ସହର ମଧ୍ୟ ଦେଇ ଯିବାକୁ ପଡେ। ସେହିପରି ଖୋର୍ଦ୍ଧା ଚାରିପଟେ ଥିବା ବିଭିନ୍ନ ଖଣି ଖାଦାନରୁ ଆସୁଥିବା ପଥର, ଚିପସ୍, ବାଲି, ଗୋଡି, ମାଟି ପ୍ରଭୃତି ଖୋର୍ଦ୍ଧା, ଗୁରୁଜଙ୍ଗ ଦେଇ ହଳଦିଆ, ବାଙ୍କୀ ଆଡକୁ ଯାଉଛି। ଏଣୁ ଖୋର୍ଦ୍ଧା ସହରର ପ୍ରବେଶ ପଥ ଗଡଖୋର୍ଦ୍ଧା ଘାଟି, ଚଣ୍ଡିରୁଆ ଛକ, ଜଟଣୀ ଛକ, ମକୁନ୍ଦପ୍ରସାଦ ଛକ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଛକଠାରେ ଏଣ୍ଟ୍ରି ଫି କହି ବେଆଇନ ପାର୍କିଂ ଫି ଆଦାୟ କରାଯାଉଛି। ହେଲେ ଏଣ୍ଟ୍ରି ଫି ବଦଳରେ ପାର୍କିଂ ଫିର ରସିଦ୍ ଦିଆଯାଉଛି। ଭାରିଯାନଗୁଡିକଠାରୁ ୨୦, ୩୦ ଓ ୫୦ ଟଙ୍କାର ରସିଦ ଦେଇ ପ୍ରତିଦିନ ଏହି ଫି ଆଦାୟ ହେଉଛି। ପାର୍କିଂ ଫି ଆଦାୟ କରିବାକୁ ନିଲାମଧାରୀ ବିଭିନ୍ନ ପ୍ରବେଶ ପଥରେ ୨ରୁ ୩ ଜଣ ଲେଖାଏ ଯୁବକ ନିୟୋଜିତ କରିଛନ୍ତି। ଏହି ଯୁବକମାନେ ଭାରିଯାନକୁ ପ୍ରବେଶ ପଥରେ ଅଟକାଇ ଜୋର ଜୁଲମ କରି ଏଣ୍ଟ୍ରି ଫି ଆଦାୟ କରୁଛନ୍ତି। ଭାରିଯାନଗୁଡିକରୁ ଫି ଆଦାୟକୁ ନେଇ ବିଭିନ୍ନ ସ୍ତରରେ ପ୍ରତିବାଦ ଉଠୁଛି। ଏଭଳି ବେଆଇନ ଫି ଆଦାୟକୁ ନେଇ ଅତୀତରେ ବିଭିନ୍ନ ସମୟରେ ଗଣ୍ଡଗୋଳ ହୋଇଛି। ଅଭିଯୋଗ ଥାନା ପର୍ଯ୍ୟନ୍ତ ଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ସେହିମାନେ ପୁଣି ବେଆଇନ ଫି ଆଦାୟ କରୁଥିବା ଦେଖିବାକୁ ମିଳୁଛି। ହେଲେ ପୋଲିସ ପ୍ରଶାସନ, ଜିଲା ପ୍ରଶାସନ ଅଥବା ମ୍ୟୁନିସିପାଲିଟି ଏ ଦିଗରେ ପଦକ୍ଷେପ ନେଉନାହାନ୍ତି। ଏ ସମ୍ପର୍କରେ କଟକର ଟ୍ରକ ଚାଳକ ରାମଚନ୍ଦ୍ର ଦୋରା ଓ ବୌଦ୍ଧର ଆଲାମ ଓଝା କୁହନ୍ତି, ମାଲ ବୋଝେଇ ଟ୍ରକକୁ ରାସ୍ତା ମଝିରେ ଅଟକାଇ ଏଣ୍ଟ୍ରି ଫି ନାଁରେ ପାର୍କିଂ ଫି ଆଦାୟ କରାଯାଉଛି। ସେମାନେ ଭାରିଯାନକୁ ସହର ମଧ୍ୟରେ ନ ରଖୁଥିଲେ ମଧ୍ୟ ଫି ଦେବାକୁ ବାଧ କରାଯାଉଛି। ସେହିପରି ମାଲ ବୋଝେଇ ନ ହୋଇଥିଲେ ବି ଫି ମଧ୍ୟ ଦେବାକୁ ପଡୁଛି।

### ଶିଳ୍ପାଞ୍ଚଳରେ ପାର୍କିଂ ଫି ନାଁରେ ଦାଦା ଚାନ୍ଦା

ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ପାର୍କିଂ ଫି ନାଁରେ ଦାଦା ଚାନ୍ଦା ଆଦାୟ ହେଉଛି। କେତେଜଣ ଯୁବକ ଶିଳ୍ପାଞ୍ଚଳରେ ମ୍ୟୁନିସିପାଲିଟିର ନକଲି ରସିଦ୍ ସହାୟତାରେ ମନଇଚ୍ଛା ପାର୍କିଂ ଫି ଆଦାୟ କରୁଛନ୍ତି। ପ୍ରତିବାଦ କଲେ ମାରପିଟ କରୁଛନ୍ତି। ଏ ନେଇ ବିଭିନ୍ନ ସମୟରେ ଅଭିଯୋଗ ପରେ ଖୋର୍ଦ୍ଧା ଟାଉନ ଥାନାର ଶିଳ୍ପାଞ୍ଚଳ ଫାଣ୍ଡି ପୋଲିସ କେତେଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରୁଛି। ତେବେ ପାର୍କିଂ ଫି ନାଁରେ ଦାଦା ଚାନ୍ଦା ଆଦାୟ ବନ୍ଦ ହୋଇପାରୁନି।



ନିରାକାରପୁରଠାରେ ଗଣେଶ ମୂର୍ତ୍ତିକୁ ଭସାଣି ଶୋଭାଯାତ୍ରାରେ ନିଆଯାଉଛି।

## ଗଣେଶ ମୂର୍ତ୍ତି ଭସାଣି ଉତ୍ସବ

ନିରାକାରପୁର,୧୮।୯(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ନୂଆଗଡ଼ ପଞ୍ଚାୟତରେ ମଙ୍ଗଳବାର ୬ଟି ଗଣେଶ ମେଢ଼ର ଭସାଣି ଉତ୍ସବ ମହାସମାରୋହରେ ପାଳନ କରାଯାଇଛି। ମେଢ଼ଗୁଡ଼ିକୁ ଏକାଠି କରି ବିରାଟ ଶୋଭାଯାତ୍ରାରେ ନାଚ, ଗୀତ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଗ୍ରାମ ପୁଷ୍କରିଣୀରେ ବିସର୍ଜନ କରାଯାଇଥିଲା। ବିଭିନ୍ନ ସାହିର ଯୁବକମାନେ ନୂତନ ଓ ସୁନ୍ଦର ପୋଷାକ ପରିଧାନ କରି ଗଣେଶ ମେଢ଼ ବିସର୍ଜନ କରିଥିଲେ। ଏହି ଉତ୍ସବରେ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳେଇ, ବ୍ଲକର ପୂର୍ବତନ ଚେୟାରମ୍ୟାନ ତଥା ଜିଲା ପରିଷଦ ସଭ୍ୟା ଗୀତାଞ୍ଜଳି ପାଟଶାଣୀ ଓ ସରପଞ୍ଚଙ୍କ ପ୍ରତିନିଧି ପ୍ରଫୁଲ୍ଲ ହରିଚନ୍ଦନ ପ୍ରମୁଖ ଯୋଗଦେଇ ଥିଲେ।



ଦୁର୍ଘଟଣା ଘଟାଇଥିବା ଚାଳକଙ୍କୁ ଗିରଫ ଦାବିରେ ପିଲା ଓ ଅନ୍ୟମାନେ ଧାରଣା ଦେଇଛନ୍ତି।

■ ଅଜଣା ଗାଡି ଧକ୍କାରେ ଛାତ୍ର ଗୁରୁତର

## ସହପାଠୀ କଲେ ରାସ୍ତାରୋକୋ

ବେଗୁନିଆ/ବୋଲଗଡ,୧୮।୯ (ଡି.ଏନ.ଏ.): ବେଗୁନିଆ ଥାନା ବୋଲଗଡ ବ୍ଲକ ଅଧୀନ ଦେବୀପ୍ରସାଦ ଗ୍ରାମରେ ମଙ୍ଗଳବାର ଏକ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଜଣେ ଛାତ୍ର ଅଜଣା ଗାଡି ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ବିଦ୍ୟାଳୟର ସହପାଠୀମାନେ ପ୍ରାୟ ୬ ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ମାତ୍ର ଆନ୍ଦୋଳନକାରୀମାନଙ୍କ ପାଖରେ ପୋଲିସ ପହଞ୍ଚିବାରେ ବିଳମ୍ବ ହେତୁ ସ୍ଥାନୀୟ ଅଭିଭାବକମାନେ ଆନ୍ଦୋଳନରେ ସାମିଲ ହୋଇ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ପ୍ରକାଶଥାଉ କି ଦେବୀ ପ୍ରସାଦ ପ୍ରାଥମିକ ବିଦ୍ୟାଳୟରେ ୪ର୍ଥ ଶ୍ରେଣୀରେ ପାଠ ପଢନ୍ତି ଉକ୍ତ ଗ୍ରାମର ବାପୁନା ଦେହୁରୀ (୧୦)। ବାପୁନା ପୂର୍ବାହ୍ନ ୧୦ଟାରେ ନିଜ ଘରୁ ବାହାରି ସ୍କୁଲକୁ ଯାଉଥିଲେ। ଯିବା ବାଟରେ ସିକୋ-ବେଗୁନିଆ ଗ୍ରାମ୍ୟ ରାସ୍ତାକୁ ଅତିକ୍ରମ କରି ସ୍କୁଲ ପରିସରକୁ ଯିବାକୁ ପଡିଥାଏ। ରାସ୍ତା ପାର ହେଉଥିବା ବେଳେ ଏକ ଅଜଣା ୪ ଚକିଆ ଯାନ ଦ୍ରୁତଗତିରେ ଆସି ବାପୁନାକୁ ଧକ୍କା ଦେଇ ପଳାଇଥିଲା। ଘଟଣା ସ୍ଥଳରେ ବାପୁନା ଗୁରୁତର ହୋଇଥିଲେ। ତାଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ତେବେ ବିଦ୍ୟାଳୟର ସହପାଠୀମାନେ ବିଭିନ୍ନ ଦାବି ନେଇ ରାସ୍ତାରୋକୋ କରିଥିଲେ। ସେମାନଙ୍କ ଦାବି ଥିଲା ଦ୍ରୁତ ଗାଡି ଚାଳନାକୁ ରୋକିବାକୁ ବିଦ୍ୟାଳୟ ସମ୍ମୁଖରେ ଏକ ହମ୍ପସ ନିର୍ମାଣ କରାଯାଉ। ଏଥିସହ ଛାତ୍ରଙ୍କ ଧକ୍କା ଦେଇଥିବା ଗାଡିର ଚାଳକଙ୍କୁ ଶୀଘ୍ର ଆଇନତଃ ଦଣ୍ଡିତ କରାଯାଉ। ପ୍ରାୟ ୬ ଘଣ୍ଟା ରାସ୍ତାରୋକୋ ପରେ ପୋଲିସ ଓ ସ୍ଥାନୀୟ ଜନ ପ୍ରତିନିଧି ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

## ଫୁଟବଲ୍ : କେରଙ୍ଗ ଦଳ ବିଜୟୀ

ଖୋର୍ଦ୍ଧାଅଫିସ,୧୮।୯: ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଚାଲୁ ରହିଥିବା ଖୋର୍ଦ୍ଧା ଲିଗ୍ ଟୁର୍ନାମେଣ୍ଟର ପଞ୍ଚମ ଦିବସ ମଙ୍ଗଳବାର ମ୍ୟାଚରେ କେରଙ୍ଗର ଅହମ୍ମଦିଆ କ୍ଲବ ୩-୧ ଗୋଲରେ ଖୋର୍ଦ୍ଧାର ପ୍ରାଣନାଥ କଲେଜକୁ ପରାସ୍ତ କରି ବିଜୟୀ ହୋଇଛି। କେରଙ୍ଗ ଦଳ ପକ୍ଷରୁ ଅବଦୁଲ୍ ରଉଫ୍ ଏକାକି ହ୍ୟାଟ୍ରିକ ସ୍କୋର କରି ଦଳକୁ ଅଗ୍ରଣୀ ରଖିଥିଲେ। କଲେଜ ପକ୍ଷରୁ ବାରମ୍ବାର ସ୍କୋର କରିବାର ସୁଯୋଗକୁ ହାତଛଡା କରି କେବଳ ଗୋଟିଏ ସ୍କୋର ପରିଶୋଧ କରି ପରାସ୍ତ ହୋଇଥିଲେ। ପ୍ରଫୁଲ୍ଲ ବେହେରା ଖେଳ ପରିଚାଳନା କରିଥିବାବେଳେ ଅରୁଣ ଦାସ, ଅମଜାଦ୍ ଖାଁ ସହାୟତା କରିଥିଲେ।

### ଅଟୋ ଆସୋସିଏଶନର ବାର୍ଷିକୋତ୍ସବରେ ଚାରା ରୋପଣ

ଜଟଣୀ,୧୮।୯(ଡି.ଏନ.ଏ): ଜଟଣୀ ଅଟୋରିକ୍ସା ଆସୋସିଏଶନ୍‌ର ୨୪ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଏଠାରେ ପାଳିତ ହୋଇଥିଲା। ପୂର୍ବବର୍ଷମାନଙ୍କ ପରି ଅର୍ଥ ବ୍ୟୟ କରି ସଭା ଓ ମେଲୋଡି କାର୍ଯ୍ୟକ୍ରମ କରିବା ପରିବର୍ତ୍ତେ ଚଳିତବର୍ଷ ଆସୋସିଏଶନ ପକ୍ଷରୁ ଚାରା ରୋପଣ ଉତ୍ସବ ପାଳନ କରିଥିଲେ। ସ୍ଥାନୀୟ ବାରଭାଇ ଖଣ୍ଡୁଆଳମନ୍ଦିର ଓ ସୁଶୀଳା ଦେବୀ ବିଦ୍ୟାପୀଠ ପରିସରରେ ଚାରା ରୋପଣ କରାଯାଇଥିଲା। ଆସୋସିଏଶନ୍‌ର ସଭାପତି ବିଭୂତି ଭୂଷଣ ମିଶ୍ର, ସାଧାରଣ ସମ୍ପାଦକ ପ୍ରଶାନ୍ତ ଶ୍ରୀଚନ୍ଦନ, ଉପସଭାପତି ଟୁଲୁ ବେହେରା, ମନୋଜ ମାନସିଂ, କୈଳାସ ଚନ୍ଦ୍ର ସାହୁ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଏହାକୁ ସମ୍ପାଦନ କରିଥିଲେ। ସ୍ଥାନୀୟ ପତଞ୍ଜଳି ଯୋଗ ସମିତି ପକ୍ଷରୁ କୈଳାସ ଖଣ୍ଡେଲୱାଲ ଓ ଶିବ ମହାପାତ୍ର ଉପସ୍ଥିତ ରହି ଅଟୋ ଆସୋସିଏଶନ ଏପରି କାର୍ଯ୍ୟକୁ ପ୍ରଶଂସା କରି ଏହାର କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନ୍‌ସିଲର କୃଷ୍ଣଚନ୍ଦ୍ର ନାୟକ, ପାଇକଗୁରୁ କାଶୀନାଥ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ପରେ ଆସୋସିଏଶନ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା। ଯାତ୍ରୀମାନଙ୍କୁ ଠିକ୍ ବ୍ୟବହାର ପ୍ରଦର୍ଶନ ଓ ସେବା ଯୋଗାଇ ଦେବା ଉପରେ ଗୁରପତି ବିଭୂତି ପରାମର୍ଶ ଦେଇଥିଲେ।

## ବରିଷ୍ଠ ନାଗରିକଙ୍କ ରାଜ୍ୟସ୍ତରୀୟ ଆସୋସିଏଶନ ଗଠିତ

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ବରିଷ୍ଠ ନାଗରିକମାନଙ୍କର ଏକ ରାଜ୍ୟସ୍ତରୀୟ ଆସୋସିଏଶନ ଗଠିତ ହୋଇଛି। ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ବରିଷ୍ଠ ନାଗରିକଙ୍କୁ ଆସୋସିଏଶନର ପରାମର୍ଶଦାତା କମିଟିରେ ରଖାଯାଇଥିବା ବେଳେ ବରିଷ୍ଠ ସାମ୍ବାଦିକ, ଲେଖକ ତଥା ସ୍ତମ୍ଭକାର ଜୀମୂତ ମଙ୍ଗରାଜ ଏହାର ସଭାପତି ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ଆସୋସିଏଶନର ଆଭିମୁଖ୍ୟ ହେଉଛି, ରାଜ୍ୟର ବିଭିନ୍ନ ଅଞ୍ଚଳରେ ରହୁଥିବା ବରିଷ୍ଠ ନାଗରିକଙ୍କୁ ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନ କରାଇବା। ଏଥିସହ ବରିଷ୍ଠ ନାଗରିକମାନେ ରାଜ୍ୟ, ଦେଶ ଏବଂ ବିଦେଶକୁ ବୁଲିଯିବା ନିମନ୍ତେ ବ୍ୟବସ୍ଥା କରିବା। ଏ ସବୁ ଛଡ଼ା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ଯେଉଁ ସହାୟତା ଯୋଗାଇ ଦିଆଯାଉଛି, ତାହା ଯେପରି ସେମାନେ ପାଇପାରିବେ, ସେ ନେଇ ଆସୋସିଏଶନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ। ସେମାନେ ଯେପରି ପୋଲିସଠାରୁ ସୁରକ୍ଷା ପାଇପାରିବେ, ସେ କ୍ଷେତ୍ରରେ ମଧ୍ୟ ଆସୋସିଏଶନ ବିଭିନ୍ନ ସମୟରେ ପୋଲିସ ସହ ଯୋଗାଯୋଗ ରକ୍ଷା କରିବ। ମାଗଣାରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ବିଶେଷକରି ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ପଦକ୍ଷେପ ନିଆଯିବ। ସେହିଭଳି ବରିଷ୍ଠ ନାଗରିକଙ୍କ ସୁବିଧା, ସୁଯୋଗ, ସୁରକ୍ଷା ଆଦି ସମ୍ପର୍କରେ ଅବଗତ କରାଇବା ନିମନ୍ତେ ଆସୋସିଏଶନ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରକ୍ଷା କରିବ। ପଞ୍ଚାୟତରୁ ଆରମ୍ଭ କରି ରାଜଧାନୀ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳର ବରିଷ୍ଠ ନାଗରିକଙ୍କୁ ଆସୋସିଏଶନର ସଭ୍ୟ କରାଯିବ। ଜିଲା, ବ୍ଲକ ଓ ପଞ୍ଚାୟତସ୍ତରରେ ଏହାର ଶାଖା ରହିବ।

ଆସୋସିଏଶନର ସାଧାରଣ ସମ୍ପାଦକ ଭାବେ ନିରଞ୍ଜନ ସ୍ୱାଇଁ ମନୋନୀତ ହୋଇଛନ୍ତି। ପରାମର୍ଶଦାତା କମିଟିରେ ପୂର୍ବତନ ଏମ୍‌ପି ଦ୍ୱିତୀକୃଷ୍ଣ ପଣ୍ଡା, ପୂର୍ବତନ ବାଚସ୍ପତି ଶରତ କୁମାର କର, ଭୁବନେଶ୍ୱରର ପୂର୍ବତନ ନଗରପାଳ ତଥା ବିଶିଷ୍ଟ ଚିକିତ୍ସାବିତ୍ ଡା. ଜଗନ୍ନାଥ ମହାପାତ୍ର, ବିଶିଷ୍ଟ ସାମ୍ବାଦିକ ତଥା ଇଣ୍ଡିଆନ୍ ଏକ୍ସପ୍ରେସର ପୂର୍ବତନ ସମ୍ପାଦକ ଶ୍ରୀମୟ କର, ବିଶିଷ୍ଟ ପ୍ରଶାସକ ସର୍ବେଶ୍ୱର ମହାନ୍ତି, ସାମାଜିକ କର୍ମୀ କସ୍ତୁରୀ ମହାପାତ୍ର, ପୂର୍ବତନ ମୁଖ୍ୟ ଆୟକର କମିଶନର ଅଶୋକ କୁମାର ଚାଟାର୍ଜୀ, ଅବସରପ୍ରାପ୍ତ ଜିଲା ଦୌରାଜଜ୍ କିଶୋର ଚନ୍ଦ୍ର ମହାପାତ୍ର ପ୍ରମୁଖ ରହିଛନ୍ତି। ସେହିପରି ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ନରେନ୍ଦ୍ର ମିଶ୍ର, ବିଶିଷ୍ଟ ଆଡ୍‌ଭୋକେଟ ନିରୋଜ ମହାପାତ୍ର, ଆଇନଜୀବୀ ତଥା ସାମାଜିକ କର୍ମୀ ଶୁଭ୍ରାଂଶୁ ସିଂ, ବରିଷ୍ଠ ଚାର୍ଟାର୍ଡ଼ ଆକାଉଣ୍ଟାଣ୍ଟ ଚନ୍ଦ୍ରଶେଖର ସାମନ୍ତରାୟ, ବିଶିଷ୍ଟ ସାମାଜିକ କର୍ମୀ ସିବିଆଇର ପୂର୍ବତନ ଆଡ୍‌ଭୋକେଟ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ବିମଳେନ୍ଦୁ ମହାନ୍ତି, ଡ. ଉମାକାନ୍ତ ଦାଶ, ଶିକ୍ଷାବିତ୍ ସବିତା ରାଉତରାୟ, ଇଞ୍ଜିନିୟର ସୂର୍ଯ୍ୟନାରାୟଣ ଚୂଡ଼ାମଣି ଓ ଅବସରପ୍ରାପ୍ତ ପୋଲିସ ଅଫିସର ଶରତ ଚନ୍ଦ୍ର ମିଶ୍ର ମଧ୍ୟ ଉକ୍ତ କମିଟିର ସଦସ୍ୟ ରହିଛନ୍ତି।

## ବଜାରରେ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ

ବେଗୁନିଆ,୧୮।୯ (ଡି.ଏନ.ଏ.)

ବେଗୁନିଆ ଥାନା ପିଟୁକୁଳି ବଜାରରେ ଜଣେ ବ୍ୟବସାୟୀଙ୍କୁ ମଙ୍ଗଳବାର ମରଣାନ୍ତକ ଆକ୍ରମଣ କରାଯାଇଛି। ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଥିବା ବ୍ୟବସାୟୀ ଜଣଙ୍କ ହେଲେ ପୁଆଣିଆ ଗ୍ରାମର କାଶୀନାଥ ପ୍ରଧାନ (୩୬)। ତେବେ କାଶୀନାଥଙ୍କ ମୁଣ୍ଡ ଓ ଶରୀର ବହୁ ସ୍ଥାନରେ କ୍ଷତ ହୋଇଥିବାରୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ପରିବାର ଲୋକଙ୍କ ପକ୍ଷରୁ ସୂଚନା ମିଳିଛି। ସେ ଖୋର୍ଦ୍ଧା ଜିଲା ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ହେବାରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ମିଳିଥିବା ଖବର ମୁତାବକ, କାଶୀନାଥ ପିଟୁକୁଳି ବଜାରରେ ଏକ ଲୁହା ସାମଗ୍ରୀ ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ମଙ୍ଗଳବାର ସକାଳ ପ୍ରାୟ ୯ ଟାରେ ସେ ନିଜ ଦୋକାନ ଖୋଲି ବସିଥିଲେ। ପିଟୁକୁଳି ଅଞ୍ଚଳର ୩ ଜଣ ଆସି କାଶୀନାଥଙ୍କ ସହ କୌଣସି କାରଣକୁ ନେଇ ଯୁକ୍ତିତର୍କ, କଥା କଟାକଟି ପରେ ମାରଣାସ୍ତ୍ରରେ ମୁଣ୍ଡକୁ ଆକ୍ରମଣ କରି ପଳାଇ ଯାଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ତାଙ୍କୁ ଚିକିତ୍ସାଳୟକୁ ପଠାଇଥିଲେ। ହେଲେ ରିପୋର୍ଟ ଲେଖା ଗଲା ବେଳକୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ ସୂତ୍ରରୁ ଜଣାପଡିଛି। ମାତ୍ର ପୋଲିସ ପାଖରେ ଏହି ଖବର ରହିଥିବା ବେଳେ ଅଭିଯୋଗ ହୋଇ ନ ଥିବା ଯୋଗୁ ତଦନ୍ତକୁ ତ୍ୱରାନ୍ୱିତ କରି ପାରିନାହିଁ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି।

## ଜିଲାସ୍ତରୀୟ ଖୋଖୋ କବାଡି ପ୍ରତିଯୋଗିତା ଶେଷ

ଖୋର୍ଦ୍ଧା ଅଫିସ,୧୮।୯:

ସୋମବାର ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡା ପଞ୍ଚାୟତ କୁମାରବସ୍ତ ଶ୍ରୀଲୋକନାଥ ଦେବ ନୋଡାଲ ବିଦ୍ୟାପୀଠରେ ଉଦ୍‌ଘାଟିତ ହୋଇଥିବା ଖୋର୍ଦ୍ଧା ଜିଲା ବିଦ୍ୟାଳୟ ଦୁଇ ଦିନିଆ ଖୋ ଖୋ ଓ କବାଡି ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଜିଲାର ୧୦ ବ୍ଲକର ୩୭୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଖୋଖୋ ଖେଳର ବାଳକ ବିଭାଗରେ ଜଟଣୀ ଚାମ୍ପିୟନ ଓ ଭୁବନେଶ୍ୱର ରନର୍ସ ଅପ ଏବଂ ବାଳିକା ବିଭାଗରେ ଖୋର୍ଦ୍ଧା ବ୍ଲକ ଚାମ୍ପିୟନ ଓ ରନର୍ସ ଅପ ଜଟଣୀ ବ୍ଲକ ହୋଇଛି। କବାଡି ପ୍ରତିଯୋଗିତାର ବାଳକ ବିଭାଗରେ ଭୁବନେଶ୍ୱର ବ୍ଲକ ଚାମ୍ପିୟନ ଓ ବାଲିଅନ୍ତା ରନର୍ସ ଅପ ଏବଂ ବାଳିକା ବିଭାଗରେ ଟାଙ୍ଗୀ ବ୍ଲକ ଚାମ୍ପିୟନ ଓ ବେଗୁନିଆ ବ୍ଲକ ରନର୍ସ ଅପ ହୋଇଛି। ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀ ବୃନ୍ଦାବନ ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଳେଇ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଙ୍ଗିଆପଡା ସରପଞ୍ଚ କଲ୍ୟାଣୀ ଦଳେଇ, ଖୋର୍ଦ୍ଧା ବ୍ଲକ ଭାଇସ ଚେୟାରମ୍ୟାନ ରାମଚନ୍ଦ୍ର ସାମନ୍ତରାୟ, ଖୋର୍ଦ୍ଧା ଏସ୍‌ଡିପିଓ ଯୁଗଳ କିଶୋର ଦାସ, ଟାଉନ ଥାନା ଆଇଆଇସି ରଣଜିତ ସାହୁ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ପଠାଣୀ ଆଗ୍ରାସିଂହ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ।

## ଅଧ୍ୟାପକ, ଶିକ୍ଷକ ଗାଁରେ କଲେ ପଦଯାତ୍ରା

ଖୋର୍ଦ୍ଧା ଅଫିସ,୧୮।୯

ମଙ୍ଗଳବାର ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ ଅଧ୍ୟାପକ ମିଳିତ ମଞ୍ଚର ଖୋର୍ଦ୍ଧା ବ୍ଲକ ଶାଖା ପକ୍ଷରୁ ବ୍ଲକର କେରଙ୍ଗ, କୁମ୍ଭିଲ, ମଲ୍ଲୀପୁର, ହଳଦିଆ, ଟାଙ୍ଗିଆପଡା ପଞ୍ଚାୟତର ଗାଁଗୁଡିକୁ ଅଧ୍ୟାପକ ଓ ଶିକ୍ଷକମାନେ ପଦଯାତ୍ରାରେ ଯାଇ ଲୋକଙ୍କୁ ଆନ୍ଦୋଳନର କାରଣ ବୁଝାଇଛନ୍ତି। ସରକାରଙ୍କ ଉପେକ୍ଷା ଓ ପ୍ରତାରଣା ସମ୍ପର୍କରେ କହିଛନ୍ତି। ୨୦୦୪ରୁ ଆନ୍ଦୋଳନ ଜାରି ରହିଥିଲେ ମଧ୍ୟ ସେମାନଙ୍କ ଦାବିକୁ ଅଣଦେଖା କରାଯାଉଛି। ବାରମ୍ବାର ଆନ୍ଦୋଳନକୁ ଓହ୍ଲାଇଥିବା ବୁଝାଇ ଲୋକଙ୍କ ସମର୍ଥନ ଯୋଗାଡ କରିବାରେ ଲାଗି ପଡିଛନ୍ତି। କେତେକ ସ୍ଥାନରେ କଲେଜ ଓ ସ୍କୁଲ ଛାତ୍ରୀଛାତ୍ର ଆନ୍ଦୋଳନରେ ସାମିଲ ହୋଇଛନ୍ତି। ପ୍ରକାଶ ଯେ, ବ୍ଲକ ଗ୍ରାଣ୍ଟ ଉଚ୍ଛେଦ କରି ବିନା ସର୍ତ୍ତରେ ସମସ୍ତ ଚାକିରି ସର୍ତ୍ତାବଳୀ ସହ ପୂର୍ଣ୍ଣ ଅନୁଦାନ ପ୍ରଦାନ, ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ସମାନ କାମକୁ ସମାନ ଦରମା ବ୍ୟବସ୍ଥା, ଅନୁଦାନ ଯୋଗ୍ୟ ସମସ୍ତ ଯୋଗ୍ୟ ବିବେଚିତ ସ୍କୁଲ କଲେଜକୁ ଅନୁଦାନ ପ୍ରଦାନ, ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ ଓ ସ୍କୁଲ କଲେଜର ଛାତ୍ରୀଛାତ୍ରଙ୍କୁ ସରକାରୀ ସୁବିଧା ପ୍ରଦାନ ଦାବିରେ ମିଳିତ ମଞ୍ଚ ପକ୍ଷରୁ ଆନ୍ଦୋଳନ ଅଗଷ୍ଟ ୧୬ ରୁ ଭୁବନେଶ୍ୱରରେ ଚାଲୁ ରହିଛି। ଆନ୍ଦୋଳନ ୩୪ ଦିନରେ ପହଞ୍ଚିଛି। ସେମାନେ ୨୦୦୪ ରୁ ଆନ୍ଦୋଳନ କରି ଆସୁଥିଲେ ହେଁ ହେଲେ ସୁଫଳ ନାହିଁ। ଏହାର ପ୍ରତିବାଦରେ ରାଜ୍ୟ ସଂଘର ନିଷ୍ପତ୍ତି ଅନୁସାରେ ଖୋର୍ଦ୍ଧା ବ୍ଲକ ସମ୍ମୁଖରେ ବ୍ଲକ ଗ୍ରାଣ୍ଟ ଶିକ୍ଷକ ଓ ଅଧ୍ୟାପକ ଆନ୍ଦୋଳନ ଆରମ୍ଭ କରିଛନ୍ତି।



ଖୋର୍ଦ୍ଧାରେ ବାହାରିଥିବା ପଦଯାତ୍ରାରେ ଶିକ୍ଷକ, ଅଧ୍ୟାପକ, କର୍ମଚାରୀ ଓ ପିଲାମାନେ।

**ଜଟଣୀ,(ଡି.ଏନ.ଏ):** ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଆହ୍ୱାନରେ ଜଟଣୀ ବ୍ଲକର ୧୨ ବିଦ୍ୟାଳୟ ଓ ୪ ମହାବିଦ୍ୟାଳୟର ବ୍ଲକ ଗ୍ରାଣ୍ଟ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ମଙ୍ଗଳବାର ଶୋଭାଯାତ୍ରା ଏଠାରେ କରିଥିଲେ। ବ୍ଲକ ଗ୍ରାଣ୍ଟ ଉଚ୍ଛେଦ ଦାବିରେ ସ୍ଥାନୀୟ କନ୍ଧିଆ ପଞ୍ଚାୟତରେ ସଚେତନତା ଶୋଭାଯାତ୍ରା ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଅଧ୍ୟାପକ ପ୍ରେମାନନ୍ଦ ମହାରଣା ଓ ଓଷ୍ଟାର ବ୍ଲକ ସମ୍ପାଦକ କିଶୋର କୁମାର ସୁବୁଦ୍ଧିଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରା ହୋଇଥିଲା। ଏଥିରେ ସାରଙ୍ଗଧର ମହାପାତ୍ର, ଶ୍ରୀହର୍ଷ ମହାପାତ୍ର, ବିନୋଦିନୀ ନାୟକ, ରଜନୀ ରଣସିଂଙ୍କ ସମେତ ଅଧ୍ୟାପକ, ଶିକ୍ଷକ ଓ କର୍ମଚାରୀ ସାମିଲ ହୋଇଥିଲେ।

**ବୋଲଗଡ଼,(ଡି.ଏନ.ଏ.)-** ମିଳିତ ମଞ୍ଚର ଆନ୍ଦୋଳନ ଏବେ ଜୋର୍ ଧରିଛି। ମଞ୍ଚର ବୋଲଗଡ଼ ବ୍ଲକ ଶାଖା ସଦସ୍ୟାସଦସ୍ୟମାନେ ମଙ୍ଗଳବାର ଗାଁକୁ ଗାଁ ଯାଇ ପ୍ରତିବାଦ ଶୋଭାଯାତ୍ରାରେ ବୁଲିଥିଲେ। ପ୍ରଥମେ ସଦସ୍ୟାସଦସ୍ୟମାନେ ପରମାନନ୍ଦ ମହାବିଦ୍ୟାଳୟଠାରୁ ଶୋଭାଯାତ୍ରାରେ ବୋଲଗଡ଼, ଡାବରଧୁଆପାଟଣା, ବଡ଼କୁମାରୀ ଓ ବାଙ୍କୋଇ ଦେଶ ପଞ୍ଚାୟତ ଅଞ୍ଚଳ ବୁଲିଥିଲେ। ବାଙ୍କୋଇସ୍ଥିତ କଚେରୀବର ପଡିଆଠାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ସେମାନଙ୍କ ଦାବିଗୁଡ଼ିକୁ ଜନସାଧାରଣଙ୍କ ନିକଟରେ ଉପସ୍ଥାପନା କରିଥିଲେ। ଓଷ୍ଟା ଯୁଗ୍ମ ସମ୍ପାଦକ ଯୋଗେଶ ଚନ୍ଦ୍ର ସାମନ୍ତସିଂହାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଦୀପ ପଟ୍ଟନାୟକ, ସୁମନ୍ତ ଛୋଟରାୟ, କାଳୀଚରଣ ଜୟସିଂହ ପ୍ରମୁଖ ଉପସ୍ଥିତ ଥିଲେ। ସାଗର ଗାଁ ପଞ୍ଚାୟତର ବିଭିନ୍ନ ଅଞ୍ଚଳ ପରିକ୍ରମା ପରେ ମିଳିତ ମଞ୍ଚ ପକ୍ଷରୁ ପାଟପୁର ଶାସନ ପଞ୍ଚାୟତର ଖାରଡ଼ପଲ୍ଲୀଠାରେ ସଭା ହୋଇଥିଲା। ସେଠାରୁ ଆରିକମା, ଅସରଳା ଏବଂ ପିଟୁକୁଳି ପଞ୍ଚାୟତ ଯାଇଥିଲେ। ଏଥିରେ ବ୍ଲକର ୪ ମହାବିଦ୍ୟାଳୟ, ୭ ଉଚ୍ଚ ବିଦ୍ୟାଳୟ ଏବଂ ୬ ମଧ୍ୟ ଇଂରାଜୀ ବିଦ୍ୟାଳୟର କାର୍ଯ୍ୟରତ ବ୍ଲକ ଗ୍ରାଣ୍ଟ ଶିକ୍ଷକ, ଅଧ୍ୟାପକ ଏବଂ କର୍ମଚାରୀଙ୍କ ସହ ବହୁ ଛାତ୍ରୀଛାତ୍ର ଓ ଅଭିଭାବକ ସାମିଲ ହୋଇଛନ୍ତି।

**କୃଷ୍ଣପ୍ରସାଦ,(ଡି.ଏନ.ଏ.)-** ମିଳିତ ମଞ୍ଚର ପଦଯାତ୍ରା ମଙ୍ଗଳବାର କୃଷ୍ଣପ୍ରସାଦ ବ୍ଲକର ୬ ପଞ୍ଚାୟତରେ ଆରମ୍ଭ ହୋଇଛି। ବଡଅଁଳ ପଞ୍ଚାୟତଠାରୁ ବ୍ଲକ ଓଷ୍ଟା ସଂଘ ସମ୍ପାଦକ ସନାତନ ତରେଇ, ପୂର୍ଣ୍ଣଚନ୍ଦ୍ର ଦଳାଇ, ବିଭୁ ନାରାୟଣ ଜେନା, ସଚ୍ଚିଦାନନ୍ଦ ଜେନାଙ୍କ ନେତୃତ୍ୱରେ ଶିକ୍ଷକ, କର୍ମଚାରୀ ଶୋଭାଯାତ୍ରାରେ ବାହାରି ଥିଲେ। ଅଲଣ୍ଡା, ସିଆଳ, ସିଆଣ୍ଡି, ତିତିପ, ଗୋମୁଣ୍ଡିଆ ଆଦି ପଞ୍ଚାୟତ ପରିକ୍ରମା କରି ଶିକ୍ଷକ ଓ କର୍ମଚାରୀମାନେ ବିଭିନ୍ନ ଦାବି ଓ ସମସ୍ୟା ଉପସ୍ଥାପନା କରିଥିଲେ। ଶେଷରେ ରାମଚଣ୍ଡୀ ଚିଲିକା ମହିଳା ମହାବିଦ୍ୟାଳୟ ପରିସରରେ ପ୍ରତିବାଦ ସଭା କରାଯାଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୯ ସେପ୍ଟେମ୍ବର, ୨୦୧୮



ମାନବ ଶରୀର ତୁମକୁ ଦିଆଯାଇଛି, ଜୀବଜଗତର କଲ୍ୟାଣରେ ନିଜକୁ ନିୟୋଜିତ କରିବା ପାଇଁ। ଏହାଦ୍ୱାରା ତୁମର ଆତ୍ମା ଭଗବାନଙ୍କ ଚରଣ ତଳେ ସ୍ଥାନ ପାଇବା ପାଇଁ ସକ୍ଷମ ହେବ।
-ଗୁରୁ ନାନକ



## ସଂକ୍ଷେପରେ

### ଔଷଧ ଦୋକାନ ଶଟର ତାଡ଼ିଦେଲେ ଦୁର୍ବୃତ୍ତ

**ପୁରୀ ଅଫିସ,୧୮।୯:** କୁମ୍ଭାରପଡା ଥାନା ଅଧୀନ ବଳଗଣ୍ଡି ଛକସ୍ଥିତ ଅମୃତମ୍ ମେଡିସିନ ଷ୍ଟୋରରୁ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ଶଟର ତାଡି ଦେଇଛନ୍ତି। ମାତ୍ର ଦୋକାନରୁ କୌଣସି ସାମଗ୍ରୀ ଚୋରି ହୋଇନାହିଁ। ମଙ୍ଗଳବାର ସକାଳେ ଦୋକାନ ମାଲିକ ଦୀପକ ମହାନ୍ତି ଦୋକାନ ଖୋଲିବାକୁ ଆସିଥିଲେ। ଶଟର ତଡା ଯାଇଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଘଟଣାସ୍ଥଳ ଅନୁଧ୍ୟାନ କରିଥିଲା। ଦୀପକ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ପବନରେ ଭାଙ୍ଗିଲା ଘରଦ୍ୱାର, ଗଛ

**ବ୍ରହ୍ମଗିରି, ୧୮।୯(ଡି.ଏନ୍.ଏ.):** ବ୍ରହ୍ମଗିରି ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ ଅଳ୍ପ ସମୟର ପବନ ଯୋଗୁ ଅନେକ ଘରଦ୍ୱାର ଭାଙ୍ଗିବା ସହ ବଡ଼ବଡ଼ ଗଛ ଉପୁଡି ପଡ଼ିଛି। ଅପରାହ୍ନରେ ହଠାତ୍ ପବନ ଅଳ୍ପ ସମୟ ପାଇଁ ବହିଥିଲା। କିନ୍ତୁ ଏହି ପବନର ମାତ୍ରା ଏତେ ପ୍ରଖର ଥିଲା, ଯାହାଦ୍ୱାରା ଘଟକୁଡି ଗ୍ରାମପଞ୍ଚାୟତର ଗୌଡରଣପଡା ଓ ଏହାର ଆଖପାଖ କେତୋଟି ଗାଁରେ ଘରର ଆଜବେଷ୍ଟସ ଉଡାଇନେବା ସହିତ ବଡ଼ବଡ଼ ଗଛ ସହ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡ଼ିଥିଲା। ଫଳରେ ଅନେକ ଗାଁ ଏବେବି ଅନ୍ଧାରରେ ରହିଛି। ଏହି ମୌଳି ପବନରେ ଗୌଡରଣପଡା ଗ୍ରାମର ସତ୍ୟବାନ ମଙ୍ଗରାଜ ଓ ହରେକୃଷ୍ଣ ପାଇଁଶାଣୀଙ୍କ ଘର ଆଜବେଷ୍ଟସ ଉଡିଯାଇ କ୍ଷୟକ୍ଷତି ହୋଇଥିବା ଜଣାପଡିଛି।

### ଅଣ ଅନୁଦାନପ୍ରାପ୍ତ କଲେଜ ଅଧ୍ୟାପକ ସଂଘର ବୈଠକ

**ପୁରୀ ଅଫିସ,୧୮।୯:** ଓଡ଼ିଶା ବେସରକାରୀ ଅନୁଦାନପ୍ରାପ୍ତ ଓ ଅଣ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଅଧ୍ୟାପକ ସଂଘର ଏକ ଜରୁରିକାଳୀନ ରାଜ୍ୟସ୍ତରୀୟ ବୈଠକ ସ୍ଥାନୀୟ ଅକ୍ସଫୋର୍ଡ ଏକାଡେମୀ ପରିସରରେ ଅନୁଷ୍ଠିତ ହୋଇଥିଲା। ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଜ୍ୟ ଉପଦେଷ୍ଟା କାର୍ତ୍ତିକ ଚନ୍ଦ୍ର ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ୨୦୦୮ରୁ ୨୦୧୩ ମଧ୍ୟରେ ଏହି କଲେଜରେ ନିଯୁକ୍ତି ପାଇଥିବା ଅଧ୍ୟାପିକା, ଅଧ୍ୟାପକ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। କମ୍ ଦରମାରେ ଶତାଧିକ ଅଧ୍ୟାପକ କାମ କରୁଛନ୍ତି। ସେମାନଙ୍କ ସମସ୍ୟା ନେଇ ପୂର୍ବରୁ ଉଚ୍ଚଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଛି। ଏହି କଲେଜଗୁଡିକୁ ପୂର୍ଣ୍ଣ ଅନୁଦାନ ପ୍ରଦାନ ଲାଗି ସଂଘ ଦାବି କରିଛି। ବୈଠକରେ ସନ୍ତୋଷ କୁମାର ରାୟ, ତପନ କୁମାର ତରେଇ, ପିନାକ ପ୍ରସାଦ ପାଣିଗ୍ରାହୀ, ବିମଳ ଚନ୍ଦ୍ର ନନ୍ଦୀ, ଲକ୍ଷ୍ମୀକାନ୍ତ ଗିରି, ପ୍ରଶାନ୍ତ କୁମାର ଦାସ, ଧନଞ୍ଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ନୂତନ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ

**କଣାସ,୧୮।୯(ଡି.ଏନ୍.ଏ./ ସ୍ୱ.ପ୍ର.):** ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ଭିନ୍ନକ୍ଷମ ପୁନର୍ବାସ ଥଇଥାନ ଶିକ୍ଷକ ତାଲିମ କେନ୍ଦ୍ରରେ (ଡିପ୍ଲୋମା ଓ ବିଇଡି) ଆଦି ନୂତନ ଛାତ୍ରୀଛାତ୍ରମାନଙ୍କ ପ୍ରବେଶ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ଡିପ୍ଲୋମା କୋର୍ସ ଚାଲୁଥିବାବେଳେ ଚଳିତ ବର୍ଷ ବିଇଡି ପାଠ୍ୟକ୍ରମ ଆସିଛି। ଉଭୟ ବିଭାଗର ନୂଆ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ପ୍ରତିଷ୍ଠାନର ସମ୍ପାଦକ ସୁବାସଚନ୍ଦ୍ର ଗଜେନ୍ଦ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦୟା ବିହାର ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ତାଲିମ କେନ୍ଦ୍ରର ସଂଯୋଜକ ରମେଶଚନ୍ଦ୍ର ପରିଡା, ଡିଆରସିସି ଅତିରିକ୍ତ ଅଧ୍ୟାପକ ସୁକାନ୍ତ ଛୋଟରାୟ, ସାମ୍ବାଦିକ ବିମ୍ବାଧର ବଡଜେନା, କାଳୁଚରଣ ସାହୁ ଓ ବିଭୂତି ଭୂଷଣ ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ସୁକାନ୍ତ ଛୋଟରାୟ ଅତିଥି ପରିଚୟ ଦେଇ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନର ନିୟମକାନୁନ କହିବା ସହ ଶପଥ ପାଠ କରାଇଥିଲେ। ତାଲିମକେନ୍ଦ୍ରର ପୂର୍ବବର୍ଷଗୁଡିକରେ ସଫଳତା, ଉତ୍ତମ ପାଠପଢ଼ା ସାଙ୍ଗକୁ ଚରିତ୍ର ଗଠନ ଓ ତାଲିମକେନ୍ଦ୍ରକୁ ସ୍ୱତନ୍ତ୍ରଭାବେ ରାଜ୍ୟ ଏବଂ ଦେଶରେ ପରିଚୟ ସୃଷ୍ଟି କରିବାକୁ ବକ୍ତାମାନେ ଆହ୍ୱାନ କରିଥିଲେ। ଶେଷରେ ରମେଶ ଚନ୍ଦ୍ର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

■ସାତଲହଡ଼ି ମଠରେ ଅତିବଡ଼ୀଙ୍କ ଜୟନ୍ତୀ ସମାରୋହ

# ଭାଗବତ ହିଁ ମାନବିକତାର ମୂଳମନ୍ତ୍ର

**ପୁରୀ ଅଫିସ, ୧୮।୯**

ଭଗବତକାର ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ସମାରୋହ ଉପଲକ୍ଷେ ମଙ୍ଗଳବାର ସାତଲହଡ଼ି ମଠରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହରିହର ମିଶ୍ର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଅତିଥି ଭାବେ ଯୋଗଦେଇ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ କହିଲେ, ଭାଗବତ ହିଁ ମାନବିକତାର ମୂଳମନ୍ତ୍ର। ତାହା ହିଁ ମଣିଷକୁ ଆନନ୍ଦ ଦେଇଥାଏ। କାଳରୂପକ ସମୟ ଗ୍ରାସରୁ ମୁକ୍ତି ପାଇବାର ଏକ ମାଧ୍ୟମ ଭାଗବତ। ଆନନ୍ଦରୁ ମଣିଷର ସୃଷ୍ଟି, ଜଗତ ମଧ୍ୟ ଆନନ୍ଦମୟ। ମୁଖ୍ୟଅତିଥି ଡ. ବଳରାମ ଦାଶ କହିଥିଲେ, ଭାଗବତ କେବଳ ଏକ ଶାସ୍ତ୍ର ନୁହେଁ, ଏହା ବିଶ୍ୱାସର ଶାସ୍ତ୍ର। ସେଥିପାଇଁ ଓଡ଼ିଆ ଭାଗବତର ସାମାଜିକ ପ୍ରଭାବ ବେଶ ସୁଦୂରପ୍ରସାରୀ। ସଭାପତିତ୍ୱ ଭାଷଣରେ ଏକାଡେମୀ ସଭାପତି ମିଶ୍ର ଅତିବଡ଼ୀ ଜଗନ୍ନାଥ ଦାସଙ୍କ ସମୟରେ ଓଡ଼ିଶାର ଐତିହାସିକ ପୃଷ୍ଠଭୂମି



ଅତିବଡ଼ୀଙ୍କ ଜୟନ୍ତୀ ସମାରୋହରେ ଐତିହ୍ୟ ବିଶାରଦ ସୁରେନ୍ଦ୍ର ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।

ଉପରେ ଆଲୋକପାତ କରିଥିଲେ। ଏଥିରେ ଏକାଡେମୀ ସଦସ୍ୟ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ସ୍ୱାଗତ ଭାଷଣ ଦେବା ସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ଜଗନ୍ନାଥ ଦାସଙ୍କର ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଦୁଇଦିନ ଧରି ପାଳନ କରୁଛନ୍ତି, ଏହା ଅଭିନନ୍ଦନୀୟ ବୋଲି କହିଥିଲେ। ଏକାଡେମୀ ଅର୍ଥ ସମିତି ସଦସ୍ୟ ବୀରେନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହାପରେ ଆଲୋଚନାଚକ୍ରର ପ୍ରଥମ ଅଧିବେଶନ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଡ. ମିଶ୍ର କହିଥିଲେ ଯେ, ଅତିବଡ଼ୀ ସମୁଦାୟ ୭୮ ଖଣ୍ଡ ପୁସ୍ତକ ଲେଖିଛନ୍ତି। ଏଥିମଧ୍ୟରୁ ଓଡ଼ିଆରେ ୬୩ ଏବଂ ସଂସ୍କୃତରେ ୧୫ ଖଣ୍ଡ ରହିଛି। କିନ୍ତୁ ଏହା ମଧ୍ୟରୁ ମାତ୍ର ୨୮ ଖଣ୍ଡ ବହି ଆକାରରେ ପ୍ରକାଶ ପାଇଥିବା ବେଳେ ଅନ୍ୟଗୁଡ଼ିକ ପୋଥିରେ ରହିଛି। ସବୁଯାକ ପୁସ୍ତକ ରୂପ ନେବାପରେ ଅନେକ ଅନାଲୋଚିତ ତଥ୍ୟ ଲୋକଲୋଚନକୁ ଆସିପାରିବ। କେବଳ ଓଡ଼ିଶା ନୁହେଁ, ଭାରତ ତଥା ବିଶ୍ୱକୁ ମଧ୍ୟ ଅତିବଡ଼ୀଙ୍କ ଅବଦାନ ଅତୁଳନୀୟ। ବିଶ୍ୱକୁ ନୂତନ ଦିଗ୍‌ଦର୍ଶନ ଦେଲା ଭଳି ତାଙ୍କର କେତେକ ଉପାସନା ଧାରା ରହିଛି। ଅତିବଡ଼ୀଙ୍କ ପିଣ୍ଡ ବ୍ରହ୍ମାଣ୍ଡ ଯୋଗ, ପିଙ୍ଗଳା ଯୋଗ ଓ ଅଜପା ଯୋଗ ବିଶ୍ୱକୁ ସର୍ବଶ୍ରେଷ୍ଠ ଅବଦାନ ବୋଲି ଡ. ମିଶ୍ର କହିଛନ୍ତି। ଏଥିରେ ଡ. ନରେଶ ଚନ୍ଦ୍ର ଦାଶ, ସାରଙ୍ଗଧର ରାୟଗୁରୁ, ଡ. ଶ୍ରୀନିବାସ ଆଚାର୍ଯ୍ୟ, ଡ. ଉମେଶ ଚନ୍ଦ୍ର ଚିନ୍ନାରା ଆଲୋଚକ ଭାବେ ଯୋଗଦେଇଥିଲେ। ଡ. ଅଦ୍ୱୈତ ଚରଣ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ଡ. ସିଦ୍ଧେଶ୍ୱର ମହାପାତ୍ର, ପ୍ରାଧ୍ୟାପକ ସୁନୀଲ କୁମାର ରଥ, ଡ. ଭାସ୍କର ମିଶ୍ର, ସଦାଶିବ ମିଶ୍ର, ଡ. ଚାରୁବାଳା ଦାଶ ଆଲୋଚକ ଭାବେ ଯୋଗଦେଇଥିଲେ। ପ୍ରଥମ ଅଧିବେଶନକୁ ଶ୍ୟାମପ୍ରକାଶ ସେନାପତି ଓ ଦ୍ୱିତୀୟ ଅଧିବେଶନକୁ ପ୍ରଫୁଲ୍ଲ କୁମାର ସାମନ୍ତରାୟ ସଂଯୋଜନା କରିଥିଲେ। ସନ୍ଧ୍ୟାରେ ଶାନ୍ତିଲତା ବାରିକ ଓ ସାଥୀମାନେ ଭଜନ ପରିବେଷଣ କରିଥିଲେ।

## ବରିଷ୍ଠ ନାଗରିକଙ୍କ ରାଜ୍ୟସ୍ତରୀୟ ଆସୋସିଏଶନ ଗଠିତ

**ଭୁବନେଶ୍ୱର,୧୮।୯(ବ୍ୟୁରୋ)**

ବରିଷ୍ଠ ନାଗରିକମାନଙ୍କର ଏକ ରାଜ୍ୟସ୍ତରୀୟ ଆସୋସିଏଶନ ଗଠିତ ହୋଇଛି। ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ବରିଷ୍ଠ ନାଗରିକଙ୍କୁ ଆସୋସିଏଶନର ପରାମର୍ଶଦାତା କମିଟିରେ ରଖାଯାଇଥିବା ବେଳେ ବରିଷ୍ଠ ସାମ୍ବାଦିକ, ଲେଖକ ତଥା ସ୍ତମ୍ଭକାର ଜୀମୂତ ମଙ୍ଗରାଜ ଏହାର ସଭାପତି ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ଆସୋସିଏଶନର ଆଭିମୁଖ୍ୟ ହେଉଛି, ରାଜ୍ୟର ବିଭିନ୍ନ ଅଞ୍ଚଳରେ ରହୁଥିବା ବରିଷ୍ଠ ନାଗରିକଙ୍କୁ ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନ କରାଇବା। ଏଥିସହ ବରିଷ୍ଠ ନାଗରିକମାନେ ରାଜ୍ୟ, ଦେଶ ଏବଂ ବିଦେଶକୁ ବୁଲିଯିବା ନିମନ୍ତେ ବ୍ୟବସ୍ଥା କରିବା। ଏ ସବୁ ଛଡ଼ା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ଯେଉଁ ସହାୟତା ଯୋଗାଇ ଦିଆଯାଉଛି, ତାହା ଯେପରି ସେମାନେ ପାଇପାରିବେ, ସେ ନେଇ ଆସୋସିଏଶନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ। ସେମାନେ ଯେପରି ପୋଲିସଠାରୁ ସୁରକ୍ଷା ପାଇପାରିବେ, ସେ କ୍ଷେତ୍ରରେ ମଧ୍ୟ ଆସୋସିଏଶନ ବିଭିନ୍ନ ସମୟରେ ପୋଲିସ ସହ ଯୋଗାଯୋଗ ରକ୍ଷା କରିବ। ମାଗଣାରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ବିଶେଷକରି ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ପଦକ୍ଷେପ ନିଆଯିବ। ସେହିଭଳି ବରିଷ୍ଠ ନାଗରିକଙ୍କ ସୁବିଧା, ସୁଯୋଗ, ସୁରକ୍ଷା ଆଦି ସମ୍ପର୍କରେ ଅବଗତ କରାଇବା ନିମନ୍ତେ ଆସୋସିଏଶନ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରକ୍ଷା କରିବ। ପଞ୍ଚାୟତରୁ ଆରମ୍ଭ କରି ରାଜଧାନୀ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳର ବରିଷ୍ଠ ନାଗରିକଙ୍କୁ ଆସୋସିଏଶନର ସଭ୍ୟ କରାଯିବ। ଜିଲା, ବ୍ଲକ ଓ ପଞ୍ଚାୟତସ୍ତରରେ ଏହାର ଶାଖା ରହିବ। ଆସୋସିଏଶନର ସାଧାରଣ ସମ୍ପାଦକ ଭାବେ ନିରଞ୍ଜନ ସ୍ୱାଇଁ ମନୋନୀତ ହୋଇଛନ୍ତି। ପରାମର୍ଶଦାତା କମିଟିରେ ପୂର୍ବତନ ଏମ୍‌ପି ଦ୍ୱିତୀକୃଷ୍ଣ ପଣ୍ଡା, ପୂର୍ବତନ ବାଚସ୍ପତି ଶରତ କୁମାର କର, ଭୁବନେଶ୍ୱରର ପୂର୍ବତନ ନଗରପାଳ ତଥା ବିଶିଷ୍ଟ ଚିକିତ୍ସାବିତ୍ ଡା. ଜଗନ୍ନାଥ ମହାପାତ୍ର, ବିଶିଷ୍ଟ ସାମ୍ବାଦିକ ତଥା ଇଣ୍ଡିଆନ୍ ଏକ୍ସପ୍ରେସର ପୂର୍ବତନ ସମ୍ପାଦକ ଶ୍ରୀମୟ କର, ବିଶିଷ୍ଟ ପ୍ରଶାସକ ସର୍ବେଶ୍ୱର ମହାନ୍ତି, ସାମାଜିକ କର୍ମୀ କସ୍ତୁରୀ ମହାପାତ୍ର, ପୂର୍ବତନ ମୁଖ୍ୟ ଆୟକର କମିଶନର ଅଶୋକ କୁମାର ଚାଟାର୍ଜୀ, ଅବସରପ୍ରାପ୍ତ ଜିଲା ଦୌରାଜଜ୍ କିଶୋର ଚନ୍ଦ୍ର ମହାପାତ୍ର ପ୍ରମୁଖ ରହିଛନ୍ତି। ସେହିପରି ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ନରେନ୍ଦ୍ର ମିଶ୍ର, ବିଶିଷ୍ଟ ଆଡ୍‌ଭୋକେଟ ନିରୋଜ ମହାପାତ୍ର, ଆଇନଜୀବୀ ତଥା ସାମାଜିକ କର୍ମୀ ଶୁଭ୍ରାଂଶୁ ସିଂ, ବରିଷ୍ଠ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଚନ୍ଦ୍ରଶେଖର ସାମନ୍ତରାୟ, ବିଶିଷ୍ଟ ସାମାଜିକ କର୍ମୀ ସିବିଆଇର ପୂର୍ବତନ ଆଡ୍‌ଭୋକେଟ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ବିମଳେନ୍ଦୁ ମହାନ୍ତି, ଡ. ଉମାକାନ୍ତ ଦାଶ, ଶିକ୍ଷାବିତ୍ ସବିତା ରାଉତରାୟ, ଇଞ୍ଜିନିୟର ସୂର୍ଯ୍ୟନାରାୟଣ ଚୂଡ଼ାମଣି ଓ ଅବସରପ୍ରାପ୍ତ ପୋଲିସ ଅଫିସର ଶରତ ଚନ୍ଦ୍ର ମିଶ୍ର ମଧ୍ୟ ଉକ୍ତ କମିଟିର ସଦସ୍ୟ ରହିଛନ୍ତି।

## ଏଣ୍ଟ୍ରାନ୍ସ ପରୀକ୍ଷା ଦେଲେ ଛାତ୍ରୀଛାତ୍ର

**ଏମ୍‌ଫିଲ ଆଫିଲିଏଶନ ମିଳିନି**

**ପୁରୀ ଅଫିସ, ୧୮।୯**

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ମହାବିଦ୍ୟାଳୟରେ ୨୦୧୭ରୁ ଆରମ୍ଭ ହୋଇଥିବା ଏମ୍‌ଫିଲ ପାଠ୍ୟକ୍ରମ ଲାଗି ଉତ୍କଳ ବିଶ୍ୱବିଦ୍ୟାଳୟ ବର୍ତ୍ତମାନ ସୁଦ୍ଧା ଆଫିଲିଏଶନ ପ୍ରଦାନ କରିନାହିଁ। କଲେଜ କର୍ତ୍ତୃପକ୍ଷ ଚଳିତ ଶିକ୍ଷାବର୍ଷ ଲାଗି ମଙ୍ଗଳବାର ଛାତ୍ରୀଛାତ୍ରଙ୍କ ଏଣ୍ଟ୍ରାନ୍ସ (ପ୍ରବେଶିକା) ପରୀକ୍ଷା ଆୟୋଜନ କରିଥିଲେ। ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏମ୍‌ଫିଲ ପରୀକ୍ଷା ଦେଇଥିଲେ। ଗୋଟିଏ ପଟେ କଲେଜରେ ଆଫିଲିଏଶନ ନ ଥିବା ବେଳେ ଅନ୍ୟପଟେ ଏଣ୍ଟ୍ରାନ୍ସ ପରୀକ୍ଷା ଆୟୋଜନ ନେଇ ବିଭିନ୍ନ ଛାତ୍ର ସଂଗଠନ, ଅଭିଭାବକ ପ୍ରଶ୍ନ କରିଛନ୍ତି। କଲେଜ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ମିଶ୍ର କୁହନ୍ତି, ଆଫିଲିଏନଶନ ଲାଗି ଆବେଦନ କରାଯାଇଛି। ଖୁବ୍‌ଶୀଘ୍ର ମିଳିବ ବୋଲି ଆଶା କରୁଛି। ଏମ୍‌ଫିଲ କୋଅର୍ଡିନେଟର ମିହିର ମିଶ୍ର କୁହନ୍ତି, ଏମ୍‌ଫିଲ ପାଠ୍ୟକ୍ରମ ଲାଗି ରାଜ୍ୟ ସରକାର ଅନୁମତି ପ୍ରଦାନ କରିଛନ୍ତି। ଏଣୁ ପିଲାଙ୍କୁ ସାର୍ଟିଫିକେଟ ପ୍ରଦାନରେ କୌଣସି ଅସୁବିଧା ହେବନାହିଁ। ପ୍ରକାଶ ଯେ, ୨୦୧୭ ମସିହାରେ ଅର୍ଥନୀତି, ରସାୟନ ବିଜ୍ଞାନ, ଶିକ୍ଷା (ଏଜୁକେଶନ)ରେ ସ୍ନାତକୋତ୍ତର(ପିଜି) ଏବଂ ଓଡ଼ିଆ, ଇଂଲିଶ, ଭୂଗୋଳ ଓ ବାଣିଜ୍ୟ ପାଠ୍ୟକ୍ରମରେ ଏମ୍‌ଫିଲ ଖୋଲିବା ଲାଗି ରାଜ୍ୟ ସରକାର ଅନୁମତି ଦେଇଥିଲେ।



ପୁରୀ ଟାଉନ୍ ଥାନାରେ ଆୟୋଜିତ ବୈଠକରେ ଉପସ୍ଥିତ ପୂଜା କମିଟି ସଦସ୍ୟମାନେ।

■ହତ୍ୟାକାଣ୍ଡ ପରେ ଚେତିଲା ପୋଲିସ

## ଭସାଣି ସମୟକୁ ନେଇ ହୋହଲ୍ଲା

■ପୋଲିସ ଓ ପୂଜା କମିଟି ଆଲୋଚନା
■ସନ୍ଧ୍ୟା ୭ରେ ଭସାଣି ଆରମ୍ଭ

**ପୁରୀ ଅଫିସ, ୧୮।୯**

କିଛି ଦିନର ନୀରବତା ପରେ ପୁରୀରେ ଆପରାଧିକ ମାମଲା ବୃଦ୍ଧି ପାଇଛି। ବିଚ୍ ରାସ୍ତାରେ ଚାଲିଛି ହଣାକଟା। ପର୍ଯ୍ୟଟନ ସହରରେ ପର୍ଯ୍ୟଟକ ବି ବାଦ୍ ପଡିନାହାନ୍ତି। ଗତ ରବିବାର ଗଣେଶ ପୂଜା ଭସାଣି ପରେ ଭିଆଇପି ରୋଡ ସୁଭାଷ ବୋଷ ଛକ ନିକଟରେ ଜଣେ ଯୁବକଙ୍କୁ କେତେଜଣ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରି ହତ୍ୟା କରିଥିଲେ। ଏନେଇ ବିଭିନ୍ନ ମହଲରେ ନିନ୍ଦିତ ହେବା ପରେ ପୁରୀ ପୋଲିସର ଚେତା ପଶିଥିଲା। ଗଣେଶ ପୂଜା ରାତି ଭସାଣି ଉପରେ ପୋଲିସ କଟକଣା ଜାରି କରିଛି। ଗତ ରବିବାର ଘଟଣା ପରଠାରୁ ପୋଲିସ ସନ୍ଧ୍ୟା ବିସର୍ଜନ ଉପରେ ନିଷେଧାଦେଶ ଜାରି କରିଛି। ସେହିପରି ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସାମୂହିକ ଭସାଣି ଉପରେ କଟକଣା ଜାରି କରାଯାଇଛି ବୋଲି ମଙ୍ଗଳବାର ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ସାର୍ଥକ ଷଡ଼ଙ୍ଗୀ ଏହା କହିଛନ୍ତି।

ଏସ୍‌ପି ଷଡ଼ଙ୍ଗୀ କହିଛନ୍ତି ଯେ, ଭସାଣି ଉତ୍ସବ ଲାଗି ଗୁଣ୍ଡିଚା ମନ୍ଦିରରେ ଅସ୍ଥାୟୀ ମେଳଣ ସ୍ଥଳ କରାଯାଇଛି। ଚଳିତ ବର୍ଷ ୬୧ଟି ପୂଜା ମଣ୍ଡପରେ ଗଣେଶ ପୂଜା ଚାଲିଛି। ସମସ୍ତ ପୂଜା କମିଟି ପଟୁଆରରେ ଆସି ଅପରାହ୍ନ ୫ରୁ ୬ଟା ମଧ୍ୟରେ ଗୁଣ୍ଡିଚା ମନ୍ଦିର ନିକଟସ୍ଥ ନିଜ ସ୍ଥାନରେ ରହିବେ। ସନ୍ଧ୍ୟା ୭ଟାରୁ ଭସାଣି ଉତ୍ସବ ଆରମ୍ଭ ହେବ। ରାତି ୯ଟା ସୁଦ୍ଧା ଭସାଣି ଉତ୍ସବ ସମାପ୍ତ ହେବ। ଏନେଇ ସମସ୍ତ ପୂଜା କମିଟିକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ତଦାରଖ କରିବା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ କରାଯାଇଛି। ଆଇନ ଶୃଙ୍ଖଳା ଦୃଷ୍ଟିରୁ ପୋଲିସ ମୁତୟନ ରହିବେ। ପ୍ରକାଶ ଯେ, ମଙ୍ଗଳବାର ଟାଉନ ଥାନା ପରିସରରେ ଥିବା ସମ୍ମିଳନୀ କକ୍ଷରେ ସହରର ଗଣେଶ ପୂଜା କମିଟି ଏବଂ ପୋଲିସ ମଧ୍ୟରେ ଭସାଣି ଉତ୍ସବ ନେଇ ଆଲୋଚନା ହୋଇଥିଲା। ଅତିରିକ୍ତ ଏସ୍‌ପି ଧୀରେନ୍ଦ୍ର ନନ୍ଦ, ସିଟି ଡିଏସ୍‌ପି ପ୍ରଶାନ୍ତ ପଟ୍ଟନାୟକ ଉପସ୍ଥିତ ଥିଲେ। ଟ୍ରାଫିକ ଅଧିକାରୀଙ୍କ ସମେତ ସମସ୍ତ ଥାନାର ଅଧିକାରୀମାନେ ଉପସ୍ଥିତ ଥିଲେ। ଭସାଣି ଉତ୍ସବର ସମୟକୁ ନେଇ କେତେକ ପୂଜା କମିଟି ହୋହଲ୍ଲା କରିଥିଲେ। ଏନେଇ ପୋଲିସ ଏବଂ ପୂଜା କମିଟି ମୁହାଁମୁହିଁ ହୋଇଥିଲେ।

## ଏମାର ମଠ ଦୋକାନ ଗୃହ ପୁଣି ସିଲ୍



ସିଲ୍ ହୋଇଥିବା ଦୋକାନ ଗୃହ।

**ପୁରୀ ଅଫିସ, ୧୮।୯**

ଏମାର ମଠ କୋଠାରେ ଥିବା ୭ଟି ଦୋକାନ ଗୃହକୁ ପୁଣି ସିଲ୍ କରିଛି ପିକେଡିଏ (ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ)। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଭିତ୍ତିକରି ପିକେଡିଏ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ଉକ୍ତ ୭ ଦୋକାନକୁ ସିଲ୍ କରାଯାଇଛି। ସୂଚନାଯୋଗ୍ୟ, ଏମାର ମଠରେ ମଠ ମହନ୍ତ ୭ଟି ଦୋକାନ ଗୃହ ନିର୍ମାଣ କରିଥିଲେ। ଉକ୍ତ ନିର୍ମାଣ ବେନିୟମ ଦର୍ଶାଇ ପିକେଡିଏ ପକ୍ଷରୁ ମଠ ମହନ୍ତଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବା ସହିତ ଏକ ବେଆଇନ ନିର୍ମାଣ ମାମଲା ( ୟୁ.ସି. କେସ୍ ୧/୨୦୧୬) ରୁଜୁ କରାଯାଇଥିଲା। ଏହି କେସ୍ ବଳରେ ୨୦୧୬ ଡିସେମ୍ବର ୨୩ରେ ପିକେଡିଏ ପକ୍ଷରୁ ଉକ୍ତ ଦୋକାନଗୁଡିକୁ ସିଲ୍ କରାଯାଇଥିଲା। ଦୀର୍ଘ ୨୦ମାସ ତାଲା ଝୁଲିବା ପରେ ତତ୍‌କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଗତ ଅଗଷ୍ଟ ୬ରେ ଉକ୍ତ ଦୋକାନଗୁଡିକ ଖୋଲିବା ଲାଗି ଅନୁମତି ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ପୁରୀର ଜଣେ ବ୍ୟକ୍ତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ଦୋକାନ ଗୃହଗୁଡିକୁ ସିଲ୍ କରିବା ଲାଗି ହାଇକୋର୍ଟ ଅଗଷ୍ଟ ୨୪ରେ ପିକେଡିଏ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।

■ ବାଲି ହରଚଣ୍ଡୀ ପୀଠରେ ଭୋଜିବେଳେ ସଂଘର୍ଷ

## ୧୨ ଗୁରୁତର, ଦୁଇ ଗାଁ ମଧ୍ୟରେ ଉତ୍ତେଜନା

**ବ୍ରହ୍ମଗିରି, ୧୮।୯(ଡି.ଏନ୍.ଏ.)**

ବ୍ରହ୍ମଗିରି ଥାନା ଅନ୍ତର୍ଗତ ବାଲି ହରଚଣ୍ଡୀ ପୀଠରେ ମଙ୍ଗଳବାର ଭୋଜି ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୧୨ ଜଣ ଗୁରୁତର ହୋଇଥିବାବେଳେ ଦୁଇ ଗାଁ ମଧ୍ୟରେ ଉତ୍ତେଜନା ଲାଗିରହିଛି। ମିଳିଥିବା ସୂଚନା ଅନୁଯାୟୀ, ବାଲି ହରଚଣ୍ଡୀ ପୀଠରେ ରେବଣା ନୂଆଗାଁ ଓ ବରୁଡି ଗାଁର ଯୁବକମାନେ ପୃଥକ୍ ପୃଥକ୍ ଭାବେ ବଣଭୋଜି କରୁଥିବା ସମୟରେ କୌଣସି କାରଣରୁ ଦୁଇ ଗୋଷ୍ଠୀର ଯୁବକମାନଙ୍କ ମଧ୍ୟରେ ସଂଘର୍ଷ ହୋଇ ଉକ୍ତ ପୀଠ ରଣକ୍ଷେତ୍ର ପାଲଟିଥିଲା। ଫଳରେ ଉଭୟ ପକ୍ଷରୁ ୧୨ଜଣ ଗୁରୁତର ହୋଇଥିବା ଜଣାପଡିଛି। ଗୁରୁତରମାନେ ପୁରୀ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

■ସୂର୍ଯ୍ୟ ମନ୍ଦିରକୁ ନେଇ ଅଶାଳୀନ ମନ୍ତବ୍ୟ, ପରିବେଶ ନିୟମ ଉଲ୍ଲଂଘନ ଘଟଣା

## ବିଜେଡି ପକ୍ଷରୁ ବୈଜୟନ୍ତ, ଆୟରଙ୍କ କୁଶପୁତ୍ତଳିକା ଦାହ

**କୋଣାର୍କ, ୧୮।୯(ଡି.ଏନ୍.ଏ.)**

କୋଣାର୍କ ସୂର୍ଯ୍ୟ ମନ୍ଦିରର ଐତିହ୍ୟ, କଳା ଓ ସଂସ୍କୃତି ପ୍ରତି ଅଶାଳୀନ ମନ୍ତବ୍ୟ ଏବଂ ପରିବେଶ ନିୟମ ଉଲ୍ଲଂଘନ ଭଳି ସାଂଘାତିକ କାର୍ଯ୍ୟ କରି କୋଟି କୋଟି ଓଡ଼ିଆଙ୍କ ମନରେ ଗଭୀର ଆଘାତ ଦେଇଥିବା ଅଭିଜିତ ଆୟର ଓ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କୁ ଗିରଫ ଦାବି ସହ କୋଣାର୍କ ବିଜେଡି ପକ୍ଷରୁ ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ କୁଶପୁତ୍ତଳିକା ଦାହ କରାଯାଇଛି। କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀଙ୍କ ନେତୃତ୍ୱରେ କୋଣାର୍କସ୍ଥିତ ବିଜେଡି କାର୍ଯ୍ୟାଳୟ ସମ୍ମୁଖରୁ ଏକ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା ସହ ସୂର୍ଯ୍ୟ ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ପହଞ୍ଚିଥିଲା। ଏଥିରେ କୋଣାର୍କ ବିଜେଡି ସଭାପତି ଗୋପାଳ ଚନ୍ଦ୍ର ବେହେରା, ପୁରୀ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ବଉଲାଙ୍ଗ ସରପଞ୍ଚ କମଳାକାନ୍ତ କୁଅଁର, ଅଚ୍ୟୁତପୁର ସମିତି ସଭ୍ୟ ପ୍ରମୋଦ ନାୟକଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଯୋଗ ଦେଇଥିଲେ।



ବିଜେଡି ପକ୍ଷରୁ ବୈଜୟନ୍ତ ପଣ୍ଡା ଏବଂ ଅଭିଜିତ୍ ଆୟରଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

■୨ମାସରୁ ଊର୍ଦ୍ଧ୍ୱ ହେଲା ଭୁଶୁଡ଼ି ପଡ଼ିଛି ପୋଲ

# ଅଭିଯୋଗ ପରେ ବି ପ୍ରଶାସନ ଚୁପ୍

**ଗୋପ, ୧୮।୯(ଡି.ଏନ୍.ଏ.)**

■ମୁଖ୍ୟମନ୍ତ୍ରୀ, ଜିଲାପାଳଙ୍କୁ ଚିଠି ଲେଖି ଅଭିଯୋଗ କଲେ ଗ୍ରାମବାସୀ
■ରାଜରାସ୍ତାକୁ ଆସିବେ ଗାଁର ୧୦୦ ପରିବାର



ଭୁଶୁଡି ଯାଇଥିବା ପୋଲ ଉପରେ ଲୋକମାନେ ବିପଦସଙ୍କୁଳ ଭାବେ ଯାତାୟାତ କରୁଛନ୍ତି।

ଗୋପ ବ୍ଲକ ବଡ଼ଗାଁ ପଞ୍ଚାୟତ ଅନ୍ତର୍ଗତ ଦୋପଡ଼ା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଉପରେ ଥିବା ପୋଲଟି ଦୁଇ ମାସ ତଳେ ନିମ୍ନମାନର କାର୍ଯ୍ୟ ଯୋଗୁ ଭୁଶୁଡ଼ି ପଡ଼ିଥିଲା। ଫଳରେ ଏହି ଗାଁରେ ବସବାସ କରୁଥିବା ୧୦୦ରୁ ଊର୍ଦ୍ଧ୍ୱ ପରିବାରର ୬୦୦ଲୋକ ଏକପ୍ରକାର ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛନ୍ତି। ଏହା ସହ ସ୍କୁଲ, କଲେଜ ଯାଉଥିବା ଛାତ୍ରୀଛାତ୍ରମାନେ ଆସିବାରେ ଅସୁବିଧା ହେଉଥିବାବେଳେ ଅଧିକାଂଶ ଛାତ୍ରୀଛାତ୍ର ପାଠପଢ଼ାରେ ଡୋରି ବନ୍ଧା ହୋଇଥିବା ଭଳି ଅଭିଯୋଗ ହୋଇଛି। ଗ୍ରାମବାସୀ ଏ ସମ୍ପର୍କରେ ୨ମାସ ଧରି ବ୍ଲକ ପ୍ରଶାସନଠାରୁ ଆରମ୍ଭକରି ଜିଲାପାଳ ଓ ବିଧାୟକଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଜିଲା ପ୍ରଶାସନ ସହିତ ସ୍ଥାନୀୟ ବିଧାୟକ ସୁରେନ୍ଦ୍ର ସେଠୀ ଚୁପ୍ ହୋଇ ବସିଥିବାବେଳେ ଦୋପଡ଼ା ଗ୍ରାମବାସୀ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ନିକଟକୁ ଚିଠି ଦ୍ୱାରା ଅଭିଯୋଗ ପତ୍ର ପଠାଇଛନ୍ତି। ୧୫ଦିନ ମଧ୍ୟରେ ପୋଲ ନିର୍ମାଣ କରା ନ ଗଲେ ଗ୍ରାମବାସୀ ବାଧହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।

ପ୍ରକାଶ ଯେ, ୫ ବର୍ଷ ତଳେ ଦୋପଡ଼ା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଉପରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ୫ଲକ୍ଷ ଟଙ୍କା ବ୍ୟୟରେ ପୋଲଟି ନିର୍ମାଣ କରାଯାଇଥିଲା। ମାତ୍ର ଅତ୍ୟନ୍ତ ନିମ୍ନମାନର କାମ ହୋଇଥିବାରୁ ପୋଲଟି ଭୁଶୁଡ଼ି ପଡ଼ିଥିବା ଭଳି ଅଭିଯୋଗ ଗ୍ରାମର ଗଙ୍ଗାଧର ସାମନ୍ତରାୟ, ଅଜିତ୍ କୁମାର ରାଉତରାୟ, ସୁଶାନ୍ତ ମହାପାତ୍ର, ସ୍ୱରାଜ ମାନ୍‌ସିଂଙ୍କ ସହିତ ଆଉ କେତେକ ଗ୍ରାମବାସୀ ଅଭିଯୋଗ କରିଛନ୍ତି। କାକଟପୁର ବିଧାନସଭା ଓ ଗୋପ ବ୍ଲକ ଅଧୀନରେ ଥିବା ଏହି ଗାଁଟି ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହୋଇଆସିଛି। କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀ ଭୁଶୁଡ଼ି ପଡ଼ିଥିବା ପୋଲ ନିକଟରେ ପହଞ୍ଚି ଖୁବ୍ ଶୀଘ୍ର ପୋଲ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ରାଜ୍ୟ ସରକାର 'ଆମ ଗାଁ ଆମ ବିକାଶ' ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଏହି ଗାଁର ବିକାଶ କାର୍ଯ୍ୟ ଠପ୍ ହୋଇଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୋଲ ଭାଙ୍ଗି ପଡ଼ିଥିବା ସ୍ଥାନରେ ୩ଫୁଟ ଉଚ୍ଚର ପାଣି ଚାଲିଛି। ଏଭଳି ଅବସ୍ଥାରେ ବିପଦସଙ୍କୁଳ ଭାବେ ଛାତ୍ରୀଛାତ୍ରଙ୍କ ସହିତ ଗ୍ରାମବାସୀ ପୋଲ ଉପରେ ଯିବା ଆସିବା କରୁଛନ୍ତି। ସେହିପରି ରୋଗୀମାନେ ଡାକ୍ତରଖାନା ଯିବାରେ ଅସୁବିଧା ହେଉଛି। ଏ ସମ୍ପର୍କରେ ଗୋପ ବିଡିଓ ଦାୟିତ୍ୱରେ ଥିବା ରାମଚନ୍ଦ୍ର ସ୍ୱାଇଁଙ୍କୁ ପଚାରିବାରେ ମୋ ନିକଟରେ କୌଣସି ଅଭିଯୋଗ ନାହିଁ। ତଥାପି ଦେଖିବି ବୋଲି କହିଥିବାବେଳେ ବିଧାୟକ ସେଠୀ ଖୁବ୍ ଶୀଘ୍ର ପୋଲ ନିର୍ମାଣ କରାଯିବ ବୋଲି କହିଥିଲେ।